# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ସେପ୍ଟେମ୍ବର ୧୩/୨୦୨୩ (୧୬ ପୃଷ୍ଠା) | Bhubaneswar, Wednesday, September 13/2023 Page 16 | ₹ 7.00 | SAMBALPUR

୪୯ଶ ଭାଗ ୨୮୯ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 49 ISSUE 289 | ମୂଲ୍ୟ ₹୭/-




**ଦିନିକିଆରେ ରୋହିତଙ୍କ ୧୦ ହଜାର ରନ**

ଭାରତୀୟ କ୍ରିକେଟ ଦଳର ଅଧିନାୟକ ରୋହିତ ଶର୍ମା ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟରେ ୧୦ ହଜାର ରନ ପୂରଣ କରିଛନ୍ତି।

୧୬

୧୨

**କପୁର ମହିଳାଙ୍କୁ ଫିଲ୍ମ ପାଇଁ ନ ଥିଲା ଅନୁମତି**

କପୁର ପରିବାରରେ ଝିଅ ବା ବୋହୂଙ୍କୁ ଫିଲ୍ମରେ କାମ କରିବାକୁ ଅନୁମତି ନ ଥିବା ନେଇ ଅଭିନେତ୍ରୀ କରୀନା କପୁର ଏକ ସାକ୍ଷାତ୍କାରରେ କହିଛନ୍ତି।



# ଭାରତ ପାଇଁ ମହଙ୍ଗା ରୁଷିଆ ସାର

**ମାନବାଧିକାରଗୁଡ଼ିକୁ ସମ୍ମାନ ଦେଇ ଗଣମାଧ୍ୟମର ସ୍ୱାଧୀନତା ବଜାୟ ରଖିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ପରାମର୍ଶ ଦେଇଥିବା ସୋମବାର ଭିଏଟ୍‌ନାମରେ କହିଛନ୍ତି। ଏହାପୂର୍ବରୁ ସେପ୍ଟେମ୍ବର ୯ ଓ ୧୦ରେ ନୂଆଦିଲ୍ଲୀରେ ଅନୁଷ୍ଠିତ ଜି୨୦ ସମ୍ମିଳନୀରେ ଯୋଗଦେଇଥିବା ବାଇଡେନ୍‌ଙ୍କ ସମେତ ଅନ୍ୟ ରାଷ୍ଟ୍ର ନେତାମାନଙ୍କୁ ଗଣମାଧ୍ୟମକୁ ଭେଟିବାର ସୁଯୋଗ ଦିଆଯାଇ ନ ଥିଲା। ଫଳରେ ଭାରତ ସମ୍ପର୍କରେ ସେମାନଙ୍କ ମତ କ'ଣ ଏବେ ତାହା ପଦାକୁ ଆସିବାରେ ଲାଗିଛି, ଯାହାକି ଭିଏଟନାମ୍‌ରେ ବାଇଡେନ୍‌ଙ୍କ ଉପରୋକ୍ତ ମନ୍ତବ୍ୟରୁ ପରିପ୍ରକାଶ ହେଉଛି। ସେହିପରି ଜି୨୦ ସମ୍ମିଳନୀରେ ଯୋଗଦେଇଥିବା ରୁଷିଆର ବହିର୍ବ୍ୟାପାର ମନ୍ତ୍ରୀ ସର୍ଗେଇ ଲାଭ୍ରୋଭ୍ ସ୍ୱଦେଶକୁ ଫେରିଯିବା ପରେ ମସ୍କୋର ଭିନ୍ନ ଆଭିମୁଖ୍ୟ ଦେଖିବାକୁ ମିଳିଛି। ରୁଷିଆରୁ ଭାରତକୁ ରପ୍ତାନି କରାଯାଉଥିବା ସାର ମୂଲ୍ୟ ହଠାତ୍ ବଢ଼ିଯାଇଛି। ଏହି ସମିଟ୍‌ରେ ଚାଇନା ପ୍ରଧାନମନ୍ତ୍ରୀ ଲି କିଆଙ୍ଗ୍ ଯୋଗଦେବା ପୂର୍ବରୁ ବେଜିଂ ନୂଆ ମାନଚିତ୍ର ଜାରି କରି ଭାରତର ଲଦାଖ ଓ ଅରୁଣାଚଳ ପ୍ରଦେଶକୁ ନିଜର ଦର୍ଶାଇଥିଲା। ତେଣୁ ଆମେରିକା, ରୁଷିଆ ଓ ଚାଇନା ଆଗକୁ ଆହୁରି ନକାରାତ୍ମକ ପଦକ୍ଷେପ ନେଲେ ସେଥିରେ ଆଶ୍ଚର୍ଯ୍ୟ ହେବାର ନାହିଁ।**

## ଜି୨୦ ସମ୍ମିଳନୀ ପରେ ବଦଳୁଛି ସଦସ୍ୟ ରାଷ୍ଟ୍ରଙ୍କ ଆଭିମୁଖ୍ୟ



ମୁମ୍ବାଇ/ଲଣ୍ଡନ୍/ମସ୍କୋ,୧୨।୯
(ପ୍ରସ୍ତୁତି: ଦୁର୍ଯ୍ୟୋଧନ ମିଶ୍ର)

ଭାରତ ଭଳି କୃଷି ପ୍ରଧାନ ଦେଶରେ ଚାଷକାର୍ଯ୍ୟ ପାଇଁ ସାର ଅପରିହାର୍ଯ୍ୟ। କିନ୍ତୁ ଦେଶରେ ଆବଶ୍ୟକ ପରିମାଣର ସାର ଉତ୍ପାଦନ ହେଉ ନ ଥିବାରୁ ଭାରତ ଅନ୍ୟ ରାଷ୍ଟ୍ରଗୁଡ଼ିକ ଉପରେ ନିର୍ଭରଶୀଳ। ଗତବର୍ଷ ରୁଷିଆରୁ ସର୍ବାଧିକ ସାର ଆମଦାନୀ କରିଥିବା ଦେଶ ହେଉଛି ଭାରତ। ରସାୟନ ଶିଳ୍ପ ଓ ସାର ମନ୍ତ୍ରଣାଳୟର ତଥ୍ୟ ଅନୁସାରେ ଗତ ମାର୍ଚ୍ଚରେ ଶେଷ ହୋଇଥିବା ୨୦୨୨-୨୩ ଆର୍ଥିକ ବର୍ଷରେ ରୁଷିଆରୁ ଭାରତର ସାର ଆମଦାନୀ ୨୪୬% ବୃଦ୍ଧି ପାଇ ୪୩ ନିୟୁତ ଟନ୍‌ରେ ପହଞ୍ଚିଥିଲା। ୟୁକ୍ରେନ୍ ଆକ୍ରମଣ ପରେ ରୁଷିଆରେ ସୃଷ୍ଟି ହୋଇଥିବା ଆର୍ଥିକ ଅଚଳାବସ୍ଥା ମଧ୍ୟରେ ଭାରତ ଆମଦାନୀ କରୁଥିବା କ୍ରୁଡ୍ ଅଏଲ୍ ଏବଂ ସାର ମସ୍କୋ ପାଇଁ ଇନ୍ଧନ ସାଜିଥିଲା। କିନ୍ତୁ ଏବେ ବିଶ୍ୱ ବଜାରରେ ସାର ଯୋଗାଣ ପ୍ରଭାବିତ ହୋଇଥିବା ଦର୍ଶାଇ ସେହି କମ୍ପାନୀଗୁଡ଼ିକ ରିହାତି ମୂଲ୍ୟରେ ଆଉ ଦେଇହେବ ନାହିଁ ବୋଲି କୁଣ୍ଠା ପ୍ରକାଶ କରିଛନ୍ତି। ଫଳରେ ଭାରତୀୟ କମ୍ପାନୀଗୁଡ଼ିକ ଏଣିକି ଡାଇ-ଆମୋନିୟମ୍ ଫସ୍‌ଫେଟ୍ (ଡିଏପି), ୟୁରିଆ ଏବଂ ନାଇଟ୍ରୋଜେନ୍, ଫସ୍‌ଫରସ୍, ପୋଟାସିୟମ୍ (ଏନ୍‌ପିକେ) ସମେତ ଅନ୍ୟ ସାରଗୁଡ଼ିକ ଚଢ଼ା ଦରରେ କିଣିବାକୁ ବାଧ୍ୟ ହେବେ।

ଭାରତୀୟ ବଜାରରେ କାରବାର କରୁଥିବା କମ୍ପାନୀଗୁଡ଼ିକୁ ପୂର୍ବରୁ ରୁଷୀୟ କମ୍ପାନୀଗୁଡ଼ିକ ଡିଏପି ଟନ୍ ପିଛା ୮୦ ଆମେରିକୀୟ ଡଲାର ରିହାତିରେ ସାର ଦେଉଥିଲେ। କିଛିଦିନ ପୂର୍ବେ ଜି୨୦ ସମ୍ମିଳନୀରେ ରୁଷିଆର ୟୁକ୍ରେନ୍ ଆକ୍ରମଣକୁ ନିନ୍ଦାକରି ପ୍ରସ୍ତାବ ଅଣାଯିବ ବୋଲି ଆମେରିକା ଓ ବ୍ରିଟେନ୍ ସମେତ ଆଉ କେତେକ ଦେଶ ଆଶା କରୁଥିଲେ। ସେତେବେଳେ ଭାରତର ଆଭିମୁଖ୍ୟକୁ ରୁଷିଆ ମଧ୍ୟ ଅପେକ୍ଷା କରିଥିଲା। ତେବେ 'ନୂଆଦିଲ୍ଲୀ ଘୋଷଣାନାମା'ରେ ୟୁକ୍ରେନ୍ ବିରୋଧରେ ଆଣବିକ ଅସ୍ତ୍ର ପ୍ରୟୋଗ କିମ୍ବା ବ୍ୟବହାର ନେଇ ଧମକ ଦେବା ଗ୍ରହଣଯୋଗ୍ୟ ନୁହେଁ ବୋଲି ଉଲ୍ଲେଖ କରାଯାଇଛି। ☞ପୃଷ୍ଠା-୪

**ଭିତର ପୃଷ୍ଠାରେ...**


ଲିବ୍ୟାରେ ଜଳ ପ୍ରଳୟ: ୫ ହଜାର ମୃତ

କେରଳ: ନିପା ଭୂତାଣୁ ସଂକ୍ରମଣରେ ୨ ମୃତ

ସ୍କ୍ରବ୍ ଟାଇଫସ୍‌କୁ ନେଇ ବଢ଼ୁଛି ଚିନ୍ତା

ବିଚାର ପ୍ରକ୍ରିୟାରେ ବାଧା ଦିଆଯାଇପାରିବ ନାହିଁ: ସୁପ୍ରିମକୋର୍ଟ

**ଆଜିର ସମ୍ପାଦକୀୟ** ସକାରାତ୍ମକ ବାର୍ତ୍ତା ଆସୁ











## ସଂକ୍ଷେପରେ

### ପାର୍ଲାମେଣ୍ଟ କର୍ମଚାରୀଙ୍କ ନୂଆ ପୋଷାକରେ ପଦ୍ମ

**ନୂଆଦିଲ୍ଲୀ,୧୨।୯(ପି.ଟି.):** ପାର୍ଲାମେଣ୍ଟ କର୍ମଚାରୀମାନଙ୍କ ନୂଆ ପୋଷାକରେ ଭାଜପାର ନିର୍ବାଚନୀ ଚିହ୍ନ 'ପଦ୍ମ' ଛପାହେବା ଖବର ପ୍ରକାଶ ପାଇବା ପରେ କଂଗ୍ରେସ ନିନ୍ଦା କରିଛି। ଭାଜପା ପାର୍ଲାମେଣ୍ଟରେ ଏକତରଫା ଭାବେ ପକ୍ଷପାତପୂର୍ଣ୍ଣ ଆଚରଣ କରୁଥିବା ବିରୋଧୀ ଦଳ ଅଭିଯୋଗ ଆଣିଛି। ଜାତୀୟ ପ୍ରାଣୀ ବାଘ ଓ ଜାତୀୟ ପକ୍ଷୀ ମୟୂର ପରିବର୍ତ୍ତେ କେବଳ ପଦ୍ମ ଚିହ୍ନ କ'ଣ ପାଇଁ ପୋଷାକରେ ରହିବ ବୋଲି ଲୋକ ସଭାରେ କଂଗ୍ରେସ ହୁଇପ୍ ମାନିକମ୍ ଟାଗୋର ପ୍ରଶ୍ନ କରିଛନ୍ତି। ଜି୨୦ରେ ସେମାନେ ପଦ୍ମକୁ ବ୍ୟବହାର କରିଥିଲେ। ଏବେ ସେମାନେ ସଂସଦ କର୍ମଚାରୀଙ୍କ ପୋଷାକରେ ତାହାକୁ ଛାପି ଜାତୀୟ ଫୁଲ ବୋଲି କହୁଛନ୍ତି। ପାର୍ଲାମେଣ୍ଟକୁ ସେମାନେ ଦଳୀୟ ପ୍ରତୀକ କରିବାକୁ ଚାହୁଁଥିବା ସେ ସମାଲୋଚନା କରିଛନ୍ତି।

### ପ୍ରେମିକାଙ୍କୁ ହତ୍ୟା: ସେନା ଅଧିକାରୀ ଗିରଫ

**ଡେରାଡୁନ,୧୨।୯:** ପ୍ରେମିକାଙ୍କୁ ହାତୁଡ଼ିରେ ବାଡ଼େଇ ହତ୍ୟା କରିବା ସେନାର ଲ୍ୟୁଟନାଣ୍ଟ କଲୋନେଲ୍ ରାମେନ୍ଦୁ ଉପାଧ୍ୟାୟଙ୍କୁ ପୋଲିସ ଗିରଫ କରିଛି। ସେ ବିବାହିତ ଥିବାବେଳେ ତାଙ୍କର ଦୁଇ ବର୍ଷର ଏକ ପୁଅ ରହିଛି। ପଶ୍ଚିମବଙ୍ଗର ଶିଲିଗୁଡ଼ିରେ କାର୍ଯ୍ୟରତ ଥିବାବେଳେ ସେଠାରେ ଏକ ଡ୍ୟାନ୍ସ ବାର୍‌ରେ କାମ କରୁଥିବା ଜଣେ ଯୁବତୀଙ୍କ ସହ ସାକ୍ଷାତରୁ ପ୍ରେମ ସମ୍ପର୍କ ଗଢ଼ି ଉଠିବା ସହ ଉଭୟେ ସ୍ୱାମୀ ସ୍ତ୍ରୀ ଭଳି ରହିଥିଲେ। ରାମେନ୍ଦୁ ଡେରାଡୁନ ବଦଳି ହୋଇ ଚାଲିଆସିଥିଲେ। ପ୍ରେମିକା ସେଠାରେ ପହଞ୍ଚିବାରୁ ରାମେନ୍ଦୁଙ୍କ ସ୍ତ୍ରୀ ଓ ତାଙ୍କ ମଧ୍ୟରେ କଳି ହୋଇଥିଲା। ରାମେନ୍ଦୁ ଯୋଜନା ମୁତାବକ ଗତ ଶନିବାର ସନ୍ଧ୍ୟାରେ ପ୍ରେମିକାଙ୍କୁ ନିଜ କାର୍‌ରେ ବସାଇ ଡେରାଡୁନ ଠାରୁ କିଛି ଦୂରକୁ ନେଇଥିଲେ। ସେଠାରେ ତାଙ୍କ ମୁଣ୍ଡକୁ ବାଡେଇ ହତ୍ୟା କରିବା ସହ ମୃତଦେହକୁ ରାସ୍ତା ଉପରେ ଫିଙ୍ଗି ଦେଇ ଆସିଥିଲେ।

### କେନ୍ଦ୍ରମନ୍ତ୍ରୀଙ୍କୁ ତାଲା ପକାଇଲେ ଭାଜପା କର୍ମୀ

**ବାଙ୍କୁଡ଼ା,୧୨।୯:** ପଶ୍ଚିମବଙ୍ଗର ବାଙ୍କୁଡ଼ା ଜିଲା ଏମ୍‌ପି ତଥା କେନ୍ଦ୍ରମନ୍ତ୍ରୀ ସୁଭାଷ ସର୍କାର ମଙ୍ଗଳବାର ଜିଲା ଭାଜପା କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ବୈଠକରେ ଯୋଗଦେଇଥିଲେ। ତେବେ ସେ ଦଳୀୟ କାର୍ଯ୍ୟକର୍ତ୍ତାଙ୍କୁ ଅଣଦେଖା କରୁଥିବା, ଜିଲା ୟୁନିଟକୁ ନିଜ ଇଚ୍ଛାରେ ଚଳାଉଥିବା ଅଭିଯୋଗ କରି ଭାଜପା କାର୍ଯ୍ୟକର୍ତ୍ତାମାନେ ତାଙ୍କୁ ପାର୍ଟିଅଫିସରେ ତାଲା ପକାଇ ଦେଇଥିଲେ। ବିକ୍ଷୋଭକାରୀ ମୋହିତ ଶର୍ମା ଅଭିଯୋଗ କରିଛନ୍ତି, ଦଳୀୟ କାର୍ଯ୍ୟକର୍ତ୍ତାଙ୍କୁ ମନ୍ତ୍ରୀ ଗୁରୁତ୍ୱ ଦେଉନାହାନ୍ତି। ସେହିପରି ତାଙ୍କ ଅପାରଗତା ଯୋଗୁ ଦଳ ବାଙ୍କୁଡ଼ା ଜିଲା ପୌର ନିର୍ବାଚନରେ ଗୋଟିଏ ମଧ୍ୟ ଆସନରେ ବିଜୟୀ ହୋଇପାର ନ ଥିଲା ବୋଲି କିଛି କାର୍ଯ୍ୟକର୍ତ୍ତା ଅଭିଯୋଗ କରିଥିଲେ।


ସୁଭାଷ ସର୍କାର

### ମନୁ ମାନେଶର ଗିରଫ

**ନୂଆଦିଲ୍ଲୀ,୧୨।୯:** ନୁହ ହିଂସାକାଣ୍ଡର ଅଭିଯୁକ୍ତ ତଥା ନିଜକୁ ଗୋରକ୍ଷକ ବୋଲାଉଥିବା ମନୁ ମାନେଶରଙ୍କୁ ହରିୟାଣା ପୋଲିସ ମଙ୍ଗଳବାର ଗିରଫ କରିଛି। ତାଙ୍କୁ କୋର୍ଟରେ ହାଜର କରାଯିବା ପରେ ୧୪ ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ନୁହରେ ଗତ ଜୁଲାଇ ୩୧ରେ ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ବ୍ରଜ ମଣ୍ଡଳ ଜଳାଭିଷେକ ଯାତ୍ରାବେଳେ ସାମ୍ପ୍ରଦାୟିକ ହିଂସାକାଣ୍ଡ ଘଟିଥିଲା। ଏଥିରେ ୬ ଜଣଙ୍କ ମୃତ୍ୟୁ ହୋଇଥିଲା। ପୂର୍ବରୁ ଡବଲ ମର୍ଡର ମାମଲାରେ ସମ୍ପୃକ୍ତ ଥିବା ମନୁ ଏହି ଶୋଭାଯାତ୍ରାରେ ଯୋଗଦେବେ ବୋଲି ଏକ ଭିଡିଓ ସୋସିଆଲ ମିଡିଆରେ ପ୍ରସାରିତ ହେବାରୁ ଏହାକୁ ନେଇ ହିଂସାକାଣ୍ଡ ଘଟିଥିଲା। ମନୁଙ୍କ ସହଯୋଗୀ କୁହାଯାଉଥିବା ବିଟୁ ବଜରଙ୍ଗୀଙ୍କୁ ପୋଲିସ ଏହି ମାମଲାରେ ଅଗଷ୍ଟରେ ଗିରଫ କରିଥିଲା। ପରେ ସେ ଜାମିନରେ ଆସିଥିଲେ। ଗତ ଫେବୃୟାରୀରେ ହରିୟାଣାରେ ଏକ କାର୍ ମଧ୍ୟରୁ ମୁସଲିମ୍ ସମ୍ପ୍ରଦାୟର ୨ଜଣ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ମନୁ ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ବୋଲି ଜଣାପଡ଼ିଥିଲା।




ଆକାଶମାର୍ଗରୁ ଜଳମଗ୍ନ ଡେର୍ନା ସହରର ଦୃଶ୍ୟ।

➡ ୧ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ଲିବ୍ୟାରେ ଅରାଜକତା ଲାଗିରହିଥିବାବେଳେ ଦୁଇଟି ପ୍ରତିଦ୍ୱନ୍ଦ୍ୱୀ ପ୍ରଶାସନ ଚାଲିଛି। ଦୁଇ ପ୍ରଶାସନକୁ ଭିନ୍ନ ଭିନ୍ନ ମିଲିସିଆ ଗୋଷ୍ଠୀ ଏବଂ ବିଦେଶୀ ସରକାରଗୁଡ଼ିକ ସମର୍ଥନ କରୁଛନ୍ତି। ସଂଘର୍ଷ ଯୋଗୁ ଏହି ତୈଳ ପ୍ରାଚୁର୍ଯ୍ୟ ଉତ୍ତର ଆଫ୍ରିକୀୟ ରାଷ୍ଟ୍ର ସବୁ କ୍ଷେତ୍ରରେ ପଛେଇଯାଇଛି।

➡ ରାଜଧାନୀ ତ୍ରିପୋଲିରୁ ୯୦୦ କି.ମି. ପୂର୍ବରେ ଅବସ୍ଥିତ ଡେର୍ନା ସହର ଧଳାରଙ୍ଗରେ ଚିତ୍ରିତ ଘର ଓ ତାଳ ବଗିଚା ପାଇଁ ପରିଚିତ। ଶକ୍ତିଶାଳୀ ସେନା କମାଣ୍ଡର ଖଲିଫା ହିଫ୍‌ଟରଙ୍କ ଦ୍ୱାରା ଏହି ସହର ପରିଚାଳିତ, ଯିଏକି ପୂର୍ବ (ଲିବ୍ୟା) ସରକାର ସହିତ ରହିଛନ୍ତି। ପଶ୍ଚିମରେ ଚାଲିଥିବା ପ୍ରତିଦ୍ୱନ୍ଦ୍ୱୀ ସରକାର ଅନ୍ୟ ଏକ ଗୋଷ୍ଠୀର ସମର୍ଥନ ପ୍ରାପ୍ତ।

➡ ବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ଲିବ୍ୟା ଇଟାଲୀୟଙ୍କ ଦଖଲରେ ଥିଲା। ସେହି ସମୟରେ ଡେର୍ନାର ଅଧିକାଂଶ ବସତି ଇଟାଲୀ ଦ୍ୱାରା ସ୍ଥାପିତ ହୋଇଥିଲା। ଏହି ସହର ଏକଦା କଠୋରପନ୍ଥୀ ଗୋଷ୍ଠୀଗୁଡ଼ିକର କେନ୍ଦ୍ରସ୍ଥଳ ଥିଲା। ଦୀର୍ଘ ସମୟ ଧରି ଦେଶରେ ଏକଚ୍ଛତ୍ରବାଦୀ ଶାସନ ଚଳାଇଥିବା ମୁଆଁମାର ଗଦାଫିଙ୍କୁ ୨୦୧୧ରେ ନାଟୋ ସହଯୋଗରେ କ୍ଷମତାଚ୍ୟୁତ କରି ହତ୍ୟା କରାଯାଇଥିଲା।

# ଲିବ୍ୟାରେ ଜଳପ୍ରଳୟ: ୫ ହଜାର ମୃତ, ୧୦,୦୦୦ ନିଖୋଜ

**ତ୍ରିପୋଲି,୧୨।୯**

ଉତ୍ତର ଆଫ୍ରିକୀୟ ରାଷ୍ଟ୍ର ଲିବ୍ୟାରେ ପ୍ରଳୟଙ୍କରୀ ବନ୍ୟା ତାଣ୍ଡବ ରଚିଛି। ଏଥିରେ ପ୍ରାୟ ୫,୦୦୦ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୧୦,୦୦୦ରୁ ଊର୍ଦ୍ଧ୍ୱ ନିଖୋଜ ହୋଇଯାଇଛନ୍ତି। ରବିବାର ରାତିରେ ଆସିଥିବା ଭୂମଧ୍ୟସାଗରୀୟ ଝଡ଼ 'ଡାନିଏଲ୍' ଲିବ୍ୟାର ପୂର୍ବାଞ୍ଚଳ ସହରଗୁଡ଼ିକୁ ଜଳମଗ୍ନ କରିଦେଇଛି। ସବୁଠୁ ଅଧିକ ପ୍ରଭାବିତ ହୋଇଛି ଡେର୍ନା ସହର, ଯେଉଁଠି ଲଗାଣ ବର୍ଷାଜନିତ ବନ୍ୟା ଯୋଗୁ ଡ୍ୟାମ୍‌ଗୁଡ଼ିକ ଭୁଶୁଡ଼ିପଡ଼ିଛି। ଯେଉଁଆଡ଼େ ଚାହିଁଲେ କୁଢ଼ କୁଢ଼ ମୃତଦେହ ଭାସୁଛି। ବିପନ୍ନଙ୍କ ଆର୍ତ୍ତ ଚିତ୍କାରରେ ଫାଟିପଡୁଛି ସହର। ହସ୍ପିଟାଲ ବାରଣ୍ଡାଗୁଡ଼ିକରେ ଲୋକେ ଗଡୁଛନ୍ତି, ଯାହାଙ୍କ ମଧ୍ୟରୁ ଅଧିକାଂଶ ମୃତ। ଡେର୍ନାକୁ ବିପର୍ଯ୍ୟୟପ୍ରବଣ ଅଞ୍ଚଳ ରୂପେ ଘୋଷଣା କରାଯାଇଥିବା ଲିବ୍ୟାର ପୂର୍ବାଞ୍ଚଳ




ସରକାରରେ ସ୍ୱାସ୍ଥ୍ୟମନ୍ତ୍ରୀ ଥିବା ଓଥମନ୍ ଅବ୍‌ଦୁଲଜଲିଲ ସୂଚନା ଦେଇଛନ୍ତି। କେବଳ ଡେର୍ନାରେ ୩,୦୦୦ରୁ ଊର୍ଦ୍ଧ୍ୱ ଜଣଙ୍କ ମୃତ୍ୟୁ ଘଟିଥିବା ଆମ୍ବୁଲାନ୍ସ ଆଣ୍ଡ ଏମର୍ଜେନ୍ସି ଅଟରିଟି ପକ୍ଷରୁ କୁହାଯାଇଛି। ଲିବ୍ୟାର ଇଣ୍ଟରନ୍ୟାଶନାଲ ଫେଡେରେଶନ୍ ଅଫ୍ ରେଡ୍ କ୍ରସ୍ ଏବଂ ରେଡ୍ କ୍ରସ୍ ସୋସାଇଟି ପ୍ରତିନିଧି ତମେର ରାମାଦାନ୍ କହିଛନ୍ତି, ଏହି ଅଭୂତପୂର୍ବ ବନ୍ୟାରେ ୧୦,୦୦୦ ଲୋକ ନିଖୋଜ ହୋଇଯାଇଛନ୍ତି। ଏହି ସଂଖ୍ୟା ଆଗକୁ ଆହୁରି ବଢ଼ିପାରେ। ଉତ୍ତର ଆଫ୍ରିକାର ଅପରପାର୍ଶ୍ୱରେ ଘଟିଥିବା ଭୂକମ୍ପଠାରୁ ଲିବ୍ୟା ସ୍ଥିତି ଆହୁରି ଖରାପ ହୋଇଯାଇଛି। ଲିବ୍ୟା ପୂର୍ବାଞ୍ଚଳ ସରକାରର ପ୍ରଧାନମନ୍ତ୍ରୀ ଓସାମା ହମାଦ କହିଛନ୍ତି, ବନ୍ୟା ଯୋଗୁ ୨ଟି ଡ୍ୟାମ୍ ଭୁଶୁଡ଼ିବା ପରେ ବହୁ ଲୋକ ଭାସିଯାଇଛନ୍ତି। ଲୋକେ ବିପର୍ଯ୍ୟୟର ଦୃଶ୍ୟକୁ ସୋସିଆଲ୍ ମିଡିଆରେ ପୋଷ୍ଟ କରୁଛନ୍ତି। ବଡ଼ ବଡ଼ କୋଠାଗୁଡ଼ିକ ଭୁଶୁଡ଼ି ପାଣିରେ ଭାସିଯାଉଥିବା ଦେଖିବାକୁ ମିଳିଛି। ଏଭଳି ସ୍ଥିତି ଅନ୍ତର୍ଜାତୀୟ ସହାୟତା ଜରୁରୀ ହୋଇପଡ଼ିଛି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଓଥମନ୍ ଅବ୍‌ଦୁଲଜଲିଲ କହିଛନ୍ତି। ଉଦ୍ଧାର କାର୍ଯ୍ୟରେ ସେନା, ସରକାରୀ କର୍ମଚାରୀ, ସ୍ୱେଚ୍ଛାସେବୀମାନେ ନିୟୋଜିତ ହୋଇଛନ୍ତି। କିନ୍ତୁ ଉପଯୁକ୍ତ ମାଧ୍ୟମ ଅଭାବରୁ ଉଦ୍ଧାରକାର୍ଯ୍ୟ ଧିମେଇଯାଇଛି। ବନ୍ୟା ପ୍ରଭାବିତ ବୟଦା, ସୁସା, ମାର୍ଜ ଏବଂ ଶାହହ୍ଟ ସହରରେ ମଧ୍ୟ ବହୁ ଲୋକଙ୍କ ମୃତ୍ୟୁ ଘଟିଛି। ଅନେକ ପରିବାର ବାସହରା ହୋଇ ପୂର୍ବ ଲିବ୍ୟାର ନେ୍ଘାଜିସ୍ଥିତ ସ୍କୁଲ ଓ ସରକାରୀ ଅଫିସଗୁଡ଼ିକରେ ଆଶ୍ରୟ ନେଇଛନ୍ତି। ଇଜିପ୍ଟ, ଟ୍ୟୁନିସିଆ, ଅଲ୍‌ଜେରିଆ, ତୁର୍କୀ ଏବଂ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ପକ୍ଷରୁ ମାନବୀୟ ସହାୟତା ତଥା ଉଦ୍ଧାରକାରୀ ଟିମ୍‌ଗୁଡ଼ିକୁ ପଠାଇଛି। ଆମେରିକା ସର୍ବାଧିକ ପ୍ରଭାବିତ ଅଞ୍ଚଳଗୁଡ଼ିକରେ ସହାୟତା ପହଞ୍ଚାଇବା ପାଇଁ ଜାତିସଂଘ ଓ ଲିବ୍ୟା ଅଧିକାରୀମାନଙ୍କ ସହ ଯୋଗାଯୋଗ କରୁଥିବା ୱାଶିଂଟନ୍ ପକ୍ଷରୁ କୁହାଯାଇଛି।


ବନ୍ୟା ଜଳରେ ଡେର୍ନାର କୋଠାଗୁଡ଼ିକ ଭୁଶୁଡିପଡ଼ିଛି।

## ୫ ଜଣିଆ ପୀଠରେ ହେବ ଶୁଣାଣି

### ଦେଶଦ୍ରୋହ ଆଇନର ବୈଧତାକୁ ଚ୍ୟାଲେଞ୍ଜ

**ନୂଆଦିଲ୍ଲୀ,୧୨।୯(ପି.ଟି.)**

ଦେଶଦ୍ରୋହ ଆଇନରେ ଥିବା ଆଇପିସି ବ୍ୟବସ୍ଥାର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ କରି ଦାଏର ଏକାଧିକ ପିଟିଶନକୁ ସୁପ୍ରିମକୋର୍ଟ ମଙ୍ଗଳବାର ୫ ଜଣିଆ ସାମ୍ବିଧାନିକ ବେଞ୍ଚକୁ ପଠାଇ ଦେଇଛନ୍ତି। ବ୍ରିଟିଶ୍ ଶାସନ ସମୟର ଆଇପିସି, ସିଆର୍‌ପିସି ଏବଂ ତଥ୍ୟ ପ୍ରମାଣ ଆଇନ ସ୍ଥାନରେ ନୂଆ ଆଇନ ଆଣିବା ପାଇଁ କେନ୍ଦ୍ର ସରକାର ଗତ ମାସରେ ପାର୍ଲାମେଣ୍ଟରେ ବିଲ୍ ଆଣିଥିଲେ। ଏଥିରେ ଦେଶଦ୍ରୋହ ଆଇନକୁ ରଦ୍ଦ କରିବା ପ୍ରସ୍ତାବ ରହିଥିଲା। ବିଲ୍ ଆସିବାର ମାସକ ପରେ ଦେଶଦ୍ରୋହ ଆଇନର ବୈଧତାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଛି।

ପାର୍ଲାମେଣ୍ଟ ଭାରତୀୟ ଦଣ୍ଡ ସଂହିତା (ଆଇପିସି)ର ବ୍ୟବସ୍ଥାଗୁଡ଼ିକୁ ବଦଳାଇବା



ଦିଗରେ କାର୍ଯ୍ୟ କରୁଥିବାରୁ ଏବଂ ଏବେ ବିଲ୍ ସ୍ଥାୟୀ କମିଟିର ବିଚାରାଧୀନ ଥିବାରୁ ଏହାକୁ ବୃହତ୍ତର ପୀଠକୁ ପଠାଇବା ନିଷ୍ପତ୍ତିକୁ ସ୍ଥଗିତ ରଖିବା ପାଇଁ କେନ୍ଦ୍ର ସରକାରଙ୍କ ନିବେଦନକୁ ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଖଣ୍ଡପୀଠ ଅଗ୍ରାହ୍ୟ କରିଦେଇଛନ୍ତି। ଆଇପିସିର ଦଫା ୧୨୪ଏ (ଦେଶଦ୍ରୋହ) ଷ୍ଟାଟସ୍ ବୁକ୍‌ରେ ରହିବ। ନୂଆ ବିଲ୍ ଯଦି ଆଇନରେ ପରିଣତ ହୁଏ, ତେବେ ତାହା ପିଛିଲା ଭାବେ ନୁହେଁ, ପରବର୍ତ୍ତୀ ସମୟରେ ଲାଗୁହେବ ବୋଲି ଏକ ଧାରଣା ରହିଥିବା ଖଣ୍ଡପୀଠ ଟିପ୍ପଣୀ ଦେଇଛନ୍ତି। ଦଫା ୧୨୪ଏର ସାମ୍ବିଧାନିକ ବୈଧତା ସର୍ବୋଚ୍ଚ ଅଦାଲତରେ ପ୍ରମାଣିତ ହୋଇଛି ଏବଂ ଏହା ସମ୍ବିଧାନର ଧାରା ୧୯(୧)(ଏ)ର ଅଧିକାର ବାହାରେ ବୋଲି ୧୯୬୨ର କେଦାରନାଥ ସିଂ ଭର୍ସସ ବିହାର ରାଜ୍ୟ ମାମଲାରେ ସୁପ୍ରିମକୋର୍ଟ ରାୟ ଦେଇଥିଲେ। ବାକ୍ ସ୍ୱାଧୀନତା ଏବଂ ଅଭିବ୍ୟକ୍ତି ସ୍ୱାଧୀନତା ପାଇଁ ସମ୍ବିଧାନର ଅନୁଚ୍ଛେଦ ୧୯(୧)(ଏ)ରେ ବ୍ୟବସ୍ଥା ରହିଛି। ୧୯୬୨ରେ ସାମ୍ବିଧାନିକ ପୀଠ ଏହି ରାୟ ଦେଇଥିବାରୁ ବର୍ତ୍ତମାନର ଆବେଦନର ଶୁଣାଣି ଅନ୍ୟୂନ ୫ ଜଣିଆ ପୀଠରେ ହେବା ଆବଶ୍ୟକ ବୋଲ ସିଜେଆଇଙ୍କ ଖଣ୍ଡପୀଠ କହିଛନ୍ତି।

## ରାସ୍ତାକଡ଼ ବ୍ୟବସାୟୀଙ୍କ ପୁଅ ହେଲେ ବିଚାରପତି

**ଲକ୍ଷ୍ନୌ,୧୨।୯**

ଉତ୍ତର ପ୍ରଦେଶର ସମ୍ଭଲ ସହରର ଜଣେ ରାସ୍ତାକଡ଼ ବ୍ୟବସାୟୀଙ୍କ ପୁଅ ବିଚାରପତି ହୋଇଛନ୍ତି। ଏହି ଘଟଣା ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ସଫଳ ପରୀକ୍ଷାର୍ଥୀ ଜଣକ ହେଲେ ମହମ୍ମଦ କସିମ୍। ତାଙ୍କ ବାପା ହଲିମ୍ ରାସ୍ତା କଡ଼ରେ ବ୍ୟବସାୟ କରନ୍ତି। କସିମ୍ ୟୁପି ଜୁଡିସିଆଲ୍ ପରୀକ୍ଷାରେ ୧୩୫ ର୍‍ୟାଙ୍କରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସଫଳତା ପରେ କସିମଙ୍କ ବନ୍ଧୁମାନେ ତାଙ୍କୁ ଟୁଇଟରରେ ଶୁଭେଚ୍ଛା ଜଣାଇଛନ୍ତି। କସିମ ଆଲିଗଡ଼ ମୁସ୍‌ଲିମ୍ ବିଶ୍ୱବିଦ୍ୟାଳୟରୁ ଆଇନ ଶିକ୍ଷାରେ ସ୍ନାତକ ଓ ଦିଲ୍ଲୀ ବିଶ୍ୱବିଦ୍ୟାଳୟରୁ ଆଇନରେ ସ୍ନାତକୋତ୍ତର ପଢ଼ିଥିଲେ। ପରେ ରାଜ୍ୟ ଜୁଡିସିଆଲ ସେବା ପରୀକ୍ଷା ଲାଗି ପ୍ରସ୍ତୁତି କରିଥିଲେ।

## 'ହିମାଚଳକୁ ଜାତୀୟ ବିପର୍ଯ୍ୟୟ ଘୋଷଣା କର'

### କେନ୍ଦ୍ରକୁ କହିଲେ ପ୍ରିୟଙ୍କା

**ଶିମ୍‌ଲା,୧୨।୯(ପି.ଟି.)**

ଦଳୀୟ ରାଜନୀତିରୁ ଊର୍ଦ୍ଧ୍ୱକୁ ଯାଇ ନିକଟରେ ଘଟିଥିବା ହିମାଚଳପ୍ରଦେଶ ବିପର୍ଯ୍ୟୟକୁ ଜାତୀୟ ବିପତ୍ତି ଘୋଷଣା କରାଯାଉ ବୋଲି କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ମଙ୍ଗଳବାର କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରିଛନ୍ତି। ପ୍ରିୟଙ୍କା ବର୍ଷା କ୍ଷତିଗ୍ରସ୍ତ କୁଲ୍ଲୁ ଜିଲାକୁ ଯାଇ ରିଲିଫ୍ ଓ ଥଇଥାନ କାର୍ଯ୍ୟର ସମୀକ୍ଷା କରିଥିଲେ। ଉତ୍ତରାଖଣ୍ଡର କୁଲ୍ଲୁ ଏବଂ ମଣ୍ଡି ଜିଲାରେ ଗତ ଜୁଲାଇ ୧୪ ଓ ୧୫ରେ ପ୍ରବଳ ବର୍ଷାଜନିତ ଅଚାନକ ବନ୍ୟା ଓ ଭୂସ୍ଖଳନ ଯୋଗୁ ବିପର୍ଯ୍ୟୟ ସୃଷ୍ଟି ହୋଇଥିଲା। ଏଥିରେ ବହୁ ଲୋକ ପ୍ରାଣ ହରାଇବା ସହ ଅନେକ ଅଞ୍ଚଳ କ୍ଷତିଗ୍ରସ୍ତ ହୋଇଛି। ରାଜ୍ୟ ସରକାର ନିଜର ସାମର୍ଥ୍ୟ ଅନୁଯାୟୀ ପ୍ରଭାବିତ ପରିବାରକୁ ସହାୟତା ଯୋଗାଉଥିବାବେଳେ ସେଠାରେ ସ୍ୱାଭାବିକ ଅବସ୍ଥା ଫେରିବା


ହିମାଚଳ ପ୍ରଦେଶର ମାନାଲିରେ ପ୍ରିୟଙ୍କା ଗାନ୍ଧୀ ଭଦ୍ରା।

ସହ ପୁନଃନିର୍ମାଣ ପାଇଁ କେନ୍ଦ୍ର ସରକାରଙ୍କ ସହାୟତା ଜରୁରୀ ହୋଇପଡ଼ିଛି। କୃଷକମାନେ ଯେଉଁ ଆର୍ଥିକ କ୍ଷତି ସହିଛନ୍ତି, ତାହା କେନ୍ଦ୍ର ସରକାର ଭରଣା କରିବା ଆବଶ୍ୟକ ବୋଲି କଂଗ୍ରେସ ସାଧାରଣ ସମ୍ପାଦିକା କହିଛନ୍ତି।

## ଅକ୍ଟୋବର ୨ରୁ ତୃତୀୟ ପର୍ଯ୍ୟାୟ ସ୍ୱଚ୍ଛତା ଅଭିଯାନ

### ୧ ହଜାର କୋଟି ଆୟ ଲକ୍ଷ୍ୟ

**ନୂଆଦିଲ୍ଲୀ,୧୨।୯**

କେନ୍ଦ୍ର ସରକାରଙ୍କ ସ୍ୱଚ୍ଛତା ଅଭିଯାନର ତୃତୀୟ ସଂସ୍କରଣ ଅକ୍ଟୋବର ୨ରେ ଆରମ୍ଭ ହେବ। ଏଥିରୁ ସରକାର ୧ ହଜାର କୋଟି ଆୟ କରିବାକୁ ଲକ୍ଷ୍ୟ ରଖିଛନ୍ତି। ପ୍ରଶାସନିକ ସୁଧାର ଓ ସାଧାରଣ ଅଭିଯୋଗ (ଡିଏଆର୍‌ପିଜି) ବିଭାଗ ସଚିବ ଭି. ଶ୍ରୀନିବାସ କହିଛନ୍ତି, କେନ୍ଦ୍ର ସରକାରଙ୍କ ଅଧୀନ ବିଭାଗଗୁଡ଼ିକରେ ସ୍ୱଚ୍ଛତା ବଜାୟ ପ୍ରତି ଧ୍ୟାନ ଦିଆଯାଉଛି। ଅକ୍ଟୋବର ୨ରୁ ୩୧ ପର୍ଯ୍ୟନ୍ତ ଏହି ଅଭିଯାନ ଚାଲିବ। ୨୦୨୨ ଅକ୍ଟୋବରରେ ସ୍ୱଚ୍ଛତା ଅଭିଯାନର ଦ୍ୱିତୀୟ ସଂସ୍କରଣ ଅନୁଷ୍ଠିତ ହୋଇଥିଲା। ଏଥିରୁ ୫୨୦ କୋଟି ଟଙ୍କା ଆୟ ହୋଇଥିଲା। ସେହିପରି ପ୍ରାୟ ୫୦ଲକ୍ଷ ଫାଇଲ ହଟାଇ ଦିଆଯାଇଥିଲା। ଫଳରେ ବିଭିନ୍ନ କାର୍ଯ୍ୟାଳୟର ପ୍ରାୟ ୧୭୨ ଲକ୍ଷ ବର୍ଗଫୁଟ ସ୍ଥାନ ଖାଲି ହୋଇଥିଲା। ଏହା ବ୍ୟତୀତ ୩୧.୩୫ ଲକ୍ଷ ସାଧାରଣ ଅଭିଯୋଗ ମାମଲାର ସମାଧାନ କରାଯାଇଥିଲା। ତେଣୁ ତୃତୀୟ ସଂସ୍କରଣରୁ ୧ହଜାର କୋଟି ଟଙ୍କା ଆୟ ହେବ ବୋଲି ଆଶା କରାଯାଉଛି। ଶ୍ରୀନିବାସ କହିଛନ୍ତି, ଏକ ମାସଧରି ଅନୁଷ୍ଠିତ ହେବାକୁ ଥିବା ସ୍ୱଚ୍ଛତା ଅଭିଯାନର ତୃତୀୟ ସଂସ୍କରଣରେ ବିଭିନ୍ନ କାର୍ଯ୍ୟାଳୟର ୧୦୦ ଲକ୍ଷ ବର୍ଗଫୁଟ ସ୍ଥାନ ଖାଲି କରାଯିବାକୁ ଲକ୍ଷ୍ୟ ରଖାଯାଇଛି। କେନ୍ଦ୍ର ସରକାରଙ୍କ ଏହି ସ୍ୱତନ୍ତ୍ର ଅଭିଯାନର ପ୍ରଥମ ସଂସ୍କରଣ ଅକ୍ଟୋବର ୨୦୨୧ରେ ଆରମ୍ଭ ହୋଇଥିଲା। ଏଥିରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ବିଭାଗରେ ଅଟକି ରହିଥିବା କାମକୁ ଶେଷ କରିବା ଏବଂ ସ୍ୱଚ୍ଛତାକୁ ଅଧିକ ଗୁରୁତ୍ୱ ଦିଆଯାଇଥିଲା।

## ଆମେରିକା ସେଓ ଉପରୁ ଆମଦାନୀ ଶୁଳ୍କ ହ୍ରାସକୁ କଂଗ୍ରେସର ବିରୋଧ

**ନୂଆଦିଲ୍ଲୀ,୧୨।୯(ପି.ଟି.)**

ଆମେରିକୀୟ ସେଓ ଉପରୁ କେନ୍ଦ୍ର ସରକାର ଆମଦାନୀ ଶୁଳ୍କ ହ୍ରାସ କରିଥିବାରୁ ମଙ୍ଗଳବାର କଂଗ୍ରେସ ଏହାକୁ ବିରୋଧ କରିଛି। ଏଭଳି ନିଷ୍ପତ୍ତି ହିମାଚଳପ୍ରଦେଶ ଓ ଜମ୍ମୁ-କଶ୍ମୀରର ସେଓ ଉତ୍ପାଦନକାରୀଙ୍କ ପାଇଁ କ୍ଷତିକାରକ ହେବ ବୋଲି କଂଗ୍ରେସ କହିଛି। ଶୁଳ୍କ ହ୍ରାସ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆମେରିକାକୁ ଉପହାର ଦେଉଥିବାବେଳେ ଦେଶରେ ସେଓ ଚାଷରେ ନିୟୋଜିତ କୃଷକମାନଙ୍କ ପ୍ରତି ଅନ୍ୟାୟ କରୁଥିବା ବିରୋଧୀ ଦଳ ଅଭିଯୋଗ କରିଛି। କେନ୍ଦ୍ର ସରକାରଙ୍କ 'ଭୋକାଲ ଫର୍ ଲୋକାଲ' ସ୍ଲୋଗାନ କୁଆଡ଼େ ଗଲା ବୋଲି କଂଗ୍ରେସ ମୁଖପାତ୍ର ସୁପ୍ରିୟା ଶ୍ରୀନାଟେ ଏକ ଖବରଦାତା ସମ୍ମିଳନୀରେ ପ୍ରଶ୍ନ କରିଛନ୍ତି। ଆମେରିକା



ସେଓ ଉପରେ ଆମଦାନୀ ଶୁଳ୍କ ରିହାତି ନିଷ୍ପତ୍ତିକୁ ତୁରନ୍ତ ପ୍ରତ୍ୟାହାର ଲାଗି ସେ ଦାବି କରିଛନ୍ତି। ବିଦେଶୀ ସେଓ ଆମଦାନୀ ପାଇଁ ରିହାତି ଦିଆଗଲେ ଜମ୍ମୁ-କଶ୍ମୀର, ହିମାଚଳପ୍ରଦେଶ ଏବଂ ଉତ୍ତରାଖଣ୍ଡର ଅର୍ଥନୀତି ବିପର୍ଯ୍ୟସ୍ତ ହୋଇପଡ଼ିବ ବୋଲି କଂଗ୍ରେସ କହିଛି। ସୂଚନାଯୋଗ୍ୟ, ଜି୨୦ ସମିଟ୍ ଅବସରରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱିପାକ୍ଷିକ ବୈଠକ ପୂର୍ବରୁ କେନ୍ଦ୍ର ସରକାର ଆମେରିକାରୁ ଆସୁଥିବା ସେଓ, ଆଲମଣ୍ଡ, ୱାଲନଟ୍ ଏବଂ ମସୁର ଡାଲି ଉପରୁ ଅତିରିକ୍ତ ଶୁଳ୍କ ହଟାଇଦେବାକୁ ଘୋଷଣା କରିଥିଲେ। ଆମେରିକା ଭାରତର କେତେକ ଇସ୍ପାତ ଓ ଆଲୁମିନିୟମ ସାମଗ୍ରୀ ଉପରେ ଶୁଳ୍କ ବଢ଼ାଇବାରୁ ଏହାର ଜବାବରେ ଭାରତ ୨୦୧୯ରେ ଆମେରିକାରୁ ଆସୁଥିବା ସାମଗ୍ରୀ ଉପରେ ଅତିରିକ୍ତ ଶୁଳ୍କ ଲଗାଇଥିଲା।

ଆମେରିକା ସେଓ ଉପରୁ ଆମଦାନୀ ଶୁଳ୍କ ହ୍ରାସ ଲାଗି ସରକାରଙ୍କ ନିଷ୍ପତ୍ତିକୁ ନ୍ୟାଶନାଲ୍ କନ୍‌ଫରେନ୍ସ ଅଧ୍ୟକ୍ଷ ଫାରୁକ ଅବଦୁଲା ଏବଂ ପିଡିପି ଅଧ୍ୟକ୍ଷା ମେହବୁବା ମୁଫ୍‌ତିଙ୍କ ସମେତ ଜମ୍ମୁ-କଶ୍ମୀରର ନେତାମାନେ ଦୃଢ଼ ବିରୋଧ କରିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୧୩ ସେପ୍ଟେମ୍ବର, ୨୦୨୩



# ସ୍କ୍ରବ୍ ଟାଇଫସ୍‌କୁ ନେଇ ବଢ଼ୁଛି ଚିନ୍ତା

**ଭୁବନେଶ୍ୱର, ୧୨।୯(ଅସମାପିକା ସାହୁ)**

ରାଜ୍ୟରେ ଏବେ ହୁହୁ ହୋଇ ଡେଙ୍ଗୁ ବ୍ୟାପୁଥିବାବେଳେ ଆଉଏକ ରୋଗ 'ସ୍କ୍ରବ ଟାଇଫସ୍'କୁ ନେଇ ଚିନ୍ତା ବଢ଼ିଛି। ବୁର୍ଲା ଭିମ୍ସାରରେ ୨୨ଜଣଙ୍କଠାରେ ସ୍କ୍ରବ ଟାଇଫସ୍ ଚିହ୍ନଟ ହେବା ପରେ ରାଜ୍ୟ ସରକାର ଏହାକୁ ଗୁରୁତ୍ୱର ସହ ନେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିଛନ୍ତି। ତେବେ ଏଥିପାଇଁ ଭୟଭୀତ ହେବାର ଆବଶ୍ୟକ ନାହିଁ। ଏହାର ପରୀକ୍ଷା ଓ ଚିକିତ୍ସା ବ୍ୟବସ୍ଥା ସମସ୍ତ ଜିଲା ହସ୍ପିଟାଲରେ ଉପଲବ୍ଧ ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର କହିଛନ୍ତି। ସେ କହିଛନ୍ତି, ଏହା ଚିଗର ନାମକ କୀଟ କାମୁଡ଼ିଲେ ହେଉଛି। ବିଲ ବା ଜଙ୍ଗଲ ଯାଉଥିବା ଲୋକଙ୍କୁ ଏହା ହେଉଛି। ଏହି ରୋଗର ଲକ୍ଷଣ ହେଉଛି ଜ୍ୱର ଲାଗି ରହିବା, ମୁଣ୍ଡ ବିନ୍ଧା ହେବା। ଏଥିସହ ରୋଗୀର ମୃତ୍ୟୁ ଘଟିବାର ମଧ୍ୟ ସମ୍ଭାବନା ରହିଛି। ଶରୀରର ଯେଉଁ ସ୍ଥାନକୁ ଏହି କୀଟଟି କାମୁଡ଼େ ସେଠାରେ ସ୍କିନ ଡେଡ୍ ହୋଇଯାଏ। ଏହାର ପରୀକ୍ଷା ସବୁ ଜିଲା ହସ୍ପିଟାଲର ଡିଷ୍ଟ୍ରିକ୍ଟ ପବ୍ଲିକ ହେଲ୍‌ଥ ଲାବରୋଟୋରୀ(ଡିପିଏଚ୍ଏଲ୍)ରେ ଏଲିଶା ପଦ୍ଧତିରେ କରାଯାଉଛି। ଚିହ୍ନଟ ହେଲେ ଚିକିତ୍ସା ସହଜ। ସାଧାରଣ ଆଣ୍ଟିବାୟୋଟିକ କାମ ଦେବ। ଜ୍ୱର ନ କମିଲେ ପରୀକ୍ଷା କରିନେବାକୁ ସେ ପରାମର୍ଶ ଦେଇଛନ୍ତି। କେନ୍ଦୁଝର, ବରଗଡ଼, ନବରଙ୍ଗପୁର, ଓ ସୁନ୍ଦରଗଡ଼ରୁ

## ବରଗଡ଼ରେ ୨ ସପ୍ତାହରେ ୫ ମଲେଣି

**ବରଗଡ଼,୧୨।୯(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲାରେ ସ୍କ୍ରବ୍ ଟାଇଫସ୍ ରୋଗ ଏବେ ଆତଙ୍କ ଖେଳାଇଛି। ଏହି ରୋଗରେ ଆକ୍ରାନ୍ତ ହୋଇ ଗତ ୨ସପ୍ତାହ ମଧ୍ୟରେ ୫ଜଣଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ଅତାବିରା ବ୍ଲକ ଲସ୍ତଲା, ଭେଡେନ ବ୍ଲକ ସାହ୍ଲେପାଲି, ସୋହେଲା ବ୍ଲକ ପେଟୁପାଲି, ବେହେରାପାଲି ଏବଂ ବରପାଲି ବ୍ଲକ ଖଇରପାଲିର ଜଣେ ଲେଖାଏଁ ରହିଛନ୍ତି। ସେହିପରି ଅନେକ ଆକ୍ରାନ୍ତ ଏବେ ମଧ୍ୟ ଚିକିତ୍ସାଧୀନ ଅଛନ୍ତି। ୧୭୮ଜଣଙ୍କ ରକ୍ତ ନମୁନା ପରୀକ୍ଷା ହୋଇଛି ଏବଂ ୩ ଜଣଙ୍କ ପଜିଟିଭ୍ ଆସିଥିବା ସିଡିଏମ୍ଓ ଡା. ଜିତେନ୍ଦ୍ର ମୋହନ ବେବର୍ତ୍ତା ସୂଚନା ଦେଇଛନ୍ତି। ଏକ କୀଟ କାମୁଡିବା ଯୋଗୁ ଲୋକେ ଏହି ରୋଗରେ ଆକ୍ରାନ୍ତ ହେଉଛନ୍ତି। ଏହି ରୋଗରେ ବର୍ତ୍ତମାନ ସୁଦ୍ଧା ୫ଜଣଙ୍କ ମୃତ୍ୟୁ ହୋଇଥିବା ସେ କହିଛନ୍ତି। ବରଗଡ଼ ଜିଲାର ଲୋକେ ମୁଖ୍ୟତଃ ଚାଷ ଉପରେ ନିର୍ଭର କରୁଥିବା ବେଳେ ଚାଷଜମିକୁ ସେମାନଙ୍କ ଯିବାଆସିବା ଲାଗି ରହିଥାଏ। ଏଭଳି ସମୟରେ ସ୍କ୍ରବ୍ ଟାଇଫସ୍ କୀଟ ଚାଷୀଙ୍କ ଚିନ୍ତା ବଢାଇଦେଇଛି। ଉକ୍ତ କୀଟ ଏହି ରୋଗର କାରଣ ହେଉଥିବାବେଳେ ଲୋକେ ସଚେତନତା ଅଭାବରୁ ମୃତ୍ୟୁମୁଖରେ ପଡୁଛନ୍ତି। ତେବେ ଏହି ରୋଗର ଚିକିତ୍ସା ବ୍ୟବସ୍ଥା ରହିଛି ।

### ଜ୍ୱର ନ କମିଲେ ପରୀକ୍ଷା କରିଦେବାକୁ ପରାମର୍ଶ

ଏହି କେସ୍‌ଗୁଡ଼ିକ ଆସୁଛି ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ସୂଚନା ଦେଇଛନ୍ତି। ସେପଟେ ରାଜ୍ୟରେ ଏବେ ପ୍ରତିଦିନ ୨୦୦ ରୁ ୨୫୦ ଡେଙ୍ଗୁ ରୋଗୀ ଚିହ୍ନଟ ହେଉଥିବା ଡ. ମିଶ୍ର ସୂଚନା ଦେଇଛନ୍ତି। ଡେଙ୍ଗୁ ବଂଶ ବିସ୍ତାର ପାଇଁ ବର୍ତ୍ତମାନ ପାଣିପାଗ ଅନୁକୂଳ ରହିଛି। ବର୍ଷା ନ ଛାଡ଼ିବା ଯାଏ ରୋଗ କମିବ ନାହିଁ ବୋଲି ସେ କହିଛନ୍ତି। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୬୮,୬୧୦ ଜଣଙ୍କ ଡେଙ୍ଗୁ ଟେଷ୍ଟ କରାଯାଇଛି। ସେମାନଙ୍କ ମଧ୍ୟରୁ ୫,୯୭ ଜଣ ପଜିଟିଭ ବାହାରିଛନ୍ତି। ଜୁଲାଇରୁ ଅକ୍ଟୋବରରେ ଡେଙ୍ଗୁର ପିକ୍ ପିରିୟଡ। ଏଣୁ ସଚେତନ ହିଁ ଏକମାତ୍ର ମାଧ୍ୟମ। ସାମାନ୍ୟ ଚିକିତ୍ସାରେ ୯୮% ଲୋକ ଡେଙ୍ଗୁରୁ ଭଲ ହୋଇପାରିବେ। ତେଣୁ ବ୍ୟସ୍ତ ହେବାର ଆବଶ୍ୟକତା ନାହିଁ। ପ୍ଲେଟଲେଟ କମିବା ନେଇ ଅଧିକ ବ୍ୟସ୍ତ ହୁଅନ୍ତୁ ନାହିଁ। ପ୍ଲେଟଲେଟ କାଉଣ୍ଟ ୨୦ ହଜାର ପର୍ଯ୍ୟନ୍ତ କମିଲେ ବି ବ୍ୟସ୍ତ ନ ହୋଇ ଡାକ୍ତରଙ୍କ ପରାମର୍ଶ କରନ୍ତୁ ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ପରାମର୍ଶ ଦେଇଛନ୍ତି।

## କେରଳ: ନିପା ଭୂତାଣୁ ସଂକ୍ରମଣରେ ୨ ମୃତ

**ଥିରୁଭାନନ୍ତପୁରମ୍,୧୨।୯**

କେରଳର କୋଝିକୋଡ୍ ଜିଲାରେ ନିପା ଭୂତାଣୁ ସଂକ୍ରମଣରେ ୨ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୪ ଜଣ ସଂକ୍ରମିତ ହୋଇ ଚିକିତ୍ସାଧୀନ ଅଛନ୍ତି। ସେମାନେ ଜଣେ ମୃତକଙ୍କ ଘନିଷ୍ଠ ସମ୍ପର୍କୀୟ ବୋଲି ଜଣାପଡ଼ିଛି। ନିପା ସଂକ୍ରମଣ ଜଣାପଡ଼ିବା ପରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ରାଜ୍ୟରେ ସତର୍କତା ଜାରିକରାଯାଇଛି। ଆକ୍ରାନ୍ତମାନେ ନିପା ଭୂତାଣୁ ଦ୍ୱାରା ସଂକ୍ରମିତ ବୋଲି ସ୍ପଷ୍ଟ କରିବା ପାଇଁ ସେମାନଙ୍କ ନମୁନା ଚୂଡ଼ାନ୍ତ ପରୀକ୍ଷା ନିମନ୍ତେ ପୁଣେସ୍ଥିତ ଜାତୀୟ ଭୂତାଣୁ ବିଜ୍ଞାନ ସଂସ୍ଥା (ଏନ୍ଆଇଭି)କୁ ପଠାଯାଇଛି। ସ୍ୱାସ୍ଥ୍ୟମନ୍ତ୍ରୀ ବୀଣା ଜର୍ଜ କୋଝିକୋଡେରେ ପହଞ୍ଚି ଉଚ୍ଚସ୍ତରୀୟ ବୈଠକରେ ସ୍ଥିତି ସମୀକ୍ଷା କରିଥିଲେ।




## ବ୍ରିଟେନ୍‌ରେ ପ୍ରତି ୩ରେ ଜଣେ ମହିଳା ଡାକ୍ତର ଯୌନ ଉତ୍ପୀଡ଼ନ ଶିକାର

**ଲଣ୍ଡନ,୧୨।୯**

ବ୍ରିଟେନରେ ପ୍ରତି ୩ ଜଣରେ ଜଣେ ମହିଳା ସର୍ଜନ କାର୍ଯ୍ୟସ୍ଥଳରେ ଯୌନ ଉତ୍ପୀଡ଼ନର ସମ୍ମୁଖୀନ ହେଉଥିବାବେଳେ କେତେଜଣ ସହକର୍ମୀଙ୍କ ଦ୍ୱାରା ବଳାତ୍କାରର ଶିକାର ହୋଇଥିବା ଏକ ନୂଆ ସର୍ଭେରୁ ଜଣାପଡ଼ିଛି। ବ୍ରିଟିଶ ଜର୍ନାଲ ଅଫ୍ ସର୍ଜରୀରେ ପ୍ରକାଶିତ ଉକ୍ତ ଅଧ୍ୟୟନ ଅନୁଯାୟୀ ଗତ ୫ ବର୍ଷ ହେଲା ବ୍ରିଟେନର ଶଲ୍ୟ ଚିକିତ୍ସା କାର୍ଯ୍ୟସ୍ଥଳରେ ଯୌନ ଆଚରଣ ଘଟିଚାଲିଛି। ଜାତୀୟ ସ୍ୱାସ୍ଥ୍ୟ ସେବାରେ ନିୟୋଜିତ ପ୍ରତି ୩ ମହିଳା ସର୍ଜନଙ୍କ ମଧ୍ୟରୁ ଜଣେ ନିଜ ସହକର୍ମୀଙ୍କ ଦ୍ୱାରା ଯୌନ ନିର୍ଯାତନାର ଶିକାର ହୋଇଥାନ୍ତି। ଗୋପନ ମତାମତ ଲାଗି ଡକାଯାଇଥିବା ପଞ୍ଜୀକୃତ ସର୍ଜନମାନଙ୍କ ମଧ୍ୟରୁ ୧,୪୩୪ ଜଣ ଜବାବ ରଖିଥିଲେ। ସେମାନଙ୍କ ମଧ୍ୟରୁ ୩୦ ପ୍ରତିଶତ ମହିଳା ସର୍ଜନ ଯୌନ ଉତ୍ପୀଡ଼ନର ସମ୍ମୁଖୀନ ହୋଇଥିବାବେଳେ କାର୍ଯ୍ୟସ୍ଥଳରେ ଅବାଞ୍ଛିତ ଶାରୀରିକ ସମ୍ପର୍କ ଉଦ୍ୟମ ୨୯ ପ୍ରତିଶତଙ୍କ କ୍ଷେତ୍ରରେ ଘଟିଥିବା ସେମାନେ କହିଛନ୍ତି। ୪୦%ରୁ ଅଧିକ ମହିଳା ସର୍ଜନ ସେମାନଙ୍କ ଶରୀରକୁ ନେଇ ଅବାଞ୍ଛିତ କମେଣ୍ଟର ସମ୍ମୁଖୀନ ହେଉଥିବାବେଳେ କାର୍ଯ୍ୟସ୍ଥଳରେ ଅଶ୍ଳୀଳ ଇଙ୍ଗିତ ଦିଆଯାଉଥିବା ୩୮% ଜଣାଇଛନ୍ତି। ୯୦ ପ୍ରତିଶତ ମହିଳା ଏବଂ ୮୧ ପ୍ରତିଶତ ପୁରୁଷ କୌଣସି ନା କୌଣସି ଯୌନ ଅସଦାଚରଣର ସାକ୍ଷୀ ଥିବା ଉକ୍ତ ସର୍ଭେରେ କୁହାଯାଇଛି।

ସର୍ଭେ ରିପୋର୍ଟ ଅନୁଯାୟୀ ବ୍ରିଟେନର ପୁରୁଷ ଓ ମହିଳା ସର୍ଜନମାନେ ଭିନ୍ନ ବାସ୍ତବତାରେ ରହନ୍ତି। ଯୌନ ଅସଦାଚରଣ ବାରମ୍ବାର ଘଟୁଥିଲେ ମଧ୍ୟ ଶଲ୍ୟ ଚିକିତ୍ସା ପରିବେଶ ବର୍ଗୀକୃତ ସଂରଚନା ହୋଇଥିବାରୁ ଲିଙ୍ଗଗତ ଓ କ୍ଷମତା ସନ୍ତୁଳନ ଦୃଷ୍ଟିରୁ ସେଗୁଡ଼ିକୁ ବନ୍ଦ କରିବା ଦିଗରେ ପଦକ୍ଷେପ ନିଆଯାଉ ନ ଥିବା ଜଣାପଡୁଛି। ଫଳରେ ଅସୁରକ୍ଷିତ କାର୍ଯ୍ୟ ପରିବେଶ ସୃଷ୍ଟି ହେବା ସହ ରୋଗୀମାନଙ୍କ ପାଇଁ ମଧ୍ୟ ଏହା ସୁରକ୍ଷିତ ନୁହେଁ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ସମସ୍ୟାର ସମାଧାନରେ ଜାତୀୟ ସ୍ୱାସ୍ଥ୍ୟ ସେବା ଟ୍ରଷ୍ଟ, ଜେନେରାଲ ମେଡିକାଲ କାଉନସିଲ ଏବଂ ରୟାଲ କଲେଜଗୁଡ଼ିକ ଉପରେ ମଧ୍ୟ ସର୍ଜନମାନଙ୍କ ବିଶ୍ୱାସ ରହୁନାହିଁ।

# ଏଆଇ ବଳୟରେ ଛାତ୍ରୀଛାତ୍ର

***ସ୍ମାର୍ଟ ଯୁଗରେ ଶିକ୍ଷା, ସ୍ୱାସ୍ଥ୍ୟ, ବାଣିଜ୍ୟ ସବୁ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତ୍ତା ବା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ(ଏଆଇ)ର ବ୍ୟବହାର ବଢ଼ୁଛି। ତେବେ ଛାତ୍ରୀଛାତ୍ରଙ୍କ ଉପରେ ଏଆଇର କ'ଣ ପ୍ରଭାବ ରହିଛି ସେ ସମ୍ପର୍କରେ ଅନେକଙ୍କୁ ଅଜଣା। ଏଆଇର ବ୍ୟବହାର, ଉପକାର ଓ ଅପକାରକୁ ନେଇ ବ୍ୟବହାରକାରୀ ଏବଂ ସାଇବର ସୁରକ୍ଷା ବିଶେଷଜ୍ଞଙ୍କ ଭିନ୍ନ ଭିନ୍ନ ମତ ରହିଛି। କିଏ ଏହାକୁ ଏକ 'ବରଦାନ' ତ କିଏ 'ବିପଦକୁ ଆହ୍ୱାନ' ବୋଲି କହୁଛନ୍ତି। ବର୍ତ୍ତମାନ ଯୁଗରେ ସମସ୍ତଙ୍କ ମନରେ ଆଶା ଓ ଆଶଙ୍କା ସୃଷ୍ଟି କରୁଥିବା ଏଆଇ ସମ୍ପର୍କରେ ଧରିତ୍ରୀର ସ୍ୱତନ୍ତ୍ର ଉପସ୍ଥାପନା।***



### ଏଆଇ କ'ଣ

କୃତ୍ରିମ ବୁଦ୍ଧିମତ୍ତା ବା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ(ଏଆଇ) ହେଉଛି ମନୁଷ୍ୟକୃତ ଯନ୍ତ୍ରାଂଶ। ସାଧାରଣତଃ ରୋବୋ, କମ୍ପ୍ୟୁଟର ଆଦି ଯନ୍ତ୍ରାଂଶ ଦ୍ୱାରା ପ୍ରସ୍ତୁତ ବୁଦ୍ଧିମତ୍ତାକୁ ହିଁ ଏଆଇ ବୋଲି ବିବେଚନା କରାଯାଏ। ବିଭିନ୍ନ ପ୍ରୋଗ୍ରାମ, ଆଲ୍‌ଗୋରିଦମ ଓ ଶିକ୍ଷା ଦ୍ୱାରା କୃତ୍ରିମ ବୁଦ୍ଧିମତ୍ତା ସୃଷ୍ଟି କରାଯାଇଥାଏ। ତେବେ କୌଣସି ଯନ୍ତ୍ର ଯାହା ତା'ର ଆଖପାଖର ପରିବେଶକୁ ବୁଝିପାରି ନିଜର କ୍ରିୟାଦ୍ୱାରା ଲକ୍ଷ୍ୟସ୍ଥଳରେ ପହଞ୍ଚିବାର ସମ୍ଭାବନାକୁ ବଢ଼ାଇପାରେ ତାହାକୁ ଏଆଇ ବୋଲି କୁହଯାଏ।

### ସମୟ ଓ ଅର୍ଥ ସଞ୍ଚୁଛି

ଶିକ୍ଷା ଗବେଷଣାଠାରୁ ଆରମ୍ଭ କରି ବୃତ୍ତିଗତ ମାର୍ଗଦର୍ଶନରେ ଛାତ୍ରୀଛାତ୍ରଙ୍କ ପାଇଁ ଏଆଇ ଖୁବ୍ ଉପଯୋଗୀ ସାବ୍ୟସ୍ତ ହେଉଛି। ଟୁଲ୍‌ସ ଏବଂ ସଫ୍ଟୱେର୍ ଡେଭେଲେପମେଣ୍ଟରେ ମଧ୍ୟ କୋଡିଂ ପ୍ରକ୍ରିୟାକୁ ସହଜ କରୁଛି। ଜଣଙ୍କ ଆବଶ୍ୟକତା ଅନୁଯାୟୀ ପାରାଗ୍ରାଫ୍ ଓ ପ୍ରବନ୍ଧ ଆଦି ଲେଖିବାରେ ଅନେକ ସମୟରେ ସହାୟକ ହୋଇପାରୁଛି। ଏଆଇର ବ୍ୟବହାର ସମୟ ଓ ଅର୍ଥ ଅପଚୟ ମଧ୍ୟ ରୋକିପାରେ। ତେବେ ଏହାର ଆଉ ଏକ ଦିଗ ହେଉଛି ଏହା ହିନ୍ଦୀ ଓ ଇଂରାଜୀ ବ୍ୟତୀତ ଅନ୍ୟ ଆଞ୍ଚଳିକ ଭାଷାରେ ମଧ୍ୟ ଛାତ୍ରୀଛାତ୍ରଙ୍କ ପାଇଁ ଉତ୍ତର ରଖିପାରୁଛି। ନୂଆ ଅନୁଚ୍ଛେଦ, ପ୍ରବନ୍ଧ କବିତା ଲେଖିବାରେ ବିଭିନ୍ନ ଆପ୍ଲିକେଶନ ପିଲାଙ୍କ ପାଇଁ ସହାୟକ ହେଉଛି। ଏପରି କିଛି ଆପ୍ଲିକେଶନ ରହିଛି, ଯେଉଁଥିରେ ବିଦ୍ୟାର୍ଥୀମାନେ କୌଣସି ଲେଖାରେ ବ୍ୟାକରଣଗତ ତ୍ରୁଟି ମଧ୍ୟ ସଂଶୋଧନ କରିପାରୁଛନ୍ତି। ଏଥିସହିତ ପିଲାମାନେ ଦେଶଦୁନିଆର ଜଣାଅଜଣା ତଥ୍ୟ ମଧ୍ୟ ପାଇପାରୁଛନ୍ତି। ସେହିପରି ଗଣିତରେ ବିଭିନ୍ନ ଜଟିଳ ପ୍ରଶ୍ନର ସମାଧାନ କରିବାରେ ମଧ୍ୟ ପିଲାମାନେ ଏଆଇର ସହାୟତା ନେଉଛନ୍ତି।

### ଟ୍ୟୁଟୋରିଆଲରେ ପଢ଼ାଉଛନ୍ତି ଏଆଇ ଶିକ୍ଷକ

ଉଚ୍ଚ ମାଧ୍ୟମିକ ଶିକ୍ଷା ହେଉ ବା ଉଚ୍ଚଶିକ୍ଷା, ପ୍ରତିଯୋଗିତାମୂଳକ ପରୀକ୍ଷା, ବିଭିନ୍ନ ପ୍ରବେଶିକା ପରୀକ୍ଷା ପାଇଁ ବିଦ୍ୟାର୍ଥୀମାନେ କୋଚିଂ ସେଣ୍ଟର ବା ଟ୍ୟୁଟୋରିଆଲରେ ନାମ ଲେଖାଉଛନ୍ତି। ତେବେ ପିଲାଙ୍କୁ ପାଠପଢ଼ାଇବା ପାଇଁ ଏଆଇ ଶିକ୍ଷକଙ୍କ ସହାୟତା ନିଆଯାଉଛି। ଏଆଇ ଶିକ୍ଷକଙ୍କୁ ବିଦ୍ୟାର୍ଥୀ ଟେକ୍ସଟ ମାଧ୍ୟମରେ ପ୍ରଶ୍ନ ପଚାରିପାରୁଛନ୍ତି। ସେହିପରି କିଛି ଟ୍ୟୁଟୋରିଆଲରେ ଅଡ଼ିଓ ବା ଭିଡ଼ିଓ ମାଧ୍ୟମରେ ଏଆଇ ଗୁରୁଜୀ ପ୍ରଶ୍ନର ସମାଧାନ କରୁଛନ୍ତି। ଭୁବନେଶ୍ୱରସ୍ଥିତ 'ବ୍ରେନ୍‌ସ ଏଜୁକେଶନ'ରେ କିଛିଦିନ ତଳେ ଏପରି ଏଆଇ ଶିକ୍ଷକ ଲଞ୍ଚ କରାଯାଇଛି। ଏହାର ନାମ ଏଆଇ ଗୁରୁଜୀ ରଖାଯାଇଥିବା ସୂଚନା ରହିଛି।

### ସମ୍ପୂର୍ଣ୍ଣ ସୁରକ୍ଷିତ ନୁହେଁ କୃତ୍ରିମ ବୁଦ୍ଧିମତ୍ତା

ବିଭିନ୍ନ ସାଇବର ସୁରକ୍ଷା ବିଶେଷଜ୍ଞ ଏବଂ ବୁଦ୍ଧିଜୀବୀଙ୍କ ମତାନୁସାରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବା କୃତ୍ରିମ ବୁଦ୍ଧିମତ୍ତାର ସକାରାତ୍ମକ ଦିଗ ସହ ଅନେକ ନକାରାତ୍ମକ ପ୍ରଭାବ ମଧ୍ୟ ରହିଛି। ରକ୍ଷଣାବେକ୍ଷଣ ଏବଂ ବୈଷୟିକ ତ୍ରୁଟି ସମୟେ ସମୟେ ବ୍ୟବହାରକାରୀଙ୍କୁ ସମସ୍ୟାରେ ପକାଇପାରେ। ଲୋକଙ୍କ ମଧ୍ୟରେ ଯୋଗାଯୋଗ ହ୍ରାସ କରିପାରେ। ନୈତିକ ଦ୍ୱନ୍ଦ୍ୱ ଉପୁଜିବାର ମଧ୍ୟ ଯଥେଷ୍ଟ ସମ୍ଭାବନା ରହିଛି। ସେହିପରି ବ୍ୟକ୍ତି ବିଶେଷଙ୍କ ଡାଟା ଗୋପନୀୟତା ସୁରକ୍ଷା ମଧ୍ୟ କିଛି କ୍ଷେତ୍ରରେ ସଙ୍କଟରେ ପଡ଼ିପାରେ ବୋଲି କୁହାଯାଉଛି। ଏଆଇର ବ୍ୟବହାର ଯେତେ ମାତ୍ରାରେ ବଢ଼ିବ ଅନୁରୂପ ଭାବେ ଏଆଇର ମାନକ ବା ସୃଜନଶୀଳତା ବଢ଼ିପାରେ। ମାତ୍ର ଅତ୍ୟଧିକ ନିର୍ଭରଶୀଳ ହେବା କାରଣରୁ ମାନବର ବିଚାରଶକ୍ତି ହୁଏତ କ୍ଷୁଣ୍ଣ ହୋଇପାରେ।

### ପିଲାମାନେ ବ୍ୟବହାର କରୁଥିବା ଏଆଇ ଆପ୍ଲିକେଶନ

- ଚାଟଜିପିଟି
- ଅଟର ଏଆଇ
- କ୍ୱିଲ ବୋଟ୍
- ଫୋଟର
- କାନ୍‌ଭା
- ଗୁଗୁଲ ବାର୍ଡ
- ସ୍ଲାଇଡ୍‌ସ ଗୋ
- ଓପନ୍ ଏଆଇ ପ୍ଲେଗ୍ରାଉଣ୍ଡ
- ଗ୍ରାମାରଲି
- ଷ୍ଟେପ୍‌ୱାଇଜ୍ ମ୍ୟାଥ୍
- ପ୍ରୋ ରାଇଟିଂ ଏଡ୍
- ଜିଞ୍ଜର
- ହେମିଙ୍ଗ ୱେ ଆପ୍
- ଏଆରଗ୍ରାମ୍
- ସୋନିକ୍ସ
- ୟୁ ଚାଟ୍
- ନୋଜି

ChatGPT
slidesgo
StepWise
YOUchat
QuillBot Paraphrasing Tool
Knowji
Otter.ai

### ସେମାନେ ଯାହା କୁହନ୍ତି...



ଆଗକୁ ଏଆଇ ଯୁଗ ଆସୁଛି ବୋଲି କୁହାଯାଉଛି। ସକାରାତ୍ମକ ଦିଗରେ ବ୍ୟବହାର କଲେ ଅନେକ ଲାଭ ରହିଛି। ଆର୍ଟିଫିସିଆଲମାନେ ଇଣ୍ଟେଲିଜେନ୍ସ ଗବେଷଣାକୁ ସରଳ କରିପାରିବେ। ଆର୍ଥିକ ଅନଗ୍ରସର ପିଲାଙ୍କୁ ପାଠପଢ଼ାରେ ଏହା ବହୁ ମାତ୍ରାରେ ସାହାଯ୍ୟ କରିବ। ଏଆଇକୁ ନେଇ ବର୍ତ୍ତମାନ ଅନେକ ଗବେଷଣା ଚାଲିଛି। ବିଭିନ୍ନ ଇଞ୍ଜିନିୟରିଂ କଲେଜ, ଆଇଇଟି, ଏନ୍ଆଇଟି ଆଦି କଲେଜରେ ପାଠ୍ୟକ୍ରମ ଭାବେ ଏହାକୁ ଅନ୍ତର୍ଭୁକ୍ତ କରାଗଲାଣି। ମାତ୍ର ଏଆଇର ଅଧିକ ବ୍ୟବହାର ବା ଦୁରୁପଯୋଗ କରାଗଲେ ସମସ୍ୟା ହୋଇପାରେ। ଆମେ ଯେତିକି ଫିଡ୍ କରାଇବା ଏଆଇ ସେତିକିର ଉତ୍ତର ରଖିପାରିବ ତେଣୁ ମାନବର ବୁଦ୍ଧିମତ୍ତା ଯେତେ ଅଧିକ ହେବ ଏଆଇ ଆପ୍ଲିକେଶନଗୁଡ଼ିକରେ ସେତେ ଅଧିକ ଇନ୍‌ପୁଟ୍ ଦିଆଯାଇପାରେ। ମାତ୍ର ଏଆଇ ଉପରେ ଅଧିକରୁ ଅଧିକ ନିର୍ଭରଶୀଳ ହୋଇ ଆଉଟପୁଟ୍ ଅପେକ୍ଷାରେ ମାନବ ସମାଜ ରହିଲେ ଇନ୍‌ପୁଟ କିଏ ଦେବ? ସେହିପରି କେଉଁ ଆପ୍ଲିକେଶନ ବ୍ୟବହାର କରୁଛନ୍ତି ତାହା କେତେ ସୁରକ୍ଷିତ ପିଲାମାନେ ତାହା ଜାଣିରଖିବା ଉଚିତ୍ ।

**-ଆକାଶ ମିଶ୍ର, ସାଇବର ସୁରକ୍ଷା ବିଶେଷଜ୍ଞ**



ମୁଁ ବିଶେଷତଃ ଚାଟ୍ ଜିପିଟି ଓ ଏଆଇ ଇମେଜ୍ ଜେନେରେଟର ଆପ୍ଲିକେଶନ୍ ବ୍ୟବହାର କରୁଛି। ଏପରି ଅନେକ ସଫ୍ଟ ସ୍କିଲ୍ ରହିଛି ଯାହା ସ୍କୁଲ କଲେଜରେ ପଢ଼ାଯାଏ ନାହିଁ। ଏଆଇ ଦ୍ୱାରା ସେହି ଜ୍ଞାନ ଲାଭ କରିହେଉଛି। ଏଆଇ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ ହେଉ ନ ଥିବାରୁ ଲାଭାନ୍ୱିତ ହେଉଛି। ଏଆଇଠାରୁ ଜ୍ଞାନ ନେଇ ନିଜେ ବୁଦ୍ଧିରେ ବିଭିନ୍ନ କାର୍ଯ୍ୟ କରିବା ଦ୍ୱାରା ସୃଜନଶୀଳତା ନିଶ୍ଚୟ ବଢ଼ିବ। ଭିଡ଼ିଓ ହେଉ ମ୍ୟୁଜିକ ବା ଇମେଜ ଏଡିଟିଂରେ ଏଆଇ ସହାୟକ ହେଉଛି।

**-ଅମରଜିତ ମହାନ୍ତି, ଛାତ୍ର**



ପାଠପଢ଼ା ପ୍ରକ୍ରିୟାକୁ ଏଆଇ ଏକଦମ୍ ସରଳ କରିଦେଇଛି। ମାତ୍ର ଏହାର ସଦୁପଯୋଗ କରିବା ଛାତ୍ରୀଛାତ୍ରଙ୍କ ଉପରେ ନିର୍ଭର କରେ। ଏଆଇ ସାହାଯ୍ୟ ବହିରେ ଦିଆଯାଇଥିବା ପ୍ରଶ୍ନ ବା ଶିକ୍ଷକଙ୍କ ପ୍ରଶ୍ନର ଉତ୍ତର ଖାତାରେ ଲେଖିଦେଲେ ଛାତ୍ରୀଛାତ୍ର ଆଦୌ ଉପକୃତ ହେବେ ନାହିଁ। ଏମତି ମଧ୍ୟ କେତେକ ଆପ୍ଲିକେଶନ ଯାହା ସମୟେ ସମୟେ ପ୍ରଶ୍ନକୁ ଭୁଲ୍ ଭାବେ ଗ୍ରହଣ କରି ଭୁଲ୍ ଉତ୍ତର ଦେଉଛି। ତେଣୁ ଏଆଇ ମାଧ୍ୟମରେ ପାଉଥିବା ଉତ୍ତର ଅନ୍ତତଃ ଥରେ ଶିକ୍ଷୟିତ୍ରୀଶିକ୍ଷକଙ୍କଠାରୁ ପଚାରିନେବା ଉଚିତ୍। ଏଆଇଠାରୁ କୌଶଳ ଗ୍ରହଣ କରାଯିବା ଉଚିତ୍ ମାତ୍ର ଉତ୍ତର କପି କରିବା ଆଦୌ ଠିକ୍ ନୁହେଁ । ଏଥିପ୍ରତି ଅଭିଭାବକମାନେ ପିଲାଙ୍କୁ ମାର୍ଗଦର୍ଶନ କରିବା ଉଚିତ୍।

**- ପ୍ରୀତିକା ମିଶ୍ର ଛାତ୍ରୀ**



ମୁଁ ଚାଟ୍‌ଜିପିଟି ବ୍ୟବହାର କରୁଛି, ଏହା ମୋର ସାଧାରଣ ଜ୍ଞାନ ବୃଦ୍ଧି କରିବାରେ ସହାୟକ ହେଉଛି। ସେହିପରି ଚେସ୍ ଇଞ୍ଜିନ୍ ଏଆଇ ଚେସ୍ ଦକ୍ଷତା ବୃଦ୍ଧି କରୁଛି। ଚେସ୍.କମ୍, ଷ୍ଟକଫିସ୍ ଭଳି ବିଭିନ୍ନ ଏଆଇ ଆପ୍ଲିକେଶନ ପିଲାଙ୍କ ବିଭିନ୍ନ କ୍ଷେତ୍ରରେ ଜ୍ଞାନ ବଢ଼ାଇପାରୁଛି। ତେଣୁ ସତର୍କତାର ସହ ବ୍ୟବହାର କଲେ ଏହାର ଉପାଦେୟତାକୁ ଉପଭୋଗ କରିହେବ।

**- ସୌରଭ କୁମାର ପତି, ଛାତ୍ର**



ଏଆଇର ଅନେକ ସକାରାତ୍ମକ ଦିଗ ରହିଥିଲେ ବି ଏହାର ପ୍ରୟୋଗରେ ସତର୍କତା ଅବଲମ୍ବନ ଜରୁରୀ। ଏହାର ଅଧିକ ବ୍ୟବହାର ଦ୍ୱାରା ଛାତ୍ରୀଛାତ୍ରଙ୍କ ମଧ୍ୟରେ ସୃଜନଶୀଳତା ବା ଚିନ୍ତନ ଶକ୍ତି କମିବାର ଯଥେଷ୍ଟ ସମ୍ଭାବନା ରହିଛି। ପିଲାମାନେ କୌଣସି ଗାଣିତିକ ସମସ୍ୟାର ସମାଧାନ ଜାଣିବାକୁ ଚାହୁଁଥିଲେ ଏହାର ଉତ୍ତର ଏଆଇରୁ ପାଇଯାଉଛନ୍ତି ମାତ୍ର ଜଣେ ଶିକ୍ଷକ ଯେପରି ପ୍ରଶ୍ନର ଲଜିକ୍ ବା ପୂର୍ବାପର ସମ୍ପର୍କ ରଖି ବୁଝାଇବେ ଏଆଇ ସେପରି କରିପାରିବ ନାହିଁ। ପିଲାମାନଙ୍କ ଲେଖିବା ଅଭ୍ୟାସ ତଥା ଚିନ୍ତନ ଶକ୍ତି ମଧ୍ୟ କ୍ରମେ ହ୍ରାସ ପାଇପାରେ। ତେଣୁ ଜରୁରୀ ନ ଥିଲେ ଏଆଇର ସହାୟତା ପରିବର୍ତ୍ତେ ଶିକ୍ଷୟିତ୍ରୀଶିକ୍ଷକ ବା ପରିବାରର ଗୁରୁଜନଙ୍କ ସହାୟତା ନେବା ଉଚିତ୍।

**-ପ୍ରଶାନ୍ତ ସାହୁ, ସାଇବର ସୁରକ୍ଷା ବିଶେଷଜ୍ଞ**



ଯେଉଁ ଜଟିଳ ତଥ୍ୟକୁ ଆମେ ବହିରେ ପଢ଼ି କଳ୍ପନା କରିବା କଷ୍ଟ ତାହାକୁ ଏଆଇ ଦ୍ୱାରା ଆମେ ଅତି ପ୍ରାଞ୍ଜଳ ଭାବେ ବୁଝିପାରୁଛୁ। ଉଦାହରଣ ସ୍ୱରୂପ ଥ୍ରୀ-ଡି ଆନିମେଶନ ଲେକ୍ଚର୍ସ। ଏଆଇ ଦ୍ୱାରା ଆମେ ଅନେକ ଆନିମେଟେଡ୍ ଫଟୋ ଡାଇଗ୍ରାମ ମାଧ୍ୟମରେ ପଢ଼ା ପ୍ରତି ଆଗ୍ରହ ସୃଷ୍ଟି ହେଉଛି। ମାତ୍ର ଏହାର ସବୁଠାରୁ ବଡ଼ କୁପ୍ରଭାବ ହେଉଛି ଏହାର ଅଧିକ ବ୍ୟବହାର ଦ୍ୱାରା ମନୁଷ୍ୟ ଅଳସୁଆ ହୋଇଯାଏ କଳ୍ପନା ଶକ୍ତି ମଧ୍ୟ ହ୍ରାସ ହୋଇପାରେ କାରଣ ଆମେ କୌଣସି ତଥ୍ୟର ବିଶ୍ଳେଷଣ ପାଇଁ ଚିନ୍ତନ କଲେ ଆମର ମସ୍ତିଷ୍କର ସ୍ନାୟୁକୋଷ ବିକଶିତ ହୁଏ, କିନ୍ତୁ ଯେହେତୁ ତାର ବିଶ୍ଳେଷିତ ତଥ୍ୟ ଉପଲବ୍ଧ ହୋଇଯାଏ ତେଣୁ ମସ୍ତିଷ୍କର କଳ୍ପନା ଶକ୍ତିର ଉପଯୋଗ ହୋଇ ପାରେନି।

**- ଆର୍ଯ୍ୟନ ପଟ୍ଟନାୟକ, ଛାତ୍ର**



ନିକଟରେ ଆମେ ଏଆଇ ଗୁରୁଜୀ ଲଞ୍ଚ୍ କରିଛୁ। ଏହା ପିଲାଙ୍କୁ ପଢ଼ାଇବାରେ ବେଶ୍ ସହାୟକ ହେବ ବୋଲି ଆଶା କରିଛୁ। ବର୍ତ୍ତମାନ ଏଆଇ ଗୁରୁଜୀଙ୍କୁ ଟେକ୍ସଟ ମାଧ୍ୟମରେ ପ୍ରଶ୍ନ ପଚାରିଲେ ସେ ଟେକ୍ସଟରେ ସମାଧାନ କରୁଛନ୍ତି। ଖୁବଶୀଘ୍ର ଅଡ଼ିଓ ଓ ଭିଜୁଆଲ ମାଧ୍ୟମରେ ପିଲାଙ୍କ ଉତ୍ତର ରଖିବେ। ଶିକ୍ଷୟିତ୍ରୀଶିକ୍ଷକ ଲଗାତର କିଛି କ୍ଲାସ କରିବା ପରେ ଥକି ଯାଉଥିବାବେଳେ ଏଆଇ ଗୁରୁଜୀ ଥକିପଡ଼ିବେ ନାହିଁ କିମ୍ବା ବିରକ୍ତି ଭାବ ପ୍ରକାଶ କରିବେ ନାହିଁ। ଶିକ୍ଷୟିତ୍ରୀଶିକ୍ଷକ ନିର୍ଦ୍ଦିଷ୍ଟ ସମୟ ପାଇଁ ପାଠ ପଢ଼ାଉଥିବାବେଳେ ଜଣେ ଛାତ୍ର ଯେକୌଣସି ସମୟରେ ଏଆଇ ଶିକ୍ଷକଙ୍କ ପରାମର୍ଶ ନେଇପାରିବେ।

**- ଅଶ୍ୱିନୀ ପାଢ଼ୀ, ଏମ୍‌ଡି, ବ୍ରେନ୍‌ସ ଏଜୁକେଶନ**

**ପ୍ରସ୍ତୁତି: ଅନୁରାଧା ମହାରଣା**

**ଆଜିର ମନ୍ତବ୍ୟ**

"ଜଳବାୟୁ ପରିବର୍ତ୍ତନ ଆହ୍ୱାନ ମଧ୍ୟରେ ଭାରତୀୟ କୃଷକଙ୍କ ଅଧିକାର ସୁରକ୍ଷା ସମ୍ପର୍କିତ ଆଇନ ଅନେକ ଗୁରୁତ୍ୱ ବହନ କରୁଥିବାରୁ ସାରା ବିଶ୍ୱ ପାଇଁ ନମୁନା ହୋଇପାରେ।

– ଦ୍ରୌପଦୀ ମୁର୍ମୁ, ରାଷ୍ଟ୍ରପତି



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚଅଁର ପୋଖରୀ ଡଅଁର ଗଣ୍ଡରେ**
**ଭଅଁର କରିଛି ବସା**
**କେଉଁ କଥା ପାଇଁ କରିଲି ଆଶା**
**ଦାଣ୍ଡେ ହେଲି ଲୋକହସା।**

ମଣିଷର ଆଶା ସବୁବେଳେ ପୂରଣ ହୋଇ ନ ଥାଏ। ଆଶା ଅପୂରଣୀୟ ରହିଗଲେ ମନ ଭାଙ୍ଗି ଖଣ୍ଡବିଖଣ୍ଡିତ ହୋଇଯିବା ଥୟ। ବ୍ୟକ୍ତି ବେଳେବେଳେ କିଛି ଆଶା କରି ଭଲରୁ ଭେଲ ପାଇବା ଭଳି ଲୋକହସା ବା ଅପଦସ୍ଥ ହେବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଚାଲି ଯାଉଥାଏ ସରମକୁ**
**କଥା ହେଉଥାଏ ଭରମକୁ**
**ମରମ ଭିତରେ ଯାହା ହେଉଥାଏ**
**ସାକ୍ଷୀ ଦେଉଥାଏ ଧରମକୁ।**

ଲାଜେଇ ଭୁଲେଇ ଭାଲେଇ କଥା ହେଉଥିଲେ ମଧ୍ୟ ବ୍ୟକ୍ତିର ମରମ ଯେଉଁଥିପାଇଁ ଦହି ହେଉଥାଏ, ସେ ତାହା ପ୍ରକାଶ କରିପାରି ନ ଥାଏ। ଖାଲି ଧର୍ମକୁ ସାକ୍ଷୀ ରଖି ଚାଲିଥାଏ। ପ୍ରଗାଢ଼ ପ୍ରେମ ପ୍ରତି ଗଭୀରତା ଅନୁଭବ କଲାବେଳେ ଏମିତି ଭାବନା ମନକୁ ଆସିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

## ଭାରତ ବସୁଧୈବ କୁଟୁମ୍ବକମ୍‌ରେ ବିଶ୍ୱାସକରେ: ଧର୍ମେନ୍ଦ୍ର



**ଭୁବନେଶ୍ୱର, ୧୨।୯ (ସୁନିତ୍ ମିଶ୍ର)**

ଭାରତ ସର୍ବସ୍ପର୍ଶୀ, ସର୍ବବ୍ୟାପୀ ଓ ବସୁଧୈବ କୁଟୁମ୍ବକମ୍‌ରେ ବିଶ୍ୱାସକରେ ବୋଲି ଉତ୍ତରାଖଣ୍ଡର ଡେରାଡୁନ୍‌ରେ ୟୁପିଇଏସ୍ ବିଶ୍ୱବିଦ୍ୟାଳୟର 'ବିକଶିତ ଭାରତ ୨୦୪୭' ଶୀର୍ଷକ ଅମୃତକାଳ ବିମର୍ଶ ଆଲୋଚନାରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ଓ ଧର୍ମେନ୍ଦ୍ର ପ୍ରଧାନ ଡେରାଡୁନ୍‌ଠାରେ ବିଦ୍ୟା ସମୀକ୍ଷା କେନ୍ଦ୍ର ଲୋକାର୍ପଣ କରିବା ସହ ମଙ୍ଗଳବାର ପିଏମ୍ ଶ୍ରୀ ବିଦ୍ୟାଳୟ ଏବଂ ନେତାଜୀ ସୁଭାଷ ଚନ୍ଦ୍ର ଆବାସିକ ବିଦ୍ୟାଳୟର ଶିଳାନ୍ୟାସ କରିଛନ୍ତି। ଏହାସହ ମେଧାବୀ ଛାତ୍ରବୃତ୍ତି ମଧ୍ୟ ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ଧର୍ମେନ୍ଦ୍ର କହିଛନ୍ତି, ପ୍ରଯୁକ୍ତିବିଦ୍ୟା ଆଧାରିତ ଆଧୁନିକ ଡାଟା ଡ୍ରିଭେନ୍ ମଡେଲ ଓ ବିଦ୍ୟା ସମୀକ୍ଷା କେନ୍ଦ୍ର, ଉତ୍ତରାଖଣ୍ଡର ଥିବା ୨୩ ଲକ୍ଷରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ଶିକ୍ଷଣ ଫଳାଫଳରେ ଉନ୍ନତି ଆଣିବା ଦିଗରେ ଏହା ଏକ ପ୍ରଭାବଶାଳୀ ପଦକ୍ଷେପ ହେବ। ସେ ଆହୁରି କହିଛନ୍ତି, ଏକବିଂଶ ଶତାବ୍ଦୀରେ ଜ୍ଞାନ ଆଧାରିତ ଅର୍ଥନୀତି ପ୍ରସ୍ତୁତ କରିବା ଦିଗରେ ଜାତୀୟ ଶିକ୍ଷାନୀତି ଏକ ଦାର୍ଶନିକ ତତ୍ତ୍ୱ। ଜାତୀୟ ଶିକ୍ଷାନୀତି ଆଧାରରେ ୧୪୧ଟି ପିଏମ୍ ଶ୍ରୀ ବିଦ୍ୟାଳୟର ଶିଳାନ୍ୟାସ ଓ ମେଧାବୀ ଛାତ୍ରବୃତ୍ତି ଏବଂ ରାଜ୍ୟରେ ଗବେଷଣାକୁ ପ୍ରୋତ୍ସାହିତ କରିବା ଦିଗରେ ରାଜ୍ୟ ଗବେଷଣା ବୃତ୍ତି ପାଇଁ ଆର୍ଥିକ ପ୍ରବନ୍ଧନ କରାଯିବା ଉତ୍ତରାଖଣ୍ଡ ସରକାରଙ୍କ ଶିକ୍ଷାର ବିକାଶ ପ୍ରତି ପ୍ରାଥମିକତାକୁ ଦର୍ଶାଉଛି ବୋଲି ଧର୍ମେନ୍ଦ୍ର କହିଛନ୍ତି।

## ଶ୍ମଶାନରୁ ମୃତଦେହ ଜବତ କଲା ପୋଲିସ

**ଭବାନୀପାଟଣା, ୧୨।୯ (ଉତ୍ତମ କୁମାର ଦାଶ)**

**ବିଦ୍ୟୁତ୍ ଆଘାତରେ ଜଣେ ମୃତ**

କଳାହାଣ୍ଡି ଜିଲା କଲମପୁର ଥାନା ଅଧିନ ବନ୍ଧକନାଠାରେ ବିଦ୍ୟୁତ୍ ଆଘାତରେ ଜଣକଙ୍କର ମୃତ୍ୟୁ ଘଟିଛି। ପରିବାର ଲୋକ ଘଟଣାକୁ ଚପାଇ ଦେବା ପାଇଁ ପ୍ରୟାସ କରି ମୃତଦେହକୁ ଦାହ ସଂସ୍କାର କରିବା ପାଇଁ ଶ୍ମଶାନକୁ ନେଇଥିଲେ। ଖବରପାଇ କଲମପୁର ପୋଲିସ ଶ୍ମଶାନରୁ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜୟପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି।

ମିଳିଥିବା ସୂଚନା ଅନୁସାରେ, ବନ୍ଧକନା ଗ୍ରାମର ପରମାନନ୍ଦ ମାଝି ନିଜ ଘରକୁ ସଂଯୋଗ ହୋଇଥିବା ବିଦ୍ୟୁତ୍‌ରେ ସମସ୍ୟା ହେବା ଯୋଗୁଁ ନିକଟସ୍ଥ ଖୁଣ୍ଟରେ ଚଢି ମରାମତି କରୁଥିଲେ। ଏହି ସମୟରେ ସେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଯାଇ ଖୁଣ୍ଟ ତଳକୁ ଛିଟିକି ପଡିଥିଲେ। ପରିବାର ଲୋକ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ବନ୍ଧକନା ନୂତନ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। କିନ୍ତୁ ସେତେବେଳକୁ ପରମାନନ୍ଦଙ୍କ ମୃତ୍ୟୁ ହୋଇସାରିଥିଲା। ନିଜ ଭୁଲ ପାଇଁ ଏଭଳି ଘଟଣା ଘଟିବାରୁ ପରିବାର ଲୋକ ଘଟଣାକୁ ଚପାଇ ଦେବା ଉଦ୍ଦେଶ୍ୟରେ ମୃତଦେହକୁ ସତ୍କାର ପାଇଁ ଗାଁ ଶ୍ମଶାନକୁ ନେଇ ଯାଇଥିଲେ। କଲମପୁର ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୦/୨୩)ରୁଜୁ କରିଛି।

## ଭାରତ ପାଇଁ ମହଙ୍ଗା...

ପ୍ରଥମ ପୃଷ୍ଠାରୁ...

କିନ୍ତୁ ପ୍ରତ୍ୟକ୍ଷ ଭାବେ ରୁଷିଆର ଆକ୍ରମଣକୁ ନିନ୍ଦା କରାଯାଇ ନାହିଁ। ଭାରତ ମଧ୍ୟମପନ୍ଥୀ କୂଟନୀତି ଆପଣାଇ ଡିକ୍ଲାରେଶନ୍‌ରେ ଏଭଳି ଭାଷା ବ୍ୟବହାର କରିଛି, ଯଦ୍ୱାରା ବାଡ଼ି ଭାଙ୍ଗିବ ନାହିଁ କି ସାପ ମରିବ ନାହିଁ। ରୁଷିଆ ବହିର୍ବ୍ୟାପାର ମନ୍ତ୍ରୀ ସର୍ଗେଇ ଲାଭ୍ରୋଭ୍ ଉକ୍ତ ଘୋଷଣାନାମାକୁ ନୂଆଦିଲ୍ଲୀରେ ପ୍ରଶଂସା କରି ମସ୍କୋ ଯିବା ପରେ ଭାରତକୁ ରପ୍ତାନି କରାଯାଉଥିବା ସାର ମୂଲ୍ୟ ହଠାତ୍ ବଢ଼ିଯାଇଛି। ଏହାକୁ ଲାଭ୍ରୋଭ୍‌ଙ୍କ 'ନାଇଟ୍ରୋଜେନ୍ ଡିପ୍ଲୋମାସି' କୁହାଯାଉଛି।

ପୂର୍ବରୁ ୮୦ ଡଲାର ରିହାତି ଦେଉଥିବା ରୁଷୀୟ କମ୍ପାନୀଗୁଡ଼ିକ ଏବେ ୫ ଡଲାର ଛାଡ଼ିବାକୁ ମଧ୍ୟ ମଙ୍ଗୁନାହାନ୍ତି। ଫଳରେ ଜୁଲାଇରେ ରୁଷିଆରୁ ଟନ୍ ପିଛା ୪୪୦ ଡଲାରରେ ମିଳୁଥିବା ଡିଏପି ବର୍ତ୍ତମାନ ଭାରତୀୟ କ୍ରେତାମାନଙ୍କ ପାଇଁ ୫୭୦ ଡଲାରରେ ପହଞ୍ଚିଛି। ମୁମ୍ବାଇସ୍ଥିତ ଏକ ସାର କମ୍ପାନୀର ଜଣେ ଅଧିକାରୀଙ୍କ କହିବା ହେଲା, ବିଶ୍ୱ ବଜାରରେ ଗତ ୨ ମାସ ହେଲା ସାର ଦାମ୍ ବଢ଼ିବାରେ ଲାଗିଛି। ଆସନ୍ତା ଶୀତଋତୁରେ ଗହମ ଚାଷ ଲାଗି ଡିଏପି ଚାହିଦା ବଢ଼ିଲେ ପର୍ଯ୍ୟାପ୍ତ ପରିମାଣର ସାର ମହଜୁଦ ରଖିବା ଭାରତୀୟ କମ୍ପାନୀଗୁଡ଼ିକ ପାଇଁ ଚ୍ୟାଲେଞ୍ଜ ହୋଇଯିବ। ଗତ ଜୁଲାଇରେ ବୈଶ୍ୱିକ ଯୋଗାଣକାରୀମାନେ ୟୁରିଆ ଟନ୍ ପିଛା ପ୍ରାୟ ୩୦୦ ଡଲାରରେ ଦେଉଥିଲେ। କିନ୍ତୁ ସେମାନେ ଏବେ ଟନ୍ ପ୍ରତି ୪୦୦ ଡଲାର ଦାବି କରୁଛନ୍ତି। ଅନ୍ୟପକ୍ଷେ ଏସିଆର ଅନ୍ୟ କମ୍ପାନୀଗୁଡ଼ିକୁ ମଧ୍ୟ ଏହି ଦରରେ ଡିଏପି ଯୋଗାଇ ଦିଆଯାଉଥିବା ଜଣେ ରୁଷୀୟ ଅଧିକାରୀ କହିଛନ୍ତି। ଅର୍ଥାତ୍ ଭାରତ ପାଇଁ କୌଣସି ସ୍ୱତନ୍ତ୍ର ଦର ନିର୍ଦ୍ଧାରିତ ହୋଇନାହିଁ। ମିଜୋରାମ, ଛତିଶଗଡ଼, ମଧ୍ୟପ୍ରଦେଶ, ରାଜସ୍ଥାନ, ତେଲଙ୍ଗାନା, ଆନ୍ଧ୍ରପ୍ରଦେଶ, ଅରୁଣାଚଳ ପ୍ରଦେଶ, ସିକିମ୍ ଏବଂ ଓଡ଼ିଶା ବିଧାନସଭା ଭୋଟ ସମେତ ଲୋକ ସଭା ନିର୍ବାଚନ ପୂର୍ବରୁ ସାର ମୂଲ୍ୟରେ ବୃଦ୍ଧି ଭାଜପାକୁ ଅଡୁଆରେ ପକାଇପାରେ। ଏବେ କୃଷକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାରଙ୍କ ନିକଟରେ ସାର ଉପରେ ସବ୍‌ସିଡି ଦେବା ବ୍ୟତୀତ ଅନ୍ୟ ବିକଳ୍ପ ନାହିଁ ବୋଲି କୁହାଯାଉଛି।

# ବିଚାର ପ୍ରକ୍ରିୟାରେ ବାଧା ଦିଆଯାଇପାରିବନି: ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୧୨।୯ (କୁଲ୍‌ଦୀପ ସିଂ)**

କୌଣସି ପରିସ୍ଥିତିରେ କୋର୍ଟର ବିଚାର ପ୍ରକ୍ରିୟାକୁ ବାଧା ଦିଆଯାଇପାରିବ ନାହିଁ ବୋଲି ମଙ୍ଗଳବାର ସର୍ବୋଚ୍ଚ ଅଦାଲତ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଏଥିସହିତ ଜଣେ ଆଇନଜୀବୀଙ୍କ ପରଲୋକ ପରେ ଦିନକ ପାଇଁ ବିଚାର କାର୍ଯ୍ୟ ବନ୍ଦ କରିଥିବା ରାୟଗଡ଼ା ଓକିଲ ସଂଘର ସଭାପତି ଏବଂ ସମ୍ପାଦକଙ୍କୁ ସୁପ୍ରିମକୋର୍ଟ ନୋଟିସ ଜାରି କରିଛନ୍ତି। ଏପରି କି ଓଡ଼ିଶାରେ ବିଭିନ୍ନ କୋର୍ଟରେ ଆନ୍ଦୋଳନ ଏବଂ ପିକେଟିଂ କରି ବିଚାର କାର୍ଯ୍ୟ ପ୍ରଭାବିତ କରୁଥିବା ଓକିଲ ସଂଘଗୁଡ଼ିକୁ ସତ୍ୟପାଠ ଜରିଆରେ ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରିବାକୁ ବିଚାରପତି ଏସ୍.କେ. କଉଲ ଏବଂ ସୁଧାଂଶୁ ଧୂଲିଆଙ୍କୁ ନେଇ ଗଠିତ ଖଣ୍ଡପୀଠ ୨ସପ୍ତାହ ସମୟ ଦେଇଛନ୍ତି।

କିଛି ଦିନ ହେବ କେବଳ ରାୟଗଡ଼ା ଓକିଲ ସଂଘକୁ ଛାଡ଼ିଲେ ଓଡ଼ିଶାର ଅନ୍ୟ କୌଣସି ବାର୍‌ରେ ଷ୍ଟ୍ରାଇକ୍ ହୋଇ ନ ଥିବା ଜଣାପଡ଼ିଛି। ରାୟଗଡ଼ାରେ ଜଣେ ଆଇନଜୀବୀ ସଦସ୍ୟଙ୍କ ପରଲୋକ ଘଟିବାରୁ ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ କେବଳ ଗୋଟେ ଦିନ ବିଚାର ପ୍ରକ୍ରିୟାକୁ ବନ୍ଦ କରାଯାଇଥିଲା। ତେବେ ଏହା ମଧ୍ୟ ଗ୍ରହଣୀୟ ନୁହେଁ ବୋଲି ସର୍ବୋଚ୍ଚ ଅଦାଲତ କହିବା ସହ ଉକ୍ତ ସଂଘର ସଭାପତି, ସମ୍ପାଦକଙ୍କୁ ନୋଟିସ ଜାରି କରିଛନ୍ତି। ଏଥିସହ ଓଡ଼ିଶା ହାଇକୋର୍ଟଙ୍କୁ ମଧ୍ୟ ଏସମ୍ପର୍କରେ ବିସ୍ତୃତ ରିପୋର୍ଟ ଦାଖଲ କରିବାକୁ କହିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ନଭେମ୍ବର ୭କୁ ଧାର୍ଯ୍ୟ କରାଯାଇଛି।

ପ୍ରକାଶ ଯେ, ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରେ ଗତ ଜାନୁୟାରୀରେ ସମ୍ବଲପୁର ବାର୍ ଆସୋସିଏଶନ ପକ୍ଷରୁ ଜିଲା କୋର୍ଟ ପରିସରରେ ଆନ୍ଦୋଳନ, ଭଙ୍ଗାରୁଜା କରାଯାଇଥିଲା। ଏହି ଘଟଣାରେ ସମ୍ପୃକ୍ତ ୧୯୧ ଆଇନଜୀବୀଙ୍କୁ ସୁପ୍ରିମ୍‌କୋର୍ଟ ଅଦାଲତ ଅବମାନନା ନୋଟିସ ଜାରି କରିଥିଲେ। ଏପରି କି ଫେବୃୟାରୀରେ ଆନ୍ଦୋଳନରେ ସମ୍ପୃକ୍ତ ଆଇନଜୀବୀଙ୍କ ଦ୍ୱାରା କରାଯାଇଥିବା ନିଃସର୍ତ୍ତ କ୍ଷମା ପ୍ରାର୍ଥନାକୁ କୋର୍ଟ ଗ୍ରହଣ କରି ନ ଥିଲେ। ନିଃସର୍ତ୍ତ କ୍ଷମା ପ୍ରାର୍ଥନା ବାସ୍ତବରେ ହୃଦୟରୁ କରାଯାଉଛି କି ମାମଲାରୁ ବର୍ତ୍ତିବା ପାଇଁ ଆଇନଜୀବୀମାନେ କରୁଛନ୍ତି, ତାହା ଏବେଠାରୁ ବିଚାର କରିବା ଉଚିତ ହେବ ନାହିଁ ବୋଲି କୋର୍ଟ ସେତେବେଳେ କହିଥିଲେ।

## ଘର ଭୁଶୁଡ଼ି ମହିଳା ମୃତ

**ଲାଞ୍ଜିଗଡ, ୧୨।୯ (ରମେଶ ଚନ୍ଦ୍ର ନାୟକ):** କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଛତ୍ରପୁର ପଞ୍ଚାୟତ ଅନ୍ତର୍ଗତ ହରେକୃଷ୍ଣପୁର ଗ୍ରାମରେ ମଙ୍ଗଳବାର ଅପରାହ୍ନରେ ପ୍ରବଳ ବର୍ଷା ଯୋଗୁ ଘର ଭୁଶୁଡି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସ୍ୱର୍ଗତ ଶ୍ୟାମ ପରାଭୋଇଙ୍କ ଝିଅ ବନିତାପରାଭୋଇ। ଲାଞ୍ଜିଗଡ ଅଞ୍ଚଳରେ ମଙ୍ଗଳବାର ସକାଳଠାରୁ ପ୍ରବଳ ବର୍ଷା ଲାଗି ରହିଥିଲା। ପୂର୍ବାହ୍ନ ୧୦ଟାରେ ହରେକୃଷ୍ଣପୁର ଗ୍ରାମର ବନିତା ଘରେ ରୋଷେଇ କରୁଥିବା ସମୟରେ ମାଟିକାନ୍ଥ ଛପର ଭାଙ୍ଗି ପଡିଥିଲା। ଏହା ତଳେ ସେ ରହି ଯାଇଥିଲେ। ପରିବାର ଓ ଗାଁ ଲୋକଙ୍କ ସହଯୋଗରେ ପ୍ରାୟ ୪୦ ମିନିଟ ପରେ ଉଦ୍ଧାର କରାଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଲାଞ୍ଜିଗଡ ପରେ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟ ନିଆଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ବିଶାଖାପାଟଣା ଡାକ୍ତରଖାନାକୁ ସ୍ଥାନାନ୍ତର ବେଳେ ଅଧାରାସ୍ତାରେ ମୃତ୍ୟୁ ଘଟିଥିଲା। ସ୍ୱର୍ଗତ ଶ୍ୟାମ ପରାଭୋଇ ହରେକୃଷ୍ଣପୁର ଗ୍ରାମର ମୂଳ ବାସିନ୍ଦା ହୋଇଥିବାବେଳେ ଆଜକୁ ୧୫ ବର୍ଷ ହେଲା ଘର ଖଣ୍ଡିଏ ପାଇଁ ପଞ୍ଚାୟତ ଓ ବ୍ଲକ କାର୍ଯ୍ୟାଳୟକୁ ଦୌଡ଼ି ନୟାନ୍ତ ହୋଇଥିଲେ। ଘର ପାଇଁ ଅପେକ୍ଷା କରି କରି ଗତ ଜୁଲାଇ ମାସରେ ଶ୍ୟାମ ପରାଭୋଇଙ୍କ ମୃତ୍ୟୁ ଘଟିଥିଲା। ସ୍ତ୍ରୀ ଭୂମିସୁତା ପରାଭୋଇ ପୁଅ ହରିବନ୍ଧୁ ପରାଭୋଇ, ଯୋଗୀ ପରାଭୋଇ, ବସନ୍ତ ପରାଭୋଇ, କୈଳାସ ପରାଭୋଇ, ମଣ୍ଟୁ ପରାଭୋଇ ପ୍ରମୁଖ ଏହି ଭଙ୍ଗା କୁଡ଼ିଆ ଘରେ ନିଜ ଗୁଜୁରାଣ ମେଣ୍ଟାଉଥିଲେ। ବନିତା ଦୁଇବର୍ଷ ତଳେ କେସିଙ୍ଗା ବ୍ଲକର ଲୋଇତରା ଗ୍ରାମର ପପୁ ପରାଭୋଇକୁ ବିବାହ ଦେଇଥିଲେ। କିଛିଦିନ ହେଲା ସ୍ୱାମୀ ଓ ଦେଢ଼ ବର୍ଷର ଶିଶୁପୁତ୍ର ସହିତ ବାପଘରକୁ ବନିତା ଆସିଥିଲେ। ରୋଷେଇ କରୁଥିବା ସମୟରେ ଘର ଭୁଶୁଡ଼ି ପଡିବାରୁ ଏଭଳି ଦୁଃଖଦ ଘଟଣା ଘଟିଛି। ପ୍ରଶାସନ ତୁରନ୍ତ ସହାୟତା ଯୋଗାଇଦେବା ସହ ଆବାସ ଯୋଜନାରେ ଘର ଦେବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଜଣେ ବ୍ୟକ୍ତି ୨ଟି ସ୍କୁଲରେ ପ୍ରଧାନଶିକ୍ଷକ

- ଏକାସାଙ୍ଗରେ କାର୍ଯ୍ୟରତ
- ସୂଚନା ଅଧିକାର ଆଇନରୁ ଧରାପଡିଲା ସତ
- ଶିକ୍ଷା ବିଭାଗ,ପୋଲିସରେ ଅଭିଯୋଗ

**ଜୁନାଗଡ଼, ୧୨।୯ (ସୁନୀଲ କୁମାର ସିଂହ)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଶିକ୍ଷା ବିଭାଗରେ କାର୍ଯ୍ୟରତ ଜଣେ ପ୍ରଧାନ ଶିକ୍ଷକ ଏକାସାଙ୍ଗରେ ୨ଟି ସ୍କୁଲରେ କାର୍ଯ୍ୟରତ ଥିବା ସୂଚନା ଅଧିକାର ଆଇନ ବଳରେ ଜଣାପଡିଛି। ସମ୍ପୃକ୍ତ ଶିକ୍ଷକ ଜଣକ ଏକା ସାଙ୍ଗରେ ଗୋଟିଏ ବେସରକାରୀ ହାଇସ୍କୁଲ ଓ ସରକାରୀ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଥିବା ଘଟଣା ଏବେ ଚର୍ଚ୍ଚାର ବିଷୟ ହୋଇଛି। ଜଣେ ବ୍ୟକ୍ତି ଏକାସଙ୍ଗରେ ୨ଟି ବିଦ୍ୟାଳୟରେ ପ୍ରଧାନଶିକ୍ଷକ ହେଲେ କିପରି ତାହା ପ୍ରଶ୍ନ ଉଠୁଛି। ସୂଚନା ଅଧିକାର ଆଇନବଳରେ ଏହା ଜଣାପଡିବା ପରେ ଏହାକୁ ନେଇ ସ୍ଥାନୀୟ ସାମାଜିକ କର୍ମୀ ଦେବରାଜ ବାଣୁଆ ଶିକ୍ଷା ବିଭାଗ,ଏସପି ଓ ଆଇଆଇସିଙ୍କଠାରେ ଲିଖିତ ଅଭିଯୋଗ କରିଛନ୍ତି। ସେ ଏହି ନିଯୁକ୍ତିକୁ ଜାଲ ଦର୍ଶାଇବା ସହ ଘଟଣାର ତଦନ୍ତ କରିବାକୁ ଦାବି କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଜୁନାଗଡ ବ୍ଲକ ମାକରଶୋଲା ଗ୍ରାମର ଅରୁଣ କୁମାର ମୁଣ୍ଡ ଭଇଁରୀଗୁଡା ପଞ୍ଚାୟତ ହାଇସ୍କୁଲରେ ଗତ ୨୦୦୪ରୁ ୨୦୧୦ ପର୍ଯ୍ୟନ୍ତ ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟରତ ଥିବା ସୂଚନା ଅଧିକାର ଆଇନ ବଳରେ ଜଣାପଡିଛି। ସେହିପରି ଏହି ସମୟର ୨୦୦୮/୦୯ ମସିହାରେ ସମ୍ପୃକ୍ତ ପ୍ରଧାନ ଶିକ୍ଷକ ଜୁନାଗଡ ବ୍ଲକର ପାଣିଗାଁ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ମଧ କାର୍ଯ୍ୟରତ ଥିବା ସୂଚନା ଅଧିକାର ଆଇନ ବଳରୁ ଜଣାପଡିଛି। ଏକାସାଙ୍ଗରେ ଜଣେ ପ୍ରଧାନଶିକ୍ଷକ ବେସରକାରୀ ହାଇସ୍କୁଲ ଓ ସରକାରୀ ପ୍ରାଥମିକ ବିଦ୍ୟାଳୟରେ କିପରି କାର୍ଯ୍ୟରତ ଥିଲେ ତାହାକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ଏହି ଘଟଣାରେ ଜିଲା ପ୍ରଶାସନ ତଥା ଜିଲା ଶିକ୍ଷା ବିଭାଗ ଦୃଷ୍ଟିଦେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

## ଘାସବୁଦା ବଞ୍ଚାଇଦେଲା ଜୀବନ

**ସେଲ୍‌ଫି ନେବାବେଳେ ମହାନଦୀରେ ଖସିପଡ଼ିଥିଲେ**

**ସମ୍ବଲପୁର ୧୨।୯ (ଶୁଭାଶିଷ ପାଢ଼ୀ)**

ମୋବାଇଲରେ ସେଲ୍‌ଫି ନେଉଥିଲି। ହେଲେ ମୁଣ୍ଡ ବୁଲାଇବାରୁ ବ୍ରିଜ୍ ଉପରୁ ମହାନଦୀ ପାଣିରେ ପଡି ଯାଇଥିଲି। ମୃତ୍ୟୁ ନିଶ୍ଚିତ ବୋଲି ଭାବି ନେଇଥିଲି। ହେଲେ ଜୀବନ ପାଇଁ ଲଢେଇ କରିବି ବୋଲି ଭାବିନେଲି। ସାମାନ୍ୟ ପହଁରା ଜାଣିଥିଲେ ବି ବାର୍ଦ୍ଧକ୍ୟ ଯୋଗୁ ବେଶୀ ସମୟ ପାଣିରେ ପହଁରି ହେଉ ନ ଥିଲା। କେବଳ ମୁଣ୍ଡ ଉପରକୁ କରି ପାଣି ସ୍ରୋତରେ ତଳପଟକୁ ଭାସିଯାଇଥିଲି। ପ୍ରାୟ ୨ କିମି ଦୂର ଚାଉଁରପୁର ଗ୍ରାମ ପଟକୁ ଭାସିବା ପରେ ଏକ ଘାସ ବୁଦା ହାତରେ ପଡିଥିଲା। ତାହାକୁ ଧରି ପ୍ରାୟ ୧ଘଣ୍ଟା ସାହାରା ନେଇଥିଲି। ପରେ ଅଗ୍ନିଶମ ବିଭାଗ ପହଞ୍ଚି ମୋତେ ଉଦ୍ଧାର କଲେ ବୋଲି ମଙ୍ଗଳବାର ମହାନଦୀରେ ଭାସିଯାଇଥିବା ବୃଦ୍ଧ ସମ୍ବଲପୁର ଏସ୍ଆର୍‌ଆଇଟି କଲୋନୀର ୬୮ ବର୍ଷୀୟ ସୁରେନ୍ଦ୍ର ମୋହନ ମିଶ୍ର କହିଛନ୍ତି। ସୁରେନ୍ଦ୍ର ଜଣେ ସରକାରୀ କର୍ମଚାରୀ ଭାବେ ଅବସର ଗ୍ରହଣ କରିଛନ୍ତି।



ସୁରେନ୍ଦ୍ରଙ୍କୁ ମହାନଦୀରୁ ଉଦ୍ଧାର କରି ଅଣାଯାଉଛି।

ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁସାରେ ସକାଳ ପ୍ରାୟ ୬ଟା ସମୟରେ ଚାଉଁରପୁର ମହାନଦୀ ଦ୍ୱିତୀୟ ସେତୁ ମଧ୍ୟସ୍ଥଳରେ ଓଡି୧୫-୫୭୭୯ ନମ୍ବର ବିଶିଷ୍ଟ ଏକ ଆକ୍ଟିଭା ସହ ହଳେ ଜୋତା ରହିଥିବା ଦେଖାଯାଇଥିଲା। ବ୍ରିଜ୍ ଉପରୁ ମହାନଦୀକୁ କେହି ଡେଇଁପଡିଥିବା ସନ୍ଦେହ କରି ପୋଲିସ ଓ ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲୁ। ଖବର ପାଇ ଟାଉନ ଥାନା ଅଧିକାରୀ ଓ ଅଗ୍ନିଶମ ସେବା କେନ୍ଦ୍ରର ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲେ। ଅଗ୍ନିଶମ କର୍ମଚାରୀ ତତ୍ପରତା ଦେଖାଇ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ପ୍ରାୟ ଏକଘଣ୍ଟା ପରିଶ୍ରମ କରିବା ପରେ ପାଣିରେ ଭାସୁଥିବା ଅବସ୍ଥାରେ ସୁରେନ୍ଦ୍ରଙ୍କୁ ଉଦ୍ଧାର କରାଯାଇଥିଲା। ଜିଲା ସଦର ଡାକ୍ତରଖାନାରେ ସେ ଏବେ ଚିକିତ୍ସିତ ହେଉଛନ୍ତି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ଆତ୍ମହତ୍ୟା ଉଦ୍ୟମ ନା ଅସାବଧାନତାରୁ ପଡିଗଲେ ତାହା ସ୍ପଷ୍ଟ ହୋଇ ନାହିଁ ବୋଲି ଅଗ୍ନିଶମ ବିଭାଗ ସୂଚନା ଦେଇଛି। ଅନ୍ୟପକ୍ଷେ ସେଲ୍‌ଫି ନେବାବେଳେ ସୁରେନ୍ଦ୍ର ନଦୀରେ ଖସିପଡିଥିବା ସ୍ଥାନୀୟ ଲୋକେ ଆଲୋଚନା କରୁଛନ୍ତି।

# ୪୦% ଏମ୍‌ପିଙ୍କ ନାଁରେ ଅପରାଧିକ ମାମଲା

**ନୂଆଦିଲ୍ଲୀ, ୧୨।୯ (ପି.ଟି.)**

**ଏଡିଆର୍ ରିପୋର୍ଟ**

**ହାରାହାରି ସମ୍ପତ୍ତି ୩୮.୩୩ କୋଟି**

ଭାରତର ୪୦ ପ୍ରତିଶତ ଏମ୍‌ପିଙ୍କ ନାଁରେ ଅପରାଧିକ ମାମଲା ରୁଜୁ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୨୫ ପ୍ରତିଶତଙ୍କ ବିରୋଧରେ ହତ୍ୟା, ହତ୍ୟା ଉଦ୍ୟମ, ଅପହରଣ ଏବଂ ମହିଳା ବିରୋଧୀ ଅପରାଧ ଭଳି ଗୁରୁତର ଅପରାଧ ରହିଥିବା ସେମାନେ ଘୋଷଣା କରିଛନ୍ତି। ଆସୋସିଏଶନ ଫର୍ ଡେମୋକ୍ରାଟିକ୍ ରିଫର୍ମସ (ଏଡିଆର୍) ରିପୋର୍ଟରେ ଏହା କୁହାଯାଇଛି। ଲୋକ ସଭା ଏବଂ ରାଜ୍ୟ ସଭା ସଦସ୍ୟମାନଙ୍କ ମୁଣ୍ଡପିଛା ହାରାହାରି ସମ୍ପତ୍ତି ୩୮.୩୩ କୋଟି ଟଙ୍କା ହୋଇଥିବାବେଳେ ୫୩ ଜଣ ଏମ୍‌ପି (୭ ପ୍ରତିଶତ) ବିଲିୟନେୟାର ବୋଲି ଏଡିଆର୍ କହିଛି। ଲୋକ ସଭା ଓ ରାଜ୍ୟ ସଭାରେ ମୋଟ ୭୭୬ ସଦସ୍ୟ ରହିଥିବାବେଳେ ସେମାନଙ୍କ ମଧ୍ୟରୁ ୭୬୩ ଜଣ ଦାଖଲ କରିଥିବା ସତ୍ୟପାଠକୁ ଏଡିଆର୍ ଏବଂ ନ୍ୟାଶନାଲ ଇଲେକ୍ସନ ୱାଚ୍ (ଏନ୍‌ଇଡବ୍ଲୁ) ଅନୁଶୀଳନ କରିଥିଲେ। ବର୍ତ୍ତମାନ ୪ ଲୋକ ସଭା ଓ ଗୋଟିଏ ରାଜ୍ୟ ସଭା ଆସନ ଖାଲି ଥିବାବେଳେ ଜମ୍ମୁ-କଶ୍ମୀରର ୪ ରାଜ୍ୟ ସଭା ଆସନ ସମ୍ପର୍କରେ ସ୍ପଷ୍ଟ କରାଯାଇ ନାହିଁ। ସେହିପରି ଦସ୍ତାବିଜ ଉପଲବ୍ଧ ନ ହେବାରୁ ଜଣେ ଲୋକ ସଭା ସଦସ୍ୟ ଓ ୩ ରାଜ୍ୟ ସଭା ସଦସ୍ୟଙ୍କ ସତ୍ୟପାଠକୁ ବିଶ୍ଳେଷଣ କରାଯାଇ ନାହିଁ।

ରିପୋର୍ଟ ଅନୁଯାୟୀ, ୭୬୩ ଏମ୍‌ପିଙ୍କ ମଧ୍ୟରୁ ୩୦୬ ଜଣ ଅର୍ଥାତ୍ ୪୦ ପ୍ରତିଶତ ସେମାନଙ୍କ ବିରୋଧରେ ଆପରାଧିକ ମାମଲା ଥିବା ନେଇ ସତ୍ୟପାଠରେ ଦର୍ଶାଇଛନ୍ତି। ସେହିପରି ୧୯୪ ଏମ୍‌ପି (୨୫ ପ୍ରତିଶତ)ଙ୍କ ନାଁରେ ଗମ୍ଭୀର ଅପରାଧ ମାମଲା ରହିଥିବା ସେମାନେ ଘୋଷଣା କରିଛନ୍ତି। କେରଳର ୨୯ ଏମ୍‌ପିଙ୍କ ମଧ୍ୟରୁ ୨୩ ଜଣଙ୍କ ନାଁରେ ଆପରାଧିକ ମାମଲା ଥିବାବେଳେ ବିହାରର ୫୬ ଏମ୍‌ପିଙ୍କ ମଧ୍ୟରୁ ୪୧, ମହାରାଷ୍ଟ୍ରର ୬୫ ଏମ୍‌ପିଙ୍କ ମଧ୍ୟରୁ ୩୭, ତେଲଙ୍ଗାନାର ୨୪ ଏମ୍‌ପିଙ୍କ ମଧ୍ୟରୁ ୧୩ ଏବଂ ଦିଲ୍ଲୀର ୧୦ ଏମ୍‌ପିଙ୍କ ମଧ୍ୟରୁ ୫ ଜଣଙ୍କ ନାଁରେ ଆପରାଧିକ ମାମଲା ରହିଛି। ସେହିପରି ବିହାରର ୨୮, ତେଲଙ୍ଗାନାର ୯, କେରଳର ୧୦, ମହାରାଷ୍ଟ୍ରର ୨୨, ଉତ୍ତରପ୍ରଦେଶର ୩୭ ଏମ୍‌ପିଙ୍କ ନାଁରେ ଗମ୍ଭୀର ଅପରାଧ ମାମଲା ରହିଛି।

ଦଳ ଅନୁଯାୟୀ ଦେଖିଲେ ଭାଜପାର ମୋଟ ୩୮୫ ଏମ୍‌ପିଙ୍କ ମଧ୍ୟରୁ ୧୩୯ ଜଣ (୩୬%), କଂଗ୍ରେସର ୮୧ ଏମ୍‌ପିଙ୍କ ମଧ୍ୟରୁ ୪୩(୫୩%), ଟିଏମ୍‌ସିର ୩୬ ଏମ୍‌ପିଙ୍କ ମଧ୍ୟରୁ ୧୪ (୩୯%), ଆର୍‌ଜେଡିର ୬ ଏମ୍‌ପିଙ୍କ ମଧ୍ୟରୁ ୫ ଜଣ (୮୩%), ସିପିଆଇ(ଏମ୍)ର ୮ ଏମ୍‌ପିଙ୍କ ମଧ୍ୟରୁ ୬ (୭୫%), ଏଏପିର ୧୧ ଏମ୍‌ପିଙ୍କ ମଧ୍ୟରୁ ୩ ଜଣ (୨୭%), ୱାଇଏସ୍ଆର୍‌ସିପିର ୩୧ ଏମ୍‌ପିଙ୍କ ମଧ୍ୟରୁ ୧୩ ଜଣ (୪୨%) ଏବଂ ଏନ୍‌ସିପିର ୮ ଏମ୍‌ପିଙ୍କ ମଧ୍ୟରୁ ୩ ଜଣ (୩୮%)ଙ୍କ ନାଁରେ ଆପରାଧିକ ମାମଲା ରହିଛି। ସେହିପରି ଭାଜପାର ୯୮ ଏମ୍‌ପି (୨୫%), କଂଗ୍ରେସର ୨୬ (୩୨%), ଟିଏମ୍‌ସିର ୭ ଏମ୍‌ପି (୧୯%), ଆର୍‌ଜେଡିର ୩ ଏମ୍‌ପି (୫୦%), ସିପିଆଇ(ଏମ୍)ର ୨ ଏମ୍‌ପି(୨୫%), ଏଏପିର ଜଣେ (୯%), ୱାଇଏସ୍ଆର୍‌ସିପିର ୧୧ ଏମ୍‌ପି (୩୫%) ଏବଂ ଏନ୍‌ସିପିର ୨ ଏମ୍‌ପି (୨୫%)ଙ୍କ ନାଁରେ ଗମ୍ଭୀର ଅପରାଧ ଥିବା ସେମାନେ ସତ୍ୟପାଠରେ ଘୋଷଣା କରିଛନ୍ତି। ୧୧ ଏମ୍‌ପିଙ୍କ ନାଁରେ ହତ୍ୟା ମାମଲା ଥିବାବେଳେ ୩୨ ଜଣଙ୍କ ବିରୋଧରେ ହତ୍ୟା ଉଦ୍ୟମ ମାମଲା, ୨୧ ଏମ୍‌ପିଙ୍କ ନାଁରେ ମହିଳା ବିରୋଧୀ ଅପରାଧ ମାମଲା ରହିଥିବାବେଳେ ୪ ଜଣଙ୍କ ନାଁରେ ବଳାତ୍କାର ମାମଲା ରହିଥିବା ସେମାନେ ଘୋଷଣା କରିଛନ୍ତି।

ସମ୍ପତ୍ତି ଦୃଷ୍ଟିରୁ ଦେଖିଲେ ତେଲଙ୍ଗାନା ଏମ୍‌ପିମାନେ ସବୁଠୁ ଧନୀ। ସେଠାର ୨୪ ଏମ୍‌ପିଙ୍କ ହାରାହାରି ସମ୍ପତ୍ତି ୨୬୨.୨୬ କୋଟି ଟଙ୍କା ହୋଇଥିବାବେଳେ ଆନ୍ଧ୍ରପ୍ରଦେଶର ୩୬ ଏମ୍‌ପିଙ୍କ ହାରାହାରି ସମ୍ପତ୍ତି ୧୫୦.୭୬ କୋଟି ଏବଂ ପଞ୍ଜାବର ୨୦ ଏମ୍‌ପିଙ୍କ ହାରାହାରି ସମ୍ପତ୍ତି ୮୮.୯୪ କୋଟି ଟଙ୍କା ରହିଛି। ଲାକ୍ଷାଦ୍ୱୀପର ଜଣେ ଏମ୍‌ପିଙ୍କ ହାରାହାରି ସମ୍ପତ୍ତି ସର୍ବନିମ୍ନ ୯.୩୮ ଲକ୍ଷ ଟଙ୍କା ହୋଇଥିବାବେଳେ ତ୍ରିପୁରାର ୩ ଏମ୍‌ପିଙ୍କ ହାରାହାରି ସମ୍ପତ୍ତି ୧.୦୯ କୋଟି ଏବଂ ମଣିପୁରର ୩ ଏମ୍‌ପିଙ୍କ ହାରାହାରି ସମ୍ପତ୍ତି ୧.୧୨ କୋଟି ଟଙ୍କା ରହିଛି। ବୃହତ୍ ଦଳଗୁଡ଼ିକ ମଧ୍ୟରୁ ଭାଜପାର ୩୮୫ ଏମ୍‌ପିଙ୍କ ହାରାହାରି ସମ୍ପତ୍ତି ପରିମାଣ ୧୮.୩୧ କୋଟି ଟଙ୍କା ହୋଇଥିବାବେଳେ ୮୧ କଂଗ୍ରେସ ଏମ୍‌ପିଙ୍କ ହାରାହାରି ସମ୍ପତ୍ତି ୩୯.୧୨ କୋଟି, ୩୬ ଟିଏମ୍‌ସି ଏମ୍‌ପିଙ୍କ ହାରାହାରି ସମ୍ପତ୍ତି ୮.୭୨ କୋଟି, ୩୧ ୱାଇଏସ୍ଆର୍‌ସିପି ଏମ୍‌ପିଙ୍କ ହାରାହାରି ସମ୍ପତ୍ତି ୧୫୩.୭୬ କୋଟି, ୧୬ ବିଆର୍‌ଏସ୍ ଏମ୍‌ପିଙ୍କ ହାରାହାରି ସମ୍ପତ୍ତି ୩୮୩.୫୧ କୋଟି, ୮ ଏନ୍‌ସିପି ଏମ୍‌ପିଙ୍କ ହାରାହାରି ସମ୍ପତ୍ତି ୩୦.୧୧ କୋଟି ଏବଂ ୧୧ ଏଏପି ଏମ୍‌ପିଙ୍କ ହାରାହାରି ସମ୍ପତ୍ତି ୧୧୯.୮୪ କୋଟି ଟଙ୍କା ବୋଲି ସେମାନେ ସତ୍ୟପାଠରେ ଦର୍ଶାଇଥିବା ଏଡିଆର୍ ରିପୋର୍ଟରେ କୁହାଯାଇଛି। ୫୩ ଜଣ ବିଲିୟନେୟାର ଏମ୍‌ପିଙ୍କ ମଧ୍ୟରୁ ତେଲଙ୍ଗାନାରୁ ୭ ଜଣ ରହିଥିବାବେଳେ ଆନ୍ଧ୍ରପ୍ରଦେଶରୁ ୯, ଦିଲ୍ଲୀରୁ ୨, ପଞ୍ଜାବରୁ ୪, ଉତ୍ତରାଖଣ୍ଡରୁ ଜଣେ, ମହାରାଷ୍ଟ୍ରରୁ ୬ ଏବଂ କର୍ଣ୍ଣାଟକରୁ ୩ ଜଣ ରହିଛନ୍ତି। ଭାଜପାର ୧୪ ଏମ୍‌ପି ବିଲିୟନେୟାର ହୋଇଥିବାବେଳେ କଂଗ୍ରେସର ୬, ବିଆର୍‌ଏସ୍‌ର ୭, ୱାଇଏସ୍ଆର୍‌ସିପିର ୭, ଏଏପିର ୩, ଏସ୍‌ଏଡିର ୨, ଏଆଇଟିସିର ଜଣେ ମନ୍ତ୍ରୀଙ୍କ ସମ୍ପତ୍ତି ୧୦୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଥିବା ସତ୍ୟପାଠରେ ଉଲ୍ଲେଖ କରିଛନ୍ତି। ୭୬୩ ଏମ୍‌ପିଙ୍କ ମୋଟ ସମ୍ପତ୍ତି ପରିମାଣ ୨୯,୨୫୧ କୋଟି ଟଙ୍କା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**

ଆଜି ଶନିଙ୍କ ଦୃଷ୍ଟିରେ ଚନ୍ଦ୍ର ଥିବାରୁ ଘର କଥା ନେଇ ମନ ଚିନ୍ତାକୁଳ ରହିବ। ଅତୀତ କଥା ସ୍ମରଣ କରି ଭାବପ୍ରବଣ ହେବେ। ପରିବହନରେ ପ୍ରତିଯୋଗିତା ମନୋଭାବ ଯୋଗୁ ସମାଲୋଚନାରୁ ବାଦ୍ ପଡ଼ିବେ ନାହିଁ। ବନ୍ଧୁଙ୍କ ପାରିବାରିକ ସମସ୍ୟାରେ ଭଦ୍ରଲୋକୀ ହୋଇ ପରିସ୍ଥିତିକୁ ସୁଧାରି ନେବେ, ମାତ୍ର ପରୋକ୍ଷରେ ସମାଲୋଚିତ ହେବେ।

**ବୃଷ**

କର୍ମକ୍ଷେତ୍ରରେ ପଦସ୍ଥ କର୍ମଚାରୀଙ୍କ ତରଫରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ ସାଧନ କରିବେ। ସମସ୍ୟା ବିଜଡ଼ିତ ଆନୁଷ୍ଠାନିକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇପାରନ୍ତି। ପଡ଼ୋଶୀଙ୍କ ଘରୋଇ କଳହକୁ ନେଇ ନିଜ ଘରେ ଅଶାନ୍ତି ଲାଗିରହିବାର ସୂଚନା ରହିଛି। ଅର୍ଥ ସଂକଟ ଲାଗି ରହିବା କାରଣରୁ ତାହାର ନିରାକରଣର ବ୍ୟବସ୍ଥା କରିପାରନ୍ତି।

**ମିଥୁନ**

ପରିବାରର ଆର୍ଥିକ ସମସ୍ୟାକୁ ସୁଧାରିବା ସକାଶେ ବିଭିନ୍ନ ଯୋଜନା କରିପାରନ୍ତି। ପରିବହନରେ ସମସ୍ୟା ଲାଗିରହିବା ଯୋଗୁ ବ୍ୟସ୍ତତା ବୃଦ୍ଧି ପାଇବ, କିନ୍ତୁ ବ୍ୟବସାୟିକ ସଫଳତା ଅବଶ୍ୟ ମିଳିବ। ସଭା ସମିତିରେ ଉତ୍ସାହିତ ହେବେ ଓ ସାଫଲ୍ୟତା ହାସଲ କରିବେ। ଆଜିର କର୍ମକ୍ଷେତ୍ରରେ ଫାଇଲ କାମ ବଢ଼ିଯାଇପାରେ।

**କର୍କଟ**

ବିଶ୍ୱସ୍ତ କର୍ମଚାରୀଟି ଅନ୍ୟମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ଆପଣଙ୍କ ସହ ସମ୍ପର୍କକୁ ଅସ୍ୱୀକାର କରିପାରେ। ଏକ ସାଧାରଣ ଘଟଣାକୁ କେନ୍ଦ୍ର କରି ମଧ୍ୟାହ୍ନରେ ମିତ୍ର ବନ୍ଧୁମାନଙ୍କ ସହ ଉଚ୍ଚବାଚ ଘଟିପାରେ। ଅପେକ୍ଷା କରିଥିବା ଖବରଟିକୁ ବହୁ ବିଳମ୍ବରେ ହେଲେ ମଧ୍ୟ ଶୁଣି ଖୁସି ହେବେ। ପଡ଼ୋଶୀଙ୍କ ସାହାଯ୍ୟ ଓ ବନ୍ଧୁ ମିଳନରୁ ଉତ୍ସାହିତ ହେବେ।

**ସିଂହ**

ଆଜି ବହୁତ ଆଶା ନେଇ ବନ୍ଧୁଙ୍କ ନିକଟକୁ ଯିବେ ମାତ୍ର ଶୂନ୍ୟ ହସ୍ତରେ ଫେରିବାକୁ ପଡ଼ିପାରେ। କର୍ମକ୍ଷେତ୍ରରେ ବିତର୍କଜନିତ ଗଣ୍ଡଗୋଳିଆ ପରିସ୍ଥିତିରେ ଉପସ୍ଥିତ ବୁଦ୍ଧି ପ୍ରୟୋଗ କରି କାର୍ଯ୍ୟ ସାଧନ କରିବେ। ବ୍ୟବସାୟିକ କ୍ଷେତ୍ରରେ ଉଚ୍ଚବର୍ଗର ବ୍ୟକ୍ତିବିଶେଷଙ୍କ ଦ୍ୱାରା ସହଯୋଗ ପାଇବେ।

**କନ୍ୟା**

ମନ ଭଲ ନ ଥିବା କାରଣରୁ ବାକ୍ ଅସଂଯମତା ବିଭିନ୍ନ ସମସ୍ୟା ସୃଷ୍ଟି କରିପାରେ। କେତେକ କ୍ଷେତ୍ରରେ ନୀରବ ନ ରହିଲେ ଅସୁବିଧାରେ ପଡ଼ିପାରନ୍ତି। ବାଣିଜ୍ୟ ଓ ବ୍ୟବସାୟ କ୍ଷେତ୍ରରେ ଅପୂରଣୀୟ ଆଶା ମନରେ ଅଯଥା ଆଶଙ୍କା ସୃଷ୍ଟି କରିବ। କର୍ମ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହେବାର ସମ୍ଭାବନା ରହିଛି, ମାତ୍ର କିଛି ଅସୁବିଧା ହେବ ନାହିଁ।

**ତୁଳା**

ଅର୍ଥାଭାବ ସଙ୍ଗକୁ ପାରିବାରିକ ଅସହଯୋଗ ହେତୁ କାମଗୁଡ଼ିକ ଠିକ୍ ସମୟରେ ହେବା କଷ୍ଟକର ହୋଇ ପଡ଼ିବ। କର୍ମକ୍ଷେତ୍ରରେ ପୂର୍ବରୁ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରହନ୍ତୁ। ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ନ ହୋଇପାରେ। ରଚନାତ୍ମକ, ଗବେଷଣା, କଳା ସାହିତ୍ୟ କାର୍ଯ୍ୟରେ ଅଗ୍ରଗତି ଘଟିବ।

**ବିଛା**

ପ୍ରତ୍ୟେକ କ୍ଷେତ୍ରରେ ଅପେକ୍ଷା କରିବାର ଧୈର୍ଯ୍ୟ ନ ରଖିପାରିଲେ ମାନସିକ ଅସ୍ଥିରତା ବଢ଼ିବଢ଼ି ଯିବ। ଖଳଲୋକମାନେ ଆପଣଙ୍କର ଅପପ୍ରଚାର କଲେ ମଧ୍ୟ କିଛି କ୍ଷତି କରିପାରିବେ ନାହିଁ। ସମସ୍ୟା ସମାଧାନ କ୍ଷେତ୍ରରେ ନିଜଲୋକଙ୍କଠାରୁ ଆସ୍ଥା ହରାଇ ବସିବେ। ଅର୍ଥ ସମ୍ପର୍କକୁ କେନ୍ଦ୍ର କରି ତର୍କର ସମ୍ମୁଖୀନ ହେବେ।

**ଧନୁ**

ଆଜି ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନଙ୍କ ଭୁଲ୍ ଧାରଣା ହିଁ ଦୃଢ଼ୀଭୂତ ହେବ। ଅବଶ୍ୟ ଆର୍ଥିକ ଦିଗଟି ଭଲ ରହିବ ଓ ଚେଷ୍ଟାକଲେ ବକେୟା ପାଇପାରନ୍ତି। ମନ ଭଲ ନ ଲାଗିବା ହେତୁ ସାଧାରଣ କଥାରେ ମଧ୍ୟ ବେଶି ବିରକ୍ତ ଲାଗିବ। କର୍ମକ୍ଷେତ୍ରରେ ଭଲକୁ ଭଲ ରୂପେ ବିବେଚନା ନ କରି ଭିନ୍ନ ଦୃଷ୍ଟି କୋଣରୁ ବୁଝିବେ।

**ମକର**

ପୂର୍ବ ସମସ୍ୟାଗୁଡ଼ିକ ଶିଥିଳତା ପଡ଼ିଯିବା କାରଣରୁ ମନରେ ଉତ୍ସାହ ବୃଦ୍ଧି ପାଇବ। କର୍ମକ୍ଷେତ୍ରରେ ଯୋଜନା ଠିକ୍ ଭାବରେ ବଦଳାଇବା ପାଇଁ କଷ୍ଟକର ହେବ। ତଥାପି ଆପଣ ଧୈର୍ଯ୍ୟହରା ନ ହୋଇ କାମ କରି ଚାଲିଲେ ଉପକୃତ ହେବେ। ରାଜନୈତିକ,ସାମାଜିକ, ଆନୁଷ୍ଠାନିକ ତଥା ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହୋଇପାରନ୍ତି।

**କୁମ୍ଭ**

ଯେଉଁ କାମରେ ଲାଗି ପଡ଼ିଛନ୍ତି, ସେଥିରେ ଖର୍ଚ୍ଚାନ୍ତ ହେବେ ସିନା କାମ ଅଟକିବ ନାହିଁ। ଚେଷ୍ଟା କରୁଥିବା କାମରେ ସଫଳତାର ସୂଚନା ପଡ଼ୋଶୀଙ୍କଠାରୁ ପାଇ ଖୁସି ହେବେ। ଅବହେଳା ନ କରି ସ୍ୱାସ୍ଥ୍ୟପ୍ରତି ସାବଧାନତା ଅବଲମ୍ବନ କରିବା ଠିକ୍ ହେବ। ପ୍ରତ୍ୟେକ କ୍ଷେତ୍ରରେ ନୀରବଦ୍ରଷ୍ଟା ଭଳି କାମ କରିବେ।

**ମୀନ**

ଆଜି ବନ୍ଧୁଙ୍କ ସହ ସମସ୍ୟାର ଆଲୋଚନା କରି ପାରନ୍ତି। ସାମାଜିକ, ପାରିବାରିକ, ପ୍ରଶାସନ, ପ୍ରକାଶନ ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ଆଗାମୀ କୌଣସି କାମ ସକାଶେ କିଛି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କଲେ ଭଲ ହେବ। ଅତି ବିଶ୍ୱସ୍ତ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି।

ଆଜି ଭାଦ୍ରବ କୃଷ୍ଣ ଚତୁର୍ଦ୍ଦଶୀ ବୁଧବାର, ଶିବ ଚତୁର୍ଦ୍ଦଶୀ ଓ ବେଢ଼ା ପରିକ୍ରମା, ବୁଧେଇ ଓଷା ଦ୍ୱିତୀୟ ପାଳି, ସେପ୍ଟେମ୍ବର ୧୩ ତାରିଖ, ରାଶି ନକ୍ଷତ୍ର-ମଘା/ସିଂହ, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫.୩୭ମି. ଗତେ ଘ.୦୭.୧୪ମି. ମଧ୍ୟେ, ଘ.୧୦.୧୧ମି. ଗତେ ଘ.୧୧.୧୮ମି. ମଧ୍ୟେ ଶୁଦ୍ଧଶୁଭବେଳା। ଦିବା ଘ.୧୧.୪୨ମି. ଗତେ ଘ.୦୧.୧୩ମି. ମଧ୍ୟେ ରାହୁକାଳ।

# ଅବ୍ୟବହୃତ ଶିଳ୍ପ ପ୍ରକଳ୍ପର ପୁନଃବିକାଶ ହେବ

**ଭୁବନେଶ୍ୱର,୧୨।୯**
**(ଅନିଲ ଦାସ)**

## ସିଏମ୍‌ଓ ପକ୍ଷରୁ ସମୀକ୍ଷା

- ଓରିଏଣ୍ଟ ପେପର ମିଲ୍ସ, ଓଟିଏମ୍ ଉପରେ ସ୍ୱତନ୍ତ୍ର ଫୋକସ୍
- ଗୋପାଳପୁର ଶିଳ୍ପ ପାର୍କ, ବରପାଲି ଓ ହିଞ୍ଜିଳିରେ ଏମ୍‌ଏସ୍‌ଏମ୍‌ଇ ପାର୍କର ବିକାଶ ହେବ

ରାଜ୍ୟରେ ବନ୍ଦ ଥିବା କେତେକ ଶିଳ୍ପ ଏବଂ ଭିତ୍ତିଭୂମି ପ୍ରକଳ୍ପର ସ୍ଥିତି ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ମଙ୍ଗଳବାର ଏକ ଉଚ୍ଚସ୍ତରୀୟ ବୈଠକରେ ସମୀକ୍ଷା କରାଯାଇଛି। କେଉଁ ଶିଳ୍ପ ପାଇଁ କେତେ ସଂଖ୍ୟାରେ ଦକ୍ଷ ମାନବ ସମ୍ବଳ ଆବଶ୍ୟକ ସେ ନେଇ ଏକ ନକ୍ସା ପ୍ରସ୍ତୁତ କରିବାକୁ ୫-ଟି ସଚିବ ଭି.କେ. ପାଣ୍ଡିଆନ ପରାମର୍ଶ ଦେଇଛନ୍ତି। ବିଶେଷକରି ସ୍ଥାନୀୟ ଅଞ୍ଚଳର ଆଇଟିଆଇ ଏବଂ ପଲିଟେକ୍ନିକଗୁଡ଼ିକ ଭଳି ଦକ୍ଷତା ବିକାଶ କେନ୍ଦ୍ରଗୁଡ଼ିକୁ ଏଥିପାଇଁ ପ୍ରସ୍ତୁତ କରିବାକୁ ସେ କହିଛନ୍ତି। ଝାରସୁଗୁଡ଼ାରେ ଜନଶୁଣାଣି ବେଳେ ଓରିଏଣ୍ଟ ପେପର ମିଲ୍ସକୁ ଲିଜ୍‌ରେ ଦିଆଯାଇଥିବା ବହୁ ଜାଗା ଅବ୍ୟବହୃତ ହୋଇ ପଡ଼ିରହିଥିବା ଅଭିଯୋଗ ହୋଇଥିଲା। ସେଗୁଡ଼ିକୁ ଏକାଠି କରି ବ୍ୟବହାର କରାଯାଇ ପାରିବ। ବୈଠକରେ ଝାରସୁଗୁଡ଼ା ଜିଲାପାଳ ଏବଂ ଇଡ୍‌କୋ ପକ୍ଷରୁ ଏ ନେଇ ଏକ ଆକ୍ସନ ଟେକେନ ରିପୋର୍ଟ ଉପସ୍ଥାପନ କରାଯାଇଥିଲା। ଜନସ୍ୱାର୍ଥକୁ ଦୃଷ୍ଟିରେ ରଖି ଉକ୍ତ ଅବ୍ୟବହୃତ ଜମିଗୁଡ଼ିକୁ ନିଯୁକ୍ତି ସୁଯୋଗ ସୃଷ୍ଟି କରୁଥିବା ଭଳି ଭିନ୍ନ କାର୍ଯ୍ୟରେ ବ୍ୟବହୃତ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ଆସନ୍ତା ମାସକ ମଧ୍ୟରେ ଏ ନେଇ ଏକ ପ୍ରସ୍ତାବ ଦେବାକୁ ଝାରସୁଗୁଡ଼ା ଜିଲା ପ୍ରଶାସନ ଏବଂ ଇଡ୍‌କୋକୁ ନିର୍ଦ୍ଦେଶ ଦିଆଯାଇଛି। ସେହି ସ୍ଥାନରେ ନିଯୁକ୍ତି ସୃଷ୍ଟି କରୁଥିବା ଭଳି ଶିଳ୍ପ ପ୍ରକଳ୍ପଗୁଡ଼ିକୁ ଆମନ୍ତ୍ରଣ କରିବାକୁ ଶିଳ୍ପ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଅନୁରୂପ ଭାବେ ଚୌଦ୍ୱାରଠାରେ ଥିବା ଓଡ଼ିଶା ଟେକ୍ସଟାଇଲ ମିଲ୍ସ(ଓଟିଏମ୍)ର ୫୨୧ ଏକର ଜାଗାରେ ଟେକ୍ସଟାଇଲ ଏବଂ ଲୋକୋମୋଟିଭ ଶିଳ୍ପ ସ୍ଥାପନ କରାଯିବ। ଏଥିସହିତ ଏକ ମଡେଲ ଶିଳ୍ପ ପାର୍କ ସ୍ଥାପନ ହେବ। ଏ ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି। ରାଜ୍ୟ ସରକାର ଓଟିଏମ୍ କର୍ମଚାରୀଙ୍କର ସମସ୍ତ ବକେୟା ପ୍ରଦାନ କରିବା ପରେ ଉକ୍ତ ଜମିକୁ ନିଜ ଅଧୀନକୁ ନେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସେଠାରେ କରାଯାଇଥିବା ଅଭିଯୋଗର ଶୁଣାଣି କରାଯାଇଥିଲା। ସେଠାରେ ଖାଲିଥିବା ଜମିରେ ଶ୍ରମିକଭିତ୍ତିକ ଶିଳ୍ପ ପ୍ରତିଷ୍ଠା କରିବାକୁ ଅଭିଯୋଗ ଶୁଣାଣି ବେଳେ ଲୋକମାନେ ଦାବି କରିଥିଲେ। ବୈଠକରେ ଇଡ୍‌କୋ ଏବଂ ଇପିକଲ ପକ୍ଷରୁ ଓଟିଏମ୍ ଜମିରେ ମଡେଲ ଶିଳ୍ପ ପାର୍କ ପ୍ରତିଷ୍ଠା କରିବା ପାଇଁ ଆକ୍ସନ ଟେକେନ ରିପୋର୍ଟ ପ୍ରଦାନ କରାଯାଇଛି। ସ୍ଥାନୀୟ ଯୁବତୀଯୁବକଙ୍କୁ ନିଯୁକ୍ତି ଦେବା ସକାଶେ ପର୍ଯ୍ୟାୟ କ୍ରମେ ଶିଳ୍ପ ପାର୍କର ବିକାଶ କରାଯିବ। ଇପିକଲ ଆବଶ୍ୟକ ଜମି ଯୋଗାଇ ଦେବା ସହ ଆପ୍ରୋଚ ରୋଡ୍, ପାଚେରି, ଜଳ ଏବଂ ବିଦ୍ୟୁତ୍ ଯୋଗାଇବା ବ୍ୟବସ୍ଥା କରିବ। ସେହିପରି ଗଞ୍ଜାମ ଜିଲାର ଗୋପାଳପୁର ଶିଳ୍ପ ପାର୍କ ପାଇଁ ଗଞ୍ଜାମ ପ୍ରଶାସନ ଏବଂ ଇଡ୍‌କୋ ପକ୍ଷରୁ ପ୍ରସ୍ତୁତ କରାଯାଇଥିବା ଆକ୍ସନ ଟେକେନ ରିପୋର୍ଟରେ ସମୀକ୍ଷା କରାଯାଇଛି। ସେଠାରେ ୩ଟି ବୃହତ୍ କମ୍ପାନୀକୁ ଶିଳ୍ପ ପାଇଁ ଜମି ଯୋଗାଇ ଦିଆଯାଇଛି। ସେହି ପ୍ରକଳ୍ପଗୁଡ଼ିକ ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହେବ। ଆସନ୍ତା ଅକ୍ଟୋବର ୧୫ ସୁଦ୍ଧା ୟୁଟିଲିଟି କରିଡର ସ୍ଥାପନ କରିବାକୁ ଇଡ୍‌କୋକୁ ନିର୍ଦ୍ଦେଶ ଦିଆଯାଇଛି। ବରପାଲି ଏବଂ ହିଞ୍ଜିଳିଠାରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ) ପାର୍କ ନିର୍ମାଣ କରିବାକୁ ନିଷ୍ପତ୍ତି ହୋଇଛି। ସ୍ଥାନୀୟ ଶ୍ରମିକଭିତ୍ତିକ ଏମ୍‌ଏସ୍‌ଏମ୍‌ଇ ୟୁନିଟ୍ ସ୍ଥାପନ ପାଇଁ ନିଷ୍ପତ୍ତି ହୋଇଛି। ସେହିପରି ଗୋପାଳପୁର ଶିଳ୍ପ ପାର୍କରେ ବନ୍ଦର ସୁବିଧା ଥିବାରୁ ବଡ଼ ଶିଳ୍ପାନୁଷ୍ଠାନଗୁଡ଼ିକୁ ସେଠାରେ ପୁଞ୍ଜିନିବେଶ କରିବା ପାଇଁ ଆମନ୍ତ୍ରଣ କରାଯାଇଛି। ୫-ଟି ସଚିବ ଭି.କେ.ପାଣ୍ଡିଆନଙ୍କ ସମେତ ଉନ୍ନୟନ କମିଶନର, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଶିଳ୍ପ ବିଭାଗର ପ୍ରମୁଖ ସଚିବ, ଇଡ୍‌କୋ ଏମ୍‌ଡି, କଟକ, ଝାରସୁଗୁଡ଼ା ଓ ଗଞ୍ଜାମ ଜିଲାପାଳଙ୍କ ସମେତ ଅନ୍ୟାନ୍ୟ ବିଭାଗର ବହୁ ଅଧିକାରୀ ଏହି ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ।

# ପଞ୍ଚାୟତରେ ଖୋଲିବ ବ୍ୟାଙ୍କିଙ୍ଗ୍ ଆଉଟ୍‌ଲେଟ୍

**ଭୁବନେଶ୍ୱର, ୧୨।୯**
**(ସୁନିତ୍ ମିଶ୍ର)**

ଆର୍ଥିକ ଅନ୍ତର୍ଭୁକ୍ତୀକରଣକୁ ଭାରତୀୟ ରିଜର୍ଭ ବ୍ୟାଙ୍କ ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟକାରୀ କରୁଥିବାରୁ ସବୁଠାରେ ବ୍ୟାଙ୍କିଙ୍ଗ୍ ସୁବିଧା ଉପଲବ୍ଧ କରିବା ଅପରିହାର୍ଯ୍ୟ ହୋଇଛି । ରାଜ୍ୟର ପ୍ରତ୍ୟେକ ଗ୍ରାମପଞ୍ଚାୟତରେ ସ୍ଥାୟୀ ବ୍ୟାଙ୍କ ନାହିଁ। ଫଳରେ ଜନସାଧାରଣଙ୍କୁ ନିରବଚ୍ଛିନ୍ନ ବ୍ୟାଙ୍କିଙ୍ଗ୍ ସେବା ତଥା ସରକାରଙ୍କ ଦ୍ୱାରା ହିତାଧିକାରୀଙ୍କୁ ଦିଆଯାଉଥିବା ପ୍ରତ୍ୟକ୍ଷ ସୁବିଧା ହସ୍ତାନ୍ତର(ଡିବିଟି) ଠିକ୍ ସମୟରେ ଉପଲବ୍ଧ କରାଇବା ପାଇଁ ପ୍ରତ୍ୟେକ ଗ୍ରାମପଞ୍ଚାୟତରେ ବ୍ୟାଙ୍କ ସେବା ଆବଶ୍ୟକ ହେଉଛି। ତେଣୁ ରାଜ୍ୟ ସରକାର ବ୍ୟାଙ୍କ ନ ଥିବା ଗ୍ରାମପଞ୍ଚାୟତରେ ସିଏସ୍‌ପି (ପ୍ଲସ୍) ବ୍ୟାଙ୍କିଙ୍ଗ୍ ଆଉଟ୍‌ଲେଟ୍ ମାଧ୍ୟମରେ ବ୍ୟାଙ୍କ ସେବା ଯୋଗାଇବାକୁ ଲକ୍ଷ୍ୟ ରଖି ଆର୍ଥିକ ଅନ୍ତର୍ଭୁକ୍ତୀକରଣ ହାସଲ ଦିଗରେ ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ ନେଉଛନ୍ତି। ଏସ୍‌ବିଆଇ, ପିଏନ୍‌ବି, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ବ୍ୟାଙ୍କ ଅଫ୍ ଇଣ୍ଡିଆ, ୟୁକୋ ବ୍ୟାଙ୍କ ଏବଂ ବ୍ୟାଙ୍କ ଅଫ୍ ବରୋଦା ପ୍ରମୁଖ ୬ଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କ ସରକାରଙ୍କ ସହ ଭାଗୀଦାରିରେ ବ୍ୟାଙ୍କ ନ ଥିବା ଗ୍ରାମପଞ୍ଚାୟତଗୁଡ଼ିକରେ ବ୍ୟାଙ୍କ ସେବା ଉପଲବ୍ଧ କରାଇବେ ବୋଲି ଅର୍ଥ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

VACANCY
OM Surgical and Chemicals
needs Accountants having knowledge of Tally and Accounting Software, GST returns filling, compliances and minimum requirement of Income Tax, (Salary negotiable).
Send CV at omsurgical@yahoo.co.in
Mob. No.: 9437014935

ସିକ୍ୟୁରିଟି ଗାର୍ଡ଼ ଆବଶ୍ୟକ
ସିକ୍ୟୁରିଟି ଗାର୍ଡ଼ର ବଡ଼ ଧରଣର ନିଯୁକ୍ତି
ଓଡ଼ିଶାର ସବୁ ଜିଲ୍ଲାରେ ନିଯୁକ୍ତି
ଦରମା : ୧୨୦୦୦/- ରୁ ୧୮,୦୦୦/-
ରହିବା ପାଇଁ ଘର, ଖାଇବା ମେସ୍
Real King Security Service
8984433623

ASRIBADA PANCHAKARMA
HERBAL SPA
Female therapist required
Kesarimall, Bhubaneswar
Contact:8926173473

URGENT REQUIRED
Required Diploma/IIT (Skilled/Unsklilled) Electronics/Electrical.
Contact with CV on
Mob:9437012345.
INTERVIEW ON MONDAY & THURSDAY

REQUIREMENTS
Required for Physiotherapy Department.
Eligibility: ANM (Upto 1 year experience), Salary: 6,000/- (Including room).
Contact: 7008748340 9337019393

See Career Appointment on every Wednesday & Saturday

# ବାସି ପଖାଳ ଖାଇ ୧୫ ଛାତ୍ର ଅସୁସ୍ଥ

**ଉଦଳା,୧୨।୯**
**(ସନ୍ତୋଷ କୁମାର ବାଛିନୀ)**

ମୟୂରଭଞ୍ଜ ଜିଲା ଉଦଳା ବ୍ଲକ ଅଧୀନ କୁଣ୍ଡାବାଇ ହାଇସ୍କୁଲସ୍ଥିତ ହଷ୍ଟେଲରେ ବାସି ପଖାଳ ଖାଇ ୧୫ ଛାତ୍ର ଅସୁସ୍ଥ ହୋଇପଡ଼ିଛନ୍ତି। ଚିକିତ୍ସା ପାଇଁ ସେମାନଙ୍କୁ ଶ୍ରୀଦାମଚନ୍ଦ୍ରପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ମଙ୍ଗଳବାର ଅପରାହ୍ନରେ ଉକ୍ତ ଛାତ୍ରମାନେ ପଖାଳ ଖାଇଥିଲେ। କିଛି ସମୟ ପରେ ବାନ୍ତି କରିବା ସହ ଅସୁସ୍ଥ ହୋଇ ପଡ଼ିବାରୁ ବିଦ୍ୟାଳୟ କର୍ତ୍ତୃପକ୍ଷ ସେମାନଙ୍କୁ ଡାକ୍ତରଖାନା ଆଣିଥିଲେ। ରିପୋର୍ଟ ଲେଖାହେବା ସୁଦ୍ଧା ଉକ୍ତ ଛାତ୍ରମାନଙ୍କର ସ୍ୱାସ୍ଥ୍ୟାବସ୍ଥା ଭଲ ଥିବା ଡାକ୍ତରଖାନା ସୂତ୍ରରୁ ଜଣାପଡ଼ିଛି। ଏନେଇ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ମତାମତ ମିଳି ପାରିନାହିଁ।

# ବସ୍, କାର୍‌ରେ ଗୋଚାଲାଣ | ୩୧ ଗୋରୁ ଉଦ୍ଧାର






**ବାହାନଗା(ଅରୂପ କୁମାର ଦାସ)/ ବାଲେଶ୍ୱର(ମାନସ ବିଶ୍ୱାଳ)**

ଚୋରା ଚାଲାଣକାରୀମାନେ କେତେବେଳେ ଟ୍ରକରେ ଗୋରୁଗୁଡ଼ିକୁ ଖୁନ୍ଦାଖୁନ୍ଦି କରି ତ କେତେବେଳେ ଚଲାଇ ଚଲାଇ ନେଇ ରାଜ୍ୟ ବାହାରକୁ ଚାଲାଣ କରିଥାନ୍ତି। ଏଭଳି ଚାଲାଣ ଯୋଗୁ ସେମାନେ ବାରମ୍ବାର ଲୋକଙ୍କ ଦ୍ୱାରା ଧରାପଡ଼ିଯାଉଛନ୍ତି। ଏଥିରୁ ବର୍ତ୍ତିବା ପାଇଁ ଏବେ ଚୋରା ଚାଲାଣକାରୀମାନେ ଅଭିନବ ଉପାୟ ଅବଲମ୍ବନ କରୁଛନ୍ତି। ବସ୍ ଓ କାର ଯୋଗେ ଗୋଚାଲାଣ କରୁଛନ୍ତି। ଗୋଟିଏ ମିନି ବସ୍ ଓ ଦାମୀ କାର୍ ଭିତରୁ ଖନ୍ତାପଡ଼ା ଥାନା ପୋଲିସ ୩୧ଗୋରୁ ଉଦ୍ଧାର କରିବା ପରେ ଚୋରା ଚାଲାଣକାରୀଙ୍କ ଏହି ନୂଆ ତରିକା ଲୋକଲୋଚନକୁ ଆସିଛି। ଉଦ୍ଧାର ଗୋରୁଗୁଡ଼ିକୁ ରେମୁଣାସ୍ଥିତ ମା’ ଭାରତୀ ଗୋଶାଳାରେ ରଖାଯାଇଛି । ବସ୍ ଓ କାର୍ ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ଏନେଇ ଖନ୍ତାପଡ଼ା ଥାନାରେ ଏକ ମାମଲା(ନଂ. ୨୦୨/୨୩) ରୁଜୁ କରାଯାଇଛି। ୧୬ ନଂ. ଜାତୀୟ ରାଜପଥ ଶେରଗଡ ୟୁକୋ ବ୍ୟାଙ୍କଠାରେ ଖନ୍ତାପଡ଼ା ଥାନା ପୋଲିସ୍ ବସ୍ ଓ କାର୍ ପିଛା କରି ଧରିଥିଲେ। ପ୍ରଥମେ ଭଦ୍ରକ ଆଡୁ ପଶ୍ଚିମବଙ୍ଗ ଆଡକୁ ବସ୍ (ନଂ.ଓଆର-୦୧ଏନ-୧୦୦୧) ଓ ଏକ କାର୍ (ନଂ. ଓଆର-୦୨-ଏଏନ-୩୨୩୮) ଯାଉଥିବା ବେଳେ ଖନ୍ତାପଡା ଥାନା ପୋଲିସ୍ ଖବରପାଇ ଶେରଗଡ ଟୋଲ୍‌ଗେଟ ନିଟରେ ଜଗି ରହିଥିଲେ। ମାତ୍ର ଚୋରାରେ ଗୋଚାଲାଣ ହେଉଥିବା ବସ୍ ଓ କାର୍ ଶେରଗଡଠାରେ ନ ରହିବାରୁ ପୋଲିସ୍ ସେମାନଙ୍କୁ ପିଛା କରି ନିକଟସ୍ଥ ୟୁକୋ ବ୍ୟାଙ୍କଠାରେ ଅଟକାଇବାରେ ସକ୍ଷମ ହୋଇପାରିଥିଲା। ବସ୍ ଡ୍ରାଇଭର, ହେଲ୍‌ପର ଓ କାର୍ ଡ୍ରାଇଭର ଗାଡି ରଖି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ମାତ୍ର ବସ୍ ଭିତରେ ନୃଶଂସ ଅବସ୍ଥାରେ ବନ୍ଧା ହୋଇପଡିଥିବା ୨୫ଟି ଗୋରୁଙ୍କୁ ଉଦ୍ଧାର କରାଯାଇଛି। ସେହିପରି କାର୍ ଭିତରୁ ୬ଟି ଗୋରୁଙ୍କୁ ଉଦ୍ଧାର କରାଯାଇଥିଲା। ଉଦ୍ଧାର ଗୋରୁଗୁଡ଼ିକୁ ରେମୁଣାସ୍ଥିତ ମା’ ଭାରତୀ ଗୋଶାଳାରେ ନେଇ ରଖାଯାଇଛି । ତେବେ ଜବତ ବସ୍ ଓ କାର୍‌କୁ ପୋଲିସ ଖନ୍ତାପଡ଼ା ଥାନାରେ ଆଣି ରଖିଛି।

# ଆଜିଠୁ ପିଜି ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ଆବେଦନ

**ଭୁବନେଶ୍ୱର, ୧୨।୯**
**(ଅସମାପିକା ସାହୁ)**

୨୦୨୩-୨୪ ଶିକ୍ଷା ବର୍ଷ ପାଇଁ ରାଜ୍ୟରେ ଥିବା ବିଶ୍ୱବିଦ୍ୟାଳୟରେ ଦ୍ୱିତୀୟ ପର୍ଯ୍ୟାୟ ପିଜି ନାମଲେଖା ନିମନ୍ତେ ବୁଧବାର ଅପରାହ୍ନ ୪ଟାରୁ ଆବେଦନ ପ୍ରକ୍ରିୟା ଆରମ୍ଭ ହେବ। ୨୨ତାରିଖ ରାତି ୧୧ଟା ୪୫ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ଆବେଦନ କରିପାରିବେ। ୨୮ ତାରିଖ ଅପରାହ୍ନ ୪ଟାରେ ପ୍ରଥମ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇବ। ମନୋନୀତ ଛାତ୍ରୀଛାତ୍ର ଅକ୍ଟୋବର ୩ ସକାଳ ୧୦ଟାରୁ ୫ ତାରିଖ ଅପରାହ୍ନ ୫ଟା ଭିତରେ ନାମଲେଖାଇବେ। ୧୦ ତାରିଖ ଅପରାହ୍ନ ୨ଟାରେ ବଳକା ସିଟ୍ ପାଇଁ ମେଧା ତାଲିକା ପ୍ରକାଶ ପାଇବ। ଏଥିରେ ଚୟନ ହୋଇଥିବା ଛାତ୍ରୀଛାତ୍ର ୧୨ତାରିଖ ଦିନ ନାମଲେଖାଇବେ। ଉଲ୍ଲେଖଯୋଗ୍ୟ, ଗତ ୨୧ ତାରିଖରୁ ପିଜି ପ୍ରଥମ ବର୍ଷ ପାଠପଢ଼ା ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ସିଟ୍ ପୂରଣ ନ ହେବାରୁ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ପାଇଁ ଉଚ୍ଚଶିକ୍ଷା ବିଭାଗ ନିଷ୍ପତ୍ତି ନେଇଥିଲା।

# ଜୀବିତ ଝିଅର ଶୁଦ୍ଧିକ୍ରିୟା କଲେ ମା’ ବାପା



ଝିଅର ଶୁଦ୍ଧିକ୍ରିୟା କରୁଛନ୍ତି ପରିବାର ଲୋକେ।

**ମୋହନା,୧୨।୯(ମନ୍ମଥ ମିଶ୍ର)**

## ଅନ୍ୟ ସମ୍ପ୍ରଦାୟରେ ପ୍ରେମ ବିବାହ

ଝିଅ ବଞ୍ଚିଥିବା ବେଳେ ଶୁଦ୍ଧିକ୍ରିୟା କଲେ ମା’ ବାପା। ଅନ୍ୟ ସମ୍ପ୍ରଦାୟର ପୁଅକୁ ବାହା ହେଲେ ବୋଲି ମଙ୍ଗଳବାର ବିବାହର ୧୧ ଦିନରେ ଝିଅର ଶୁଦ୍ଧିକ୍ରିୟା କରିଛନ୍ତି ପରିବାର ଲୋକେ। ଏଭଳି ଘଟଣା ଦେଖିବାକୁ ମିଳିଛି ଗଜପତି ଜିଲା ମୋହନା ବ୍ଲକ ଚାନ୍ଦିପୁଟ ଗ୍ରାମରେ। ଗାଁର ସହଦେବ ସାହୁ ଛୋଟ ହୋଟେଲ କରି ପରିବାର ପ୍ରତିପୋଷଣ କରନ୍ତି। ପରିବାର କହିଲେ ୩ ଝିଅ ଓ ଜଣେ ପୁଅ। ବଡ ଝିଅ ବାହା ହୋଇ ଶାଶୁଘର ଚାଲି ଯାଇଥିବା ବେଳେ ମଝିଆ ଝିଅ ଯୁକ୍ତ ୨ ଶେଷ କରି ଘରେ ରହିଥିଲେ। ଅନ୍ୟ ଦୁଇ ଭାଇ, ଭଉଣୀ ପଢୁଛନ୍ତି। ତେବେ ମଝିଆ ଝିଅ ଚାନ୍ଦିନୀ ସ୍ଥାନୀୟ ଅଞ୍ଚଳର ଖ୍ରୀଷ୍ଟିଆନ ସମ୍ପ୍ରଦାୟର ଯୁବକ ଧନଞ୍ଜୟ ନାୟକଙ୍କୁ ପ୍ରେମ କରୁଥିଲେ। ପରିବାର ଲୋକେ ଏ ସମ୍ପର୍କରେ କିଛି ଜାଣି ନ ଥିଲେ। ତେଣୁ ଆସନ୍ତା ୨୨ ତାରିଖରେ ଚାନ୍ଦିନୀଙ୍କ ବାହାଘର ପାଇଁ ଅନ୍ୟ ଜଣେ ଯୁବକଙ୍କ ସହ ନିର୍ବନ୍ଧ ପାଇଁ ତାରିଖ ଧାର୍ଯ୍ୟ ହୋଇଥିଲା। ଘର ଲୋକେ ସବୁ ପ୍ରକାର ପ୍ରସ୍ତୁତି କରିସାରିଥିଲେ। ହେଲେ ୨ ତାରିଖ ବିଳମ୍ବିତ ରାତିରେ ଚାନ୍ଦିନୀ ଘର ଛାଡ଼ି କୁଆଡେ ପଳାଇ ଯାଇଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ସନ୍ଧାନ ପାଇ ନଥିଲେ। ଚାନ୍ଦିନୀ ସ୍ଥାନୀୟ ଖ୍ରୀଷ୍ଟିଆନ ସାହିର ଯୁବକ ଧନଞ୍ଜୟଙ୍କୁ ବାହା ହୋଇଥିବାର ଫଟୋ ୪ ତାରିଖରେ ସୋସିଆଲ ମିଡିଆରୁ ଦେଖିବାକୁ ପାଇଥିଲେ। ଏହାକୁ ଗ୍ରହଣ କରିପାରି ନ ଥିଲେ ବାପା, ମା’। ୬ ତାରିଖରେ ଥାନାରେ ଏ ନେଇ ଚାନ୍ଦିନୀଙ୍କ ବାପା ଅଭିଯୋଗ କରିଥିଲେ। ଝିଅ ଧର୍ମଦ୍ରୋହୀ ଓ ଜାତିଦ୍ରୋହୀ କାମ କରିବା ସହ ପରିବାର ଲୋକଙ୍କୁ ସମାଜରେ ଅପମାନିତ କରିଛି, ତେଣୁ ସେ ମରିଗଲା ବୋଲି ପରିବାର ଲୋକେ ଗ୍ରହଣ କରିନେଇଥିଲେ। ନିଖୋଜ ହେବାର ୧୧ ଦିନରେ ପରିବାର ଲୋକ ତାଙ୍କର ଆତ୍ମୀୟ ସ୍ୱଜନ ଓ ପୁରୋହିତଙ୍କୁ ଡାକି ପୂଜା ପାଠ କରି ଶୁଦ୍ଧି ହେବା ସହ ଝିଅ ଫଟୋରେ ପୁଷ୍ପମାଲ୍ୟ ଦେଇଥିଲେ। ଉଲ୍ଲେଖଥାଉ କି, କିଛିଦିନ ତଳେ କେନ୍ଦ୍ରପଡ଼ା ଜିଲା ଆଳି ସଦର ଅଞ୍ଚଳରେ ଏହିପରି ଏକ ଘଟଣା ଘଟିଥିଲା। ଝିଅ ପ୍ରେମ ବିବାହ କରିବାରୁ ତାଙ୍କ ପରିବାର ଲୋକେ ଝିଅର ଶୁଦ୍ଧିକ୍ରିୟା କରିଦେଇଥିଲେ।

GANDHI INSTITUTE
B.Ed
BALANGIR
Rajendra University Chowk, Near Look At Me
Call No. 9777988852, 9777988870
www.gandhiinstitute.in

DIRECT ADMISSION | NO DONATION
For ARTS & SCIENCE
IMPERIAL PRESIDENCY (+2 COLLEGE)
HIGHER SECONDARY SCHOOL
Admission- 8th Sept. to 18 Sept.
For Arts- 15,000/- Per Year
For Science- 20,000/- Per Year
100% RESULT
Hostel Facility available for (Boys & Girls)
Contact- 8249908311, 9556711974

WALK IN INTERVIEW
MNC-LEPRA Society, an ISO certified & NABH accredited eye care centre is inviting applications from intending candidates having requisite qualifications to attend the Walk in Interview scheduled for 22nd September 2023 (Friday).Candidates are requested to bring their CV & relevant documents with them as per below details.

| Position | Qualification | No. of vacancy | Place of interview |
|---|---|---|---|
| Patient Care Executive | Graduation in any discipline (Preferably hospitality sector experience & computer knowledge ) | 1 | At MNC- LEPRA Society, Pandapali, Biramaharajpur, District Subarnapur, Odisha-707018 Mob-9437443354 |
| Staff Nurse | GNM/ BSC Nursing with 1 year of working experience | 3 | |
| Tr. Data Entry Operator | Graduation in any discipline with 1 year of working experience | 2 | |
| Driver | Driving experience with valid DL. | 1 | |
| Tr. Cleaner Attendant | 8th Pass | 2 | |
| Tr. Vision Technician | +2 in any discipline, preference will be given to science students | 1 | |
| Tr. Counselor | Graduation with computer knowledge | 2 | |

Vacancies are both at MNC-Pandapali & MNC- Jharsuguda. Women candidates are encouraged to apply.
LEPRA Society is an equal opportunity employer Registration after 11 AM not to be entertained.

ଫର୍ମ ନଂ. ୧୩
ଅନାଦାୟ ରଣ ଅସୁଲି ନ୍ୟାୟାଧିକରଣ, କଟକ, ଓଡ଼ିଶାଙ୍କ ଇଜିଲାସରେ
ସି-୭୧, ସେକ୍ଟର - ୭ ସିଡିଏ, କଟକ, ଓଡ଼ିଶା
ଓ.ଏ. ନଂ.୧୫୦/୨୦୨୩
କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିଃ ...ଆବେଦନକାରୀ
ବନାମ
ସୁବ୍ରତ କୁମାର ରାଉତ ଓ ଅନ୍ୟ ଜଣେ ... ପ୍ରତିବାଦୀ(ଗଣ)
ପ୍ରାପ୍ତେଷୁ,
୧) ସୁବ୍ରତ କୁମାର ରାଉତ, ପିତା- ପୁରୁଷୋତ୍ତମ ରାଉତ, ସ୍ଥାନ: ଖଡ଼ଗପ୍ରସାଦ, ଢେଙ୍କାନାଳ, ଓଡ଼ିଶା-୭୫୯୧୨୧
୨) କୋଇଲି ରାଉତ, ପିତା- ଭୁଲୁ ସାହୁ, ଖଡ଼ଗପ୍ରସାଦ, ଢେଙ୍କାନାଳ, ଓଡ଼ିଶା - ୭୫୯୧୨୧
ଖବରକାଗଜ ପ୍ରକାଶନ ଜରିଆରେ ସମନ
ପ୍ରାର୍ଥନା କରାଯାଇଥିବା ଉପଶମ କାହିଁକି ମଞ୍ଜୁର କରା ନ ଯିବ ତାହାର କାରଣ ଦର୍ଶାଇବା ନିମନ୍ତେ
ନୋଟିସ ଦିଆଯାଉଛି ଯେ, ଆବେଦନକାରୀ ଅନାଦାୟ ରଣ ଅସୁଲି ନ୍ୟାୟାଧିକରଣ, କଟକଙ୍କ ଅଦାଲତରେ ଟ.୩୬,୦୯,୪୧୪.୦୧ ମାତ୍ର ସମେତ ଚଳିତ ଏବଂ ଭବିଷ୍ୟତ ସୁଧ, ଖର୍ଚ୍ଚ ଅସୁଲ କରିବା ଓ ଅନ୍ୟାନ୍ୟ ଉପଶମ ପାଇବା ପାଇଁ ଓ.ଏ. ନଂ.୧୫୦/୨୦୨୩ ଆରମ୍ଭ କରିଅଛନ୍ତି । ତେଣୁ, ଉପରନାମିତ ପ୍ରତିବାଦୀଗଣଙ୍କୁ ଏହି ନ୍ୟାୟାଧିକରଣଙ୍କ ଇଜିଲାସରେ ବ୍ୟକ୍ତିଗତ ଭାବେ କିମ୍ବା ଜଣେ ଓକିଲ ଅଥବା ବିଧିବଦ୍ଧ ଭାବେ ପ୍ରାଧିକୃତ ଏଜେଣ୍ଟଙ୍କ ଜରିଆରେ ପ୍ରକାଶନ ତାରିଖରୁ ୩୦ ଦିନ ମଧ୍ୟରେ ବା ତା୧୩।୧୦।୨୦୨୩ରିଖ ପୂର୍ବାହ୍ନ ୧୦.୩୦ ସୁଦ୍ଧା ହାଜର ହେବା ଏବଂ ନିଜର ପକ୍ଷ ଉପସ୍ଥାପନ କରିବା ଏବଂ ପ୍ରାର୍ଥନା କରାଯାଇଥିବା ଉପଶମ କାହିଁକି ମଞ୍ଜୁର କରା ନ ଯିବା ଆବଶ୍ୟକ ତାହାର କାରଣ ଦର୍ଶାଇବା ଲାଗି ନିର୍ଦ୍ଦେଶ ଦିଆଯାଉଛି । ନୋଟିସ ଦିଆଯାଉଛି ଯେ, ଏଥିରେ ଖିଲାପ କରାଗଲେ ତାଙ୍କର ଅନୁପସ୍ଥିତିରେ ଆବେଦନର ଶୁଣାଣି ଓ ଫଇସଲା କରାଯିବ । ଏହି ନ୍ୟାୟାଧିକରଣର ସହି ମୋହର ଅଧୀନରେ ମୋ ଦ୍ୱାରା ୨୯ ଅଗଷ୍ଟ, ୨୦୨୩ ଦିନ ପ୍ରଦତ୍ତ ।
ସ୍ୱା./-
ନିବନ୍ଧକ

ଫର୍ମ ନଂ. ୧୩
ଅନାଦାୟ ରଣ ଅସୁଲି ନ୍ୟାୟାଧିକରଣ, କଟକ, ଓଡ଼ିଶାଙ୍କ ଇଜିଲାସରେ
ସି-୭୧, ସେକ୍ଟର - ୭ ସିଡିଏ, କଟକ, ଓଡ଼ିଶା
ଓ.ଏ. ନଂ.୭୫/୨୦୨୩
କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିଃ ...ଆବେଦନକାରୀ
ବନାମ
ରୁଦ୍ର ନାରାୟଣ ମିଶ୍ର ଏବଂ ଅନ୍ୟ ଜଣେ ... ପ୍ରତିବାଦୀ(ଗଣ)
ପ୍ରାପ୍ତେଷୁ,
୧) ରୁଦ୍ର ନାରାୟଣ ମିଶ୍ର, ପିତା- ହରିହର ମିଶ୍ର, ନରସିଂହପୁର ସାଲାନ, ଓଲ୍ଡ ଟାଉନ୍, କେନ୍ଦୁଝର-୭୫୮୦୦୨
୨) ସରୋଜିନୀ ମିଶ୍ର, ପିତା- ଲକ୍ଷ୍ମୀଧର ମିଶ୍ର, ନରସିଂହପୁର ସାଲାନ, ଓଲ୍ଡ ଟାଉନ୍, କେନ୍ଦୁଝର-୭୫୮୦୦୨
ଖବରକାଗଜ ପ୍ରକାଶନ ଜରିଆରେ ସମନ
ପ୍ରାର୍ଥନା କରାଯାଇଥିବା ଉପଶମ କାହିଁକି ମଞ୍ଜୁର କରା ନ ଯିବ ତାହାର କାରଣ ଦର୍ଶାଇବା ନିମନ୍ତେ
ନୋଟିସ ଦିଆଯାଉଛି ଯେ, ଆବେଦନକାରୀ ଅନାଦାୟ ରଣ ଅସୁଲି ନ୍ୟାୟାଧିକରଣ, କଟକଙ୍କ ଅଦାଲତରେ ଟ.୩୯,୧୧,୩୨୬.୨୪ ମାତ୍ର ସମେତ ଚଳିତ ଏବଂ ଭବିଷ୍ୟତ ସୁଧ, ଖର୍ଚ୍ଚ ଅସୁଲ କରିବା ଓ ଅନ୍ୟାନ୍ୟ ଉପଶମ ପାଇବା ପାଇଁ ଓ.ଏ. ନଂ.୭୫/୨୦୨୩ ଆରମ୍ଭ କରିଅଛନ୍ତି । ତେଣୁ, ଉପରନାମିତ ପ୍ରତିବାଦୀଗଣଙ୍କୁ ଏହି ନ୍ୟାୟାଧିକରଣଙ୍କ ଇଜିଲାସରେ ବ୍ୟକ୍ତିଗତ ଭାବେ କିମ୍ବା ଜଣେ ଓକିଲ ଅଥବା ବିଧିବଦ୍ଧ ଭାବେ ପ୍ରାଧିକୃତ ଏଜେଣ୍ଟଙ୍କ ଜରିଆରେ ପ୍ରକାଶନ ତାରିଖରୁ ୩୦ ଦିନ ମଧ୍ୟରେ ବା ତା୧୩।୧୦।୨୦୨୩ରିଖ ପୂର୍ବାହ୍ନ ୧୦.୩୦ ସୁଦ୍ଧା ହାଜର ହେବା ଏବଂ ନିଜର ପକ୍ଷ ଉପସ୍ଥାପନ କରିବା ଏବଂ ପ୍ରାର୍ଥନା କରାଯାଇଥିବା ଉପଶମ କାହିଁକି ମଞ୍ଜୁର କରା ନ ଯିବା ଆବଶ୍ୟକ ତାହାର କାରଣ ଦର୍ଶାଇବା ଲାଗି ନିର୍ଦ୍ଦେଶ ଦିଆଯାଉଛି । ନୋଟିସ ଦିଆଯାଉଛି ଯେ, ଏଥିରେ ଖିଲାପ କରାଗଲେ ତାଙ୍କର ଅନୁପସ୍ଥିତିରେ ଆବେଦନର ଶୁଣାଣି ଓ ଫଇସଲା କରାଯିବ । ଏହି ନ୍ୟାୟାଧିକରଣର ସହି ମୋହର ଅଧୀନରେ ମୋ ଦ୍ୱାରା ୨୯ ଅଗଷ୍ଟ, ୨୦୨୩ ଦିନ ପ୍ରଦତ୍ତ ।
ସ୍ୱା./-
ନିବନ୍ଧକ

ଫର୍ମ ନଂ. ୧୩
ଅନାଦାୟ ରଣ ଅସୁଲି ନ୍ୟାୟାଧିକରଣ, କଟକ, ଓଡ଼ିଶାଙ୍କ ଇଜିଲାସରେ
ସି-୭୧, ସେକ୍ଟର - ୭ ସିଡିଏ, କଟକ, ଓଡ଼ିଶା
ଓ.ଏ. ନଂ.୬୯/୨୦୨୩
କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିଃ ...ଆବେଦନକାରୀ
ବନାମ
ପାତ୍ର ଷ୍ଟୋର୍ ଏବଂ ଅନ୍ୟ ଜଣେ ... ପ୍ରତିବାଦୀ(ଗଣ)
ପ୍ରାପ୍ତେଷୁ,
୧) ପାତ୍ର ଷ୍ଟୋର୍, ଭଣ୍ଡାରୀ ସାହି, ସ୍ଥାନ/ପୋଷ୍ଟ- ରଣପୁର, ନୟାଗଡ଼-୭୫୨୦୨୬
୨) ଚନ୍ଦ୍ରମା ବାରିକ, ମାତା- ସରୋଜିନୀ ବାରିକ, ଭଣ୍ଡାରୀ ସାହି, ସ୍ଥାନ/ପୋଷ୍ଟ- ରଣପୁର, ନୟାଗଡ଼-୭୫୨୦୨୬
ଖବରକାଗଜ ପ୍ରକାଶନ ଜରିଆରେ ସମନ
ପ୍ରାର୍ଥନା କରାଯାଇଥିବା ଉପଶମ କାହିଁକି ମଞ୍ଜୁର କରା ନ ଯିବ ତାହାର କାରଣ ଦର୍ଶାଇବା ନିମନ୍ତେ
ନୋଟିସ ଦିଆଯାଉଛି ଯେ, ଆବେଦନକାରୀ ଅନାଦାୟ ରଣ ଅସୁଲି ନ୍ୟାୟାଧିକରଣ, କଟକଙ୍କ ଅଦାଲତରେ ଟ.୨୦,୭୨,୫୧୧.୩୯ ମାତ୍ର ସମେତ ଚଳିତ ଏବଂ ଭବିଷ୍ୟତ ସୁଧ, ଖର୍ଚ୍ଚ ଅସୁଲ କରିବା ଓ ଅନ୍ୟାନ୍ୟ ଉପଶମ ପାଇବା ପାଇଁ ଓ.ଏ. ନଂ.୬୯/୨୦୨୩ ଆରମ୍ଭ କରିଅଛନ୍ତି । ତେଣୁ, ଉପରନାମିତ ପ୍ରତିବାଦୀଗଣଙ୍କୁ ଏହି ନ୍ୟାୟାଧିକରଣଙ୍କ ଇଜିଲାସରେ ବ୍ୟକ୍ତିଗତ ଭାବେ କିମ୍ବା ଜଣେ ଓକିଲ ଅଥବା ବିଧିବଦ୍ଧ ଭାବେ ପ୍ରାଧିକୃତ ଏଜେଣ୍ଟଙ୍କ ଜରିଆରେ ପ୍ରକାଶନ ତାରିଖରୁ ୩୦ ଦିନ ମଧ୍ୟରେ ବା ତା୧୩।୧୦।୨୦୨୩ରିଖ ପୂର୍ବାହ୍ନ ୧୦.୩୦ ସୁଦ୍ଧା ହାଜର ହେବା ଏବଂ ନିଜର ପକ୍ଷ ଉପସ୍ଥାପନ କରିବା ଏବଂ ପ୍ରାର୍ଥନା କରାଯାଇଥିବା ଉପଶମ କାହିଁକି ମଞ୍ଜୁର କରା ନ ଯିବା ଆବଶ୍ୟକ ତାହାର କାରଣ ଦର୍ଶାଇବା ଲାଗି ନିର୍ଦ୍ଦେଶ ଦିଆଯାଉଛି । ନୋଟିସ ଦିଆଯାଉଛି ଯେ, ଏଥିରେ ଖିଲାପ କରାଗଲେ ତାଙ୍କର ଅନୁପସ୍ଥିତିରେ ଆବେଦନର ଶୁଣାଣି ଓ ଫଇସଲା କରାଯିବ । ଏହି ନ୍ୟାୟାଧିକରଣର ସହି ମୋହର ଅଧୀନରେ ମୋ ଦ୍ୱାରା ୨୯ ଅଗଷ୍ଟ, ୨୦୨୩ ଦିନ ପ୍ରଦତ୍ତ ।
ସ୍ୱା./-
ନିବନ୍ଧକ

झारखण्ड राज्य ग्रामीण पथ विकास प्राधिकरण (JSRRDA)
एफ०एफ०पी० भवन, तृतीय तल्ला, धूर्वा, राँची –834004, झारखण्ड
अल्पकालीन ई–पुनःर्निविदा आमंत्रण सूचना (2nd Call)
PR No.- 303533 Dated : 28.07.2023
अल्पकालीन ई–पुनःर्निविदा संख्या:-80 /2023-24 | दिनांक :-12.09.2023
मुख्य अभियंता, जे०एस०आर०आर०डी०ए०, राँची द्वारा निम्नविवरण के अनुसार e-procurement पद्धति से निविदा आमंत्रित की जाती है।

| क्र० सं० | आईडेन्टीफिकेशन संख्या / पैकेज संख्या | प्रखण्ड का नाम | | कार्य का नाम | प्राक्कलित राशि अंक में (लाख में) | प्राक्कलित राशि अक्षर में (रूपये में) | कार्य समाप्ति की अवधि |
|---|---|---|---|---|---|---|---|
| 1 | | 2 | | 3 | 4 | 5 | 6 |
| 1 | JH-M-BOK-01 /2023-24 | चन्दनकियारी | 1 | आर०ई०ओ० रोड से कलिकापुर तक पथ का विशेष मरम्मति कार्य (लं० – 3.100 कि०मी०) | 1320.773 | तेरह करोड़ बीस लाख सतहतर हजार तीन सौ रू० मात्र | 09 महीना |
| | | चन्दनकियारी | 2 | आर०ई०ओ० से लंका पथ का विशेष मरम्मति कार्य (लं० – 2.400 कि०मी०) | | | |
| | | चास | 3 | एन०एच०–32 से पादुडीह तक पथ का विशेष मरम्मति कार्य (लं० – 7.500 कि०मी०) | | | |
| | | चन्दनकियारी | 4 | चन्द्रा मोड़ से कुमीरडुबा भाया मनीपुर पथ का विशेष मरम्मति कार्य (लं० – 6.340 कि०मी०) | | | |
| | | चास | 5 | पी०सी०बी० रोड से रघुनाथपुर तक पथ का विशेष मरम्मति कार्य (लं० – 3.700 कि०मी०) | | | |
| | | चन्दनकियारी | 6 | नावाडीह हिरक रोड से तिलाटांड, रोहनियाटांड होते हुए अम्लाबाद तक पथ का विशेष मरम्मति कार्य (लं० – 3.650 कि०मी०) | | | |
| | | चन्दनकियारी | 7 | सिलफोर से बाबुडीह पथ का विशेष मरम्मति कार्य (लं० – 3.000 कि०मी०) | | | |
| | | चन्दनकियारी | 8 | अद्राकुरी से कुम्हारडीह तक पथ का विशेष मरम्मति कार्य (लं० – 2.400 कि०मी०) | | | |

2. वेबसाईट मे निविदा प्रकाशन की तिथिः– 15.09.2023
3. ई–निविदा प्राप्ति की अंतिम तिथि एवं समयः– 27.09.2023 अपराह्न 5.00 बजे तक।
4. (क) मुख्य अभियंता, जे०एस०आर०आर०डी०ए०, राँची, एफ०एफ०पी० भवन, तृतीय तल्ला, धूर्वा, राँची –834004, झारखण्ड (ख) जिला नियंत्रण कक्ष, राँची अथवा (ग) जिला नियंत्रण कक्ष, बोकारो में से किसी भी कार्यालय में निविदा शुल्क एवं अग्रधन की राशि जमा करने की अंतिम तिथि एवं समयः– 29.09.2023 अपराह्न 3.30 बजे तक।
5. निविदा शुल्क एवं अग्रधन की राशि स्पीड पोस्ट के माध्यम से भी मुख्य अभियंता, जे०एस०आर०आर०डी०ए०, राँची, एफ०एफ०पी० भवन, तृतीय तल्ला, धूर्वा, राँची –834004, झारखण्ड को भेजा जा सकता है। यह निविदाकार की जिम्मेवारी होगी कि स्पीडपोस्ट के माध्यम से भेजा जाने वाला निविदा शुल्क एवं अग्रधन की राशि निर्धारित तिथि एवं समय (29.09.2023 अपराह्न 3.30 बजे तक) से पूर्व प्राप्त हो जाय। अंतिम तिथि एवं समय से पूर्व प्राप्त निविदा शुल्क एवं अग्रधन की राशि पर ही विचार किया जायेगा।
6. निविदा खोलने की तिथि एवं समयः– 03.10.2023 अपराह्न 3.30 बजे।
7. निविदा आमंत्रित करने वाले पदाधिकारी का नाम एवं पताः– मुख्य अभियंता का कार्यालय, जे०एस०आर०आर०डी०ए०, राँची, एफ०एफ०पी० भवन, तृतीय तल्ला, धूर्वा, राँची –834004, झारखण्ड।
8. ई–निविदा प्रकोष्ठ का दूरभाष सं०– ..........................
9. निविदा शुल्क झारखण्ड राज्य में अवस्थित भारतीय स्टेटबैंक / राष्ट्रीयकृत बैंक / अनुसूचित बैंक द्वारा निर्गत बैंकड्राफ्ट के रूप में जो कार्यपालक अभियंता, ग्रामीण कार्य विभाग, कार्य प्रमण्डल, बोकारो के पक्ष में एवं बोकारो में भुगतेय जमा करना होगा जो लौटाया नही जायेगा।

विस्तृत जानकारी के लिए वेबसाईट jharkhandtenders.gov.in मे देखा जा सकता है।
मुख्य अभियंता
जे०एस०आर०आर०डी०ए०, राँची।
PR 306805 (Rural Work Department) 23-24 (D)

ଅନ୍ୟମାନଙ୍କଠାରୁ ଯାହା ଆସେ –ତାହାଦ୍ୱାରା ବିକ୍ଷୁବ୍ଧ ନ ହୋଇ– ଯେତେବେଳେ ଆମ୍ଭେମାନେ କେବଳ ଭଗବାନଙ୍କ କୋଳରେ ସ୍ଥିର ହୋଇ ରହୁ– ସେତେବେଳେ ଆଗେ ତାଙ୍କର ଅଦ୍ଭୁତ କ୍ଷମତାକୁ ଦେଖିପାରୁ। ଅନୁଭବ ମଧ୍ୟ କରିପାରୁ। ତାଙ୍କ ପ୍ରତି ଆମର ପ୍ରେମରେ ହିଁ ରହିଛି ଆମର ନିରାପତ୍ତା। –ଶ୍ରୀମା



# ସକାରାତ୍ମକ ବାର୍ତ୍ତା ଆସୁ

ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଜି୨୦ ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ମାନବ ଅଧିକାର, ଭଦ୍ର ସମାଜ ଓ ଗଣମାଧ୍ୟମ ସ୍ୱାଧୀନତା ବିଷୟରେ ଜଣାଇଥିବା କଥା ଭିଏତ୍‌ନାମରେ କହିଛନ୍ତି। ତାଙ୍କୁ ଭାରତରେ ଗଣମାଧ୍ୟମକୁ ଭେଟିକରି ଏହିସବୁ ବିଷୟ କହିବାକୁ ସୁଯୋଗ ଦିଆଗଲା ନାହିଁ ବୋଲି ମନ୍ତବ୍ୟ ପ୍ରକାଶ ପାଇଛି। କୁହାଯାଇପାରେ ଯେ, ଭାଜପା ସରକାର ସବୁ କଥାକୁ ଗୁପ୍ତ ରଖିବାକୁ ଯାଇ ଏଭଳି ପଦକ୍ଷେପ ନେଇପାରିଥାନ୍ତି। ଉଲ୍ଲେଖଯୋଗ୍ୟ, ସଂସଦର ସ୍ୱତନ୍ତ୍ର ଅଧିବେଶନ ସେପ୍ଟେମ୍ବର ୧୮ରୁ ୨୨ ଯାଏ ଚାଲିବ । ଆଜି ପର୍ଯ୍ୟନ୍ତ ଏହାର କାର୍ଯ୍ୟସୂଚୀ ସମ୍ବନ୍ଧରେ ସମସ୍ତଙ୍କୁ ଅନ୍ଧାର ଘରରେ ରଖାଯାଇଛି। ଅଗଷ୍ଟ ୧୧ରେ ଗୋଟିଏ ଅଧିବେଶନ ଶେଷ ହୋଇଥିବାବେଳେ ଏତେ ଶୀଘ୍ର ସ୍ୱତନ୍ତ୍ର ଅଧିବେଶନ ଡକାଯିବାକୁ ନେଇ ସରକାରଙ୍କ କାର୍ଯ୍ୟକଳାପ ଉପରେ ପ୍ରଶ୍ନ ଉଠିଛି। ଗୋଟିଏ ଅଧିବେଶନର ଶେଷଦିନ ପରେ ସର୍ବନିମ୍ନ ୯୦ ଦିନର ବ୍ୟବଧାନରେ ପରବର୍ତ୍ତୀ ଅଧିବେଶନ ଡକାଯାଇପାରିବ। ଅବଶ୍ୟ ବିଶେଷ ପରିସ୍ଥିତିରେ ଏହି ପରମ୍ପରାକୁ ଭଙ୍ଗାଯିବାର ସୁଯୋଗ ରହିଛି। ତେବେ ଦେଶର ନାମ ଇଣ୍ଡିଆରୁ ଭାରତ କରିବା ଏବଂ 'ଏକ ଦେଶ, ଏକ ନିର୍ବାଚନ'କୁ ନେଇ ସ୍ୱତନ୍ତ୍ର ଅଧିବେଶନରେ କିଛି ନିଷ୍ପତ୍ତି ନିଆଯିବ ବୋଲି ମନେକରାଯାଉଛି। କିନ୍ତୁ ଏସବୁ କଳ୍ପନାଜଳ୍ପନା ବୋଲି ଶାସକ ଦଳ କହିଛି। ଅଧିବେଶନରେ ମୁଦ୍ରାସ୍ଫୀତି, ନିଯୁକ୍ତି, କୃଷକମାନଙ୍କ ପାଇଁ ଏମ୍ଏସ୍‌ପି, ମଣିପୁର ହିଂସା, ସାମ୍ପ୍ରଦାୟିକ ଉତ୍ତେଜନା, ଲଦାଖରେ ଚାଇନାର କାର୍ଯ୍ୟକଳାପ ଓ ଜାତିଭିତ୍ତିକ ଜନଗଣନାର ଆବଶ୍ୟକତା ଆଦି ପ୍ରସଙ୍ଗ ଉପରେ ଆଲୋଚନା କରିବାକୁ ବିରୋଧୀ ଏକ ତାଲିକା ଦେଇଛି। କିନ୍ତୁ ଏଗୁଡ଼ିକ ଉପରେ ଆଲୋଚନା ହେବା ସମ୍ଭାବନା କମ୍। କାରଣ ସରକାର ବିନା ମତାମତ ଓ ବିତର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ନେବା ଭଳି ମନେହେଉଛି। ଭାଜପାର ୧୦ ବର୍ଷ ଶାସନ କାଳରେ ଏମିତି ଅନେକ ଏକତରଫା ନିଷ୍ପତ୍ତି ନେଇ ସରକାର ଅଡୁଆରେ ପଡ଼ିଛନ୍ତି ଓ ଲୋକେ ମଧ୍ୟ ହନ୍ତସନ୍ତ ହୋଇଛନ୍ତି। କେବଳ ଏହି ସ୍ୱତନ୍ତ୍ର ଅଧିବେଶନର କାର୍ଯ୍ୟସୂଚୀ ନୁହେଁ, ବରଂ ଅତୀତରେ ଆଉ କେତେକ ପ୍ରସଙ୍ଗରେ ନାଗରିକଙ୍କ ସମେତ ମନ୍ତ୍ରୀମାନଙ୍କୁ ଅନ୍ଧକାରରେ ରଖାଯାଇଛି। ଉଦାହରଣ ସ୍ୱରୂପ, ୨୦୧୬ର ବିମୁଦ୍ରୀକରଣ ନିଷ୍ପତ୍ତି ଚୂଡ଼ାନ୍ତ ହେବା ପୂର୍ବରୁ କୌଣସି ସୂଚନା କେହି ପାଇପାରି ନ ଥିଲେ। ଏପରିକି ସେତେବେଳେ ଖବର ପ୍ରକାଶ ପାଇଥିଲା ଯେ, ସବୁ କ୍ୟାବିନେଟ୍ ମନ୍ତ୍ରୀଙ୍କ ସମେତ ତତ୍କାଳୀନ ଅର୍ଥମନ୍ତ୍ରୀ ଅରୁଣ ଜେଟଲିଙ୍କୁ ମଧ୍ୟ ଏ ବିମୁଦ୍ରୀକରଣ ସମ୍ପର୍କରେ କୌଣସି ପୂର୍ବ ସୂଚନା ଦିଆଯାଇ ନ ଥିଲା। ସବୁକାର୍ଯ୍ୟ ସିଧାସଳଖ ଅଫିସରମାନଙ୍କ ଦ୍ୱାରା କରାଯାଇଥିଲା, ଯାହା ପ୍ରତ୍ୟେକ ଦେଶବାସୀ ଅଙ୍ଗେନିଭେଇଛନ୍ତି। ସେହିଭଳି ଡିସେମ୍ବର ୨୦୧୯ରେ ବିନା କୌଣସି ଆଲୋଚନାରେ ଜାତୀୟ ନାଗରିକ ପଞ୍ଜୀକରଣ (ଏନ୍ଆର୍‌ସି) ଓ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ)କୁ ଲାଗୁ କରାଯାଇଥିଲା। ଦେଶ ସାରା ପ୍ରତିବାଦ ଦେଖାଦେବାରୁ ଏହାକୁ ବନ୍ଦ ରଖାଯାଇଛି ଓ ସାଢ଼େ ୩ ବର୍ଷ ପରେ ତାହା କାର୍ଯ୍ୟକାରୀ ହୋଇପାରିନାହିଁ। ସମ୍ଭବତଃ ଏହାପାଇଁ ଜନଗଣନା ବନ୍ଦ ରହିଥିବା କୁହାଯାଉଛି। ଅନୁରୂପ ଭାବେ ୨୦୨୦ରେ କୋଭିଡ୍ ବେଳେ ଦେଶବ୍ୟାପୀ ଲକ୍‌ଡାଉନ କରିଦିଆଯିବାରୁ ଲୋକେ ହନ୍ତସନ୍ତ ହୋଇଥିଲେ। ଏପରି କି ସ୍ୱାସ୍ଥ୍ୟ, ଅର୍ଥ, ବିପର୍ଯ୍ୟୟ ପରିଚାଳନା ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ବିଭାଗ ଏ ସମ୍ପର୍କରେ ପୂର୍ବ ସୂଚନା ପାଇ ନ ଥିଲା। ସେହି କୋଭିଡ୍ ସମୟରେ ତରବରିଆ ଭାବେ ବିନା ବିତର୍କରେ କୃଷି ଆଇନ ଅଣାଯାଇଥିଲା। ୧ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି କୃଷକମାନଙ୍କ ଆନ୍ଦୋଳନ ପରେ ସରକାର ପଛକୁ ହଟି ଆଇନକୁ ପ୍ରତ୍ୟାହର କରିଥିଲେ। ବାସ୍ତବତା ହେଉଛି ଜନଭାଗୀଦାରି ଓ ଭଦ୍ର ସମାଜକୁ ଏଡ଼ାଇଯାଇ ଯେତୋଟି ପ୍ରମୁଖ ନିଷ୍ପତ୍ତି ନିଆଯାଇଛି ବା ଆଇନ ଗଢ଼ାଯାଉଛି, ତାହାର ପ୍ରତ୍ୟେକଟିର ନକାରାତ୍ମକ ପରିଣାମ ଭୋଗିବାକୁ ପଡୁଛି। ସେଭଳି ମନୋଭାବ କିଛି ପ୍ରସଙ୍ଗରେ ପୁନର୍ବାର ସ୍ୱତନ୍ତ୍ର ଅଧିବେଶନରେ ପ୍ରତିଫଳିତ ହେବା ଆଶଙ୍କା ଦେଖାଦେଲାଣି।

ସଂସଦରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ବିତର୍କ ସ୍ଥାନ ପାଇପାରୁନାହିଁ। ଯୋଜନାର ଅଗ୍ରଗତି ସମ୍ବନ୍ଧୀୟ ତଥ୍ୟ ଗୁପ୍ତ ରଖାଯାଉଛି। ଅନ୍ତର୍ଜାତୀୟ ସୂଚକାଙ୍କରେ ଭାରତର ସାମାଜିକ, ଅର୍ଥନୈତିକ ତଥା ଗଣତାନ୍ତ୍ରିକ ଅଧିକାର ସମ୍ବନ୍ଧୀୟ ତଥ୍ୟକୁ ଅସ୍ୱୀକାର କରାଯାଉଛି। ୨୦୧୭ରେ ନୀତି ଆୟୋଗ ସବୁକ୍ଷେତ୍ରକୁ ଏକାଠିକରି ଏକ ୫ ବର୍ଷିଆ ଯୋଜନା ଆରମ୍ଭ କରିଥିଲା ଓ ୨୦୨୨ ସୁଦ୍ଧା 'ନ୍ୟୁ ଇଣ୍ଡିଆ' ବା 'ନୂଆ ଭାରତ' ଗଠନ କରିବାର ପ୍ରତିଶ୍ରୁତିବଦ୍ଧତା ପ୍ରକାଶ କରିଥିଲା। କିନ୍ତୁ ସେହି ୫ ବର୍ଷିଆ ଯୋଜନା ସମ୍ପର୍କରେ କୌଣସି ସୂଚନା ଏବେ ମଧ୍ୟ କେହି ଜାଣିପାରୁନାହାନ୍ତି। ଭାଜପାର ୧୦ ବର୍ଷ ଶାସନକୁ ଯଦି ଲକ୍ଷ୍ୟ କରାଯାଏ ତେବେ ମାନବ ଅଧିକାର କ୍ଷୁଣ୍ଣ, ଅସହିଷ୍ଣୁତା, ସଂଖ୍ୟାଲଘୁ ନିର୍ଯାତନା ନେଇ ଅନ୍ତର୍ଜାତୀୟ ସ୍ତରରେ ସମାଲୋଚନାର ସ୍ୱର ଉଠିଛି। ତରବରିଆ ଭାବେ ଜମ୍ମୁ-କଶ୍ମୀରରୁ ସମ୍ବିଧାନର ୩୭୦ ଅନୁଚ୍ଛେଦ ଉଚ୍ଛେଦ ପରେ ସେଠାରେ ଇଣ୍ଟରନେଟ୍ ସେବା ଓ ଶିକ୍ଷାନୁଷ୍ଠାନ ବନ୍ଦ କରିବା ସହ ସ୍ଥାନୀୟ ଗଣମାଧ୍ୟମର କଣ୍ଠରୋଧ ଏବଂ ସେହି ଅଞ୍ଚଳକୁ ସବୁ ପ୍ରକାର ଯାତାୟାତ ବନ୍ଦ କରିଦେବା ଦ୍ୱାରା ମାନବ ଅଧିକାର କ୍ଷୁଣ୍ଣ ହୋଇଥିଲା। ସେହିଭଳି ୨୦୧୮ରେ ମହାରାଷ୍ଟ୍ରର ଭୀମା କୋରେଗାଁଓ ଘଟଣାର ଗିରଫଦାରି ବେଳୁ ମାନବ ଅଧିକାର ଉଲ୍ଲଂଘନ କଥା ଆଲୋଚନା ହେଉଛି। ତଥାକଥିତ 'ନୂଆ ଭାରତ'ରେ ମାନବ ଅଧିକାର କ୍ଷୁଣ୍ଣ ଓ ନିର୍ଯାତନାର ଏସବୁ ଗୋଟିଏ ଗୋଟିଏ ବାସ୍ତବ ଚିତ୍ର । ଏହିଭଳି ଆଭିମୁଖ୍ୟରୁ ସରକାର ବିରତ ରହିଲେ ନୂତନ ସଂସଦ ଭବନରୁ ସକାରାତ୍ମକ ବାର୍ତ୍ତା ଆସିପାରିବ।

## su | do | ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | | | | | 5 | | |
| 5 | | 4 | | | | | 1 | |
| | | 9 | 3 | 7 | | | | |
| | | | | 3 | | | 8 | 4 |
| 2 | | | | 6 | | | | |
| 7 | | | 8 | | | | | |
| 1 | 5 | 7 | | | | | 6 | |
| 3 | | | 1 | | | 8 | 9 | |
| | | | | | | | 5 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 9 | 2 | 7 | 3 | 1 | 5 | 6 | 4 |
| 1 | 7 | 3 | 5 | 6 | 4 | 2 | 8 | 9 |
| 5 | 6 | 4 | 2 | 8 | 9 | 3 | 7 | 1 |
| 6 | 5 | 8 | 1 | 4 | 7 | 9 | 2 | 3 |
| 2 | 4 | 1 | 6 | 9 | 3 | 7 | 5 | 8 |
| 7 | 3 | 9 | 8 | 5 | 2 | 1 | 4 | 6 |
| 9 | 1 | 7 | 4 | 2 | 8 | 6 | 3 | 5 |
| 4 | 2 | 5 | 3 | 1 | 6 | 8 | 9 | 7 |
| 3 | 8 | 6 | 9 | 7 | 5 | 4 | 1 | 2 |

ଗତକାଲିର ଉତ୍ତର



# ଆମ ସମ୍ବିଧାନରେ ଦଳତନ୍ତ୍ରର ବୀଜ

ସହଦେବ ସାହୁ

ସମ୍ବିଧାନ ପ୍ରଣେତାମାନେ ସମ୍ବିଧାନର କୌଣସି ସ୍ଥାନରେ 'ରାଜନୈତିକ ଦଳ' ଶବ୍ଦଦ୍ୱୟ ବ୍ୟବହାର କରିନାହାନ୍ତି। ୧୯୫୦ର ମୂଳ ରିପ୍ରେଜେଣ୍ଟେଶନ୍ ଅଫ୍ ପିପୁଲ୍‌ସ ଆକ୍ଟ (ଜନପ୍ରତିନିଧି ଆଇନ)ରେ 'ପଲିଟିକାଲ୍ ପାର୍ଟି' ଉଲ୍ଲେଖ ନ ଥିଲା। ଇନ୍ଦିରା ଗାନ୍ଧୀ ଇମର୍ଜେନ୍ସି ଜାରି କରିଥିବା ସମୟରେ ଓ ପରେପରେ ଯେଉଁ ସମ୍ବିଧାନ-ସଂଶୋଧନ ବିଲ୍ ଆଣିଲେ ତହିଁରେ ଦଳ ଶବ୍ଦ ବ୍ୟବହାର ହୋଇ ନାହିଁ। କେତେଜଣ ପୁରୁଣା ବୟୋବୃଦ୍ଧ ବ୍ୟକ୍ତିଙ୍କୁ ବାଦ୍ ଦେଇ ନିଜର ଦଳ ଗଢ଼ିଲେ ଯାହାକୁ ଆମେ 'ଇଣ୍ଡିଆନ୍ ନ୍ୟାଶନାଲ କଂଗ୍ରେସ (ଇନ୍ଦିରା)' ନାମରେ ଜାଣିଲୁ, ଭାରତୀୟ ଜାତୀୟ କଂଗ୍ରେସରୁ ସେମାନଙ୍କୁ ବିଦା କରିବା ଚେଷ୍ଟା କରି ନ ଥିଲେ, ବରଂ ନିଜେ ବାହାରିଯିବା ଉଚିତ ମନେକଲେ। ଦଳରେ ଅସନ୍ତୁଷ୍ଟ ବା ବିଦ୍ରୋହୀଙ୍କୁ ତଡ଼ିବାର ଆଇନ ଆଣି ନ ଥିଲେ। କିନ୍ତୁ ଅସନ୍ତୋଷ ପ୍ରକାଶ ବା ବିଦ୍ରୋହକୁ ରୋକିବା ଲାଗି ରାଜୀବ ଗାନ୍ଧୀ ୧୯୮୫ରେ ଆଣ୍ଟିଡିଫେକ୍ସନ୍ (ଦଳ ବଦଳ ନିରୋଧ) ବିଲ୍ ଆଣିଲେ, ତହିଁରେ ପ୍ରଥମ ଥର ପାଇଁ 'ରାଜନୈତିକ ଦଳ' ଉଲ୍ଲେଖ ରହିଲା, ବିଲ୍‌ଟି ପ୍ରଥମେ ଆକ୍ଟ ଓ ପରେ ୫୨ତମ ସମ୍ବିଧାନ ସଂଶୋଧନ ଆକ୍ଟ ହୋଇଗଲାରୁ ସମ୍ବିଧାନରେ ୧୦ମ ପରିଚ୍ଛେଦ ରୂପେ ପୂରେଇ ଦିଆଗଲା। ତହିଁରେ ରହିଲା ଯେ ଦଳ ସମର୍ଥନରେ ଜିତିଥିବା ବିଧାୟକ ଓ ସାଂସଦମାନେ ଦଳର ସଭ୍ୟ ବୋଲି ଧରାଯିବେ, ସେମାନେ ଦଳ ଛାଡିଲେ ବା ଦଳପତିଙ୍କ ନିର୍ଦ୍ଦେଶ ଅନୁଯାୟୀ ଭୋଟ ନ ଦେଲେ ବା ଭୋଟଦାନରୁ ବିରତ ରହିଲେ ବିଧାୟକ ବା ସାଂସଦ ପଦ ପାଇଁ ଅଯୋଗ୍ୟ ବିବେଚିତ ହେବେ। ଅର୍ଥାତ୍ ଦଳର ମର୍ଜି ଭୋଟରଙ୍କ ମତକୁ ରଦ୍ଦ କରିଦେବ। ସମ୍ବିଧାନର ଧାରା ୧୦୧ ଓ ୧୯୧ରେ ଯେଉଁ ଅଯୋଗ୍ୟତା (ଡିସ୍‌କ୍ୱାଲିଫିକେଶନ୍) ଥିଲା ତାହା ଯେ କୌଣସି ବ୍ୟକ୍ତିର ପ୍ରାର୍ଥୀହେବାର ଅଯୋଗ୍ୟତା ଥିଲା। ୧୯୮୫ର ୫୨ତମ ସମ୍ବିଧାନ ସଂଶୋଧନ ନିର୍ବାଚିତ/ମନୋନୀତ ବ୍ୟକ୍ତିଙ୍କୁ ତାଙ୍କ ଦଳର ମେମ୍ବର ବୋଲି ଧରିନେଲା, ୯୧ତମ ସଂଶୋଧନ ଆଇନ (କ) ଦଳତ୍ୟାଗୀ ଓ (ଖ) ଦଳର ହ୍ୱିପ୍ ନ ମାନିବା ବ୍ୟକ୍ତିଙ୍କୁ ବିଧାୟକ ବା ସାଂସଦ ପଦ ପାଇଁ ଅଯୋଗ୍ୟ କରିଦେଲା, ଅବଶ୍ୟ ବାଚସ୍ପତି ଦଳପତିଙ୍କ ଏ ପ୍ରକାରର ଅନୁରୋଧ ପତ୍ର ପାଇଲେ ଅଯୋଗ୍ୟ ହୋଇଛନ୍ତି କି ନାହିଁ ବିଚାର କରିବେ, ଶାସକ ଦଳରୁ ନିର୍ବାଚିତ ହୋଇଥିବା ବାଚସ୍ପତି ପ୍ରାୟ ହଁ କରନ୍ତି। ପଦ ପାଇଁ ଅଯୋଗ୍ୟତା ଧାରା ୧୦୧ ଓ ୧୯୧ର ଉପଧାରା ୨ରେ ସ୍ଥାନିତ ହୋଇଛି। ଦଳ-ବଦଳ ତ ଜଳଜଳ ଦିଶୁଥିବା ଅଯୋଗ୍ୟତା, କିନ୍ତୁ ଦଳପତିଙ୍କ ନିର୍ଦ୍ଦେଶ (ହ୍ୱିପ୍) ଅନୁଯାୟୀ ଭୋଟ ନ ଦେବା ବା ଭୋଟଦାନରୁ ବିରତ ରହିବା ପ୍ରମାଣ ଦରକାର କରେ, ତେଣୁ ବାଚସ୍ପତିଙ୍କ ବିଚାରଯୋଗ୍ୟ, ବାଚସ୍ପତି ହଁ ଭରିଲେ ସମ୍ପୃକ୍ତ ଅମାନିଆ ବ୍ୟକ୍ତିର ବିଧାୟକ ବା ସାଂସଦ ପଦ ଗଲା – ଅର୍ଥାତ୍ ଲୋକମତ ତୁଚ୍ଛ – ଦଳପତିଙ୍କ ମର୍ଜି ତା' ଊର୍ଦ୍ଧ୍ୱରେ। ଏ ତ ଗଣତନ୍ତ୍ର (ପ୍ରତିନିଧି ମୂଳକ ଗଣତନ୍ତ୍ର) ନୁହେଁ,



ଏ ହେଉଛି ଦଳତନ୍ତ୍ର! ଆମ ଦେଶ ଗଣତାନ୍ତ୍ରିକ ହୋଇଥିଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ଦଳପତିଙ୍କ ସ୍ୱୈରତନ୍ତ୍ର! ଦଳରୁ ବିଦାହେବା ଭୟ ଓ ବିଧାୟକ ବା ସାଂସଦ ପଦ ହରାଇବା ଭୟ – ଉଭୟ ଭୟ ଶାସକ ଦଳର ସଦସ୍ୟମାନଙ୍କୁ ଆଣ୍ଟେଇ ଦେଇଛି! ତେଣୁ ଦଳର ଏମ୍ଏଲ୍ଏ କାହିଁକି ମନ୍ତ୍ରୀମାନେ ବି ମୁଖ୍ୟମନ୍ତ୍ରୀ ତଥା ଦଳପତିଙ୍କ ନିର୍ଦ୍ଦେଶ ଉପରେ ତୁଣ୍ଡ ଫିଟାଇ ପାରିବେ ନାହିଁ, ମୌନଂ ସମ୍ମତି ଲକ୍ଷଣମ୍। ତେଣୁ ଦଳପତିଙ୍କ ନିର୍ଦ୍ଦେଶ ଥିବା କାର୍ଯ୍ୟକ୍ରମରେ ବିରୋଧ ନ ଆଣିବା ଶ୍ରେୟସ୍କର! ଏଭଳି ପରିସ୍ଥିତି ସୃଷ୍ଟି କରିଛନ୍ତି ୧୯୮୫ରେ ଓ ୨୦୦୩ରେ କେନ୍ଦ୍ର ସରକାର ଚଳାଉଥିବା ଦଳମାନେ, ଯଥାକ୍ରମେ ରାଜୀବ ଗାନ୍ଧୀଙ୍କ କଂଗ୍ରେସ ଓ ବାଜପେୟୀଙ୍କ ପରିଚାଳିତ ଏନ୍‌ଡିଏ। ଯେତେବେଳେ ସମ୍ବିଧାନକୁ ସଂଶୋଧନ କରି ଦଳ ଚିହ୍ନରେ ଭୋଟ ପାଇଥିବା ବ୍ୟକ୍ତିଙ୍କୁ ଦଳର ପ୍ରାର୍ଥୀ (ଲୋକଙ୍କ ପ୍ରାର୍ଥୀ ନୁହେଁ) ବୋଲି ଗଣନା କରାଯିବ ବୋଲି ଆଇନ କରିଦେଲେ, ପରେ ଅନ୍ୟ ଦଳମାନେ ଏହାର ଫାଇଦା ଉଠାଇବେ ବୋଲି ଭାବିପାରିଲେ ନାହିଁ । (୧) ଦଳ ଛାଡିଲେ ତ ବିଧାୟକ/ସାଂସଦ ପଦ ପାଇଁ ଅଯୋଗ୍ୟ ହେବେ (ଅର୍ଥାତ୍ ପଦ ହରାଇବେ, ଲୋକଙ୍କ ଭୋଟ ପାଇ ଜିତିଥିଲେ ବି) ଏବଂ (୨) ଦଳର, ମାନେ ଦଳପତିଙ୍କ, ହ୍ୱିପ୍ (ନିର୍ଦ୍ଦେଶ) ଅନୁଯାୟୀ ସଭାଗୃହରେ ଭୋଟ ନ ଦେଲେ ବା ଭୋଟ ଦେବାରୁ ବିରତ ରହିଲେ ଦଳ ତାଙ୍କୁ ଦଳରୁ ବହିଷ୍କାର କରିପାରିବ ଏବଂ ଦଳରୁ ବହିଷ୍କାର ହେଲେ ବାଚସ୍ପତିଙ୍କ ଅନୁମୋଦନ କ୍ରମେ ବିଧାୟକ ବା ସାଂସଦ ପଦ ହରାଇବେ।

ରିପ୍ରେଜେଣ୍ଟେଶନ୍ ଅଫ୍ ପିପୁଲ୍‌ସ ଆକ୍ଟରେ ଓ ନିର୍ବାଚନ ଆଚରଣ ବିଧିରେ ରହିଲା ଯେ ଇଲେକ୍ସନ କମିଶନଙ୍କ ପାଖରେ ରେଜିଷ୍ଟର୍ଡ ହୋଇଥିବା ରାଜନୈତିକ ଦଳର ଦଳପତିଙ୍କ ସୁପାରିସପତ୍ର ନେଇ ରିଟର୍ନିଂ ଅଫିସରଙ୍କ ପାଖରେ ଦାଖଲ କଲେ ହିଁ ପ୍ରାର୍ଥୀଟି ଉକ୍ତଦଳର ପ୍ରାର୍ଥୀ ହୋଇପାରିବ ଏବଂ ତାଙ୍କ ନିର୍ବାଚନ-ପ୍ରଚାରରେ ଦଳ ଯାହା ଖର୍ଚ୍ଚ କରିବ ତାହା ପ୍ରାର୍ଥୀର ଖର୍ଚ୍ଚସୀମା ଭିତରେ ଗଣାଯିବ ନାହିଁ। ଦଳର ପ୍ରତିନିଧି ନ ହୋଇ ୧୦ଜଣ ଭୋଟରଙ୍କ ମନୋନୟନରେ ଜଣେ ସ୍ୱାଧୀନ ପ୍ରାର୍ଥୀ ହୋଇପାରେ, ବ୍ୟୟବହୁଳ ନିର୍ବାଚନରେ ତା'ର ଜିତିବା ପ୍ରାୟ କଷ୍ଟକର! ରିପ୍ରେଜେଣ୍ଟେଶନ୍ ଅଫ୍ ପିପୁଲ୍‌ସ ଆକ୍ଟ କାର୍ଯ୍ୟକ୍ଷେତ୍ରରେ ରିପ୍ରେଜେଣ୍ଟେଶନ୍ ଅଫ୍ ପଲିଟିକାଲ୍ ପାର୍ଟିଜ୍ ଆକ୍ଟ ହୋଇଗଲାଣି। ଭୋଟକାଗଜରେ ଦଳ ଚିହ୍ନ ଉପରେ ରବର ଷ୍ଟାମ୍ପ (ମୋହର) ମାରିଦେଲା ପରେ ପ୍ରାର୍ଥୀଟି ଦଳର ସଦସ୍ୟ ହୋଇଗଲା, ଜନତାର ପ୍ରତିନିଧି ହୋଇ ରହିଲା ନାହିଁ। ଏ ପ୍ରକାରର ଅସ୍ୱାଭାବିକତା କେବଳ ଭାରତରେ ସମ୍ଭବ!

ଜଣେ ସଚିବ ମୁଖ୍ୟମନ୍ତ୍ରୀଙ୍କ (ମାନେ ଶାସକ ଦଳର ମୁଖ୍ୟଙ୍କ) ଆଜ୍ଞାମାଳ ଧରି ରାଜ୍ୟ ଗସ୍ତ କଲେ ସେ କାହିଁକି ମୁଖ୍ୟମନ୍ତ୍ରୀଙ୍କ ଭଳି ସମ୍ମାନ ଓ ସାହାଯ୍ୟ ନ ପାଇବେ? ଦଳର ମେମ୍ବରମାନେ ଓ ବିଧାୟକ ତଥା ସାଂସଦମାନେ କାହିଁକି ତାଙ୍କୁ ସାହାଯ୍ୟ ନ କରିବେ? ସାହାଯ୍ୟ ନ କଲେ ଦଳର ନିର୍ଦ୍ଦେଶକୁ ଅମାନ୍ୟ କରୁଛ ବୋଲି ଧରାଯିବ, ତେଣୁ ଆଗାମୀ ନିର୍ବାଚନରେ ବିଧାୟକ ପ୍ରାର୍ଥୀ ପାଇଁ ଦଳର ଟିକେଟ ନ ପାଇପାର। ଗୋପାଳପୁର ବିଧାୟକ ଦଳରୁ ବହିଷ୍କୃତ ହୋଇଥିଲେ ବି ଦଳର ମୁଖ୍ୟ ବାଚସ୍ପତିଙ୍କୁ ପ୍ରସ୍ତାବ ଦେଇନାହାନ୍ତି ଯେ ତାଙ୍କୁ ବିଧାୟକ ପଦରୁ ଅଯୋଗ୍ୟ ଘୋଷଣା କରାଯାଉ। ଏଭଳି ଝୁଲା ବିଧାୟକ ପଦଟା ସମ୍ଭବତଃ ପାର୍ଟି ସୁପ୍ରିମୋଙ୍କ ଉଦାରତା! ପୂର୍ବ କେନ୍ଦ୍ରାପଡ଼ା ସାଂସଦ ଏଇମିତି ତାଙ୍କ ଅବଧି ସରିବା ଯାଏ ନିଜ ପଦରେ ଥିଲେ! ୨୦୦୩ଠାରୁ ନାଗରିକମାନେ ଖାଲି ମୋହର ମାରିବା ଲୋକ ହୋଇଯାଇଛନ୍ତି, ମତ ପ୍ରକାଶ କରିବାର ବା ପ୍ରତିନିଧି ବାଛିବାର ଅଧିକାର ରାଜନୈତିକ ଦଳମାନେ ଛଡ଼ାଇନେଇଛନ୍ତି। ଦଳର ଚିହ୍ନ ଉପରେ ମୋହର ମାରିବା ହିଁ ତା' ପାଇଁ ଗଣତନ୍ତ୍ର। ସବୁ ଦିଗରୁ ନିର୍ବାଚିତ ବ୍ୟକ୍ତି ଦଳର ପ୍ରତିନିଧି ଏବଂ ଦଳପତିଙ୍କ ଲିଖିତ ବା ଇଙ୍ଗିତ ଆଜ୍ଞାର ଅଧୀନ। ପ୍ରାର୍ଥୀର ବିଜୟ ସମ୍ଭାବନା (ଉଇନେବିଲିଟି) ତା'ର ବ୍ୟକ୍ତିତ୍ୱ ବା ଆଚରଣ ଉପରେ ନିର୍ଭର କରୁନାହିଁ, ଦଳ କେତେ ପରିମାଣରେ ତା' ପାଇଁ ଲଢୁଛି ତା' ଉପରେ ନିର୍ଭର କରୁଛି। ସତେ ଯେପରି ଅସାଧୁତା, ଅପରାଧପ୍ରବଣତା, ଲୋକଙ୍କ ମନରେ ଆତଙ୍କ ସୃଷ୍ଟିକରୁଥିବା ପ୍ରକୃତି, ରାତାରାତି ଧନ ସମ୍ପତ୍ତି ଠୁଳ କରିପାରୁଥିବା ସାମର୍ଥ୍ୟ ଓ ପରିଶେଷରେ ଦଳପତିଙ୍କ ଧ୍ୟାନକୁ ନିୟନ୍ତ୍ରଣ କରୁଥିବା ବ୍ୟକ୍ତିର ନଜରରେ ରହିବା ଆଦି ଗୁଣ ଉଇନେବିଲିଟି ସୂଚାଉଛି। ଦଳର କାର୍ଯ୍ୟଧାରା ବା ସମ୍ପାଦନ ଦଳର ପ୍ରାର୍ଥୀର ଉଇନେବିଲିଟି ବଢ଼ାଉଛି, ରାଜକୋଷର ଅହେତୁକ ବୃଦ୍ଧି ସାହାଯ୍ୟ କରୁଛି – ଉଦାହରଣ ସ୍ୱରୂପ ଓଡ଼ିଶାର ୨୦୨୩ ବଜେଟ ଅଟକଳ କେନ୍ଦ୍ର ସରକାରଙ୍କ ୨୦୦୩ର ବଜେଟ ଅଟକଳ ସଙ୍ଗେ ସମାନ ହୋଇଗଲାଣି, ତେଣୁ ଫ୍ରିବି ଓ ତତ୍‌କ୍ଷଣାତ୍ ଫଳପ୍ରଦ ସୁଦୃଶ୍ୟ ପ୍ରକଳ୍ପ ପ୍ରଦାନ କରିବା ସମ୍ଭବ ହେଲାଣି। ଆର୍ଥିକ ବର୍ଷ ଆରମ୍ଭ ଆଗରୁ ପୂରା ବଜେଟ୍ ପାସ୍ କରିବା ଦରକାର ନାହିଁ, ମଝିରେ ମଝିରେ କ୍ୟାବିନେଟ୍ ଡାକି ଦିଆଯାଇଥିବା ପ୍ରତିଶ୍ରୁତିକୁ ମଞ୍ଜୁର କରିନେଇହେବ।


sahadevas@yahoo.com




# କ୍ରୋଧ ବିଚାର

ହରେକୃଷ୍ଣ ଦାସ

ୟୁନାଇସ ଡିସୁଜାଙ୍କ 'କ୍ରୋଧ' ବିଷୟ ସମ୍ବଳିତ ଏକ କବିତା ପଢ଼େଇବା ଅବସରରେ ଚାଣକ୍ୟଙ୍କର ଏକ ଶ୍ଳୋକ ମନେପଡ଼ିଲା, ଟିକିଏ ଦ୍ୱନ୍ଦ୍ୱରେ ପଡ଼ିଗଲି ଯେ ଶ୍ଳୋକଟି ଆବୃତ୍ତି କରି ବୁଝେଇବା ଉଚିତ ହେବ କି ନା। ଚାଣକ୍ୟ କହିଛନ୍ତି 'ପକ୍ଷୀଣାଂ କାକଶ୍ଚାଣ୍ଡାଳଃ ପଶୁନାଂ ଚୈ କୁକ୍କୁରଃ, ମୁନୀନାଂ କୋପୀ ଚାଣ୍ଡାଳଃ ସର୍ବେଷାଂ ଚୈ ନିନ୍ଦୁକଃ।' ଅର୍ଥାତ, କ୍ରୋଧୀ ସ୍ୱଭାବର ହୋଇଥିଲେ ଜଣେ ମୁନିଙ୍କୁ ମଧ୍ୟ ଚାଣ୍ଡାଳ ବୋଲି ବିବେଚନା କରାଯାଏ। କ୍ରୋଧ କ୍ରମଶଃ ବିନାଶ ଆଡ଼କୁ ବାଟ କଢ଼େଇ ନିଏ। ମଣିଷର ଏହା ଏକ ସ୍ୱାଭାବିକ ସାଧାରଣ ପ୍ରକୃତି ହୋଇଥିଲେ ମଧ୍ୟ ଏହାକୁ ଦମନ କରାଯିବା ଆବଶ୍ୟକ। ଆମ ନୀତିଶାସ୍ତ୍ରରେ ମଣିଷର ଛଅଟି ବଡ଼ ଶତ୍ରୁ ଭିତରୁ 'କ୍ରୋଧ'କୁ ଏକ ଶତ୍ରୁ ଭାବରେ ବିଚାର କରାଯାଇଛି।

ମୋଟାମୋଟି ଭାବରେ 'କ୍ରୋଧ'କୁ ଏକ ନିକୃଷ୍ଟ ତଥା ନକାରାତ୍ମକ ଗୁଣ ଭାବେ ଶାସ୍ତ୍ରକାରମାନେ ଅଭିହିତ କରିଛନ୍ତି ଏବଂ ଏହା ସର୍ବାଦୌ ବର୍ଜ୍ଜନୀୟ। କିନ୍ତୁ ଋଷି ଦୁର୍ବାସାଙ୍କୁ 'ମହାକ୍ରୋଧୀ' ଭାବରେ ଏମିତି ଚିତ୍ରିତ କରାଯାଇଛି ସତେ ଯେମିତି ଏଇ କ୍ରୋଧୀ ସ୍ୱଭାବ ଯୋଗୁ ହିଁ ତାଙ୍କ ଋଷିପଣିଆଟି ମହିମାନ୍ୱିତ ହୋଇପାରିଛି। ଋଷିବରଙ୍କର କ୍ରୋଧକୁ ଉଦାହରଣ ଭାବରେ ନେଇ ଅନେକେ ନିଜର ତଥା ନିଜ ଲୋକଙ୍କର ରାଗିବା ଗୁଣଟିକୁ ଏମିତି ଗର୍ବର ସହିତ ବଖାଣନ୍ତି ଯେମିତି ଏଇଟା ଏକ ଦୁର୍ଲ୍ଲଭ ଈଶ୍ୱରୀୟ ଗୁଣ ଏବଂ ଏହା ତାଙ୍କ ବଳିଷ୍ଠ ବ୍ୟକ୍ତିତ୍ୱର ଏକ ମହନୀୟ ଗୁଣ ଯାହା ତାଙ୍କୁ ଅନ୍ୟମାନଙ୍କଠାରୁ ସ୍ୱତନ୍ତ୍ର ଏବଂ ମର୍ଯ୍ୟାଦାବନ୍ତ ହୋଇଥିବାର ପରିଚୟ ପ୍ରଦାନ କରେ। ଏଇ ପ୍ରକାର ଭାବନା ଯୋଗୁ ହିଁ ସେମାନେ ଖୁବ୍ ଗର୍ବରେ କହନ୍ତି 'ମୁଁ ତ ମହା ରାଗି...' 'ମୋ ବାପା ତ ଭୀଷଣ ରାଗି...' ଇତ୍ୟାଦି। ଏଇଟିକୁ ଏକ ଘୃଣ୍ୟ ଗୁଣ ବୋଲି ଭାବୁଥିଲେ ନିଜର ଏ ସ୍ୱଭାବ ପାଇଁ ଲଜ୍ଜାବୋଧ ଆସନ୍ତା। କିନ୍ତୁ ଏମିତି କେବେ ବି ଘଟେନି।

ଆମେ ଯାହା କହୁଛୁ, କରୁଛୁ ବା ଭାବୁଛୁ କେବଳ ତାହା ହିଁ ଠିକ୍; ଆମ କଥା, କାମ ଓ ବିଚାରର ବିରୋଧୀ ସ୍ଥିତି ଦେଖିଲେ ଆମ ଅହଂକାର ଉପରେ ପ୍ରହାର ହେଲା ପରି ଆମକୁ ଯେତେବେଳେ ଲାଗେ, ସେତେବେଳେ ଆମେ ରାଗରେ ଅନ୍ଧ ହୋଇଯାଉ। ନିଜକୁ ଅନ୍ୟମାନଙ୍କ ଠାରୁ ଉତ୍କୃଷ୍ଟ ବୋଲି ଭାବିବାର ଅହଂକାର ଯୋଗୁ ଆମେ ଅନେକ ସମୟରେ ସେମାନଙ୍କ କାମ ଓ ବିଚାରକୁ ସମ୍ମାନ ଦେବା ତ ଦୂର, ଗ୍ରହଣ କରି ନ ପାରି ରାଗରେ ଜଳିଉଠୁ। ଏବଂ ଅଶୋଭନୀୟ ଚିତ୍କାର ଜରିଆରେ ତାକୁ ପ୍ରକାଶ କରୁ। ଆମ କଥା, କର୍ତ୍ତୃତ୍ୱ ଓ ବିଚାରକୁ ଯିଏ ବି ବିରୋଧ କଲେ ଆମେ ତା'ଠାରୁ ମାନସିକତାରେ ଏତେ ଦୂରେଇଯାଉ ଯେ ସ୍ୱାଭାବିକ ତୀବ୍ରତାର ଶବ୍ଦ ଓ ସ୍ୱରରେ କହିଲେ ସତେ ଯେମିତି ସେ ଶୁଣିପାରିବନି, ସେଇଥିପାଇଁ ଖୁବ୍ ଉଚ୍ଚ ସ୍ୱରରେ ଚିତ୍କାର କରି କହୁ।

ମନୋବିଜ୍ଞାନୀମାନେ କିନ୍ତୁ ଏ ପ୍ରକାର ଚିତ୍କାର ଜରିଆରେ ପ୍ରତିକ୍ରିୟା ପ୍ରକାଶ କରିବାକୁ କାଳେ ଯଥାର୍ଥ ବୋଲି ଯୁକ୍ତି କରନ୍ତି। ଏମିତି ଚିତ୍କାର କରିବା ଦ୍ୱାରା କାଳେ ଜଣକ ଭିତରେ ଫୁଟୁଥିବା ଉତ୍ତାପ ଓ ବଢ଼ି ଚାଲିଥିବା ଆବେଗିକ ଚାପ ବାହାରକୁ ବାହାରିଯାଏ ଏବଂ ତା' ଦ୍ୱାରା ମନ ଓ ଦେହ ସୁରକ୍ଷିତ ରହିପାରେ। ଅର୍ଥାତ, କ୍ରୋଧଜନିତ ଚିତ୍କାର ହେଉଛି



ଏକ ସେଫ୍ଟି ଭାଲ୍‌ଭ ଯାହା ଜରିଆରେ ଭିତରର ଚାପ ଓ ତାପ ବାହାରକୁ ବାହାରି ଆସିଲେ ହିଁ ମନ ଓ ଶରୀର ରୂପକ ପ୍ରେସର କୁକର ସୁରକ୍ଷିତ ରହେ।

ମନୋବିଜ୍ଞାନୀମାନେ ଏ ପ୍ରକାର ଯୁକ୍ତି ଦ୍ୱାରା ଜଣକର ଚିତ୍କାର କରିବାର ପ୍ରବୃତ୍ତିକୁ ବୈଧତାର ମୋହର ଲଗାଇଦେଲେ। ଏଥିରେ ଉତ୍ସାହିତ ହୋଇ ଅନେକେ କଥାକଥାକେ ରାଗିବା ଓ ରାଗିଲେ ଚିତ୍କାର କରିବାକୁ ଏକ ଅଶୋଭନୀୟ ଆଚରଣ ବୋଲି ବିଚାର ନ କରି ଏହାକୁ ଯଥାର୍ଥ ବୋଲି ପ୍ରତିପାଦିତ କରିଚାଲିଛନ୍ତି। କ୍ରୋଧକୁ ଦମନ କରିରଖିବା ଆବଶ୍ୟକ ବୋଲି ଯୁଗଯୁଗରୁ ଆମକୁ ଯେଉଁ ନୀତିଶିକ୍ଷା ଦିଆଯାଇ ଆସୁଥିଲା ତାହା ସତେ ଯେମିତି ଭ୍ରାନ୍ତିମୂଳକ ଓ ଅପ୍ରାସଙ୍ଗିକ ବୋଲି ଏମାନେ ଜଣେଇବାକୁ ଚାହାନ୍ତି। ଆହୁରି ଆଶ୍ଚର୍ଯ୍ୟର କଥା ହେଲା ଯେ ଏ ଲୋକମାନଙ୍କର ସମ୍ମାନ, ପଦବୀ, ପ୍ରତିଷ୍ଠା ବା କର୍ତ୍ତୃତ୍ୱକୁ ବେଖାତିର କରି ଅନ୍ୟ କେହି ଯାଙ୍କ ପ୍ରତି ରାଗି ଚିତ୍କାର କଲେ ସେକଥା ଏମାନେ ବରଦାସ୍ତ କରିପାରନ୍ତିନି। ଓଲଟା ସେମାନଙ୍କୁ ଅଭଦ୍ର, ଅସଭ୍ୟଙ୍କ ପରି ବ୍ୟବହାର କରୁଛି କହି ଭର୍ତ୍ସନା କରନ୍ତି। ଯେଉଁ ଗୁଣ ଅନ୍ୟମାନଙ୍କ ପାଖରେ ଦେଖିଲେ ତାଙ୍କୁ ଅସଭ୍ୟ ବୋଲି କହି ଭ୍ରୂକୁଞ୍ଚନ କରନ୍ତି ସେଇ ସମାନ ଗୁଣ ପାଇଁ ନିଜକୁ ମହାନ୍ ଓ ସ୍ୱତନ୍ତ୍ର ବୋଲି ପ୍ରତିପାଦିତ କରିବାକୁ ଚେଷ୍ଟା କରନ୍ତି।

ଏ ପ୍ରକାର ରାଗିକରି ଚିତ୍କାର କରିବା କାଳେ ନାରୀର ସ୍ୱାଧୀନତାର ପରିଚାୟକ ବୋଲି କୁହାଯାଉଛି। ସେଇ ଯୁକ୍ତି ଆଧାରରେ ଇଟାଲୀର ପ୍ରସିଦ୍ଧ ଫ୍ୟାଶନ କମ୍ପାନୀ 'ଭର୍ସାଚି' ମହିଳାମାନଙ୍କ ପାଇଁ ପ୍ରସ୍ତୁତ କରୁଥିବା ପ୍ରସାଧନ ସାମଗ୍ରୀଗୁଡ଼ିକରେ ବିକୃତାକାର 'ମେଡୁସା'ର ମୁହଁର ଚିତ୍ରକୁ ଲୋଗୋ ଭାବରେ ବ୍ୟବହାର କରିଛି। ମେଡୁସା ହେଉଛି ଗ୍ରୀକ୍ ପୁରାଣର ସେଇ ଅସୁରୁଣୀ ଯିଏ ଶାପଗ୍ରସ୍ତ ହୋଇ କଦାକାର ପାଲଟିଗଲା ଓ ତା' ମୁଣ୍ଡର କେଶରାଶି ସାପରେ ରୂପାନ୍ତରିତ ହୋଇଗଲା। ମୁଣ୍ଡରେ ସାପ ଖେଳଉଥିବା ଗୋଟେ ବିକୃତ ମୁହଁ ଦେଖଣାହାରୀ ମନରେ ଭୟ ସୃଷ୍ଟି କରିଥାଏ। କିନ୍ତୁ ଏମିତି ଗୋଟେ ଚିତ୍ର ନାରୀ ସ୍ୱାଧୀନତାର ପ୍ରତୀକ କେମିତି ପାଲଟିପାରେ ସେକଥା ବୁଝିହେଲାନି। ଭାବିଲି ହୁଏତ ଏୟା ହୋଇପାରେ ଯେ ମନ ଭିତରେ ସୃଷ୍ଟି ହେଉଥିବା ବିଷକୁ ଚାପି ନ ରଖି ମେଡୁସା ଭଳିଆ ଉଗ୍ର ମୁହଁକରି ଚିତ୍କାର କରି ସାପ ଭଳି ବିଷକୁ ବାହାର କରିବାଟାକୁ ଏମାନେ ସ୍ୱାଧୀନତାର ପ୍ରତୀକ ଭାବେ ବିବେଚନା କରୁଛନ୍ତି।

ମୋର ଦ୍ୱନ୍ଦ୍ୱ ଏୟା ଥିଲା ଯେ ଏ ପ୍ରକାର ସ୍ୱାଧୀନତା ଓ ସ୍ୱେଚ୍ଛାଚାରିତା ଭିତରେ ପାର୍ଥକ୍ୟର ସୂକ୍ଷ୍ମ ରେଖାଟିଏ କେମିତି ଟଣାଯାଇପାରେ। କ୍ରୋଧରେ ଚିତ୍କାର କରିବାଟା ଯଦି ଯଥାର୍ଥ ତେବେ ଏ ପ୍ରକାର କୌଣସି ଆଚରଣକୁ ଅଶୋଭନୀୟ କହିବା ଉଚିତ ହେବ କି ନା। ଚାଣକ୍ୟଙ୍କ ଫର୍ମୁଲା ଅନୁସାରେ କ୍ରୋଧକୁ ବ୍ୟାଖ୍ୟା କରିବି ନା ମନୋବିଜ୍ଞାନୀଙ୍କ ତତ୍ତ୍ୱକୁ ଗୁରୁଜ୍ଞାନ ମଣିବି।

କ୍ରୋଧକୁ ଅବଦମିତ ରଖି ଚିତ୍କାର ନ କରିବା ପାଇଁ କାହାକୁ ଉପଦେଶ ଦେବା ଉଚିତ ହେବ କି ନା। ସମସ୍ତଙ୍କର ନିନ୍ଦା କରୁଥିବା ଲୋକଙ୍କ ସହ ଏ ଚିତ୍କାରିଆମାନଙ୍କୁ ବି ଚାଣ୍ଡାଳ ପର୍ଯ୍ୟାୟଭୁକ୍ତ କରିବା ସମୀଚୀନ କି ନା। ଏତେ ଦ୍ୱନ୍ଦ୍ୱ ଭିତରେ ମୁଁ ଘାଣ୍ଟି ହେଉଥିଲା ବେଳେ ତାକୁ କବିତା ବୁଝେଇଦେବା ପାଇଁ ଝିଅ ଆସି ବାରମ୍ବାର କହିବାରୁ ମୁଁ ହଠାତ୍ ରାଗିଯାଇ ଚିତ୍କାର କରିଉଠିଲି, 'ଦେଖିପାରୁନୁ ମୁଁ କିଛି ଗୋଟେ ଲେଖିବାକୁ ବସିଛି ବୋଲି?!' ଟିକିଏ ଶଙ୍କିଯାଇ ମୁହୂର୍ତ୍ତେ ନୀରବ ରହି ଛଳଛଳ ଆଖିରେ ଝିଅ କହିଲା, 'ପ୍ଲିଜ ରାଗନି ପାପା।' ନିଜକୁ ଚାଣ୍ଡାଳ ବିଚାରି ଲଜ୍ଜାରେ ଚୁପ ହୋଇଯାଇ ତାକୁ କୋଳକୁ ଟାଣିଆଣି କହିଲି, 'ସରି।'


ମୋ:୯୮୬୧୩୪୫୬୫୮


## ଏଇ ଭାରତରେ

କମ୍ କୀଟନାଶକ ଓ ସର୍ବନିମ୍ନ କୃଷି ଶ୍ରମିକ ଦ୍ୱାରା କୃଷକମାନେ ଲାଭ ପାଇପାରିବେ। କମ୍ କୀଟନାଶକରେ ସ୍ୱାସ୍ଥ୍ୟପ୍ରଦ ଖାଦ୍ୟଶସ୍ୟ ମଧ୍ୟ ଉତ୍ପାଦନ ହୋଇପାରିବ। ଏଭଳି ଦୃଷ୍ଟିକୋଣକୁ ନେଇ ବେଙ୍ଗାଲୁରୁର ଇଞ୍ଜିନିୟର ଜୟସୀମା ରାଓ ଏକ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ(ଏଆଇ) ରୋବୋ ନିର୍ମାଣ କରିଛନ୍ତି, ଯାହାଦ୍ୱାରା କମ୍ କୀଟନାଶକ ପ୍ରୟୋଗରୁ ଅଧିକ ଫସଲ ଉତ୍ପାଦନ ହେଉଛି। ଏହି ରୋବୋ ଦ୍ୱାରା କୀଟନାଶକ ସ୍ପ୍ରେ ଲାଗି କମ୍ କୃଷିଶ୍ରମିକ ଆବଶ୍ୟକ ହେଉଛି। ଏବେ ସୁଦ୍ଧା କର୍ନାଟକ ଓ ମହାରାଷ୍ଟ୍ରରେ ୫୦୦ରୁ ଅଧିକ କୃଷକ ଏହି ପଦ୍ଧତିକୁ ଆପଣାଇଛନ୍ତି। ଷ୍ଟାର୍ଟଅପ୍ ନିକୋ ରୋବୋଟିକ୍ସ ଦ୍ୱାରା ଏହି ଏଆଇ ପରିଚାଳିତ ରୋବୋ ନିର୍ମାଣ କରାଯାଉଛି ଓ ଜୟସୀମାଙ୍କ ଦ୍ୱାରା ଗଠିତ ଟିମ୍ କୃଷକମାନଙ୍କୁ ଏହାର ବ୍ୟବହାର ସମ୍ପର୍କରେ ପ୍ରଶିକ୍ଷଣ ଦେଉଛନ୍ତି। ଜୟସୀମା ଓ ତାଙ୍କ ଟିମ୍‌ଙ୍କ ତତ୍ତ୍ୱାବଧାନରେ ଏବେ ସୁଦ୍ଧା ୧ ଲକ୍ଷ ଏକର ଜମିରେ କୀଟନାଶକ ସ୍ପ୍ରେ କରାଯାଇସାରିଲାଣି। ତେବେ ଏହି ପଦ୍ଧତିରେ ପରିବେଶ ପ୍ରଦୂଷଣ କମ୍ ହେଉଛି।

## ୨୫ ବର୍ଷ ତଳର ଧରିତ୍ରୀ

୧୩ ସେପ୍ଟେମ୍ବର ୧୯୯୮

- ମୋନିକା ଲେୱିନସ୍କିଙ୍କ ସହ ଯୌନ ସମ୍ପର୍କ ସ୍ଥାପନ ମାମଲାରେ ମହାଭିଯୋଗ ପ୍ରସ୍ତାବ ଅଣାଯିବାର ଯଥେଷ୍ଟ ସମ୍ଭାବନା ଥିଲେ ମଧ୍ୟ ଆମେରିକା ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନ ଇସ୍ତଫା ଦେବେନାହିଁ ବୋଲି ସ୍ପଷ୍ଟ କରିଦେଇଛନ୍ତି।
- ବିଶ୍ୱକପ୍ ଟ୍ରାକ୍ ଆଣ୍ଡ ଫିଲ୍ଡ ପ୍ରତିଯୋଗିତାରେ ଆମେରିକୀୟ ଧାବିକା ମାରିଅନ ଜୋନ୍ସଙ୍କ ୨୦୦ ମିଟର ଦୌଡ଼ରେ ନୂତନ ବିଶ୍ୱ ରେକର୍ଡ ସ୍ଥାପନ।

## ଚିରନ୍ତନୀ

ଆବାସେ ଆବାସେ ଅଶ୍ରୁର ଅଭିଷେକ
ଆବାସେ ଆବାସେ ବ୍ୟର୍ଥତା ଲଭି ଟେକ,
ରହିଅଛି ଉଭା ବିରଚି ବିରାଟ ଭୟ
ବିଶ୍ୱର ସେ କି ଅବିନଶ୍ୱର ଜୟ!

-(ଜୀବନର ସ୍ୱର୍ଣ୍ଣ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ଭାରତୀୟ ଭୋଟରଙ୍କ ଭାବପ୍ରବଣତା

ମହାଶୟ,

ଅନେକ ସଂଖ୍ୟକ ଭାରତୀୟ ଭୋଟର ନିର୍ବାଚନରେ ଭାବପ୍ରବଣତାର ବଶବର୍ତ୍ତୀ ହୋଇ ଭଲମନ୍ଦ ବିଚାର ନ କରି ନିର୍ଦ୍ଦିଷ୍ଟ ଦଳ ଓ ପ୍ରାର୍ଥୀଙ୍କୁ ଭୋଟ ଦିଅନ୍ତି। ୧୯୯୭ ମସିହାରେ ମଧ୍ୟପ୍ରଦେଶରେ ଘଟିଥିବା ଏକ ରାଜନୈତିକ ଘଟଣା ଏହି ଉକ୍ତିର ସତ୍ୟତାକୁ ପ୍ରମାଣିତ କରେ। ଏହି ଘଟଣା ସମ୍ପର୍କରେ ୨୦୧୮ ସେପ୍ଟେମ୍ବର ୫ ରେ ଗୋଟିଏ ସମ୍ବାଦପତ୍ରରେ "ପଳାତକ ବିଧାୟକ ୨୦ ବର୍ଷ ପରେ ଗିରଫ" ଶୀର୍ଷକ ଏକ ଖବର ପ୍ରକାଶ ପାଇଥିଲା। ମଧ୍ୟପ୍ରଦେଶର ଜଣେ ଶାସକ ଦଳର ବିଧାୟକ ପଳାତକ ଥିବା ସତ୍ତ୍ୱେ 'ସତ୍‌ନା' ଆସନରୁ ୩ ଥର ନିର୍ବାଚିତ ହୋଇଥିଲେ। ୧୯୯୭ରେ ସେ ୨୭ ଜଣ ସହଯୋଗୀଙ୍କ ସହ ପୋଲିସକୁ ଆକ୍ରମଣ କରିବା ସହ ବ୍ୟାପକ ଭଙ୍ଗାରୁଜା କରି ୨୦ ବର୍ଷ ଫେରାର ଥିଲେ। ସେ ଫେରାର ଥାଇ ପଳାତକ ଘୋଷିତ ହେବା ସତ୍ତ୍ୱେ ତିନି ଥର ବିଧାନସଭାକୁ ନିର୍ବାଚିତ ହେବା ସେଠାକାର ଭୋଟରଙ୍କ ଭାବପ୍ରବଣତା ଓ ଦଳ ତଥା ପ୍ରାର୍ଥୀଙ୍କ ପ୍ରତି ଅନ୍ଧ ଭକ୍ତି ବୋଲି କୁହାଯାଇପାରେ। ଏଥିପାଇଁ ଅନେକ ସମୟରେ ଅଯୋଗ୍ୟ ପ୍ରାର୍ଥୀମାନେ ଜିତି କ୍ଷମତା ଦଖଲ କରୁଛନ୍ତି। ଏହା ଗଣତନ୍ତ୍ର ପାଇଁ ଘୋର ବିପଦ।

– ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର


ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ରାଜନୀତି ଛାଡ଼ିବିନି : ଉମା ଭାରତୀ

## ୨୦୨୪ ନିର୍ବାଚନ ଲଢ଼ିବାକୁ ଘୋଷଣା



ସାଗର,୧୨ା୯ : ଭାରତୀୟ ଜନତା ପାର୍ଟି(ଭାଜପା)ର ଫାୟାର ବ୍ରାଣ୍ଡ ନେତ୍ରୀ ତଥା ମଧ୍ୟପ୍ରଦେଶ ପୂର୍ବତନ ମୁଖ୍ୟମନ୍ତ୍ରୀ ଉମା ଭାରତୀ ୨୦୨୪ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବେ ବୋଲି ମଙ୍ଗଳବାର ଘୋଷଣା କରିଛନ୍ତି। ସେ କହିଛନ୍ତି, ମତେ ୭୫ ହେଉ କି ୮୫ ବର୍ଷ ମୁଁ ରାଜନୀତି ଛାଡିବି ନାହିଁ। ସାଗର ଜିଲାର ଶାହପୁରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଉମା ଏ କଥା କହିଛନ୍ତି। ମୁଁ ୨୦୧୯ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିନାହିଁ କାରଣ ମତେ କାର୍ଯ୍ୟ କରିବାର ବହୁ ବର୍ଷ ବିତିଯାଇଥିଲା। ମତେ ଏକ ବିରତି ଆବଶ୍ୟକତା ଥିଲା। ଯଦି କେହି କୁହନ୍ତି ମୁଁ ରାଜନୀତି ଛାଡୁଛି ତେବେ ସେ ଭୁଲ କରୁଛନ୍ତି। ମୁଁ ସବୁବେଳେ ରାଜନୀତିରେ ରହିବି। କାରଣ ରାଜନୀତିକୁ ବହୁତ ପସନ୍ଦ କରେ। ଯେଉଁମାନେ ଏହାକୁ ଆରାମର ମାଧ୍ୟମ ବୋଲି ଭାବନ୍ତି ସେମାନଙ୍କ ଦ୍ୱାରା ରାଜନୀତି ନଷ୍ଟ ହୋଇଯାଇଛି। ଯଦି ମୁଁ ଆଜି ରାଜନୀତିରେ ନ ଥାନ୍ତି, ଏପରି ଅନେକ ଜିନିଷ ଅଛି ଯାହା କରାଯାଇ ପାରି ନ ଥାନ୍ତା । ମୁଁ ରାଜନୀତିକୁ ଭଗବାନଙ୍କ ନିକଟରେ ପହଞ୍ଚିବା ପାଇଁ ଏକ ମାଧ୍ୟମ ଭାବରେ ବିବେଚନା କରୁଛି, ତେଣୁ ମୁଁ କେବେ ବି ରାଜନୀତି ଛାଡିବି ନାହିଁ।

# ଉଚ୍ଚଶିକ୍ଷା ପ୍ରତି ସରକାରଙ୍କ ନୀଚ ଦୃଷ୍ଟି ଅକ୍ଷମଣୀୟ: କଂଗ୍ରେସ

ଭୁବନେଶ୍ୱର, ୧୨ା୯(ସୁନିତ୍ ମିଶ୍ର): ଉଚ୍ଚଶିକ୍ଷା ପ୍ରତି ସରକାରଙ୍କ ନୀଚ ଦୃଷ୍ଟି ଅକ୍ଷମଣୀୟ। କୌଣସି ସରକାରୀ ବା ବେସରକାରୀ କଲେଜରେ ଅଧକ୍ଷ ନ ଥିବାବେଳେ ବୁଧବାର ରାଜ୍ୟ ସରକାର ଅଧକ୍ଷ ସମ୍ମିଳନୀ ଡାକୁଛନ୍ତି ବୋଲି ଦମ୍ଭୋକ୍ତି ଦେଖାଇବା କେତେ ସମୀଚୀନ। ରାଜ୍ୟରେ ମହାବିଦ୍ୟାଳୟ ଗୁଡିକରେ ନାମଲେଖା କ୍ଷେତ୍ରରେ ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶା ୨୧ତମ ସ୍ଥାନରେ ରହିଛି। ସର୍ବୋଚ୍ଚ ସ୍ତରରେ ମହାବିଦ୍ୟାଳୟ ଗୁଡିକରେ ସାମଗ୍ରିକ ନାମ ଲେଖା ଅନୁପାତ (ଜି.ଇ.ଆର) ୨୭.୩ ପ୍ରତିଶତ ଥିବାବେଳେ ଓଡ଼ିଶାରେ ତାହା ୨୦.୭ ପ୍ରତିଶତ। ରାଜ୍ୟରେ ଗୁଣାତ୍ମକ ଶିକ୍ଷାର ହ୍ରାସ ଉଦ୍‌ବେଗଜନକ ବୋଲି କଂଗ୍ରେସ ନେତା ଗଣେଶ୍ୱର ବେହେରା କହିବା ସହିତ ଉତ୍କଳ ବିଶ୍ୱବିଦ୍ୟାଳୟର ଉଦାହରଣ ଦେଇଛନ୍ତି।

କଂଗ୍ରେସ ଭବନ ଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଗଣେଶ୍ୱର କହିଛନ୍ତି, ଓଡ଼ିଶାର ସବୁଠାରୁ ଏହି ପ୍ରସିଦ୍ଧ ବିଶ୍ୱବିଦ୍ୟାଳୟ ଭାରତର ୧୦୦ଟି ବିଶ୍ୱବିଦ୍ୟାଳୟ ମଧ୍ୟରେ ୯୩ତମ ସ୍ଥାନରେ ଅଛି। ନାକ୍ ଗ୍ରେଡ଼ିଙ୍ଗରେ ଏ + (ଇ+) ରୁ ଏ(ଇ)କୁ ଖସି ଆସିଛି। ରାଜ୍ୟ ସରକାର ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ଆଇନ ପ୍ରଣୟନ କରି ବିଶ୍ୱ ବିଦ୍ୟାଳୟଗୁଡିକର ସ୍ୱତନ୍ତ୍ରତା ଅପହରଣ କରି ନେଇଛନ୍ତି। କଂଗ୍ରେସର ବିରୋଧ ସତ୍ତ୍ୱେ ସରକାର ଏହି ଆଇନ ପ୍ରଣୟନ କରିବା ସହ ବିଶ୍ୱବିଦ୍ୟାଳୟଗୁଡିକୁ ନିଜର ଅଧସ୍ତନ ଆଜ୍ଞାବହ ଅନୁଷ୍ଠାନରେ ପରିଣତ କରୁଛନ୍ତି। ଆମ ସୌଭାଗ୍ୟ ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟ ସ୍ଥଗିତଦେଶ ଜାରିକରି ଏହି ଆଇନ୍‌କୁ ଅଚଳ କରିଛନ୍ତି। ବିଶ୍ୱବିଦ୍ୟାଳୟରେ ଶିକ୍ଷକ ଓ ଅଣଶିକ୍ଷକ ପଦବୀ ପୂରଣର ସରକାର ବିଫଳ ହୋଇଛନ୍ତି। ସରକାରୀ ତଥ୍ୟ ମୁତାବକ ୧୨ଟି ବିଶ୍ୱବିଦ୍ୟାଳୟରେ ୫୬.୯୩ ପ୍ରତିଶତ ଶିକ୍ଷକ ପଦବୀ ଏବଂ ୫୮.୧୨ ପ୍ରତିଶତ ଅଣଶିକ୍ଷକ ପଦବୀ ଖାଲି ପଡ଼ିଛି। ନିର୍ଦ୍ଧାରିତ ଶିକ୍ଷକ ଛାତ୍ର ଅନୁପାତ ବଜାୟ ନ ରହିବା ଫଳରେ ଅଧ୍ୟୟନ, ଅଧାପନା ଓ ଗବେଷଣା କାର୍ଯ୍ୟ ଗଭୀର ଭାବେ ପ୍ରଭାବିତ ହେଉଛି ବୋଲି ଗଣେଶ୍ୱର କହିଛନ୍ତି।

# ବିଜେଡି ଉପସଭାପତି ପଦରୁ ସୌମ୍ୟ ବିଦା

ଭୁବନେଶ୍ୱର,୧୨ା୯(ଅନିଲ ଦାସ): ବରିଷ୍ଠ ନେତା ତଥା ଖଣ୍ଡପଡ଼ା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କୁ ବିଜେଡି ଉପସଭାପତି ପଦରୁ ହଟାଇ ଦିଆଯାଇଛି। ବିଜେଡି ପକ୍ଷରୁ ଏ ନେଇ ମଙ୍ଗଳବାର ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚନା ଦିଆଯାଇଛି। ସୌମ୍ୟ ଗତ କିଛିଦିନ ଧରି ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ(୫-ଟି) ଭି.କେ. ପାଣ୍ଡିଆନଙ୍କୁ ସମାଲୋଚନା କରିବା ସହ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକଳାପ ଉପରେ ମଧ ଅଙ୍ଗୁଳି ଉଠାଇଛନ୍ତି। ଦଳ ବିରୋଧରେ ମତ ଦେବା ଯୋଗୁ ତାଙ୍କୁ ଉପସଭାପତି ପଦରୁ ହଟାଇ ଦିଆଯାଇଛି। ଖବରକାଗଜ ସମ୍ପାଦକୀୟରେ ସେ ୫-ଟି ସଚିବ ଓ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟଶୈଳୀ ଉପରେ ପ୍ରଶ୍ନ ଉଠାଇଥିଲେ। ଦଳର ବରିଷ୍ଠ ନେତା ଅରୁଣ ସାହୁ, ଅତନୁ ସବ୍ୟସାଚୀ ନାୟକ, ପ୍ରତାପ ଦେବ, ଶ୍ରୀମୟୀ ମିଶ୍ର, ଲେନିନ ମହାନ୍ତି ଓ ଅମର ପଟ୍ଟନାୟକ ସୌମ୍ୟଙ୍କୁ ସମାଲୋଚନା କରିଥିଲେ। ଏହା ପରେ ତାଙ୍କ ଉପରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ବିଜେଡିର ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏକ୍ସ(ସାମାଜିକ ଗଣମାଧ୍ୟମ)ରେ ଲେଖିଛନ୍ତି, କୃତଜ୍ଞତା ହେଉଛି ପ୍ରାର୍ଥନାର ସର୍ବଶ୍ରେଷ୍ଠ ମାଧ୍ୟମ। ଯେଉଁଠି କୃତଜ୍ଞତା ନ ଥାଏ, ସେଠାରେ ଈଶ୍ୱର ମଧ ସହାୟତା କରନ୍ତିନି। ବିଜେଡି ରାଜ୍ୟ ସଭା ସଦସ୍ୟ ମାନସ ମଙ୍ଗରାଜ କହିଛନ୍ତି, ଦଳ ଭିତରେ ରହି ଦଳ ବିରୋଧରେ କହିବା ଠିକ୍ ନୁହେଁ। ସୌମ୍ୟ କଂଗ୍ରେସ ଓ ଭାଜପାରେ ଥିବାବେଳେ ଏପରି କରୁଥିଲେ। ତାଙ୍କ ବିଷୟରେ ଦଳ ଠିକ୍ ସମୟରେ ଠିକ୍ ନିଷ୍ପତ୍ତି ନେବ।

ସୂଚନାଯୋଗ୍ୟ, ୨୦୧୮ ମାର୍ଚ୍ଚରେ ସୌମ୍ୟ ବିଜେଡିରେ ସାମିଲ ହୋଇଥିଲେ। ୨୦୨୦ରେ ତାଙ୍କୁ ଦଳର ଉପସଭାପତି ପଦ ସହ ବିଭିନ୍ନ ଜିଲାର ଦାୟିତ୍ୱ ଦିଆଯାଇଥିଲା। ପରେ ତାଙ୍କୁ ଜିଲା ପର୍ଯ୍ୟବେକ୍ଷକ ଦାୟିତ୍ୱରୁ ହଟାଇ ଦିଆଯାଇଥିଲା। ଉପସଭାପତି ପଦରୁ ହଟାଯିବାକୁ ନେଇ ସୌମ୍ୟରଞ୍ଜନ ଗଣମାଧ୍ୟମକୁ କହିଛନ୍ତି, ନବୀନ ପଟ୍ଟନାୟକଙ୍କ ଯେଉଁ ଦସ୍ତଖତରେ ତାଙ୍କୁ ଉପସଭାପତି ପଦରୁ ବରଖାସ୍ତ କରାଯାଇଛି ତାହା ଅସଲି ନା ନକଲି ବୋଲି ପ୍ରଶ୍ନ କରିଛନ୍ତି। ଦଳରେ ଅନେକ ପଦପଦବୀରେ ନେତା ଅଛନ୍ତି । ସେମାନେ ପ୍ରାୟତଃ କିଛି କରନ୍ତି ନାହିଁ। ଉପସଭାପତି ପଦରେ ରହି ନିଜେ କ'ଣ କରୁଥିଲି ଯେ ହରାଇଲି ବୋଲି ଭାବିବି ।


**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ.27-KUR-TRD-OT-2023-24

**କାର୍ଯ୍ୟର ନାମ:** ଖୋର୍ଦ୍ଧା ରୋଡ୍ ମଣ୍ଡଳରେ **46 bay** ପ୍ଲାଟଫର୍ମ ସେଲ୍ଟର ଅର୍ଥାତ୍ ଭଦ୍ରକ ଠାରେ **5 bay,** ଯାଜପୁର କେନ୍ଦୁଝର ରୋଡ୍, ଢେଙ୍କାନାଳ, ଖୋର୍ଦ୍ଧା ରୋଡ୍, କଟକ, ବ୍ରହ୍ମପୁର, ବାଲୁଗାଁ, ପଲାସା ପ୍ରତ୍ୟେକ ଠାରେ **3 bay,** ନରାଜ ମାର୍ଥପୁର, ଲିଙ୍ଗରାଜ ଟେମ୍ପଲ ରୋଡ୍, ବାଣୀବିହାର, ନ୍ୟୁ ଗଡ଼ ମାଧପୁର, ରେତଙ୍ଗ, ଘଣ୍ଟିଖାଲ ନିଧିପୁର, ଗୋରଖନାଥ, ବଡ଼ବନ୍ଧ, ରାହାମା, ଏବଂ ଝଙ୍କଡ଼ ଶାରଳା ରୋଡ୍ ରେଳ ଷ୍ଟେସନ ପ୍ରତ୍ୟେକ ଠାରେ **2 bay** ବ୍ୟବସ୍ଥା ସମ୍ବନ୍ଧୀୟ **OHE** ରୂପାନ୍ତରଣ ।

**ବିଜ୍ଞାପିତ ମୂଲ୍ୟ(₹): 26,56,653.83, EMD (₹): 53,100/-,** ଶେଷ ହେବା ଅବଧି: **180** ଦିନ ।

ବିଡ୍ ଆରମ୍ଭ ହେବା ତାରିଖ: ତା.**19.09.2023** ରିଖ,

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.**03.10.2023** ରିଖ **1300** ଘଟିକାରେ ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ **http://www.ireps.gov.in** ରେ ଉପଲବ୍ଧ ଅଟେ । ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD)/ ଖୋର୍ଦ୍ଧା ରୋଡ୍

PR-572/O/23-24


## ଏସ୍‌ଟି ମୋର୍ଚ୍ଚା ଟିମ୍ ଘୋଷଣାକଲା ଭାଜପା

ଭୁବନେଶ୍ୱର, ୧୨ା୯(ସୁନିତ୍ ମିଶ୍ର): ଭାଜପା ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅନୁମୋଦନକ୍ରମେ ଅନୁସୂଚିତ ଜନଜାତି (ଏସ୍‌ଟି) ମୋର୍ଚ୍ଚା ରାଜ୍ୟ ସଭାପତି ତଥା ବିଧାୟକ ନିତ୍ୟାନନ୍ଦ ଗଣ୍ଡ ମଙ୍ଗଳବାର ଅନୁସୂଚିତ ଜନଜାତି (ଏସ୍‌ଟି) ମୋର୍ଚ୍ଚା ରାଜ୍ୟ ପଦାଧିକାରୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ, ସ୍ଥାୟୀ ନିମନ୍ତ୍ରିତ ସଦସ୍ୟ, ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟଙ୍କ ନାମ ତାଲିକା ଘୋଷଣା କରିଛନ୍ତି । ରାଜ୍ୟ ଉପସଭାପତି ଭାବେ ଗୋବର୍ଦ୍ଧନ ଭୁଏ, ହୋମସିଂହ ମାଝି, ମମିତା ନାଏକ, ଫାଗୁ ହାଁସଦା, ବିଜୟ ଦିଶାରୀ, କର୍ମତୀ ଓରାମଙ୍କୁ ଦାୟିତ୍ୱ ଦିଆଯାଇଛି । ରାଜ୍ୟ ସାଧାରଣ ସମ୍ପାଦକ ଭାବେ କୈଳାସ ଚନ୍ଦ୍ର ନାୟକ ଓ ରାମଚନ୍ଦ୍ର ହାଁସଦାଙ୍କୁ ଦାୟିତ୍ୱ ମିଳିଥିବା ବେଳେ ରାଜ୍ୟ ସମ୍ପାଦକ ଭାବେ ବିଦ୍ୟାଧର ଶବର, ଜଳନ୍ଧର ନାୟକ, ବାସନ୍ତୀ ମାଝି, ହୃଷୀକେଶ ଦେହୁରୀ, ବିହାରୀ ମାଝି, ଶିବ ମୁଦୁଲିଙ୍କୁ ନିଯୁକ୍ତି ଦିଆଯାଇଛି। ସେହିପରି ଦଳ କୋଷାଧ୍ୟକ୍ଷ ଭାବେ ସାମଲ ନାଏକ, କାର୍ଯ୍ୟାଳୟ ସମ୍ପାଦକ ଭାବେ ଧ୍ରୁବ କାଲୋ ଏବଂ ଗଣମାଧ୍ୟମ ସଂଯୋଜକ ଭାବେ ସିଦ୍ଧାର୍ଥ ସିଂହଙ୍କୁ ଦାୟିତ୍ୱ ଦିଆଯାଇଛି। ସାମାଜିକ ଗଣମାଧ୍ୟମ ସଂଯୋଜକ, ସଂଯୋଜକ ଏବଂ ସହ ସଂଯୋଜକ ଭାବେ ୩ ଜଣଙ୍କ ମଧ୍ୟରେ ଦାୟିତ୍ୱ ବଣ୍ଟାଯାଇଛି । ସ୍ଥାୟୀ ନିମନ୍ତ୍ରିତ ସଦସ୍ୟ ଭାବେ ଏମ୍‌ପି ଜୁଏଲ ଓରାମ, କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ, ବିଧାୟକ ମୋହନ ମାଝି, ରବିନାରାୟଣ ନାଏକ, ସୁକେଶୀ ଓରାମ, ଭାସ୍କର ମଢେଇ, କାଳିରାମ ମାଝି, କୁସୁମ ଟେଟେ, ଶଙ୍କର ଓରାମ, ନବଚରଣ ମାଝି ପ୍ରମୁଖଙ୍କୁ ମନୋନୀତ କରାଯାଇଥିବା ବେଳେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ୪୫ ଜଣଙ୍କୁ ଦାୟିତ୍ୱ ଦିଆଯାଇଛି। ଏଥିସହ କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ କୃଷକ ମୋର୍ଚ୍ଚାର ୧୪ ଜଣିଆ ରାଜ୍ୟ ସଂଯୋଜକଙ୍କ ନାମ ତାଲିକା ଘୋଷଣା କରିଛନ୍ତି।

# ପ୍ରଧାନମନ୍ତ୍ରୀ ଚେହେରା ନ ଥିଲେ ବି 'ଇଣ୍ଡିଆ' ଜିତିବ: ଏଏପି

ନୂଆଦିଲ୍ଲୀ,୧୨ା୯ : ଆମ୍ ଆଦ୍‌ମୀ ପାର୍ଟି (ଏଏପି) ନେତା ତଥା ଏମ୍‌ପି ରାଘବ ଚଡ୍ଢା ପୁଣିଥରେ ମିଳିତ ମେଣ୍ଟ 'ଇଣ୍ଡିଆ'ର ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ସମ୍ପର୍କରେ ଏକ ବିବୃତି ଦେଇଛନ୍ତି। ୧୯୭୭ ମସିହାର ରାଜନୈତିକ ସ୍ଥିତି ବିଷୟରେ ଉଲ୍ଲେଖ କରି ସେ କହିଛନ୍ତି ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ବିରୋଧରେ ଏକ ମେଣ୍ଟ ଗଠନ ହୋଇଥିଲା। ମାତ୍ର ବିରୋଧୀଙ୍କ ପାଖରେ କୌଣସି ପ୍ରଧାନମନ୍ତ୍ରୀ ଚେହେରା ନ ଥିଲେ। ତଥାପି ସେମାନେ ଜିତିଥିଲେ। ୨୦୨୪ରେ ପୁନର୍ବାର ଏହା ଘଟିବା ମୁଁ ଦେଖିବି। ପ୍ରଧାନମନ୍ତ୍ରୀ ଚେହେରା ନ ଥିଲେ ବି 'ଇଣ୍ଡିଆ' ଜିତିବ। ଏଏପି ପ୍ରଧାନମନ୍ତ୍ରୀ ପଦ ପାଇଁ ଦୌଡ଼ରେ ନାହିଁ। ମିଳିତ ମେଣ୍ଟରେ ଅନେକ ଅଛନ୍ତି କିନ୍ତୁ ଭାଜପାର କେବଳ ଜଣେ ନେତା ଅଛନ୍ତି। ସନାତନ ଧର୍ମକୁ ନେଇ ବିବାଦ ସମ୍ପର୍କରେ ରାଘବ କହିଛନ୍ତି, ଯେକୌଣସି ଦଳର ଛୋଟ ନେତାଙ୍କ ମନ୍ତବ୍ୟକୁ 'ଇଣ୍ଡିଆ'ର ସହମତି ଭିତ୍ତିକ ଏଜେଣ୍ଡା ଭାବରେ ଦେଖାଯାଇପାରିବ ନାହିଁ।


**ODISHA PUBLIC SERVICE COMMISSION**

**NOTICE**

**No. 7049 /P.S.C., Dt.12.9.23**
**(1E-10-2023/24) (DR - II)**

**No.D-127:-** In continuation to this office Notice No. 6616/PSC, dt.23.08.2023, it is for information of all concerned that the Written Examination for recruitment to the post of **Dental Surgeons** (Junior Branch) in Group-A pursuant to the Advertisement No.02 of 2023-24 will be held as per the following programme:

**Programme of Examination**

| Date | Time |
|---|---|
| 24.09.2023 (Sunday) | 10.00 A.M. to 01.00 P.M. (10.00 A.M. to 2.00 P.M. for PWD Candidates) |

| Sl. No. | Name of the Examination Centres and address | Roll Numbers allotted From ........ to ........ | Total candidates allotted |
|---|---|---|---|
| 1 | KMBB Science Higher Secondary School Campus-II, Naranpur, Trisulia, Cuttack-754005 | 100001 to 100432 | 432 |
| 2 | Khannagar Nodal High School, Madhupatna, Cuttack | 100433 to 100864 | 432 |
| 3 | Saraswati Shishu Vidyamandir, Tulasipur Cuttack | 100865 to 101405 | 541 |
| 4 | Ajay Binay Institute of Technology (Main Block), Sector-1, CDA, Cuttack-753014 | 101406 to 101981 | 576 |
| 5 | Institute of Professional Studies and Research (IPSAR), Campus-I, C.D.A., Sector-6, Cuttack | 101982 to 102269 | 288 |
| 6 | DAV Public School (South Block), Sector-6, CDA, Cuttack-753014 | 102270 to 102701 | 432 |
| 7 | DAV Public School (North Block), Sector-6, CDA, Cuttack-753014 | 102702 to 103133 | 432 |

The Concerned candidates are required to download their **"Admission Certificate"** and **"Instruction to Candidates"** from website of the Commission **(www.opsc.gov.in) from 18.09.2023 onwards.**

OIPR-12002/11/0092/2324 **Sd./- Secretary**



**ODISHA PUBLIC SERVICE COMMISSION**

**ADVERTISEMENT No.16 OF 2023-24**

**Special Drive recruitment to the posts of Assistant Fisheries Officer, Group-B of Odisha Fisheries Cadre under Fisheries & Animal Resources Development Department.**

**WEBSITE - http://opsc.gov.in**

**No. D-126:-** Online applications are invited from the prospective candidates through the proforma application to be made available on the Website of the Commission (http://opsc.gov.in). **The link for Registration and submission of Registered online application shall be available from 16.09.2023 to 16.10.2023 *(Note: 16.10.2023 is the last date for submission of Registered Online Application)*** for Special Drive recruitment to **62 (Sixty-two)** posts of **Assistant Fisheries Officer, Group-B** of Odisha Fisheries Cadre under Fisheries & ARD Department carrying the scale of pay of Rs.44,900/- in Level-10 of ORSP Rules, 2017 with usual Dearness and other Allowances as may be sanctioned by the Government of Odisha from time to time.

**2. VACANCY POSITION:** As per requisition filed by the Fisheries & ARD Department, Government of Odisha, the vacancy position along with reservation thereof is given below:-

| Sl. No. | Category | No. of vacancies |
|---|---|---|
| 1. | Scheduled Caste | 08 (03-w) |
| 2. | Scheduled Tribe | 54 (18-w) |
| | **Total** | **62 (21-w)** |

**3. AGE:** A candidate must have attained the age of 21 (twenty one) years and must not be above the age of 43 (Forty-three) years as on the 1st day of January 2023 i.e. he/she must have been born not earlier than 2nd January, 1980 and not later than 1st January, 2002.

**4. EDUCATIONAL QUALIFICATION:** A candidate must have possessed a Bachelor of Fishery Science (B.F.Sc.) Degree from any recognized University in India or abroad.

**5. METHOD OF SELECTION:** The selection of candidates for recruitment to the posts shall be made on the basis of **Written examination and Viva Voce test.**

The link for online registration and submission of registered online application shall be available **from 16.09.2023 to 16.10.2023. Only online applications received within the deadline i.e. 16.10.2023 shall be accepted.**

The candidates are advised to visit the Website of the Commission at **http://opsc.gov.in** for detailed information for applying to the above post.

**CUTTACK**
**DATE: 12.09.2023**

**Sd./- SECRETARY**
**ODISHA PUBLIC SERVICE COMMISSION**
**CUTTACK**

OIPR-12002/11/0091/2324



**GOVERNMENT OF ODISHA** No. B-874

**OFFICE OF THE CHIEF CONSTRUCTION ENGINEER SOUTHERN (R&B) CIRCLE, BERHAMPUR**

Phone: 0680-2281582, e-mail: ccescbam@gmail.com

**INVITATIONS FOR BIDS (IFB) [e-Procurement]**

**Bid Identification No. CCE, S.C. (R&B)-BAM-12/2023-24**

**No. 3566** **Date: 07.09.2023**

1. The Chief Construction Engineer, Southern (R&B) Circle, Berhampur on behalf of Governor of Odisha invites **Percentage Rate Bid** in Double Cover System in **ONLINE MODE** from eligible contractors for construction of **Building, Road and Bridge Works** as detailed in the table below.
2. Nature of Work : Building, Road and Bridge Works
3. No. of Work : 5 Nos.
4. Tender Cost : Rs.10,000/- (Online)
5. Class of Contractor : "B" Class, "A" Class and "Special" Class
6. Availability of Bid document in the website : From 21.09.2023, 10.00 A.M. to 05.10.2023, 5.30 P.M.
7. Date of Opening of Bid : 06.10.2023 at 11.30 A.M.
8. The Bidders have to participate in ONLINE bidding only. Further details can be seen from the website **https://tendersodisha.gov.in.**
9. Any addendum/corrigendum/cancellation of tender can also be seen in the said website only.

**Sd./- (D.C. Behera)**
**Chief Construction Engineer**
**Southern (R&B) Circle, Berhampur**

OIPR-34103/11/0013/2324



**OFFICE OF THE PRINCIPAL**
**MOTTO +3 Degree College, Motto, Bhadrak**
Email:mottocollege@gmail.com

Letter No.MDC/320/23 Date:12.09.2023

**WALK-IN-INTERVIEW**

Candidates having requisite qualifications are required to attend an interview for one post of Lect. in Economics, Sweeper, Watchman and Two Peons on Dt.27.09.2023 at 11 A.M. in the Office Chamber of the undersigned. Candidates must bring with them their Educational Certificates while attending the Walk-in-Interview.

**Sd./- Principal**



idco Your power to grow | ODISHA NEW OPPORTUNITIES No.CAD-2031

**OFFICE OF THE DIVISIONAL HEAD (ELECTRICAL-II), IDCO, IDCO TOWER, BHUBANESWAR**

Tender Call Notice No.- BBSR/ELECT-II/E-15/22-23/2689 Date: 05.09.2023

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

**Name of the Work** :- Supply, Delivery, Installation, Testing and Commissioning of 125 KVA, 415V, 50 Hz Radiator cooled silent DG sets of HMV Driving Training Institute at Dhanurjaypur, Palaspanga, Keonjhar

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect.-II), IDCO, IDCO Tower, Janpath, Bhubaneswar | Bid ID No. BBSR/ ELECT-II/e-10/ 23-24 | 15.09.2023 at 12.00 Hrs. | 25.09.2023 at 17.00 Hrs. |

Further details can be seen from the e-Procurement Portal **www.tendersorissa.gov.in.** Corrigendum or Addendum if any will not be published in newspapers and can be seen in e-procurement portal as well as in IDCO website.

**Sd./- Divisional Head (Elect-II)**
**IDCO, Bhubaneswar**

OIPR-14003/11/0208/2324



**OFFICE OF THE SUPERINTENDING ENGINEER DHENKANAL (R&B) DIVISION, DHENKANAL**

No. B-875 Email: eedklpwd@gmail.com

**INVITATION FOR BIDS THROUGH e-Procurement**

**Bid Identification No. SEDKL (R&B), 22/2023-24**

**Invitation for Bids**

| | | | |
|---|---|---|---|
| 1. | The Superintending Engineer, Dhenkanal (R&B) Division, Dhenkanal on behalf of Governor of Odisha invites percentage rate bids in Double Cover System in ONLINE MODE only for Construction of Building Works as detailed below. | | |
| 2. | Nature of Work | : | Building Works (1 No.) |
| 3. | No. of Work | : | 01 No. |
| 4. | Bid Cost | : | Rs.10,000/- |
| 5. | Class of Contractor | : | 'B' Class |
| 6. | Availability of Bid Documents in the website | : | From 10.00 A.M. of 16.09.2023 to 5.00 P.M. of 30.09.2023 |
| 7. | Date of Opening of Bid | : | Dt.03.10.2023 at 11.00 A.M. |
| 8. | The bidders have to participate in ONLINE bidding only. Further details can be seen from the website: **https://tendersodisha.gov.in.** Any addendum/ corrigendum/cancellation of tender can also be seen in the said website only. | | |

**Sd./- Superintending Engineer**
**Dhenkanal (R&B) Division, Dhenkanal**

OIPR-34016/11/0021/2324



**ଭୁବନେଶ୍ୱର ମହାନଗର ନିଗମ**

Phone: 0674-2431253, Fax: 0674-2432895
Email: info@bmc.gov.in, Web: www.bmc.gov.in

ସଂଖ୍ୟା: ୪୨୩୭୪ ତାରିଖ: ୦୫।୦୯।୨୦୨୩

**ନୋଟିସ**

No. C-1368: ଏତଦ୍ୱାରା ଭୁବନେଶ୍ୱର ମହାନଗର ନିଗମାଞ୍ଚଳରେ ଥିବା ନିମ୍ନଲିଖିତ ବସ୍ତିର ବାସିନ୍ଦାମାନଙ୍କୁ ଜଣାଇ ଦିଆଯାଉଛି କି, ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ପ୍ରଧାନମନ୍ତ୍ରୀ ଆବାସ ଯୋଜନା (PMAY)ରେ ଅନ୍ତର୍ଗତ ହେବା ନିମନ୍ତେ ହିତାଧିକାରୀ ଚୟନ ପ୍ରକ୍ରିୟା ସମ୍ପୂର୍ଣ୍ଣ ହୋଇ ହିତାଧିକାରୀ ତାଲିକା ପ୍ରସ୍ତୁତ କରାଯାଇ BMC, Website: **www.bmc.gov.in**ରେ ପରିବାର ବିବରଣୀ ଉପଲବ୍ଧ କରାଯାଇଅଛି ।

| କ୍ର.ନଂ. | ୱାର୍ଡ଼ ନଂ. | ବସ୍ତିର ନାମ |
|---|---|---|
| ୧ | ୭ | ସରସ୍ୱତୀ ବସ୍ତି |

ପ୍ରକାଶ ଥାଉକି, ଏହି ତାଲିକା ନେଇ ଯଦି କାହାର କୌଣସି ଆପତ୍ତି ଅଭିଯୋଗ ରହିଥାଏ, ତେବେ ସେମାନେ ଆସନ୍ତା ତା୧୫।୦୯।୨୦୨୩ରିଖ ଅପରାହ୍ନ ୫.୩୦ ଘଟିକା ସମୟ ମଧ୍ୟରେ ବି.ଏମ୍.ସି. କାର୍ଯ୍ୟାଳୟ (BMC Head Office Issue/Diary)ରେ ଦାଖଲ କରିବେ ।

**ସ୍ୱା./- ଉପ ଆୟୁକ୍ତ (ହାଉସିଂ)**
**ଭୁବନେଶ୍ୱର ମହାନଗର ନିଗମ**

OIPR-13002/11/0144/2324



**GOVERNMENT OF ODISHA**

No. A-549 **e-Procurement Notice**

**Superintending Engineer, M.I. Division, Angul**

**Bid Identification No. 05 of 2023-24**

**e-mail ID: eemidivision_angul@yahoo.com**

**Letter No. 1688** **Date: 07.09.2023**

1. Number of Works : 5 (Five) Numbers of Civil Works
2. Approximate Estimated Cost : Rs.8.48 lakh to Rs.17.26 lakh
3. Cost of Tender Paper : Rs.4000/- & Rs.6000/- (Non-refundable) to be paid electronically through the payment gateway of designated Banks
4. Period of Completion : 06 (Six) Calendar Months
5. Date & Time of availability of Bid Document in the Portal : Dt.18.09.2023 at 10.00 A.M. to Dt.27.09.2023 upto 5.00 P.M.
6. Last date/time for receipt of Bid in the Portal : Dt.27.09.2023 upto 5.00 P.M.
7. Date of opening : On Dt.28.09.2023 at 11.00 A.M. in the Office of the Superintending Engineer, M.I. Division, Angul
8. Date of lottery if Required : Dt.06.10.2023 at 11.00 A.M.
9. Name and address of the Officer Inviting Bid : Superintending Engineer, Minor Irrigation Division, Angul, At/P.O.: Hakimpada, College Square, District: Angul, PIN: 759143 Ph. No.: 06764-236522

Email ID : **eemidivision_angul@yahoo.com**

10. The bidders have to participate in ONLINE bidding only. Further details can be seen from the e-procurement portal **http://tendersorissa.gov.in.**

**Sd./- 07.09.2023**
**Superintending Engineer**
**M.I. Division, Angul**

OIPR-32284/11/0003/2324



**GOVERNMENT OF ODISHA** No. O-997

**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, SUNDARGARH**

At/P.O.: Sankara, Sundargarh - 770020, E-mail address: serw_sundargarh@yahoo.com

No. Tender Online - RWCCESNG-30 of 2023-24 Letter No. 2586 Dtd.11.09.2023

**e-Procurement NOTICE**

1. Type of the Work : Bridge (DMF)
2. Class of Contractor : As specified in the Column - 6 of the Annexure
3. Time of Completion : As specified in the Column - 5 of the Annexure
4. Detail Projects : As per Annexure attached
5. Estimated Cost : As specified in the Column - 4 of the Annexure
6. Other details :

| Procurement Officer | Bid Identification No. | Availability of Tender Online for Bidding | | Last date & time of seeking tender clarification | Date & time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sundargarh | RWCCESNG - 30 of 2023-24 | 18.09.2023 11.00 A.M. | 07.10.2023 5.00 P.M. | 06.10.2023 5.00 P.M. | 09.10.2023 11.00 A.M. | Will be intimated separately |

Further details can be seen from the website **www.tendersodisha.gov.in.**

OIPR-25133/11/0040/2324 **Sd./- Chief Construction Engineer, Rural Works Circle, Sundargarh**



**GOVERNMENT OF ODISHA** No. O-998

**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, SUNDARGARH**

At/P.O.: Sankara, Sundargarh - 770020, E-mail address: serw_sundargarh@yahoo.com

No. Tender Online - RWCCESNG-29 of 2023-24 Letter No. 2579 Dtd.11.09.2023

**e-Procurement NOTICE**

1. Type of the Work : Road (DMF)
2. Class of Contractor : As specified in the Column - 6 of the Annexure
3. Time of Completion : As specified in the Column - 5 of the Annexure
4. Detail Projects : As per Annexure attached
5. Estimated Cost : As specified in the Column - 4 of the Annexure
6. Other details :

| Procurement Officer | Bid Identification No. | Availability of Tender Online for Bidding | | Last date & time of seeking tender clarification | Date & time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sundargarh | RWCCESNG - 29 of 2023-24 | 18.09.2023 11.00 A.M. | 07.10.2023 5.00 P.M. | 06.10.2023 5.00 P.M. | 09.10.2023 11.00 A.M. | Will be intimated separately |

Further details can be seen from the website **www.tendersodisha.gov.in.**

OIPR-25133/11/0038/2324 **Sd./- Chief Construction Engineer, Rural Works Circle, Sundargarh**



**GOVERNMENT OF ODISHA** No. O-994

**OFFICE OF THE SUPERINTENDING ENGINEER, RURAL WORKS DIVISION, TITILAGARH**

E-Mail Id: eerw_titilagarh@yahoo.co.in

**e-Procurement Notice**

**IFB IDENTIFICATION NO. SETIG-Online-04/2023-24**

| | | | |
|---|---|---|---|
| 1. | Name of Work | : | Building & Road Works |
| 2. | Total No. of Works | : | 04 (Four) Nos. |
| 3. | Approximate Estimated Cost | : | Varies from Rs.5.00 to 42.50 lakhs |
| 4. | Time for Completion | : | 03 (Three) & 06 (Six) Calendar Months |
| 5. | Mode of Submission of Tender | : | Tender should be submitted online in **www.tenders.ori.nic.in** |
| 6. | Other details are as follow | : | As per TCN No. SETIG-Online-04/2023-24 |

| Procurement Officer | Bid Identification No. | Availability of Tender Online for Bidding | | Last date and time of seeking tender clarification | Date & time of opening of tender |
|---|---|---|---|---|---|
| Superintending Engineer, R.W. Divn., Titilagarh | SETIG-Online-04/ 2023-24 | 16.09.2023 at 11.00 A.M. | 28.09.2023 upto 5.00 P.M. | 27.09.2023 at 11.00 A.M. | 30.09.2023 at 11.00 A.M. |

- Further details can be seen from the website **www.tenders.ori.nic.in**
- Any Corrigendum/Addendum will be displayed in the above e-tender website only.

OIPR-25078/11/0005/2324 **Sd./- Superintending Engineer, R.W. Division, Titilagarh**

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୧୩ ସେପ୍ଟେମ୍ବର, ୨୦୨୩



## ସଂକ୍ଷେପରେ

### କଣ୍ଟାବାଞ୍ଜି ଜିଲା ଦାବି: ସଂଘର୍ଷ ସମିତିର ମହାବନ୍ଦ ଆଜି

**କଣ୍ଟାବାଞ୍ଜି, ୧୨।୯(ଗୁରୁଦୟାଲ ହଂସ):** କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀ ଓ ପଡୋଶୀ ବେଲପଡା ଓ ଖପ୍ରାଖୋଲ ବ୍ଲକର କେତେକ ପଞ୍ଚାୟତକୁ ନେଇ ସ୍ୱତନ୍ତ୍ର କଣ୍ଟାବାଞ୍ଜି ଜିଲା ଦାବି ଦୀର୍ଘବର୍ଷରୁ ହୋଇ ଆସୁଛି। ଏହି ଦାବିକୁ ଆହୁରି ଶାଣିତ କରିବା ପାଇଁ ଜିଲା ସଂଘର୍ଷ ସମିତି ବୁଧବାର ପୁଣି ମହାବନ୍ଦ ଡାକରା ଦେଇଛି । ଏଥିରେ କଣ୍ଟାବାଞ୍ଜି ସହର ସହିତ ମୁରିବାହାଲ, ବଙ୍ଗୋମୁଣ୍ଡା, ତୁରେକେଲା ବ୍ଲକର ଜନସାଧାରଣ ସାମିଲ ହେବାକୁ ଆହ୍ୱାନ ଦିଆଯାଇଛି। ଏହି ସବୁ ଅଞ୍ଚଳରେ ଥିବା ସରକାରୀ, ବେସରକାରୀ କାର୍ଯ୍ୟାଳୟ, ଦୋକାନ ବଜାର, ସ୍କୁଲ କଲେଜ ବନ୍ଦ କରିବା ପାଇଁ କୁହାଯାଇଛି। ମହାବନ୍ଦକୁ ମୁରିବାହାଲ ଓକିଲ ସଂଘ ଓ ସାମ୍ବାଦିକ ସଂଘ ସମର୍ଥନ ଦେଇଛି । ମହାବନ୍ଦରେ ଶତାଧିକ ଅନୁଷ୍ଠାନ ସାମିଲ ହେବେ ବୋଲି ସଂଘର୍ଷ ସମିତି ତରଫରୁ ସୂଚନା ଦିଆଯାଇଛି।

### ଦୁଇ କାର୍ ମୁହାଁମୁହିଁ ଧକ୍କା

**ଦେଓଗାଁ, ୧୨।୯(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)** ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ୨୬ନଂ ଜାତୀୟ ରାଜପଥ ସାଗରପାଲି କଲୋନୀ ବୁଲାଣିରେ ମଙ୍ଗଳବାର ଅପରାହ୍ନରେ ଦୁଇ କାର ମୁହାଁମୁହିଁ ହୋଇଥିଲା। ଏଥିରେ ଦୁଇ କାର କ୍ଷତି ହୋଇଛି। ତେବେ ଉଭୟ କାରରେ ଥିବା ଲୋକେ ବର୍ତ୍ତିଯାଇଛନ୍ତି। ଏକ କାର କେସିଙ୍ଗାରୁ ରାୟଗଡ ଯାଉଥିବା ବେଳେ ବଲାଙ୍ଗୀର ପଟରୁ ଆସୁଥିବା ଆଉ ଏକ କାର ସହ ମୁହାଁ ମୁହିଁ ଧକ୍କା ହୋଇଥିଲା ।

### ୱାର୍ଡସଭ୍ୟାଙ୍କ ବିୟୋଗରେ ଶୋକସଭା

**ଦେଓଗାଁ, ୧୨।୯(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କୁତୁର୍ଲା ପଞ୍ଚାୟତ ବହଲି ୱାର୍ଡସଭ୍ୟା କବିତା ପୋଡ଼ଙ୍କ ବିୟୋଗରେ ପଞ୍ଚାୟତ କାର୍ଯ୍ୟାଳୟରେ ମଙ୍ଗଳବାର ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ତେଜ ହରପାଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶୋକସଭାରେ ଇଓ ଗୋପାଳ ଷଡଙ୍ଗୀ, ନାଏବ ସରପଞ୍ଚ ଜଳନ୍ଧର ଚନ୍ଦନ, ୱାର୍ଡସଭ୍ୟ ରିତୁ ବୁଡେକ, କିର୍ତ୍ତିରାଜ ବାଗ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତା ପୋଡ଼ଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଦୁଇ ମିନିଟ ନୀରବ ପ୍ରାର୍ଥନା କରିଥିଲେ ।

### ପ୍ରାଥମିକ ଶିକ୍ଷକ ସଂଘର ଧାରଣା

**ନୂଆପଡା, ୧୨।୯ (ମକାରୁ ବେମାଲ)** ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ଓଡିଶାଙ୍କ ଆହ୍ୱାନକ୍ରମେ ନୂଆପଡା ବ୍ଲକ ସମସ୍ତ ବର୍ଗର ଶିକ୍ଷକ ସାମୂହିକ ଛୁଟି ନେଇ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି। ସେମାନଙ୍କ ୩ ଦଫା ସମ୍ବଳିତ ଦାବି ଦୀର୍ଘଦିନରୁ ଉପସ୍ଥାପନ କରିଥିଲେ ମଧ୍ୟପୂରଣ ନ ହେବାରୁ ଆନ୍ଦୋଳନକୁ ଓହ୍ଲାଇଛନ୍ତି । ପ୍ରାଥମିକ ଶିକ୍ଷକଙ୍କ ଠିକା ନିଯୁକ୍ତି ଉଚ୍ଛେଦ, କନିଷ୍ଠ ଶିକ୍ଷକଙ୍କୁ ନିୟମିତ କରିବା, ଶିକ୍ଷାକର୍ମୀ ଓ ଶିକ୍ଷା ସହାୟକଙ୍କ କାର୍ଯ୍ୟକାଳ ନ୍ୟାଶନାଲ ଇନକ୍ରିମେଣ୍ଟାରୀ ପ୍ରଦାନ କରି ମୂଳ ଚାକିରୀରେ ଗଣନା କରିବା, ଏକ୍ସ କ୍ୟାଡର ଶିକ୍ଷକଙ୍କୁ ଏଲିମେଣ୍ଟାରୀ କ୍ୟାଡର ଭୁକ୍ତ କରିବା ଆଦି ଦାବିରେ ଗଣ ଧାରଣା ଦେଇଛନ୍ତି । ଧାରଣାରେ ଶଙ୍କର୍ଷଣ ପୁରୋହିତ, ସରୋଜ କୁମାର ଅଗସ୍ତି, ସଞ୍ଜୟ କୁମାର ପାଢି, ଜିତେନ୍ଦ୍ର କୁମାର ଖମାରୀ, ମକରଧ୍ୱଜ ବାରିକ, ଉପେନ୍ଦ୍ର କୁମାର ଷଡଙ୍ଗୀ, ସୁପ୍ରିୟା ସତ୍ୟବାଦି, ଧନେଶ୍ୱରୀ ମାଝି ପ୍ରମୁଖ ସାମିଲ ଥିଲେ ।

# ପଥର ଉତ୍ତୋଳନ ବନ୍ଦ କଲେ ଗ୍ରାମବାସୀ



ପଥର ଖାଦାନରେ ଉତ୍ତୋଳନ ବନ୍ଦ କରିବା ଅବସରରେ ଉତ୍ତେଜିତ ଗ୍ରାମବାସୀ ।

**ଲୋଇସିଂହା, ୧୨।୯(ସୁଶାନ୍ତ ବାରିକ)** ବଲାଙ୍ଗୀର ଜିଲା ଲୋଇସିଂହା ତହସିଲ ଅନ୍ତର୍ଗତ ଉଚ୍ଛବପାଲି ଗ୍ରାମବାସୀ ପଥର କ୍ୱାରୀରେ ବ୍ଲାଷ୍ଟିଂ ଓ କ୍ରଶର ପ୍ରଦୂଷଣ ଯୋଗୁଁ ଆତଙ୍କିତ ଅବସ୍ଥାରେ ଅଛନ୍ତି। ପଥରକ୍ୱାରୀ ଏବଂ କ୍ରଶର ବନ୍ଦ ପାଇଁ ସେମାନେ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କଲେ ସୁଦ୍ଧା ସୁଫଳ ମିଳୁନାହିଁ। ଏହାର ପ୍ରତିବାଦରେ ମଙ୍ଗଳବାର ଗ୍ରାମବାସୀ ଗାଁ ସଂଲଗ୍ନ ଆଡେନଡୁଙ୍ଗୁରିରେ ଚାଲିଥିବା ବେଆଇନ ପଥର ଉତ୍ତୋଳନକୁ ବନ୍ଦ କରିଥିଲେ। ସେଠାର କାମ କରୁଥିବା ଶ୍ରମିକଙ୍କୁ କାର୍ଯ୍ୟସ୍ଥଳରୁ ଫେରାଇ ଦେଇଥିଲେ। ଏହାସହ ପଥର ବ୍ଲାଷ୍ଟି ଏବଂ ପରିବହନରେ ନିୟୋଜିତ ହିଟାଚି ଏବଂ ହାଇୱା ଗାଡିକୁ ଅଟକ ରଖିଥିଲେ। ଦୀର୍ଘ ସମୟ ଧରି ଗ୍ରାମବାସୀ ପଥର କ୍ୱାରୀରେ ରହିଥିଲେ ହେଁ ଆଲୋଚନା ପାଇଁ ପୋଲିସ କିମ୍ବା ତହସଲି କର୍ତ୍ତୃପକ୍ଷ ସେଠାରେ ପହଞ୍ଚି ନାହାନ୍ତି।

### ଆଡେନଡୁଙ୍ଗୁରିରେ ବେଆଇନ ପଥର ଖନନ

ଅଭିଯୋଗ ଅନୁଯାୟୀ, ୮ ଲୋଇସିଂହା ବ୍ଲକ ସରଗାଡ ଓ ଉପରବାହାଲ ପଞ୍ଚାୟତ ସୀମାନ୍ତରେ ୩ଟି କ୍ରଶର ୟୁନିଟ ରହିଛି। ଆଡେନଡୁଙ୍ଗୁରିରୁ କ୍ରଶର ମାଲିକମାନେ ପୂର୍ବରୁ ହାତ ପଥର ଫଟାଇ ନେଉଥିଲେ। ହେଲେ ବିଗତ କିଛିବର୍ଷ ହେବ ବିସ୍ଫୋରଣ ଘଟାଇ ପଥର ଉତ୍ତୋଳନ କରୁଛନ୍ତି। ଆଡନଡୁଙ୍ଗିରି ବିସ୍ଫୋରଣସ୍ଥଳରୁ ଉଚ୍ଛବପାଲିର ଗାଁ ଏବଂ ସ୍କୁଲର ଦୂରତା ଅଧ କିଲୋମିଟର ଦୂର। ଦିନ ବେଳା କ୍ୱାରୀରେ ପଥର ଉତ୍ତୋଳନ ପାଇଁ ହିଟାଚି ମେଶିନରେ ୫୦ଫୁଟର ଗାତ କରାଯାଉଛି। ମେଶିନ ଶବ୍ଦରେ ସ୍କୁଲର ପାଠପଢା ବାଧାପ୍ରାପ୍ତ ହେଉଛି। କ୍ୱାରୀରେ ବିସ୍ଫୋରଣ ଦ୍ୱାରା ବହୁ ଲୋକଙ୍କ ଘରକାନ୍ଥରେ ଫାଟ ସୃଷ୍ଟି ହୋଇଛି। ଏପରିକି ଖଟିଆରେ ବସିଥିବା ବୃଦ୍ଧାବୃଦ୍ଧ ତଳେ ପଡି ଯାଉଥିବା ନଜିର ରହିଛି। ସ୍କୁଲ ଛାତ୍ରୀଛାତ୍ର ସ୍ମୃତିଶକ୍ତି ହରାଉଛନ୍ତି। ଗ୍ରାମର ଅନେକ ଗର୍ଭବତୀଙ୍କ ଗର୍ଭପାତ ହେବା ସହ ବିକଳାଙ୍ଗ ଶିଶୁ ଜନ୍ମ ନେଉଥିବା ଗୁରୁତର ଅଭିଯୋଗ ହୋଇଛି। କ୍ଷେତରେ କାମ କରୁଥିବା କୃଷକ ଏବଂ ପାଠ ପଢିବାକୁ ସରଗାଡ ଯାଉଥିବା ଛାତ୍ରୀଛାତ୍ର ଏହି ରାସ୍ତାରେ ଯିବାକୁ ଅସୁରକ୍ଷିତ ମଣୁଥିବା ଗ୍ରାମର ଅରୁଣ କୁମାର ପାତ୍ର କହିଛନ୍ତି। ଏହି ସବୁ ସମସ୍ୟାକୁ ନେଇ କିଛିମାସ ତଳେ ଗ୍ରାମବାସୀ ଆନ୍ଦୋଳନ କରିଥିଲେ। ଏଡିଏମ ଲମ୍ବୋଦର ଧରୁଆ ଗାଁକୁ ଆସି ଜନଶୁଣାଣି କରିଥିଲେ। ସେଠାରେ କୌଣସି କ୍ରଶର ମାଲିକ ଉପସ୍ଥିତ ରହି ନ ଥିଲେ। ଜନଶୁଣାଣି ବେଳେ ବିନା ଲିଜରେ ବେଆଇନ ଭାବରେ ପଥର ଉତ୍ତୋଳନ ଚାଲିଥିବା ଜାଣି ଏଡିଏମ ଅସନ୍ତୋଷବ୍ୟକ୍ତ କରିଥିଲେ। ସ୍ଥାନୀୟ ତହସିଲଦାରଙ୍କୁ କ୍ରଶର ଏବଂ ପଥର କ୍ୱାରୀ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କ୍ରସର ଓ କ୍ୱାରୀ ବନ୍ଦ ହେଲେ ସେମାନେ କର୍ମସଂସ୍ଥାନ ହରାଇବେ ବୋଲି ସେଠାରେ କାମ କରୁଥିବା କେତେକ ଶ୍ରମିକ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଜଣଶୁଣାଣି ପରଠାରୁ କ୍ରଶର ଓ ପଥରକ୍ୱାରୀ ବନ୍ଦ ଥିଲା। ହେଲେ ଦୁଇ ସପ୍ତାହ ହେବ କ୍ୱାରୀ ଏବଂ କ୍ରଶର ପୁଣି ଚାଲିଛି। ଏ ନେଇ ଫେରାଦ ହେବାକୁ ସୋମବାର ଗ୍ରାମବାସୀ ଜିଲାପାଳଙ୍କ କାର୍ଯ୍ୟାଳୟ ଯାଇଥିଲେ। ହେଲ ଜିଲାପାଳ ଚଞ୍ଚଳ ରାଣାଙ୍କୁ ନପାଇ ସେମାନେ ନିରାଶ ହୋଇ ଫେରିଥିଲେ। ଅନ୍ୟୋନପାୟ ହୋଇ ମଙ୍ଗଳବାର ଏହିପରି ଆନ୍ଦୋଳନାତ୍ମକପନ୍ଥା ଗ୍ରହଣ କରିଥିବା ଗ୍ରାମବାସୀ କହିଛନ୍ତି।

# ନାବାଳିକା ଅପହରଣ, ବଳାତ୍କାର ଘଟଣା: ଅଭିଯୁକ୍ତ ଗିରଫ

**ଲୋଇସିଂହା, ୧୨।୯(ସୁଶାନ୍ତ ବାରିକ)** ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ହୀରାପୁର ଗ୍ରାମର ଜଣେ ନାବାଳିକାଙ୍କୁ ଅପହରଣ ଓ ବଳାତ୍କାର କରିବା ଘଟଣାରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ଥାନା ଅନ୍ତର୍ଗତ ସକମା ଗ୍ରାମର ମିଲୁ ପଧାନ(୨୩)। ଲୋଇସିଂହା ଡାକ୍ତରଖାନାରେ ଡାକ୍ତରୀମାଇନା ପରେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଥିବା ଆଇଆଇସି ଯାଜ୍ଞସିନୀ ନାୟକ କହିଛନ୍ତି। ପୋଲିସ ସୂଚନାମତେ, ୨୦୨୨ମସିହାରେ ମିଲୁ ସମ୍ପୃକ୍ତ ନାବାଳିକାଙ୍କୁ ଆପହରଣ କରି ତାମିଲନାଡୁ ନେଇ ଯାଇଥିଲେ । ସେଠାରେ ନାବାଳିକାଙ୍କୁ କିଛି ମାସ ରଖି ବଳାତ୍କାର କରିବା ପରେ ସେଠାରେ ଛାଡି ଚାଲି ଆସିଥିଲେ । ପୀଡିତା ଘଟଣା ସଂକ୍ରାନ୍ତରେ ପରିବାର ଲୋକଙ୍କୁ ଜଣାଇଥିଲେ । ଖବର ପାଇ ପରିବାର ଲୋକେ ସେଠାକୁ ଯାଇ ତାଙ୍କୁ ଉଦ୍ଧାର କରିଥିଲେ। ଏଠାକୁ


ଗିରଫ ମିଲୁ ପଧାନ।

ଆସିବା ପରେ ପୀଡିତା ଲୋଇସିଂହା ଥାନାକୁ ଆସି ଅଭିଯୁକ୍ତଙ୍କ ବିରୋଧରେ ଅପହରଣ ଓ ବଳାତ୍କାର ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଏକ ପୋକ୍‌ସୋ ମାମଲା(୩୪୧/୨୨) ରୁଜୁ ହୋଇଥିଲା। ସେବେଠାରୁ ପୋଲିସ ଫେରାର ଅଭିଯୁକ୍ତଙ୍କୁ ଖୋଜୁଥିଲା। ସୋମବାର ଅଭିଯୁକ୍ତ ଘରେ ଥିବା ଜାଣି ପୋଲିସ ଚଢାଉ କରି ଗିରଫ କରିଥିଲା ।

### ବଜ୍ରପାତରେ ମହିଳା ମୃତ

**ବେଲପଡା, ୧୨।୯(ମନୋଜ କୁମାର ମିଶ୍ର)** ବଲାଙ୍ଗୀର ଜିଲା ବେଲପଡା ତହସିଲ ଅନ୍ତର୍ଗତ କଟାପାଲି ଗାଁର ଜଣେ ମହିଳାଙ୍କ ମଙ୍ଗଳବାର ବଜ୍ରପାତରେ ମୃତ୍ୟୁ ଘଟିଛି। ମୃତା ହେଲେ ପୂର୍ଣ୍ଣମୀ ବାଗ (୩୫)। ନିଜ ଜମିରୁ ସ୍ୱାମୀ ମହେନ୍ଦ୍ର ବାଗ ଓ ସମ୍ପର୍କୀୟଙ୍କ ସହ କାମ ସାରି ସେ ଘରକୁ ଫେରୁଥିବାବେଳେ ପ୍ରବଳ ବର୍ଷା ସହ ଘଡଘଡି ହୋଇଥିଲା। ଏଥିରେ ପୂର୍ଣ୍ଣମୀ ତଳେ ପଡି ଯାଇଥିଲେ। ପରିବାର ଲୋକେ ଓ ସ୍ଥାନୀୟ ସରପଞ୍ଚ ରାମ ଗୋପାଳ ନାଏକ ତାଙ୍କୁ ଉଦ୍ଧାର କରି ବେଲପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ପରିବାର ଲୋକେ ଦାବି କରିଛନ୍ତି।

# ଭଙ୍ଗାଘରେ ଦିନ ବିତୁଛି, ମିଳୁନି ପ୍ରଧାନମନ୍ତ୍ରୀ ଆବାସ


ଭଙ୍ଗା ଘରେ ସୌମିତ୍ରୀ ଷାଣ୍ଢ।

**ଦେଓଗାଁ, ୧୨।୯(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଉପରଝର ପଞ୍ଚାୟତରେ ଯୋଗ୍ୟ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ମିଳୁ ନାହିଁ। ଏହି ପଞ୍ଚାୟତ ଅନ୍ତର୍ଗତ ଉପରଝର ଗାଁର ସୌମିତ୍ରି ଷାଣ୍ଢ ଭଙ୍ଗା ଦଦରା ମାଟିଘରେ ଅସୁରକ୍ଷିତ ଅବସ୍ଥାରେ ପରିବାର ସହ ରହୁଛନ୍ତି। ଅସରାଏ ବର୍ଷା ହେଲେ ଘର ଭିତରରେ ପାଣି ପଶୁଛି। ବେଶି ବର୍ଷା ହେଲେ ପରିବାର ସହ ସୌମିତ୍ରୀ ଗାଁ ସ୍କୁଲ ଘର ବାରଣ୍ଡାରେ ଆଶ୍ରୟ ନେଉଛନ୍ତି। ପକ୍କାଘର ପାଇଁ ପଞ୍ଚାୟତରୁ ବ୍ଲକ ପର୍ଯ୍ୟନ୍ତ ଜଣାଇଥିଲେ ମଧ କୌଣସି ସୁଫଳ ମିଳି ନ

### ଅସରାଏ ବର୍ଷାହେଲେ ସ୍କୁଲ ବାରଣ୍ଡା ଭରସା

ଥିବା କହିଛନ୍ତି ସୌମିତ୍ରୀ। ଏପରିକି ଚଳିତବର୍ଷ ମଧ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ତାଙ୍କ ନାମ ନାହିଁ। କେତେକ ଆବାସ କାର୍ଯ୍ୟାଦେଶ ପାଇ ଦୁଇ ମହଲା ନିର୍ମାଣ କରୁଥିବା ବେଳେ ସୌମିତ୍ରୀଙ୍କ ପରି ବ୍ୟକ୍ତିଙ୍କୁ ଏହି ଯୋଜନାରେ ସାମିଲ କରା ନ ଯିବାକୁ ନେଇ ସାଧାରଣରେ ଆଲୋଚନା ହେଉଛି। ଜିଲାପାଳ ଏଥିପ୍ରତି ଦୃଷ୍ଟିଦେଇ ତାଙ୍କୁ ଆବାସ ଯୋଜନାରେ ଘର ଯୋଗାଇଦେବାକୁ ସାଧାରଣରେ ଦାବି ହେଉଛି।

### ଉଦ୍ୟାନ କୃଷି କର୍ମଶାଳା

**ଦେଓଗାଁ, ୧୨।୯(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ବ୍ରାହ୍ମଣୀଯୋରଠାରେ ଉଦ୍ୟାନ କୃଷି କର୍ମଶାଳା ଅନଷ୍ଠିତ ହୋଇଯାଇଛି। ଉଦ୍ୟାନ ଅଧିକାରୀ ପ୍ରଜେତା ପୁରୋହିତଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ସ୍ଥାନୀୟ ସରପଞ୍ଚ ମହେନ୍ଦ୍ର ମଲ୍ଲିକ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ରବିଚାଷ ଭଳି ଛତୁ, ମସଲା ଜାତୀୟ, ଫୁଲ ଓ ଫଳ ଜାତୀୟ ଚାଷ ଉପରେ ଗୁରୁତ୍ୱ ଦେବାକୁ ଚାଷୀମାନଙ୍କୁ ପରାମର୍ଶ ଦିଆଯାଇଥିଲା। ମୁଖ୍ୟବକ୍ତା ଭାବେ ଏଫଇଏସ ମାଷ୍ଟରଟ୍ରେନର କୃଷ୍ଣ ପ୍ରସାଦ ପାଣିଗ୍ରାହୀ ଯୋଗଦେଇ ଜୈବିକ ପଦ୍ଧତିରେ କୃଷି ପ୍ରତି ଚାଷୀମାନେ ସଚେତନ ହେଲେ ସୁସ୍ଥ ପରିବାର ଗଠନ ହେବ ବୋଲି କହିଥିଲେ। ସମ୍ମାନୀତ ଅତିଥିଭାବେ ରାମଚନ୍ଦ୍ର ଶତପଥି ଯୋଗଦେଇ ଚାଷୀମାନେ ଅଣଧାନ ଚାଷ କରି ଉଦ୍ୟୋଗୀ ଚାଷୀଭାବେ ଠିଆ ହେବାକୁ ପରାମର୍ଶ ଦେଇଥିଲେ। କର୍ମଶାଳାରେ ବ୍ରାହ୍ମଣୀଯୋର ପଞ୍ଚାୟତ ସମେତ ଆଖପାଖ ପଞ୍ଚାୟତର ଚାଷୀମାନେ ଯୋଗଦେଇଥିଲେ। ଉଦ୍ୟାନ କର୍ମଚାରୀ ହିଂମାଶୁ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

# ଯୋଜନାର ଲାଭ ଉଠାନ୍ତୁ ଚାଷୀ



କର୍ମଶାଳାରେ ମଞ୍ଚାସୀନ କୃଷି ଅଧିକାରୀ ଓ ଅତିଥି।

**ଖପ୍ରାଖୋଲ, ୧୨।୯(ଅଭୟ ତ୍ରିପାଠୀ)** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲୁହାସିଂହା ପଞ୍ଚାୟତ ଯୁରିଆ ସୁଆର କୃଷି ଫାର୍ମ ପରିସରରେ ବ୍ଲକସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଉଦ୍ୟାନ କୃଷି ବିଭାଗ ତରଫରୁ ଆୟୋଜିତ କର୍ମଶାଳାରେ ଖପ୍ରାଖୋଲ ବ୍ଲକ ସହକାରୀ ଉଦ୍ୟାନ କୃଷି ଅଧିକାରୀ ଜିନିତା ବରୁଆ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ବାଘମୁଣ୍ଡ ସରପଞ୍ଚ ଦେବାଶିଷ ସାହୁ, ସମ୍ମାନିତ ଅତିଥି ଟଂଘରିଆ ସରପଞ୍ଚ ସୁଶୀଲ କୁମାର ଗୁରୁ,

### ବ୍ଲକସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା

ବ୍ଲକ କୃଷି ଅଧିକାରୀ ସନ୍ତୋଷ କୁମାର ମେହେର, ଏଫଇଏସ ମାଷ୍ଟର ଟ୍ରେନର ଅଭୟ ତ୍ରିପାଠୀ, ବେଲପଡ଼ା ସହକାରୀ ଉଦ୍ୟାନ କୃଷି ଅଧିକାରୀ ସୌମ୍ୟ ରଞ୍ଜନ ପଟ୍ଟନାୟକ, ପାଟଣାଗଡ ସହକାରୀ ଉଦ୍ୟାନ କୃଷି ଅଧିକାରୀ ଅବିନାଶ ଦାଶ, ମିଶନ ଶକ୍ତି ବିପିସି ଲକ୍ଷ୍ମୀ ନାରାୟଣ ବିଶି, ପାମ ଅଏଲ ଲିମିଟେଡର ଶମ୍ଭୁ ପ୍ରସାଦ, ଲୁହାସିଂହା ପ୍ରାଣୀଧନ ନିରୀକ୍ଷକ ଶ୍ରୀରାମ ସେଲେମା ଯୋଗଦେଇଥିଲେ। ସରକାରଙ୍କ ତରଫରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉଦ୍ୟାନ କୃଷି ଯୋଜନାର ଲାଭ ଉଠାଇ ଚାଷୀ ନିଜର ଆୟ ବୃଦ୍ଧି ସହ ଆତ୍ମନିର୍ଭରଶୀଳ ହେବାକୁ ଆହ୍ୱାନ ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅଗ୍ରଣୀ ଚାଷୀ କନ୍ଦର୍ପ ସୁଆର, ଶେଷଦେବ ମାଝି, ଲକ୍ଷେଶ୍ୱର ବରିହା, ପାଣ୍ଡବ ବରିହା, ବିକାଶ ମେହେରଙ୍କ ସମେତ ଶତାଧିକ ଚାଷୀ ଉପସ୍ଥିତ ଥିଲେ। ସହକାରୀ ଉଦ୍ୟାନ କୃଷି ଅଧିକାରୀ ବରୁଆ ଧନ୍ୟବାଦ ଅର୍ପଣ କରିଥିଲେ।

# ନୂଆଁଖାଇ ଆଉ ୮ ଦିନ
# ଦାଦନ ଶ୍ରମିକଙ୍କୁ ବଇନା ଦେଉଛନ୍ତି ମଧ୍ୟସ୍ଥ

**ଲାଠୋର, ୧୨।୯(ଭୁବନେଶ୍ୱର ବାରିକ)** ଆଗାମୀ ୨୦ତାରିଖରେ ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ। ଏଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇଗଲାଣି। ବେଶପୋଷାକ, ପିଠାପଣା ସାଙ୍ଗକୁ ଅନ୍ୟାନ୍ୟ ବାବଦକୁ ଅର୍ଥର ଆବଶ୍ୟକତା ରହିଛି। ଲୋକଙ୍କ ମାନସିକତାକୁ ଲକ୍ଷ୍ୟ କରି ସବୁ ର୍ଷ ପରି ଚଳିତ ବର୍ଷ ମଧ ଦାଦନ ସର୍ଦ୍ଦାରମାନେ ମଧ୍ୟସ୍ଥଙ୍କ ଜରିଆରେ ଗାଁ ଗାଁରେ ବଇନା ବାଣ୍ଟିବା ଆରମ୍ଭ କଲେଣି। ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଅଞ୍ଚଳରେ ଏହି ଚିତ୍ର ଏବେ ଦେଖିବାକୁ ମିଳିଲାଣି। ଏହା ସମସ୍ତଙ୍କୁ ଜଣାଥିଲେ ବି ଶ୍ରମ ବିଭାଗ କିମ୍ବା ପୋଲିସ ପ୍ରଶାସନ ନିକଟରେ ଖବର ନାହିଁ। ଜିଲାର ଆଦିବାସୀ ବହୁଳ ଅଞ୍ଚଳ ଖପ୍ରାଖୋଲ ବ୍ଲକର ସାହାଜପାଣି, ବେଦେର, ମାଲପଡ଼ା, ଲାଠୋର, କରୁଆଝର, ଟଙ୍କପାଣି, ରେଙ୍ଗାଲି, ତେଲେନପାଲି ଆଦି ପଞ୍ଚାୟତର ସହସ୍ରାଧିକ ସଂଖ୍ୟାରେ ଶ୍ରମିକ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ପରିବାର ପରିପୋଷଣ କରିଥାନ୍ତି। ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଏଠାରେ କର୍ମସଂସ୍ଥାନ ମିଳୁ ନ ଥିବାରୁ ଏପରି ହେଉଥିବା କୁହାଯାଉଛି। ନୂଆଁଖାଇ ଆଗମନରେ ଦାଦନ ସର୍ଦ୍ଦାରମାନେ ସୁନିୟନ୍ତ୍ରିତ ଯୋଜନାରେ କିଛି କିଛି ଟଙ୍କା ବଇନା ଦେଇ ଶ୍ରମଜୀବୀମାନଙ୍କୁ ଦାଦନ ଖଟିଯିବାକୁ ସୁନିଶ୍ଚିତ କରୁଛନ୍ତି। ବର୍ଷାଭାବ ଯୋଗୁ ଧାନ ଫସଲ ପ୍ରଭାବିତ ହେବା ମଧ୍ୟସ୍ଥଙ୍କ ପାଇଁ ସୁଯୋଗ ସୃଷ୍ଟି କରିଛି। ପ୍ରତି ଦାଦନ ପରିବାରକୁ ୫ ରୁ ୧୦ ହଜାର ଟଙ୍କା ନବାନ୍ନ ବଇନା ଦେଇ ସେମାନଙ୍କ ପାଖରୁ ଆଧାର କାର୍ଡର ଫଟୋ କପି ସଂଗ୍ରହ କରି ରଖୁଛନ୍ତି। ଶ୍ରମିକମାନଙ୍କ ସୁରକ୍ଷା ଦୃଷ୍ଟିରୁ ଏହି କାରବାର ଉପରେ ଅଙ୍କୁଶ ଲଗାଇବା ପାଇଁ ସାଧାରଣରେ ଦାବି ହେଉଛି।

### ବ୍ଲକସ୍ତରୀୟ କଳାକାର ଚୟନ କାର୍ଯ୍ୟକ୍ରମ

**ଖଡ଼ିଆଳ, ୧୨।୯ (ସୁଜିତ କୁମାର ପ୍ରଧାନ)** ଖଡ଼ିଆଳ ବ୍ଲକସ୍ତରୀୟ କଳାକାର ଚୟନ କାର୍ଯ୍ୟକ୍ରମ ସମ୍ମିଳନୀ ଗୃହରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ତଥା ଜିଲା ସାଂସ୍କୃତିକ ଅଧିକାରୀ ରମେଶ ଚନ୍ଦ୍ର ମାହାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଡିଓ ବୀରସେନ ବେହେରା, ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ତଥା ସଚିବ କୁମାର ମାଝି, ଉପସଭାପତି ଜିଲା କଳା ସାଂସ୍କୃତିକ ଅନୁଷ୍ଠାନ ଅର୍ଜୁନ ଛାଡ୍ରିଆ, ଉପସଭାପତି ବ୍ଲକ କଳା ସଂସ୍କୃତି ସଂଗଠନ ଜଗତରାମ ନାଗ, ମାଷ୍ଟର ଟ୍ରେନର ଅମୂଲ୍ୟ ମୁଣ୍ଡ ଏବଂ ବ୍ଲକ ସ୍ତରୀୟ ସମସ୍ତ କଳାକାର ଯୋଗ ଦେଇଥିଲେ। ଲୋକକଳା ଓ ସଂସ୍କୃତିକୁ ପ୍ରୋତ୍ସାହନ ସହ କଳାକାରଙ୍କୁ ସହାୟତା ଦେବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ। କଳାକାରଙ୍କ ଆର୍ଥିକ ବିକାଶ ନେଇ ପଦକ୍ଷେପ ନିଆଯିବ ବୋଲି ଅତିଥିମାନେ କହିଥିଲେ। ଚୟନ କାର୍ଯ୍ୟକ୍ରମରେ କଳାକାରମାନେ କଳା ପ୍ରଦର୍ଶନ କରିଥିଲେ।


ସିନାପାଲି ବିଇଓ ଅଫିସ ସମ୍ମୁଖରେ ଧାରଣାରତ ଶିକ୍ଷକ।

# ଧାରଣାରେ ବସିଲେ ପ୍ରାଥମିକ ଶିକ୍ଷକ

**ସିନାପାଲି, ୧୨।୯(ମନଫୁଲ ମେହେର)** ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ଡାକରାରେ ୩ଦଫା ଦାବି ନେଇ ରାଜ୍ୟର ବିଭିନ୍ନ ଜିଲାର ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିଛନ୍ତି। ଏହିକ୍ରମରେ ନୂଆପଡା ଜିଲା ସିନାପାଲି ବ୍ଲକ ସଂଘ ତରଫରୁ ମଧ ସମୂହ ଛୁଟି ନେଇ ସ୍ଥାନୀୟ ବିଇଓ ଅଫିସ ସମ୍ମୁଖରେ ଶିକ୍ଷକମାନେ ଧାରଣା ଦେଇଛନ୍ତି। ସଂଘର ବ୍ଲକ ସଭାପତି ପ୍ରସନ୍ନ ମାଝି ଓ ସପାଦକ ବାଲାଜୀ ହରିଜନ, ଜିଲା ଏକ୍ସକେ ସଭାପତି ଅରୁଣ କୁମାର ଯୋଷୀ, କନିଷ୍ଠ ଶିକ୍ଷକ ସଂଘ ସଭାପତି ଜ୍ଞାନରଞ୍ଜନ ସୁନାନୀଙ୍କ ନେତୃତ୍ୱରେ ମଙ୍ଗଳବାର ପୂର୍ବାହ୍ନରୁ ପ୍ରାଥମିକ ଶିକ୍ଷୟିତ୍ରୀଶିକ୍ଷକ ଏହି ଧାରଣାରେ ସାମିଲ ହୋଇଛନ୍ତି। ଫଳରେ ଏହି ବ୍ଲକର ପ୍ରାୟ ବିଦ୍ୟାଳୟରେ ତାଲା ଝୁଲୁଛି । ଠିକା ନିଯୁକ୍ତି ଉଚ୍ଛେଦ, ଶିକ୍ଷା ସହାୟକଙ୍କ ଠିକା କାର୍ଯ୍ୟକାଳକୁ ମୂଳ ଚାକିରିରେ ଗଣନା, କେନ୍ଦ୍ରୀୟ ହାରରେ ଦରମା, ପୁରୁଣା ପେନସନ ବ୍ୟବସ୍ଥା ଲାଗୁ କରିବା ଆଦି ଦାବିରେ ଧାରଣାସ୍ଥଳରେ ଶିକ୍ଷକଶିକ୍ଷୟିତ୍ରୀ ଗର୍ଜିଥିଲେ । ସୂର୍ଯ୍ୟରୂପା ଯୋଷୀ, ରମେଶ ଚନ୍ଦ୍ର ମେହେର, ଅସ୍ମିତା ପାଢ଼ି, ବୈଷ୍ଣବ ମେହେର, ଅତୁଲ ପାତ୍ର, ତନୁରାମ ନାଏକ, ଖଗେଶ୍ୱର ନିଆଲ, ଚତୁର୍ଭୁଜ ସେଠୀ, ସୁରମା ପଣ୍ଡା ପ୍ରମୁଖ ସମାବେଶରେ ଉଦ୍‌ବୋଧନ ଦେଇଥିଲେ । ଶିକ୍ଷକ ଲୋଚନ ମେହେର ସଭା ପରିଚାଳନା କରିଥିଲେ ।

# ତହସିଲଦାରଙ୍କୁ କୃଷକ ସଂଘର ୬ ଦଫା ଦାବିପତ୍ର

**ମୁରିବାହାଲ, ୧୨।୯ (ଶ୍ରୀବତ୍ସ ବେହେରା)** ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକକୁ ସମ୍ପୂର୍ଣ୍ଣ ମରୁଡି ଘୋଷଣା ଦାବି କରିଛି କୃଷକ ସଂଘ। ମଙ୍ଗଳବାର ସଂଘ ତରଫରୁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ୬ ଦଫା ସମ୍ବଳିତ ଦାବିପତ୍ର ତହସିଲଦାରଙ୍କୁ ପ୍ରଦାନ କରାଯାଇଛି। ଏଥିପୂର୍ବରୁ ମୁରିବାହାଲ କଲ୍ୟାଣ ମଣ୍ଡପ ନିକଟରୁ ସଂଘ କର୍ମକର୍ତ୍ତାମାନେ ଏକ ବାଇକ ଶୋଭାଯାତ୍ରାରେ ତହସିଲଦାର କାର୍ଯ୍ୟାଳୟ ସମ୍ମୁଖକୁ ଯାଇଥିଲେ। ସେଠାରେ କୃଷକ ସଂଘ ସଭାପତି ଚକ୍ରଧର ହେର୍ଣ୍ଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଚଳିତ ବର୍ଷ ଆବଶ୍ୟକ ବର୍ଷା ନ ହେବାରୁ ମୁରିବାହାଲ ବ୍ଲକର ୨୨ଟି ଯାକ ପଞ୍ଚାୟତରେ ଧାନ ଫସଲ ପ୍ରଭାବିତ ହୋଇଛି। କେଉଁଠି ରୁଆପୋଡା ହୋଇନି ତ ଆଉ କେଉଁଠି ଯାହା ଯେମିତି ଚାଷ ଆଗେଇ ଥିଲା ତାହା ଜଳାଭାବରୁ ନଷ୍ଟ ହେବାକୁ ବସିଲାଣି। ଏବେ ବର୍ଷା ହେଲେ ବି ଆଉ ଚାଷ ଆଗେଇ ପାରିବ ନାହିଁ ବୋଲି ଚାଷୀନେତାମାନେ କହିଥିଲେ। ଏଣୁ ଅବିଳମ୍ବେ ସରକାର ମୁରିବାହାଲ ବ୍ଲକକୁ ମରୁଡି ଘୋଷଣା କରନ୍ତୁ। ନିୟମ ଅନୁସାରେ ସମସ୍ତ ଚାଷୀକୁ ଇନପୁଟ ସବସିଡ଼ି ଏବଂ କେନ୍ଦ୍ର ସରକାରଙ୍କ ଫସଲ ବୀମା ସମସ୍ତ ଚାଷୀଙ୍କୁ ପ୍ରଦାନ କରଯାଉ। ବ୍ଲକର ସମସ୍ତ ଚାଷୀଙ୍କର କୃଷିଋଣ ଛାଡ଼, ଡାଲି ଜାତୀୟ ଫସଲ ପାଇଁ ମାଗଣାରେ ବିହନ ପ୍ରଦାନ, ତିଖାଲି ପ୍ରକଳ୍ପ ପାଣି ଜଳସେଚନ ପାଇଁ ବ୍ୟବସ୍ଥା କରାଯାଉ ବୋଲି ଦାବି କରାଯାଇଥିଲା। ଦାବିପତ୍ର ପ୍ରଦାନ ସମୟରେ ସଂଘ କାର୍ଯ୍ୟକାରୀ ସଭାପତି ମୋଦନ ମୋହନ କୁମ୍ଭାର, ସମ୍ପାଦକ ଗିରିଧାରୀ ସାହୁ, ମୁରିବାହାଲ ସରପଞ୍ଚ ବିଶ୍ୱବିହାରୀ ଯୋଶୀ, ଉପସଭାପତି ତୀର୍ଥ ହାତୀ, ଉପଦେଷ୍ଟା ରାଜୀବ କୁଅଁର, ବିଭୀଷଣ ମହାନନ୍ଦ, ବାସୁଦେବ ପ୍ରଧାନ, କମଳ ବୁଡ଼େକ, ହରେକୃଷ୍ଣ ସାହୁ, ସାଗର ଛତ୍ରିଆ, ଭାସ୍କର ମାଝି, ଧନୁ ନାଗ, ନୀଳମାଧବ ନାଗ, ରାମଦାସ ମହାକୁର, ଧନଞ୍ଜୟ ହାତୀ, ଗୌରହରି ବନଛୋର, ଲାଲମନ ପୁଟେଲ, ଗଜମନ ହାତୀ, ଶ୍ରୀଧର ମହାକୁର, ହେମାକାନ୍ତ ବାଗ, ଧ୍ରୁବଲେଶ୍ୱର ଲୁହା, ଦୁର୍ଗାନନ୍ଦ ମହାକୁର ଏବଂ ବହୁ ସଂଖ୍ୟାରେ ଚାଷୀ ଉପସ୍ଥିତ ଥିଲେ।


ତହସିଲ ଅଫିସ ସମ୍ମୁଖରେ କୃଷକ ସଂଘ କର୍ମକର୍ତ୍ତା ଓ ଚାଷୀ।

## ସଂକ୍ଷେପରେ

### ଭାରସାମ୍ୟ ହରାଇ ଗଛରେ ପିଟିହେଲା କାର୍

ବାଉଁଶୁଣୀ/ବଘିଆପଡା,୧୨।୯(ଶ୍ରୀକାନ୍ତ ସାହୁ/ଦେବାଶିଷ ନେପାକ): ବୌଦ୍ଧ ଜିଲା ଖୋର୍ଦ୍ଧା–ବଲାଙ୍ଗୀର ୫୭ନଂ ଜାତୀୟ ରାଜପଥର ଜହ୍ନାପଙ୍କ ଫାଣ୍ଡି ଅନ୍ତର୍ଗତ ଜହ୍ନାପଙ୍କ ବିଦ୍ୟୁତ ସବଷ୍ଟେଶନଠାରେ ଏକ କାର୍ (ନଂ ଓଡି– ୦୫– ଏ ୬୫୪୧) ଗଛରେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଫଳରେ ଗାଡିରେ ଥିବା ଡ୍ରାଇଭର ଓ ଗୋଟିଏ ପରିବାରର ସଦସ୍ୟ ଅଳ୍ପକେ ବର୍ତ୍ତି ଯାଇଥିବା ଜଣାପଡିଛି। ସୂଚନା ମୁତାବକ, ଭୁବନେଶ୍ୱରର ଏକ ପରିବାର ଉକ୍ତ କାର୍‌ରେ ନବରଙ୍ଗପୁରକୁ ଯାଉଥିବା ବେଳେ ଜହ୍ନାପଙ୍ଗ ନିକଟରେ କାର୍ ଭାରସାମ୍ୟ ହରାଇ ଗଛରେ ପିଟି ହୋଇଯାଇଥିଲା। ଦୁର୍ଘଟଣାରେ କାର୍‌ର ଆଗ ପଟ ଭାଙ୍ଗି ଯାଇଥିଲେ ମଧ୍ୟ ପରିବାର ଲୋକ ବର୍ତ୍ତି ଯାଇଛନ୍ତି। ଖବର ପାଇ ବୌଦ୍ଧ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

### ଶିକ୍ଷୟିତ୍ରୀଙ୍କୁ ଅବକାରୀ ବିଭାଗ କର୍ମଚାରୀଙ୍କ ଅସଦାଚରଣ ଅଭିଯୋଗ

ବୌଦ୍ଧ,୧୨।୯ (ଅଜିତ କୁମାର ବାରିକ): ଗାଡ଼ି ଯାଞ୍ଚ କରିବାକୁ ଯାଇ ଅବକାରୀ ବିଭାଗ କର୍ମଚାରୀମାନେ ଜଣେ ଶିକ୍ଷୟିତ୍ରୀଙ୍କୁ ଅସଦାଚରଣ କରିବା ସହ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି । ମଙ୍ଗଳବାର ରାତିରେ ହରଭଙ୍ଗା ବ୍ଲକର ଚାରିଛକଠାରେ ଏହି ଘଟଣା ଘଟିଛି। ସୂଚନା ଅନୁଯାୟୀ, ସନ୍ଧ୍ୟା ସମୟରେ ବୌଦ୍ଧ ଜିଲା ପୁରୁଣାକଟକ ଥାନା ଅନ୍ତର୍ଗତ ଅଡେଣିଗଡ଼ ଗ୍ରାମର ଶିକ୍ଷୟିତ୍ରୀ ଅନୁସୟା ନାଏକ ନିଜ କାର୍ ଯୋଗେ ପୁରୁଣାକଟକରୁ ନିଜ ଘରକୁ ଫେରୁଥିଲେ। ଫେରିବା ବାଟରେ ରାତି ପ୍ରାୟ ସାଢେ ୮ଟା ବେଳେ ୫୭ ନମ୍ବର ଜାତୀୟ ରାଜପଥର ଦିଗିସିରା ଜଙ୍ଗଲରେ ଚାରିଛକ ଅବକାରୀ ବିଭାଗ ପକ୍ଷରୁ ଯାଞ୍ଚ ହେଉଥିଲା। ବିଭାଗୀୟ କର୍ମଚାରୀ ଶିକ୍ଷୟିତ୍ରୀଙ୍କ ଗାଡିକୁ ଅଟକାଇବା ପାଇଁ ଉଦ୍ୟମ କରିଥିଲେ। ମାତ୍ର ଶିକ୍ଷୟିତ୍ରୀ ଯାଉଥିବା କାର ନିର୍ଜନ ସ୍ଥାନରେ ନ ରହି ବଜାରର ତହସିଲ ଅଫିସ ନିକଟରେ ଅଟକିବା ମାତ୍ରେ ବିଭାଗୀୟ କର୍ମଚାରୀ ତାଙ୍କୁ ଘେରିଯାଇ ଆକ୍ରମଣ କରିବା ସହ ଅସଦାଚରଣ କରିଥିଲେ। ଏପରି କି ତାଙ୍କ ମୋବାଇଲ ନେଇଯିବା ସହ ତାଙ୍କୁ ଜବରଦସ୍ତି ନେଇଯାଇ ଅବକାରୀ ଗାଡ଼ିରେ ବସାଇଥିଲେ । ପରେ କାର ଯାଞ୍ଚ ପରେ ତାଙ୍କୁ ଛାଡିବା ବେଳେ ଶିକ୍ଷୟିତ୍ରୀ ଜଣଙ୍କ ନ୍ୟାୟ ନ ମିଳିବା ଯାଏ ଅବକାରୀ ଗାଡିରୁ ଓହ୍ଲାଇବାକୁ ରାଜି ହୋଇ ନ ଥିଲେ। ଏହି ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିଥିଲେ। ଏ ନେଇ ଅବକାରୀ ବିଭାଗ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ ।

# ଶିକ୍ଷକ ଅଭାବ ପ୍ରତିବାଦରେ ସ୍କୁଲ୍‌ରେ ପଡ଼ିଲା ତାଲା

ପୁରୁଣାକଟକ/ତଳଗାଁ ୧୨।୯ (ସୁକାନ୍ତ ପଟ୍ଟନାୟକ/କୁନା ବେହେରା)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ତିଲେଶ୍ୱର ପଞ୍ଚାୟତ ବୁରୁବୁଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବ ନେଇ ମଙ୍ଗଳବାର ଦିନ ପରିଚାଳନା କମିଟି ସଦସ୍ୟ ଓ ଅଭିଭାବକମାନେ ବିଦ୍ୟାଳୟର ମୁଖ୍ୟ ଫାଟକରେ ତାଲା ପକାଇ ପ୍ରତିବାଦ କରିଥିବା ଦେଖିବାକୁ ମିଳିଛି ।

ପ୍ରକାଶ ଯେ, ଉକ୍ତ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୧୭୧ଜଣ ଛାତ୍ରୀଛାତ୍ର ପାଠ ପଢୁଥିବା ବେଳେ ୭ଜଣ ଶିକ୍ଷକ ନିଯୁକ୍ତି ଥିଲେ । ଜିଲା ଶିକ୍ଷା ବିଭାଗ ନିର୍ଦ୍ଦେଶ କ୍ରମେ ଉକ୍ତ ବିଦ୍ୟାଳୟର ୨ଜଣ ଶିକ୍ଷକଙ୍କୁ ପଦୋନ୍ନତି ଦିଆଯାଇ ଅନ୍ୟତ୍ର ବଦଳି କରାଯାଇଛି। କିନ୍ତୁ ପରବର୍ତ୍ତୀ ସମୟରେ ସେମାନଙ୍କ ସ୍ଥାନରେ ନୂତନ ଶିକ୍ଷକ ବିଭାଗ ପକ୍ଷରୁ ଯୋଗାଇ



ବିଦ୍ୟାଳୟ ଫାଟକରେ ତାଲା ପକାଯାଇଛି ।

ଦିଆଯାଇ ନ ଥିଲା । ଫଳରେ ଶିକ୍ଷାଦାନରେ ବାଧା ସୃଷ୍ଟି ହେଉଛି । ଏହାର ପ୍ରତିବାଦରେ ପରିଚାଳନା କମିଟି ସଦସ୍ୟ ଓ ଗ୍ରାମର ଶତାଧିକ ପୁରୁଷ ମହିଳା ଫାଟକରେ ତାଲା ମାରିଥିଲେ । ଏପରି କି ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ବିଦ୍ୟାଳୟ ଫାଟକ ବାହାରେ ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର, ଅଭିଭାବକ ରହିଥିଲେ ମଧ୍ୟ ଘଟଣାସ୍ଥଳରେ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ନ ପହଞ୍ଚିବା ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା । ଏ ନେଇ ହରଭଙ୍ଗା ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଜୟ କୁମାର ଲୁହାଙ୍କୁ ପଚାରିବାରେ ଘଟଣା ସମ୍ପର୍କରେ ଅବଗତ ଥିବା ବେଳେ ଧାରଣାସ୍ଥଳକୁ ସିଆରସିସିଙ୍କୁ ପଠାଇବା ସହ ବୁଧବାର ଜଣେ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯିବ ବୋଲି କହିଥିଲେ । ଅନ୍ୟପକ୍ଷରେ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ଉପସ୍ଥାନ ଅନୁଯାୟୀ ଆବଶ୍ୟକ ଶିକ୍ଷକ ନିଯୁକ୍ତି ନ ହେଲେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବିଦ୍ୟାଳୟ ଫାଟକରେ ତାଲା ଝୁଲି ରହିବ ବୋଲି ଅଭିଭାବକ ଓ ପରିଚାଳନା କମିଟି ସଦସ୍ୟଙ୍କ ପକ୍ଷରୁ ଚେତାବନୀ ଦିଆଯାଇଛି।

## ସ୍କୁଲ୍ ଗେଟ୍‌ରେ ତାଲା ପକାଇଲେ ଗ୍ରାମବାସୀ

ଅମରପାଲି,୧୨।୯(ପୀତାମ୍ବର ସାହୁ)

### ଡୁଲେଶ୍ୱର ୟୁପି ସ୍କୁଲ୍

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ପିତାମହୁଲ କ୍ଲଷ୍ଟରର ଡୁଲେଶ୍ୱର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକମାନେ ସ୍କୁଲକୁ ମନଇଚ୍ଛା ଆସୁଥିବା ଅଭିଯୋଗ ହୋଇଛି। ବାରମ୍ବାର ଅଭିଯୋଗ ପରେ ବି କେହି ନ ଶୁଣିବାରୁ ମଙ୍ଗଳବାର ଗ୍ରାମବାସୀ ସ୍କୁଲ ଗେଟରେ ତାଲା ମାରି ପ୍ରତିବାଦ କରିଛନ୍ତି।

ପ୍ରକାଶ ଯେ, ପିତାମହୁଲ କ୍ଲଷ୍ଟର ଅଧୀନ ଡୁଲେଶ୍ୱର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଥିବା ବେଳେ ୧୦୬ ଜଣ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ସେମାନଙ୍କୁ ପଢ଼ାଇବା ପାଇଁ ୫ ଜଣ ଶିକ୍ଷକ ନିଯୁକ୍ତ ହୋଇଛନ୍ତି। ମାତ୍ର ସେମାନଙ୍କ ମଧ୍ୟରୁ ଜଣେ ଶିକ୍ଷକ ଓ ଜଣେ ଶିକ୍ଷୟିତ୍ରୀ ସ୍କୁଲକୁ ଠିକ୍ ସମୟରେ ଆସୁଥିବା ବେଳେ ୩ ଜଣ ଶିକ୍ଷକ ସ୍କୁଲକୁ ମନଇଚ୍ଛା ଆସୁଥିବା ଅଭିଯୋଗ ହୋଇଛି। ମଙ୍ଗଳବାର ବିଦ୍ୟାଳୟକୁ ପୂର୍ବାହ୍ନ ୧୧ ଟା ପର୍ଯ୍ୟନ୍ତ ପ୍ରଧାନଶିକ୍ଷକଙ୍କ ସମେତ ୨ ଜଣ ସହକାରୀ ଶିକ୍ଷକ ଆସି ନ ଥିବା ବେଳେ ଛାତ୍ରୀଛାତ୍ର ବିଦ୍ୟାଳୟ ପରିସରରେ ବୁଲାବୁଲି କରୁଥିବା ଦେଖି ଗ୍ରାମବାସୀ ସ୍କୁଲ ଫାଟକ ରେ ତାଲା ମାରିଥିଲେ । ଖବରପାଇ ପିତାମହୁଲ କ୍ଲଷ୍ଟର ସିଆରସିସି କୌସ୍ତୁଭମଣି ଦାସ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ ମଧ୍ୟ ସେମାନେ ନିଜ ଜିଦରେ ଅଟଳ ରହିବାରୁ ବୀରମହାରାଜପୁର ବିଇଓଙ୍କୁ ସୂଚନା ଦେଇଥିଲେ । ଏନେଇ ବୀରମହାରାଜପୁର ବିଇଓ ଶାନ୍ତନୁ କୁମ୍ଭକାରଙ୍କୁ ପଚାରିବାରେ ସ୍କୁଲରେ ଅଭିଭାବକ ଓ ଗ୍ରାମବାସୀ ତାଲା ପକାଇଥିବା ନେଇ ଖବର ପାଇଛି। ଲିଖିତ ଅଭିଯୋଗ ମିଳିଲେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଛନ୍ତି।

## ସୂଚନା ଶିକ୍ଷା, ଯୋଗାଯୋଗ ଲାଗି ପ୍ରଶିକ୍ଷଣ ଶିବିର



ପ୍ରଶିକ୍ଷଣ ଶିବିର ଅବସରରେ ମଞ୍ଚାସୀନ ଅତିଥି ।

ତାରଭା,୧୨।୯(ମାନଭଞ୍ଜନ ମିଶ୍ର)

ପାରମ୍ପରିକ ଲୋକକଳା ମାଧ୍ୟମରେ ସୁବର୍ଣ୍ଣପୁର ଜିଲା ତରଭା ବ୍ଲକର ପ୍ରତ୍ୟେକ ଗ୍ରାମରେ ସୂଚନା ଶିକ୍ଷା ଓ ଯୋଗାଯୋଗ ଅଭିଯାନ ନିମନ୍ତେ ବିଭିନ୍ନ ସାଂସ୍କୃତିକ ଦଳ ଦ୍ୱାରା ରାଜ୍ୟ ସରକାରଙ୍କ ଅଭିନବ ଯୋଜନାଗୁଡିକର ବାର୍ତ୍ତା ପହଞ୍ଚାଇବା ପାଇଁ ବ୍ଲକ ସମ୍ମିଳନୀ କକ୍ଷରେ ଦୁଇଦିନିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକ କଳା ସଂସ୍କୃତି ସଂଘରେ ପଞ୍ଜୀକୃତ ୬୦ରୁ ଊର୍ଦ୍ଧ୍ୱ ଦଳର ଦୁଇ ଜଣ ଲେଖାଏ କଳାକାର ଅଂଶଗ୍ରହଣ କରିଥିଲେ। ୧୧ ତାରିଖ ଉଦ୍‌ଘାଟନୀ ସମାରୋହରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ସରୋଜ କମ୍ପ ଓ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ନିରଞ୍ଜନ ନାୟକ, ବ୍ଲକ କଳା ସଂସ୍କୃତି ସଂଘର ଉପସଭାପତି ମାନଭଞ୍ଜନ ମିଶ୍ର ଯୋଗ ଦେଇଥିଲେ। ଏହି କାର୍ଯକ୍ରମକୁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପ୍ରବାସ କୁମାର କର୍ଣ୍ଣ ପରିଚାଳନା କରିଥିଲେ। ପ୍ରଥମ ଦିନରେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ସବିତା ଦୋରା, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସତ୍ୟନାରାୟଣ ମହାପାତ୍ର, ବ୍ଲକ ପୋଗ୍ରାମ ମ୍ୟାନେଜର (ଓଡ଼ିଶା ଜୀବିକା ମିଶନ) ମନୋଜ ପାତ୍ର, ବ୍ଲକ ପ୍ରକଳ୍ପ ସଂଯୋଜକ (ମିଶନ ଶକ୍ତି) ସଚ୍ଚିଦାନନ୍ଦ ବୁଡେକ କଳାକାରମାନଙ୍କୁ ବିଭିନ୍ନ ବିଭାଗୀୟ ଯୋଜନା ସମ୍ବନ୍ଧରେ ନିୟମାବଳୀ ଓ ତଥ୍ୟ ପ୍ରଦାନ କରିଥିଲେ। ଫଳରେ ଆଗାମୀ ଦିନରେ କଳାକାରମାନେ ସମସ୍ତ ଗ୍ରାମକୁ ଯାଇ ପାରମ୍ପରିକ ଲୋକକଳା ମାଧ୍ୟମରେ ସଚେତନତା ବାର୍ତ୍ତା ପ୍ରଦାନ କରିବେ।

ଦ୍ୱିତୀୟ ଦିନରେ ସମସ୍ତ କଳାକାରଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଜନସ୍ୱାସ୍ଥ୍ୟ ଅଧିକାରୀ ଅମିତା ଚାନ୍ଦ ଯୋଗଦେଇ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ଆମ ହସ୍ପିଟାଲ ବିଷୟରେ ବିଶଦ ବିବରଣୀ ପ୍ରଦାନ କରିଥିଲେ। ସମସ୍ତ କଳାକାର ଆଗାମୀ କାର୍ଯ୍ୟକ୍ରମର ପ୍ରସ୍ତୁତି ବିଷୟରେ ଲୋକକଳା ମାଧ୍ୟମରେ ପରିବେଷଣ କରିଥିଲେ। ଉଦ୍‌ଯାପନୀ ସମାରୋହ ରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତଥା ବ୍ଲକ କଳା ସଂସ୍କୃତି ସଂଘ ସଭାପତି ଅନୀଲ କୁମାର କୁଲୁ ଯୋଗଦେଇ ଅଞ୍ଚଳର କଳାକାରମାନଙ୍କୁ ଉଚ୍ଚ ପ୍ରଶଂସା କରିବା ସହ ଆଗାମୀ କାର୍ଯ୍ୟକ୍ରମର ସଫଳ ରୂପାୟନ କଳାକାରମାନଙ୍କ ଦ୍ୱାରା ହୋଇପାରିବ ବୋଲି ପ୍ରକାଶ କରିଥିଲେ। ଏହି କାର୍ଯକ୍ରମକୁ ସଫଳ କରିବାରେ କଳାକାର ଶ୍ୟାମ ସୁନ୍ଦର ସାହୁ, ବିକ୍ରମ ସାହୁ, ଗରିବ ମଲ୍ଲିକ, ରମେଶ ସୁନା,ବିକ୍ରମ ବିଶି, ଜିତେନ୍ଦ୍ର ସାହୁ, ସୁଶିଲ ମୁଖୀ ପ୍ରମୁଖ ସହଯୋଗ କରିଥିଲେ।

## ସିନ୍ଧିଗୋରାରେ ଡକାୟତ: ୩ ଗିରଫ

ଘଣ୍ଟାପଡ଼ା,୧୨।୯(ପ୍ରଭାତ କୁମାର ସାହୁ)

**୩ ବାଇକ୍ ଜବତ**

ଜଣେ ବ୍ୟକ୍ତିଙ୍କ ଘରେ ପଶି ଡକାୟତି କରିବା ଅଭିଯୋଗରେ ପୋଲିସ ୩ ଜଣ ଯୁବକଙ୍କୁ ଗିରଫ କରିଛି । ଏଥିସହ ସେମାନଙ୍କ ଦ୍ୱାରା ବ୍ୟବହୃତ ୩ଟି ବାଇକ୍ ଜବତ କରାଯାଇଛି । ପ୍ରକାଶ ଯେ, ଘଣ୍ଟାପଡା ଥାନା ଖୁଣ୍ଟିଗୋରା ପଞ୍ଚାୟତ ଅଧୀନ ସିନ୍ଧୁଗୋରା ଗ୍ରାମର ଡୁଙ୍ଗୁରିପଡାର ଈଶ୍ୱର ରଣାଙ୍କ ଘରୁ ଗତ ୧୦ତାରିଖ ବିଳମ୍ବିତ ରାତିରେ ଡକାୟତି ହୋଇଥିଲା । ଘରେ ସମସ୍ତେ ଶୋଇଥିବା ସମୟରେ ଘରୁ ୩ଟି ଛେଳି ଓ ନଗଦ ୨୫ହଜାର ଟଙ୍କା ଚୋରି କରି ଡକାୟତ ଫେରାର ମାରିଥିଲେ । ସକାଳୁ ଚୋରି ହୋଇଥିବା ଜାଣି ଈଶ୍ୱର ଘଣ୍ଟାପଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ଉକ୍ତ ମାମଲାରେ ପୋଲିସ ୩ ଜଣକୁ ଗିରଫ କରିବା ସହ ୩ଟି ବାଇକ ଜବତ କରିଛି । ଚୋରି ହୋଇଥିବା ୨ଟି ଛେଳି ଉଦ୍ଧାର କରିଛି । ଅଭିଯୁକ୍ତମାନେ ହେଲେ ସିନ୍ଧିଗୋରାର ବିରଞ୍ଚି ରଣା ଏବଂ ବରଡିହାହାଲର ଶୁକ୍ର ରଣା ଓ ଦୀପକ ଠେଲା ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି । ଏ ସଂକ୍ରାନ୍ତରେ ଘଣ୍ଟାପଡା ଥାନାରେ ନଂ ୭୭/୨୩ରେ ଏକ ମାମଲା ରୁଜୁ କରାଯାଇଛି । ଗିରଫ ୩ ଡକାୟତଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଥିବା ନେଇ ଘଣ୍ଟାପଡା ଥାନା ଅଧିକାରୀ ବଳଭଦ୍ର ଗଣ୍ଡା ସୂଚନା ଦେଇଛନ୍ତି । ଏଥିରେ ଆହୁରି ଡକାୟତ ସାମିଲ ଥିବା ଓ ଫେରାର ହୋଇ ଯାଇଥିବା ପୋଲିସ ସୂଚନା ଦେଇଛି ।

## ଗଙ୍ଗାଧର ମେହେର ଜୟନ୍ତୀ ପାଳିତ



ବନ୍ଧୁ ଗହଣରେ ପରିଭ୍ରମଣ ପୁସ୍ତକକୁ ଅତିଥି ବୃନ୍ଦ ଉନ୍ମୋଚନ କରୁଛନ୍ତି ।

ସୋନପୁର,୧୨।୯(ମୃତ୍ୟୁଞ୍ଜୟ ଶତପଥୀ)

ସୋନପୁର ସହର ମହାନଦୀ ଯୋଗ ବିହାରସ୍ଥିତ ଶ୍ରୀ ଗୋପାଳଜୀ ତଡିତ ମନ୍ତ୍ରଶ୍ୱାସ ଯୋଗାଳୟରେ ସୁବର୍ଣ୍ଣପୁର ବରିଷ୍ଠ ନାଗରିକ ସଂଘ ଓ ଗୋପାଳଜୀ ଯୋଗାଳୟର ମିଳିତ ଆନୁକୂଲ୍ୟରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ବରିଷ୍ଠ ନାଗରିକ ସଂଘ ସଭାପତି ଡ. ଜ୍ୟୋତିରଞ୍ଜନ ବହିଦାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପଦ୍ମଶ୍ରୀ ଚତୁର୍ଭୁଜ ମେହେର ମୁଖ୍ୟଅତିଥି ଓ ଗବେଷକ ତଥା ଐତିହାସିକ ସୁଦାମ ନାଏକ ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ। ମଞ୍ଜୁଶ୍ରୀ ବାବୁ ତପସ୍ୱିନୀ କାବ୍ୟ ଆବୃତ୍ତି କରିଥିବା ବେଳେ ଶିକ୍ଷାବିତ୍ ଯଜ୍ଞେଶ୍ୱର ପୂଜାରୀ ଭଜନ ଓ କୃଷ୍ଣଚନ୍ଦ୍ର ସିନ୍ଦିରିଆ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଏହି ଅବସରରେ କବି ଆର୍ତ୍ତତ୍ରାଣ ବାବୁଙ୍କ ରଚିତ ପୁସ୍ତକ ବନ୍ଧୁ ଗହଣରେ ପରିଭ୍ରମଣ ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମରେ ଡ. ସନ୍ତୋଷ ପାଢୀ, କବି ଆର୍ତ୍ତତ୍ରାଣ ପାଢୀ, ବାସୁଦେବ ମିଶ୍ର, ହରିହର ଶତପଥୀ, ସନ୍ୟାସୀ ଦାଶ, କଳାକାହ୍ନୁ ଦାଶ, ବ୍ୟୋମକେଶ ଦାଶ, ଲୋକେଶ ପ୍ରଧାନ, ପ୍ରତାପ ଦାଶ, ଇନ୍ଦ୍ରମଣି ଦାଶ, ଉମେଶ ପଣ୍ଡା, ସୁବାସ ଧରୁଆ, ସୁଶାନ୍ତ ସାହୁ, ମୃତ୍ୟୁଞ୍ଜୟ ଦାଶ, ବିଭୂତି ଶତପଥୀ ପ୍ରମୁଖ ଯୋଗ ଦେଇଥିଲେ। ବରିଷ୍ଠ ନାଗରିକ ସଂଘ ସମ୍ପାଦକ ଜ୍ୟୋତିରଞ୍ଜନ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରଦୀପ୍ତ ପୁରୋହିତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ବ୍ଲକ ସରପଞ୍ଚ ସଂଘର ପ୍ରସ୍ତୁତି ବୈଠକ



ପ୍ରସ୍ତୁତି ବୈଠକରେ ଯୋଗ ଦେଇଥିବା ସରପଞ୍ଚମାନେ ।

ଅମରପାଲି,୧୨।୯(ପୀତାମ୍ବର ସାହୁ)

### ଭୁବନେଶ୍ୱର ବିକ୍ଷୋଭ କାର୍ଯ୍ୟକ୍ରମରେଯୋଗ ଦେବେ ସମସ୍ତ ସରପଞ୍ଚ

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଚମ୍ପାମାଳ ପଞ୍ଚାୟତ କାର୍ଯ୍ୟାଳୟଠାରେ ମଙ୍ଗଳବାର ଦିନ ବ୍ଲକ ସରପଞ୍ଚ ସଂଘର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପ୍ରସ୍ତୁତି ବୈଠକରେ ଆସନ୍ତା ୧୫ ତାରିଖରେ ଭୁବନେଶ୍ୱରରେ ଲୋୟର ପିଏମଜି ରେ ହେବାକୁ ଥିବା ବିକ୍ଷୋଭ,ଗଣଧାରଣା ଓ ରାଲିରେ ଅଂଶଗ୍ରହଣ କରିବାକୁ ନେଇ ଆଲୋଚନା ହୋଇଥିଲା। ବୀରମହାରାଜପୁର ବ୍ଲକ ସରପଞ୍ଚ ସଂଘର ସଭାନେତ୍ରୀ ଶ୍ରୀୟା କର୍ମୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ସମସ୍ତ ସରପଞ୍ଚ ଯୋଗ ଦେଇଥିଲେ। ଲୁତୁରପଙ୍କ ସରପଞ୍ଚ ସୂର୍ଯ୍ୟ ନନ୍ଦ ସ୍ୱାଗତ ଭାଷଣ ପ୍ରଦାନ ପ୍ରଦାନ କରିଥିଲେ। ମୁର୍ଷୁଣ୍ଡି ସରପଞ୍ଚ ମନୋଜ କୁମାର ସାହୁ, ସୁବଳୟା ସରପଞ୍ଚ ପ୍ରମୋଦ ମହାପାତ୍ର, ଚମ୍ପାମାଳ ସରପଞ୍ଚ ମହେନ୍ଦ୍ର ଜଗଦଲା, ଖଣ୍ଡହତା ସରପଞ୍ଚ ଜୟଶ୍ରୀ ଦେହୁରୀ, କମିରା ସରପଞ୍ଚ ଅନୁସୟା ପଧାନ ପ୍ରମୁଖ ଯୋଗଦେଇ ସରପଞ୍ଚ ସଂଘର ଆଭିମୁଖ୍ୟ ଓ ଅଗାମୀ ରାଜ୍ୟସ୍ତରୀୟ ବିକ୍ଷୋଭ ଓ ଗଣଧାରଣାରେ ସାମିଲ ହେବା ନେଇ ଆଲୋଚନା କରିଥିଲେ।

## ଫୁଲମୁଠିରେ ନୂଆଁଖାଇ ଭେଟଘାଟ ପ୍ରସ୍ତୁତି ବୈଠକ

ବିନିକା,୧୨।୯(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଅନ୍ତର୍ଗତ ଫୁଲମୁଠୀ ଆୟାଦ ୟୁଥ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇ ଆସୁଥିବା ନୂଆଖାଇ ଭେଟଘାଟ ସାଂସ୍କୃତିକ କାର୍ଯ୍ୟକ୍ରମ ଚଳିତଥର ୨୩ ବର୍ଷରେ ପଦାର୍ପଣ କରିଛି। ଏହାକୁ ଆକର୍ଷଣୀୟ କରିବା ପାଇଁ କ୍ଲବ ସଭାପତି ଆନନ୍ଦ କୁମାର ହୋତାଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ସ୍ଥାନୀୟ ଗ୍ରାମ୍ୟ ମଣ୍ଡପଠାରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ନୀଳାମ୍ବର ସାହୁ ବିବରଣୀ ପାଠ କରି ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନର ରୂପରେଖ ଉପରେ ବର୍ଣ୍ଣନା କରିଥିଲେ। ଆଖପାଖ ଅଞ୍ଚଳର ବହୁ କଳାକାର ଆସି ନୃତ୍ୟ,ଗୀତ ପରିବେଷଣ କରିବେ ବୋଲି ସମ୍ମତି ଦେଇଛନ୍ତି। ଏହି ଅବସରରେ କଳାକାରଙ୍କ ପ୍ରତିଭା ପ୍ରଦର୍ଶନ ପାଇଁ ପୁରସ୍କାର ପ୍ରଦାନ କରାଯିବ। ଏହି ବୈଠକରେ କ୍ଲବ ର ସଦସ୍ୟ ଜୁବୁଲି, ସଞ୍ଜୀବ, ବାବୁଲା, ଅଞ୍ଜୁ ଅମର, ନିରଞ୍ଜନ, ମହେନ୍ଦ୍ର, ଚନ୍ଦନ, ଆଲୋକ, ଜଗତଜୀବନ, ଦୀପ୍ତିକାନ୍ତ, ବିଭି, ନିଖିଲ, ସୁଧାଂଶୁ, ପଙ୍କଜ, ଗଜାନନ, ଗୋବିନ୍ଦ, ଦଶରଥ, ଅଭିଷେକ, ଶେଷଦେବ, ରାକେଶ, ଦେବଦତ୍ତ, କିଶୋର, ରାଧେଶ୍ୟାମ ପ୍ରମୁଖ ସଦସ୍ୟ ଉପସ୍ଥିତ ଥିଲେ।

## ଜନଔଷଧି କେନ୍ଦ୍ର ଉଦ୍‌ଘାଟିତ

ସୋନପୁର,୧୨।୯(ମୃତ୍ୟୁଞ୍ଜୟ ଶତପଥୀ)

ସୋନପୁର ବ୍ଲକ ପାଣିସିଆଲିଠାରେ ପ୍ରଧାନମନ୍ତ୍ରୀ ଭାରତୀୟ ଜନ ଔଷଧି କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି । ଲୋକକବି ପଦ୍ମଶ୍ରୀ ହଳଧର ନାଗ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି କେନ୍ଦ୍ର ଉଦ୍‌ଘାଟନ କରିଥିଲେ । ଏହା ସୋନପୁର ବ୍ଲକର ଦ୍ୱିତୀୟ ଜନ ଔଷଧି କେନ୍ଦ୍ର ବୋଲି ଜଣାପଡିଛି । ଏହି କେନ୍ଦ୍ରରେ ୧୭୫୯ ପ୍ରକାର ଉଚ୍ଚମାନର ଜେନେରିକ ଔଷଧ ୫୦% ରୁ ୯୦% କମ ମୂଲ୍ୟରେ ମିଳିବ । ଗରିବ ଲୋକ ଏହାଦ୍ୱାରା ଉପକୃତ ହେବେ ବୋଲି ସୂଚନା ଦିଆଯାଇଛି । ଉଦ୍‌ଘାଟନୀ ଉତ୍ସବରେ ଧନୁ ପଧାନ ଓ ସୁବାଷ ଚନ୍ଦ୍ର ପଧାନ ପ୍ରମୁଖ ଉପସ୍ଥିତ ଥିଲେ ।



ପ୍ରଧାନମନ୍ତ୍ରୀ ଭାରତୀୟ ଜନ ଔଷଧି କେନ୍ଦ୍ରକୁ ପଦ୍ମଶ୍ରୀ ହଳଧର ନାଗ ଉଦ୍‌ଘାଟନ କରୁଛନ୍ତି।

## ଏନ୍‌ଏସ୍‌ଏସ୍‌ର ପ୍ରଶିକ୍ଷଣ ଶିବିର

ବାଉଁଶୁଣୀ,୧୨।୯(ଦେବାଶିଷ ନେପାକ)

ବୌଦ୍ଧ ଜିଲା ବାଉଁଶୁଣୀସ୍ଥିତ ମା’ ମାହେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ସେବା ଯୋଜନାର ବାଳକ ଓ ବାଳିକା କୋ – ୟୁନିଟର ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା । ଏହି ଶିବିରକୁ ବିଦ୍ୟାଳୟର ଅଧ୍ୟକ୍ଷ ମାନଭଞ୍ଜନ ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ । ବର୍ତ୍ତମାନର ପ୍ରୋଗ୍ରାମ ଅଫିସର ତଥା ଶିକ୍ଷା ଅଧ୍ୟାପକ ଡ. ଉମାକାନ୍ତ ବିଶାଳ ଶିବିର ପରିଚାଳନା କରିଥିଲେ । ମୋଟ ୧୨୦ ଜଣ ସ୍ୱେଚ୍ଛାସେବୀ ଶିବିରରେ ଯୋଗ ଦେଇଥିଲେ । ପ୍ରଶିକ୍ଷକ ଭାବରେ ପୂର୍ବତନ ପ୍ରୋଗ୍ରାମ ଅଫିସର ତଥା ବରିଷ୍ଠ ଓଡ଼ିଆ ଅଧ୍ୟାପକ ଦେବାର୍ଚ୍ଚନ ବେହେରା, ତର୍କଶାସ୍ତ୍ର ଅଧ୍ୟାପକ ମକର ମହାରଣା ଓ ଇଂରାଜୀ ଅଧ୍ୟାପିକା ଅନିତା ନାୟକ ଯୋଗଦେଇ ପ୍ରଶିକ୍ଷଣ ଦେଇଥିଲେ।

## ଯୌନ ନିର୍ଯାତନାରୁ ଶିଶୁଙ୍କୁ ସୁରକ୍ଷା ଆଇନ ଉପରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ବୌଦ୍ଧ,୧୨।୯(ଅଜିତ କୁମାର ବାରିକ)

ଜିଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ମଙ୍ଗଳବାର ଦିନ ଆବାସିକ ବିଦ୍ୟାଳୟ ବରଗୋଛାଠାରେ ପ୍ରଧାନ ଶିକ୍ଷକ, ଅଧୀକ୍ଷକ , ସେବିକା, ମେଟ୍ରନମାନଙ୍କୁ ନେଇ ଶିଶୁମାନଙ୍କୁ ଯୌନ ନିର୍ଯାତନାରୁ ସୁରକ୍ଷା ଆଇନ ତଥା ବେଟି ବଚାଓ ବେଟି ପଢାଓ ଯୋଜନା ଉପରେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଶିକ୍ଷକ ଭାବେ ବରିଷ୍ଠ ଆଇନଜୀବୀ ସୋନପୁରର ଗୌରୀଶ୍ୟାମ ପଣ୍ଡା ଯୋଗଦେଇ କିଶୋର ନ୍ୟାୟ ଅଧିନିୟମ, ଶିଶୁ ଅଧିକାର, ଯୌନ ଅପରାଧରୁ ଶିଶୁଙ୍କ ସାମାଜିକ ସୁରକ୍ଷା ଉପରେ ଥିବା ଆଇନର ଦିଗ ଉପରେ ଆଲୋକପାତ କରିଥିଲେ। କର୍ମକ୍ଷେତ୍ରରେ ମହିଳାମାନଙ୍କ ସୁରକ୍ଷା ପାଇଁ କମିଟି ଗଠନ କରି ଆବଶ୍ୟକ ପଦକ୍ଷେପ ନେବା ପାଇଁ କହିଥିଲେ। ଏଥିସହ ଅନୁଷ୍ଠାନରେ ଛାତ୍ରୀଛାତ୍ରଙ୍କ ସମସ୍ୟାକୁ ଗୁରୁତର ଭାବେ ନେଇ ସମାଧାନ କରିବା ପାଇଁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଚନ୍ଦ୍ରକାନ୍ତୀ ବେଉରା ଯୋଗଦେଇ ଅନୁସୂଚିତ ଜାତି ଓ ଜନଜାତି ଆବାସିକ ବିଦ୍ୟାଳୟର ପ୍ରଧାନଶିକ୍ଷକ, ଶିକ୍ଷକ, ଅଧୀକ୍ଷକ, ମେଟ୍ରନମାନଙ୍କୁ ବିଦ୍ୟାଳୟର ନିୟମାବଳୀ ଓ ଛାତ୍ରୀଛାତ୍ରଙ୍କ ନିରାପତ୍ତା ନେଇ ପଦକ୍ଷେପ ନେବାକୁ କହିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ବିରଞ୍ଚି ମହାରଣା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ନେଇ ଖୁସି ବ୍ୟକ୍ତ କରିଥିଲେ। ଜିଲା ଶିଶୁ ସୁରକ୍ଷା ୟୁନିଟର ସୁରକ୍ଷା ଅଧିକାରୀ ସୁଶାନ୍ତ ଭୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ହରଭଙ୍ଗା, ବୌଦ୍ଧ ବ୍ଲକର ୧୩ ଗୋଟି ଅନୁସୂଚିତ ଜାତି ଓ ଜନଜାତି ବିଦ୍ୟାଳୟ ଓ ଶିଶୁ ଯତ୍ନ ଅନୁଷ୍ଠାନର ୬୦ ଜଣ କର୍ମଚାରୀ ଯୋଗଦେଇ ପ୍ରଶିକ୍ଷଣ ନେଇଥିଲେ। ବସନ୍ତ ଦିଶିରି ଧନ୍ୟବାଦ ଅର୍ପଣ କରିଥିଲେ।




ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅତିଥି ।

### ସଂଗଠନ ମଜଭୁତ କରିବ ମୋ ଦଳ

## ଚାଷୀ ସରକାର ପାଇଁ ପ୍ରୟାସ

ସୋନପୁର, ୧୨।୯ (ମୃତ୍ୟୁଞ୍ଜୟ ଶତପଥୀ)

ଆଗାମୀ ଦିନରେ ଓଡିଶାରେ ଚାଷୀ ସରକାର ଗଠନ ହେବ। ରାଜ୍ୟରେ ନୂତନ ଭାବେ ଗଠନ ହୋଇଥିବା ରାଜନୈତିକ ଦଳ ମୋ ଦଳ ଏଭଳି ଦୃଢୋକ୍ତି ପ୍ରକାଶ କରିଛି। ସଂଗଠନକୁ ଏଥି ଲାଗି ତୃଣମୂଳସ୍ତରରେ ମଜଭୁତ କରାଯାଉଛି। ମୋ ଦଳର ରାଜ୍ୟ ଉପସଭାପତି ରାଜେନ୍ଦ୍ର ମିଶ୍ର ସୋନପୁର ଏନଜିଓସିସି ସଭାଗୃହରେ ମଙ୍ଗଳବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ମିଶ୍ର ଏହି ଅବସରରେ ଆମର ଦରକାର ଚାଷୀ ସରକାର ନାରା ଦେଇ ଆଗାମୀ ଦିନରେ ସୁବର୍ଣ୍ଣପୁର ଜିଲାର ସୋନପୁର ଓ ବୀରମହାରାଜପୁର ବିଧାନସଭା ନିର୍ବାଚନମଣ୍ଡଳୀ ସମେତ ରାଜ୍ୟର ୧୪୭ ବିଧାନସଭା ନିର୍ବାଚନମଣ୍ଡଳୀରେ ମୋ ଦଳକୁ ସୁଦୃଢ କରାଯିବ। ସୋନପୁର ଓ ବୀରମହାରାଜପୁର ପାଇଁ ଖୁବଶୀଘ୍ର ଚାଷୀ ପ୍ରାର୍ଥୀ ଘୋଷଣା କରାଯିବ ବୋଲି କହିଥିଲେ। ଚାଷୀ ପ୍ରତିନିଧିଙ୍କୁ ବିଧାନସଭା ପଠାଇବା ପାଇଁ ଜିଲାର ଚାଷୀ ସଂଗଠନଗୁଡିକ ସମର୍ଥନ ଜଣାଇଛନ୍ତି। ଆବାହକ ପ୍ରଦ୍ୟୁମ୍ନ ପାଢୀ କହିଥିଲେ, ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ପ୍ରାଇସ, ପ୍ରେଷ୍ଟିଜ୍ ଓ ପେନସନ ପାଇଁ ଦୀର୍ଘ ୧୫ ବର୍ଷ ଧରି ଲଢେଇ କରାଯାଇଛି। ଏହା ମୋ ଦଳର ଭିତ୍ତିଭୂମି ହେବ। ଓଡିଶାର ଚାଷୀଙ୍କୁ ଭୁବନେଶ୍ୱରରେ ଆନ୍ଦୋଳନ ପାଇଁ ଓ ନିଜର ଦାବି ରଖିବାକୁ ଅନୁମତି ମିଳିଲାନି। ଚାଷୀଙ୍କ ପାଇଁ ସରକାର କିଛି କଲେନି। ତେଣୁ ୭୦ ଭାଗ ଚାଷୀ ଏକଜୁଟ ହୋଇ ନିଜର ଦାବି ହାସଲ ପାଇଁ ଆସନ୍ତା ନିର୍ବାଚନରେ ଆଞ୍ଚଳିକ ଦଳ ମୋ ଦଳକୁ ବିଜୟୀ କରାଇବେ। ଚାଷୀ ପରିବାରକୁ ମାସିକ ୫୦୦୦ଟଙ୍କା ପେନସନ ସହ ଏକର ପ୍ରତି ବାର୍ଷିକ ୫୦୦୦ଟଙ୍କାର ସହାୟତା, ଧାନ କୁଇଣ୍ଟାଲ ୩୦୦୦ଟଙ୍କାକୁ ବୃଦ୍ଧି କରିବା, ବାର୍ଦ୍ଧକ୍ୟ ଭତ୍ତା ୨୫୦୦ଟଙ୍କାକୁ ବୃଦ୍ଧି ଓ ଚାଷ ଜମିକୁ ଜଳସେଚନ କରିବା ଭଳି ଦଳର ପ୍ରତିଶ୍ରୁତି ଗାଁ ଗାଁରେ ପହଞ୍ଚାଯିବ ବୋଲି ପାଢୀ କହିଥିଲେ। ଏହି ସମ୍ମିଳନୀରେ ବରିଷ୍ଠ ଚାଷୀ ବୃନ୍ଦାବନ ପ୍ରଧାନ, ଗୋପାଳଜୀ ଗଡୁଆ, ବୈକୁଣ୍ଠନାଥ ଶତପଥୀ ଓ ରାଜେନ୍ଦ୍ର ପାଢୀ ପ୍ରମୁଖ ଉପସ୍ଥିତ ଥିଲେ।




ଖବରଦାତା ସମ୍ମିଳନୀରେ ମୋ ଦଳର କର୍ମକର୍ତ୍ତା ସୂଚନା ଦେଉଛନ୍ତି।

**୨ ଟ୍ରକ୍‌ରୁ ଡିଜେଲ ଚୋରି, ଥାନାରେ ଅଭିଯୋଗ**

ବଡ଼ଗାଁ ( ଅଶୋକ ଷଡ଼ଙ୍ଗୀ) : ସୁନ୍ଦରଗଡ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ଜରଙ୍ଗଲୋଇ ଗାଁ ନିକଟ ରାଜ୍ୟ ରାଜପଥ ୧୦ ଢ଼ାବା ସମ୍ମୁଖରେ ଗାଡ଼ି ରଖିଥିବା ୨ଟି ଟ୍ରକ୍‌ରୁ ୩୦୦ ଲିଟର ଡିଜେଲ୍ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି।

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ଯୁବକ ମୃତ

**କୁତ୍ରା,୧୨।୯(ଦେବାଶିଷ ସାହୁ):** ସୁନ୍ଦରଗଡ ଜିଲା କୁତ୍ରା ଥାନା ଅନ୍ତର୍ଗତ ତୁନମୁରା ଗୌନ୍ତିଆ ପଡାରେ ପୋଖରୀରେ ବୁଡି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସେହି ଗ୍ରାମର ଦୀପକ କିଶପଟା(୩୫)। ଏନେଇ ପୋଲିସ ଥାନାରେ ଏକ ମାମଲା ରୁଜୁ କରି ମୃତଦେହ ଜବତ ପରେ ବ୍ୟବଚ୍ଛେଦ ପାଇଁ ପଠାଇଛି। ସୂଚନାଯୋଗ୍ୟ, ଦୀପକ ରବିବାର ରାତିରେ ଖୁଡି ଘରେ ଖାଇସାରି ନିଜ ଘରକୁ ଫେରିଥିଲେ। ହେଲେ ସେ ଘରକୁ ଫେରି ନ ଥିବାରୁ ପରିବାର ଲୋକେ ତାଙ୍କୁ ବହୁତ ଖୋଜାଖୋଜି କରିଥିଲେ ହେଁ ତାଙ୍କର କୌଣସି ପତା ମିଳି ନ ଥିଲା। ମଙ୍ଗଳବାର ଗ୍ରାମର କିଛି ଲୋକ ପୋଖରୀକୁ ମାଛ ଧରିବା ପାଇଁ ଯାଇଥିବା ବେଳେ ପାଣିରେ କେହି ଜଣେ ଭାସୁଥିବା ଦେଖିବାକୁ ପାଇଥିଲେ। ପରେ ମୃତଦେହକୁ ଚିହ୍ନଟ କରି ପାଣିରୁ ଉଦ୍ଧାର କରିଥିଲେ। ଏନେଇ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ତୁରନ୍ତ ତାଙ୍କୁ କୁତ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ସମିତି ସଭ୍ୟଙ୍କ ଦେହାନ୍ତ

**ଲହୁଣୀପଡ଼ା,୧୨।୯(ଦାଶରଥି ପଣ୍ଡା):** ସୁନ୍ଦରଗଡ ଜିଲା ଲହୁଣୀପଡ଼ା ବ୍ଲକ କଲେଇପୋଷ ପଞ୍ଚାୟତର ସମିତି ସଭ୍ୟ ଭୂୟାଁ ଓରାମଙ୍କ ସୋମବାର ରାତିରେ ଦେହାନ୍ତ ହୋଇଛି। ମଙ୍ଗଳବାର ସକାଳେ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରିବା ସହ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ। ଗ୍ରାମ ନିକଟସ୍ଥ ନାଳରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଖବର ପ୍ରସାରିତ ହେବା ପରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ସୋମବାର ରାତିରେ ସ୍ୱର୍ଗତ ଭୂୟାଁ ଅଗଣାରେ ଚାଲୁଥିବା ବେଳେ ହଠାତ୍ ପଡ଼ିଯାଇଥିଲେ। ପରିବାର ଲୋକେ ତୁରନ୍ତ ତାଙ୍କୁ ଲହୁଣୀପଡ଼ା ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### କାଠଗଣ୍ଡି ପଡ଼ି ୩ବର୍ଷର ଶିଶୁ ମୃତ

**ଲହୁଣୀପଡା,୧୨।୯(ଦାଶରଥି ପଣ୍ଡା):** ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ମହୁଲପଦା ପଞ୍ଚାୟତ ଡେରୁଲା ଗ୍ରାମରେ କାଠଗଣ୍ଡି ପଡ଼ି ଜଣେ ଶିଶୁପୁତ୍ରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଯଦୁ ଗିରି(୩)। ମହୁଲପଦା ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏଥିସହ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ଯଦୁ ସାଙ୍ଗଙ୍କ ସହ ନିଜ ଘର ଆଗରେ ଖେଳୁଥିଲେ। ଏହି ସମୟରେ ଏକ ଗଛରେ ଡେରା ହୋଇଥିବା କାଠଗଣ୍ଡି ଖସି ପଡ଼ିବାରୁ ଯଦୁ ଗୁରୁତର ହୋଇଥିଲେ। ପରିବାର ଲୋକେ ତୁରନ୍ତ ତାଙ୍କୁ ବଣାଇଁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଅଭିଭାବକ ହିଁ ସହଭାଗୀ କାର୍ଯ୍ୟକ୍ରମ

**ବିଶ୍ରା,୧୨।୯( ବଟକୃଷ୍ଣ ସ୍ୱାଇଁ):** ବିଶ୍ରା ବ୍ଲକ ଭାଲୁଲଟା ଉଚ୍ଚ ବିଦ୍ୟାଳୟରେ ଅଭିଭାବକ ହିଁ ସହଭାଗୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପାନପୋଷ ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଅମୀୟା ସୁଚିତା ତିର୍କୀ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଶରତ ମନି ପୂର୍ତ୍ତିଙ୍କ ସଭାପତିତ୍ୱରେ ଲେନା ଜାଲି ମଞ୍ଚ ପରିଚାଳନା କରିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ବ୍ଲକ ମଙ୍ଗଳ ଅଧିକାରୀ ଆରତୀ ସ୍ୱାଇଁ, ସମିତି ସଭ୍ୟା ସୁନୀତା ଲୁଗୁନ, କମିଟି ସଭାପତି ଭାନୁମତୀ ପଶାୟତ, ଏବିଓ କୃପାସିନ୍ଧୁ ପତି ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

### ଲ୍ୟାମ୍ପ୍ସ କନିକା ଶାଖାରେ ଚୋରି

**ହେମଗିର,୧୨।୯(ଚୈତନ୍ୟ ପଟେଲ )** ସୁନ୍ଦରଗଡ ଜିଲା ହେମଗିର ଥାନାସ୍ଥିତ କନିକା ଗ୍ରାମଠାରେ ଥିବା ଲ୍ୟାମ୍ପ୍ସ କାର୍ଯ୍ୟାଳୟର ତାଲାଭାଙ୍ଗି ନଗଦ ୨ ଲକ୍ଷ ୩୪ ହଜାର ୮୪୪ ଟଙ୍କା ଚୋରି ହୋଇଛି। ଏନେଇ ହେମଗିର ଥାନାରେ ଏମ୍.ଡି ବିଜୟ ପ୍ରଧାନ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୋଗକୁ ଭିତ୍ତିକରି ଘଟଣା ସ୍ଥଳରେ ପହଞ୍ଚି ସନ୍ଧାନି କୁକୁର ସାହାଯ୍ୟରେ ତଦନ୍ତ ଚଳାଇଛି।

# ଗ୍ରାମବାସୀଙ୍କ ସାହା ମାଟି ରାସ୍ତା

**ସୁନ୍ଦରଗଡ,୧୨।୯(ଜୟ ନାରାୟଣ ମେଣ୍ଟୁଲି)**

ସୁନ୍ଦରଗଡ ଜିଲା ଲେଫ୍ରିପଡା ବ୍ଲକ ଅନ୍ତର୍ଗତ ଜେରାଏବଗା ପଞ୍ଚାୟତ ଓ ବଡ଼ବଙ୍ଗା ପଞ୍ଚାୟତ ଅଧିନରେ ଥିବା ଝାରଗାଁରୁ ନାକଡିହି ଗ୍ରାମକୁ ସ୍ୱାଧୀନତାର ଦୀର୍ଘ ୭୭ବର୍ଷ ପରେ ମଧ୍ୟ ଭଲ ରାସ୍ତା ଟିଏ ନାହିଁ। ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ଏହା ମାଟି ରାସ୍ତା ହୋଇଥିବାରୁ ବର୍ଷାଦିନେ ସମସ୍ୟା ଦ୍ୱିଗୁଣିତ ହୋଇଯାଉଛି। ଫଳରେ ଗ୍ରାମବାସୀ ସମସ୍ୟା ଭୋଗୁଛନ୍ତି। ଜେରାଏବଗା ପଞ୍ଚାୟତରୁ ନାକଡିହିକୁ ମାତ୍ର ୩କି.ମି ହେଲେ ମଧ୍ୟ ଯିବା ଆସିବାରେ ଅସୁବିଧା ହେବାରୁ ଲୋକେ ୧୦କି.ମି ଅଧିକ ବୁଲିକି ଯାଉଛନ୍ତି । ନାକଡିହିରୁ ଛୋଟବଙ୍ଗା ଯିବା ରାସ୍ତାରେ ପାହାଡ଼ ଥିବା ଯୋଗୁ ରାସ୍ତା ଅବସ୍ଥା ଅତି ଶୋଚନୀୟ ହୋଇ ପଡିଛି । ସେହିପରି ନାକଡିହିରୁ ମୁଡାଗାଁ ଯିବାକୁ ରାସ୍ତାର ଅବସ୍ଥା କହିଲେ ନ ସାରେ । ଏନେଇ ଗ୍ରାମବାସୀ ବାରମ୍ବାର ଅଭିଯୋଗ କଲେ



ଗାଁକୁ ଯାଇଥିବା ମାଟି ରାସ୍ତା।

**ପ୍ରଶାସନ ଦୃଷ୍ଟି ଦେବାକୁ ଦାବି**

ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଭୋଟ ସମୟରେ ନେତାମନ୍ତ୍ରୀମାନେ ଗାଁକୁ ଆସି ରାସ୍ତାର ଅବସ୍ଥା ଦେଖି ପିଚୁ କରିଦେବାକୁ ପ୍ରତିଶ୍ରୁତି ଦେଇଥାନ୍ତି। ହେଲେ ଭୋଟ ହାତେଇଲା ପରେ ଗାଁରେ କାହାର ପାଦ ପଡ଼ି ନଥାଏ। କ୍ଲବଘର, କୀର୍ତନମଣ୍ଡପ ଭଳି ଅନେକ ପ୍ରତଶ୍ରୁତି ଦେଇ ଯାଇ ଥିଲେ ମଧ୍ୟ ସେ ସବୁ ପାଣି ଗାର ସଦୃଶ ହୋଇଛି। ତେବେ ପ୍ରଶାନ ଏଥିପ୍ରତି ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ବିଳମ୍ବିତ ରାତିରେ ଯୁବକଙ୍କୁ ହତ୍ୟା

**ଲହୁଣୀପଡ଼ା,୧୨।୯(ଦାଶରଥି ପଣ୍ଡା)**

ସୁନ୍ଦରଗଡ ଜିଲା ଲହୁଣୀପଡ଼ା ଥାନା ଅନ୍ତର୍ଗତ ଭୁତୁଡା ପଞ୍ଚାୟତ ତିଲକୁଡ଼ା ଗ୍ରାମରେ ସୋମବାର ବିଳମ୍ବିତ ରାତିରେ ଜଣେ ଯୁବକଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରାଯାଇଛି। ମୃତକ ହେଲେ ସଞ୍ଜୟ କୁମାର ସାହୁ। ଟେନ୍‌ସା ଫାଣ୍ଡି ଅଧିକାରୀ ସୁଦର୍ଶନ ଦେହୁରୀ ସଦଳବଳେ ପହଞ୍ଚି ମୃତଦେହ ଜବତ କରି ବଣେଇଁ ଉପଖଣ୍ଡ ଚିକିତ୍ସାଳୟର ମାର୍ଗ ହାଉସରେ ରଖିଛନ୍ତି। ବୁଧବାର ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ। ତିଲକୁଡ଼ା ଗ୍ରାମର ଜଣେ ଯୁବକଙ୍କୁ ପୋଲିସ ସନ୍ଦେହ କରି ଥାନାରେ ଅଟକ ରଖି ପଚରାଉଚରା କରୁଥିବା ଜଣାପଡିଛି। ସୂଚନାଯୋଗ୍ୟ, ଖୁଣ୍ଟୁଗାଁ ସ୍ଥିତ ପାଉଡ଼ି ଭୂୟାଁ ଉନ୍ନୟନ ପରିଷଦ ତରଫରୁ ଭୁତୁଡା ପଞ୍ଚାୟତର ତିଲକୁଡ଼ା ଅଞ୍ଚଳରେ ଏକ ରାସ୍ତା କାମ ହେଉଥିବା ବେଳେ ସେହି କାମରେ ମୁନସି ଭାବେ କେଉଁଝର ଜିଲା ତେଲକୋଇ ଅଞ୍ଚଳର ସଞ୍ଜୟ କୁମାର ସାହୁ କାମ କରୁଥିଲେ। ସେ ତିଲକୁଡ଼ା ଗ୍ରାମର ଦୁତିୟା ଦେହୁରୀଙ୍କ ଘରେ ରହୁଥିଲେ। ସେହି ଗ୍ରାମର କେତେକ ଲୋକ ରାସ୍ତା ନିର୍ମାଣରେ କାମ କରୁଥିବା ବେଳେ ପାରିଶ୍ରମିକ ଦେବାକୁ ନେଇ କିଛିଦିନ ପୂର୍ବେ ଝଗଡା ହୋଇଥିଲା। ସୋମବାର ମଧ୍ୟ ପୁର୍ନବାର ଝଗଡ଼ା ହୋଇଥିଲା। ରାତିରେ ଖାଇସାରି ସଞ୍ଜୟ ଦେହୁରୀଙ୍କ ଘର ବାରଣ୍ଡାରେ ଶୋଇଥିବା ବେଳେ ବିଳମ୍ବିତ ରାତିରେ ଜଣେ ବ୍ୟକ୍ତି ତାଙ୍କୁ ଟାଙ୍ଗିଆରେ ହାଣୀ ହତ୍ୟା କରିଥିବା ଜଣାପଡ଼ିଛି।

# ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ହତ୍ୟା

**ବଡ଼ଗାଁ,୧୨।୯(ଅଶୋକ ଷଡ଼ଙ୍ଗୀ)**

**ଥାନାରେ ଆତ୍ମସମର୍ପଣ କଲା ହତ୍ୟାକାରୀ**



ଅଭିଯୁକ୍ତ ପରେଶ କଣ୍ଡା।

ସୁନ୍ଦରଗଡ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ବରଙ୍ଗାକଛାର ଗ୍ରାମରେ ହୋଇଥିବା ଏକ ହତ୍ୟା କାଣ୍ଡର ପୋଲିସ ପରଦାଫାର୍ସ କରିଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ହତ୍ୟା କରିଥିବା ହତ୍ୟାକାରୀ ପୋଲିସ ଆଗରେ ସ୍ୱୀକାର କରିବା ସହ ଆତ୍ମସମର୍ପଣ କରିଛନ୍ତି। ଅଭିଯୁକ୍ତ ହେଲେ ପରେଶ୍ କଣ୍ଡା। ସୂଚନା ଅନୁଯାୟୀ, ଉକ୍ତ ଗ୍ରାମର ଭୀମ କଣ୍ଡା ଓ ତାଙ୍କ ସମ୍ପର୍କୀୟ ପରେଶଙ୍କ ମଧ୍ୟରେ ବିଭିନ୍ନ ସମୟରେ ଗଣ୍ଡଗୋଳ ହେଉଥିଲା। କିଛିଦିନ ପୂର୍ବେ ଧାନ ବିକ୍ରି ଟଙ୍କାକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏହି ଘଟଣା ପରେ ଅଭିଯୁକ୍ତ ପରେଶ ଭୀମଙ୍କୁ ମାରିବାକୁ ଯୋଜନା କରିଥିଲେ। ଗତ ୯ ତାରିଖ ଅପରାହ୍ଣରେ ଭୀମ ଘରକୁ ଫେରୁଥିବା ବେଳେ ପରେଶ ଏକ କାଠ ଫଳିଆରେ ତାଙ୍କ ମୁହଁକୁ ଆକ୍ରମଣ କରିଥିଲେ। ସେ କଂକ୍ରିଟ ରାସ୍ତା ଉପରେ ପଡ଼ିଯାଇଥିଲେ। ତାଙ୍କ ମୁଣ୍ଡ ପଛପଟେ ଗଭୀର ଆଘାତ ଲାଗିବାରୁ ଘଟଣାସ୍ଥଳ ରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ହତ୍ୟା ଘଟଣା ପରେ ୧୦ରେ ଅଭିଯୁକ୍ତ ପରେଶ ଥାନାକୁ ଆସି ଆତ୍ମସମର୍ପଣ କରିଥିଲେ। ଏହି ଘଟଣା ଉପରେ ସେହିଦିନ ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରିଥିବା ଗ୍ରାମବାସୀ ଜାଣିବା ପରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ସାଇଣ୍ଟିଫିକ ଟିମ୍ ସହିତ ବଡ଼ଗାଁ ଥାନାର ସହକାରୀ ସବ୍ ଇନ୍ସପେକ୍ଟର ଅରୁପାନନ୍ଦ ଦାସ ଓ ଗୋପୀନାଥ ଓଝା ତଦନ୍ତ କଲାପରେ ହତ୍ୟା କରାଯାଇଥିବା ଜଣାପଡ଼ିଥିଲା।

# ବ୍ଲକସ୍ତରୀୟ ଲୋକନୃତ୍ୟ ପ୍ରତିଯୋଗିତା



ପ୍ରତିଯୋଗିତାରେ ପୁରସ୍କୃତ ହୋଇଥିବା ଛାତ୍ରୀ ଓ ଅନ୍ୟମାନେ।

**ସବ୍‌ଡେଗା, ୧୨।୯(ଅନନ୍ତ ପଟେଲ)**

ସୁନ୍ଦରଗଡ ଜିଲା ସବ୍‌ଡେଗା ବ୍ଲକ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ବ୍ଲକ ସ୍ତରୀୟ ଲୋକ ନୃତ୍ୟ ପ୍ରତିଯୋଗିତା ସ୍ଥାନୀୟ ନ୍ୟୁ ଓଡିଶା ଗାଇବୀରା ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗୋଷ୍ଠୀ ଶିକ୍ଷା ଅଧିକାରୀ କାଦମ୍ବିନୀ ମିଶିର ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଏବିଓ ବେଦବ୍ୟାସ ପଟେଲ, ସ୍ଥାନୀୟ ପ୍ରଧାନ ଶିକ୍ଷୟିତ୍ରୀ ସବିତା ପଟ୍ଟନାୟକ, ଫାଦର୍ ପିଟର କୁଜୁର ପ୍ରମୁଖ ଯୋଗଦେଇଥିଲେ। ସମସ୍ତ କ୍ଲଷ୍ଟରରୁ ଗୋଟିଏ ଲେଖାଏଁ ସାଂସ୍କୃତିକ ଦଳ ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ଛତାସର୍ଗି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ସିମଡେଗା ଓଡିଶା ଆଦର୍ଶ ବିଦ୍ୟାଳୟର ଛାତ୍ରୀଛାତ୍ର ୨ୟ ଓ କିରାଲଗା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ର ୩ୟ ସ୍ଥାନ ଅଧିକାର କରିଥିଲେ। କୃତି ପ୍ରତିଯୋଗୀ ଦଳକୁ ପୁରସ୍କୃତ କରାଯାଇଥିଲା। ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ହରିହର ସାହୁ, ଶିକ୍ଷକ ବାସୁଦେବ ବେହେରା, କଳା ଶିକ୍ଷକ ପୂଜା ବେହେରା ପ୍ରମୁଖ ବିଚାରକ ଭାବେ ଯୋଗଦେଇଥିଲେ। ସିଆର୍‌ସିସି ଶୁଭ୍ରାଂଶୁ ବେହେରା, ସୁନୀଲ ଲରିଆ, ପ୍ରବୀଣ ଦଣ୍ଡ ସେନା, ରବୀନ୍ଦ୍ର ଭୋଇ, ପ୍ରଦୀପ ପଟେଲ, ସନ୍ତୋଷ ଦେହୁରୀ, ସୁସ୍ମିତ ପଟେଲଙ୍କ ସମେତ ସମସ୍ତ ସିଆର୍‌ସିସି ପରିଚାଳନାରେ ସହଯୋଗ କରିଥିଲେ। ପ୍ରଥମ ସ୍ଥାନ ଅଧିକାର କରିଥିବା ଦଳ ଜିଲା ସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ ବୋଲି ବିଇଓ ସମସ୍ତଙ୍କୁ ଅବଗତ କରିଥିଲେ। ଅର୍ଜୁନ ରୋହିଦାସ ମଞ୍ଚ ପରିଚାଳନା କରିଥିବା ବେଳେ ସୁରଦୀପ ଚନ୍ଦ୍ର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

## କଂଗ୍ରେସର ପ୍ରସ୍ତୁତି ବୈଠକ

**ବାଲିଶଙ୍କରା,୧୨।୯(ହୃଦାନନ୍ଦ ବାରିକ)**

ବାଲିଶଙ୍କରା ବ୍ଲକ କଂଗ୍ରେସ ସଭାପତି ସୁଧାଂଶୁ ପଶାୟତଙ୍କ ନେତୃତ୍ୱରେ ସମସ୍ତ ପଞ୍ଚାୟତର କଂଗ୍ରେସ ସଂଯୋଜକ ଓ ବରିଷ୍ଠ କଂଗ୍ରେସ କର୍ମୀଙ୍କୁ ନେଇ ଏକ ବୈଠକ ତେଇଶମାଇଲଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବୁଥ କମିଟି, ପଞ୍ଚାୟତ କମିଟିକୁ ସୁଦୃଢ କରି ଆଗାମୀ ବିଧାନସଭା ଓ ଲୋକସଭା ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀଙ୍କ ବିଜୟ ସୁନିଶ୍ଚିତ କରିବା ପାଇଁ ସିଦ୍ଧାନ୍ତ ନିଆଯାଇଥିଲା। ପ୍ରଦେଶ କଂଗ୍ରେସ ସଭାପତି ଶରତ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ପ୍ରତ୍ୟେକ ପଞ୍ଚାୟତରେ ଦଳୀୟ କର୍ମୀଙ୍କ ପଦଯାତ୍ରା ଆସନ୍ତା ୨୫ ତାରିଖଠାରୁ ଆରମ୍ଭ ହେବ। ଜନସାଧାରଣଙ୍କଠାରେ ଭାଜପା ଓ ବିଜେଡିର ଗରିବ ମାରଣା ନୀତି, ବେକାରୀ ସମସ୍ୟା, ଚାଷୀ ସମସ୍ୟା, ଦରଦାମ ବୃଦ୍ଧି, ଆଦିବାସୀଙ୍କୁ ଶୋଷଣ ବିଷୟରେ ଅବଗତ କରାଇ ଏକମାତ୍ର ବିକଳ୍ପ କଂଗ୍ରେସ ଦଳର ବାର୍ତ୍ତା ଦିଆଯିବାପାଇଁ ପ୍ରସ୍ତୁତି ବୈଠକରେ ଆଲୋଚନା କରାଯାଇଥିଲା। ଉକ୍ତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅବ୍ରହାମ ଲାକଡା, ସଞ୍ଜିବ କେର୍କେଟା, ଫାଡେଲିୟୁସ ଏକ୍କା, ଇଲିଆସ ତିର୍କୀ, ସନ୍ତୋଷ ସା, ମଳୟ ପ୍ରଧାନ, ଖ୍ରୀସ୍ତୋରା ତିର୍କୀ, ଏନଏମ ଖାଖା, ବାଲମତୀ ତିର୍କୀ, ବିନୋଦ ଖାଖା, ନଗେନ୍ଦ୍ର ସିଂ, କୁଟିଆ ତିର୍କୀ, ନାରାୟଣ ତନ୍ତୀ, ଈଶ୍ୱର ଚନ୍ଦ୍ର ମାଝି ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

# ୩ଦଫା ଦାବି ନେଇ ଧାରଣା

**ବାଲିଶଙ୍କରା,୧୨।୯( ହୃଦାନନ୍ଦ ବାରିକ)**

ବାଲିଶଙ୍କରା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏୟୁପିଟିଏଫ ସଂଘ ପକ୍ଷରୁ ବସିଥିବା ଧାରଣା ମଙ୍ଗଳବାର ୨ୟ ଦିନରେ ପହଞ୍ଚିଛି। ଏଥିରେ ବ୍ଲକର ସମସ୍ତ ବର୍ଗର ଶତାଧିକ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇଥିଲେ। ଏଥିରେ ପ୍ରମୋଦ କୁମାର ନାଏକ, ଅଲେଖ ନାଗ, ଦିଗାମ୍ବର



ଧାରଣା ଦେଇଥିବା ଶିକ୍ଷୟିତ୍ରୀ, ଶିକ୍ଷକ।

ରଣା, ବିଶାଖା ରଣା, ସୁଧାକର ସିଂହ, ସୁରେଶ ଚନ୍ଦ୍ର, ମନୋଜ ତନ୍ତୀ, କୁଳଦୀପ ସେଠ, ପୁଲିନ ଚନ୍ଦ୍ର ନାଏକ, ବାବୁଲାଲ ସା, ସୌଭାଗ୍ୟ ମଞ୍ଜରୀ ଏକ୍କା, ଆଲୋକ ଖାଲଖୋ ଓ ନବୀନ ଦାନୀ ନିଜ ନିଜର ମତ ରଖିଥିଲେ। କ୍ଷିତୀଶ ଚନ୍ଦ୍ର ଷଣ୍ଢ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଆଗାମୀ ଦିନରେ ସରକାର ୩ ଦଫା ଦାବି ପୂରଣ ନ କଲେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ଭାରତୀୟ ଖୋ ଖୋ ଶିବିରରେ ସୁନ୍ଦରଗଡ଼ର ବିଶାଳ

**ସୁନ୍ଦରଗଡ,୧୨।୯(ଜୟ ନାରାୟଣ ମେଣ୍ଟୁଲି)**



ବିଶାଲ ଓରାମ୍।

ନୂଆଦିଲ୍ଲୀସ୍ଥିତ ଜବାହାର ଲାଲ ନେହେରୁ ଷ୍ଟାଡିୟମରେ ଆସନ୍ତା ୨୨ରୁ ଅକ୍ଟୋବର ୯ ପର୍ଯ୍ୟନ୍ତ ଜାତୀୟ ଖୋଖୋ ଚୟନ ଶିବିର ଅନୁଷ୍ଠିତ ହେବ। ଏଥିରେ ସୁନ୍ଦରଗଡ ଜିଲା ବାଲିଶଙ୍କରା ବ୍ଲକ ତଲସରା ପଞ୍ଚାୟତ କଣ୍ଟା ବାହାଲ ଗ୍ରାମର ବିଶାଲ ଓରାମ୍ ସ୍ଥାନ ପାଇଛନ୍ତି। ବାପା ତୁଳସୀ ଓରାମ ଓ ମା' ଭଗବତୀଙ୍କ ପୁଅ ବିଶାଲ। ଖୋଖୋ କୋଚ୍ ଅନୀଲ ସାହୁଙ୍କ ତତ୍ତ୍ୱାବଧାନରେ ବିଶାଲ ପ୍ରଶିକ୍ଷଣ ନେଉଥିଲେ। ବିଶାଲ କିର୍ଜିମା ଯୁକ୍ତ ୨ କଲେଜ ୨ୟ ବର୍ଷ କଳା ବିଭାଗରେ ପାଠ ପଢୁଛନ୍ତି। ଏହି ସଫଳତା ପାଇଁ ବିଶାଲଙ୍କୁ ଜିଲା କ୍ରୀଡା ସଂସଦର ସାଧାରଣ ସମ୍ପାଦକ ପ୍ରଭାତ ଭୋଳ, ଖୋ ଖୋ ସମ୍ପାଦକ ଅକ୍ଷୟ ନାଏକ, ପ୍ରଶାନ୍ତ କୁମାର ପଟେଲ, ସହସମ୍ପାଦକ ଜୟଦେବ ପାତ୍ର, କୋଷାଧ୍ୟକ୍ଷ ଦୁର୍ଗାମାଧବ ନାଏକଙ୍କ ସମେତ ସମସ୍ତ କର୍ମକର୍ତ୍ତା ଶୁଭେଚ୍ଛା ଜଣାଇଛନ୍ତି।

# ରାପିଡ୍ ଆକ୍ସନ ଫୋର୍ସର ଶକ୍ତି ପ୍ରଦର୍ଶନ

**ରାଜଗାଙ୍ଗପୁର,୧୨।୯(ଅଶୋକ ପାଣି)**

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ସହରରେ ମଙ୍ଗଳବାର ସନ୍ଧ୍ୟାରେ ରାପିଡ ଆକ୍ସନ ଫୋର୍ସ ପୋଲିସ ପ୍ରଶାସନ ସହ ମିଶି ଫ୍ଲାଗ ମାର୍ଚ୍ଚ କରିଥିଲା। ଦଙ୍ଗା ନିୟନ୍ତ୍ରଣ କରିବା ପାଇଁ ବ୍ୟବହୃତ ବିଭିନ୍ନ ବାହନ ଗୁଡିକ ଏଥିରେ ଅନ୍ତର୍ଭୁକ୍ତ ରହିଥିଲା। ଏହି ଫୋର୍ସ ଆସନ୍ତା ୧୭ ପର୍ଯ୍ୟନ୍ତ ସହରରେ ରହିବ। ଜାମସେଦପୁର ଟାଟା, ଝାଡଖଣ୍ଡ ସି ।୧୦୬ ବାଟାଲିୟନର ଆସିଷ୍ଟାଣ୍ଟ କମାଣ୍ଡେଣ୍ଟ ମୁକେଶ କୁମାର, ରାଜଗାଙ୍ଗପୁର ଏସ୍‌ଡିପିଓ ଅଭିଷେକ ପାଣିଗ୍ରାହୀ, ଥାନା ଅଧିକାରି ମନୋରଞ୍ଜନ ପ୍ରଧାନ, ଖଗପତି ବିଶ୍ୱାଳ, ଦମୟନ୍ତୀ ମହାତୋ, ସୁରେନ୍ଦ୍ର କୁମାରଙ୍କ ସହ ବହୁ ଅନ୍ୟାନ୍ୟ ଫୋର୍ସର ଅଧିକାରୀ ତଥା ଥାନା ଅଧିକାରୀ ଏହି ଫ୍ଲାଗ ମାର୍ଚ୍ଚରେ ସାମିଲ ଥିଲେ। ସୂଚନା ଯୋଗ୍ୟ ଯେ, ଆଗାମୀ ଦିନରେ ସହରରେ ପାର୍ବଣକୁ ଆଖି ଆଗରେ ରଖି ଏହି ଶକ୍ତି ପ୍ରଦର୍ଶନ କରାଯାଇଛି।




ରାପିଡ ଆକ୍ସନ ଫୋର୍ସ ଓ ପୋଲିସର ଫ୍ଲାଗ ମାର୍ଚ୍ଚ ପ୍ରଦର୍ଶନ।

# ପାଇପ ଫାଟି ରାସ୍ତାରେ ଭାସୁଛି ପାଣି

**ମରାମତି ଦାବି**

**ବିଶ୍ରା,୧୧।୯( ବଟକୃଷ୍ଣ ସ୍ୱାଇଁ)**

ବିଶ୍ରା ବ୍ଲକ ଅଞ୍ଚଳରେ ଜଳ ଯୋଗାଣ ପାଇଁ କୋଏଲ ନଦୀରୁ ପାଣି ଉଠାଗଲା। ସମସ୍ତଙ୍କ ଘରକୁ ପାଇପ ବିଛା ଯାଇ ପାଣି ଯୋଗାଇ ଦିଆଗଲା। ହେଲେ କିଛି ଜାଗାରେ ନିମ୍ନମାନର କାମ ଯୋଗୁ ପାଇପ ଲାଇନ ଫାଟି ରାସ୍ତା ଉପରେ ପାଣି ଭାସୁଛି। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ବିଶ୍ରା ବ୍ଲକ କିଲୋନୀ ଅଞ୍ଚଳରେ। ରାସ୍ତା ଉପରେ ପାଣି ଭାସୁଥିବାରୁ ଲୋକେ ସମସ୍ୟା ଭୋଗୁଛନ୍ତି। ଠିକାଦାରଙ୍କ ନିମ୍ନମାନର କାର୍ଯ୍ୟ ଯୋଗୁଁ ପାଇପ ଲାଇନ୍ ଫାଟି ପାଣି ଭାସୁଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ତେବେ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ଏ ବିଷୟରେ ସ୍ଥାନୀୟ



ରାସ୍ତା ଉପରେ ପାଣି ଭାସୁଛି।

ସରପଞ୍ଚ ସୁରଜ କୁମାର ନାୟକଙ୍କୁ ପଚାରିବାରୁ, ଏହା ପଞ୍ଚାୟତ ବୁଝୁନାହିଁ ବୋଲି କହିଥିଲେ। ଯନ୍ତ୍ରୀ ରସାନନ୍ଦ ବାରାଲ କହିଛନ୍ତି, ଏନେଇ ମୋ ପାଖରେ କୌଣସି ଅଭିଯୋଗ ନାହିଁ। ତଦନ୍ତ ପରେ ମରାମତି କରାଯିବ। ଅନ୍ୟ ଯେଉଁ ସ୍ଥାନରେ ପାଣି ଭାସୁଛି ସେସବୁକୁ ମଧ୍ୟ ମରାମତି କରାଯିବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ଚିକିତ୍ସାରେ ଅର୍ଥ ବାଧକ

ନାକଟିଦେଉଳ,୧୨।୯(ବୈକୁଣ୍ଠନାଥ ସାହୁ)

ନାକଟିଦେଉଳ ବ୍ଲକ କୁଡ଼ାନାଳି ଗ୍ରାମର ବାସିନ୍ଦା ତଥା ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ଗଡମଣ୍ଡଳ ସରସ୍ୱତୀ ଶିଶୁ ମନ୍ଦିରରେ ଗୁରୁମା ଭାବେ କାର୍ଯ୍ୟରତ ଗୀତାଞ୍ଜଳି ରାଉତ କିଡ୍‌ନୀ ଓ ରକ୍ତଜନିତ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ତାଙ୍କ ଚିକିତ୍ସାରେ ଅର୍ଥ ବାଧକ ସାଜିଛି। ବିଜୁ ସ୍ୱାସ୍ଥ୍ୟ କାର୍ଡ ପାଇଁ ସେ ଆବେଦନ କରିଥିଲେ ତାହା ହୋଇପାରି ନାହିଁ। ତାଙ୍କ ସ୍କୁଲର ଇଏସ୍‌ଆଇ କାର୍ଡ ମଧ୍ୟ ନାହିଁ। ନିଜର ସ୍ୱଳ୍ପ ଦରମା ଓ ପରିବାରର ଆର୍ଥିକ ସ୍ଥିତି ବହୁ ଖରାପ ଥିବା କାରଣରୁ ବେସରକାରୀ ଡାକ୍ତରଖାନାରେ ଚିକିତ୍ସା କରିବା ଅସମ୍ଭବ। ତଥାପି ତାଙ୍କ ପରିବାର ଧାରକରଜ କରି ଭୁବନେଶ୍ୱରର ଏକ ଘରୋଇ ମେଡିକାଲରେ ଚିକିତ୍ସା ଜାରି ରଖିଛନ୍ତି। ଅଧିକ ଅର୍ଥ ଯୋଗାଡ଼ ନ ହେଲେ ଆଗକୁ ଚିକିତ୍ସା କରିବା ଅସମ୍ଭବ ହୋଇପଡିବ। ଏହି ପରିପ୍ରକ୍ଷୀରେ ସହାୟତା ପ୍ରଦାନ କରି ଜୀବନ ରକ୍ଷା କରିବାକୁ ସେ ସରକାର ଓ ଶିକ୍ଷା ବିକାଶ ସମିତିକୁ ଆକୁଳ ନିବେଦନ କରିଛନ୍ତି।

### ଶିକ୍ଷକ ଆନ୍ଦୋଳନରେ ସାମିଲ ହେଲା ଭାଜପା

କୁଚିଣ୍ଡା,୧୨।୯(ବିରଞ୍ଚି ଦର୍ଶୀ)

ଠିକା ନିଯୁକ୍ତି ଉଚ୍ଛେଦ ଓ କନିଷ୍ଠ ଶିକ୍ଷକଙ୍କୁ ରେଗୁଲାର କରିବା, କେନ୍ଦ୍ରୀୟ ହାରରେ ବେତନ ଓ ପୁରୁଣା ପେନସନ ଦାବିରେ କୁଚିଣ୍ଡା ବ୍ଲକର ପ୍ରାଥମିକ ଶିକ୍ଷୟିତ୍ରୀଶିକ୍ଷକ ବିଇଓ ଅଫିସ ସମ୍ମୁଖରେ ଧାରଣାରେ ବସିଛନ୍ତି। ମଙ୍ଗଳବାରଏହି ଆନ୍ଦୋଳନରେ ଭାଜପା ରାଜ୍ୟ ଉପସଭାପତି ତଥା ପୂର୍ବତନ ବିଧାୟକ ରବି ନାରାୟଣ ନାଏକ ଓ ଭାଜପା ଜିଲା ସାଧାରଣ ସମ୍ପାଦକ ଶୁଶିଳ କର ସାମିଲ ହୋଇଛନ୍ତି। ସରକାର ଶିକ୍ଷକଙ୍କ ପ୍ରତି ଅବିଚାର କରି ତାଙ୍କ ଦାବି ପୂରଣ କରୁ ନାହାନ୍ତି ବୋଲି କହି ନେତାମାନେ ସମାଲୋଚନା କରିଛନ୍ତି। ସରକାର ତୁରନ୍ତ ତାଙ୍କ ଦାବିକୁ ବିଚାର କରି ଶିକ୍ଷକଙ୍କୁ ସ୍କୁଲକୁ ପଠାନ୍ତୁ। ନଚେତ ଆସନ୍ତା ନିର୍ବାଚନରେ ଶିକ୍ଷକମାନେ ଉଚିତ ଜବାବ ଦେବେ ବୋଲି ପୂର୍ବତନ ବିଧାୟକ ନାଏକ କହିଛନ୍ତି।

### କୁନ୍ତରା କଲେଜରେ ଅମୃତ କଳସ ରଥ

କୁଚିଣ୍ଡା,୧୨।୮(ବିରଞ୍ଚି ଦର୍ଶୀ)

କୁଚିଣ୍ଡା ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନରେ ଭାଜପା ପକ୍ଷରୁ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ଭାଜପା ରାଜ୍ୟ ଉପସଭାପତି ତଥା ପୂର୍ବତନ ବିଧାୟକ ରବିନାରାୟଣ ନାୟକଙ୍କ ନେତୃତ୍ୱରେ ଅମୃତ କଳସ ରଥ କୁଚିଣ୍ଡା ଏନ୍‌ଏସିର ବିଭିନ୍ନ ୱାର୍ଡରେ ପରିଭ୍ରମଣ କରିବା ପରେ କୁନ୍ତରା ଗୋକୁଳ ପାର୍ବତୀ ଗ୍ରାମ୍ୟ ମହାବିଦ୍ୟାଳୟରେ ଅମୃତ କଳସ ରଥ ପହଞ୍ଚିଥିଲା। ସେଠାରେ ଏକ ସ୍ୱତନ୍ତ୍ର ସଭା ଅନୁଷ୍ଠିତ ହୋଇଥିଲା। ପରେ ମହାବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ଅମୃତ କଳସରେ ମାଟି ଦେଇଥିଲେ।

### ଜୟରାମ ଲାକ୍ରାଙ୍କ ବିୟୋଗରେ ପ୍ରାର୍ଥନା ସଭା

ସମ୍ବଲପୁର,୧୨।୯(ବି.ଶଙ୍କର)

ସମ୍ବଲପୁର ସାରସ୍ୱତ କଲୋନୀ ବିକାଶ ସମିତି, ସତ୍ୟସାଇ ଦତ୍ତାତ୍ରେୟ ମନ୍ଦିରର ସକ୍ରିୟ କାର୍ଯ୍ୟକର୍ତ୍ତା ତଥା ଅନୁସୂଚିତ ଜାତି ଜନଜାତି ୱେଲଫେୟାର ବିଭାଗର କର୍ମଚାରୀ ଜୟରାମ ଲାକ୍ରାଙ୍କ ବିୟୋଗରେ ମଙ୍ଗଳବାର ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାରସ୍ୱତ କଲୋନୀ ଓ ଗୋବିନ୍ଦଟୋଲା ଅଞ୍ଚଳର ଜନସାଧାରଣ ସାମିଲ ହୋଇ ତାଙ୍କ ସ୍ମୃତିଚାରଣ କରିଥିଲେ ।

### କାଠଗଣ୍ଡି ପଡ଼ି ଶିଶୁ ମୃତ

ଲହୁଣୀପଡା,୧୨।୯(ଦାଶରଥି ପଣ୍ଡା)

ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ମହୁଲପଦା ପଞ୍ଚାୟତ ଡେରୁଲା ଗ୍ରାମରେ କାଠଗଣ୍ଡି ପଡ଼ି ଜଣେ ଶିଶୁପୁତ୍ରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଯଦୁ ଗିରି(୩)। ମହୁଲପଦା ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏଥିସହ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ଯଦୁ ସାଙ୍ଗଙ୍କ ସହ ନିଜ ଘର ଆଗରେ ଖେଳୁଥିଲେ। ଏହି ସମୟରେ ଏକ ଗଛରେ ଡେରା ହୋଇଥିବା କାଠଗଣ୍ଡି ଖସି ପଡ଼ିବାରୁ ଯଦୁ ଗୁରୁତର ହୋଇଥିଲେ। ପରିବାର ଲୋକେ ତୁରନ୍ତ ତାଙ୍କୁ ବଣାଇଁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଗ୍ରାମବାସୀଙ୍କ ସାହା ମାଟି ରାସ୍ତା

ସୁନ୍ଦରଗଡ,୧୨।୯(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ ଜିଲା ଲେଫ୍ରିପଡା ବ୍ଲକ ଅନ୍ତର୍ଗତ ଜେରାଏବଗା ପଞ୍ଚାୟତ ଓ ବଡ଼ବଙ୍ଗା ପଞ୍ଚାୟତ ଅଧିନରେ ଥିବା ଝାରଗାଁରୁ ନାକଡିହି ଗ୍ରାମକୁ ସ୍ୱାଧୀନତାର ଦୀର୍ଘ ୭୭ବର୍ଷ ପରେ ମଧ ଭଲ ରାସ୍ତା ଟିଏ ନାହିଁ। ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ଏହା ମାଟି ରାସ୍ତା ହୋଇଥିବାରୁ ବର୍ଷାଦିନେ ସମସ୍ୟା ଦ୍ୱିଗୁଣିତ ହୋଇଯାଉଛି। ଫଳରେ ଗ୍ରାମବାସୀ ସମସ୍ୟା ଭୋଗୁଛନ୍ତି। ଜେରାଏବଗା ପଞ୍ଚାୟତରୁ ନାକଡିହିକୁ ମାତ୍ର ୩କି.ମି ହେଲେ ମଧ ଯିବା ଆସିବାରେ ଅସୁବିଧା ହେବାରୁ ଲୋକେ ୧୦କି.ମି ଅଧିକ ବୁଲିକି ଯାଉଛନ୍ତି । ନାକଡିହିରୁ ଛୋଟବଙ୍ଗା ଯିବା ରାସ୍ତାରେ ପାହାଡ଼ ଥିବା ଯୋଗୁ ରାସ୍ତା ଅବସ୍ଥା ଅତି ଶୋଚନୀୟ ହୋଇ ପଡିଛି । ସେହିପରି ନାକଡିହିରୁ ମୁଡାଗାଁ ଯିବାକୁ ରାସ୍ତାର ଅବସ୍ଥା କହିଲେ ନ ସାରେ । ଏନେଇ ଗ୍ରାମବାସୀ ବାରମ୍ବାର ଅଭିଯୋଗ କଲେ



ଗାଁକୁ ଯାଇଥିବା ମାଟି ରାସ୍ତା।

**ପ୍ରଶାସନ ଦୃଷ୍ଟି ଦେବାକୁ ଦାବି**

ମଧ କୌଣସି ସୁଫଳ ମିଳୁନାହିଁ। ଭୋଟ ସମୟରେ ନେତାମନ୍ତ୍ରୀମାନେ ଗାଁକୁ ଆସି ରାସ୍ତାର ଅବସ୍ଥା ଦେଖି ପିଚୁ କରିଦେବାକୁ ପ୍ରତିଶ୍ରୁତି ଦେଇଥାନ୍ତି। ହେଲେ ଭୋଟ ହାତେଇଲା ପରେ ଗାଁରେ କାହାର ପାଦ ପଡ଼ି ନଥାଏ। କ୍ଲବଘର, କୀର୍ତ୍ତନମଣ୍ଡପ ଭଳି ଅନେକ ପ୍ରତଶ୍ରୁତି ଦେଇ ଯାଇ ଥିଲେ ମଧ ସେ ସବୁ ପାଣି ଗାର ସଦୃଶ ହୋଇଛି। ତେବେ ପ୍ରଶାନ ଏଥିପ୍ରତି ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ବ୍ଲକସ୍ତରୀୟ ଲୋକନୃତ୍ୟ ପ୍ରତିଯୋଗିତା



ପ୍ରତିଯୋଗିତାରେ ପୁରସ୍କୃତ ହୋଇଥିବା ଛାତ୍ରୀ ଓ ଅନ୍ୟମାନେ।

ସବ୍‌ଡେଗା, ୧୨।୯(ଅନନ୍ତ ପଟେଲ)

ସୁନ୍ଦରଗଡ ଜିଲା ସବ୍‌ଡେଗା ବ୍ଲକ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ବ୍ଲକ ସ୍ତରୀୟ ଲୋକ ନୃତ୍ୟ ପ୍ରତିଯୋଗିତା ସ୍ଥାନୀୟ ନ୍ୟୁ ଓଡିଶା ଗାଇବୀରା ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗୋଷ୍ଠୀ ଶିକ୍ଷା ଅଧିକାରୀ କାଦମ୍ବିନୀ ମିଶିର ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଏବିଓ ବେଦବ୍ୟାସ ପଟେଲ, ସ୍ଥାନୀୟ ପ୍ରଧାନ ଶିକ୍ଷୟିତ୍ରୀ ସବିତା ପଟ୍ଟନାୟକ, ଫାଦର୍ ପିଟର କୁଜୁର ପ୍ରମୁଖ ଯୋଗଦେଇଥିଲେ। ସମସ୍ତ କ୍ଲଷ୍ଟରରୁ ଗୋଟିଏ ଲେଖାଏଁ ସାଂସ୍କୃତିକ ଦଳ ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ଛତାସର୍ଗି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ସିମଡେଗା ଓଡିଶା ଆଦର୍ଶ ବିଦ୍ୟାଳୟର ଛାତ୍ରୀଛାତ୍ର ୨ୟ ଓ କିରାଲଗା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ର ୩ୟ ସ୍ଥାନ ଅଧିକାର କରିଥିଲେ। କୃତି ପ୍ରତିଯୋଗୀ ଦଳକୁ ପୁରସ୍କୃତ କରାଯାଇଥିଲା। ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ହରିହର ସାହୁ, ଶିକ୍ଷକ ବାସୁଦେବ ବେହେରା, କଳା ଶିକ୍ଷକ ପୂଜା ବେହେରା ପ୍ରମୁଖ ବିଚାରକ ଭାବେ ଯୋଗଦେଇଥିଲେ। ସିଆର୍‌ସିସି ଶୁଭ୍ରାଂଶୁ ବେହେରା, ସୁନୀଲ ଲରିଆ, ପ୍ରବୀଣ ଦଣ୍ଡ ସେନା, ରବୀନ୍ଦ୍ର ଭୋଇ, ପ୍ରଦୀପ ପଟେଲ, ସନ୍ତୋଷ ଦେହୁରୀ, ସୁସ୍ମିତ ପଟେଲଙ୍କ ସମେତ ସମସ୍ତ ସିଆର୍‌ସିସି ପରିଚାଳନାରେ ସହଯୋଗ କରିଥିଲେ। ପ୍ରଥମ ସ୍ଥାନ ଅଧିକାର କରିଥିବା ଦଳ ଜିଲା ସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ ବୋଲି ବିଇଓ ସମସ୍ତଙ୍କୁ ଅବଗତ କରିଥିଲେ। ଅର୍ଜୁନ ରୋହିଦାସ ମଞ୍ଚ ପରିଚାଳନା କରିଥିବା ବେଳେ ସୁରଦୀପ ଚନ୍ଦ୍ର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଶ୍ୱ ଆତ୍ମହତ୍ୟା ନିରୋଧ ଦିବସ

ସମ୍ବଲପୁର,୧୨।୯(ବି.ଶଙ୍କର)

ସମ୍ବଲପୁରର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ)ର ମନସ୍ତତ୍ତ୍ୱ ବିଭାଗ, ଇକୋ କ୍ଲବ, ପତଙ୍ଗ ଅନୁଷ୍ଠାନର ମିଳିତ ଆନୁକୂଲ୍ୟରେ ବିଶ୍ୱ ଆତ୍ମହତ୍ୟା ନିରୋଧ ଦିବସ ଓ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ଜିଏମ୍‌ୟୁ କୁଳସଚିବ ଯୁଗଳେଶ୍ୱରୀ ଦାଶ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ମନସ୍ତତ୍ତ୍ୱ ବିଭାଗୀୟ ମୁଖ୍ୟ ଡ. ସଂଯୁକ୍ତା ପାଢ଼ୀ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ମନସ୍ତତ୍ତ୍ୱ ବିଭାଗ ପକ୍ଷରୁ ମାନସିକ ସ୍ୱାସ୍ଥ୍ୟ ଶୀର୍ଷକ ସଚେତନତା ବାର୍ତ୍ତା, କ୍ୟାରିୟର କାଉନସେଲିଂ, ଲିଙ୍ଗଗତ ସମାନତା ପୂର୍ବକ ଗୋଟିଏ ମିନିଟ ଖେଳ, ସାପ ସିଡ଼ି, ପୋଷଣ ସଚେତନତା, ମ୍ୟୁଜିକ ଥେରାପି କରାଯାଇଥିଲା। ସେହିପରି ହୀରାକୁଦ ମହାବିଦ୍ୟାଳୟ, ଏନ୍‌ଏସି ମହାବିଦ୍ୟାଳୟ, ବୁର୍ଲା ଏନ୍‌ଏସ୍‌ବି ମହାବିଦ୍ୟାଳୟ ଛାତ୍ରୀଛାତ୍ର ମଧ ସଚେତନତାର ବାର୍ତ୍ତା ଦେଇଥିଲେ। ଡ. ରୂପଶ୍ରୀ ଗୋସ୍ୱାମୀ, ଡ. ରୂପଶ୍ରୀ ବ୍ରହ୍ମାକୁମାରୀ, ପୁଷ୍ପା ହେମ୍ବ୍ରମ, ଅତିଥି ଅଧାପକ ସୁଧାଂଶୁ ଆଚାର୍ଯ୍ୟ, ଅଧାପିକା କୌଶଲ୍ୟା ବେହେରା କାର୍ଯ୍ୟକ୍ରମରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

## ସମ୍ବଲପୁରରେ ସୀମିତ ପଞ୍ଚସଖା

ସମ୍ବଲପୁର,୧୨।୯(ବି.ଶଙ୍କର)

ଓଡ଼ିଶା ସାଂସ୍କୃତିକ ସମାଜ ପକ୍ଷରୁ ପଞ୍ଚସଖା ଦିବସ ସୋମବାର ରାତିରେ ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନଠାରେ ପାଳିତ ହୋଇଯାଇଛି । ଅନୁଷ୍ଠାନର ଉପସଭାପତି ଶିବନାରାୟଣ ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିଲେ। ଶିକ୍ଷାବିତ୍ ଅରବିନ୍ଦ ମହାପାତ୍ର ବକ୍ତା ଭାବେ ଯୋଗଦେଇ କହିଥିଲେ, ସମ୍ବଲପୁରର ପଞ୍ଚସଖାଙ୍କ ବାବଦରେ ଆମ ଉତ୍ତର ପିଢି ଯେତେ ଜାଣିବା କଥା ଆମେ ସେମାନଙ୍କୁ ସେତିକି ତଥ୍ୟ ଯୋଗାଇ ପାରୁନାହୁଁ। କାରଣ ଭାଷା ଆନ୍ଦୋଳନରେ ସେନାପତି ସାଜି ଶିମଳା ଯାତ୍ରା କରିଥିବା ସେହି ମହାନ ପଞ୍ଚସଖାଙ୍କ ବିଷୟରେ ପର୍ଯ୍ୟାପ୍ତ ଅନୁସନ୍ଧାନ ଓ ଗବେଷଣା ହୋଇପାରି ନାହିଁ । ଅନ୍ୟତମ

**ରାଜ୍ୟ ସ୍ତରରେ ସମ୍ମାନ ମିଳିବା ଉଚିତ**

ଆଲୋଚକ ଡ. ଗୌରିଦାସ ପଧାନ ବକ୍ତବ୍ୟ ରଖି କହିଲେ ଯେ, ପଞ୍ଚସଖାଙ୍କ ପାଇଁ ସମ୍ବଲପୁରରେ ଓଡିଆ ଭାଷାର ପ୍ରଚଳନ ହେଲା । ଏଥିସହ ସମ୍ବଲପୁର ଓଡିଶାରେ ମିଶି ପାରିଲା। ମାତ୍ର ପଞ୍ଚସଖାଙ୍କୁ ସମ୍ବଲପୁର ସୀମିତ କରାଯାଇଛି। ତାଙ୍କୁ ରାଜ୍ୟ ସ୍ତରରେ ସମ୍ମାନ ନ ମିଳିବା କ୍ଷୋଭର ବିଷୟ। ସମ୍ପାଦକ ଡ.ସିଦ୍ଧାର୍ଥ ପଣ୍ଡା ପ୍ରାରମ୍ଭିକ ସୂଚନା ଓ ସହସମ୍ପାଦକ ସୁରେଖା ସାହୁ ଧନ୍ୟବାଦ ଦେଇଥିଲେ। ପ୍ରଫୁଲ୍ଲ କୁମାର ହୋତା, ଦୀନବନ୍ଧୁ ପଣ୍ଡା, ସବ୍ୟସାଚୀ ମିଶ୍ର, ଲଳିତ ମୋହନ ବେବର୍ତ୍ତା ପ୍ରମୁଖ ସହଯୋଗ କରିଥିଲେ।

## ପ୍ରଫେସର ପ୍ରଫୁଲ୍ଲ ପତି ସ୍ମାରକୀ ବକ୍ତୃତା

ସମ୍ବଲପୁର,୧୨।୯(ବି.ଶଙ୍କର)

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ) ଇଂରାଜୀ ବିଭାଗ ଆନୁକୂଲ୍ୟରେ ପ୍ରଫେସର ପ୍ରଫୁଲ୍ଲ ପତି ସ୍ମାରକୀ ବକ୍ତୃତା ସୋମବାର ଅନୁଷ୍ଠିତ ହୋଇଯାଇଛି। ହାଇଦ୍ରାବାଦର ପ୍ରଫେସର ଭେଙ୍କଟ ରାଓ ମୁଖ୍ୟ ଆଲୋଚକ ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଇଂରାଜୀ ବିଭାଗର ମୁଖ୍ୟ ଡ. ଅଞ୍ଜଳି ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିଲେ। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଏନ୍ ନାଗାରାଜୁ ଯୋଗଦେଇ ପ୍ରଫେସର ପତିଙ୍କ ସ୍ମୃତିଚାରଣ କରି ତାଙ୍କୁ ଶିକ୍ଷକ ସମାଜ ପାଇଁ ଆଦର୍ଶ ବୋଲି ମତବ୍ୟକ୍ତ କରିଥିଲେ। ବିଶ୍ୱବିଦ୍ୟାଳୟ କୁଳସଚିବ ଯୁଗଳେଶ୍ୱରି ଦାଶ, ଉପକୁଳସଚିବ ଡ. ଉମା ଚରଣ ପତି, ବିତ୍ତ ନିୟନ୍ତ୍ରକ କନକଲତା ଏକ୍କା, ପ୍ରଫେସର କାଳିଦାସ ମିଶ୍ର, ପ୍ରଫେସର କାମଦେବ ସାହୁ, ଡ. ପ୍ରଦୀପ ପଣ୍ଡା, ଡ. ଚିତ୍ତରଞ୍ଜନ ମିଶ୍ର, ଡ.ମାନସ ରଞ୍ଜନ ପୂଜାରୀ, ଡ. ସିକତା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ଅଧାପକ ଡ. ପି ମୁରଲୀଧର ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ ।

## ବିଦ୍ୟୁତ୍ ସମସ୍ୟା: ଅତିରିକ୍ତ ଜିଲାପାଳଙ୍କୁ ଭେଟିଲେ ଗ୍ରାମବାସୀ



ଅତିରିକ୍ତ ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ଗ୍ରାମବାସୀ।

ପଡିଆବାହାଲ,୧୨।୯(ରାଧାମୋହନ ଷଡ଼ଙ୍ଗୀ)

ଯୁଯୁମୁରା ବ୍ଲକ ଡଙ୍ଗରପଡ଼ା ପଞ୍ଚାୟତର ସରଖଣ୍ଡି ଗ୍ରାମ ୨ମାସ ହେଲା ଅନ୍ଧାରରେ ରହିଛି। ଏହାର ସମାଧାନ ପାଇଁ ମଙ୍ଗଳବାର ଗ୍ରାମବାସୀ ଅତିରିକ୍ତ ଜିଲାପାଳଙ୍କୁ ଭେଟିଥିଲେ। ଅଭିଯୋଗ କ୍ରମେ ଟ୍ରାନ୍ସଫର୍ମର ପୋଡିଯାଇଥିବା ନେଇ ବିଭାଗୀୟ ଯନ୍ତ୍ରୀଙ୍କୁ ଜଣାଇବା ସତ୍ତ୍ୱେ ଏଥିରେ ସୁଧାର ଆସୁନାହିଁ। ଏପରି କି ନୂତନ ଟ୍ରାନ୍ସଫର୍ମର ପାଇଁ ଗ୍ରାମବାସୀ ୨ କିସ୍ତିରେ ୮୪ ହଜାର ଟଙ୍କା ଡିପୋଜିଟ କରିଥିଲେ। ସୁଫଳ ନ ମିଳିବାରୁ ସେମାନେ ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ପ୍ରଦୀପ କୁମାର ସାହୁଙ୍କୁ ଭେଟି ଟ୍ରାନ୍ସଫର୍ମର ଲଗାଇବାକୁ ଦାବି କରିଛନ୍ତି। ଅଞ୍ଚଳର ବରିଷ୍ଠ ନେତା ସୁବୋଧ କୁମାର ବେହେରାଙ୍କ ନେତୃତ୍ୱରେ ଡା. ରାଜାରାମ ଷଡଙ୍ଗୀ, ଜଳନ୍ଧର ମିର୍ଦ୍ଧା, ଅଶ୍ୱିନୀ ଛତର, ନିରୁପମା ମିର୍ଦ୍ଧା, ପ୍ରତିମା ବାଗ ପ୍ରମୁଖ ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିଥିଲେ।

# ୩ଦଫା ଦାବି ନେଇ ଧାରଣା

ବାଲିଶଙ୍କରା,୧୨।୯( ହୃଦାନନ୍ଦ ବାରିକ)

ବାଲିଶଙ୍କରା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏଯୁଟିଏଫ ସଂଘ ପକ୍ଷରୁ ବସିଥିବା ଧାରଣା ମଙ୍ଗଳବାର ୨ୟ ଦିନରେ ପହଞ୍ଚିଛି। ଏଥିରେ ବ୍ଲକର ସମସ୍ତ ବର୍ଗର ଶତାଧିକ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇଥିଲେ। ଏଥିରେ ପ୍ରମୋଦ କୁମାର ନାଏକ, ଅଲେଖ ନାଗ, ଦିଗାମ୍ବର ରଣା, ବିଶାଖା ରଣା, ସୁଧାକର ସିଂହ, ସୁରେଶ ଚନ୍ଦ୍ର, ମନୋଜ ତନ୍ତୀ, କୁଳଦୀପ ସେଠ, ପୁଲିନ ଚନ୍ଦ୍ର ନାଏକ, ବାବୁଲାଲ ସା, ସୌଭାଗ୍ୟ ମଞ୍ଜରୀ ଏକ୍କା, ଆଲୋକ ଖାଲଖୋ ଓ ନବୀନ ଦାନୀ ନିଜ ନିଜର ମତ ରଖିଥିଲେ। କ୍ଷିତୀଶ ଚନ୍ଦ୍ର ଷଣ୍ଢ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଆଗାମୀ ଦିନରେ ସରକାର ୩ ଦଫା ଦାବି ପୂରଣ ନ କଲେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।



ଧାରଣା ଦେଇଥିବା ଶିକ୍ଷୟିତ୍ରୀ, ଶିକ୍ଷକ।

## ଓଡ଼ିଶା ପାଇପ୍ ଜଳ କର୍ମଚାରୀ ସଂଘ ବୈଠକ

ସମ୍ବଲପୁର,୧୨।୯(ବି.ଶଙ୍କର)

ଓଡ଼ିଶା ପାଇପ୍ ଜଳ କର୍ମଚାରୀ ସଂଘର ବୈଠକ ମୁଦିପଡାସ୍ଥିତ ଜୀବନ କ୍ଲବଠାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଉପସଭାପତି ଡମ୍ବରୁଧର ସାହୁଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ସରକାରୀ ଚାକିରିରୁ ଅବସର ଗ୍ରହଣ କରିଥିବା ରାଜ୍ୟ ଯୁଗ୍ମ ସମ୍ପାଦକ ଜୟକୃଷ୍ଣ ଓରାମଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ମହେଶ୍ୱର ବେହେରାଙ୍କ ଅକାଳ ବିୟୋଗରେ ଗଭୀର ଶୋକ ପ୍ରକାଶ କରାଯାଇଥିଲା। ସଂଘ କାର୍ଯ୍ୟକାରୀ ସଭାପତି ଶେଷଦେବ କାଣ୍ଡ, ଦୁର୍ଗାପ୍ରସାଦ ଦାସ, ସୁରେଶ ରାଓ, ଟିକନ ବେହେରା, ରବିରତ୍ନ ବାଗ, ଦଫେ ବାଗ, ଅରୁଣ ସୁରୁଜାଳ, ସବ୍ୟସାଚୀ ପୋଢ, ଇନ୍ଦ୍ରଜିତ ସେନ, ସୁଶାନ୍ତ ପଣ୍ଡା ଅଲୋଚନାରେ ଭାଗ ନେଇଥିଲେ ।

## ରାପିଡ୍ ଆକ୍ସନ ଫୋର୍ସର ଶକ୍ତି ପ୍ରଦର୍ଶନ

ରାଜଗାଙ୍ଗପୁର,୧୨।୯(ଅଶୋକ ପାଣି)

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ସହରରେ ମଙ୍ଗଳବାର ସନ୍ଧ୍ୟାରେ ରାପିଡ ଆକ୍ସନ ଫୋର୍ସ ପୋଲିସ ପ୍ରଶାସନ ସହ ମିଶି ଫ୍ଲାଗ ମାର୍ଚ୍ଚ କରିଥିଲା। ଦଙ୍ଗା ନିୟନ୍ତ୍ରଣ କରିବା ପାଇଁ ବ୍ୟବହୃତ ବିଭିନ୍ନ ବାହନ ଗୁଡିକ ଏଥିରେ ଅନ୍ତର୍ଭୁକ୍ତ ରହିଥିଲା। ଏହି ଫୋର୍ସ ଆସନ୍ତା ୧୭ ପର୍ଯ୍ୟନ୍ତ ସହରରେ ରହିବ। ଜାମସେଦପୁର ଟାଟା, ଝାଡଖଣ୍ଡ ସି ।୧୦୬ ବାଟାଲିୟନର ଆସିଷ୍ଟାଣ୍ଟ କମାଣ୍ଡେଣ୍ଟ ମୁକେଶ କୁମାର, ରାଜଗାଙ୍ଗପୁର ଏସ୍‌ଡିପିଓ ଅଭିଷେକ ପାଣିଗ୍ରାହୀ, ଥାନା ଅଧିକାରି ମନୋରଞ୍ଜନ ପ୍ରଧାନ, ଖଗପତି ବିଶ୍ୱାଳ, ଦମୟନ୍ତୀ ମହାତୋ, ସୁରେନ୍ଦ୍ର କୁମାରଙ୍କ ସହ ବହୁ ଅନ୍ୟାନ୍ୟ ଫୋର୍ସର ଅଧିକାରୀ ତଥା ଥାନା ଅଧିକାରୀ ଏହି ଫ୍ଲାଗ ମାର୍ଚ୍ଚରେ ସାମିଲ ଥିଲେ। ସୂଚନା ଯୋଗ୍ୟ ଯେ, ଆଗାମୀ ଦିନରେ ସହରରେ ପାର୍ବଣକୁ ଆଖି ଆଗରେ ରଖି ଏହି ଶକ୍ତି ପ୍ରଦର୍ଶନ କରାଯାଇଛି।




ରାପିଡ ଆକ୍ସନ ଫୋର୍ସ ଓ ପୋଲିସର ଫ୍ଲାଗ ମାର୍ଚ୍ଚ ପ୍ରଦର୍ଶନ।

# ପାଇପ ଫାଟି ରାସ୍ତାରେ ଭାସୁଛି ପାଣି

**ମରାମତି ଦାବି**

ବିଶ୍ରା,୧୧।୯( ବଟକୃଷ୍ଣ ସ୍ୱାଇଁ)

ବିଶ୍ରା ବ୍ଲକ ଅଞ୍ଚଳରେ ଜଳ ଯୋଗାଣ ପାଇଁ କୋଏଲ ନଦୀରୁ ପାଣି ଉଠାଗଲା। ସମସ୍ତଙ୍କ ଘରକୁ ପାଇପ ବିଛା ଯାଇ ପାଣି ଯୋଗାଇ ଦିଆଗଲା। ହେଲେ କିଛି ଜାଗାରେ ନିମ୍ନମାନର କାମ ଯୋଗୁ ପାଇପ ଲାଇନ ଫାଟି ରାସ୍ତା ଉପରେ ପାଣି ଭାସୁଛି। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ବିଶ୍ରା ବ୍ଲକ କିଲୋନୀ ଅଞ୍ଚଳରେ। ରାସ୍ତା ଉପରେ ପାଣି ଭାସୁଥିବାରୁ ଲୋକେ ସମସ୍ୟା ଭୋଗୁଛନ୍ତି। ଠିକାଦାରଙ୍କ ନିମ୍ନମାନର କାର୍ଯ୍ୟ ଯୋଗୁଁ ପାଇପ ଲାଇନ୍ ଫାଟି ପାଣି ଭାସୁଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ତେବେ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ଏ ବିଷୟରେ ସ୍ଥାନୀୟ ସରପଞ୍ଚ ସୁରଜ କୁମାର ନାୟକଙ୍କୁ ପଚାରିବାରୁ, ଏହା ପଞ୍ଚାୟତ ବୁଝୁନାହିଁ ବୋଲି କହିଥିଲେ। ଯନ୍ତ୍ରୀ ରସାନନ୍ଦ ବାରାଲ କହିଛନ୍ତି, ଏନେଇ ମୋ ପାଖରେ କୌଣସି ଅଭିଯୋଗ ନାହିଁ। ତଦନ୍ତ ପରେ ମରାମତି କରାଯିବ। ଅନ୍ୟ ଯେଉଁ ସ୍ଥାନରେ ପାଣି ଭାସୁଛି ସେସବୁକୁ ମଧ ମରାମତି କରାଯିବ ବୋଲି ସେ କହିଛନ୍ତି।



ରାସ୍ତା ଉପରେ ପାଣି ଭାସୁଛି।

## ସଂକ୍ଷେପରେ

### ଯୁବ ଶିକ୍ଷକଙ୍କ ଅକାଳ ବିୟୋଗ

**କୋକସରା,୧୨।୯ (ଦୁଷ୍ମନ୍ତ କୁମାର ପାଢୀଯୋଷୀ):** କଳାହାଣ୍ଡି ଜିଲା କୋକସରା ବ୍ଲକ କୋକସରା ଗ୍ରାମର ଶିକ୍ଷକତା କରୁଥିବା ଜନ୍ମେଜୟ ପ୍ରଧାନୀଙ୍କ ରବିବାର ରାତିରେ ଜୁନାଗଡର ଏକ



ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଯାଇଛି। ସୋମବାର ତାଙ୍କ ମୃତଦେହ ନିଜ ଗାଁକୁ ପହଞ୍ଚିବା ପରେ ଆତ୍ମୀୟ ସ୍ୱଜନ ଶେଷ ଦର୍ଶନ କରିଥିଲେ। ପରେ ଗାଁ ମଶାଣୀରେ ତାଙ୍କ ପୁତ୍ର ଅଙ୍କିତ କୁମାର ପ୍ରଧାନୀ ମୁଖାଗ୍ନି ଦେବାସହ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ସେ ବୋବରିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ରହି ଜଣେ କର୍ତ୍ତବ୍ୟରତ, ନିଷ୍ଠାପର, ମେଳାପୀ ଶିକ୍ଷକ ଭାବେ ସୁନାମ ଅର୍ଜନ କରିଥିଲେ। ତାଙ୍କ ବିୟୋଗରେ ଶିକ୍ଷକ ସଂଘ ଓ ସ୍କୁଲ ପକ୍ଷରୁ ନିରବ ପ୍ରାର୍ଥନା ସହ ଅମର ଆତ୍ମାର ସଦଗତି ପାଇଁ କାମନା କରିଥିଲେ।

### ଗରିବସେନା ପକ୍ଷରୁ ଅକ୍ଟୋବର ୧୦ରେ ଆଇନଅମାନ୍ୟ ଆନ୍ଦୋଳନ

**ନୂଆପଡ଼ା,୧୨।୯ (ମକାରୁ ବେମାଲ):** ସ୍ଥାନୀୟ କଲ୍ୟାଣ ମଣ୍ଡପଠାରେ ଗରିବ ସେନା ସଂଘର ଜିଲାସ୍ତରୀୟ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଆବାହକ ରବି ମଙ୍ଗରାଜଙ୍କ ନେତୃତ୍ୱରେ ଆୟୋଜିତ ସଭାରେ ଜିଲାର ଶତାଧିକ ଯୁବକ ସାମିଲ ହୋଇଥିଲେ। ନୂତନ କମିଟି ଗଠନ ହେବା ପର୍ଯ୍ୟନ୍ତ ରବି ମଙ୍ଗରାଜ ଆବାହକ ଓ ଗଦାଧର ମାଝି ସଂଯୋଜକ କାର୍ଯ୍ୟ ତୁଲାଇବେ। ବ୍ଲକ ଓ ଜିଲାସ୍ତରରେ ୧୦ ଜଣିଆ ସଂଯୋଜକ କମିଟି ଗଠନ କରାଯିବ। ପରବର୍ତ୍ତୀ ସମୟରେ ପଞ୍ଚାୟତସ୍ତରୀୟ କମିଟି ଗଠନ କରାଯିବ। ଆସନ୍ତା ଅକ୍ଟୋବର ୧୦ରେ ଆଇନଅମାନ୍ୟ ଆନ୍ଦୋଳନ କରିବା କରିବା ପାଇଁ ସର୍ବସମ୍ମତି ନିଷ୍ପତି ହୋଇଛି। କୃଷି ବୀମା ରାଶି ପ୍ରଦାନ, କୃଷିଭିତ୍ତିକ ଶିଳ୍ପ ପ୍ରତିଷ୍ଠା, ବିଦ୍ୟୁତ ଦର କମ କରିବା, ମଦମୁକ୍ତ ଜିଲା ଗଠନ, ନକଲି ମଦ ବିକ୍ରି ଉପରେ କାର୍ଯ୍ୟାନୁଷ୍ଠାନ, ଦାଦନ ମୁକ୍ତ ଜିଲା, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ପାଉଣା ପ୍ରଦାନ, ଯୋଗ୍ୟ ହିତାଧିକାରୀଙ୍କୁ ଆବାସ ପ୍ରଦାନ ଆଦି ବିଷୟକୁ ନେଇ ଜିଲାପାଳ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ଉକ୍ତ ସଭାରେ ନିଷ୍ପତ୍ତି ନିଆଯାଇଛି। ଗଦାଧର ମାଝି ସଭା ପରିଚାଳନା କରିଥିଲେ। ଭୋଜରାମ ବଗର୍ତ୍ତି, ଦେବେନ୍ଦ୍ର ବାଗ, ବାଲେଶ୍ୱର ସାହୁ, ଗଙ୍ଗୁରାମ ସୁନାନୀ, ତୋରଣ ସିଂ ମାଝି, ପିଣ୍ଟୁ ନିର୍ମଲକର ପ୍ରମୁଖ ଉପସ୍ଥିତ ଥିଲେ।

# ବିଦ୍ୟାଳୟରେ ତାଲା ପକାଇଲେ ଗ୍ରାମବାସୀ



ବିଦ୍ୟାଳୟରେ ତାଲା ପକାଇ ପ୍ରତିବାଦ କରୁଛନ୍ତି ଗ୍ରାମବାସୀ।

**ବେହେରା,୧୨।୯(ଭୂପେଶ ତିୱାରୀ)** କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ବାଙ୍କିମୁଣ୍ଡା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଜଣେ ଶିକ୍ଷକଙ୍କ ବଦଳି ନେଇ ବିଦ୍ୟାଳୟରେ ତାଲା ପକାଇ ପ୍ରତିବାଦ କରିଛନ୍ତି ଗ୍ରାମବାସୀ ଓ ବିଦ୍ୟାଳୟ ପରିଚାଳନା କମିଟି। ସୂଚନା ମତେ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୫୮ଜଣ ଛାତ୍ରୀଛାତ୍ର ରହିଥିବା ବେଳେ ତିନିଜଣ ଶିକ୍ଷକ ନିଯୁକ୍ତ ଅଛନ୍ତି। ତେବେ ବିଦ୍ୟାଳୟରୁ ଜଣେ ଶିକ୍ଷକଙ୍କୁ

**ଶିକ୍ଷକ ବଦଳିକୁ ବିରୋଧ**

ଅନ୍ୟତ୍ର ବଦଳି କରାଯାଇଥିବା ନେଇ ଅଭିଭାବକ ମହଲରେ ଅସନ୍ତୋଷ ଦେଖାଦେଇଛି। ଫଳରେ ଉତ୍ତେଜିତ ଗ୍ରାମବାସୀ ମଙ୍ଗଳବାର ଶିକ୍ଷକଙ୍କ ବଦଳିକୁ ବିରୋଧ କରି ବିଦ୍ୟାଳୟରେ ତାଲା ପକାଇ ଧାରଣାରେ ବସିଥିବା ଦେଖିବାକୁ ମିଳିଥିଲା। ଶିକ୍ଷକ ବଦଳି ଯୋଗୁ ବିଦ୍ୟାଳୟରେ ପାଠପଢ଼ା ବ୍ୟାଘାତ ହେବା ସହ ଛାତ୍ରୀଛାତ୍ର ଗୁଣାତ୍ମକ ଶିକ୍ଷା ପାଇବାରୁ ବଞ୍ଚିତ ହେବେ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଶିକ୍ଷକଙ୍କ ବଦଳି ଆଦେଶକୁ ବାତିଲ କରିବାକୁ ଦାବି କରିଥିଲେ ଗ୍ରାମବାସୀ। ଖବରପାଇ ଧର୍ମଗଡ଼ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ବେହେରା କ୍ଲଷ୍ଟର ସିଆର୍‌ସିସି ମାର୍କଣ୍ଡ ନାଏକ ଘଟଣା ସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଆଗାମୀ ଦିନରେ ବିଦ୍ୟାଳୟରେ ଆବଶ୍ୟକ ଶିକ୍ଷକ ପୂରଣ କରାଯିବ ବୋଲି ପ୍ରତିଶ୍ରୁତି ଦେବାପରେ ଗ୍ରାମବାସୀ ଧାରଣାରୁ ଉଠିଥିଲେ। ଏକ ମାସ ମଧ୍ୟରେ ଶିକ୍ଷକ ପୂରଣ କରା ନ ଗଲେ ପୁଣି ଥରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ତାଲାବନ୍ଦ ଆନ୍ଦୋଳନ କରାଯିବ ବୋଲି ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଘାସିରାମ ଭରତିଆ, ଧର୍ମେନ୍ଦ୍ର ସୋନି, ମାନସିଂହ ଭରତିଆ, ଅଲେଖ ଦୁର୍ଗା, ଯୁଗେଶ୍ୱର ଭରତିଆ, ଈଶ୍ୱରୀ ଭରତିଆ, ଗୌତମ ପୂଝାରି ତଥା ଗ୍ରାମବାସୀ ଚେତାବନୀ ଦେଇଥିଲେ।

# ୨୨ ସୁଦ୍ଧା ଦାବି ପୂରଣ ନ ହେଲେ ଆନ୍ଦୋଳନାତ୍ମକ କାର୍ଯ୍ୟପନ୍ଥା

**କେସିଙ୍ଗା, ୧୨।୯(ତୁମେଶ୍ୱର ସାହୁ)** ଭାରତୀୟ ମଜଦୂର ସଂଘ ଅନୁବନ୍ଧିତ ଅଲ ଓଡ଼ିଶା ଅଙ୍ଗନୱାଡି ଲେଡିଜ ୱାର୍କସ ଆସୋସିଏସନ ପକ୍ଷରୁ ଅଙ୍ଗନୱାଡି କର୍ମୀ ଓ ସହାୟିକାଙ୍କ ଦାବି ପୂରଣ ପାଇଁ ଦୀର୍ଘ ୪୪ଦିନ କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକରେ କାର୍ଯ୍ୟରତ ସମସ୍ତ ଅଙ୍ଗନୱାଡି କର୍ମୀ ଓ ସହାୟିକା ସମଗ୍ର ଜିଲା ଓ ରାଜ୍ୟରେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଥିଲେ। ଗତ ଜାନୁଆରୀ ୩ରେ ଲକ୍ଷାଧିକ ଅଙ୍ଗନୱାଡି କର୍ମୀ ଓ ସହାୟିକା ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିଥିଲେ। ଖୁବଶୀଘ୍ର ନିଷ୍ପତ୍ତି ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମୁଖ୍ୟ ଶାସନ ସଚିବ ଦୁଇ ମାସ ମଧ୍ୟରେ ଦାବି ପୂରଣ କରାଯିବ ବୋଲି ଲିଖିତ ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ। ମୁଖ୍ୟ ଶାସନ ସଚିବଙ୍କ ପ୍ରତିଶ୍ରୁତିକୁ ପୂର୍ଣ୍ଣ ଭରସା କରି ଅଙ୍ଗନୱାଡି କର୍ମୀମାନେ ଆନ୍ଦୋଳନକୁ ପ୍ରତ୍ୟାହାର କରିଥିଲେ। କିନ୍ତୁ ଆଜକୁ ୮ମାସରୁ ଊର୍ଦ୍ଧ୍ୱ ବିତିଗଲା, ଆଜିଯାଏ କୌଣସି କାର୍ଯ୍ୟ ସୁଫଳ ନ ହେବାରୁ ଅଙ୍ଗନୱାଡି କର୍ମୀ ଓ ସହାୟିକାଙ୍କ ମନରେ ଘୋର ଅସନ୍ତୋଷ ପ୍ରକାଶ ପାଉଛି। ଅଙ୍ଗନୱାଡି କର୍ମୀ ଓ ସହାୟିକାଙ୍କ ଦରମା ବୃଦ୍ଧି କରିବାରେ

**ଅଙ୍ଗନୱାଡି କର୍ମୀ ଓ ସହାୟିକାମାନଙ୍କ ଚେତାବନୀ**

ରାଜ୍ୟ ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ଏହା ଦ୍ୱାରା କର୍ମୀମାନେ ମାନସିକ ଓ ଆର୍ଥିକ ସ୍ତରରେ ନିର୍ଯାତିତ ହେବା ସହ ଅସନ୍ତୋଷ ଦେଖା ଦେଉଛି। ତେଣୁ ସଂଘ ପକ୍ଷରୁ ଗତ ଅଗଷ୍ଟ ମାସରେ ନିଷ୍ପତ୍ତି ହୋଇଛି ଯେ, ଆସନ୍ତା ୧୫ତାରିଖ ସୁଦ୍ଧା କର୍ମଚାରୀଙ୍କ ନ୍ୟାର୍ଯ୍ୟଦାବି ପୂରଣ କରା ନ ଗଲେ ଉକ୍ତ ସଙ୍ଗଠନ ପକ୍ଷରୁ ଚଳିତ ମାସ ୨୨ରୁ ପୂର୍ବଭଳି ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବା ପାଇଁ ବାଧ ହେବେ ବୋଲି ଅଲ ଓଡ଼ିଶା ଅଙ୍ଗନୱାଡି ଲେଡିଜ ୱାର୍କର୍ସ ଆସୋସିଏସନର କେସିଙ୍ଗା ବ୍ଲକ ଶାଖା ସଭାନେତ୍ରୀ ବସନ୍ତ ପାଢ଼ୀ, ସାଧାରଣ ସମ୍ପାଦିକା ରାଜ୍ୟ ସରକାରଙ୍କୁ ଚେତାବନୀ ଦେଇଛନ୍ତି। ଏହି ସମସ୍ୟା ନେଇ ୫-ଟି ସଚିବ, ମନ୍ତ୍ରୀ, ନିର୍ଦ୍ଦେଶକ ମହିଳା ଶିଶୁ କଲ୍ୟାଣ ଓ ମିଶନ ଶକ୍ତି ବିଭାଗକୁ ଲିଖିତ ଅଭିଯୋଗ କରିଥିବାର ସଭାନେତ୍ରୀ ବସନ୍ତ ପାଢ଼ୀ ପ୍ରକାଶ କରିଛନ୍ତି।

# ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଛାତ୍ରୀନିବାସ ଉଦ୍‌ଘାଟିତ



ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରୀ ନିବାସ ଉଦ୍‌ଘାଟନ କରାଯାଉଛି।

**ଲାଞ୍ଜିଗଡ଼, ୧୨।୯(ରମେଶ ଚନ୍ଦ୍ର ନାୟକ)** କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଧଅଁରାଭଟାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ୧୦୦ଶଯ୍ୟା ବିଶିଷ୍ଟ ଛାତ୍ରୀ ନିବାସ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଧଅଁରାଭଟା ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧିରେ ଆଉ ଏକ ଫର୍ଦ୍ଦ ଯୋଡି ହୋଇଯାଇଛି। ଏହି ଛାତ୍ରୀନିବାସ ସ୍ଥାପନ ଦ୍ୱାରା ବ୍ଲକର ଅନେକ ଦୂରଦୂରାନ୍ତରୁ ପାଠ ପଢିବାକୁ ଆସୁଥିବା ଛାତ୍ରୀମାନଙ୍କ ଯାତାୟତ ସମସ୍ୟାର ସମାଧାନ ହୋଇପାରିଛି। ଏହି ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଲାଞ୍ଜିଗଡ ଗୋଷ୍ଠୀ ଶିକ୍ଷାଧିକାରୀ ନମିତାରାଣୀ ଭୋଇ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସର ଡା. ତତେଶ୍ୱର ନାଏକ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସୁଢଳଦେବ ମୁଣ୍ଡ ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଖିରେଶର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ପରିଚାଳନା କରିଥିଲେ। ସଭା ଶେଷରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଗୁଦୁରି ସୁଦାମା ଧନ୍ୟବାଦ ଅର୍ପଣ କରିଥିଲେ।

# ବିଜୁଳି ବନ୍ଧରେ ଭାସୁଛି ଗୃହପାଳିତ ପଶୁଙ୍କ ମୃତଦେହ

**ଖଡ଼ିଆଳ,୧୨।୯(ସୁଜିତ କୁମାର ପ୍ରଧାନ)** ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ଭୁଲିଆସିକୁଆ ବିଜୁଳି ବନ୍ଧରେ ଗୃହପାଳିତ ପ୍ରାଣୀଙ୍କ ମୃତଦେହ ଭାସୁଛି। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଅଭିଯୋଗ ଅନୁଯାୟୀ ଗ୍ରାମବାସୀ ବିଜୁଳିବନ୍ଧ ଉପରେ ସ୍ନାନଶୌଚ ପାଇଁ ନିର୍ଭର କରିଥାନ୍ତି। ୨୦୨୧ ମସିହାରୁ ତିଖାଲି ଡ୍ୟାମ ଉଦ୍‌ଘାଟନ ପରେ ମୁଖ୍ୟ କେନାଲ ମାଧ୍ୟମରେ ଭୁଲିଆସିକୁଆ ବିଜୁଳି ବନ୍ଧରେ ପାଣି ରଖାଯାଇ ବଲାଙ୍ଗୀର ଜିଲାକୁ ଚାଷ ପାଇଁ ପାଣି ଛଡା ଯାଇଛି। ଫଳରେ ତିଖାଲି ଡ୍ୟାମଠାରୁ ଭୁଲିଆସିକୁଆକୁ ପ୍ରାୟ ୨୦କିମି ଦୂରରୁ କେନାଲରେ ପାଣି ସହ ଗୃହପାଳିତ ପ୍ରାଣୀଙ୍କ ମୃତଦେହ ଭାସି ଆସି ବିଜୁଳି ବନ୍ଧରେ ରହୁଛି। ଫଳରେ ବିଜୁଳି ବନ୍ଧ ଜଳାଶୟ ଦୂଷିତ ହେବା ସହିତ ଦୁର୍ଗନ୍ଧମୟ ହେଉଛି। କେନାଲ ବିଭାଗ ପକ୍ଷରୁ ବିଜୁଳିବନ୍ଧର ମୁଖ୍ୟ କେନାଲ ସମ୍ମୁଖୀନରେ ଲୁହା ଜାଲି ପକାଇଲେ ଖରାପ ସାମଗ୍ରୀ ଅଟକି ଯିବ ବୋଲି ଗ୍ରାମବାସୀ କହିଛନ୍ତି।

# ସମର୍ଥନ ଜଣାଇ ଗଣଧାରଣାରେ ସାମିଲ ହେଲା ଆଦିବାସୀ ସଂଘ




ଚତୁର୍ଥ ଦିନର ଧାରଣାରେ ଆଦିବାସୀ ସଂଘ।

**ଜୁନାଗଡ,୧୨।୯(ସୁନିଲ କୁମାର ସିଂହ)** ଜୁନାଗଡକୁ ଜିଲା ଓ ସଦର ମହକୁମା ମାନ୍ୟତା ଦାବି ନେଇ ଚାଲିଥିବା ଗଣଧାରଣା ମଙ୍ଗଳବାର ଚତୁର୍ଥ ଦିନରେ ପହଞ୍ଚିଛି। ଏହାକୁ ସମର୍ଥନ ଜଣାଇ ଗଣଧାରଣାରେ ସାମିଲ ହୋଇଥିଲେ ଜୁନାଗଡ ଆଦିବାସୀ ସଂଘ। ଜୁନାଗଡ ହେଉଛି ବୀର ଆଦିବାସୀ ମାଟି। ଏହି ମାଟି ମା' ପାଇଁ ଆଦିବାସୀମାନେ ଜୀବନ ଜିଉଛନ୍ତି। ଭାରତ ସ୍ୱାଧୀନତାର ଅନେକ ବର୍ଷ ବିତିଯାଇଥିଲେ ସୁଦ୍ଧା ଆଜି ବି ଆଦିବାସୀ ମୌଳିକ ଅଧିକାରରୁ ବଞ୍ଚିତ ହୋଇ ସମାଜର ମୁଖ୍ୟ ସ୍ରୋତରେ ପହଞ୍ଚି ପାରିନାହିଁ। ଯଦି ଏହି ହଜାରେ ବର୍ଷର ଜେନାବଳୀପାଟଣା ବା ଜୁନାଗଡକୁ ସରକାର ଜିଲା ମାନ୍ୟତା ଦେଲେ, ଦୁର୍ଗମ ବଣପାହାଡ ଘେରା ଦେଦର, ଦୁନ୍ଦେଲମାଲ, ବାଙ୍କପଳାସ, ବୁଢୀଦର ପଞ୍ଚାୟତ ଅଞ୍ଚଳରେ ବସବାସ

**■ ଜୁନାଗଡକୁ ଜିଲା ମାନ୍ୟତା ଦାବି**
**■ ଚତୁର୍ଥ ଦିନରେ ଗଣଧାରଣା**

କରୁଥିବା ଆଦିବାସୀ ମୁଖ୍ୟ ସ୍ରୋତରେ ସାମିଲ ହୋଇପାରିବେ। ତେଣୁ ରାଜ୍ୟ ସରକାର ତୁରନ୍ତ ଜୁନାଗଡକୁ ଜିଲା ଓ ସଦର ମହକୁମା ମାନ୍ୟତା ଦିଅନ୍ତୁ। ନଚେତ ଏହା ଗଣଧାରଣାରେ ସୀମିତ ନ ରହି ଆଗାମୀ ଦିନରେ ରାଜରାସ୍ତା ଅବରୋଧ କରିବା ସହ ଆଦିବାସୀମାନେ କନ୍ଧମେଳି କରିବା ନେଇ ରାଜ୍ୟ ସରକାରଙ୍କୁ ଚେତାବନୀ ଦେଇଥିଲେ। ଜୁନାଗଡ ବ୍ଲକ ଆଦିବାସୀ ସଂଘ ସଭାପତି ହୃଦାନନ୍ଦ ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଗଣଧାରଣାରେ କନ୍ଧ ସମାଜ ଜିଲା ସଭାପତି ରାଜେନ୍ଦ୍ର ଭୋଇ, ବ୍ଲକ ସଭାପତି ଶ୍ରୀବସ୍ତ ଯାନୀ, ଉପଦେଷ୍ଟା ଶ୍ରୀରାମ ଯାନୀ, ସଙ୍ଗଠନ ସମ୍ପାଦକ ଦୁର୍ଯ୍ୟୋଧନ ମାଝୀ, ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ଭୋଇ, ଉପଦେଷ୍ଟା ଭାସ୍କର ଭୋଇ, ଏନଏସି ଉପସଭାପତି ଶରତ ଶବର, ଜାରିଙ୍ଗ ସରପଞ୍ଚ କେ. ସୁନିଲ ନାଇଡୁ, ବ୍ଲକ ଉପାଧ୍ୟକ୍ଷ ପ୍ରମୋଦ ବେହେରା, ବହୁଜନ ସଂଗ୍ରାମ ସମିତିର ଅଧ୍ୟକ୍ଷ ରଞ୍ଜନ ଜାଲ, ଏନଏସି ଅଧ୍ୟକ୍ଷ ମୁକେଶ ଅଗ୍ରୱାଲ, କ୍ରିୟାନୁଷ୍ଠାନ କମିଟିର ଆବାହକ ହିମାଂଶୁ ଶେଖର ବରାଡ, ସମ୍ପାଦକ ସନ୍ତୋଷ ସିଂହଦେଓ, ନରେନ୍ଦ୍ର ଖିତି, ଆଦିତ୍ୟ ପ୍ରସାଦ ମହାନ୍ତି, ସୁଜିତ ଖେମକା, ରଶ୍ମିରଞ୍ଜନ ନାୟକ, ଚିତ୍ତରଞ୍ଜନ ନିଆଲ, ବାଲଜି ଯାଦବ, ସୁରେନ୍ଦ୍ର ସେଠି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅନିର୍ଦ୍ଦିଷ୍ଟ କାଳ ପାଇଁ ଗଣଧାରଣରେ ପ୍ରତିଦିନ ବିଭିନ୍ନ ସଙ୍ଗଠନ ସମର୍ଥନ ଜଣାଇ ସାମିଲ ହେବା ପାଇଁ ନିଷ୍ପତ୍ତି ହୋଇଥିବା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସୂଚନା ମିଳିଛି।

# ଅଙ୍ଗନୱାଡି କର୍ମୀଙ୍କ ପାଇଁ ଅଣ୍ଡା ଅଡୁଆ

■ସରକାର ଦେଉଛନ୍ତି ୫ ଟଙ୍କା, କିଣୁଛନ୍ତି ୬ ରୁ ୭ ଟଙ୍କାରେ
■ଅଙ୍ଗନୱାଡିକର୍ମୀଙ୍କ ପକେଟରୁ ଯାଉଛି ବଳକା ଟଙ୍କା

**ଭବାନୀପାଟଣା,୧୨।୯(ଉତ୍ତମ କୁମାର ଦାଶ)** କଳାହାଣ୍ଡି ଜିଲାରେ ଅଙ୍ଗନୱାଡି କର୍ମୀଙ୍କ ପାଇଁ ଏବେ ଅଡୁଆ ସୃଷ୍ଟି କରୁଛି ଅଣ୍ଡା। ପ୍ରତି ମାସରେ ଅଣ୍ଡା ପାଇଁ ସରକାର ୫ ଟଙ୍କା ଦେଉଛନ୍ତି, ହେଲେ ତାହାଠାରୁ ଅଧିକ ମୂଲ୍ୟରେ କିଣୁଛନ୍ତି ଅଙ୍ଗନୱାଡି କର୍ମୀ। ଦିନେ କି ଦୁଇଦିନ ନୁହେଁ ମାସମାସ ଧରି ଅଙ୍ଗନୱାଡି କର୍ମୀମାନେ ଏଭଳି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। କଳାହାଣ୍ଡି ଜିଲାର ୩୧୦ଟି ପଞ୍ଚାୟତର ୨୨୫୩ଟି ଗାଁରେ ରହିଛି ୨୩୬୨ଟି କେନ୍ଦ୍ର। ଅଙ୍ଗନୱାଡି କେନ୍ଦ୍ରରେ ସବୁଦିନେ ସକାଳ ଜଳଖିଆ ଓ ମଧ୍ୟାହ୍ନରେ ଅଣ୍ଡା ତରକାରୀ ସହ ମଧ୍ୟାହ୍ନଭୋଜନ ଦେବାର ବ୍ୟବସ୍ଥା ରହିଛି। ଏସବୁ ପାଇଁ ସରକାର ଦେଉଛନ୍ତି ୭ ଟଙ୍କା ୭୦ ପଇସା। ଏଥିରୁ ୩୦ ପଇସା ଜାଳେଣି ଗ୍ୟାସ ବାବଦକୁ ଯାଉଥିବାବେଳେ ବଳୁଛି ୭ ଟଙ୍କା ୪୦ ପଇସା। ସକାଳେ ପିଲାଙ୍କୁ ମୁଗଗଜା,ବେଶନ ଲଡୁ ଦିଆଯାଉଛି। ମଧ୍ୟାହ୍ନରେ ଅଣ୍ଡା ତରକାରୀ ଓ ଭାତ ଖାଇବାକୁ ଦିଆଯାଉଛି। ସପ୍ତାହରେ ୫ଦିନ ପିଲାଙ୍କୁ ଅଣ୍ଡା ଖାଇବାକୁ ଦିଆଯାଉଛି। ଅଣ୍ଡା ପାଇଁ ଅଙ୍ଗନୱାଡି କର୍ମୀଙ୍କ ପକେଟରୁ ଦରମାର ଅଧା ଟଙ୍କା ଚାଲିଯାଉଛି। କାରଣ ସରକାର ଅଣ୍ଡା ଗୋଟାକୁ ୫ ଟଙ୍କା ଦେଉଥିବାବେଳେ ବଜାର ମୂଲ୍ୟ ହେଉଛି ୬ରୁ ୭ ଟଙ୍କା। ବାକି ଟଙ୍କା କର୍ମୀମାନେ ନିଜ ହାତରୁ ଭରଣା କରୁଛନ୍ତି। ଗ୍ୟାସ ବାବଦକୁ ୩୦ ପଇସା କଟିବା ପରେ ବଳକା ୭ ଟଙ୍କା ୪୦ ପଇସାରୁ କେବଳ ଅଣ୍ଡା ପାଇଁ ୭ ଟଙ୍କା ଖର୍ଚ୍ଚ ହୋଇଯାଉଛି। ଆଉ ୪୦ ପଇସାରେ ପିଲାଙ୍କୁ କେମିତି ରୋଷେଇ କରି ଖାଇବାକୁ ଦେବୁ ବୋଲି ଅଙ୍ଗନୱାଡି କର୍ମୀମାନେ ପ୍ରଶ୍ନ କରିଛନ୍ତି। ସରକାର ଅଙ୍ଗନୱାଡି କର୍ମୀଙ୍କୁ ୭୫୦୦ ଟଙ୍କା ଦରମା ଦେଉଥିବା ବେଳେ ସେମାନଙ୍କ ପକେଟରୁ ପ୍ରତିମାସରେ ଏସବୁ ବାବଦକୁ ପ୍ରାୟ ହଜାରେ ଟଙ୍କାରୁ ୧୫ଶହ ଟଙ୍କା ଖର୍ଚ୍ଚ ହେଉଥିବାରୁ କର୍ମୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହି ସମସ୍ୟାକୁ ନେଇ ଜିଲା ଅଙ୍ଗନୱାଡି କର୍ମୀ ସଂଘ ପକ୍ଷରୁ କଳାହାଣ୍ଡି ଜିଲାପାଳ ଓ ଡିଏସଡବ୍ଲ୍ୟୁଓଙ୍କୁ ଲିଖିତ ଅଭିଯୋଗ ମଧ୍ୟ ଦେଇଛନ୍ତି। ହେଲେ ବର୍ତ୍ତମାନ ପର୍ଯ୍ୟନ୍ତ ଏହାର ସମାଧାନ କରାଯାଇନାହିଁ।

# ଭାଜପାରେ ସାମିଲ ହେଲେ କଳାହାଣ୍ଡିର ବରିଷ୍ଠ ଆଇନଜୀବୀ

**ଭବାନୀପାଟଣା,୧୨।୯(ଉତ୍ତମ କୁମାର ଦାଶ)** ଭାଜପାରେ ସାମିଲ ହେଲେ କଳାହାଣ୍ଡିର ବରିଷ୍ଠ ଆଇନଜୀବୀ ସଞ୍ଜୀବ ଯୋଶୀ। ଭୁବନେଶ୍ୱର ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଉପସ୍ଥିତିରେ ସେ ବିଧିବଦ୍ଧ ଭାବେ ସାମିଲ ହୋଇଛନ୍ତି। ସୁପ୍ରିମକୋର୍ଟରେ କାର୍ଯ୍ୟରତ ଆଇନଜୀବୀ ଯୋଶୀ କଳାହାଣ୍ଡି ଜିଲାର ଶିକ୍ଷା, ସ୍ୱାସ୍ଥ୍ୟ କୃଷିକୁ ନେଇ ଦେଖା ଯାଉଥିବା ବିଭିନ୍ନ ସମସ୍ୟା ଉପରେ କାମ କରିବା ତାଙ୍କର ଲକ୍ଷ୍ୟ। ଏହାସହ ଜିଲାରେ ଜଣେ ଭଲ କାର୍ଯ୍ୟକର୍ତ୍ତା ହୋଇ କାମ କରିବା ତାଙ୍କର ମୂଳ ଉଦ୍ଦେଶ୍ୟ ବୋଲି ପ୍ରକାଶ କରିଛନ୍ତି।



ରାଜ୍ୟସଭାପତିଙ୍କ ଉପସ୍ଥିତିରେ ଭାଜପାରେ ସାମିଲ ହେଉଛନ୍ତି ସଞ୍ଜୀବ ଯୋଶୀ।



କେଶରାଜପୁର ଆଦର୍ଶ ବିଦ୍ୟାଳୟରେ ପ୍ରତିଷ୍ଠା ଦିବସରେ ଅତିଥିଙ୍କ ଗହଣରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ର।

# କେଶରାଜପୁର ଆଦର୍ଶ ବିଦ୍ୟାଳୟର ପ୍ରତିଷ୍ଠା ଦିବସ

**ବୋଡ଼େନ, ୧୨।୯(ଟିକେଶ୍ୱର ନାଗ)** ନୂଆପଡ଼ା ଜିଲା କେଶରାଜପୁର ଆଦର୍ଶ ବିଦ୍ୟାଳୟରେ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷା ଅନିମା ବାରିକଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମ୍ମାନିତ ଅତିଥି ଭାବରେ ବୋଡ଼େନ ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ କ୍ଷମାରାଜ ମହାପାତ୍ର, ମୁଖ୍ୟବକ୍ତା ଭାବେ ଦିଲ୍ଲୀପ ଦାସ, ପଲ୍ଲୀ ପ୍ରଗତି ହାଇସ୍କୁଲ ଦୋହେଲପଡାର ଅଧ୍ୟକ୍ଷ ରୁଦ୍ରମାଧବ ବାରିକ ପ୍ରମୁଖ ଯୋଗ ଦେଇଥିଲେ। କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷକ ସନ୍ତୋଷ ଦାସ ଏବଂ ଯଦୁମଣି ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ନରୋତ୍ତମ ବାଗ, ମନୋଜ ବେହେରା, ଲକ୍ଷ୍ମଣ ବରିହା, ସାର୍ଥକ ସାରଥି ସିଂ ଆକାଶ ମୁଣ୍ଡା, ଯଦୁମଣି ବାରିକ, ଜିତେନ୍ଦ୍ର ନାଥ ଗହୀର, ସନ୍ତୋଷ ଦାସ, ଲିଲି ପଟେଲ, ରମ୍ଭା ବେହେରା,ଭାଗ୍ୟଶ୍ରୀ ତାଣ୍ଡି ପ୍ରମୁଖ ଶିକ୍ଷୟିତ୍ରୀଶିକ୍ଷକମାନେ ଉପସ୍ଥିତ ହୋଇଥିଲେ।

# ୪ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ ଦେଲେ ଏନ୍‌ଏଚ୍‌ଆର୍‌ସି

**ଭବାନୀପାଟଣା,୧୨।୯ (ଉତ୍ତମ କୁମାର ଦାଶ)** କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ବଡଛତରଙ୍ଗ ଗ୍ରାମରେ ଗତ ୨୦୨୧ ମସିହା ଅକ୍ଟୋବର ୨୪ରେ ମହେନ୍ଦ୍ର ନାଏକ ନାମକ ଜଣେ ଯୁବକଙ୍କ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ହୋଇଥିଲା। ଏହି ଘଟଣାରେ ମୃତକଙ୍କ ପରିବାରକୁ ୪ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଓଡ଼ିଶା ସରକାରଙ୍କ ମୁଖ୍ୟ ଶାସନ ସଚିବଙ୍କୁ ଜାତୀୟ ମାନବ ଅଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ନିର୍ଦ୍ଦେଶ ଦେଇଛନ୍ତି। ଭବାନୀପାଟଣା ସହରର ମାନବ ଅଧିକାର କର୍ମୀ ଦିଲ୍ଲୀପ କୁମାର ଦାସଙ୍କ ପକ୍ଷରୁ ଆଗତ କରାଯାଇଥିବା ଏହି ଅଭିଯୋଗର ଶୁଣାଣି କରି ମଙ୍ଗଳବାର ନିର୍ଦ୍ଦେଶନାମା ଜାରି କରିଛନ୍ତି ଜାତୀୟ ମାନବାଧିକାର କମିଶନ। କମିଶନ ଆହୁରି ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି ଯେ,ଏହି କ୍ଷତିପୂରଣ ରାଶି ପ୍ରଦାନ କରି ତାର ପ୍ରମାଣ ସହିତ ସବିଶେଷ ରିପୋର୍ଟ ଆସନ୍ତା ୧୭ ନଭେମ୍ବର ୨୦୨୩ ମଧ୍ୟରେ କମିଶନଙ୍କ ନିକଟରେ ଦାଖଲ କରିବା ଆବଶ୍ୟକ। ଘଟଣା ସମ୍ପର୍କରେ ଅଭିଯୋଗ ହେଲା ପରେ କମିଶନ ଏହାକୁ ଏକ ମାମଲା ନମ୍ବର ୧୧୯୬ /୧୮।୬।୨୦୨୨ରେ ପଞ୍ଜିକରଣ କରି ଦୁଇ ଦୁଇ ଥର କାର୍ଯ୍ୟାନୁଷ୍ଠାନ ରିପୋର୍ଟ ତଲବ କରିଥିଲେ। କମିଶନଙ୍କ ନୋଟିସର ଜବାବରେ ଶକ୍ତି ବିଭାଗ ପକ୍ଷରୁ ଭବାନୀପାଟଣା କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ତଥା ବିଦ୍ୟୁତ୍ ଉପନିରୀକ୍ଷକ ସରଜମିନ ତଦନ୍ତ କରି ବିସ୍ତୃତ ରିପୋର୍ଟ ଦାଖଲ କରି ଜଣାଇ ଦେଇଥିଲେ ଯେ, ଟାଟା ପାୱାର କର୍ତ୍ତୃପକ୍ଷଙ୍କ ଅବହେଳାରୁ ଏଭଳି ଦୁଃଖଦ ଘଟଣା ଘଟିଲା। କଳାହାଣ୍ଡି ପୋଲିସ ଅଧୀକ୍ଷକ ମଧ୍ୟ ସମାନ ମତାମତ ସହିତ ରିପୋର୍ଟ ପ୍ରଦାନ କରିଥିଲେ। ଉକ୍ତ ରିପୋର୍ଟରେ ଦର୍ଶାଯାଇଛି ଯେ ଏହି ଘଟଣା ମନୁଷ୍ୟକୃତ। ଟାଟା ପାୱାର ଟିପିଡବ୍ଲ୍ୟୁଓ ଡିଏଲ କର୍ମକର୍ତ୍ତା ଠିକ ଢଙ୍ଗରେ ପାଟ୍ରୋଲିଂ କରିଥିଲେ ବନ୍ୟଜନ୍ତୁ ଶିକାର ପାଇଁ ବିଦ୍ୟୁତ୍ ତାର ବିଛାଇବା ଶିକାରୀମାନଙ୍କ ପକ୍ଷରେ ସମ୍ଭବ ହୁଅନ୍ତା ନାହିଁ। ଏଣୁ ଏହି ଘଟଣା ପାଇଁ ଅବୈଧ ଶିକାର କରୁଥିବା ଶିକାରୀ ଯେତିକି ଦାୟୀ, ଟାଟା ପାୱାର କର୍ମଚାରୀ ମଧ୍ୟ ସମପରିମାଣରେ ଦାୟୀ। କିନ୍ତୁ ଟିପିଡବ୍ଲ୍ୟୁଓଡିଏଲ (ଟାଟା ପାୱାର) ପକ୍ଷରୁ ଘଟଣା ବାବଦରେ ସମ୍ପୂର୍ଣ୍ଣ ଓଲଟା ରିପୋର୍ଟ ପ୍ରଦାନ ସହିତ ସଫେଇ ଦେଇଥିଲେ। ଏଥିରେ ଜଙ୍ଗଲ ଅଞ୍ଚଳ ହୋଇଥିବାରୁ ପ୍ରତିଦିନ ବିଦ୍ୟୁତ୍ ହୁକ ପକେଇବା ଯାଞ୍ଚ କରିବା ସମ୍ଭବ ନୁହେଁ। ମହେନ୍ଦ୍ର ନାଏକଙ୍କ ମୃତ୍ୟୁ ନିମନ୍ତେ ଟାଟା ପାୱାର ଅଧିକାରୀମାନେ ଦାୟୀ ନୁହନ୍ତି। ଅପରପକ୍ଷରେ, ମାନବ ଅଧିକାର କମିଶନ ୩୧ ମାର୍ଚ୍ଚ ୨୦୨୩ରେ ଜାରି କରିଥିବା କାରଣ ଦର୍ଶାଅ ନୋଟିସର ଜବାବରେ ଶକ୍ତି ବିଭାଗର ଅତିରିକ୍ତ ସଚିବ ଟାଟା ପାୱାରକୁ ସୁହେଇଲା ଭଳି ରିପୋର୍ଟ ପ୍ରଦାନ କରି ଏହି ଘଟଣା ପାଇଁ କେବଳ ଶିକାରୀମାନେ ହିଁ ଦାୟୀ ବୋଲି ଉତ୍ତର ରଖିଥିଲେ ଯାହାକି କମିଶନ ଗ୍ରହଣ ନ କରି ଶକ୍ତି ବିଭାଗ ଉପରେ ଅସନ୍ତୋଷ ବ୍ୟକ୍ତ କରିବା ସହିତ ଏଭଳି ଦ୍ୱନ୍ଦାତ୍ମକ ରିପୋର୍ଟ ଦାଖଲ ନ କରିବାକୁ ତାଗିଦ କରିଛନ୍ତି। କଳାହାଣ୍ଡି ଏସ୍‌ପି ଓ ବିଦ୍ୟୁତ୍ ଉପନିରୀକ୍ଷକ ପ୍ରଦାନ କରିଥିବା ରିପୋର୍ଟଗୁଡିକୁ ତର୍ଜମା କଲାପରେ ମାନବ ଅଧିକାର କମିଶନ ବିଜୁଳି ବିତରଣ କମ୍ପାନୀ ଟାଟା ପାୱାର ଓ ଓଡିଶା ସରକାର ଏହି ଘଟଣା ପାଇଁ ସମ୍ପୂର୍ଣ୍ଣ ଦାୟୀ ବୋଲି ଦର୍ଶାଇବା ସହିତ ମୃତକଙ୍କ ପରିବାରକୁ ୪ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ସଂକ୍ଷେପରେ

### ବିଦ୍ୟୁତ୍ ସଂସ୍ପର୍ଶରେ ରାଜମିସ୍ତ୍ରି ମୃତ

ବରପାଲି,୧୨।୯(ଚିତ୍ତରଞ୍ଜନ ସାହୁ): ଘର ଛାତ ପଡୁଥିବାବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିବାରୁ ବରପାଲି ଥାନା କନବାର ଗ୍ରାମର ଜଣେ ରାଜମିସ୍ତ୍ରୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଅନିରୁଦ୍ଧ ହାତୀ (୨୪)। ଏ ନେଇ ବରପାଲି ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି। ସୂଚନା ଅନୁସାରେ, ମଙ୍ଗଳବାର କନବାର ଗ୍ରାମର ଜଣେ ବ୍ୟକ୍ତିଙ୍କ ଇନ୍ଦିରା ଆବାସ ଘର ଛାତ ପଡୁଥିଲା। ସେଠାରେ ଅନିରୁଦ୍ଧ ରାଜମିସ୍ତ୍ରୀ ଭାବେ କାମ କରୁଥିଲେ। ଅଜାଣତରେ ହାତରେ ଧରିଥିବା ଆଲୁମିନିୟମ ବାଡିଟି ଘର ଉପରେ ଯାଇଥିବା ୧୧କେଭି ତାରରେ ବାଜିଯିବାରୁ ସେ ସେଠାରେ ଟଳି ପଡ଼ିଥିଲେ। ତାଙ୍କୁ ତୁରନ୍ତ ବରପାଲି ସରକାରୀ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ବାଗବାଡି ହାଇସ୍କୁଲରୁ ଚୋରି

ବରପାଲି,୧୨।୯ (ଚିତ୍ତରଞ୍ଜନ ସାହୁ): ବରଗଡ ଜିଲା ବରପାଲି ବ୍ଲକ ବାଗବାଡ଼ି ହାଇସ୍କୁଲରୁ ସୋମବାର ରାତିରେ ଚୋରି ହୋଇଛି। ଏ ନେଇ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ମଙ୍ଗଳବାର ବରପାଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ କରୁଛି। ଅଭିଯୋଗ ଅନୁସାରେ ମଙ୍ଗଳବାର ସକାଳ ୧୦ ଟାରେ ସ୍କୁଲ ଖୋଲିବା ପରେ ବିଜ୍ଞାନାଗାର ଓ ଇ-ଲାଇବ୍ରେରୀରେ କବାଟ ଭଙ୍ଗାଯାଇ ବହୁ ସାମଗ୍ରୀ ଚୋରି ହୋଇଥିବା ଦେଖିବାକୁ ମିଳିଥିଲା। ଫଳରେ ପ୍ରଧାନଶିକ୍ଷୟିତ୍ରୀ ତୁରନ୍ତ ବରପାଲି ଥାନାରେ ଅଭିଯୋଗ କରିଥିଲେ।

### ବିଦ୍ୟାଳୟସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା

ଭେଡ଼େନ,୧୨।୯ (ସୁଦନ ମହାକୁର): ବରଗଡ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ବକଟି ପ୍ରାଥମିକ ବିଦ୍ୟାଳୟରେ ମଙ୍ଗଳବାର ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଆନନ୍ଦ ପଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶିକ୍ଷକ ଗଜପତି ମହାକୁର ମୁଖ୍ୟ ଅତିଥି ଭାବେ ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିଥିଲେ। ସ୍କୁଲ ପରିଚାଳନା କମିଟି ସଭାପତି ଅନ୍ତର୍ଯାମୀ ବେହେରା, ଦୁର୍ଲଭ ଚନ୍ଦ୍ର ଭୋଇ, ସଞ୍ଜୀବ ପଣ୍ଡା, ଉମେଶ ସୂପକାର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମେଳାରେ ୧୪ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ତେନ୍ତୁଲିଟିକ୍ରା ଉ.ପ୍ରା. ସ୍କୁଲର ପ୍ରଧାନ ଶିକ୍ଷକ ପ୍ରସନ୍ନ ସାହୁ, ବୁଲୁ ଶତପଥୀ, ସିଆର୍‌ସିସି ମନୋରଞ୍ଜନ ବେହେରା ପ୍ରମୁଖ ବିଚାରକ ଦାୟିତ୍ୱ ତୁଲାଇଥିଲେ। ପ୍ରତ୍ୟୁଷା ବେହେରା, ତୁଳସୀ ସେଠ, ଲିପ୍‌ସା ନାଏକ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସହକାରୀ ଶିକ୍ଷକ ଜୟକୃଷ୍ଣ ମହାପାତ୍ର, ଶିକ୍ଷୟିତ୍ରୀ ମମତା ବାରିକଙ୍କ ସମେତ ସମସ୍ତ କର୍ମଚାରୀ ମେଳା ପରିଚାଳନା କରିଥିଲେ।

### ଭେଡ଼େନରେ ଖେଳାଳି ଚୟନ ଶିବିର

ଭେଡ଼େନ,୧୨।୯ (ସୁଦନ ମହାକୁର): ବରଗଡ଼ ଜିଲା ଭେଡ଼େନ ବ୍ଲକ ଚିଚିଣ୍ଡା ଶ୍ରମଦାନ ହାଇସ୍କୁଲ ଖେଳ ପଡ଼ିଆରେ ମଙ୍ଗଳବାର ବ୍ଲକସ୍ତରୀୟ ଛାତ୍ରୀଛାତ୍ର ଫୁଟବଲ ଖେଳାଳି ଚୟନ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷାଧିକାରୀ ମଛିନ୍ଦ୍ର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ବ୍ଲକର ୩୦୦ ଛାତ୍ରୀଛାତ୍ର ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ମନୋନିତ ହୋଇଥିଲେ। ଶିବିରରେ ବ୍ଲକର ସମସ୍ତ କ୍ରୀଡ଼ା ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦାନ କରିଥିଲେ। ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶିକ୍ଷକ ସଚ୍ଚିଦାନନ୍ଦ ପଧାନ, ପର୍ଶୁରାମ ପାତ୍ର, କ୍ଷିତେଶ୍ୱର ପଧାନ ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ। ସ୍କୁଲର ପ୍ରଧାନ ଶିକ୍ଷକ ଆନନ୍ଦ ସାହୁ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ରାଜେନ୍ଦ୍ର ସାହୁ ବାର୍ଷିକ କ୍ରୀଡ଼ା ବିବରଣୀ ପଠନ କରିଥିଲେ। ଜଗନ୍ନାଥ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଅଶ୍ୱିନୀ ବରିହା, ବିଜୁଳିବତୀ ଦଲେଇ, ଦେବାନନ୍ଦ ଭୋଇ, ସୁବ୍ରତ ତନସନା, ପ୍ରସନ୍ନ ନାଏକ, ଯୁଧିଷ୍ଠିର ମହାକୁର, ସରୋଜ କର୍ମୀ, ଗୁରୁଦେବ ତ୍ରିପାଠୀ, ରାଜକୁମାର ନାୟର, ଗୁଣବନ୍ତ ସାହୁ, ଉତ୍ତମ ହୋତା, ପ୍ରଶାନ୍ତ ପଣ୍ଡା, ପ୍ରମୋଦ ଦାଶ, ଶ୍ୟାମସୁନ୍ଦର ଭୋଇ ପ୍ରମୁଖ କ୍ରୀଡ଼ା ଶିକ୍ଷକ ସହଯୋଗ କରିଥିଲେ।

# ଗଙ୍ଗାଧର ଥିଲେ କାଳଜୟୀ ଗୀତିକାର

ବରଗଡ଼,୧୨।୯(ପ୍ରେମାନନ୍ଦ ଖମାରୀ)

ତ୍ୟାଗ, ଧର୍ମ, ସମର୍ପଣ ଓ ମୂଲ୍ୟବୋଧର ଅମ୍ଳାନ ଇସ୍ତାହାର ହେଉଛି ଗଙ୍ଗାଧର ସାହିତ୍ୟ। ତାଙ୍କ କାବ୍ୟ ସମ୍ଭାରରେ ରାଜନୈତିକ ଓ ବୈଧାନିକ ଚିନ୍ତାଧାରା ଯେପରି ଉଦ୍ଭାସିତ, ସେହିପରି ସେ ଏବଂ ତାଙ୍କ ଦିବ୍ୟ ସାହିତ୍ୟ ଚିରକାଳ ପ୍ରେରଣାର ଅସରନ୍ତି ଉତ୍ସ ବୋଲି ପଞ୍ଚାୟତ ମହାବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗରେ ଅନୁଷ୍ଠିତ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ୧୬୨ତମ ପୁଣ୍ୟ ଜନ୍ମ ଜୟନ୍ତୀ ସଭାରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ଓଡ଼ିଆ ବିଭାଗ ମୁଖ୍ୟ ଡ. ଶେଷନ ବିଶିଙ୍କ ସଂଯୋଜନାରେ ଅନୁଷ୍ଠିତ ଜୟନ୍ତୀ ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପତିତପାବନ ସାହୁ ପୌରହିତ୍ୟ କରିଥିଲେ। ଏଥିରେ କଳାପାଣିସ୍ଥିତ ମହାତ୍ମାଗାନ୍ଧୀ ମେମୋରିଆଲ ମହାବିଦ୍ୟାଳୟର ଅଧ୍ୟାପକ ମୋହନ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏକ ଭାବଗର୍ଭକ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଗଙ୍ଗାଧର ମେହେରଙ୍କୁ ଜଣେ ସଫଳ ଓ କାଳଜୟୀ ଗୀତିକାର ଭାବେ ଅଭିହିତ କରି ତାଙ୍କ କାବ୍ୟ କବିତାରେ ଉତ୍ତର ଦାୟାଦମାନେ



ଗଙ୍ଗାଧର ମେହେରଙ୍କ ଜୟନ୍ତୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଡ. ଉମେଶ ଚନ୍ଦ୍ର ମହାପାତ୍ର ଗଙ୍ଗାଧରଙ୍କ କାବ୍ୟକୃତିରେ ରାଜନୈତିକ ଓ ବୈଧାନିକ ଚିନ୍ତାଧାରା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସଂସ୍କୃତ ବିଭାଗୀୟ ମୁଖ୍ୟା ପ୍ରଫେସର ସୁଷମା ଗଙ୍ଗାଧର ସାହିତ୍ୟରେ ସମୁଜ୍ଜ୍ୱଳ ଭାରତୀୟ ପରମ୍ପରାର ସ୍ୱରୂପ ସମ୍ପର୍କରେ ଏକ ସୁଚିନ୍ତିତ ଆଲୋଚନା କରିଥିଲେ। ଡକ୍ଟର ଶେଷନ ବିଶି ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ସଭାପତି ଅଭିଭାଷଣରେ ଅଧ୍ୟକ୍ଷ ପ୍ରଫେସର ସାହୁ ସାମ୍ପ୍ରତିକ ପରିପ୍ରେକ୍ଷୀରେ ଗଙ୍ଗାଧର ମେହେରଙ୍କ ପ୍ରାସଙ୍ଗିକତା ଉପରେ ଉଦ୍‌ବୋଧନ ଦେଇଥିଲେ। ଡ. ସୁନୀତା ବେହେରା ଅତିଥି ପରିଚୟ ଏବଂ ଅଧ୍ୟାପକ ମାନଭଞ୍ଜନ ପାଣିଗ୍ରାହୀ ଗଙ୍ଗାଧରଙ୍କ କୃତୀରୁ କିଛି ପଂକ୍ତି ଗାନ କରିଥିଲେ। ଓଡ଼ିଆ ସ୍ନାତକ ବିଭାଗ ଛାତ୍ର ଚିରନ୍ତନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ପ୍ରାଚୀର ପତ୍ରିକା 'ଅନ୍ୱେଷା' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ସଭାରେ ଅଧ୍ୟାପିକା ଛନ୍ଦାରାଣୀ ବେସନ, ନିରୂପମା ଭୁଏ, ବେଣୀ ପଟେଲ, ମୋନାଲିସା ପ୍ରଧାନ, ରାଜଶ୍ରୀ ଭଞ୍ଜ, ଲୀଳିମା ତ୍ରିପାଠୀ, କୋଳି ସାହୁ, ଝରଣା ବିଶ୍ୱାଳ, ଅଧ୍ୟାପକ ରାଜେଶ ସାହୁ, ପ୍ରକାଶ ଭୁଏ, ହୃଦାନନ୍ଦ ପ୍ରମୁଖ ବିଭିନ୍ନ ବିଭାଗର ଅଧ୍ୟାପିକା, ଅଧ୍ୟାପିକା ତଥା ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।



ଅତିଥିଙ୍କ ଗହଣରେ ସେମିନାରର କୃତୀ ଛାତ୍ରୀଛାତ୍ର।

# ଜିଲାସ୍ତରୀୟ ବିଜ୍ଞାନ ସେମିନାର ଉଦ୍‌ଯାପିତ

ବରଗଡ଼,୧୨।୯(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଟୁକୁର୍ଲା ବିଜ୍ଞାନ କେନ୍ଦ୍ର ସଭାଗୃହରେ ଜିଲା ଶିକ୍ଷା କାର୍ଯ୍ୟାଳୟ ଏବଂ ଜିଲା ବିଜ୍ଞାନ ଫୋରମ ଆନୁକୂଲ୍ୟରେ ମଙ୍ଗଳବାର ଜିଲାସ୍ତରୀୟ ବିଜ୍ଞାନ ସେମିନାର ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଜିଲା ବିଜ୍ଞାନ ନିରୀକ୍ଷକ ଧୀରୋଜ କୁମାର ପଟ୍ଟନାୟକ ଜିଲାର ବିଭିନ୍ନ ବିଜ୍ଞାନଭିତ୍ତିକ ସଫଳତା ସହିତ ସେମିନାରର ଆଭିମୁଖ୍ୟ ଏବଂ ନିୟମାବଳୀ ଉପରେ ଆଲୋକପାତ କରିଥିଲେ । ଅତିରିକ୍ତ ଜିଲ ଶିକ୍ଷାଧିକାରୀ ଛତ୍ରପତି ସାହୁ ଏକବିଂଶ ଶତାବ୍ଦୀରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ଉପଯୋଗ ପୂର୍ବକ ମିଲେଟ୍ ଭଳି ପୌଷ୍ଟିକ ଖାଦ୍ୟର ଶରୀର ପ୍ରତି ଆବଶ୍ୟକତା ତଥା ବଜାରଭିତ୍ତିକ ଉପାଦେୟତା ସୃଷ୍ଟି ପାଇଁ ପ୍ରତିଯୋଗୀମାନଙ୍କୁ ଆହ୍ୱାନ ଦେଇଥିଲେ । ଚଳିତବର୍ଷର ବିଜ୍ଞାନ ଆଲୋଚନାଚକ୍ରର ବିଷୟବସ୍ତୁ ମିଲେଟ୍ ବା ଶ୍ରୀଅନ୍ନ: ଏକ ମୂଲ୍ୟବର୍ଦ୍ଧିତ ପୌଷ୍ଟିକ ଅଥବା ଭ୍ରାନ୍ତି ଆହାର ବିଷୟରେ ଜିଲାର ୧୨ ବ୍ଲକରୁ ବିଜୟୀ ହୋଇ ଆସିଥିବା ୨୩ ଜଣ ପ୍ରତିଯୋଗୀ ସେମାନଙ୍କ ସନ୍ଦର୍ଭ ଉପସ୍ଥାପନ କରିଥିଲେ। ଅବସରପ୍ରାପ୍ତ ପ୍ରଫେସର ସୌଭାଗ୍ୟ କୁମାର ପ୍ରଧାନ ଏବଂ ଅବସରପ୍ରାପ୍ତ ପ୍ରାଧ୍ୟାପକ ରାଜକିଶୋର ପ୍ରଧାନ ବିଚାରକ ଭାବେ ଯୋଗଦାନ କରିଥିଲେ। ସେମିନାରରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଗୋବିନ୍ଦପୁରର ଅନୁଭବ ସାହୁ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସେହିପରି ରେମୁଣ୍ଡା ବାଳିକା ବିଦ୍ୟାଳୟର ଛାତ୍ରୀ ଆଦ୍ୟା ବହିଦାର ଦ୍ୱିତୀୟ ଏବଂ ଗାଇସିଲେଟ ସରକାରୀ ଉଚ୍ଚ ବିଦ୍ୟାଳୟର ସ୍ମାରକ କୁମାର ନନ୍ଦ ତୃତୀୟ ହୋଇଥିଲେ। ଜିଲାସ୍ତରରେ ବିଜୟୀ ହୋଇଥିବା ପ୍ରଥମ ୨ଛାତ୍ରୀଛାତ୍ର ରାଜ୍ୟସ୍ତରକୁ ଉନ୍ନୀତ ହୋଇ ଆସନ୍ତା ୨୫ତାରିଖରେ ଭୁବନେଶ୍ୱରରେ ହେବାକୁ ଥିବା ପ୍ରତିଯୋଗିତାରେ ସେମାନଙ୍କ ସନ୍ଦର୍ଭ ଉପସ୍ଥାପନ କରିବେ। ସେମିନାର ଆରମ୍ଭରୁ ବିଜ୍ଞାନ ଶିକ୍ଷକ ସଞ୍ଜୀବ କୁମାର ପ୍ରଧାନ ଏବଂ ବୈଲୋଚନ ପ୍ରଧାନଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ବ୍ଲକରୁ ଆସିଥିବା କୃତୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ କୁଇଜ୍ ପ୍ରତିଯୋଗିତା ହୋଇଥିଲା। ଉଦ୍‌ଯାପନୀ ସମାରୋହରେ ସଭାପତି ତଥା ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଛତ୍ରପତି ସାହୁ ଏବଂ ଉପସ୍ଥିତ ବିଚାରକ ଆଧୁନିକ ବିଜ୍ଞାନ ସହ ସମତାଳ ଦେଇ ଚାଲିବା ସହିତ ରାଜ୍ୟସ୍ତରରେ ସଫଳ ହେବାକୁ ବିଭିନ୍ନ ପରାମର୍ଶ ଦେଇଥିଲେ। ବିଜ୍ଞାନ ଶିକ୍ଷକ ଭବାନୀ ଶଙ୍କର ଗଡ଼ତିଆ ସ୍ୱାଗତ ଭାଷଣ ଦେବା ସହିତ ସଭା ଓ ସେମିନାର ସଂଯୋଜନା କରିଥିଲେ। ବିଜ୍ଞାନ କେନ୍ଦ୍ରର ମୁଖ୍ୟ ଗୋପୀନାଥ ପ୍ରଧାନ, ଶିକ୍ଷକ ସଦାନନ୍ଦ ଜାଲ ଏବଂ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ଜିଲା ବିଜ୍ଞାନ ନିରୀକ୍ଷକ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ନକଲି ଆଦିବାସୀ ହଟାଅ ଦାବିରେ ଅନଶନ

ପଦ୍ମପୁର,୧୨।୯(ପ୍ରଦୀପ୍ତ ଦାଶ)

ନକଲି ଆଦିବାସୀ ହଟାଇବା ଦାବିରେ ପଦ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପଶ୍ଚିମ ଓଡିଶା ଆଦିବାସୀ ମହାସଂଘର ଭାଗିରଥି ଭୁଏ, ଭୂମି ଭୁଏ, ତପିସା ଭୁଏ ଏବଂ ସେବତୀ ଭୁଏ ମଙ୍ଗଳବାର ଆମରଣ ଅନଶନରେ ବସିଛନ୍ତି। ଏହି ଅନଶନକୁ ବହୁ ଆଦିବାସୀ ମହିଳାପୁରୁଷ ସମର୍ଥନ ଜଣାଇଛନ୍ତି। ନୂତନ ଉପଜିଲାପାଳ ଆଲୋକ ପଟେଲ ଅନଶନକାରୀଙ୍କ ସହ ଆଲୋଚନା କରିଥିଲେ। କିନ୍ତୁ ଆଲୋଚନା ବିଫଳ ହୋଇଛି। ପାଇକମାଲ ବ୍ଲକ କାଂସଡା ଗ୍ରାମପଞ୍ଚାୟତର ନକଲି ଆଦିବାସୀ ସମିତି ସଭ୍ୟଙ୍କୁ ହଟାଇ କାର୍ଯ୍ୟାନୁଷ୍ଠାନ ସହ ୧୩ ଦଫା ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଅନଶନ ଜାରି ରହିବ ବୋଲି ସେମାନେ କହିଛନ୍ତି। ଆଦିବାସୀ ନେତା ଗୋବର୍ଦ୍ଧନ ଭୋଏ, ପଶ୍ଚିମ ଓଡ଼ିଶା ଆଦିବାସୀ ମହାସଂଘ ବରଗଡ଼ ଜିଲା ସଭାପତି ଗୋବିନ୍ଦ ବରିହା, ଜିଲା ସମ୍ପାଦକ ତ୍ରିଲୋଚନ ଭୁଏ, ପଦ୍ମପୁର ବ୍ଲକ ସଭାପତି ବାମନ ଧରୁଆ ଓ ଅନ୍ୟ କାର୍ଯ୍ୟକର୍ତ୍ତା ଯୋଗଦାନ କରି ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ ଭୟଙ୍କର ରୂପ ନେବ ବୋଲି କହିଛନ୍ତି।


ପଦ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନଶନ।

# ବରଗଡ଼ ମାଲିପାଲି ଦଳ ବିଜୟୀ

ବରଗଡ଼,୧୨।୯(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମରେ ମଙ୍ଗଳବାର ସୁପ୍ରିୟା ସ୍ମାରକୀ ଜିଲା ଆନ୍ତଃ କ୍ଲବ ଫୁଟବଲ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। କ୍ରୀଡା ସଂସଦ ଉପ ସଭାପତି ଯୁଗଳ ପ୍ରସାଦ ସିଂଙ୍କ ସଭାପତିତ୍ୱ ଓ ସାଧାରଣ ସମ୍ପାଦକ କିଶୋର କୁମାର ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ବରଗଡ ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ରୀଡା ସଂସଦ ପତାକା ଉତ୍ତୋଳନ କରିବା ସହ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ସଚ୍ଚିଦାନନ୍ଦ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ କ୍ରୀଡାବିତ୍ ସୁରସ୍ମିତା ବଗାର, ନମିତା ପ୍ରଧାନ, ପ୍ରତୀକ ମହାରଣା, ନିକିତା ବିଶି, ଅନିତା କୁମ୍ଭାର, ସିଦ୍ଧାନ୍ତ ପ୍ରଧାନ, ପ୍ରବୀଣ ଲୁହା, ସିଞ୍ଚନ ସାହୁ, ଅରୁଣା ବାରିକ, ରାଜ କୁମାର ସାହୁ, ଖୁସି କୁମାରୀ ଦାଶ, କୃପାସିନ୍ଧୁ ଆଚାର୍ଯ୍ୟଙ୍କୁ ପୁରସ୍କୃତ କରାଯାଇଥିଲା। ଅନ୍ୟମାନଙ୍କ



ଉଦ୍‌ଘାଟନୀ ସମାରୋହରେ ଉପସ୍ଥିତ ଅତିଥି।

**ସୁପ୍ରିୟା ସ୍ମାରକୀ ଫୁଟବଲ ଉଦ୍‌ଘାଟିତ**

ମଧ୍ୟରେ ବରଗଡ ପୌର ପରିଷଦ ଅଧ୍ୟକ୍ଷା କଳ୍ପନା ମାଝୀ, କ୍ରୀଡା ସଂସଦ ପ୍ରାକ୍ତନ ସାଧାରଣ ସମ୍ପାଦକ ବିମଳ କିଶୋର ଦେବତା, ଅରୁଣ କୁମାର ମହାନ୍ତି ଓ ପ୍ରଭାତ ଆଦିତ୍ୟ ମିଶ୍ର, ପ୍ରସନ୍ନ ମିଶ୍ର, ଜିଲା କ୍ରୀଡା ଅଧିକାରୀ ତୁଷାରକାନ୍ତି ମିଶ୍ର, କ୍ରିକେଟ ଆସୋସିଏଶନ ସଭାପତି ହରିହର ପ୍ରଧାନ, କ୍ରୀଡା ସମ୍ପାଦକ ହରଦିପ ସିଂ ପ୍ରମୁଖ ମଞ୍ଚାସୀନ ଥିଲେ। ମାଲିପାଲି ଓ ବରଗାଁ ମଧ୍ୟରେ ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ଖେଳ ଶେଷ ବେଳକୁ ଉଭୟ ଦଳ ୧- ୧ ଗୋଲ ଦେଇ ବରାବର ସ୍ଥିତିରେ ରହିଥିଲେ। ଫଳରେ ପେନାଲ୍ଟି ସୁଟ ଆଉଟରେ ମାଲିପାଲି ୪-୨ ଗୋଲରେ ବିଜୟୀ ହୋଇଥିଲା। ଗୋପାଳ ନାୟକ ମ୍ୟାଚ୍ ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନରେ ଶୁଭମ ପାତ୍ର ଓ ବଣ୍ଟି ପ୍ରଧାନ ସହଯୋଗ କରିଥିଲେ । ଶଙ୍କର୍ଷଣ ପ୍ରଧାନ ଚତୁର୍ଥ ରେଫରୀ ଥିଲେ ।

# ୭ ଗିରଫ, ୭ ବାଇକ୍ ଜବତ

ଭେଡ଼େନ,୧୩।୯(ସୁଦନ ମହାକୁର)

**ବାଇକ୍ ଚୋରି ର୍ୟାକେଟ ଠାବ**

ବରଗଡ଼ ଜିଲା ଭେଡ଼େନ ଥାନା ଏବଂ ରକ୍ଷୁଡ଼ା ଫାଣ୍ଡି ପୋଲିସ ଏକ ବାଇକ୍ ଚୋରି ର୍ୟାକେଟକୁ ଠାବ କରିଛି। ଏହି ଘଟଣାରେ ୨ଜଣ ନାବାଳକଙ୍କ ସମେତ ୭ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ମେହେନା ଗ୍ରାମର ପ୍ରକାଶ ଉର୍ମା, ରାହୁଲ ଲୁହା, ରଞ୍ଜନ ଉର୍ମା, ବରଗଡ଼ ଟାଉନ ଥାନା କଟାପାଲି ଗ୍ରାମର ପ୍ରକାଶ ମଲ୍ଲିକ, ଚୋରି ବାଇକ୍‌କୁ କିଣିଥିବା ସମ୍ବଲପୁର ସଦର ଥାନା ଠେମରା ଗ୍ରାମର ଆର୍ଯ୍ୟନ ବେସନ ଏବଂ ଦୁଇ ନାବାଳକ। ସମସ୍ତ ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ୫ ଜଣଙ୍କୁ ବରଗଡ଼ ବିଚାର ବିଭାଗୀୟ ହାଜତ ଏବଂ ୨ ନାବାଳକଙ୍କୁ ରାଉରକେଲା ସ୍ଥିତ ବାଳ ସୁଧାର ଗୃହକୁ ପଠାଯାଇଛି। ଏ ନେଇ ଭେଡ଼େନ ଥାନାରେ ଏକ ମାମଲା (ନଂ.୨୮୫।୨୩) ରୁଜୁ ହୋଇଛି ।

ସୂଚନା ଅନୁସାରେ, ଗତ ରବିବାର ବ୍ରାହ୍ମଣଟୁରୁମ ଗ୍ରାମର ରଜତ ତରିଆ ଏକ ବାଇକ୍ (ନଂ.ଓଡ଼ି୧୭ଏସ/୫୭୭୧) ମହୁଲପାଲି ଗ୍ରାମକୁ ରାଜମିସ୍ତ୍ରୀ କାମ କରିବାକୁ ଯାଇଥିଲେ। ସେ କାମ କରୁଥିବା ବେଳେ ମଧ୍ୟାହ୍ନରେ ମେହେନା ଓ ପପଙ୍ଗା ଗ୍ରାମର ୨ ନାବାଳକ ମାଷ୍ଟର କି ଲଗାଇ ବାଇକ୍ ଧରି ପଳାଇଥିଲେ। ଏହି ସମୟରେ ଲୋକେ ଉଭୟଙ୍କୁ କାବୁକରି ପୋଲିସକୁ ଜିମା ଦେଇଥିଲେ। ପୋଲିସ ତାଙ୍କ ପାଖରୁ ୭ଟି ଗାଡ଼ି ଜବତ କରିଥିଲା। ଫାଣ୍ଡି ଅଧିକାରୀ ପ୍ରମୋଦ କୁମାର ସାହୁ ଘଟଣାର ଅଧିକ ତଦନ୍ତ କରୁଛନ୍ତି ।


ଗିରଫ ଅଭିଯୁକ୍ତ ଏବଂ ଜବତ ବାଇକ୍।

# କ୍ରୀଡ଼ା ଛାତ୍ରାବାସ ଉଦ୍‌ଘାଟନ, ପ୍ରତିମୂର୍ତ୍ତି ଉନ୍ମୋଚନ

ବରଗଡ,୧୨।୯(ପ୍ରେମାନନ୍ଦ ଖମାରୀ)

ଜନସାଥୀ ଲେଙ୍ଗୁ ମିଶ୍ରଙ୍କ ୨୯ତମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମରେ ମଙ୍ଗଳବାର ଜିଲା କ୍ରୀଡା ସଂସଦ ପକ୍ଷରୁ ନିର୍ମିତ ନୂତନ କ୍ରୀଡା ଛାତ୍ରାବାସ, ଷ୍ଟାଡିୟମ ନବୀକରଣ କାର୍ଯ୍ୟ ଉଦ୍‌ଘାଟିତ ହୋଇଛି। ଏହାସହ ସ୍ୱର୍ଗତ ଲେଙ୍ଗୁ ମିଶ୍ର ଓ ଧର୍ମରାଜ ପ୍ରସାଦ ସିଂଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଛି। ଏହି ଉପଲକ୍ଷେ ଜିଲା କ୍ରୀଡା ସଂସଦ ଉପସଭାପତି ଯୁଗଳ ପ୍ରସାଦ ସିଂଙ୍କ ସଭାପତିତ୍ୱ ଓ ସାଧାରଣ ସମ୍ପାଦକ କିଶୋର କୁମାର ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ବରଗଡ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏସବୁକୁ ଉଦ୍‌ଘାଟନ କରିଥିଲେ। ସଚ୍ଚିଦାନନ୍ଦ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ବରଗଡ ପୌର ପରିଷଦ ଅଧ୍ୟକ୍ଷା କଳ୍ପନା ମାଝୀ, କ୍ରୀଡା ସଂସଦ ପ୍ରାକ୍ତନ ସାଧାରଣ ସମ୍ପାଦକ ବିମଳ କିଶୋର ଦେବତା, ଅରୁଣ କୁମାର ମହାନ୍ତି ଓ ପ୍ରଭାତ ଆଦିତ୍ୟ ମିଶ୍ର, ପ୍ରସନ୍ନ ମିଶ୍ର, ଜିଲା କ୍ରୀଡା ଅଧିକାରୀ ତୁଷାରକାନ୍ତି ମିଶ୍ର, ଜିଲା କ୍ରିକେଟ ଆସୋସିଏଶନର ସଭାପତି ହରିହର ପ୍ରଧାନ, କ୍ରୀଡା ସମ୍ପାଦକ ହରଦୀପ ସିଂ ପ୍ରମୁଖ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ରୀଡା ସଂସଦର କୋଷାଧ୍ୟକ୍ଷ ଶୁଭ୍ରାଂଶୁ ଶେଖର ମହାପାତ୍ର, ଫୁଟବଲ ସମ୍ପାଦକ ସେକ ସବଦର୍, ଇଣ୍ଡୋର ଗେମ୍ସ ସମ୍ପାଦକ ରବି ପଣ୍ଡା, ଆଉଟଡୋର ଗେମ୍ସ ସମ୍ପାଦକ ସୁରେଶ ଦାଶ, କାଉନସିଲ ସଦସ୍ୟ ପ୍ରଦୀପ ସାହୁ, ଦିଲୀପ ସାଓଡ଼ିଆ, ବରିଷ୍ଠ ସଦସ୍ୟ ପ୍ରିତମ ସିଂ, ନନ୍ଦ କୁମାର ମିଶ୍ର, ଜ୍ଞାନ ରଞ୍ଜନ ପୂଜାରୀ, ଅତିଶ ପଣ୍ଡା, କମଳ ଲୋଚନ ନାୟକ, ପ୍ରଦୀପ ପ୍ରଧାନ, ମନୋରଞ୍ଜନ କୁମ୍ଭାର, ଅଶୋକ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।


ଅତିଥିମାନେ ପ୍ରତିମୂର୍ତ୍ତି ଉନ୍ମୋଚନ କରୁଛନ୍ତି।

# ସାଂସ୍କୃତିକ କାର୍ଯ୍ୟକ୍ରମକୁ ପେଣ୍ଡାଲ ନାହିଁ

## ରିକ୍ରିଏଶନ କେନ୍ଦ୍ର ଭଙ୍ଗାଗଲା

ପଦ୍ମପୁର ୧୨।୯ (ପ୍ରଦୀପ୍ତ ଦାଶ)

ପଦ୍ମପୁର ସହରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ସ୍ଥାନର ଅଭାବ ଦେଖାଦେଇଛି। ସ୍ଥାନୀୟ ରିକ୍ରିଏଶନ ସେଣ୍ଟରରେ ପ୍ରାୟ ଅଧିକାଂଶ କାର୍ଯ୍ୟକ୍ରମ କରାଯାଉଥିଲା। ତେବେ ଏହାର ଉନ୍ନତୀକରଣ ନାମରେ ପ୍ରଶାସନ ପକ୍ଷରୁ ଗତ ଅଗଷ୍ଟ ୧୦ତାରିଖରେ ଭାଙ୍ଗି ଦିଆଯାଇଛି। ବର୍ତ୍ତମାନ ସୁଦ୍ଧା ଏହାର କାମ ଆରମ୍ଭ ହୋଇନାହିଁ। ସାଂସ୍କୃତିକ, ସାହିତ୍ୟ, କଳା ପ୍ରେମୀମାନେ ରିକ୍ରିଏଶନ ସେଣ୍ଟରରେ ଅତ୍ୟାଧୁନିକ ରଙ୍ଗମଞ୍ଚ ସହ ଅଡିଟୋରିୟମ ନିର୍ମାଣ କରିବାକୁ ଦାବି କରିଛନ୍ତି। ପ୍ରତିବର୍ଷ ଏହି ସେଣ୍ଟରରେ ଏବିସିଡି ଅନୁଷ୍ଠାନ ତାର ବାର୍ଷିକୋତ୍ସବ କରିଆସୁଥିଲା। ଚଳିତବର୍ଷ ଉକ୍ତ ଅନୁଷ୍ଠାନ ରୌପ୍ୟ ଜୟନ୍ତୀ ପାଳନ କରିବାକୁ ଯାଉଥିବା ବେଳେ ଏଥିପାଇଁ ପେଣ୍ଡାଲ ଅଭାବ ରହିଛି। ସହରରେ ରିକ୍ରିଏଶନ ସେଣ୍ଟର ପରି ମୁକ୍ତାକାଶ ରଙ୍ଗମଞ୍ଚ ନ ଥିବାରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ବହୁ ଅସୁବିଧା ହେଉଛି। ସହରବାସୀଙ୍କ ସାମୂହିକ ସ୍ୱାର୍ଥ ଦୃଷ୍ଟିରୁ ଅଡିଟୋରିୟମ ନିର୍ମାଣ କରାଗଲେ ଭବିଷ୍ୟତରେ କଳା, ସାହିତ୍ୟ, ସଂସ୍କୃତିର ପ୍ରତିଫଳନ ହେବ ବୋଲି ମତପ୍ରକାଶ ପାଇଛି।

# ଝାରବନ୍ଧ କଲେଜରେ ଗଙ୍ଗାଧର ମେହେର ଜୟନ୍ତୀ

ଝାରବନ୍ଧ,୧୨।୯(ଦେବେନ୍ଦ୍ର ସାହୁ)

ଝାରବନ୍ଧ ଜୁନିୟର କଲେଜରେ ସଭାବ କବି ଗଙ୍ଗାଧର ମେହେରଙ୍କ ୧୬୨ତମ ଜୟନ୍ତୀ ମଙ୍ଗଳବାର ପାଳିତ ହୋଇଯାଇଛି। ଜୁନିୟର କଲେଜ ଅଧ୍ୟକ୍ଷ ପ୍ରମୋଦ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡିଗ୍ରୀ କଲେଜ ଅଧ୍ୟକ୍ଷ ଶ୍ୟାମସୁନ୍ଦର ବେହେରା ମୁଖ୍ୟ ଅତିଥି, ଓଡ଼ିଆ ଅଧ୍ୟାପିକା ସୁଶ୍ରୀ ସବିତା ଭୋଇ, ମଧୁମିତା ପ୍ରଧାନ ମୁଖ୍ୟ ବକ୍ତା ଭାବେ ଯୋଗଦାନ କରି କବିଙ୍କ ଜୀବନୀ ଓ ମେହେର ସାହିତ୍ୟ ଉପରେ ବିଶଦ ଆଲୋଚନା କରିଥିଲେ। ଚିନ୍ତାମଣି ମିଶ୍ର ସଭା ପରିଚାଳନା କରିଥିବା ବେଳେ ଅଧ୍ୟାପକ କାର୍ତ୍ତିକ ବରିହା ଧନ୍ୟବାଦ ଅର୍ପଣ କରିଥିଲେ। ବେଣୁଧର ପାଣିଗ୍ରାହୀ, ଉମେଶ ସାହୁ, ମେଘନାଦ ସୁନା ସହଯୋଗ କରିଥିଲେ। ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ସଂକ୍ଷେପରେ

### ଆଇଇଡି ବ୍ଲାଷ୍ଟରେ ଜଣେ ମୃତ

ରାଉରକେଲା, ୧୨।୯(ସଙ୍ଗୀତା ଜେନା): ଓଡ଼ିଶା ସୀମାନ୍ତ ଗୋଏଲକେରା ଥାନା ଅନ୍ତର୍ଗତ କୁଇଡ଼ା-ହାଥିବୁରୁ ନିକଟରେ ଥିବା ସୁଜନ କୋଚା ରାସ୍ତାରେ ମଙ୍ଗଳବାର ମାଓବାଦୀମାନେ ଖଞ୍ଜିଥିବା ଆଇଇଡ଼ି ବ୍ଲାଷ୍ଟରେ ଏକ ଟ୍ରାକ୍ଟର କ୍ଷତିଗ୍ରସ୍ତ ହୋଇଛି। ଏହି ଦୁର୍ଘଟଣାରେ ଟ୍ରାକ୍ଟର ଚାଳକ ପକଲୁ ବୋଦ୍ରା(୨୬) ଓ ହେଲପର ଲୋବୋ ଗୋପ(୨୫) ଗୁରୁତର ହୋଇଥିଲେ। ସେମାନଙ୍କୁ ସଦର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ହେଲପର ଲୋବୋଙ୍କ ମୃତ୍ୟୁ ହୋଇଥିବା ସିଆରପିଏଫ ପକ୍ଷରୁ କୁହାଯାଇଛି।

### ବାପାଙ୍କୁ ହତ୍ୟା ଉଦ୍ୟମ, ପୁଅ ଗିରଫ

ରାଉରକେଲା, ୧୨।୯(ସଙ୍ଗୀତା ଜେନା): ଝିରପାଣି ଥାନା ମସଜିଦ୍ ଟୋଲାରେ ରହୁଥିବା ଅମିରୁଦ୍ଦିନ ମିଆଁଙ୍କୁ ତଣ୍ଟି ଚିପି ମାରିବାକୁ ଉଦ୍ୟମ କରିବା ଅଭିଯୋଗରେ ପୋଲିସ ମଙ୍ଗଳବାର ତାଙ୍କ ପୁଅ ସିରାଜ ମିଆଁଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏ ନେଇ ପୋଲିସ ଏକ ମାମଲା (ନଂ.୮୨/୨୩) ରୁଜୁ କରିଛି।

### ବାସନ୍ତୀ କଲୋନୀ ଏବିସି ଦୁର୍ଗାପୂଜା କମିଟି ଗଠନ

ରାଉରକେଲା, ୧୨।୯(ଦିନେଶ ମିଶ୍ର): ବାସନ୍ତୀ କଲୋନୀସ୍ଥିତ ଏବିସି ବ୍ଲକ ଦୁର୍ଗାପୂଜା ପରିଚାଳନା ସମିତି ପୁନର୍ଗଠନ କରାଯାଇଛି। ବରିଷ୍ଠ କର୍ମକର୍ତ୍ତା ଶୈଳବାଳା ସେନଙ୍କ ଅଧ୍ୟକ୍ଷତା ଓ ସପନ ପଣ୍ଡାଙ୍କ ଆବାହକତ୍ୱରେ ଆୟୋଜିତ ବୈଠକରେ ଆସନ୍ତା ଦୁଇବର୍ଷ ପାଇଁ କମିଟି ଗଠନ କରାଯାଇଥିଲା। ସର୍ବସମ୍ମତିକ୍ରମେ ସଭାପତି ଭାବେ ଶୈବାଳ ସେନ, କାର୍ଯ୍ୟକାରୀ ସଭାପତି ସପନ ପଣ୍ଡା, ଉପସଭାପତି ସୁରନ ନାୟକ, ଜନରଞ୍ଜନ ମିଶ୍ର, ରାଧାନାଥ ରାଉତ, ଅନୀଲ ପଣ୍ଡା, ଶ୍ୟାମଳ ବାରିକ, ସାଧାରଣ ସମ୍ପାଦକ ଭାବେ କେଦାର ନାୟକ, ସହ ସମ୍ପାଦକ ଭାବେ ସୁଧାଂଶୁ ପଣ୍ଡା, କୋଷାଧ୍ୟକ୍ଷ ମାନସ ପଟ୍ଟନାୟକ, ସାଙ୍ଗଠନିକ ସମ୍ପାଦକ ଭାବେ ଦୁର୍ଗା ମହାନ୍ତି, ସାଂସ୍କୃତିକ ସମ୍ପାଦକ ଭାବେ ରାଜକିଶୋର ନାୟକ ପ୍ରମୁଖଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି।

### ରୋଟାରୀ କ୍ଲବ ଅଫ୍ ରାଉରକେଲାର ଭାଇବ୍ରାଣ୍ଟ ସ୍ଥାପନ ଦିବସ

ରାଉରକେଲା, ୧୨।୯(ଦିନେଶ ମିଶ୍ର): ରାଉରକେଲା ରୋଟାରୀ କ୍ଲବ ଅଫ୍ ଭାଇବ୍ରାଣ୍ଟର ଦ୍ୱିତୀୟ ସ୍ଥାପନ ଦିବସ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଅନୁଷ୍ଠାନର ସଭାପତି ରୋଟାରିଆନ ଗଣେଶ୍ୱର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ରୋଟାରିଆନ ମନଜିତ ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଦିବସର ପାଳନ ଉଦ୍ଦେଶ୍ୟ କହିଥିଲେ। ସମ୍ମାନିତ ଅତିଥି ଭାବେ ଅସୀମା ଚକ୍ରବର୍ତ୍ତୀ ଓ ଉପଦେଷ୍ଟା ରୋଟାରିଆନ ଆଲାମ ସିଂ ରୁପ୍ରା ଉପସ୍ଥିତ ଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ପ୍ରଶାନ୍ତ ରଞ୍ଜନ ପାତ୍ର ଓ ଡ. ସଂଯୁକ୍ତା ପତି ମଞ୍ଚାସୀନ ଥିଲେ। ପରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଡ. ମୀନତି ପଣ୍ଡା ଉତ୍ସବ ସଂଯୋଜନା କରିଥିବାବେଳେ ସଂଯୁକ୍ତା ପତି ଧନ୍ୟବାଦ ଅର୍ପଣ କରିଥିଲେ।




ମଙ୍ଗଳବାର ଜଗଦା ନୀଳଶୈଳ କଲେଜ ସମ୍ମୁଖରେ ଅଧ୍ୟାପିକା ଅଧ୍ୟାପକମାନେ ଶାନ୍ତିପୂର୍ଣ୍ଣ ପ୍ରତିବାଦ କରୁଛନ୍ତି।

## ଏସ୍ଏସ୍‌ବି ଅଧ୍ୟାପକଙ୍କ ଶାନ୍ତିପୂର୍ଣ୍ଣ ପ୍ରତିବାଦ

ରାଉରକେଲା, ୧୨।୯(ସଙ୍ଗୀତା ଜେନା)

ଓଡ଼ିଶା ଷ୍ଟେଟ ସିଲେକସନ ବୋର୍ଡ ଲେକ୍ଚର୍ସ ଆସୋସିଏଶନ(ଓସ୍ଲା)ର ଆହ୍ୱାନକ୍ରମେ ମଙ୍ଗଳବାର ବିଭିନ୍ନ କଲେଜର ଅଧ୍ୟାପକମାନେ କଳାବ୍ୟାଜ୍ ପରିଧାନ କରି ପ୍ରତିବାଦ କରିଛନ୍ତି। ବିଭିନ୍ନ ମହାବିଦ୍ୟାଳୟରେ ଅବସ୍ଥାପିତ ଏସ୍ଏସ୍‌ବି ଅଧ୍ୟାପିକା ଓ ଅଧ୍ୟାପକମାନେ ପାରମ୍ଭିକ ଗ୍ରେଡ୍ ପେକୁ ୪୬୦୦-୫୪୦୦ ଟଙ୍କା ବୃଦ୍ଧି ପାଇଁ ଏହି କଳାବ୍ୟାଜ ପରିଧାନ ବିରୋଧ ପ୍ରଦର୍ଶନ କରିଥିଲେ। ସେମାନେ ଗୁରୁଦିବସ ଠାରୁ କଳାବ୍ୟାଜ ପରିଧାନ କରି ଦାବି କରିଆସୁଛନ୍ତି। ହେଲେ ପରେ ସେମାନଙ୍କ ଦାବିଗୁଡ଼ିକ ପ୍ରତି ଦୃଷ୍ଟି ଦିଆ ନ ଯିବାରୁ ପ୍ରତୀକାତ୍ମକ ବିକ୍ଷୋଭ ପ୍ରଦର୍ଶନ ପାଇଁ ନିଷ୍ପତ୍ତି ନିଆଯାଇଛି। ସୂଚନାଯୋଗ୍ୟ, ରାଜ୍ୟ ସରକାରଙ୍କ ଦ୍ୱାରା ୨୦୧୬-୨୨ ଯାଏ ଅନୁଦାନପ୍ରାପ୍ତ କଲେଜ ଗୁଡ଼ିକରେ ଶିକ୍ଷା ବ୍ୟବସ୍ଥାରେ ସୁଧାର ଆଣିବାକୁ ୩ ହଜାର ଅଧ୍ୟାପିକା ଅଧ୍ୟାପକଙ୍କୁ ଏସଏସବି ଦ୍ୱାରା ନିଯୁକ୍ତ କରାଯାଇଥିଲା। ତେବେ ୮ବର୍ଷ ହେଲା ସେମାନଙ୍କ ଦାବି ପୂରଣ ହୋଇପାରିନାହିଁ। ସରକାର ତୁରନ୍ତ ଏସ୍ଏସ୍‌ବି ଅଧ୍ୟାପକଙ୍କ ଦାବି ପୂରଣ କରନ୍ତୁ ବୋଲି ଏସ୍ଏସ୍‌ବି ଓଡ଼ିଶା ସଂଘ ସଭାପତି ସରୋଜକାନ୍ତ ନାୟକ କହିଛନ୍ତି। ମଙ୍ଗଳବାର ନୀଳଶୈଳ କଲେଜରେ ଅଧ୍ୟାପିକା ଅଧ୍ୟାପକ ବିକ୍ଷୋଭ କରିଥିଲେ। ସେହିପରି ଅନ୍ୟ ମହାବିଦ୍ୟାଳୟରେ ଏଭଳି ବିକ୍ଷୋଭ ପ୍ରଦର୍ଶନ କରାଯାଇଛି।

# ମଧ୍ୟାହ୍ନ ପରେ ମିଳୁନି ରୋଗୀସେବା

ରାଉରକେଲା, ୧୨।୯(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସରକାରୀ ମେଡିକାଲର ବହିଃ ବିଭାଗରେ ରୋଗୀମାନଙ୍କୁ ଉପଯୁକ୍ତ ଚିକିତ୍ସା ସେବା ମିଳୁନାହିଁ। ପ୍ରତିଦିନ ମଧ୍ୟାହ୍ନ ପରେ ଡାକ୍ତର ରହୁ ନ ଥିବାରୁ ଏଭଳି ପରିସ୍ଥିତି ଉପୁଜିଛି ବୋଲି କିଛି ରୋଗୀଙ୍କ ସମ୍ପର୍କୀୟ ଅଭିଯୋଗ କରିଛନ୍ତି। ଏ ନେଇ ତଦନ୍ତ କରି ପଦକ୍ଷେପ ନେବାକୁ ସେମାନେ ଦାବି ଜଣାଇଛନ୍ତି।

ସୂଚନା ଅନୁସାରେ, ୪ଶହ ଶଯ୍ୟା ବିଶିଷ୍ଟ ରାଉରକେଲା ସରକାରୀ ଡାକ୍ତରଖାନା (ଆର୍‌ଜିଏଚ୍)କୁ ରାଉରକେଲା ସମେତ ଆଖପାଖ ଅଞ୍ଚଳ ତଥା ପଡୋଶୀ ଝାଡ଼ଖଣ୍ଡ ସୀମାନ୍ତ ଅଞ୍ଚଳରୁ ପ୍ରତିଦିନ ୫ଶହରୁ ଊର୍ଦ୍ଧ୍ୱ ରୋଗୀ ଆସି ଚିକିତ୍ସିତ ହେଉଛନ୍ତି। ଅନ୍ୟପଟେ ଆର୍‌ଜିଏଚ୍ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ଭଳି ମାନ୍ୟତା ପାଇଛି। ମାତ୍ର କ୍ୟାପିଟାଲ ହସ୍ପିଟାଲ ଭଳି ଉନ୍ନତ ସ୍ୱାସ୍ଥ୍ୟସେବା ରୋଗୀମାନଙ୍କୁ ମିଳି ପାରୁ ନ ଥିବା ସୋମବାର ଆର୍‌ଜିଏଚ୍ ନିକଟସ୍ଥ ଆଶ୍ରୟ ଗୃହରେ ଚିକିତ୍ସା ପାଇଁ ଆଶ୍ରୟ ନେଇଥିବା ରୋଗୀମାନେ ଅଭିଯୋଗ କରିଛନ୍ତି। ରାଉରକେଲା ସରକାରୀ ଡାକ୍ତରଖାନାରେ ରୋଗୀମାନଙ୍କୁ ଏଯାଏ ଚିକିତ୍ସା ପାଇଁ ଅନ୍‌ଲାଇନ୍ ପଞ୍ଜୀକରଣ ସୁବିଧା ମିଳିପାରିନାହିଁ। ଏଥିପାଇଁ



ଆର୍‌ଜିଏଚ୍ ବହିଃ ବିଭାଗରେ ରୋଗୀଙ୍କ ଭିଡ଼।

ସେମାନେ ଘଣ୍ଟା ଘଣ୍ଟା ଧରି ଲାଇନ୍ ଲଗାଉଛନ୍ତି। ଆର୍‌ଜିଏଚ୍‌ରେ ବିଭିନ୍ନ ବିଭାଗରେ ମୋଟ୍ ୯୨ଟି ପଦବୀ ରହିଥିବା ବେଳେ ମାତ୍ର ୪୨ଜଣ ପ୍ରଶାସନିକ, ବିଶେଷଜ୍ଞ ଡାକ୍ତର, ନର୍ସ, ଫାର୍ମାସିଷ୍ଟ ଏବଂ ଚତୁର୍ଥ ଶ୍ରେଣୀ କର୍ମଚାରୀରେ ଚାଲିଛି। ୫୦ଟି ପଦବୀ ଖାଲି ପଡିଛି। ମାତ୍ର ୧୩ ଜଣ ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ରୋଗୀସେବା କରାଯାଉଛି। ସେହିପରି ମଧ୍ୟାହ୍ନ ୧୨ଟା ପରେ ଆର୍‌ଜିଏଚ୍ ବହିଃ ବିଭାଗରେ ବିଶେଷଜ୍ଞ ଡାକ୍ତର ରହୁ ନ ଥିବାରୁ ରୋଗୀସେବା ବ୍ୟାହତ ହେଉଛି ବୋଲି ଅଭିଯୋଗ ହେଉଛି। ଏ ଦିଗରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଚିକିତ୍ସା ପାଇଁ ଅପେକ୍ଷାରେ ରହିଥିବା ସୁନ୍ଦରଗଡର ମଗଦଲି ନାଇକ, ଅନିମା ନାଇକ, ରଶ୍ମିତା ସିଂ ଓ ବାସନ୍ତୀ ନାଏକ ପ୍ରମୁଖ ଦାବି କରିଛନ୍ତି।

ତେବେ ଆର୍‌ଜିଏଚ୍ ନିକଟ ଆଶ୍ରୟସ୍ଥଳୀ ସିଲ୍ଟର ମ୍ୟାନେଜର ବିଶ୍ୱଜିତ ଦାଶ କୁହନ୍ତି, ଆର୍‌ଏମ୍‌ସି ପକ୍ଷରୁ ଆର୍‌ଜିଏଚ୍ ନିକଟରେ ଆଶ୍ରୟସ୍ଥଳ ରହିଛି। ଏହା ୫୦ଶଯ୍ୟା ବିଶିଷ୍ଟ। ଆରଜିଏଚରେ ଚିକିତ୍ସା ହେବା ପାଇଁ ବର୍ତ୍ତମାନ ଏଠାରେ

### ଆର୍‌ଜିଏଚ୍ ବହିଃ ବିଭାଗ

୪୨ଜଣ ରୋଗୀ ଆଶ୍ରୟ ନେଇଛନ୍ତି। ମାତ୍ର ବହିଃ ବିଭାଗରେ ଦିନ ୧୨ଟା ପରେ ବିଶେଷଜ୍ଞ ଡାକ୍ତର ରହୁ ନ ଥିବାରୁ ରୋଗୀମାନେ ଦୀର୍ଘଦିନ ହେଲା ଚିକିତ୍ସା ଆଶାରେ ଏଠାରେ ଆଶ୍ରୟ ନେଇଛନ୍ତି ବୋଲି ସେ କହିଥିଲେ। ଝାଡ଼ଖଣ୍ଡରୁ ଆସିଥିବା ରୋଗୀ ପ୍ରେଣ ସର୍ପଣ ଲାକ୍ରା କୁହନ୍ତି, ଆରଜିଏଚ ବହିର୍ବିଭାଗ ବିଶେଷଜ୍ଞ ଡାକ୍ତରଙ୍କ ଦିନ ୧୨ଟା ପରେ ଦେଖା ମିଳୁନାହିଁ । ଫଳରେ ଗୋଟିଏ ଦିନର ଚିକିତ୍ସା ପାଇଁ ୪/୫ଦିନ ହେଲା ଏଠାରେ ରହିଛି ବୋଲି ସେ କହିଥିଲେ। ଏ ନେଇ ଆର୍‌ଜିଏଚ୍ ନିର୍ଦ୍ଦେଶକ ସନ୍ତୋଷ କୁମାର ସ୍ୱାଇଁଙ୍କୁ ପଚାରିବାରୁ ସେ କହିଲେ, ଆଖପାଖ ହସ୍ପିଟାଲରେ ରୋଗୀମାନଙ୍କ ପାଇଁ ଆବଶ୍ୟକ ଶଯ୍ୟା ମିଳୁନାହିଁ। ଏଣୁ ସମସ୍ତେ ଆର୍‌ଜିଏଚ୍ ଉପରେ ନିର୍ଭର କରୁଛନ୍ତି। ଏହାସହ ଝାଡ଼ଖଣ୍ଡରୁ ୩୦ପ୍ରତିଶତ ରୋଗୀ ଏଠାକୁ ଦୈନିକ ଆସୁଛନ୍ତି। ବହିଃ ବିଭାଗରେ ରୋଗୀଙ୍କ ପ୍ରବଳ ଭିଡ଼ ହେଉଛି। ମାତ୍ର ବହିଃ ବିଭାଗରେ ମଧ୍ୟାହ୍ନ ୧୨ଟା ପରେ ବିଶେଷଜ୍ଞ ଡାକ୍ତର ବିରତି ନେଉଥିବା ମୋ ପାଖରେ ସୂଚନା ନାହିଁ। ଆଗକୁ ଏ ଦିଗରେ ବିଚାରବିମର୍ଶ କରି ପଦକ୍ଷେପ ନିଆଯିବ ବୋଲି ସ୍ୱାଇଁ କହିଥିଲେ।

## ସ୍ୱଚ୍ଛତା ଉପରେ ଗୁରୁତ୍ୱାରୋପ

ରାଉରକେଲା, ୧୨।୯(ବିପ୍ଳବ ରଞ୍ଜନ ଦାଶ)

### ପ୍ରଶାସନର ଶାରଦୀୟ ପୂଜା ପ୍ରସ୍ତୁତି

ଶାରଦୀୟ ଦୁର୍ଗାପୂଜା, ଲକ୍ଷ୍ମୀପୂଜା ଓ କାଳୀପୂଜା ପାଳନ ନେଇ ରାଉରକେଲା ଅତିରିକ୍ତ ଜିଲାପାଳ ଡା. ଶୁଭଙ୍କର ମହାପାତ୍ରଙ୍କ ଅଧକ୍ଷତାରେ ମଙ୍ଗଳବାର ଏକ ପ୍ରସ୍ତୁତି ବୈଠକ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପ୍ରତି ଦୁଇବର୍ଷରେ କେନ୍ଦ୍ରୀୟ ପୂଜା କମିଟି ନିର୍ବାଚନ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଗତବର୍ଷ ନିର୍ବାଚିତ ସଦସ୍ୟମାନେ ଚଳିତବର୍ଷ କେନ୍ଦ୍ରୀୟ ପୂଜା କମିଟି ସଦସ୍ୟ ରହିବା ପାଇଁ ସ୍ଥିରୀକୃତ ହୋଇଥିଲା। ପୂଜାମଣ୍ଡପ ଚତୁପାର୍ଶ୍ୱ ସମ୍ପୂର୍ଣ୍ଣ ପରିଷ୍କାର ପରିଚ୍ଛନ୍ନ ରଖିବାକୁ ଅତିରିକ୍ତ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ପରିସ୍କାର ପରିଚ୍ଛନ୍ନ ନ ରଖିଲେ ଆର୍ଥିକ ଜାରିମନା ଭରିବାକୁ ପଡିବ ବୋଲି ସେ କହିଥିଲେ। ସେହିପରି ଠିକ୍ ଭାବେ ସ୍ୱଚ୍ଛତା ନିୟମ ପାଳନକାରୀ ଶ୍ରେଷ୍ଠ ୩ ପୂଜା କମିଟିକୁ ଆର୍ଥିକ ପୁରସ୍କାର ପ୍ରଦାନ କରାଯିବ। ପ୍ରଥମ ପୁରସ୍କାର ୨୦ହଜାର, ଦ୍ୱିତୀୟ ପୁରସ୍କାର ୧୫ହଜାର ଓ ୩ୟ ପୁରସ୍କାର ୧୦ହଜାର ଟଙ୍କା ରହିବ ବୋଲି ଅତିରିକ୍ତ ଜିଲାପାଳ ମହାପାତ୍ର ଘୋଷଣା କରିଥିଲେ। ବୈଠକରେ ଚଳିତ ବର୍ଷ ମଧ ପୂଜା ସମ୍ପର୍କିତ ସମସ୍ତ ଅନୁମତି ପ୍ରଦାନ ପାଇଁ ଏଡିଏମଙ୍କ କାର୍ଯ୍ୟାଳୟରେ ସିଙ୍ଗଲ ୱିଣ୍ଡୋ ବ୍ୟବସ୍ଥା କରାଯିବ। ଏହି ସିଙ୍ଗଲ ୱିଣ୍ଡୋ ବ୍ୟବସ୍ଥା ଅନୁଯାୟୀ ବିଦ୍ୟୁତ, ଅଗ୍ନିଶମ, ନିର୍ବାହୀ ଯନ୍ତ୍ରୀଙ୍କ ଭଳି ବିଭିନ୍ନ ବିଭାଗର ଅଧିକାରୀ କାର୍ଯ୍ୟାଳୟରେ ଉପସ୍ଥିତ ରହିବେ। ଆବଶ୍ୟକ ଯାଞ୍ଚ କଲା ପୂଜା ମଣ୍ଡପଗୁଡ଼ିକରେ ପୂଜା ଆୟୋଜନ କରିବା ନେଇ ଅନୁମତି ପ୍ରଦାନ କରାଯିବ। ଏହା ସହିତ ଭସାଣି ସମ୍ପର୍କରେ ମଧ ବୈଠକରେ ଆଲୋଚନା ହୋଇଥିଲା। ଅନ୍ୟପକ୍ଷେ ସାଧାରଣ ଲୋକ, ବୟସ୍କ ଓ ବିକଳାଙ୍ଗମାନଙ୍କ ପାଇଁ ଦର୍ଶନରେ ସୁବିଧା ଏବଂ ସୁରକ୍ଷା ଦୃଷ୍ଟିରୁ ପୂଜା ମଣ୍ଡପ ସମେତ ଏହାର ଆଖପାଖ ଅଞ୍ଚଳକୁ ଆଲୋକିତ କରିବା, ବଡ଼ ବଡ଼ ପୂଜା ମଣ୍ଡରେ ସିସିଟିଭି କ୍ୟାମେରା ବ୍ୟବସ୍ଥା କରାଯିବା, ମଣ୍ଡପରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା, ସ୍ୱେଚ୍ଛାସେବୀ ନିୟୋଜନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏତଦବ୍ୟତୀତ ମୂର୍ତ୍ତି ନିର୍ମାଣରେ ପ୍ରାକୃତିକ ରଙ୍ଗ ବ୍ୟବହାର ଏବଂ ଅଧିକ ଜୋରରେ ଡିଜେ ନ ବଜାଇବା ଲାଗି ପ୍ରଶାସନ ପକ୍ଷରୁ ପୂଜା କମିଟିଗୁଡ଼ିକୁ ନିବେଦନ କରାଯାଇଥିଲା। ବୈଠକରେ ଅତିରିକ୍ତ ଜିଲାପାଳଙ୍କ ସମେତ ଅତିରିକ୍ତ ଏସ୍‌ପି ରବୀନ୍ଦ୍ର କୁମାର ରାଉତ, ପାନପୋଷ ଉପ ଜିଲାପାଳ ବିଜୟ କୁମାର ନାୟକ, ରାଉରକେଲା ମହାନଗର ନିଗମର ଉପ ଆୟୁକ୍ତ ସୁଧାଂଶୁ ଭୋଇ, ବିଭିନ୍ନ ବିଭାଗର ଅଧିକାରୀ, ଥାନାର ଅଧିକାରୀ ଓ କେନ୍ଦ୍ରୀୟ ପୂଜା କମିଟି ସଦସ୍ୟ ଉପସ୍ଥିତ ଥିଲେ।



ପ୍ରସ୍ତୁତି ବୈଠକରେ ମଞ୍ଚାସୀନ ସରକାରୀ ପଦାଧିକାରୀ।

## କବିତାର ମାଧୁର୍ଯ୍ୟତା ପାଠକଙ୍କ ଅନ୍ତରାତ୍ମାକୁ ଆନ୍ଦୋଳିତ କରେ

ରାଉରକେଲା, ୧୨।୯(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ଗୋପବନ୍ଧୁ ପାଠାଗାରର ସତ୍ୟବାଦୀ ପ୍ରକୋଷ୍ଠରେ ସ୍ୱସ୍ତି ସାହିତ୍ୟ ସଂସଦ ପକ୍ଷରୁ ମାସିକ ସାରସ୍ୱତ ସମାରୋହ ପ୍ରାକ୍ତନ ପ୍ରଶାସକ ମହେନ୍ଦ୍ର କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ପର୍ଯ୍ୟାୟରେ 'ମୋ କବିତାର ଭାବଭୂମି' ଶୀର୍ଷକରେ ଶବ୍ଦର ସମ୍ମୋହନ, ନିଜର ଅଙ୍ଗୀକାର ବଦ୍ଧତା, ସଂସ୍କାର ମୁଖୀ ଅନୁଶୀଳନ, ସମର୍ପିତ ଭାବ ମଧ୍ୟରେ ସମାଜର ପ୍ରେମ ପ୍ରଣୟ, ସୁଖଦୁଃଖ, ହସକାନ୍ଦ, ଅଭାବ ଅନଟନ, ପ୍ରଗତିଶୀଳ ଏବଂ ଗଣତନ୍ତ୍ରର ପୃଷ୍ଠଭୂମି କବିତା ରଚନା କରିବାରେ ପ୍ରେରଣାର ଉତ୍ସ ହୋଇଥାଏ ବୋଲି ମୀନକେତନ ପଶାୟତ, ସୁଶାନ୍ତ କୁମାର ନାୟକ, ରଶ୍ମୀ ସାହୁ ଏବଂ ରାଜୀବ ପାଣି ପ୍ରମୁଖ ବକ୍ତା ମତପ୍ରକାଶ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଗଳ୍ପକଥନ ହୋଇଥିଲା। ଏଥିରେ କାଶୀନାଥ ନନ୍ଦୀ, ରାଜ କୁମାର ମହାନ୍ତି, ରଶ୍ମୀବାଳା ରାଉତରାୟ, ସଞ୍ଜୀବ କୁମାର ଭୋଇ ଓ ଅଜୟ ମହାନ୍ତି ନିଜ ଗଳ୍ପକୁ ଉପସ୍ଥାପନ କରିଥିଲେ। ଉପସଭାପତି ପ୍ରାଧ୍ୟାପକ ଶଙ୍କର ପ୍ରସାଦ ତ୍ରିପାଠୀ କହିଥିଲେ, ଗଳ୍ପ ଓ କବିତାର ଶବ୍ଦ ହିଁ ସ୍ୱୟଂବ୍ରହ୍ମ ଓ ମହାକାଳର ମହାଶକ୍ତି। ଗଳ୍ପ ଓ କବିତାର ମାଧୁର୍ଯ୍ୟ ରଚୟିତା ଓ ପାଠକଙ୍କ ଅନ୍ତରାତ୍ମାକୁ ଆନ୍ଦୋଳିତ କରିବା ସହ ଆନନ୍ଦ ଦାୟକ, ହୃଦୟସ୍ପର୍ଶୀ, ମଧୁର ଅନୁଭବ ପ୍ରଦାନ କରେ। ସାହିତ୍ୟ ସମ୍ପାଦିକା ଅଙ୍ଗୁରବାଳା ପରିଡ଼ା କାର୍ଯ୍ୟକ୍ରମ ସଂଯୋଜନା ଏବଂ ଗୋପବନ୍ଧୁ ପାଠାଗାର ସାଧାରଣ ସମ୍ପାଦକ ହରିହର ଶତପଥି ଧନ୍ୟବାଦ ଅର୍ପଣ କରିଥିଲେ। ଇଂ. ଅଶୋକ କୁମାର ପଟ୍ଟନାୟକ, ଗୌତମ ଦାସ, ଲକ୍ଷ୍ମଣନାଥ ଦାସ, ଡ. ଅଜୟ ମିଶ୍ର, ଭଜେନ୍ଦ୍ର ସାହୁ ଓ ନିରୂପମା ପତି ସହଯୋଗ କରିଥିଲେ।

### ଫାର୍ମା କମ୍ପାନୀରେ ଜିଏସ୍‌ଟି ଚଢ଼ାଉ

ରାଉରକେଲା, ୧୨।୯(ସଙ୍ଗୀତା ଜେନା)

ଜଗଦା ସ୍ଥିତ ଏକ ଫାର୍ମା କମ୍ପାନୀ ଫ୍ୟାକ୍ଟ୍ରି ଉପରେ ମଙ୍ଗଳବାର ଜିଏସ୍‌ଟି ଚଢ଼ାଉ କରାଯାଇଥିବା ସୂଚନା ମିଳିଛି। ଏହି ଚଢ଼ାଉ ରାତି ପର୍ଯ୍ୟନ୍ତ ଚାଲିଥିଲା। ଉକ୍ତ କମ୍ପାନୀରେ ବିଭିନ୍ନ ଆୟୁର୍ବେଦିକ ଔଷଧ ପ୍ରସ୍ତୁତ କରାଯାଉଥିବା କୁହାଯାଇଛି। ଜିଏସଟି ଗୋଇନ୍ଦା ଶାଖାର ବରିଷ୍ଠ ଅଧିକାରୀଙ୍କ ନେତୃତ୍ୱରେ ୧୦ ଜଣିଆ ଟିମ୍ ଏହି ଚଢ଼ାଉ କରିଥିଲେ। ଚଢାଉ ବେଳେ ଜିଏସ୍‌ଟି ଅଧିକାରୀ ବିଭିନ୍ନ କାଗଜପତ୍ର ଓ ଦସ୍ତାବିଜ୍ ଜବତ କରିଥିବା ଜଣାପଡିଛି। ସେହିପରି ଉକ୍ତ ବ୍ୟବସାୟୀଙ୍କ ଘର ଓ ଅନ୍ୟ ଜାଗାରେ ଚଢ଼ାଉ ହୋଇଥିବା ଚର୍ଚ୍ଚା ହୋଇଛି।

### ମନ୍ଦିରରୁ ଚୋରି ଅଭିଯୋଗରେ ଗିରଫ

ରାଉରକେଲା, ୧୨।୯(ସଙ୍ଗୀତା ଜେନା)

ଉଦିତନଗର ଥାନା ଅଧୀନ ବାସନ୍ତୀ କଲୋନୀ ମା' ମଙ୍ଗଳା ମନ୍ଦିରରୁ ସୋମବାର କେହି ଦୁର୍ବୃତ୍ତ ତମ୍ବା ବାସନ ଚୋରି କରି ନେଇଛନ୍ତି। ଏ ନେଇ ବିକାଶ ବାନାର୍ଜୀ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ କରି ମଙ୍ଗଳବାର ମଧୁସୂଦନପାଲୀର ଅନୁପ ଉପାଧ୍ୟାୟ(୨୧)ଙ୍କୁ ଗିରଫ କରିଛି। ତାଙ୍କ ନିକଟରୁ ଚୋରି ସାମଗ୍ରୀ ଜବତ ହୋଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୨୯୩/୨୩) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଥିବା ଥାନାଧିକାରୀ ରାମ ପ୍ରସାଦ ନାଗ ସୂଚନା ଦେଇଛନ୍ତି।

## ଇସ୍ପାତ ଶିକ୍ଷା ସଦନର ୭ ବିଦ୍ୟାର୍ଥୀ ପଢ଼ିବେ ଆଇଟିଆଇ

ରାଉରକେଲା, ୧୨।୯
(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପି ତାର ସିଏସ୍‌ଆର ପ୍ରୟାସର ଅଂଶ ସଦୃଶ ଇସ୍ପାତ ସହରାଞ୍ଚଳ ଗରିବ ପିଲାଙ୍କୁ ଉନ୍ନତମାନ ଶିକ୍ଷା ବ୍ୟବସ୍ଥା ଯୋଗାଇ ଦେବା ପାଇଁ ନିଃଶୁଳ୍କ ବିଦ୍ୟାଳୟ ଦୀପିକା ଇସ୍ପାତ ଶିକ୍ଷା ସଦନ ସ୍ଥାପନ କରିଛି। ଏହି ଶିକ୍ଷା ସଦନର ୭ଜଣ ବିଦ୍ୟାର୍ଥୀ ଇତିମଧ୍ୟରେ ଭୁବନେଶ୍ୱର ସ୍ଥିତ କିଟ୍‌ରେ ଆଇଟିଆଇ ତାଲିମ ନେବେ ବୋଲି ଜଣାପଡିଛି। ସେକ୍ଟର-୨ ସ୍ଥିତ ଦୀପିକା ମହିଳା ଜାଗୃତି ସଂସ୍ଥାନରେ ମନୋନିତ ହୋଇଥିବା ୭ଜଣ ବିଦ୍ୟାର୍ଥୀଙ୍କ ପାଇଁ ମତ ବିନିମୟ ଓ ପରାମର୍ଶ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏହି ଅଧିବେଶନରେ ଦୀପିକା ମହିଳା ସଂଘତିର ଅଧକ୍ଷା ସୀମା ଦେବ ଭୌମିକ ଅଧକ୍ଷତା କରିଥିଲେ। ଏହି ଅବସରରେ ସଂଘତିର ଉପାଧକ୍ଷା ହର୍ଷଲା ସୂର୍ଯ୍ୟବଂଶୀ, ସମାପିକା ସାହୁ, ପ୍ରଫେସର ସୁସ୍ମିତା ଦାସ, ସିଏସ୍‌ଆର ବିଭାଗର ଜିଏମ୍ ମୁନମୁନ ମିତ୍ର, ସିଏସ୍‌ଆର ବିଭାଗର ଏଜିଏମ ଟି. ବି. ଟପ୍ପୋ, ଡିଏମ୍‌ଏସ୍ ପରିଚାଳନା ପରିଷଦର ସଦସ୍ୟା, ଡିଆଇଏସଏସ ପ୍ରଶାସକ ଏସ୍. କେ. ମିଶ୍ର, ପ୍ରଧାନ ଶିକ୍ଷକ ଏସ୍. ସାମଲ ଏବଂ ଶିକ୍ଷା ସଦନର ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ। ପରେ ଉପସ୍ଥିତ ବ୍ୟକ୍ତିବିଶେଷ ମନୋନିତ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିଥିଲେ। ସୁଶ୍ରୀ ମୁନମୁନ ମିତ୍ର ଏହି ଯୋଜନା ଓ ଏହାର ପ୍ରକ୍ରିୟା ବିଷୟରେ ତଥ୍ୟ ପ୍ରଦାନ କରିଥିଲେ। କିଟ୍‌ରେ ଆଇଆଇଟି ଅଧ୍ୟୟନ ନିମନ୍ତେ ଚୟନ ହୋଇଥିବା ବିଦ୍ୟାର୍ଥିମାନେ ହେଲେ ଅନୁପମା ଜାଲ, ଅଙ୍କିତା ଦାସ, ସୁନୈନା ମହାନ୍ତି, ପ୍ରତୀକ କୁମାର ସାହୁ, ପ୍ରାଚୀରାଣି ପୃଷ୍ଟି, ସମ୍ପୂର୍ଣ୍ଣା ହରିପାଲ ଏବଂ ସାଲୋନୀ କାଲସୋ । ଆରଏସପି ପକ୍ଷରୁ ଏହି ଯୋଜନା ୨୦୧୭-୧୮ରୁ ଆରମ୍ଭ ହୋଇଥିଲା। ଏପର୍ଯ୍ୟ' ଆରଏସପିର ଏହି ପଦକ୍ଷେପ ଦ୍ୱାରା ୪୯ଜଣ ଛାତ୍ରୀଛାତ୍ର ଉପକୃତ ହୋଇ ସାରିଥିବା ବେଳେ ଯୋଜନାରେ ପିଲାଙ୍କ ସମସ୍ତ ଫି, ଖାଦ୍ୟ, ରହଣୀ ଓ ଆନୁଷଙ୍ଗିକ ଖର୍ଚ୍ଚ ସାମିଲ ରହିଛି।



ଅଧିବେଶନରେ ଉପସ୍ଥିତ ଦୀପିକା ମହିଳା ଜାଗୃତି ସଂସ୍ଥାନର ସଦସ୍ୟା

## ଉଦିତନଗର ସରକାରୀ ହାଇସ୍କୁଲ ପ୍ରଥମ

### ଜିଲ୍ଲାସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତା

ରାଉରକେଲା, ୧୨।୯
(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ଉଦିତ ନଗର ହାଇସ୍କୁଲରେ ସୋମବାର ଜିଲାସ୍ତରୀୟ ବିଜ୍ଞାନ ଏବଂ ବୈଷୟିକ ଶିକ୍ଷା ଆଧାରିତ ନାଟକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ବିଭିନ୍ନ ବ୍ଲକରୁ ଶତାଧିକ ବିଜ୍ଞାନ ଓ ବୈଷୟିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ସାରଙ୍ଗଧର ବେରିହା ମୁଖ୍ୟଅତିଥି, ବିଶ୍ରା ଗୋଷ୍ଠୀ ଶିକ୍ଷାଧିକାରୀ ବେଣୁଧର ସ୍ୱାଇଁ ଓ ଜିଲଶ ବିଜ୍ଞାନ ନିରୀକ୍ଷକ ଚନ୍ଦ୍ରଶେଖର ସା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରତିଯୋଗିତାରେ ଉଚ୍ଚକୋଟୀର ବିଜ୍ଞାନ ଶୀର୍ଷକ ନାଟକ ଉପସ୍ଥାପନା କରି ଉଦିତନଗର ହାଇସ୍କୁଲ ପ୍ରଥମ ସ୍ଥାନ ଅଧିକାର




ପ୍ରତିଯୋଗିତାରେ ନାଟକ ପରିବେଷଣ କରାଯାଉଛି।

କରିଥିଲା। ଗୁରୁଣ୍ଡିଆ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ଦ୍ୱିତୀୟ ଓ ଲାଠିକଟା ଓଏଭି ତୃତୀୟ ସ୍ଥାନ ଅଧିକାର କରିଥିଲା। ସର୍ବଶ୍ରେଷ୍ଠ ନାଟକ ନିର୍ଦ୍ଦେଶନା ନାଟକ ରଚୟିତା ଭାବେ ଉଦିତନଗର ହାଇସ୍କୁଲ, ଶ୍ରେଷ୍ଠ ଅଭିନେତା ଭାବେ ଲେଫ୍ରିପଡା ବ୍ଲକ ଗିରିକେଲା କେସିପି ପଞ୍ଚାୟତ ହାଇସ୍କୁଲର ମାମଲି ନାୟକ କୃତିତ୍ୱ ଅର୍ଜନ କରିଥିଲେ। ଶ୍ରେଷ୍ଠ ଅଭିନେତ୍ରୀ ଭାବେ କୁଆଁରମୁଣ୍ଡା ବ୍ଲକ ରାଇବଗା ହାଇସ୍କୁଲର ପଲ୍ଲବୀ ସାହୁ ପୁରସ୍କୃତ ହୋଇଥିଲେ। କୃତୀତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀମାନେ ପରବର୍ତ୍ତୀ ପର୍ଯ୍ୟାୟରେ ଜିଲାରୁ ରାଜ୍ୟସ୍ତରରେ ନିଜର ପ୍ରତିଭା ପ୍ରଦର୍ଶନ କରିବା ସୁଯୋଗ ପାଇବେବୋଲି ଜଣାପଡିଛି। ଉଦିତନଗର ହାଇସ୍କୁଲର ସିଓଇ ଗାୟତ୍ରୀ ସେଠୀ ଓ ସହଭାଗୀ ଶିକ୍ଷୟତ୍ରୀଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ।

## ସଂକ୍ଷେପରେ

### ହତ୍ୟା ଅଭିଯୁକ୍ତଙ୍କୁ ଆଜୀବନ ଜେଲଦଣ୍ଡ

ସମ୍ବଲପୁର,୧୨।୯(ଶୁଭାଶିଷ ପାଢ଼ୀ)

ସମ୍ବଲପୁର ଜିଲା ପ୍ରଥମଶ୍ରେଣୀ ଅତିରିକ୍ତ ଜିଲାଜଜ୍ ଦେବାଶିଷ ପଣ୍ଡା ମଙ୍ଗଳବାର ଏକ ହତ୍ୟା ମାମଲାର ରାୟ ଶୁଣାଇ ଅଭିଯୁକ୍ତ ଗୋବିନ୍ଦ ଛତ୍ରିଆଙ୍କୁ ଆଜୀବନ ଜେଲଦଣ୍ଡ ଦେଇଛନ୍ତି। ଏହି ମାମଲାରେ ମୋଟ ୧୬ ଜଣଙ୍କ ବୟାନ ରେକର୍ଡ କରାଯାଇଥିଲା। ଏହାସହ ସାଇଣ୍ଟିଫିକ ଟିମ୍ ତଦନ୍ତ ରିପୋର୍ଟ, ମେଡିକାଲ ରିପୋର୍ଟକୁ ମଧ୍ୟ ଆଧାର କରାଯାଇଥିଲା। ସୂଚନାଯୋଗ୍ୟ, ବୁର୍ଲା ଥାନା ଗୋଶାଳାର ବଳରାମ ସାହୁଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରାଯାଇଥିଲା। ଘଟଣାରେ ପୋଲିସ ତଦନ୍ତ ଆରମ୍ଭ କରି ଗୋବିନ୍ଦଙ୍କୁ ଗିରଫ କରିଥିଲା। ସରକାରୀ ଓକିଲ ମହମ୍ମଦ ସବିର ମୃତକଙ୍କ ପରିବାର ପକ୍ଷରୁ ମାମଲା ପରିଚାଳନା କରୁଥିଲେ।

### ୧୪ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ

ସମ୍ବଲପୁର,୧୨।୯(ବି.ଶଙ୍କର)

ସମ୍ବଲପୁର ଧନୁପାଲି ଥାନା ଅନ୍ତର୍ଗତ ସୁନାପାଲି ଗୌନ୍ତିଆପଡ଼ାରେ ମଙ୍ଗଳବାର ଅବକାରୀ କାର୍ଯ୍ୟାଳୟ ସଦର-୧ ପକ୍ଷରୁ ଚଢାଉ କରାଯାଇ ୧୪ ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଛି। ବିଶେଷ ସୂତ୍ରରୁ ଖବର ପାଇ ଅବକାରୀ ଟିମ୍ ଚଢ଼ାଉ କରି ୫୮ ବର୍ଷିୟ ବଦୁରନ ବି ନାମକ ଜଣେ ମହିଳାଙ୍କୁ ଗିରଫ କରିଛି। ତାଙ୍କଠାରୁ ଜବତ ବ୍ରାଉନସୁଗାର ମୂଲ୍ୟ ୧ ଲକ୍ଷ ୪୦ ହଜାର ଟଙ୍କା ହେବ ବୋଲି ଅବକାରୀ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଏହି କାରବାରର ଲିଙ୍କ୍ ପଡୋଶୀ ପଶ୍ଚିମବଙ୍ଗ ରାଜ୍ୟକୁ ଲମ୍ବିଥିବା କୁହାଯାଉଛି।

### ଭଡ଼ାଘରେ ସେକ୍ସ ରାକେଟ ଯୁବତୀ ଉଦ୍ଧାର, ଗ୍ରାହକ ଅଟକ

ସମ୍ବଲପୁର,୧୨।୯(ଶୁଭାଶିଷ ପାଢ଼ୀ)

ସମ୍ବଲପୁର ଧନୁପାଲି ଥାନା ସାକ୍ଷୀପଡାର ଏକ ଭଡା ଘରେ ପୋଲିସ ମଙ୍ଗଳବାର ସେକ୍ସ ର୍ୟାକେଟ ଠାବ କରିଛି। ସେଠାରୁ ପୋଲିସ କଟକ ଜିଲାର ଜଣେ ଯୁବତୀଙ୍କୁ ଉଦ୍ଧାର କରିବା ସହ ଗ୍ରାହକ ସମ୍ବଲପୁର ସହରର ଜଣେ ଯୁବକଙ୍କୁ ଥାନାରେ ଅଟକ ରଖିଛି। ବୁଧବାର ଡାକ୍ତରୀ ମାଇନା କରାଯିବ ବୋଲି ପୋଲିସ କହିଛି। ଘର ଭିତରୁ ଆପତ୍ତି ଜନକ ସାମଗ୍ରୀ ଜବତ ହୋଇଛି। ବିଶେଷ ସୂତ୍ରରୁ ଖବର ପାଇ ପୋଲିସ ଏହି ଚଢାଉ କରିଥିଲା। ଘର ମାଲିକଙ୍କୁ ମଧ୍ୟ ପୋଲିସ ପଚରାଉଚୁରା କରିଛି।

### ବଜ୍ରପାତରେ ବଳଦ ମୃତ, ୩ ଆହତ

କୁଚିଣ୍ଡା,୧୨।୯(ବିରଞ୍ଚି ଦର୍ଶୀ)

କୁଚିଣ୍ଡା ବ୍ଲକ ବକ୍ସମା ପଞ୍ଚାୟତର ଠାକୁରନିକ୍ତିମାଲ ଗ୍ରାମରେ ବଜ୍ରପାତରେ ମଙ୍ଗଳବାର ଏକ ବଳଦର ମୃତ୍ୟୁ ହୋଇଥିବା ବେଳେ ୩ଗୋରୁ ଚରାଳି ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ ଗ୍ରାମର ଗଙ୍ଗାଧର କିଷାନ, ନଥୁ କିଷନ ଓ ବେଦବ୍ୟାସ ନାଏକ ନିଜ ଗାଈବଳଦଙ୍କୁ ଗାଁ ପଡିଆରେ ଚରାଉଥିଲେ। ଅପରାହ୍ନ ପ୍ରାୟ ୨ଟା ସମୟରେ ଘଡଘଡି ସହ ବର୍ଷା ହେବାରୁ ସମସ୍ତେ ଏକ ଗଛମୂଳେ ଆଶ୍ରୟ ନେଇଥିଲେ। ଏହି ସମୟରେ ହଠାତ୍ ବଜ୍ରପାତ ହେବାରୁ ୧୨/୧୩ଟି ଗାଈ ବଳଦ ଓ ତିନି ଜଣ ଚରାଳି ସଜ୍ଞାହୀନ ହୋଇପଡ଼ିଥିଲେ। ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ସମସ୍ତଙ୍କର ପ୍ରାଥମିକ ଚିକିତ୍ସା କରିଥିଲେ। ସମସ୍ତେ ସୁସ୍ଥ ହୋଇଥିବା ବେଳେ ବେଦବ୍ୟାସଙ୍କ ବଳଦଟି ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିଲା।

### ମହାବିଦ୍ୟାଳୟରେ ମେହେର ଜୟନ୍ତୀ

ଜମନକିରା,୧୨।୯ (ରବୀନ୍ଦ୍ର ପ୍ରସାଦ ଦାନି)

ଜମନକିରା ସ୍ନାତକ ମହାବିଦ୍ୟାଳୟରେ ମଙ୍ଗଳବାର ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ଅରୁଣ କୁମାର ପଟେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ପ୍ରକୃତି ବନ୍ଧୁ ସୁବାସ ଚନ୍ଦ୍ର ନାୟକ ଯୋଗଦେଇ ମାତୃଭୂମି ଓ ମାତୃଭାଷାକୁ ଭଲ ପାଇବା ହିଁ ତାଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ବୋଲି କହିଥିଲେ। ଓଡ଼ିଆ ଅଧାପିକା ଡ଼. ତୃପ୍ତି ମିଶ୍ର ମେହେରଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ। ଅଧାପକ ପ୍ରଦୀପ କୁମାର ପଣ୍ଡା ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ପୂର୍ବରୁ ଆୟୋଜିତ ପ୍ରବନ୍ଧ ଲିଖନ ଓ ମେହେର ସଙ୍ଗୀତ ଗାନ ପ୍ରତିଯୋତାରେ କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ। ପ୍ରାରମ୍ଭରେ ଅତିଥିଙ୍କ ସହ ଅଧାପକ, ଅଧାପିକା ମେହେରଙ୍କ ତୈଳଚିତ୍ରରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଶେଷରେ ଅଧାପିକା ଅରୁଣା ମିଶ୍ର ଧନ୍ୟବାଦ ଦେଇଥିଲେ।

# ରାସ୍ତାକୁ ଓହ୍ଲାଇଲା ନାଗରିକ କମିଟି




ରେଢାଖୋଲ ଭୀମଭୋଇ ଛକରେ ରାସ୍ତାରୋକୋ କରାଯାଇଛି।

ରେଢାଖୋଲ,୧୨।୯(ଅଚ୍ୟୁତାନନ୍ଦ ପୁରୋହିତ)

## ଏନ୍ଏଚ ମତାମତି, ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ଦାବି

ସମ୍ବଲପୁର-କଟକ ୫୫ନଂ ଜାତୀୟ ରାଜପଥର ଆବଶ୍ୟକ ମରାମତି ସହ ୪ ଥାକିଆ ରାସ୍ତା ନିର୍ମାଣ କାମ ଶୀଘ୍ର ସମ୍ପୂର୍ଣ୍ଣ କରିବା ଦାବିରେ ମଙ୍ଗଳବାର ରେଢାଖୋଲ ନାଗରିକ କମିଟି ପକ୍ଷରୁ ଭୀମଭୋଇ ଛକରେ ରାସ୍ତାରୋକୋ କରାଯାଇଥିଲା। ବ୍ଲକ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନଙ୍କ ନେତୃତ୍ୱରେ ନାଗରିକ କମିଟିର ଶତାଧିକ କର୍ମକର୍ତ୍ତା ସକାଳ ୬ଟାରୁ ରାସ୍ତା ଅବରୋଧ କରିଥିଲେ। ଫଳରେ ଉଭୟ ପାର୍ଶ୍ୱରେ ଶତାଧିକ ଗାଡିମୋଟର ଅଟକି ରହିଥିଲା। ପୂର୍ବାହ୍ନ ୧୧ଟା ବେଳେ ଏନ୍ଏଚ୍ଏଆଇ ଏସ୍ଇ ଚନ୍ଦନ କୁମାର, ନିର୍ମାଣକାରୀ ସଂସ୍ଥା ମ୍ୟାନେଜର ନିତିନ ଗୁପ୍ତା ଓ ମୃଣାଳକାନ୍ତ ସାମଲ, ଉପଜିଲାପାଳ ପବିତ୍ର ବେହେରା, ଏସ୍‌ଡିପିଓ ପ୍ରଶାନ୍ତ କୁମାର ମେହେର ପ୍ରମୁଖ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ରେଢାଖୋଲ ସହରର ୬ କିମି ରାସ୍ତା ୩୧ ଅକ୍ଟୋବର ସୁଦ୍ଧା ଓ ସାଧୁମୁଣ୍ଡାଠାରୁ ସମ୍ବଲପୁର ପର୍ଯ୍ୟନ୍ତ ଅକ୍ଟୋବର ୨୦ ତାରିଖ ସୁଦ୍ଧା ସାରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହାସହ ସମ୍ବଲପୁରରୁ ଅନୁଗୋଳ ପର୍ଯ୍ୟନ୍ତ କେବଳ ହାତୀ କରିଡର ବ୍ୟତୀତ ୪ ଥାକିଆ ରାସ୍ତାକାର୍ଯ୍ୟ ୩୧ ଡିସେମ୍ବର ସୁଦ୍ଧା ସମ୍ପୂର୍ଣ୍ଣ କରିବାକୁ ଲିଖିତ ଚୁକ୍ତିନାମା କରିବାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

ସୂଚନାଯୋଗ୍ୟ ୨୦୧୭ ଠାରୁ ଆରମ୍ଭ ହୋଇଥିବା ୪ ଥାକିଆ ରାସ୍ତା କାମ ସମ୍ପୂର୍ଣ୍ଣ ହୋଇ ନ ଥିବାବେଳେ ପୁରୁଣା ରାସ୍ତାର ଆବଶ୍ୟକ ମରାମତି ହେଉ ନ ଥିବାରୁ ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରେଢାଖୋଲଠାରୁ ସମ୍ବଲପୁର ପର୍ଯ୍ୟନ୍ତ ରାସ୍ତା ଖାଲଖମା ଯୋଗୁ ଗାଡିମୋଟର ଯିବାଆସିବା ସମୟରେ ଦୁର୍ଘଟଣା ଘଟି ଧନଜୀବନ ନଷ୍ଟ ହେଉଛି। ରେଢାଖୋଲ ନାଗରିକ କମିଟି ପକ୍ଷରୁ ପ୍ରଶାସନ, ଏନ୍ଏଚ୍ଏଆଇ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅଭିଯୋଗ କରାଯିବା ପରେ ମଧ୍ୟ ପଦକ୍ଷେପ ନିଆ ନ ଯିବାରୁ ୨୦୨୨ ଅଗଷ୍ଟ ୪ରେ ନାଗରିକ କମିଟି ରାସ୍ତାକୁ ଓହ୍ଲାଇଥିଲା। ଏନ୍ଏଚ୍ଏଆଇ ପ୍ରକଳ୍ପ ନିର୍ଦ୍ଦେଶକ କେ.ନାଗେଶ୍ୱର ରାଓ ଉପଜିଲାପାଳ ପବିତ୍ର ବେହେରାଙ୍କ ଉପସ୍ଥିତିରେ ରାସ୍ତା ମରାମତି କରାଯିବାର ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ସୁଫଳ ମିଳି ନ ଥିଲା। ନାଗରିକ କମିଟି ପକ୍ଷରୁ ଏନ୍ଏସି ଅଧ୍ୟକ୍ଷ ଶିବରାମ ସାହୁ, ଅଲେଖାନନ୍ଦ ପ୍ରଧାନ, ଗୌରୀଶଙ୍କର ପାତ୍ର, ମନୋଜ ରାଏ, ପୂର୍ବତନ ଏନ୍ଏସି ଉପାଧ୍ୟକ୍ଷ ସୁନୀଲ କୁମାର ପ୍ରଧାନ, ବିକାଶ ଦାଶ, ପୁରୁଷୋତ୍ତମ ଅଗ୍ରୱାଲ, ରାମାନୁଜ ମହାପାତ୍ରଙ୍କ ସମେତ ଶତାଧିକ କର୍ମକର୍ତ୍ତା ଅନ୍ଦୋଳନରେ ସାମିଲ ଥିଲେ।

# ଦାସିଆ ଅଜାଙ୍କ ସ୍ମୃତି ଦିବସ



କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଛାତ୍ରୀଛାତ୍ର।

ଜମନକିରା,୧୨।୯(ରବୀନ୍ଦ୍ର ପ୍ରସାଦ ଦାନି)

ଓଡ଼ିଶାର ପାଠାଗାର ଆନ୍ଦୋଳନର ମୁଖ୍ୟ ପ୍ରବକ୍ତା ଦାଶରଥି ପଟ୍ଟନାୟକ ଓରଫ ଦାସିଆ ଅଜାଙ୍କ ସ୍ମୃତି ଦିବସ ଜମନକିରା ବ୍ଲକ ବଡ଼ମାଳ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ସହକାରୀ ଶିକ୍ଷକ ମାନସ ରଞ୍ଜନ ପଟେଲଙ୍କ ସଂଯୋଜନାରେ ଆୟୋଜିତ ସଭାରେ ଅବସରପ୍ରାପ୍ତ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ନାୟକ ଅତିଥି ଭାବରେ ଯୋଗଦେଇ ଦାସିଆ ଅଜାଙ୍କ ଲକ୍ଷ୍ୟ ପୂରଣ ପାଇଁ ପ୍ରତ୍ୟେକ ପଞ୍ଚାୟତରେ ପାଠାଗାର ସ୍ଥାପନ କରିବାକୁ ଆହ୍ୱାନ ଦେଇଥିଲେ। ସହକାରୀ ଶିକ୍ଷୟିତ୍ରୀ ମିନାକ୍ଷୀ ପଟେଲ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷକ ବୀରେନ ସାହୁ, ସହକାରୀ ଶିକ୍ଷକ ହରେକୃଷ୍ଣ ନାୟକଙ୍କ ପରିଚାଳନାରେ ଛାତ୍ରୀଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶେଷରେ କ୍ରୀଡା ଶିକ୍ଷକ ପ୍ରଦୀପ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଯାତ୍ରାପାର୍ଟି ଅନୁମତିକୁ ବିରୋଧ

ସମ୍ବଲପୁର,୧୨।୯(ବି.ଶଙ୍କର)

## ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର

ଓଡ଼ିଆ ଓ ସମ୍ବଲପୁରୀ ସଙ୍ଗୀତ ଓ ସଂସ୍କୃତିକୁ ବିକୃତ କରୁଥିବା ଅପେରା (ଯାତ୍ରା ପାର୍ଟି) ପ୍ରଦର୍ଶନକୁ ଅନୁମତି ଦିଆ ନ ଯିବାକୁ ଦାବି ହୋଇଛି। ଏ ନେଇ ଜିଲାର ବିଭିନ୍ନ ଅନୁଷ୍ଠାନ କର୍ମକର୍ତ୍ତା ମଙ୍ଗଳବାର ଜିଲାପାଳଙ୍କୁ ଦାବିପତ୍ର ଦେଇଛନ୍ତି। ରାତି ୧୦ଟା ପରେ ଅପେରା ପ୍ରଦର୍ଶନକୁ ନିଷିଦ୍ଧ କରିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ ଥିବା ସତ୍ତ୍ୱେ ଅପେରା ପାର୍ଟି କିପରି ରାତି ୧୧ଟାରୁ ସାରାରାତି ପ୍ରଦର୍ଶନ କରୁଛନ୍ତି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଆଗାମୀ ୧୪ରୁ ୧୯ ପର୍ଯ୍ୟନ୍ତ ଗୋଡଭଗା କଲେଜ ପରିସରରେ ଏକ ଅପେରା ହେବାକୁ ଯାଉଛି। ଏହାକୁ ଅନୁମତି ନ ଦେବାକୁ ସମ୍ବଲପୁର ସିଭିଲ ସୋସାଇଟି, ପଶ୍ଚିମାଞ୍ଚଳ ପିପୁଲ୍ସ ଫୋରମ, ସମ୍ବଲପୁର ସାଂସ୍କୃତିକ ପରିଷଦ, ଫାଲଗୁନି ସାମାଜିକ ସାଂସ୍କୃତିକ ଅନୁଷ୍ଠାନ, କୋଶଳ ସେନା, ବାଜମ ଏ ରାଜା କମିଟି ପକ୍ଷରୁ ଭକ୍ତ ପ୍ରସାଦ ନନ୍ଦ, ସପନ ମିଶ୍ର, ବିରେନ୍ଦ୍ର ପାଣିଗ୍ରାହୀ, ସଦାନନ୍ଦ ପଣ୍ଡା, ଅଶୋକ କୁମାର ଛତର, ମହମ୍ମଦ ଜୁଲିଫିକର ଅହମ୍ମଦ ପ୍ରମୁଖ ଜିଲାପାଳଙ୍କ ନିକଟରେ ଦାବି ଜଣାଇଛନ୍ତି।

# ଜବରଦଖଲ ଉଚ୍ଛେଦ ପାଇଁ ଉପଜିଲାପାଳଙ୍କ ଦ୍ୱାରସ୍ଥ



ଦାବିପତ୍ର ଦେବାକୁ ଆସିଥିବା ଗ୍ରାମବାସୀ।

କୁଚିଣ୍ଡା,୧୨।୯(ବିରଞ୍ଚି ଦର୍ଶୀ)

କୁଚିଣ୍ଡା ତହସିଲ ଅନ୍ତର୍ଗତ କୁସୁମୀ ପଞ୍ଚାୟତର ବମଲେଇକେଲା ଗ୍ରାମରେ ଦୀର୍ଘବର୍ଷ ହେବ କେତେଜଣ ଲୋକ ଗୋଚରଜମି ଜବରଦଖଲ କରିଛନ୍ତି। ଫଳରେ ଗୋରୁ ଚାରଣ ପାଇଁ ଅସୁବିଧା ହେଉଛି। ଏ ସମ୍ପର୍କରେ ମଙ୍ଗଳବାର ୫୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀ କୁଚିଣ୍ଡା ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇ ଜବରଦଖଲ ଉଚ୍ଛେଦ ପାଇଁ ଲିଖିତ ଦାବି କରିଛନ୍ତି।

ଅଭିଯୋଗ ଅନୁଯାୟୀ ବମଲେଇକେଲାରେ ୮୦ରୁ ଉର୍ଦ୍ଧ୍ୱ ପରିବାର ବସବାସ କରନ୍ତି। ଗ୍ରାମରେ ଥିବା ସରକାରୀ ଜମି ପ୍ଲଟ ନଂ-୭୦୧, ୭୦୯, ୭୪୮ର ପ୍ରାୟ ୨୫ଏକର ଗୋଚର ଜମିକୁ କେତେଜଣ ବ୍ୟକ୍ତି ଜବରଦଖଲ କରି ଚାଷଜମି ଭାବେ ବ୍ୟବହାର କରୁଛନ୍ତି। ଗ୍ରାମବାସୀ ୨୦୨୧ରେ ତହସିଲଦାରଙ୍କଠାରେ ଅଭିଯୋଗ କରିବାରୁ କୁସୁମୀ ରାଜସ୍ୱ ନିରୀକ୍ଷକଙ୍କ ଦ୍ୱାରା ଡିମାର୍କେଶନ କରାଯାଇଥିଲା। ଉକ୍ତ ଜମି ଗୋଚର ଓ ଜଙ୍ଗଲ କିସମ ହୋଇଥିବାରୁ ଗ୍ରାମବାସୀ ତାଙ୍କୁ ଛାଡିବାକୁ କହିଥିଲେ ମଧ୍ୟ ସେମାନେ ଶୁଣି ନ ଥିଲେ। ପରେ ଜିଲାପାଳଙ୍କଠାରେ ଅଭିଯୋଗ କରାଯାଇଥିଲେ ମଧ୍ୟ ପଦକ୍ଷେପ ନିଆଯାଇ ନାହିଁ। ପୁନଶ୍ଚ ଗ୍ରାମବାସୀ କୁଚିଣ୍ଡା ଉପଜିଲାପାଳଙ୍କୁ ଲିଖିତ ଗୁହାରି କରି ଜବରଦଖଲ ଉଚ୍ଛେଦ ଦାବି କରିଛନ୍ତି। ଉପଜିଲାପାଳ ବିଭୁତି ଭୂଷଣ ନାୟକ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବେ ବୋଲି କହିଛନ୍ତି। ଦାବିପତ୍ର ଦେବାକୁ ଆସିଥିବା ଗ୍ରାମବାସୀଙ୍କ ମଧ୍ୟରେ ପୂର୍ଣ୍ଣଚନ୍ଦ୍ର କିଷାନ, ସରଦ ମହାକୁଲ, ଚୈତନ୍ୟ ମହାକୁଲ, ଗୋକୁଳ କୁସୁମ, ସଚିତା ମହାକୁଲ, ସରୋଜ ମହାକୁଲ, ଗୁରୁବାରି ନାଏକ, ରସନି ନାଏକ, କହ୍ନେଇ ମହାକୁଲ, ରବି ନାରାୟଣ ମହାକୁଲ, ସୁରେନ୍ଦ୍ର ମହାକୁଲଙ୍କ ସମେତ ବହୁ ଗ୍ରାମବାସୀ ସାମିଲ ଥିଲେ।

### ବଜ୍ରପାତ: ଯୁବକଙ୍କ ସମେତ ୪ ଗୋରୁ ମୃତ

ନାକଟିଦେଉଳ,୧୨।୯(ବୈକୁଣ୍ଠନାଥ ସାହୁ)

ନାକଟିଦେଉଳ ବ୍ଲକର ପୃଥକ୍ ସ୍ଥାନରେ ମଙ୍ଗଳବାର ବଜ୍ରପାତ ଘଟି ଜଣେ ଯୁବକଙ୍କ ସହ ୪ଗୋରୁଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ ରେଢ଼ାଖୋଲ ଥାନା କଇଙ୍ଗ ଗ୍ରାମର ମୁନା ପ୍ରଧାନ (୨୨)। ସୂଚନା ଅନୁସାରେ ମୁନା ଯାମୁଯୋରୀ ପଞ୍ଚାୟତ ବାଘବର ନିକଟରେ ଟିକିରା ନଦୀ ଉପରେ ହେଉଥିବା ଏକ ସେତୁ କାର୍ଯ୍ୟ ପାଇଁ ଠିକା ସଂସ୍ଥା କ୍ୟାମ୍ପରେ ରହି ଜେସିବି ଡ୍ରାଇଭର ଭାବେ କାମ କରୁଥିଲେ। ମଙ୍ଗଳବାର ଅପରାହ୍ନ ପ୍ରାୟ ୨ଟା ସମୟରେ ସେ କାମ ସାରି ଟିକିରା ନଦୀକୁ ଗାଧୋଇବାକୁ ଯାଇଥିଲେ। ଏହି ସମୟରେ ବର୍ଷା ସହ ବଜ୍ରପାତ ହେବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ଏ ସମ୍ପର୍କରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଅନ୍ୟପକ୍ଷେ ବାଟଗାଁ ପଞ୍ଚାୟତ ଗଦାଧରପୁର ଗ୍ରାମର ଚାଷୀ ବିଛଣ୍ଡ ଆଠଜୁଆଳି ଟିକିରା ନଦୀ ପାଖ ପଡିଆକୁ ଗାଈ ଚରାଇବାକୁ ନେଇଥିଲେ। ଅପରାହ୍ନରେ ଗୋରୁମାନେ ଏକ ଗଛ ମୂଳରେ ଆଶ୍ରୟ ନେଇଥିବା ବେଳେ ହଠାତ୍ ବଜ୍ରପାତ ହେବାରୁ ୨ ଗାଈ ଓ ୨ ବଳଦର ମୃତ୍ୟୁ ଘଟିଥିଲା। ମୃତ ଯୁବକଙ୍କ ପରିବାର ଓ ଗୋରୁ ମାଲିକଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ଦାବି ହୋଇଛି।

# ୫ ୱାର୍ଡରେ ପିଏମ୍ଏୱାଇ କାର୍ଯ୍ୟାଦେଶ ବଣ୍ଟନ



ସମ୍ବଲପୁର,୧୨।୯(ଶୁଭାଶିଷ ପାଢ଼ୀ)

ସମ୍ବଲପୁର ମହାନଗର ନିଗମର ୫ ଗୋଟି ୱାର୍ଡରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ସ୍ଥାନୀୟ ଶାନ୍ତିନଗରର ଭୀମଭୋଇ କଲ୍ୟାଣ ମଣ୍ଡପଠାରେ ଆୟୋଜିତ କାର୍ଯ୍ୟକ୍ରମରେ ରେଙ୍ଗାଲି ବିଧାୟକ ନାଉରୀ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ୫ ୱାର୍ଡର ୩ଶହରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପତ୍ର ପ୍ରଦାନ କରିଥିଲେ। ଶୀଘ୍ର ଗୃହ ନିର୍ମାଣ ସମ୍ପୂର୍ଣ୍ଣ କରି ବୋନସର ଲାଭ ଉଠାଇବାକୁ ବିଧାୟକ ନାଏକ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ମହାନଗର ନିଗମ ଅଧିକାରୀଙ୍କ ସମେତ ଭାଜପାର ମନ ମୋହନ ପଣ୍ଡା, ଦୟାନିଧି ପ୍ରଧାନ, ଦୀପକ ଦାସ, ଗୋପାଳ ମହାନନ୍ଦ, ସୁଜିତ ବଢେଇ ପ୍ରମୁଖ ଉପସ୍ଥିତ ଥିଲେ।

# ନୂଆଁଖାଇ ନନି ରିଆଲିଟି ଶୋ: ଭାଗନେଲେ ଶହେ ପ୍ରତିଯୋଗୀ

ସମ୍ବଲପୁର,୧୨।୯(ବି.ଶଙ୍କର)



କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ପ୍ରତିଯୋଗୀମାନେ।

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇକୁ ନେଇ ବିବିଧ କାର୍ଯ୍ୟକ୍ରମ ହେଉଛି। ଏହିକ୍ରମରେ ଯୁବତୀ ଓ ମହିଳାମାନଙ୍କୁ ନେଇ ଏକ ରିଏଲିଟି ଶୋ ନୂଆଁଖାଇ ନନୀ କାର୍ଯ୍ୟକ୍ରମ ସମ୍ବଲପୁର ପାନ୍ଥନିବାସଠାରେ ଅନୁଷ୍ଠିତ ହୋଇଯାଇଛି। ପଶ୍ଚିମ ଓଡ଼ିଶାର ୧ଶହ ପ୍ରତିଯୋଗୀ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ପ୍ରଯୋଜକ ତଥା ନିର୍ଦ୍ଦେଶକ ପାଣିନି ପ୍ରାଞ୍ଜ ଓ ଆର୍.କେ. ମିଡ଼ିଆର ପ୍ରଯୋଜକ ରାଜକିଶୋର ମଲିକ, ଶାଶ୍ୱତୀ ସେଠୀ, ବ୍ୟବସାୟୀ ନାରାୟଣ ଅଗ୍ରୱାଲ, ଅଭିନେତା ପ୍ରମୋଦ ମହାପାତ୍ର, ହାସ୍ୟ ଅଭିନେତା ଟିଙ୍କୁ ଟିଙ୍ଗାଲୁ, ପିକେ ଏକାଡ଼େମୀର ସତ୍ତ୍ୱାଧିକାରୀ ପ୍ରକାଶ ଡାଙ୍ଗ, ବ୍ୟବସାୟୀ ଶିବ ମହାରାଣା, ଇଞ୍ଜିନିୟର ବ୍ରଜକୃଷ୍ଣ ତ୍ରିପାଠୀ, ସଙ୍ଗୀତା ମିଶ୍ର, କ୍ଷଣପ୍ରଭା ପ୍ରଧାନ ଅତିଥି ଭାବେ ଯୋଗଦେଇଥିଲେ। ପ୍ରତିଯୋଗିତାର ଫଳାଫଳ ଆସନ୍ତା ୨୦ତାରିଖ ହେବାକୁ ଥିବା ନୂଆଖାଇ ଉତ୍ସବରେ ଘୋଷଣା କରାଯିବ ବୋଲି ଆୟୋଜକ ପାଣିନି ପ୍ରାଞ୍ଜ ପ୍ରଡକ୍ସନର କର୍ମକର୍ତ୍ତା ସୂଚିତ କରିଛନ୍ତି। ସୂଚନାଯୋଗ୍ୟ, ନୂଆଁଖାଇ ନନି ସକାଶେ ୧୪ରୁ ୨୫ ଏବଂ ନୂଆଖାଇ ବୋହୂ ପାଇଁ ୧୮ରୁ ୪୫ ବର୍ଷ ବୟସ ସୀମା ଧାର୍ଯ୍ୟ କରାଯାଇଥିଲା।

# କାର୍ ସହ ଗଞ୍ଜେଇ ଜବତ, ୨ ଗିରଫ

ରେଢ଼ାଖୋଲ,୧୨।୯(ଅଚ୍ୟୁତାନନ୍ଦ ପୁରୋହିତ)

ରେଢ଼ାଖୋଲ ପୋଲିସ ସୋମବାର ରାତିରେ ଏକ କାର୍ ସହ ଗଞ୍ଜେଇ ଜବତ କରି ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କନ୍ଧମାଳ ଜିଲା ଫିରିଙ୍ଗିଆ ଥାନା ଖଜୁରିପଡ଼ାର ଅନନ୍ତ କୁମାର ବେହେରା (୩୦) ଓ ଦମ୍ବାଦାଇ ଗ୍ରାମର ପଙ୍କଜ ଦିଗଲ (୩୭)। ସୂଚନାମତେ ସୋମବାର ରାତିରେ କନ୍ଧମାଳରୁ ବୌଦ୍ଧ-ରେଢ଼ାଖୋଲ ଦେଇ ଏକ ହୋଣ୍ଡାସିଟି କାର୍ ଯୋଗେ ଗଞ୍ଜେଇ ଚୋରାଚାଲାଣ ହେଉଥିବା ପୋଲିସ ସୂଚନା ପାଇ ହାତିବାହାଳ ଛକ ନିକଟରେ ଛକିରହିଥିଲା। କାର୍ (ଓଆର୦୨ବିବି-୩୬୯୭) ଆସିବା ପରେ ତାକୁ ଅଟକାଇ ଯାଞ୍ଚ କରିବାରୁ ଗଞ୍ଜେଇ ଥିବା ଜଣାପଡିଥିଲା। କାର୍‌ରୁ ୨୦କେଜି ୬ଶହ ଗ୍ରାମ ଗଞ୍ଜେଇ ଜବତ କରି ପୋଲିସ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏ ନେଇ ରେଢାଖୋଲ ଥାନାରେ ପୋଲିସ ଏକ ମାମଲା (ନଂ୨୦୮/୨୩) ରୁଜୁକରି ଗିରଫ ଅଭିଯୁକ୍ତ ଦ୍ୱୟଙ୍କୁ ସ୍ଥାନୀୟ ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କ ଅଦାଲତକୁ ଚାଲାଣ କରାଯାଇଥିଲା। ତେବେ ଜାମିନ ଆବେଦନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

# ଅନୁକରଣ ସର୍ବଭାରତୀୟ ବିଦ୍ୟାଳୟ ହକି ପାଇଁ ମନୋନୀତ

ରେଢ଼ାଖୋଲ,୧୨।୯(ଅଚ୍ୟୁତାନନ୍ଦ ପୁରୋହିତ)

ରେଢ଼ାଖୋଲ ଉପଖଣ୍ଡ ନାକଟିଦେଉଳ ବ୍ଲକ ପାଣିମୋରା ପଞ୍ଚାୟତ ଶଙ୍ଖାଭାଙ୍ଗୁଣି ଗ୍ରାମର ଅନୁକରଣ ଡୁଙ୍ଗଡୁଙ୍ଗ ସର୍ବଭାରତୀୟ ବିଦ୍ୟାଳୟ ସ୍ତରୀୟ ହକି ଖେଳ ପାଇଁ ମନୋନୀତ ହୋଇଛନ୍ତି। ଦଶମ ଶ୍ରେଣୀରେ ପଢୁଥିବା ଅନୁକରଣ ଗତ ୭ଠାରୁ ୧୦ ତାରିଖ ପର୍ଯ୍ୟନ୍ତ ସୁନ୍ଦରଗଡ ଜିଲା ଭବାନୀପୁରଠାରେ ଅନୁଷ୍ଠିତ ରାଜ୍ୟ ବିଦ୍ୟାଳୟ ସ୍ତରୀୟ ହକି ପ୍ରତିଯୋଗିତାରେ ଉଚ୍ଚକୋଟିର ଖେଳ ପ୍ରଦର୍ଶନ କରି ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତାଙ୍କର ଏହି ସଫଳତା ପାଇଁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସଦାନନ୍ଦ ଭୋଇ, ଖେଳ ଶିକ୍ଷକ ପ୍ରକାଶ ଚନ୍ଦ୍ର ପଣ୍ଡାଙ୍କ ସମେତ ଶିକ୍ଷୟିତ୍ରୀଶିକ୍ଷକ ତାଙ୍କୁ ଅଭିନନ୍ଦନ ଜଣାଇବା ସହ ଉଜ୍ଜ୍ୱଳ



ଅନୁକରଣ ଡୁଙ୍ଗ୍‌ଡୁଙ୍ଗ୍।

ଭବିଷ୍ୟତ କାମନା କରିଛନ୍ତି। ଅନୁକରଣ ଶଙ୍ଖାଭାଙ୍ଗୁଣି ଗ୍ରାମର ସୁବୋଧ ଡୁଙ୍ଗ୍‌ଡୁଙ୍ଗ ଓ ସୁବାନୀ ଡୁଙ୍ଗ୍‌ଡୁଙ୍ଗ୍‌ଙ୍କ ସାନପୁଅ। ଏହି ସଫଳତା ପାଇଁ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।

# କାର୍ଯ୍ୟକ୍ରମ କରି ଗୋଟିଏ ଗୋଷ୍ଠୀ ଚର୍ଚ୍ଚାରେ

ସମ୍ବଲପୁର,୧୨।୯(ଶୁଭାଶିଷ ପାଢ଼ୀ)

## ଭାଜପାର ୨ ନେତ୍ରୀଙ୍କୁ ସମ୍ବର୍ଦ୍ଧନା

ସମ୍ବଲପୁର ଜିଲାରେ ଭାଜପାର ଦୁଇଗୋଷ୍ଠୀ ମଧ୍ୟରେ ବିବାଦ ବହୁ ପୁରୁଣା। ପୂର୍ବରୁ ସମାନ୍ତରାଳ କାର୍ଯ୍ୟକ୍ରମ, ବିକ୍ଷୋଭ ସମାବେଶରେ ଏହାର ନଜିର ଦେଖାଯାଇଛି। ମଙ୍ଗଳବାର ଏକ ସ୍ୱାଗତ କାର୍ଯ୍ୟକ୍ରମ କରି ପୁଣି ଗୋଟିଏ ଗୋଷ୍ଠୀ ଚର୍ଚ୍ଚାକୁ ଆସିଛି। ରାଜ୍ୟ ମହିଳା ଉପସଭାପତି ହୋଇଥିବା ବରିଷ୍ଠ ନେତ୍ରୀ ସବିତା ନନ୍ଦ ଓ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଆରତିଲତା ବରାଳଙ୍କୁ ସ୍ଥାନୀୟ ସାମ୍ବାଦିକ ଭବନରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଅନ୍ନପୂର୍ଣ୍ଣା ବାରିକ ଉପସ୍ଥିତ ଥିବାବେଳେ ଜିଲା ସଭାପତି ଗିରିଶ ପଟେଲ ଓ ବିଧାୟକ ତଥା ବିରୋଧୀଦଳ ନେତା ଜୟନାରାୟଣ ମିଶ୍ରଙ୍କ ସମର୍ଥକ




ଭାଜପା ପକ୍ଷରୁ ସ୍ୱାଗତ କାର୍ଯ୍ୟକ୍ରମ।

ଅନୁପସ୍ଥିତ ରହିଥିଲେ। ଏହାକୁ ନେଇ ଗୋଷ୍ଠୀ ବିବାଦ ପଦାକୁ ଆସିଥିବା ସହରରେ ଚର୍ଚ୍ଚା ହୋଇଥିଲା।

ପୂର୍ବତନ ଜିଲା ଭାଜପା ଉପସଭାପତି ଶ୍ରୀକାନ୍ତ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ସଭା ଆୟୋଜିତ ହୋଇଥିଲା। ଏଥିରେ ବରିଷ୍ଠ ନେତା ସୂର୍ଯ୍ୟ ପାଣିଗ୍ରାହୀ, ପୁଷ୍ପାଞ୍ଜଳି ଜେନା, ସୀତାକାନ୍ତି ମେସୁଆ, ଡା. ପ୍ରଭାସ ଦେବତା, ଡ. ସୁଷମା ସାହୁ, ରୁନୁ ପ୍ରଧାନ, ସରୋଜିନୀ ନାଏକ, ପୂର୍ଣ୍ଣବାସୀ ପଣ୍ଡା, କାଜଲ ଚକ୍ରବର୍ତ୍ତୀ, ମୈଥିଳି ବାଗ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସରୋଜ ସାହୁ, ଦେଓକିରଣ ପଟ୍ଟନାୟକ, ମୁକେଶ ଜରିୱାଲ, ରଞ୍ଜିତ ରଥ, କିଶୋର ନାଏକ ପ୍ରମୁଖ ପରିଚାଳନା କରିଥିଲେ। ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ବାରିକ ନବ ନିଯୁକ୍ତ ଦୁଇ ମହିଳା ନେତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ଜିଲା ଭାଜପା ମହିଳା ମୋର୍ଚ୍ଚାର ଉପସଭାନେତ୍ରୀ ଅମୂଲ୍ୟା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହାକୁ ନେଇ ଜିଲା ସଭପତି ପଟେଲ କହିଛନ୍ତି, ଆମ ଜିଲାର ୩ଜଣ ମହିଳାଙ୍କୁ ରାଜ୍ୟ ନେତୃତ୍ୱରେ ସାମିଲ କରାଯାଉଥିବାରୁ ଆମେ ଗର୍ବିତ। ଆଜି ସେମାନଙ୍କୁ ସ୍ୱାଗତ କରାଯାଇଥିଲା। କୁଚିଣ୍ଡା କାର୍ଯ୍ୟକ୍ରମ ଥିବାରୁ ଅନୁପସ୍ଥିତ ରହିଥିଲି। ମହିଳାମାନେ ଦଳର ଶକ୍ତି ବୋଲି ସେ କହିଥିଲେ।

## ସଂକ୍ଷେପରେ

### ବିସ୍ଥାପିତଙ୍କ ସହ ନୂଆଁଖାଇ ପାଳିବ ବିଙ୍ଗ୍ ହ୍ୟୁମାନ୍ ଫାଉଣ୍ଡେଶନ୍

ବଲାଙ୍ଗୀର, ୧୨।୯ (ବୀରେନ୍ଦ୍ର କୁମାର ଝାଙ୍କର)

ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପ ଦ୍ୱାରା ବିସ୍ଥାପିତ ହୋଇ କୁସ୍‌ମେଲ ଥଇଥାନ କଲୋନୀରେ ରହୁଥିବା ବିଭିନ୍ନ ଗାଁର ବିସ୍ଥାପିତଙ୍କ ସହ ଚଳିତ ବର୍ଷ ନୂଆଁଖାଇ ପାଳନ କରିବ ସ୍ୱେଚ୍ଛାସେବୀ ଅନୁଷ୍ଠାନ ବିଙ୍ଗ୍ ହ୍ୟୁମାନ୍ ଫାଉଣ୍ଡେଶନ୍। ସଂଗଠନ ପକ୍ଷରୁ ଏହିମର୍ମରେ ନିଷ୍ପତ୍ତି ନିଆଯାଇଛି। କୁସମେଲ କଲୋନୀରେ ବନଛୋରପାଲି, ସାନତେଲେନପାଲି ଓ ପୋଡମୁଣ୍ଡ ଗାଁର ବିସ୍ଥାପିତମାନେ ରହୁଛନ୍ତି। ଉପରୋକ୍ତ ତିନୋଟି ଗାଁର ଲୋକଙ୍କ ସହ ପାଖଆଖର ୫ଟି ପଞ୍ଚାୟତର ଲୋକେ ନୂଆଁଖାଇ ପାଳନ ସଂକ୍ରାନ୍ତରେ ସୋମବାର ରାତିରେ କୁସମେଲ କଲୋନୀରେ ବୈଠକ କରିଥିଲେ। ବୈଠକରେ କୁସ୍‌ମେଲ ଥଇଥାନ କଲୋନୀ ସହ କୁସମେଲ ଗାଁ ଲୋକ ଏକାସାଙ୍ଗରେ ନୂଆ ଖାଇବେ ବୋଲି ନିଷ୍ପତ୍ତି ନିଆଯାଇଛି। ଫାଉଣ୍ଡେସନର ପ୍ରତିଷ୍ଠାତା ସୋମନାଥ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବହୁ ବ୍ୟକ୍ତି ଏବଂ ସ୍ୱେଚ୍ଛାସେବୀ ଉପସ୍ଥିତ ଥିଲେ।

### 'ନୂଆଁଖାଇରେ ଇଷ୍ଟଦେବୀ ମନ୍ଦିରକୁ ଆଲୋକମାଳାରେ ସଜାଅ'

ବଲାଙ୍ଗୀର, ୧୨।୯ (ବୀରେନ୍ଦ୍ର କୁମାର ଝାଙ୍କର)

ନୂଆଁଖାଇ ଅବସରରେ ଆଗାମୀ ୧୯ ଓ ୨୦ ତାରିଖ ଇଷ୍ଟଦେବୀ ପାଟଣେଶ୍ୱରୀ ଓ ସମଲେଶ୍ୱରୀଙ୍କ ମନ୍ଦିରକୁ ଆଲୋକମାଳା ଓ ପୁଷ୍ପରେ ସଜ୍ଜିତ କରିବା ପାଇଁ ବଲାଙ୍ଗୀର ଦେବାଳୟ ସୁରକ୍ଷା କମିଟି ପକ୍ଷରୁ ଅତିରିକ୍ତ ଜିଲାପାଳ ଲମ୍ବୋଦର ଧରୁଆଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସ୍ୱତନ୍ତ୍ର ଭୋଗ ନୀତି ପାଇଁ ମଧ୍ୟ ଦାବି କରାଯାଇଛି। ମନ୍ଦିରରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ ହୋଇଥାଏ। ପ୍ରଶାସନ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରାଯାଇଛି। ଦେବୀ ପାଟଣେଶ୍ୱରୀଙ୍କ ମୁକୁଟ ଭାଙ୍ଗି ଯାଇଥିବା ବିଷୟରେ ମଧ୍ୟ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଦେବାଳୟ ସୁରକ୍ଷା କମିଟି ଆବାହକ ପ୍ରଶାନ୍ତ ମହାକୁର, ସମଲେଇ ମନ୍ଦିର ଆଳତି କମିଟି ସଭାପତି ବିକାଶ ସାଏ, ସୂଚନା କର୍ମୀ ଶମ୍ଭୁ ପ୍ରସାଦ ଶତପଥି, ହଳଦିଆ ତେଲି ସମାଜ ସଭାପତି ଅଶୋକ କୁମାର ସାହୁ ଦାବି ଉପସ୍ଥାପନ କରିଥିଲେ।

# ସଂସ୍କୃତ ଭାଷା ବିନା ଭାରତୀୟ ସଂସ୍କୃତି ଅସମ୍ପୂର୍ଣ୍ଣ



ସଂସ୍କୃତ ଦିବସ ପଳନ ସଭାରେ ମଞ୍ଚାସୀନ ଅତିଥି ।

## ନୂଆପଡା ଜିଲାସ୍ତରୀୟ ସଂସ୍କୃତ ଦିବସ ପାଳିତ

ନୂଆପଡା, ୧୨।୯ (ମକାରୁ ବେମାଲ)

ନୂଆପଡା ନ୍ୟାଶନାଲ ଉଚ୍ଚ ବିଦ୍ୟାଳୟରେ ଜିଲା ଶିକ୍ଷା କାର୍ଯ୍ୟାଳୟ ନୂଆପଡା ପକ୍ଷରୁ ଜିଲାସ୍ତରୀୟ ବିଶ୍ୱ ସଂସ୍କୃତ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ କରୁଣାକର ଭୂଏ ମୁଖ୍ୟ ଅତିଥି, ଗୋଷ୍ଠୀ ଶିକ୍ଷା ଅଧିକାରୀ ହେମ ସାଗର ମହାନନ୍ଦ ମୁଖ୍ୟବକ୍ତା, ଜିଲା ବିଜ୍ଞାନ ନିରୀକ୍ଷକ ଗିରିଧାରି ସା, ନ୍ୟାଶନାଲ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଗୋଲାପ ଚନ୍ଦ୍ର ସାହୁ, ଟାନୱାଟ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବିନୋଦ କୁମାର ପାଢ଼ି, ସଂସ୍କୃତ ଭାରତୀ ଉତ୍କଳ ଶିକ୍ଷଣ ପ୍ରମୁଖ ମାନସ ରଞ୍ଜନ ସାହୁ, ଗୁରୁକୁଳ ଆଶ୍ରମ ଆମସେନା ଉପାଚାର୍ଯ୍ୟ ଡା.କୁଞ୍ଜଦେବ ମନିସୀ, ଗୁରୁକୁଳ ଆଶ୍ରମ ହରିପୁର ଦିଲିପ ଜିଜ୍ଞାସୁ ଆମନ୍ତ୍ରିତ ଅତିଥି ଭାବେ ଯୋଗଦେଇ ଥିଲେ। ସଂସ୍କୃତ ଭାଷା ଓ ସଂସ୍କୃତି ହେଉଛି ପ୍ରତ୍ୟେକ ଭାରତୀୟଙ୍କ ସ୍ୱତନ୍ତ୍ର ପରିଚୟ। ସଂସ୍କୃତ ଭାଷା ବିନା ଭାରତୀୟ ସଂସ୍କୃତି ଅସମ୍ପୂର୍ଣ୍ଣ। ମାତ୍ର ରାଜ୍ୟରେ ସଂସ୍କୃତ ଭାଷାର ସ୍ଥିତି ଦୟନିୟ ହୋଇପଡିଛି। ଉଚ୍ଚ ବିଦ୍ୟାଳୟସ୍ତରରୁ ସଂସ୍କୃତ ଭାଷା ପ୍ରତି ବୈମାତୃକ ମନୋଭାବ ପୋଷଣ କରାଯାଇ ତୃତୀୟ ଭାଷାର ବିକଳ୍ପ ଭାବେ ବୈଷୟିକ ଶିକ୍ଷା ପ୍ରଚଳନ କରାଯାଉଛି। କିନ୍ତୁ କୌଣସି ଭାଷାର ବିକଳ୍ପରେ ବୈଷୟିକ ଭାଷା ହୋଇ ପାରିବ ନାହିଁ ବୋଲି ନୂଆପଡା ଜିଲାର ବିଭିନ୍ନ ବ୍ଲକରୁ ଆସିଥିବା ଅନୁରାଗୀ ଅତିଥି ବୃନ୍ଦ ମତ ରଖିଛନ୍ତି। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ବଳରାମ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସନ୍ତୋଷ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ।

# କଣ୍ଠଶିଳ୍ପୀ ଜିତେନ୍ଦ୍ର କୁମ୍ଭାରଙ୍କୁ ସଙ୍ଗୀତରେ ଶ୍ରଦ୍ଧାଞ୍ଜଳି



କଳାକାର ସ୍ୱର୍ଗତ ଜିତେନ୍ଦ୍ର କୁମ୍ଭାରଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ପଶ୍ଚିମ ଓଡ଼ିଶାର ଜଣାଶୁଣା କଳାକାର ଏବଂ କଣ୍ଠଶିଳ୍ପୀ

## ପଶ୍ଚିମ ଓଡ଼ିଶାର ଜଣାଶୁଣା କଳାକାର ଜଣାଇଲେ ଶ୍ରଦ୍ଧାସୁମନ

ବଲାଙ୍ଗୀର, ୧୨।୯ (ବୀରେନ୍ଦ୍ର କୁମ୍ଭାର ଝାଙ୍କର)

ପଶ୍ଚିମ ଓଡ଼ିଶାର ଜଣାଶୁଣା କଣ୍ଠଶିଳ୍ପୀ ତଥା କଳାକାର ସ୍ୱର୍ଗତ ଜିତେନ୍ଦ୍ର କୁମ୍ଭାରଙ୍କ ଏକାଦଶାହ ଉପଲକ୍ଷେ ସ୍ଥାନୀୟ ଟାଉନ୍ ହଲଠାରେ ଏକ ସଙ୍ଗୀତ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ପଶ୍ଚିମ ଓଡ଼ିଶାର ବହୁ ଜଣାଶୁଣା ଓ ଲୋକପ୍ରିୟ କଳାକାର ଯୋଗଦେଇ ସ୍ୱର୍ଗତ କୁମ୍ଭାରଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଆୟୋଜିତ ଭଜନ ସମାରୋହରେ ପଦ୍ମଶ୍ରୀ ଡ଼. ଜିତେନ୍ଦ୍ର ହରିପାଲ, ପଙ୍କଜ ଜାଲ, ମାନସୀ ପାଣିଗ୍ରାହୀ, ରୁକୁ ସୁନା, ଗଗନ ବାଗ, ଶାଶ୍ୱତ ତ୍ରିପାଠୀ, ନବୀନ କୁଅଁର, ବ୍ୟାସଦେବ ପୁରୋହିତ, ଶାନ୍ତନୁ ବାରିକ, ଲିଙ୍ଗରାଜ ବରିହା, ସୃଷ୍ଟିକା ବାରିକ, ଟିକୁ ବିଶି, କ୍ଷୀରୋଦ, ଟିସୁ, ବରୁନ, ଜନ୍ମେଜୟ, ଦିଲୀପ ଦୀପ, ଲିଲିମା ମହାନ୍ତି, ନିରି, ଶ୍ରାବଣୀ ମେହେର ଭଜନ ପରିବେଷଣ କରି ସ୍ୱର୍ଗତ କୁମ୍ଭାରଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। କଳାକାର ଗୋପାଳ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲା ସଂସ୍କୃତି ଅଧିକାରୀ ରଶ୍ମି ରଞ୍ଜନ ମିଶ୍ର ଯୋଗ ଦେଇଥିଲେ। ସମାଜସେବୀ ପ୍ରସନ୍ନ ମିଶ୍ର, ପ୍ରହଲ୍ଲାଦ ଦର୍ଜୀ, ଅଚ୍ୟୁତ ପୁରୋହିତ, ଉଗ୍ରସେନ୍ ଷଡଙ୍ଗୀ, ସଂଗ୍ରାମ ନାଏକ, ସୋମନାଥ ମିଶ୍ର, ସତ୍ୟ ବନ୍‌ଛୋର, ଗଜମଣି ବାଗ, ପ୍ରଶାନ୍ତ ଖମାରୀ, ଦେବେନ୍ଦ୍ର ସାହୁ, ମୁରଲୀ ପତୀ, ଗୋଲାପ ବାଗ, ବଳରାମ ସା, ଲଳିତ ପୂଝାରୀ, କିଶୋର ଜାଲ, ଜୟପ୍ରକାଶ ପୂଝାରୀ, ଶରତ ମହାକୁର, ବିନୋଦ କାଲସାଏ, ଶାନ୍ତନୁ ପୁରୋହିତ ପ୍ରମୁଖ ସ୍ୱର୍ଗତ କୁମ୍ଭାରଙ୍କ ସ୍ମୃତିଚାରଣ କରିଥିଲେ।

# କଳାବ୍ୟାଜ ପିନ୍ଧିଲେ ଓଏଭି ଶିକ୍ଷୟିତ୍ରୀଶିକ୍ଷକ



ମହୀମୁଣ୍ଡା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଶିକ୍ଷୟିତ୍ରୀଶିକ୍ଷକମାନେ କଳାବ୍ୟାଜ୍ ପିନ୍ଧିଛନ୍ତି।

ବଲାଙ୍ଗୀର, ୧୨।୯ (ବୀରେନ୍ଦ୍ର କୁମାର ଝାଙ୍କର)

ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ଓଏଭି) ଶିକ୍ଷକ ମହାସଂଘ ଆହ୍ୱାନକ୍ରମେ ୫ଦଫା ନେଇ ବଲାଙ୍ଗୀର ଜିଲାର ବିଭିନ୍ନ ବ୍ଲକରେ ଥିବା ଆଦର୍ଶ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀମାନେ କଳାବ୍ୟାଜ ପିନ୍ଧି ଶନିବାରଠାରୁ ନୀରବ ପ୍ରତିବାଦ କରୁଛନ୍ତି। ୧୬ ତାରିଖ ଯାଏ କଳାବ୍ୟାଜ ପରିଧାନ କରିବେ ବୋଲି ସୂଚନା ଦେଇଛନ୍ତି। ସୂଚନା ଅନୁସାରେ ପ୍ରତି ବ୍ଲକର ଆର୍ଥିକ ଅନଗ୍ରସର ପିଲାଙ୍କୁ ଇଂଲିଶ ମାଧ୍ୟମରେ ଶିକ୍ଷାଦାନ ଲକ୍ଷ୍ୟ ନେଇ ୨୦୧୬ ମସିହାରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା କରାଯାଇଥିଲା। ଏହି ବିଦ୍ୟାଳୟ ତାର ଶ୍ରେଷ୍ଠତ୍ୱ ପ୍ରତିପାଦିତ କରି ଦେଶର ଶ୍ରେଷ୍ଠ ୧୦ ଇଂଲିଶ ମାଧ୍ୟମ ବିଦ୍ୟାଳୟ ତାଲିକାରେ ସ୍ଥାନ ପାଇଛି। ତଥାପି ନିଯୁକ୍ତି ନିୟମରେ ଥିବା ବ୍ୟବସ୍ଥା ଗୁଡିକ ଦୀର୍ଘ ୭ ବର୍ଷ ପରେ ମଧ୍ୟ ଲାଗୁ ହୋଇପାରିନାହିଁ। ଚାକିରିସର୍ତ୍ତାବଳୀ ଓ କ୍ୟାଡର ନିୟମାବଳୀ ମଧ୍ୟ ଲାଗୁ କରାଯାଇନାହିଁ। ଆଦର୍ଶ ବିଦ୍ୟାଳୟ ସଙ୍ଗଠନ ନିୟମାବଳୀ କ୍ରମାଙ୍କ ୧୫, ୧୯ ସଂଶୋଧନ, ସର୍ଭିସ କଣ୍ଡିସନ ସହ ହ୍ୟୁମାନ ରିସୋର୍ସ ମ୍ୟାନେଜମେଣ୍ଟ (ଏଚଆରଏମଏସ) ଜରିଆରେ ସମସ୍ତ କର୍ମଚାରୀଙ୍କୁ ଦରମା ଓ ପୁନଃ ଥଇଥାନ ଆଦି ଦାବି ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଶିକ୍ଷକ ମହାସଂଘ ବଲାଙ୍ଗୀର ଜିଲା ଶାଖା ସଭାପତି ଗଜମଣି ବାଗ, ଉପସଭାପତି ଜୟନ୍ତ ସାହୁ, ସମ୍ପାଦକ ଗୋପବନ୍ଧୁ ମେହେର, ସହ ସମ୍ପାଦକ ସସ୍ମିତା କହ୍ନେର, କୋଷାଧ୍ୟକ୍ଷ ମନୀଷା ସାହୁ, ଉପକୋଷାଧ୍ୟକ୍ଷ ଚକ୍ରଧର ଦୀପ, ଜିଲାର ବିଭିନ୍ନ ବ୍ଲକର ବିଦ୍ୟାଳୟ ପ୍ରତିନିଧି ସୂଚନା ଦେଇଛନ୍ତି।

## କୋକସରା ସାର୍ବଜନୀନ ଦୁର୍ଗାପୂଜା କମିଟି କର୍ମକର୍ତ୍ତା ଚୟନ

କୋକସରା, ୧୨।୯ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)

କୋକସରା ବ୍ଲକସ୍ତରୀୟ ଦୁର୍ଗାପୂଜା ପାଇଁ ଶିବ ମନ୍ଦିର ପରିସରରେ ନୂତନ କର୍ମକର୍ତ୍ତା ଚୟନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଗତ ବର୍ଷ ପୂଜାର ଆୟବ୍ୟୟ ହିସାବ ପୂର୍ବତନ ସଭାପତି ଗୋବର୍ଦ୍ଧନ ବାଗ ଉପସ୍ଥାପନ କରିଥିଲେ। ପରେ ସର୍ବସମ୍ମତି କ୍ରମେ ପୂଜା କମିଟି ସଭାପତି ଭାବେ ତ୍ରିଭୁବନ ନାଏକ, ଉପସଭାପତି ବନମାଳୀ ପ୍ରଧାନୀ, ସନତ କୁମାର ପ୍ରଧାନୀ, ସାଧାରଣ ସମ୍ପାଦକ ଅଧିରାଜିତ ନାଏକ, ଯୁଗ୍ମ ସମ୍ପାଦକ ଅମିତ ସୁନା, ଅମୂଲ୍ୟ ବିଶି, କୋଷାଧ୍ୟକ୍ଷ ସୀମାଞ୍ଚଳ ବେହେରା, ତପନ ମାଝିଙ୍କୁ ମନୋନୀତ କରାଯାଇଛି। ଉପଦେଷ୍ଟା କୋକସରା ସରପଞ୍ଚ କିଶୋର ଚନ୍ଦ୍ର ପ୍ରଧାନୀ, ଗୋବର୍ଦ୍ଧନ ବାଗ, ଶ୍ରୀନିବାସ ପ୍ରଧାନୀ, ରାମଚନ୍ଦ୍ର ପାଣିଗ୍ରାହୀ, ବିନୋଦ ବିହାରୀ ରାଉତ, ନବୀନ ନାଏକ, ଅନିଲ କୁମାର ପ୍ରଧାନୀ, ପୁରୁଷୋତ୍ତମ ନାଏକ, ପ୍ରମୋଦ ପ୍ରଧାନୀ, ସୁଶାନ୍ତ ବେହେରା, ମହେଶ ଗୁପ୍ତା, ଦୁଷ୍ମନ୍ତ ପାଙ୍ଗଯୋଷୀ ରହିଛନ୍ତି। ଚଳିତବର୍ଷ ପୂଜା ବଜାର ପଡ଼ାସ୍ଥିତ ନିକଟ ନୂତନ ମଣ୍ଡପରେ କରାଯିବା ନିଷ୍ପତ୍ତି କରାଯାଇଛି।

# ସାମ୍ବାଦିକ ଭବନ ଉନ୍ନତୀକରଣ ପାଇଁ ଶିଳାନ୍ୟାସ



ରାଜ୍ୟ ହାଉସିଂ ବୋର୍ଡ ଅଧ୍ୟକ୍ଷ କଲିକେଶ ନାରାୟଣ ସିଂଦେଓ, ପୌରାଧ୍ୟକ୍ଷା ଲିକା ସାହୁ ଉନ୍ନତୀକରଣ କାର୍ଯ୍ୟର ଶିଳାନ୍ୟାସ କରୁଛନ୍ତି।

## ପୌରପାଳିକା ପକ୍ଷରୁ ୧୫ ଲକ୍ଷ ଟଙ୍କାର ଅନୁଦାନ

ବଲାଙ୍ଗୀର, ୧୨।୯ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସାମ୍ବାଦିକ ଭବନ ଉନ୍ନତିକରଣ ପାଇଁ ସ୍ଥାନୀୟ ପୌରପାଳିକା ପକ୍ଷରୁ ୧୫ ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରାଯାଇଛି। ମଙ୍ଗଳବାର ରାଜ୍ୟ ହାଉସିଂ ବୋର୍ଡ ଅଧ୍ୟକ୍ଷ କଲିକେଶ ନାରାୟଣ ସିଂଦେଓ ଓ ପୌରାଧ୍ୟକ୍ଷା ଲିକା ସାହୁ ସାମ୍ବାଦିକ ଭବନଠାରେ ଅତିଥିଭାବେ ଯୋଗଦେଇ ଏହି ଉନ୍ନତୀକରଣ କାର୍ଯ୍ୟର ଶିଳାନ୍ୟାସ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୌର ଉପାଧ୍ୟକ୍ଷା ଗାୟତ୍ରୀ ଭୋଇ, ୨୧ନମ୍ବର ୱାର୍ଡର କାଉନସିଲର ଲଳାଟେନ୍ଦୁ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଶିଳାନ୍ୟାସ ପରେ ସଂଘ ସଭାଗୃହରେ ସଂଘ ସଭାପତି ଶିବପ୍ରସାଦ ପରିଡାଙ୍କ ସଭାପତିତ୍ୱ ଏବଂ ପ୍ରଦୀପ୍ତ ମିଶ୍ରଙ୍କ ସଂଯୋଜନାକ୍ରମେ ଅତିଥି ରାଜ୍ୟ ହାଉସିଂ ବୋର୍ଡ ଅଧ୍ୟକ୍ଷ ସିଂଦେଓ, ପୌରାଧ୍ୟକ୍ଷା ସାହୁ, ଉପାଧ୍ୟକ୍ଷା ଭୋଇ ଓ ସଂଘ ସାଧାରଣ ସମ୍ପାଦକ ଶିଶିରକାନ୍ତ ଶତପଥି ମଞ୍ଚାସୀନ ଥିଲେ। ମଞ୍ଜୁର ହୋଇଥିବା ୧୫ ଲକ୍ଷ ଟଙ୍କା ଅନୁଦାନରେ ଅଳ୍ପଦିନ ମଧ୍ୟରେ ଉନ୍ନୟନ କାମ ଆରମ୍ଭ ହେବ ବୋଲି ପୌରାଧ୍ୟକ୍ଷା ସାହୁ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଘ କୋଷାଧ୍ୟକ୍ଷ ସୁନୀଲ ମହାନ୍ତି, ବରିଷ୍ଠ ସଦସ୍ୟ ଗୋପବନ୍ଧୁ ଶତପଥୀ, ନବୀନ ପଶାୟତ, ସୁଧିର ମିଶ୍ର, ଶରତ ମିଶ୍ର, ଆନନ୍ଦ ସାହୁ, ସନ୍ଦିପ କୁଅଁର, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ବଳରାମ ମିଶ୍ର, ବୀରେନ୍ଦ୍ର ଝାଙ୍କର, ଦୀପକ ପୁରୋହିତ, ଅଭିନ୍ନ ଆଶୁତୋଷ ଶତପଥି, ତରୁଣ ସାହୁ, ମୋହନ ଅଗ୍ରୱାଲ, ପୱନ ବଂଶଲ, ମହେନ୍ଦ୍ର ପଧାନ, ରାଧାକୃଷ୍ଣ ମିଶ୍ର, ସଚ୍ଚିଦାନନ୍ଦ ବର୍ଗତ୍ତି, ପ୍ରେସକ୍ଲବ ସଭାପତି ଅରୁଣ ମିଶ୍ର, ବରିଷ୍ଠ ନାଗରିକ ମଞ୍ଚ ସଭାପତି ପ୍ରଭାକର ମିଶ୍ର, ସୁନୀଲ ବିଶ୍ୱାଳ, ସଦର ବ୍ଲକ ପୂର୍ବତନ ଅଧ୍ୟକ୍ଷ ଗୋଲାପ ବାଗ, ସ୍ୱେଚ୍ଛାସେବୀ ସଙ୍ଗଠନର ଗୋବିନ୍ଦ ଶତପଥୀ, ନାଗରିକ କମିଟି ସମ୍ପାଦକ ମନୋରଞ୍ଜନ ସାହୁ, ପ୍ରଭାକର ମିଶ୍ରଙ୍କ ସମେତ ସହରର ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

# ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଟଙ୍କା ହଡ଼ପ

ଖଡ଼ିଆଳ, ୧୨।୯ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଚଞ୍ଚକତା କରି ଚାଷୀଙ୍କ ଟଙ୍କା ହଡପ ହୋଇଥିବା ଅଭିଯୋଗ ହୋଇଛି। ଜଣେ ଚାଷୀ ଫସଲ ବୀମା କରି ନ ଥିବାବେଳେ ଅନ୍ୟ ଜଣେ ଚାଷୀ ଉକ୍ତ ଜମିର ବୀମା କରି ଟଙ୍କା ହଡ଼ପ କରିଥିବା ଭଳି ସଙ୍ଗୀନ ଅଭିଯୋଗ ସାମନାକୁ ଆସିଛି। ଏନେଇ ଖଡ଼ିଆଳ ଥାନାରେ ଲିଖିତ ଅଭିଯୋଗ ହୋଇଛି। ସୂଚନା ଅନୁସାରେ, ଖଡ଼ିଆଳ ସହରର ଦିଲ୍ଲୀପ କୁମାର ତ୍ରିବେଦୀଙ୍କ ସାନମହେଶର ପଞ୍ଚାୟତରେ ୧୨.୦୮ ଏକର ଜମି ରହିଛି। ଦିଲ୍ଲୀପଙ୍କ ଅଭିଯୋଗ ଅନୁସାରେ ସେ ଗତ ୨୦୨୨-୨୩ ରେ କୌଣସି ଫସଲ ବୀମା କରି ନ ଥିଲେ। କିନ୍ତୁ ପରେ ସେ ଜାଣିବାକୁ ପାଇଲେ ଯେ, ତାଙ୍କ ଜମିରେ ୪ଜଣ ହିତାଧିକାରୀଙ୍କ ନାମରେ ପ୍ରାୟ ୨ ଲକ୍ଷରୁ ଉର୍ଦ୍ଧ୍ୱ ବୀମା ରାଶି ପୈଠ ହୋଇଛି। ଏନେଇ ଦିଲ୍ଲୀପ ଘଟଣାର ତଦନ୍ତ କରିବା ପରେ ଜାଣିପାରିଥିଲେ। ଖଡ଼ିଆଳ ଖାସବାହାଲ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବଙ୍କାପୁର ଗ୍ରାମର କେତେକ ବ୍ୟକ୍ତିଙ୍କ ନାମରେ ଟଙ୍କା ଉଠାଣ ହୋଇଛି । ସୂଚନାଯୋଗ୍ୟ ଯେ, ବଙ୍କାପୁର ଗାଁରୁ ସାନମହେଶର ଗ୍ରାମର ଦୂରତା ୨୨ କିମି ରହିଛି। ହେଲେ ଏଠାରେ ପ୍ରଶ୍ନ ଉଠୁଛି ଯେ, ବଙ୍କାପୁର ଗାଁର ହିତାଧିକାରୀମାନେ ସାନମହେଶର ଗ୍ରାମରେ କିପରି ଫସଲ ବୀମା କରିଥିଲେ। ବର୍ତ୍ତମାନ ଏହି ଘଟଣା ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି। ଜମି ଜଣେ ଜଣଙ୍କର ହେଲେ ଅନ୍ୟ ଚାରି ଜଣ ଚାଷୀ ଚଞ୍ଚକତା କରି ଲକ୍ଷାଧିକ ବୀମା ଟଙ୍କା ହାତେଇଛନ୍ତି। ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ କରିବା ସହ ଦୋଷୀଙ୍କ ବିରୋଧରେ ଆଇନଗତ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦିଲ୍ଲୀପ ତ୍ରିବେଦୀ ଦାବି କରିଛନ୍ତି। ଏହି ବିଷୟ ନେଇ ଖଡ଼ିଆଳ ଥାନା ଅଧିକାରୀ ପ୍ରଦୀପ କୁମାର ଧରୁଆ ସହ ଯୋଗାଯୋଗ କରିବାରୁ ସେମାନଙ୍କ ନାମରେ କେଶ ହୋଇଛି, ତଦନ୍ତ ଚାଲିଛି ବୋଲି କହିଛନ୍ତି।

# ମିଶନ୍ ଇନ୍ଦ୍ରଧନୁଷ ୫.୦ ଉଦ୍‌ଘାଟିତ

ବଲାଙ୍ଗୀର, ୧୨।୯ (ବୀରେନ୍ଦ୍ର କୁମାର ଝାଙ୍କର)

ଜିଲାସ୍ତରୀୟ ମିଶନ୍ ଇନ୍ଦ୍ରଧନୁଷ ୫.୦ ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମ କନ୍ଧପାଲି ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଅନୁଷ୍ଠିତ ହୋଇଥିଲା। ଭାରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର କୁବେର ଚନ୍ଦ୍ର ମହନ୍ତା ମିଶନ ଇନ୍ଦ୍ର ଧନୁଷ ୫.୦ (ଆଇ.ଏମ.ଆଇ) ସମ୍ମିଳିତ ଟୀକାକରଣ ଅଭିଯାନକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମ ଜିଲାରେ ୩ଟି ପର୍ଯ୍ୟାୟରେ ଚାଲିବ। ସେପ୍ଟେମ୍ବର ୧୧ରୁ ୧୬ ତାରିଖ, ଅକ୍ଟୋବର ୯ରୁ ୧୪ ଏବଂ ନଭେମ୍ବର ୬ରୁ ୧୧ ତାରିଖ ପର୍ଯ୍ୟନ୍ତ ଏହି ଟୀକାକରଣ କାର୍ଯ୍ୟକ୍ରମ ଧାର୍ଯ୍ୟ ହୋଇଛି । ଏଥିରେ ଜିଲାରେ ଜନ୍ମରୁ ୫ ବର୍ଷ ଯାଏଶିଶୁଙ୍କୁ ଟୀକାକରଣ କରାଯିବ। ଜନ୍ମରୁ ୨ ବର୍ଷ ଯାଏ ୫୪୩୮ଜଣ, ୨ରୁ ୫ ବର୍ଷ ଯାଏ ଶିଶୁଙ୍କୁ ୫୦୩ ଜଣ ଏବଂ ଗର୍ଭବତୀ ମହିଳା ୧୦୦୯ ଜଣଙ୍କୁ ଟୀକା ଦେବାକୁ ଲକ୍ଷ୍ୟ ରଖାଯାଇଛି। ଜିଲାର ୩୪ଟି ସ୍ଥାନରେ ଏହି କାର୍ଯ୍ୟକ୍ରମ କରାଯିବ। ଏଥିପାଇଁ ପଞ୍ଜୀକରଣ କରିବାକୁ ଏଉ-ୱିନ ନାମକ ଏକ ଅନଲାଇନ ପୋର୍ଟାଲ କରାଯାଇଛି। ହିତାଧିକାରୀ ଏହା ମାଧ୍ୟମରେ ପଞ୍ଜୀକରଣ କରିପାରିବେ। ଭାରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଅପରାହ୍ଣରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ସମ୍ମିଳନୀ ଗୃହରେ ଏକ ଖବରଦାତା କାର୍ଯ୍ୟକ୍ରମ ଜରିଆରେ ତଥ୍ୟ ଦେଇଥିଲେ। ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଦିବ୍ୟକିଶୋର ପତି, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡାକ୍ତର ସୁଧା ବାର୍ଲା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସରୋଜ କୁମାର ସାହୁ, ଜିଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ରୀତାଞ୍ଜଳି ମିଶ୍ର, ଗୁରୁଦେବ କୁମ୍ଭାର ଉପସ୍ଥିତ ଥିଲେ ।



ଭାରପ୍ରାପ୍ତ ସିଡିଏମ୍‌ଓ ମିଶନ୍ ଇନ୍ଦ୍ରଧନୁଷ୍ ଉପରେ ସୂଚନା ପ୍ରଦାନ କରୁଛନ୍ତି।

# କେସିଙ୍ଗା ବନସଂରକ୍ଷକ କାର୍ଯ୍ୟାଳୟରେ ନୂତନ ରେଞ୍ଜରଙ୍କ ଯୋଗଦାନ

କେସିଙ୍ଗା, ୧୨।୯ (ଡୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା ବନସଂରକ୍ଷକ କାର୍ଯ୍ୟାଳୟରେ ନୂତନ ଭାବେ ପ୍ରଭାତୀ ସେଠ ଓଡିଶା ବନସେବା-୧, ଆଞ୍ଚଳିକ ବନ ସଂରକ୍ଷକ, କେସିଙ୍ଗା ରେଞ୍ଜରେ ଯୋଗଦାନ କରିଛନ୍ତି। ସେ ଏହା ପୂର୍ବରୁ ଲାଠୋରରେ କାର୍ଯ୍ୟ କରୁଥିଲେ। କେସିଙ୍ଗା ରେଞ୍ଜ ଅଧିନସ୍ଥ ବଜରଗର୍ଡର ଚତୁଃପାର୍ଶ୍ୱରେ ବୃକ୍ଷରୋପଣ କରିବା ସହ ଜଙ୍ଗଲ ସୁରକ୍ଷା, ଜୀବ ଜନ୍ତୁଙ୍କ ସୁରକ୍ଷା ଦେବା ସହ ସରକାରଙ୍କ ବିଭିନ୍ନ ଯୋଜନାକୁ ସଫଳ ରୂପାୟନ କରିବି ବୋଲି ରେଞ୍ଜର ପ୍ରଭାତୀ ସେଠ ପ୍ରକାଶ କରିଥିଲେ।



ବୁଢ଼ାରଜା ମନ୍ଦିରରେ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଉଛି।

# ବୁଢ଼ାରଜା ମନ୍ଦିରରୁ 'ମୋ ମାଟି ମୋ ଦେଶ' ପାଇଁ ମାଟି ସଂଗ୍ରହ

କୋକସରା, ୧୨।୯ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)

ଆଜାଦି କି ଅମୃତ ମହୋତ୍ସବର ୭୫ ବର୍ଷ ପୂର୍ତ୍ତି ଅବସରରେ ଦେଶର ଶହୀଦ ଯବାନଙ୍କ ସ୍ମୃତି ଓ ଶ୍ରଦ୍ଧାଞ୍ଜଳି ଉଦ୍ଦେଶ୍ୟରେ ଦିଲ୍ଲୀରେ ଏକ ଅମୃତ ବାଟିକା ଉଦ୍ୟାନ ନିର୍ମାଣ କରାଯାଉଛି। ସାରାଦେଶରୁ ମାଟି ସଂଗ୍ରହ କରିବା ପାଇଁ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ ଭାଜପା ପକ୍ଷରୁ ଆୟୋଜିତ ହେଉଥିବାବେଳେ ମଙ୍ଗଳବାର ଆମପାଣି ବୁଢ଼ାରଜା ମନ୍ଦିରରେ ପ୍ରଭୁ ବୁଢ଼ାରଜାଙ୍କ ନିକଟରେ ମାଟି କଳସ ପୂଜାର୍ଚ୍ଚନା କରିବା ପରେ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମର ଶୁଭାରମ୍ଭ କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା କରିଥିଲେ। ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ କୋକସରା ବ୍ଲକର ୨୨ ପଞ୍ଚାୟତରେ ଏହି କାର୍ଯ୍ୟକ୍ରମ ଜରିଆରେ ଦଳୀୟ କର୍ମକର୍ତ୍ତାମାନେ ପହଞ୍ଚି ମାଟି ସଂଗ୍ରହ କରିବା ଅଭିଯାନ ଜାରି ରଖିବା ନେଇ ଜଣାପଡିଛି। ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମର ପ୍ରଭାରୀ ଲକ୍ଷ୍ମୀକାନ୍ତ ବାଗଙ୍କ ତତ୍ତ୍ୱାବଧାନରେ କଳାହାଣ୍ଡି ଏମ୍‌ପିଙ୍କ ସହ ଭାଜପାର ବରିଷ୍ଠ ନେତା ଜନାର୍ଦ୍ଦନ ପଣ୍ଡା, କଳାହାଣ୍ଡି ଜିଲା ଭାଜପା ଯୁବମୋର୍ଚ୍ଚା ସଭାପତି ବିଜୟଦେ ସାହୁ, ଜିଲା କୃଷକ ମୋର୍ଚ୍ଚା ସମ୍ପାଦକ ଗଣେଶ ନନ୍ଦ, କୋକସରା ମଣ୍ଡଳ ସମ୍ପାଦକ ତ୍ରିନାଥ ଶବର, ମଣ୍ଡଳ ପ୍ରଭାରୀ ଗରୁଡ଼ଧ୍ୱଜ ମାଝି, ଏମ୍‌ପି ପ୍ରତିନିଧି ସୁଧୀର ପାତ୍ର, ଆମପାଣି ମଣ୍ଡଳ ସଭାପତି ଅର୍ଜୁନ ଭାଟି, ସମ୍ପାଦକ ମଧୁବନ ପାତ୍ର, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଭଜମନ ନାଏକ ଓ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ୧୭ ବର୍ଷରୁ କମ୍ ବାଳିକା ବାଳକଙ୍କୁ ନେଇ କ୍ରୀଡ଼ା ପ୍ରତିଯୋଗିତା

ନୂଆପଡ଼ା, ୧୨।୯ (ମକାରୁ ବେମାଲ)

ନୂଆପଡ଼ା ସଦର ବ୍ଲକ ଆମସେନା ପଞ୍ଚାୟତ କଲ୍ୟାଣପୁର ଉଚ୍ଚ ବିଦ୍ୟାଳୟଠାରେ ବ୍ଲକସ୍ତରୀୟ ୧୪ ରୁ ୧୭ ବର୍ଷୀୟା ବାଳିକା ଓ ବାଳକ ବର୍ଗର କବାଡି, ଖୋଖୋ ଓ ଫୁଟବଲ ଚାମ୍ପିୟନଶିପ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ହେମ ସାଗର ମହାନନ୍ଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ସମାରୋହରେ ଜିଲା ଶିକ୍ଷା ଅଧିକାରୀ କରୁଣାକର ଭୁଏ ମୁଖ୍ୟ ଅତିଥି, ସଦର ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ଜିଲା ପରିଷଦ ସଦସ୍ୟ ଭାନୁ ପ୍ରତାପ ସିଂ ମାଝି, ଉମା ଠାକୁର, ସ୍ଥାନୀୟ ସରପଞ୍ଚ କବିତା ଚୌହାନ, ଏବିଓ ଚନ୍ଦ୍ରକଳା ଜଗତ ଓ ଚୈତରାମ ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ମଞ୍ଚାସୀନ ଥିଲେ। ଉକ୍ତ କାର୍ଯ୍ୟକ୍ରମର ଉଦ୍‌ଯାପନୀ ସମାରୋହରେ ଜିଲା ଓକିଲ ସଂଘ ସଭାପତି ପ୍ରସନ୍ନ କୁମାର ପାଢୀ ମୁଖ୍ୟ ଅତିଥି, ବିଶିଷ୍ଟ କ୍ରୀଡାବିତ ଯୌବନ ସଲମା ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିହାର ରଞ୍ଜନ ସାମଲ, ଡୁମେରପାଣି ସିଆରସିସି ଅମୀୟ ପାଢୀ, ବ୍ଲକର ସମସ୍ତ କ୍ରୀଡା ଶିକ୍ଷକ, ସିଆରସିସି, ଶିକ୍ଷୟିତ୍ରୀ ଶିକ୍ଷକ ଓ ବିଦ୍ୟାଳୟ ପରିଚାଳନା କମିଟି ସହଯୋଗ କରିଥିଲେ।



କଲ୍ୟାଣପୁର ଉଚ୍ଚ ବିଦ୍ୟାଳୟଠାରେ କ୍ରୀଡ଼ା ପ୍ରତିଯୋଗିତାରେ ଭାଗ ନେଇଥିବା ବାଳିକା ବାଳକ ।

## ସଂକ୍ଷେପରେ

### ଜିଲା ସ୍ତରୀୟ ବିଜ୍ଞାନ ସେମିନାର ପ୍ରତିଯୋଗିତା




ସୁନ୍ଦରଗଡ,୧୨।୯
(ଜୟ ନାରାୟଣ ମେଣ୍ଡୁଲି)

ସ୍ଥାନୀୟ ଭବାନୀ ଶଙ୍କର ଉଚ୍ଚ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ମଙ୍ଗଳବାର ବିଜ୍ଞାନ ସେମିନାର ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ସମସ୍ତ ବ୍ଲକର ବିଜ୍ଞାନ ସେମିନାରରେ ପ୍ରଥମ ହୋଇଥିବା ଛାତ୍ରୀଛାତ୍ରମାନେ ଭାଗ ନେଇଥିଲେ। ଏଥିରେ ମୁଖ୍ୟ ଅତିଥିଭାବେ ଅତିକକ୍ତି ଜିଲା ଶିକ୍ଷା ଅଧିକାରୀ ସାରଙ୍ଗ ଧର ବରିହା ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

### କଳାକାର ଚୟନ ଶିବିର ଉଦ୍‌ଯାପିତ

**ଲହୁଣୀପଡ଼ା,୧୨।୯ (ଦାଶରଥି ପଣ୍ଡା):** ସୁନ୍ଦରଗଡ ଜିଲା ଲହୁଣୀପଡ଼ା କଲ୍ୟାଣ ମଣ୍ଡପଠାରେ ଆୟୋଜିତ ୨ଦିନିଆ କଳାକାର ଚୟନ ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ବ୍ଲକର ୨ଟି ଜୋନ ମଧ୍ୟରୁ ପ୍ରଥମ ଦିନ ଖ ଜୋନର କଳାକାର ଏବଂ ୨ୟ ଦିନ କ ଜୋନର କଳାକାର ଅଂଶ ଗ୍ରହଣ କରିଥିଲେ। ପ୍ରଥମ ଦିନରେ ବ୍ଲକର (ଖ) ଜୋନର ୪୦ ଟି ଦଳ ଅଂଶଗ୍ରହଣ କରିଥିବା ବେଳେ ୨ୟ ଦିନରେ ୫୯ ଟି ନୃତ୍ୟ ଦଳ ଅଂଶଗ୍ରହଣ କରି ନିଜ ନିଜର କଳା ପ୍ରଦର୍ଶନ ଦେଖାଇଥିଲେ। ଏଥିସହ ସରକାରଙ୍କ ପ୍ରଚଳିତ ବିଭିନ୍ନ ଯୋଜନା ଉପରେ ବାଦ୍ୟ, ନୃତ୍ୟ, ଗୀତ ମାଧ୍ୟମରେ ଲୋକଙ୍କୁ ଅବଗତ କରାଇ ପାରିବେ ସେ ଉପରେ ପ୍ରଦର୍ଶିତ କଳା ଦଳ ମାନଙ୍କୁ ଚୟନ କରାଯାଇଥିଲା। ପ୍ରଥମ ଦିନରେ ବିଚାରକଭାବେ ବ୍ଲକର ବିଏସଏସଓ ଜାହ୍ନବୀ ମାହାନ୍ତ, ଡ୍ଲୁଇଓ ଭଗବତ ଟୁଡ୍ଡୁ, ହରିହର ମାହାନ୍ତ, ମିଶ୍ର ମାହାନ୍ତ ଯୋଗଦେଇ ଥିବା ବେଳେ ୨ୟ ଦିନରେ ବିଚାରକ ଭାବେ ବିଏସଏସଓ, ମତ୍ସ୍ୟବିଭାଗ ଅଧିକାରୀ, ବରିଷ୍ଠ କଳାକାର ସୁକଦେବ ପଲାଇ, ସରୋଜିନୀ ମାହାନ୍ତ ଯୋଗଦେଇ ଥିଲେ।

# ୭୫ ବର୍ଷରେ ପ୍ରସିଦ୍ଧ ଗଣେଶ ମେଳା

■ ୧୨ ଦିନ ଧରି ପାଳନ ହେବ ଉତ୍ସବ
■ ଅସ୍ଥାୟୀ ଦୋକାନ ପାଇଁ ଚାଲିଛି ବିବାଦ



ଦେବଗଡ଼,୧୨।୯
(ଶଶାଙ୍କ ଶେଖର ଝାଙ୍କର )

ଦେବଗଡର ପ୍ରସିଦ୍ଧ ଗଣେଶ ମେଳା ଚଳିତ ବର୍ଷ ୭୫ ବର୍ଷରେ ପଦାର୍ପଣ କରିବାସହ ଏହାର ପ୍ଲାଟିନମ ଜୁବୁଲୀ ପାଳନ କରିବାକୁ ଯାଉଛି । ଏହି ମେଳା ଆସନ୍ତା ୧୮ ତାରିଖଠାରୁ ଆରମ୍ଭ ହୋଇ ୨୯ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ସାର୍ବଜନୀନ ଗଣେଶ ମେଳା କମିଟି ଆୟୋଜକ (ବ୍ୟବସାୟୀ ସଂଘ)ପକ୍ଷରୁ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଦର୍ଶକଙ୍କ ମନୋରଞ୍ଜନ ପାଇଁ ପ୍ରତ୍ୟେକ ସନ୍ଧ୍ୟାରେ ଭଜନ ସମାରୋହ, ଅର୍କେଷ୍ଟ୍ରା ସମେତ ଫ୍ରି ସୋ ଅପେରା ଓ ଟିକେଟେଡ ଶୋ ଅପେରା ଆଦି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ବ୍ୟବସ୍ଥା କରାଯାଇଛି। ସେହିପରି ଅନ୍ନ ପ୍ରସାଦର ବ୍ୟବସ୍ଥା ପାଇଁ ମଧ୍ୟ ନିଷ୍ପତ୍ତି ନିଆଯାଇଛି। ଆୟୋଜକ କମିଟିର ନିଷ୍ପତ୍ତି ଅନୁଯାୟୀ ପୂଜା ପୂର୍ବଦିନ ଅର୍ଥାତ ୧୮ ତାରିଖରେ ଭବ୍ୟ କଳଶ ଯାତ୍ରା ଓ ଅଧିବାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ୧୯ ତାରିଖରୁ ୨୮ ପର୍ଯ୍ୟନ୍ତ ଗଣେଶ ପୂଜା ପାଳିତ ହେବ। ୨୯ରେ ଆକର୍ଷଣୀୟ ଭଷାଣୀ ଶୋଭାଯାତ୍ରା ହେବ। ପୂର୍ବବର୍ଷ ଭଳି ଚଳିତ ବର୍ଷ ମଧ୍ୟ ରାଜା ବାସୁଦେବ ହାଇସ୍କୁଲ ଖେଳ ପଡିଆରେ ମୀନାବଜାର ଓ ଦୋଳି ଆଦିର ବ୍ୟବସ୍ଥା କରାଯିବା ସହ ସହରର ବିଭିନ୍ନ ସ୍ଥାନରେ ବଜାର ଆଦି ବସାଇବାକୁ କମିଟି ସ୍ଥିର କରିଛି। ଚଳିତ ବର୍ଷ ମେଳାର ପ୍ଲାଟିନମ ଜୁବୁଲୀ ପାଳିତ ହେଉଥିବାରୁ କମିଟି ପକ୍ଷରୁ ସାଜସଜା ଓ ଆଲୋକୀକରଣ ବ୍ୟବସ୍ଥା ସମେତ ପୂଜା ମଣ୍ଡପ, ମୂର୍ତ୍ତୀ ନିର୍ମାଣ ଓ ମୁଖ୍ୟ ତୋରଣ ନିର୍ମାଣ ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି। ଶ୍ରଦ୍ଧାଳୁଙ୍କୁ ବର୍ଷାପାଣିରୁ ସୁରକ୍ଷା ଦେବା ନିମନ୍ତେ ପୂଜା ମଣ୍ଡପ ସମ୍ମୁଖରୁ ଆରମ୍ଭ କରି ପୁରୁଣା ପୋଷ୍ଟ ଅଫିସ ଛକ ଏବଂ ଅନ୍ୟାନ୍ୟ ସ୍ଥାନରେ ତାରପୋଲିନ ଛାଉଣି ଓ ସିଲିଂ ଖଞ୍ଜା ଯାଇଛି। ଭଷାଣୀ ଉତ୍ସବକୁ ମଧ୍ୟ ଅଧିକ ଆକର୍ଷଣୀୟ କରିବାକୁ କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। କିନ୍ତୁ ଦୁଃଖ ଓ ପରିତାପର ବିଷୟ ଯେ କିଛି ଲୋକ ମୀନାବଜାର ପାଇଁ ଅସ୍ଥାୟୀ ଦୋକାନ ତିଆରି କରି ବ୍ୟବସାୟୀ ମାଲିକଙ୍କ ପାଖରୁ ମୋଟ ଅଙ୍କର ଟଙ୍କା ନେବା ବସୁଧା କରିଥିବା ବେଳେ ସେହି ଲୋକଙ୍କୁ କମିଟି ପକ୍ଷରୁ ମଧ୍ୟ ସହଯୋଗ କରୁଥିବା ସୂଚନା ମିଳିଛି। ଏପଟେ ଆଉ କିଛି କମିଟି ପକ୍ଷରୁ କିଛି ଜାଗାରେ ଅସ୍ଥାୟୀ ଦୋକାନ ଦେଇ ବ୍ୟବସାୟୀ ମାନଙ୍କୁ ଦେବାର ଯୋଜନା ପ୍ରସ୍ତୁତ ଚାଲିଛି। କମିଟି ଓ ପୋଲିସ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସାଧାରଣରେ ଦାବି ହେଉଛି।

## ସରକାରୀ କଲେଜରେ ମାନସିକ ଚାପ ନିୟନ୍ତ୍ରଣ କର୍ମଶାଳା




ବୈଠକରେ ଉପସ୍ଥିତ ଅତିଥି ବୃନ୍ଦ।

ସୁନ୍ଦରଗଡ,୧୨।୯
(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ ସରକାରୀ କଲେଜରେ କର୍ମ କ୍ଷେତ୍ରରେ ଓ ଶିକ୍ଷାନୁଷ୍ଠାନରେ ମାନସିକ ଚାପ ନିୟନ୍ତ୍ରଣ ବିଷୟରେ ଏକ କର୍ମଶାଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସ୍ୱାସ୍ଥ୍ୟ ବିଭାଗ ଓ କଲେଜର ସହଭାଗୀତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ପ୍ରଧ୍ୟାପକ ଆଲୋକ କୁମାର ନାଏକ ସଭାପତିତ୍ୱ କରି କର୍ମଶାଳାର ଉଦ୍ଦେଶ୍ୟ ଓ ଆବଶ୍ୟକତା ସମ୍ପର୍କରେ ସୂଚନା ଦେଇଥିଲେ। କ୍ଲିନିକାଲ ସାଇକ୍ଲୋଜିଷ୍ଟ ସ୍ୱାତୀ ପ୍ରିୟଦର୍ଶିନୀ ଆଚାର୍ଯ୍ୟ ଯୋଗଦେଇ ଛାତ୍ରୀ ଛାତ୍ର, ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀ କିପରି ଚାପମୁକ୍ତ ଜୀବନଯାପନ କରିବେ ସେ ସମ୍ପର୍କରେ ପୁଙ୍ଖାନୁପୁଙ୍ଖଭାବେ ଆଲୋଚନା କରିଥିଲେ। ସେହିପରି ଅନ୍ୟତମ ବିଷୟ ବିଶେଷଜ୍ଞ ଅଞ୍ଜଳୀ ଯୋଗଦେଇ ମାନସିକ ରୋଗର ଲକ୍ଷଣ ଓ ନିରାକରଣ ବିଷୟରେ ଆଲୋକପାତ କରିଥିଲେ। ସହକାରୀ ପ୍ରଫେସର ଡ.ବିନୋଦ ବିହାରୀ ମଲ୍ଲିକ ନିୟମିତ ବ୍ୟାୟାମ, ଯୋଗାଭ୍ୟାସ, ସାତ୍ତ୍ୱିକ ଜୀବନର ଶୈଳୀ ଆପଣେଇବା ପାଇଁ କହିଥିଲେ। କାର୍ଯ୍ୟକ୍ରମରେ ସହକାରୀ ପ୍ରଫେସର ଶିବ ପ୍ରସାଦ ମହାନ୍ତି ବୈଷୟିକ ସହାୟତା ପ୍ରଦାନ କରିଥିଲେ। ସେକସନ ଅଫିସର ପ୍ରଦୀପ କୁମାର ବହିଦାର ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଅଧ୍ୟାପିକା ଅଧ୍ୟାପକ, ଛାତ୍ରୀଛାତ୍ର ଯୋଗଦେଇଥିଲେ।

## ଆଦର୍ଶ ବିଦ୍ୟାଳୟର ପ୍ରତିଷ୍ଠା ଦିବସ




ମୁଖ୍ୟଅତିଥି ଜଣେ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

ବ୍ରଜରାଜନଗର,୧୨।୯(ବିଜୟ ବରାଡ)

ଲଖନପୁରଠାରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ୯ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ବ୍ରଜରାଜନଗର ବିଧାୟିକା ଅଳକା ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ପୂର୍ବରୁ ଶିଶୁମାନେ ବିଧାୟିକାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ସଭାରେ ବ୍ଲକ ଶିକ୍ଷା ଅଧିକାରୀ ଯଶୋବନ୍ତ ସାହୁ, ଟିକେଶ୍ୱର ଜଗତ, ହେମସାଗର ଚୌଧୁରୀ, ଯୁଗଳ କିଶୋର ପରୁଆ, ସୁମନ୍ତ ହରିଜନ, ଶ୍ରୀକାନ୍ତ ଭୋଇ, ସୁରେନ୍ଦ୍ର ଜୟସାଲ, ସୁରଭି ଛତ୍ରିଆ, ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ପରେ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ।

## ନିଖୋଜ ବ୍ୟକ୍ତିଙ୍କ ମୃତଦେହ ଜବତ

ବ୍ରଜରାଜନଗର,୧୨।୯(ବିଜୟ ବରାଡ)

ଗାନ୍ଧୀ ଛକ ଫାଣ୍ଡି ଅନ୍ତର୍ଗତ ଠିଆବେର୍ଣ୍ଣା ଗ୍ରାମ ନିକଟ ଏକ ନାଳରେ ଦୁଇଦିନ ତଳେ ନିଖୋଜ ଥିବା ପଦ୍ମଲୋଚନ ଡିଲା (୫୬)ଙ୍କ ମୃତଦେହ ମଙ୍ଗଳବାର ଜବତ ହୋଇଛି। ସୂଚନା ଅନୁସାରେ ରବିବାର ସକାଳେ ପଦ୍ମଲୋଚନ ନିଖୋଜ ଥିବା ପରିବାର ପକ୍ଷରୁ ତାଙ୍କ ସ୍ତ୍ରୀ ବସନ୍ତ ଡିଲା ଗାନ୍ଧୀ ଛକ ଫାଣ୍ଡିରେ ସ୍ତଲିଖିତ ଅଭିଯୋଗ କରିଥିଲେ। ଏପରିସ୍ଥଳେ ନାଳରେ ମାଛ ଧରୁଥିବା ଲୋକେ ମୃତଦେହ ଭାସୁଥିବା ଦେଖି ଗାଁ ଲୋକଙ୍କୁ ଖବର ଦେଇଥିଲେ। ପରେ ଫାଣ୍ଡି ଅଧିକାରୀ ମଦନ ମୋହନ ନାୟକ ଏକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲେ। ପଦ୍ମଲୋଚନଙ୍କ ଘର ସୁନ୍ଦରଗଡ଼ ଜିଲା ଖପରିକୋଛା ଅଞ୍ଚଳରେ ହୋଇଥିବାବେଳେ ସେ ଠିଆବେର୍ଣ୍ଣା ତାଙ୍କ ଶ୍ୱଶୁର ଘରେ ରହୁଥିଲେ। ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ବିଜ୍ଞାନ ଭିତ୍ତିକ କ୍ଷୁଦ୍ର ନାଟକ ପ୍ରତିଯୋଗିତା




କ୍ଷୁଦ୍ର ନାଟକ ପ୍ରତିଯୋଗିତା ରେ ଅଭିନୟ କରୁଛନ୍ତି।

ଦେବଗଡ଼,୧୨।୯(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ଜିଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ରାଜା ବାସୁଦେବ ହାଇସ୍କୁଲ ପରିସରରେ ମଙ୍ଗଳବାର ଜିଲା ସ୍ତରୀୟ ବିଜ୍ଞାନ ଭିତ୍ତିକ କ୍ଷୁଦ୍ର ନାଟକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଈଶ୍ୱର ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରା ଯୋଗଦେଇ ନାଟକ ମାଧ୍ୟମରେ ସମାଜରୁ କୁସଂସ୍କାର ଦୂର କରିବା ସହ ଏକ ନୂତନ ଦିଗଦର୍ଶନ ଦିଆଯାଇ ପାରିବ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନୀତ ଅତିଥିଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ବିନୋଦ ସିଂ ଯୋଗ ଦେଇଥିଲେ। କ୍ଷୁଦ୍ର ନାଟକ ପ୍ରତିଯୋଗିତାରେ ଜିଲାର ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କାଳିଆପାଳ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପ୍ରଥମ, ଦେବଗଡ ରାଜା ବାସୁଦେବ ଉଚ୍ଚ ବିଦ୍ୟାଳୟ ଦ୍ୱିତୀୟ ଏବଂ ନାଉଲିପଡା ସରକାରୀ ଉଚ୍ଚ ବିଦ୍ୟାଳୟ ତୃତୀୟ ସ୍ଥାନ ଅଧିକାର କରିଥିଲା। ମହିଳା ମହାବିଦ୍ୟାଳୟର ଅଧ୍ୟାପକ ଚିତରଞ୍ଜନ ଦାସ ଓ ସାଂସ୍କୃତିକ ଅନୁଷ୍ଠାନ 'ଜାଗରଣ ଆର୍ଟ ଇଣ୍ଟର ନ୍ୟାସନାଲର ସମ୍ପାଦକ ସୁଜିତ କୁମାର ପାତ୍ର ବିଚାରକ ଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ସୁଗୁଡା କ୍ଲଷ୍ଟରର ସିଆର୍‌ସିସି ପ୍ରାଣବନ୍ଧୁ ଘଡେଇ ପରିଚାଳନା କରିଥିବା ବେଳେ ସଭା ପ୍ରାରମ୍ଭରେ ଜିଲା ବିଜ୍ଞାନ ନିରୀକ୍ଷକ ଦୁଃଖବନ୍ଧୁ ଭୁକ୍ତା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ଜିଲା ଶିକ୍ଷା ବିଭାଗର ସହାୟକ ଗୌରହରି ସାହୁ , ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ସନ୍ତୋଷିନୀ ଦାଶ, କାଦମ୍ବିନୀ ମିଶ୍ର, ସତ୍ୟପ୍ରିୟ ମିଶ୍ର, ଭାଗ୍ୟଶ୍ରୀ ଗିରି ଓ ରାମକୃଷ୍ଣ ସାହୁ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।

# ସୂଚନା ଶିକ୍ଷା, ଯୋଗାଯୋଗ ଅଭିଯାନ

ଦେବଗଡ଼,୧୨।୯
(ଶଶାଙ୍କ ଶେଖର ଝାଙ୍କର)



ଅଂଶଗ୍ରହଣ କରିଥିବା ଲୋକକଳା ଗ୍ରୁପ ।

ସ୍ଥାନୀୟ ବ୍ଲକ କନଫରେନ୍ସ ହଲଠାରେ ସାମାଜିକ ସୁରକ୍ଷା ସଶକ୍ତିକରଣ ବିଭାଗ ତରଫରୁ ଓଡିଶା ପାରମ୍ପରିକ ଲୋକ କଳା ମାଧ୍ୟମରେ ସୂଚନା ଶିକ୍ଷା ଓ ଯୋଗାଯୋଗ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଅଧ୍ୟକ୍ଷା ବୃନ୍ଦାବତୀ ଭୋଇ ଓ ବ୍ଲକ ଉପାଧ୍ୟକ୍ଷା ଆରତୀ ପ୍ରଧାନ ଯୋଗଦେଇଥିଲେ। ବ୍ଲକର ବିଭିନ୍ନ ପଞ୍ଚାୟତରୁ ଆସିଥିବା ୧୭ଟି ଲୋକକଳା ଗ୍ରୁପ ଏଥିରେ ଅଂଶ ଗ୍ରହଣ କରିଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ନନ୍ଦିଘୋଷ ନାୟକ ଏଥିରେ ସହଯୋଗ କରିଥିଲେ। ଏହି ଲୋକକଳା ଗ୍ରୁପମାନେ ବିଭିନ୍ନ ପଞ୍ଚାୟତର ସମସ୍ତ ଗ୍ରାମ ବୁଲି ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ନାଚ, ଗୀତ ଲୋକ କଳା ମାଧ୍ୟମରେ ଲୋକଙ୍କୁ ଅବଗତ କରାଇବେ।

## ରାସ୍ତା ଆଲୋକୀକରଣ ଦାବି

କୁଆଁରମୁଣ୍ଡା,୧୨।୯(ମହେନ୍ଦ୍ର କୁମାର ସାହୁ)

ସୁନ୍ଦରଗଡ ଜିଲା ବୀରମିତ୍ରପୁର ପୌରପାଳିକା ଅନ୍ତର୍ଗତ ୪ ନମ୍ବର ୱାର୍ଡ ରାସ୍ତାରେ ଅଲୋକିକରଣ ବ୍ୟବସ୍ଥା ମାସେ ହେଲା ଅଚଳ ହୋଇପଡିଛି। ଫଳରେ ପୁରୁଣା ଥାନା ନିକଟରୁ ଜଗନ୍ନାଥ ବାଟିକା, ବାରୀମଇଦାନ ଆଦି ଅଞ୍ଚଳ ଅନ୍ଧାରରେ ରହୁଛି। ଅନ୍ଧାରର ସୁଯୋଗ ନେଇ ଏଠାରେ ଅନେକ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି। ଏହି ଅଞ୍ଚଳ ଦେଇ ବୀରମିତ୍ରପୁର ସହରବାସିନ୍ଦା ରାତି ହେଲେ ଯା' ଆସ କରିବା ପାଇଁ ଉଚିତ ମଣୁ ନାହାଁନ୍ତି। ଏଥିପ୍ରତି ପୌର ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେଇ ତୁରନ୍ତ ଅଚଳ ଲାଇଟଗୁଡ଼ିକୁ ସଚଳ କରିବା ପାଇଁ ୱାର୍ଡ ବାସିନ୍ଦା ଦାବି କରିଛନ୍ତି।



ଅତିଥି ଫିତାକାଟି କାଟି ଉଦ୍‌ଘାଟନ କରୁଛନ୍ତି।

## ପଞ୍ଚଦିବସୀୟ ଫୁଟ୍‌ବଲ ପ୍ରତିଯୋଗିତା ଉଦ୍‌ଘାଟିତ

ଦେବଗଡ଼,୧୨।୯
(ଶଶାଙ୍କ ଶେଖର ଝାଙ୍କର )

ବାରକୋଟ ବ୍ଲକ ବଳମ ପଞ୍ଚାୟତ ନୂଆଗାଁ ଗ୍ରାମରେ ଦୋଳଗୋବିନ୍ଦ କ୍ଲବ ଆନୁକୂଲ୍ୟରେ ମଙ୍ଗଳବାର ପଞ୍ଚ ଦିବସୀୟ ଫୁଟ୍‌ବଲ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। କ୍ଲବ ସଭାପତି ସୁଜ୍ଞାନୀ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ବଳମ ପଞ୍ଚାୟତର ପୂର୍ବତନ ସରପଞ୍ଚ କ୍ଷେତ୍ରବାସୀ ପ୍ରଧାନ ଫିତାକାଟି ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ ଟିକେଶ୍ୱର ଦାସ ଓ ବନ୍ଧୁରାମ ସାହୁ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚ ବଗଛେରା ଆଦିବାସୀ କ୍ଲବ ଓ ବାରକୋଟର ଗଣେଶ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତା ଆୟୋଜନରେ କ୍ଲବର ସଦସ୍ୟ ଲିପନ, ପ୍ରଦୀପ, ପ୍ରଶାନ୍ତ, ଚୈତନ୍ୟ, ବଳରାମ, ଅଜୟ, ଅମସର ଓ ସଞ୍ଜୀବଙ୍କ ସମେତ ବହୁ ଗ୍ରାମବାସୀ ସହଯୋଗ କରିଥିଲେ। ମ୍ୟାଚ ଗୁଡିକୁ ସୁଜିତ ବାରିକ, ଗୋଲେଖ କିଷାନ, ପଦ୍ମଚରଣ ଗୁରୁ, ପ୍ରଶାନ୍ତ ମୁଣ୍ଡା ଓ ଯଶୋବନ୍ତ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ। ଭାଷ୍ୟକାର ଭାବେ ଲିପନ ନାୟକ ମ୍ୟାଚ ଗୁଡିକର ଧାରା ବିବରଣୀ ପ୍ରଦାନ କରିଥିଲେ। ଶେଷରେ କ୍ଲବର ସମ୍ପାଦକ ଶୁକଦେବ ଧଳ ଧନ୍ୟବାଦ ଦେଇଥଇଲେ।

# ସାମାଜିକ ବାସନ୍ଦ ମା' ଓ ଶିଶୁ କନ୍ୟା ଉଦ୍ଧାର

ଦେବଗଡ଼, ୧୨।୯
(ଶଶାଙ୍କ ଶେଖର ଝାଙ୍କର)

ରିଆମାଳର ତୁହିଲାମାଳ ଗ୍ରାମମୁଣ୍ଡରେ ଏକ ଅର୍ଦ୍ଧନିର୍ମିତ ମଣ୍ଡପରେ ପରିବାର ଦ୍ୱାରା ପରିତ୍ୟକ୍ତ ଓ ଜାତି ସମାଜ ଦ୍ୱାରା ବାସନ୍ଦ ହୋଇ ଆଶ୍ରୟ ନେଇ ରହୁଥିବା ଜଣେ ମା' ଓ ଶିଶୁ କନ୍ୟାକୁ ଉଦ୍ଧାର କରାଯାଇଛି। ସୂଚନା ଅନୁଯାୟୀ, ତୁହିଲାମାଳର ସିପା ସମ୍ବଲପୁରର ମାଧବ ଦେହୁରିକୁ ଜାତି ସମାଜର ବିରୋଧ ସତ୍ତ୍ୱେ ପ୍ରେମ ବିବାହ କରି ଶାଶୁ ଘରେ ରହୁଥିଲେ। ପରେ ତାଙ୍କର ଏକ ଶିଶୁ କନ୍ୟା ଜନ୍ମ ହୋଇଥିଲା। ହେଲେ କିଛି ବର୍ଷ ପରେ ମାଧବ ଆଉ ଜଣକୁ ବିବାହ କରି ମା' ଝିଅକୁ ପରିତ୍ୟକ୍ତ କରି ଦେଇଥିଲେ। ସିପା ନିଜ ଝିଅ ସହ ଚାଲି ଆସିଥିଲେ ତୁହିଲାମାଳସ୍ଥିତ ନିଜ ବାପା ଘରେ ଆଶ୍ରୟ ନେବାକୁ। ଘରେ ଭାଇ ଭାଉଜ ଥାଇ ମଧ୍ୟ ଜାତି ସମାଜର ବିରୋଧ ପାଇଁ ସେମାନଙ୍କୁ ଗ୍ରାମରେ ଆଶ୍ରୟ ମିଳି ନ ଥିଲା। ଶେଷରେ ସିପା ବିଭିନ୍ନ ହୋଟେଲ , ଦୋକାନରେ କାମ କରି ଝିଅକୁ ପୋଷିଲେ। ସେମାନଙ୍କ ପାଖରେ ଆଧାର କିମ୍ବା କୌଣସି ପରିଚୟ ପତ୍ର ନ ଥିବାରୁ ସରକାରଙ୍କ କୌଣସି ଯୋଜନା ସେମାନଙ୍କ ପାଖରେ ପହଞ୍ଚିପାରି ନ ଥିଲା। ମଙ୍ଗଳବାର ଉପ ଜିଲାପାଳ ପରକ୍ଷିତ ସାହୁଙ୍କଠାରୁ ସୂଚନା ପାଇ ଜିଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ରଙ୍କ ସହ ସ୍ଥାନୀୟ ସରପଞ୍ଚ ଜଲୀ ନାୟକ ଓ ସଖୀ କେନ୍ଦ୍ରର ମହିଳା କର୍ମକର୍ତ୍ତା ପି. ଜ୍ୟୋତି ଓ ଶ୍ରାବଣୀ ଦାସଙ୍କୁ ନେଇ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ ଓ ପରିବାର ବର୍ଗଙ୍କୁ ମା'ଝିଅଙ୍କୁ ଆଶ୍ରୟ ଦେବାକୁ ବୁଝାସୁଝା କରିଥିଲେ। ହେଲେ ଜାତି ସମାଜର ବାସନ୍ଦ ଭୟରେ ଭାଇ ଭାଉଜ ସେମାନଙ୍କୁ ଆଶ୍ରୟ ଦେବାକୁ ମନା କରି ଦେଇଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ମହାପାତ୍ର ଏହି ବାସହୀନ, ସାମାଜିକ ବାସନ୍ଦ ମା'ଝିଅଙ୍କୁ ଘଟଣା ସ୍ଥଳରୁ ଉଦ୍ଧାର କରି ଦେବଗଡ ସ୍ଥିତ ସଖୀ କେନ୍ଦ୍ରରେ ସାମୟିକ ଆଶ୍ରୟ ପାଇଁ ଛାଡି ଥିବା ସୂଚନା ମିଳିଛି। ସେମାନଙ୍କୁ ସରକାରଙ୍କ ବିଭିନ୍ନ ସାମାଜିକ ନିରାପତ୍ତା ଯୋଜନା ସହିତ ସଂଯୋଗ କରି ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ଦାବି ହେଉଛି।



ମା' ଝିଅଙ୍କୁ ଜିଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର ଉଦ୍ଧାର କରି ନେଉଛନ୍ତି।

# ଅଗଷ୍ଟରେ ଖୁଚୁରା ମୁଦ୍ରାସ୍ଫୀତି ୬.୮୩%

■ଖାଦ୍ୟ ମୁଦ୍ରାସ୍ଫୀତି ୯.୯୪%
■ଗ୍ରାମାଞ୍ଚଳରେ ଦରବୃଦ୍ଧି ହାର ୭.୦୨%

ଭୁବନେଶ୍ୱର,୧୨।୯ (ଅଭୟ ଦାଶ)



ଚଳିତ ବର୍ଷ ଅଗଷ୍ଟ ମାସରେ ଦେଶର ଖୁଚୁରା ମୁଦ୍ରାସ୍ଫୀତି ହାର ୬.୮୩%କୁ ଖସି ଆସିଛି ବୋଲି ମଙ୍ଗଳବାର ପରିସଂଖ୍ୟାନ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଏପରିକି ୨୦୨୩ ଜୁଲାଇରେ ଦେଶର ଖୁଚୁରା ମୁଦ୍ରାସ୍ଫୀତି ହାର ୭.୪୪%ରେ ରହିଥିଲା। ବିଶେଷକରି ଘରୋଇ ବଜାରରେ ଗତ କିଛି ସପ୍ତାହ ହେଲା ଖାଦ୍ୟ ସାମଗ୍ରୀ ଓ ପନିପରିବା ଦର ହ୍ରାସ ପାଇବାରୁ ଖୁଚୁରା ମୁଦ୍ରାସ୍ଫୀତି ହାର ଚଳିତ ବର୍ଷ ଅଗଷ୍ଟରେ ସାମାନ୍ୟ ହ୍ରାସ ଘଟିଛି ବୋଲି କୁହାଯାଉଛି। ସେହିଭଳି ଚଳିତ ବର୍ଷ ଅଗଷ୍ଟରେ ଦେଶର ଖାଦ୍ୟ ମୁଦ୍ରାସ୍ଫୀତି ହାର ହ୍ରାସ ପାଇ ୯.୯୪% ରହିଥିଲାବେଳେ ୨୦୨୩ ଜୁଲାଇରେ ତାହା ୧୧.୫୧% ଥିଲା। ଅପରପକ୍ଷରେ ଗ୍ରାମାଞ୍ଚଳରେ ଦରବୃଦ୍ଧି ହାର ୭.୬୩% ରୁ ଖସି ୭.୦୨% ଏବଂ ସହରାଞ୍ଚଳରେ ଦରବୃଦ୍ଧି ୭.୨୦% ରୁ ଖସି ୬.୫୯% ରେ ରହିଛି। ସେହିପରି ସିପିଆଇ କୋର୍ ମୁଦ୍ରାସ୍ଫୀତି ୨୦୨୩ ଅଗଷ୍ଟରେ ୪.୦୮%ରେ ରହିଥିବେଳେ ୨୦୨୩ ଜୁଲାଇରେ ଏହାର ପରିମାଣ ୪.୦୯%ରେ ରହିଥିଲା। ଉଲ୍ଲେଖଯୋଗ୍ୟ, ବିଗତ ୧୫ ମାସର ମୁଦ୍ରାସ୍ଫୀତି ସର୍ବୋଚ୍ଚ ସ୍ତରରେ ରହିଥିବା ବେଳେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଦର ବୃଦ୍ଧିକୁ ଘଟଣାକୁ ଗୁରୁତର ସହ ବିଚାର କରୁଛି। ଏପରିକି ଆରବିଆଇ ଦର ବୃଦ୍ଧିକୁ ୪% କୁ ଆଣିବା ପାଇଁ ବ୍ୟାପକ ଯୋଜନା କରୁଛି। ନିକଟରେ ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସ କହିଥିଲେ,ଦେଶର ପନିପରିବା ଦର ହ୍ରାସ ପାଉଥିବାରୁ ମୁଦ୍ରାସ୍ଫୀତି କମ୍ କରିବାରେ ଏହା ବେଶ୍ ସହାୟକ ହେବ। ସୂଚନାଯୋଗ୍ୟ, ଆର୍‌ବିଆଇ ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ଖୁଚୁରା ମୁଦ୍ରାସ୍ଫୀତି ହାର ୫.୪ % ରହିବା ନେଇ ପୂର୍ବାନୁମାନ କରିଛି।

# ନିବେଶକ ନିରୁତ୍ସାହିତ

ଭୁବନେଶ୍ୱର,୧୨।୯

ଗତ ୧ ସପ୍ତାହ ପରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ୨ୟ କାର୍ଯ୍ୟ ଦିବସ (ଷ୍ଟକ୍‌ବଜାର)ର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ନିରୁତ୍ସାହିତ ହୋଇପଡିଛନ୍ତି। କାରଣ କ୍ରମାଗତ ୭ ଦିନ ହେଲା ବଜାର କାରବାର ବୃଦ୍ଧି ଘଟିଥିବାବେଳେ ମଙ୍ଗଳବାର ଶେୟାର ବଜାରର କାରବାର ଫଳାଫଳ ଭିନ୍ନ ହୋଇଛି। ଫଳରେ ଷ୍ଟକ୍ ମାର୍କେଟର କାରବାର ଶେଷ ସୁଦ୍ଧା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ର ସେନ୍‌ସେକ୍ସ ୯୪.୦୫ ପଏଣ୍ଟ ବୃଦ୍ଧି ଘଟି ୬୭,୨୨୧.୧୩ ଅଙ୍କରେ କାରବାର ବନ୍ଦ କରିଥିଲା ବେଳେ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ୩.୧୫ ପଏଣ୍ଟ ହ୍ରାସ ଘଟି ୧୯,୯୯୩.୨୦ ଅଙ୍କରେ କାରବାର ବନ୍ଦ କରିଥିଲା।

# ସ୍ପିର୍ଷ୍ଟୋନିକ୍ ନବାଗତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା




ଭୁବନେଶ୍ୱର,୧୨।୯

ସ୍ପିର୍ଷ୍ଟୋନିକ୍ ଟେକ୍ନୋଲୋଜି ଆଣ୍ଡ ଆଡଭାନ୍ସ ରିସର୍ଚ୍ଚ ବା ଷ୍ଟାର ଯାନ୍ତ୍ରିକ ଓ ବୈଷୟିକ ମହାବିଦ୍ୟାଳୟର ୧୫ତମ ପ୍ରତିଷ୍ଠା ଦିବସ ନିକଟରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସ୍ପିର୍ଷ୍ଟୋନିକ୍‌ର ନବାଗତ ଛାତ୍ରୀଛାତ୍ରମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ଖୋର୍ଦ୍ଧା ନିକଟସ୍ଥ ଷ୍ଟାର ଯାନ୍ତ୍ରିକ ମହାବିଦ୍ୟାଳୟ ପରିସରରେ ୧୫ ତମ ପ୍ରତିଷ୍ଠା ଦିବସ ଏବଂ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏପରିକି ଚଳିତ ବର୍ଷର ଡିପ୍ଲୋମା ଓ ବିଟେକ୍ ଛାତ୍ରୀଛାତ୍ରମାନଙ୍କୁ କଲେଜ ପକ୍ଷରୁ ସ୍ୱାଗତ କରାଯାଇଛି। ଏହି ଅବସରରେ କଲେଜର ଚେୟାରମ୍ୟାନ୍ ତ୍ରିନୟନ ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାବେଳେ କଲେଜର ସମ୍ପାଦକ ତଥା ବିଶିଷ୍ଟ ଶିକ୍ଷାବିତ୍ ଇଂ ସଞ୍ଜୀବ ସାହୁ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ନବାଗତ ଛାତ୍ରୀଛାତ୍ରମାନଙ୍କୁ ବୈଷୟିକ ଶିକ୍ଷାର ସୁନ୍ଦର ବିନିଯୋଗ ଓ ଆଜିର ସମାଜରେ ଏହାର ଗୁରୁତ୍ୱ ଉପରେ ବିସ୍ତୃତ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଲେଜର ଟ୍ରଷ୍ଟି ବୃନ୍ଦାବନ ସାହୁ, ବିଶ୍ୱରଞ୍ଜନ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସେହିଭଳି କଲେଜର ଅଧ୍ୟକ୍ଷ ଡ. ପୁରୋହିତ ମିଶ୍ରଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଓ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ପରିଚାଳିତ ହୋଇଥିଲାବେଳେ କଲେଜର ନିର୍ଦ୍ଦେଶକ ଇଂ ବିକାଶ ଦାଶ ନବାଗତ ଛାତ୍ରୀଛାତ୍ରମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ପରିଶେଷରେ କଲେଜର ବାର୍ଷିକ ପତ୍ରିକା 'ସ୍ପିର୍ଷ୍ଟୋନିକା' ଉନ୍ମୋଚନ ହୋଇଥିଲା।

# ମେଟ୍ରା ସହ ହିଣ୍ଡାଲ୍‌କୋର ବୁଝାମଣା

ଭୁବନେଶ୍ୱର,୧୨।୯

ଦେଶର ପ୍ରମୁଖ ଘରୋଇ କମ୍ପାନୀ ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ ଲିମିଟେଡ ଏବଂ ଇଟାଲୀର ମେଟ୍ରା ଏସ୍‌ପିଏ ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ବିଶେଷକରି ଉଭୟ କମ୍ପାନୀ ମଧ୍ୟରେ ଏକ ପ୍ରଯୁକ୍ତିଗତ ସହଭାଗିତା ହୋଇଛି। ଏପରିକି ଭାରତରେ ହାଇସ୍ପିଡ୍ ରେଳ କୋଚ୍ ନିର୍ମାଣ ନିମନ୍ତେ ବୃହତ୍ ଆକାରର ଆଲୁମିନିୟମ ଏକ୍ସଟ୍ରସନ ଏବଂ ଫାବ୍ରିକେଶନ ପ୍ରଯୁକ୍ତି ପ୍ରସ୍ତୁତି ଆଦି ପାଇଁ ଏହି ବୁଝାମଣା ହୋଇଥିବା ଉଭୟ ପକ୍ଷରୁ କୁହାଯାଇଛି। ସେହିଭଳି ଆଲୁମିନିୟମ ନିର୍ମାଣ କ୍ଷେତ୍ରରେ ହିଣ୍ଡାଲ୍‌କୋର ବିପୁଳ ଅଭିଜ୍ଞତା ଏବଂ ଆଲୁମିନିୟମ ଏକ୍ସଟ୍ରସନ, ମେଶିନିଂ ଏବଂ ୱେଲ୍‌ଡିଂ କ୍ଷେତ୍ରରେ ମେଟ୍ରାର ସର୍ବାଧୁନିକ ଜ୍ଞାନକୌଶଳକୁ ମିଳିତ ଉପଯୋଗ କରି ଏକ ବିଶ୍ୱଶ୍ରେଣୀୟ ପ୍ରଯୁକ୍ତି ଭାରତକୁ ଆଣିବା ଦିଗରେ ଉଲ୍ଲେଖନୀୟ ପ୍ରୟାସ ହୋଇଛି। ଏହି ବୁଝାମଣା ବିଶ୍ୱର ସର୍ବବୃହତ୍ ରେଳ ନେଟ୍‌ୱର୍କ ପରିଚାଳନା କରୁଥିବା ଭାରତୀୟ ରେଳବାଇର ଆକାଂକ୍ଷିତ ଉନ୍ନତୀକରଣ କାର୍ଯ୍ୟକ୍ରମକୁ ଆଗେଇନେବା ଦିଗରେ ବେଶ୍ ସହାୟକ ହେବ। ଏ ସମ୍ପର୍କରେ ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜର ଏମ୍‌ଡି ସତୀଶ ପାଇ କହିଛନ୍ତି, ଭାରତରେ ଯାତ୍ରୀବାହୀ ଟ୍ରେନ୍‌ଗୁଡିକ ନିମନ୍ତେ ନୂତନ ଯୁଗର ଆଲୁମିନିୟମ ଏକ୍ସଟ୍ରସନସ ପ୍ରଚଳନ କରିବା ପାଇଁ ଆମେ ମେଟ୍ରା ସହ ହାତ ମିଳାଇ ବେଶ୍ ଉତ୍ସାହିତ ଅଛୁ। ସେହିଭଳି ମେଟ୍ରା ଏସ୍‌ପିଏର ସିଇଓ ଏନ୍‌ରିକୋ ଜାମ ପେଡ୍ରି କହିଛନ୍ତି, ହିଣ୍ଡାଲ୍‌କୋ ସହ ସହଭାଗିତା କରି ଆମେ ଆମର ଆଲୁମିନିୟମ ଏକ୍ସଟ୍ରସନ ପ୍ରଯୁକ୍ତିର ସାମର୍ଥ୍ୟକୁ ବୈଶ୍ୱିକ ମଞ୍ଚରେ ପ୍ରଦର୍ଶନ କରିବାର ସୁଯୋଗ ପାଇଛୁ। ବନ୍ଦେ ଭାରତ ଟ୍ରେନ୍‌ଗୁଡିକ ପାଇଁ ଯାତ୍ରୀବାହୀ କୋଚ ତିଆରିରେ ସହାୟତା କରିବାକୁ ହିଣ୍ଡାଲ୍‌କୋ ଏହି ପ୍ରକଳ୍ପ ନିମନ୍ତେ ୨୦୦୦କୋଟି ଟଙ୍କା ନିବେଶ କରିବା ଯୋଜନା ରଖିଛି ଏବଂ ପ୍ରଯୁକ୍ତି ମେଣ୍ଟ ଏହି ପ୍ରୟାସ ସକାଶେ ସର୍ବାଧୁନିକ ସମୟର ପ୍ରଯୁକ୍ତି ଯୋଗାଇଦେବ।




ଟୟୋଟା କିର୍ଲୋସ୍କର ମୋଟର୍ସ ପ୍ରାଇଭେଟ୍ ଲିମିଟେଡ୍‌ର ସ୍ୱୀକୃତିପ୍ରାପ୍ତ ଡିଲର ଇସପିରିଟ ଟୟୋଟା (ଫିଲ୍‌ଡ ମୋଟର ପ୍ରାଇଭେଟ୍ ଲିମିଟେଡ୍) ପଟିଆ ଭୁବନେଶ୍ୱର ପକ୍ଷରୁ ମଙ୍ଗଳବାର ଏକ ସ୍ୱତନ୍ତ୍ର ଅନାବରଣ ଉତ୍ସବର ଆୟୋଜନ କରାଯାଇଥିଲା। ଉକ୍ତ ଉତ୍ସବରେ ଫିଲ୍‌ଡ ମୋଟର ପ୍ରାଇଭେଟ୍ ଲିମିଟେଡ୍ (ଇସପିରିଟ ଟୟୋଟା)ର ଏମ୍‌ଡି ସୁନୀଲ ତାନେଜା ସମ୍ମାନିତ ଅତିଥି ଭାବେ ଯୋଗଦେଇ 'ଟୟୋଟା ରୁମିଅନ୍'ର ଅନାବରଣ ସହ ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରିଛନ୍ତି। ଏହି ପରିପ୍ରେକ୍ଷୀରେ ବିଓଆଇର ଜେଡଏମ୍ ଏସ୍.ମଳୟ ଦାସ, ୟୁବିଆଇର ଆଞ୍ଚଳିକ ମୁଖ୍ୟ ନିରଞ୍ଜନ ବାରିକ ଏବଂ ଇସପିରିଟ ଟୟୋଟାର ସିଇଓ ରାଜେଶ ଗଣ୍ଡୋତ୍ରା ପ୍ରମୁଖ ଉପସ୍ଥିତ ଅଛନ୍ତି।

# ଟାଟା ଷ୍ଟିଲ୍ ପକ୍ଷରୁ ସ୍ୱେଚ୍ଛାସେବୀ ସପ୍ତାହ

ଭୁବନେଶ୍ୱର,୧୨।୯

ଟାଟା ଷ୍ଟିଲ୍ ପକ୍ଷରୁ ସ୍ୱେଚ୍ଛାସେବୀ ସପ୍ତାହ ନିକଟରେ ପାଳିତ ହୋଇଯାଇଛି। ବିଶେଷକରି ସପ୍ତାହବ୍ୟାପୀ ପାଳନ କରାଯାଇଥିବା ଉକ୍ତ ସପ୍ତାହରେ କମ୍ପାନୀର କର୍ମଚାରୀ ଓ ସେମାନଙ୍କ ପରିବାର ସଦସ୍ୟମାନେ ବିଭିନ୍ନ ସ୍ୱେଚ୍ଛାକୃତ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଏପରିକି ଏହି ସପ୍ତାହକୁ ଟାଟା ଷ୍ଟିଲ୍‌ର ବିଭିନ୍ନ କାର୍ଯ୍ୟକ୍ଷେତ୍ର ଯଥା ଟାଟା ଷ୍ଟିଲ୍ ଭୁବନେଶ୍ୱର, ଟାଟା ଷ୍ଟିଲ୍ ମେରାମଣ୍ଡଳୀ (ଟିଏସ୍‌ଏମ୍), ଟାଟା ଷ୍ଟିଲ୍ କଳିଙ୍ଗନଗର (ଟିଏସ୍‌କେ) ଓ ଅନ୍ୟାନ୍ୟ ସ୍ଥାନରେ ପାଳନ କରାଯାଇଥିଲା। ସେହିଭଳି ସମାଜରେ ସକାରାତ୍ମକ ପ୍ରଭାବ ସୃଷ୍ଟି କରିବା ଲକ୍ଷ୍ୟ ନେଇ ଆୟୋଜିତ ଏହି ସପ୍ତାହରେ ବିଭିନ୍ନ ସ୍ୱେଚ୍ଛାକୃତ କାର୍ଯ୍ୟକ୍ରମ ରହିଥିଲା। ଭୁବନେଶ୍ୱରରେ ଟାଟା ଷ୍ଟିଲ୍‌ର କର୍ମଚାରୀମାନେ ଏହି ସପ୍ତାହର ବଡ଼ ଉତ୍ସାହ ସହ ସମୁଦାୟର କଲ୍ୟାଣ ପାଇଁ ସମର୍ପିତ ଭାବ ପ୍ରଦର୍ଶନ କରିଥିଲେ। ଭୁବନେଶ୍ୱରରେ ଥିବା ପ୍ରତିଭା ଆଶ୍ରମର ପାଖାପାଖି ୩୦ ଅନ୍ତେବାସୀଙ୍କୁ ରାଶନ ସାମଗ୍ରୀ ଓ ଔଷଧ ସହାୟତା ପ୍ରଦାନ କରାଯାଇଥିଲା। ଦଶମ ପାଠପଢ଼ା ଶେଷ ହେବା ପରେ ଶିକ୍ଷାକୁ ବ୍ୟାପକ କରିବା ପାଇଁ ମୂଲ୍ୟବାନ କ୍ୟାରିୟର ସୁଯୋଗ ବିଷୟରେ ସୂଚନା ପ୍ରଦାନକରି କ୍ୟାରିୟର କାଉନ୍‌ସେଲିଂ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଟାଟା ଷ୍ଟିଲ୍ ମେରାମଣ୍ଡଳୀରେ କମ୍ପାନୀର କର୍ପୋରେଟ୍ ସେବା ମୁଖ୍ୟ ମୋହିତ ଦାସଙ୍କ ନେତୃତ୍ୱରେ କର୍ମଚାରୀମାନେ ଟାଟା ଷ୍ଟିଲ୍ ସ୍ୱେଚ୍ଛାସେବୀ ସପ୍ତାହର ଶୁଭାରମ୍ଭକରି ଏକ ଉତ୍ସର୍ଗୀକୃତ ମୌସୁମୀ ସଡ଼କ ସୁରକ୍ଷା ସଚେତନତା ଅଭିଯାନ ଆୟୋଜନ କରିଥିଲେ।

## ଫୁର୍‌ସତ୍

# ରାସ୍ତାରେ ମଦର ସୁଅ

ଲିସ୍‌ବନ

ବେଳେବେଳେ ଏମିତି କିଛି ଜିନିଷ ଦେଖିବାକୁ ମିଳେ, ଯାହାର କେବେ କଳ୍ପନା କରିହୁଏନି। ସେପରି କିଛି ଘଟଣା ଦେଖିବାକୁ ମିଳିଛି ପର୍ତ୍ତୁଗାଲରେ। ଏଠାରେ ଏକ ଛୋଟ ସହରର ରାସ୍ତାରେ ପାଣି ଭଳି ମଦ ବୋହୁଥିବା ଦେଖିବାକୁ ମିଳିଛି। ଏହାର ଏକ ଭିଡିଓ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି। ରିପୋର୍ଟ ମୁତାବକ, ପର୍ତ୍ତୁଗାଲର ସାଓ ଲୋରେନ୍‌କୋ ଡି ବୈରୋ ନାମକ ଏକ ଛୋଟ ସହରର ରାସ୍ତାରେ ଲକ୍ଷାଧିକ ଲିଟର ମଦର ଏକ ସ୍ରୋତ ପାହାଡ଼ିଆ ଅଞ୍ଚଳରେ ତଳକୁ ବୋହୁଥିଲା। ଯେପରି ଏକ ମଦର ନଦୀ ଭଳି ଦୃଶ୍ୟମାନ ହେଉଥିଲା। ସହରର ଗଳିରେ ଏହା ବୋହୁଥିବା ଦେଖି ଲୋକେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ତେବେ ଏପରି ଘଟଣା ପାହାଡ଼ ଉପରେ ଥିବା ଏକ ମଦ କାରଖାନା ଲେଭିରା ଡିସ୍‌ଲେରିରେ ଦୁର୍ଘଟଣା ଫଳରେ ହୋଇଥିଲା।



କାରଖାନାରେ ହୋଇଥିବା ଦୁର୍ଘଟଣା ଫଳରେ ସେଠାରେ ଥିବା ନାଲିରଙ୍ଗର ମଦର ଟାଙ୍କି ଫାଟିଯାଇଥିଲା। ସେହି ଟାଙ୍କିରେ ୨ ମିଲିୟନ୍ ଲିଟର ଅର୍ଥାତ୍ ୨୨ ଲକ୍ଷ ଲିଟର ମଦ ଥିଲା। ଏହି ମଦର ସ୍ରୋତ ସହରସ୍ଥିତ ସର୍ଟିମା ନଦୀକୁ ଯାଉଥିଲା। ହେଲେ ଅଗ୍ନିଶମ ବାହିନୀ ଆସି ଏହାର ସ୍ରୋତକୁ କ୍ଷେତ ଆଡ଼କୁ ବଦଳାଇଦେଲେ। ପରେ ଅବସ୍ଥାରେ ସୁଧାର ଆସିଲା। ଏପରି ଦୁର୍ଘଟଣା ପାଇଁ ଲେଭିରା ଡିସ୍‌ଲେରି କ୍ଷମା ମାଗିବା ସହ ଏବେ ସେଠାରେ ମରାମତି କାମ ଚାଲୁ ରହିଛି।

# କପୁର ମହିଳାଙ୍କୁ ଫିଲ୍ମ ପାଇଁ ଅନୁମତି ନ ଥିଲା



କରୀନା କପୁର ଖାନ୍

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ କରୀନା କପୁର ଖାନ୍ ବଲିଉଡ୍‌ର କପୁର ପରିବାରରୁ ଆସିଛନ୍ତି। ତାଙ୍କ ଜେଜେ ରାଜ କପୁର, ତାଙ୍କ ବାପା ପୃଥ୍ୱୀରାଜ କପୁର ବଲିଉଡ୍‌ରେ ଭଲ ନାମ କମାଇଛନ୍ତି। ହେଲେ ମଧ୍ୟ ତାଙ୍କ କପୁର ପରିବାରରେ ଏକ ଅଜବ ନିୟମ ଥିଲା। ପରିବାରର ଝିଅ ହେଉ ବା ବୋହୂ କାହାରିକୁ ବି ଫିଲ୍ମରେ କାମ କରିବାକୁ ଅନୁମତି ନ ଥିଲା। ଏନେଇ କରୀନା ନିକଟରେ ଏକ ସାକ୍ଷାତ୍‌କାରରେ କହିଛନ୍ତି। ତେବେ ଏହି ନିୟମରେ ପରିବର୍ତ୍ତନର ଶ୍ରେୟ ସେ ତାଙ୍କ ବାପା ରଣଧୀର କପୁରଙ୍କୁ ଦେଇଛନ୍ତି। ରଣଧୀର କପୁର ଦୁନିଆର ସବୁଠୁ ଭଲ ବାପା ବୋଲି ସେ କହିଛନ୍ତି। ସେ ସମୟ ସହିତ ନିଜକୁ ମଧ୍ୟ ବଦଳାଇ ପାରିଛନ୍ତି। ତାଙ୍କ ଭଉଣୀ କରିସ୍ମା କପୁର ତାଙ୍କୁ ଫିଲ୍ମରେ କ୍ୟାରିୟର କରିବାକୁ ନ ଅଟକାଇ ସେଥିରେ ଆଗେଇବାକୁ ପରାମର୍ଶ ଦେଇଥିଲେ। କପୁର ପରିବାରର ପ୍ରଥମ ଝିଅ ଭାବେ କରିସ୍ମାଙ୍କ ପାଇଁ ଏହା କଠିନ ଥିଲା। ଏଥିପାଇଁ ତାଙ୍କ ବାପା ସବୁବେଳେ ସାଥ୍ ଦେଇଛନ୍ତି। ରଣଧୀର କପୁର ଜଣେ ଉଚ୍ଚ ବିଚାରୀୟ ବ୍ୟକ୍ତି ଥିବା କରୀନା କହିଛନ୍ତି। ତେବେ କରୀନା ୨୦୦୦ରୁ ତାଙ୍କ ଫିଲ୍ମ କ୍ୟାରିୟର ଆରମ୍ଭ କରିଛନ୍ତି। ସେ ଅନେକ ସିନେମାରେ କାମ କରି ଲୋକପ୍ରିୟ ହୋଇପାରିଛନ୍ତି। ଶେଷଥର ପାଇଁ ସେ ଚଳଚ୍ଚିତ୍ର 'ଲାଲ ସିଂ ଚଡ୍ଢା'ରେ ନଜରକୁ ଆସିଥିଲେ। ଏବେ ତାଙ୍କ ହାତରେ ୨/୩ଟି ଫିଲ୍ମ ରହିଛି। ଯେଉଁଥିରେ ସେ ଏବେ ବ୍ୟସ୍ତ ଅଛନ୍ତି। ଏଥିସହ ସେ କିଛି ଡକ୍ୟୁମେଣ୍ଟାରି ସିନେମା ଏବଂ ଟେଲିଭିଜନରେ ମଧ୍ୟ ନଜରକୁ ଆସିଛନ୍ତି।

# ବ୍ୟାନର ଧରି ଜୀବନସାଥୀ ଖୋଜୁଛନ୍ତି




ନ୍ୟୁୟର୍କ

ଏକ ନିର୍ଦ୍ଦିଷ୍ଟ ବୟସ ପରେ ଏକାକୀ ଜୀବନ ବିତାଇବା କଷ୍ଟକର ହୋଇପଡ଼େ। ବିରକ୍ତ ହୋଇ ନିଜ ପାଇଁ ଏକ ଭଲ ଜୀବନସାଥୀ ଖୋଜେ। ଅନେକେ ଏଥିରେ ଶୀଘ୍ର ସଫଳତା ପାଇଯାଉଥିବାବେଳେ କେତେଜଣ ଡେରିରେ ସଫଳତା ପାଇଥାନ୍ତି। ରିପୋର୍ଟ ମୁତାବକ, କରୋଲିନା ଗିଟ୍‌ସ ନାମକ ଜଣେ ଯୁବତୀ ନିଜ ପାଇଁ ଜୀବନସାଥୀ ଖୋଜୁଛନ୍ତି। ନ୍ୟୁୟର୍କ ମାନହର୍ଟନର ବାସିନ୍ଦା ୨୯ ବର୍ଷୀୟା କରୋଲିନା ୨ ବର୍ଷ ହେବ ଏକା ରହିବା ପରେ ଏବେ ଜୀବନସାଥୀ ତଲାସରେ ଅଛନ୍ତି। ହେଲେ ସେ ସେଥିପାଇଁ କୌଣସି ଡେଟିଂ ଆପ୍ ଜରିଆରେ ତାଙ୍କ ଜୀବନସାଥୀଙ୍କୁ ଖୋଜୁନାହାନ୍ତି। ସେ ଏଥିପାଇଁ ନିଜ ହାତରେ ଏକ ବ୍ୟାନର ପ୍ରସ୍ତୁତ କରିଛନ୍ତି। ସେଥିରେ ଲେଖା ହୋଇଛି 'ଲୁକିଂ ଫର ଏ ହଜ୍‌ବ୍ୟାଣ୍ଡ'। ସେହି ବ୍ୟାନରକୁ ହାତରେ ଧରି ସେ ରାସ୍ତାରେ ବୁଲୁଛନ୍ତି। ହେଲେ ତାଙ୍କୁ ଏ ପର୍ଯ୍ୟନ୍ତ କେହି ସେପରି ଜୀବନସାଥୀ ମିଳିପାରିନାହାନ୍ତି। ଏହାର ଫଟୋ ଏବେ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି। ଏଥିରେ ଲୋକଙ୍କ ଭିନ୍ନ ଭିନ୍ନ କମେଣ୍ଟ ମଧ୍ୟ ଦେଖିବାକୁ ମିଳିଛି। ଏହା ପୂର୍ବରୁ ମଧ୍ୟ ଲସ୍‌ଏଞ୍ଜେଲସର ଜଣେ ୩୫ ବର୍ଷୀୟା ଯୁବତୀ ଏପରି କାମ କରିଥିବା ନଜରକୁ ଆସିଛନ୍ତି। ଯିଏ ତାଙ୍କ ପାଇଁ ଜୀବନସାଥୀ ଖୋଜିଦେବେ, ତାଙ୍କୁ ୫୦୦୦ ଡଲାର ଉପହାର ସ୍ୱରୂପ ମିଳିବ ବୋଲି ମଧ୍ୟ ସର୍ତ୍ତ ରଖିଥିଲେ।

# ୫୦ ରାଜ୍ୟରେ ୧୦୦ ଗର୍ଲଫ୍ରେଣ୍ଡ

ୱାଶିଂଟନ୍

ସମସ୍ତେ ଚାହାନ୍ତି ତାଙ୍କ ଜୀବନରେ କେହି ଜଣେ ଭଲ ଜୀବନସାଥୀ ରହୁ। ହେଲେ ସମସ୍ତଙ୍କ କ୍ଷେତ୍ରରେ ଏହା ହୋଇ ନ ଥାଏ। ହେଲେ ଜଣେ ଯୁବକଙ୍କ କହିବା ମୁତାବକ, ସେ ଏପର୍ଯ୍ୟନ୍ତ ୫୦ ରାଜ୍ୟର ୧୦୦ ଝିଅଙ୍କୁ ଡେଟ୍ କରିସାରିଲେଣି, କିନ୍ତୁ ତାଙ୍କୁ ତାଙ୍କ ସ୍ୱପ୍ନର ରାଜକୁମାରୀ ମିଳିପାରିନାହିଁ। ରିପୋର୍ଟ ମୁତାବକ ଆମେରିକାର ମୋଣ୍ଟାନାର ବାସିନ୍ଦା ୨୬ ବର୍ଷୀୟ ମୈଥ୍ୟୁ ଓର୍ନ ୨୦୨୦ କରୋନା ମହାମାରୀ ସମୟରେ ସେ ଘରେ ବସି ବସି ବିରକ୍ତ ହେଉଥିଲେ। ସେଥିପାଇଁ ସେ ମୋବାଇଲରେ ଡେଟିଂ ଆପ୍ ଜରିଆରେ ଅନ୍‌ଲାଇନ ଡେଟିଂ ଆରମ୍ଭ କରିଥିଲେ। ତାଙ୍କୁ ଯେତେବେଳେ ଜଣାପଡ଼ିଲା କି ସେଥିରେ ନିଜର ଠିକଣା ବଦଳେଇହେବ, ଏହାପରଠାରୁ ସେ ନିଜର ଠିକଣା ବଦଳାଇ ବିଭିନ୍ନ ସ୍ଥାନରୁ ଝିଅଙ୍କ ସହ




ଡେଟିଂ ଆରମ୍ଭ କଲେ। ମୈଥ୍ୟୁ ନିଜ ଦେଶର ୫୦ ରାଜ୍ୟରୁ ମୋଟ ୧୦୦ ଜଣଙ୍କୁ ଡେଟ୍ କରିସାରିଛନ୍ତି। ହେଲେ ତାଙ୍କୁ ଏପର୍ଯ୍ୟନ୍ତ ତାଙ୍କ ଜୀନବସାଥୀ ମିଳିପାରି ନାହିଁ। ସେ ସମସ୍ତ ରାଜ୍ୟରେ ନିଜ ପାଇଁ ଜୀବନସାଥୀର ତଲାସରେ ଅଛନ୍ତି। ଏହି ମିଶନର ଆରମ୍ଭ ମିଚିଗାନ୍‌ରୁ ଆରମ୍ଭ କରି ଆଲାସ୍କା ପର୍ଯ୍ୟନ୍ତ ଯାଇଛି। ସେସବୁ ରାଜ୍ୟର ସମସ୍ତ ଡେଟିଂ ଝିଅଙ୍କ ପାଖକୁ ଗାଡ଼ି ଚଳାଇ ଯାଇଛନ୍ତି। ହେଲେ ତାଙ୍କୁ ଆଲାସ୍କା ଏବଂ ହୱାଇରୁ ବିମାନ ଜରିଆରେ ଯିବାକୁ ପଡ଼ିଥିଲା। ଏହି ମିଶନରେ ସେ ତାଙ୍କ ଡେଟିଂ ପାର୍ଟନରଙ୍କ ସହିତ ପାରାସେଲିଂ, ଜିପ୍ ଲିନିଂ, ହେଲିକପ୍ଟର ରାଇଡ୍, ହର୍ସ ରାଇଡ୍, ଏୟାର ବୋଟିଂ ଆଦିର ମଜା ଉଠାଇଛନ୍ତି। ମୈଥ୍ୟୁଙ୍କୁ ଏହା ମଧ୍ୟରୁ କିଛି ଝିଅ ପସନ୍ଦ ଆସିଥିବାବେଳେ ତାଙ୍କ ଘର ଦୂର ହୋଇଯିବାରୁ ସେ ସେମାନଙ୍କ ପ୍ରତି ଆଗ୍ରହୀ ନାହାନ୍ତି। ତାଙ୍କ କହିବା ମୁତାବକ, ଜୀବନସାଥୀ ସହିତ ଦେଖା ହେବା ଜରୁରୀ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ବାସୁଦେବ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ପରାଜୟ ସହ ଭାରତର ଅଭିଯାନ ଶେଷ

**ଦାଲିଆନ(ଚାଇନା), ୧୨।୯(ପି.ଟି.)**

ସ୍ଥାନୀୟ ଦାଲିଆନ ସୁଓୟୁୱାନ ଷ୍ଟାଡିୟମରେ ୨୩ବର୍ଷରୁ କମ୍ ଏସିଆନ କପ୍ ୨୦୨୪ କ୍ୱାଲିଫିକେଶନରେ କ୍ରମାଗତ ଦ୍ୱିତୀୟ ପରାଜୟ ସହ ଭାରତର ଅଭିଯାନ ଶେଷ ହୋଇଛି। ମଙ୍ଗଳବାର ଦଳ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ଠାରୁ ୦-୩ ଗୋଲ୍‌ରେ ପରାସ୍ତ ହୋଇଛି। ଏହି ପରାଜୟ ଦ୍ୱାରା ଭାରତ ଗ୍ରୁପ୍ 'ଜି'ରେ ସର୍ବନିମ୍ନ ସ୍ଥାନରେ ରହିଛି। ଦଳ ପୂର୍ବରୁ ଚାଇନାଠାରୁ ୧-୨ରେ ପରାଜିତ ହୋଇଥିଲା। ୟୁଏଇ ୪ ପଏଣ୍ଟ ସହ ଉନ୍ନତ ଗୋଲ୍ ବ୍ୟବଧାନ ଦୃଷ୍ଟିରୁ ଗ୍ରୁପ୍ ପଏଣ୍ଟ ଟେବୁଲର ଶୀର୍ଷରେ ରହିଛି। ଚାଇନା ମଧ୍ୟ ୪ ପଏଣ୍ଟ ଅର୍ଜନ କରିଛି। ଏହି ଦଳ ବର୍ତ୍ତମାନ ବିଭିନ୍ନ ଗ୍ରୁପ୍‌ରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଶ୍ରେଷ୍ଠ ୪ଙ୍କ ମଧ୍ୟରେ ସ୍ଥାନ ସହ ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହେବା ସମ୍ଭାବନା ରହିଛି। ଭାରତ କୋଚ୍ କ୍ଲିଫୋର୍ଡ ମିରାଣ୍ଡା ଏହି ମ୍ୟାଚ ପାଇଁ ଦୁଇ ଖେଳାଳି ପରିବର୍ତ୍ତନ କରିଥିଲେ। ସଞ୍ଜୀବ ଷ୍ଟାଲିନ ଓ ପାର୍ଥିବ ଗୋଗୋଇଙ୍କ ସ୍ଥାନରେ ରବି ଅଞ୍ଜୁ କନ୍ଦନଙ୍କୁ ଦଳରେ ନେଇଥିଲେ। ମାତ୍ର ସେଥିରୁ ସୁଫଳ ମିଳି ନ ଥିଲା।

# ସୁବ୍ରତ କପ୍ ଫୁଟ୍‌ବଲ ୧୯ରୁ

**ନୂଆଦିଲ୍ଲୀ, ୧୨।୯ (ପି.ଟି.)**




ସୁବ୍ରତ କପ୍ ଟ୍ରଫି ସହ ଅତିଥି ଓ କର୍ମକର୍ତ୍ତା।

ସୁବ୍ରତ କପ୍ ଇଣ୍ଟରନ୍ୟାଶନାଲ ଫୁଟ୍‌ବଲ ଟୁର୍ନାମେଣ୍ଟର ଆସନ୍ତା ସଂସ୍କରଣ ପାଇଁ ଆୟୋଜକ ସହର ତାଲିକାରେ ବେଙ୍ଗାଲୁରୁକୁ ସାମିଲ କରାଯାଇଛି। ସର୍ବପୁରାତନ ଜାତୀୟ ଆନ୍ତଃ-ସ୍କୁଲ ଫୁଟ୍‌ବଲ ଟୁର୍ନାମେଣ୍ଟ ସେପ୍ଟେମ୍ବର ୧୯ରୁ ଅକ୍ଟୋବର ୨୩ ପର୍ଯ୍ୟନ୍ତ ତିନୋଟି ଭେନ୍ୟୁରେ ଅନୁଷ୍ଠିତ ହେବ। ପୂର୍ବରୁ ଏହା ଦିଲ୍ଲୀ ଓ ଗୁରୁଗ୍ରାମରେ ଖେଳାଯାଉଥିଲା। ଅନ୍ୟପକ୍ଷରେ ୧୭ରୁ ବର୍ଷରୁ କମ୍ ଜୁନିୟର ବାଳକ ଓ ବାଳିକା ଟୁର୍ନାମେଣ୍ଟ ଦିଲ୍ଲୀ ଏନ୍‌ସିଆରରେ ହେବ। ୧୪ବର୍ଷରୁ କମ୍ ସବ୍‌ଜୁନିୟର ବାଳକ ପ୍ରତିଯୋଗିତାରେ ଏଏସ୍‌ସି ସେଣ୍ଟର, ଏୟାରଫୋର୍ସ ସେଣ୍ଟର, ଜାଲାହାଲି ଏବଂ ବେଙ୍ଗାଲୁରୁର ୟେହାଲାଙ୍କାସ୍ଥିତ ଏୟାର ଫୋର୍ସ ସ୍କୁଲରେ ଖେଳାଯିବ। ଦିଲ୍ଲୀ-ଏନ୍‌ସିଆରରେ ମ୍ୟାଚଗୁଡ଼ିକ ଆମ୍ବେଦକର ଷ୍ଟାଡିୟମ, ତେଜସ ଫୁଟ୍‌ବଲ ଗ୍ରାଉଣ୍ଡ (ଦିଲ୍ଲୀ), ସୁବ୍ରତ ଫୁଟ୍‌ବଲ ଗ୍ରାଉଣ୍ଡ (ଦିଲ୍ଲୀ) ଓ ଜିଡି ଗୋଏଙ୍କା ସ୍କୁଲ(ଗୁରୁଗ୍ରାମ)ଠାରେ ଖେଳାଯିବ। ୨୭ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରୁ ତିନୋଟି କାଟେଗୋରିରେ ମୋଟ ୧୦୯ଟି ଦଳ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ବାଂଲାଦେଶ ଓ ନେପାଳର ମଧ୍ୟ କେତୋଟି ଦଳ ଏଥିରେ ଭାଗ ନେବେ। ଏଥିରେ ୧୮୦ରୁ ଅଧିକ ମ୍ୟାଚ ଖେଳାଯିବ।

# ଭାରତ ପ୍ରଥମେ ଥାଇଲାଣ୍ଡକୁ ଭେଟିବ

**ରାଞ୍ଚି, ୧୨।୯(ପି.ଟି.)**

ହକି ଇଣ୍ଡିଆ ମଙ୍ଗଳବାର ଆଗାମୀ ଏସୀୟ ମହିଳା ହକି ଚାମ୍ପିୟନ୍ସ ଟ୍ରଫିର କାର୍ଯ୍ୟସୂଚୀ ଘୋଷଣା କରିଛି। ତଦନୁସାରେ ଅକ୍ଟୋବର ୨୭ରେ ଥାଇଲାଣ୍ଡ ବିପକ୍ଷରେ ଖେଳି ଭାରତ ଏହାର ଅଭିଯାନ ଆରମ୍ଭ କରିବ। ଉଦ୍‌ଘାଟନୀ ମ୍ୟାଚ କିନ୍ତୁ ମାଲେସିଆ ଓ ଜାପାନ ମଧ୍ୟରେ ହେବ। ସ୍ଥାନୀୟ ମାରାଙ୍ଗ ଗୋମ୍‌କେ ଜୟପାଲ ସିଂ ଆଷ୍ଟ୍ରୋ ଟର୍ଫ ହକି ଷ୍ଟାଡିୟମରେ ପ୍ରଥମ ଦିବସର ତୃତୀୟ ମ୍ୟାଚ ଭାରତ ଓ ଥାଇଲାଣ୍ଡ ମଧ୍ୟରେ ହେବ। ଏସୀୟ ଚାମ୍ପିୟନଶିପ୍‌ରେ ସମ୍ମାନଜନକ ଟ୍ରଫି ପାଇଁ କୋରିଆ, ମାଲେସିଆ, ଥାଇଲାଣ୍ଡ, ଜାପାନ, ଚାଇନା ଓ ଭାରତ ମଧ୍ୟରେ ହେବ। ୬ଟି ଦଳକୁ ନେଇ ଏହି ଟୁର୍ନାମେଣ୍ଟ ନଭେମ୍ବର ୫ରେ ଶେଷ ହେବ। ଗତବର୍ଷ ସ୍ପେନ୍‌ରେ ଏଫ୍‌ଆଇଏଚ୍ ମହିଳା ହକି ନେଶନ୍ସ କପ୍‌ରେ ଟାଇଟଲ ବିଜୟ ସହ ବର୍ମିଂହାମ୍ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଐତିହାସିକ ବ୍ରୋଞ୍ଜ ପଦକ ହାସଲ ପରଠାରୁ ଭାରତୀୟ ଦଳ ଭଲ ଫର୍ମରେ ରହିଛି। ଆୟୋଜକ ଦେଶ ୨୦୧୬ରେ ଏସିଆନ ଚାମ୍ପିୟନ୍ସ ଟ୍ରଫି ବିଜେତା ଏବଂ ୨୦୧୮ରେ ରନରଅପ୍ ହୋଇଥିଲା। ନଭେମ୍ବର ୨ରେ ଗ୍ରୁପ୍ ପର୍ଯ୍ୟାୟ ଶେଷ ମ୍ୟାଚରେ ଭାରତ କୋରିଆ ସହ ମୁକାବିଲା କରିବ। ସମସ୍ତ ଅଂଶଗ୍ରହଣକାରୀ ଦଳ ଗୋଟିଏ ଗ୍ରୁପ୍‌ରେ ରହିବେ। ଗ୍ରୁପ୍ ପର୍ଯ୍ୟାୟର ଶ୍ରେଷ୍ଠ ୪ ଦଳ ସେମିଫାଇନାଲ ପର୍ଯ୍ୟାୟକୁ ଉନ୍ନୀତ ହେବେ। ସେମିଫାଇନାଲ ପ୍ରଥମ ବନାମ ଚତୁର୍ଥ ଏବଂ ଦ୍ୱିତୀୟ ବନାମ ତୃତୀୟ ଦଳ ମଧ୍ୟରେ ହେବ। ଗତଥରର ଚାମ୍ପିୟନ ଜାପାନ ଟୁର୍ନାମେଣ୍ଟରେ ଏହାରପ୍ରଥମ ମ୍ୟାଚରେ କୋରିଆ ବିପକ୍ଷରେ ଖେଳିବ।

# ଆଜିଠୁ ଆଶିଷ ପଣ୍ଡା ମେମୋରିଆଲ ଅଲ୍ ଓଡ଼ିଶା ସ୍ନୁକର

**ଭୁବନେଶ୍ୱର, ୧୨।୯ (ସରୋଜ ଜେନା):** ଆଶିଷ ପଣ୍ଡା ମେମୋରିଆଲ ଅଲ୍ ଓଡ଼ିଶା ସ୍ନୁକରର ଦ୍ୱିତୀୟ ସଂସ୍କରଣ ବୁଧବାରରୁ ଅନୁଷ୍ଠିତ ହେବ। ଭୁବନେଶ୍ୱର ସ୍ଥିତ ଭିକ୍ଟୋରିଜ୍ କ୍ଲବରେ ୧୩ରୁ ୧୭ ସେପ୍ଟେମ୍ବର ପର୍ଯ୍ୟନ୍ତ ଏହି ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ସମଗ୍ର ରାଜ୍ୟରୁ ୫୩ ଜଣ ପ୍ରତିଯୋଗୀ ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବେ। ଟୁର୍ନାମେଣ୍ଟରେ ଚାମ୍ପିୟନଙ୍କ ପାଇଁ ୨୫ ହଜାର ଟଙ୍କାର ପୁରସ୍କାର ରହିଥିବା ବେଳେ ରନର ଅପ୍‌ଙ୍କୁ ମିଳିବ ୧୩ ହଜାର ଟଙ୍କା। ସେମିଫାଇନାଲରେ ପରାଜିତ ଦୁଇ ପ୍ରାର୍ଥୀଙ୍କ ପାଇଁ ୬ ହଜାର ଓ କ୍ୱାର୍ଟର ଫାଇନାଲର ପରାଜିତ ପ୍ରାର୍ଥୀଙ୍କ ପାଇଁ ୩ ହଜାର ଟଙ୍କାର ପୁରସ୍କାର ରହିଛି। ୬୦ରୁ ଅଧିକ ପଏଣ୍ଟ ବ୍ରେକ୍ କରିଥିବା ପ୍ରତିଯୋଗୀଙ୍କ ପାଇଁ ୫ ହଜାର ଟଙ୍କାର ପୁରସ୍କାର ବ୍ୟବସ୍ଥା ରହିଛି। ଜାତୀୟ ସ୍ତରର କ୍ରୀଡା ବ୍ୟବସ୍ଥା ମଧ୍ୟରେ ପ୍ରଦର୍ଶନ କରିବା ଦ୍ୱାରା ରାଜ୍ୟର ଅନେକ ପ୍ରତିଭାବାନ ଖେଳାଳି ସମ୍ମୁଖକୁ ଆସିବାର ସମ୍ଭାବନା ରହିଛି।

# ଦହାନି, ଜମନଙ୍କୁ ପାକିସ୍ତାନ ଦଳକୁ ଡାକରା

**କଲମ୍ବୋ, ୧୨।୯(ପି.ଟି.):** ଏସିଆ କପ୍ ସୁପର-୪ରେ ପାକିସ୍ତାନକୁ ଲାଗିଛି ବଡ ଝଟକା। ଦୁଇ ଇନ୍‌ଫର୍ମ ପେସ୍ ବୋଲର ହରିସ ରୌଫ୍ ଓ ନସିମ ଶାହ ଆହତ ହୋଇଥିବା କାରଣରୁ ଶାହାନୱାଜ ଦହାନି ଓ ଜମନ ଖାନଙ୍କୁ ଡାକରା ମିଳିଛି। ଭାରତ ବିପକ୍ଷ ମ୍ୟାଚ୍‌ରେ ଉଭୟ ରୌଫ୍ ଓ ନସିମ୍ ଆହତ ହୋଇଥିଲେ। ଆଘାତ ସମସ୍ୟା ଗମ୍ଭୀର ନ ଥିଲେ ମଧ୍ୟ ଉଭୟ ଖେଳାଳି ବ୍ୟାଟିଂ କରିବାକୁ ଆସିପାରି ନ ଥିଲେ। ଅନ୍ୟପକ୍ଷରେ ଉଭୟ ଖେଳାଳି ଚଳିତ ଏସିଆ କପ୍‌ରୁ ବାଦ୍ ପଡିବାର ସମ୍ଭାବନା ରହିଛି।

**Classified Everyday**
**0674-2580101, 2549949**


MATRIMONIAL

**BRIDE WANTED**

Handsome SETHI boy, DOB-23/10/1990, Height-6'1",Caste- Dhoba. PhD, Working as Lecturer in Government Ayurvedic College, Balangir, seeks an educated and intelligent girl. 9938050286/ 9556523720, Home town- Bhubaneswar. D-1265

**GROOM WANTED**

ବୟସ 32, କୌଣସି ଚାକିରି କରୁନଥିବା କରଣ ଝିଅଙ୍କ ପାଇଁ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ। 8984072499. D-83400

62 ବୟସ୍କା Govt. ଚାକିରିଆ ବ୍ରାହ୍ମଣ ଜାତିର ବିଧବା ମହିଳାଙ୍କୁ anycasteର ବରପାତ୍ର ଆବଶ୍ୟକ। ଇଚ୍ଛୁକ ବ୍ୟକ୍ତି ଯୋଗାଯୋଗ କରନ୍ତୁ। 9040735429. D-1261

Age-62, Pension Holder ଏକାକୀ ରହୁଥିବା Bengali ଯୁବତୀଙ୍କୁ ବାହା ହୋଇ ଘରେ ରହି ପାରୁଥିବା ପୁଅ ଦରକାର। 7749076723. D-1291

Age-39, Divorce Govt. Nurse ଅନାଥ ମାରୱାଡ଼ି ଝିଅଙ୍କ ପାଇଁ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ। 6371296020. D-1290


REAL ESTATE

**SALE**

Duplex sale at Bhubaneswar @ 57lakhs only. Contact-9777433701. D-75213

ଭୁବନେଶ୍ୱର କଟକ **NH-16** ମଧ୍ୟରେ ଧାଳୁଲେଇ ପୀଠ ନିକଟରେ ଘର ଉପଯୋଗୀ ପ୍ଲଟ୍ **30**ଫୁଟ୍ ରୋଡ୍, ଇଲେକ୍ଟ୍ରିଥାଇ ସୁଲଭ ମୂଲ୍ୟରେ ମିଳୁଅଛି। ଯୋଗାଯୋଗ- **7978729819, 7008756026.** D-1244

**Residential gharabari plot with boundary wall inside 7 Family Complex, Safety, Secured, Brahmin Culture Family Stayed, 6 K.M. from Nakhara, Cuttack. 7809525452.** D-75036

Bhubaneswar ଜଟଣୀ- ପିପିଲି ରୋଡ୍‌ରେ 7,20,000/- ପ୍ଲଟ୍ କିଣି ଘର କରନ୍ତୁ। 9938016295. D-75214

ନଖରା ତ୍ରିନାଥବଜାର ମହାଧରପଡ଼ା ପାଖରେ SC plot 7400sqft 11,00,000/-(outright) 7978663279. D-75208

**Patia (KIIT)** ଦାରୁଠେଙ୍ଗ **ODM Global School** ପାଚେରିକୁ ଲାଗି ବାସୋପଯୋଗୀ ପ୍ଲଟ୍ କିଣନ୍ତୁ। **9337830407.** D-75212

Plot No.-SCR-25, Unit-3, Kharvel Nagar back side of BDA Office. 7008679303. D-1249




Newly open SPA positively health benefits with expert therapist. 9938843929. D-75147

Peacock Spa, Rejuvenate your body through professional massage. Chandrasekharpur, BBSR, Contact: 9938880113. D-1233

**Relax, Refresh your body, Mind at Saikrupa Spa with best therapies. 8984068077.** D-1190

All types of professional body massage by professional therapy. Contact: 7077933109/ 9556924059/ 8658803018. D-1239

Body relax/Mind fresh massage @800/- by trend therapist. 7008773793. D-75148

Asribadd Panchakarma herbal SPA Kesharimall, Bhubaneswar. Contact: 8926173473. D-75035

**Body massage by experience, good looking therapist @ 999/-. (Bhubaneswar) 9078484455.** D-1215




All type of Gemstones, Astrology, Crystal, Vastu, Rudraksh, Yantra, Kavach at Wholesale-Retail @8093050401. D-1248

**AFFIDAVIT**

I, Kutura Behera, alias Jamuna Behera (54yrs), W/o-Chagulu Behera, Vill- Nachhipur, P.S- Sabrang, Dist.- Bhadrak, I have an LIC Policy bearing No.-599047221. I declare that from now I have known as Jamuna Behera for all purposes. Kutura Behera and Jamuna Behera is same and one person. D-1296

By virtue of affidavit made before Executive Magistrate, Bhubaneswar vide C.F No 20 dated on12.09.2023 my name has changed from Asha Lenka to ASHA PARIDA Dob 27.06.2000 for all purposes. D-1297

I, Ajaya Singh, S/o- Late Raghunath Singh, resident of Ward No.-09, At-Jayapur Killa (Near Sishu Mandir), Pipili, NAC, PO/ PS- Pipili, Dist.- Puri, PIN-752104, Odisha, declare by this affidavit No.- 8432, dt. 01.09.2023 that now onwards I shall be known as Ajaya Kumar Singh, S/o- Raghunatha Singh, for all future purposes. D-1287

I, Nandita Mandal, aged about 36 years, D/o- Nani Gopal Mandal, residence- MV-79 Lachipeta, P.S- NV-79, Malkangiri-764087 declare by this affidavit No- 14AA022969, Date-11.9.2023 that now onwards I shall be known as Nandita Mandal for all future purposes. D-1293

I, Sri Nani Gopal Mandal, S/o- Nalini Ranjan Mandal resident of MV-79, Lachipeta, P.S- NV-79, Dist.- Malkangiri-764087 declare by this affidavit No- 14AA022969, Date.-11.9.2023 that now onwards I shall be known as Nani Gopal Mandal for all future purposes. D-1294

I, Smt. Ramarani Mandal, D/o- Banamali Ray, residence- MV-79 Lachipeta, P.S- NV-79, Malkangiri-764087 declare by this affidavit No- 14AA022969 Date-11.9.2023 that now onwards I shall be known as Ramarani Mandal for all future purposes. D-1295

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an Affidavit before the Notary Public, Purushottampur, Ganjam, I Alicemayee Panda, D/o Rabindra Kumar Panda of Lanjipalli, Berhampur, Ganjam. I have married to one Satyanaryan Padhi, S/o Subash Chandra Padhi of Ratha Sahi, Purushottampur, Ganjam. That after my marriage the surname has been changed from Panda to Padhi. I shall be known as Alicemayee Padhi, W/o Satyanaryan Padhi for all purpose. D-1289

By virtue of an affidavit Sl. No. 28395/ Dt. 12.09.2023 sworn before the Notary Public, Sambalpur, I, Dipak Kumar Murjani, S/o. Late Ramesh Kumar Murjani, R/o. Gujrati Colony, Ps. Town,Dist.- Sambalpur, Orissa have changed my name from Deepak Kumar Murjani to Dipak Kumar Murjani for all future purposes. D-1288

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

**LEGAL NOTICE**

Letter No. – 2222, dt. 28/08/23

ମାନ୍ୟବର ଶ୍ରୀଯୁକ୍ତ ଅତିରିକ୍ତ ଆୟୁକ୍ତ, ଅତିରିକ୍ତ ରିଭିଜନ କୋର୍ଟ ନଂ- ୪ ଭୁବନେଶ୍ୱର, ୪ର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ, ଭୁବନେଶ୍ୱର, ଜି-ଖୋର୍ଦ୍ଧା, ଓଡ଼ିଶା

ଓ.ଏସ୍. ଏସ୍. କେସ୍ ନଂ. ୭୦୨/୨୦୨୨

ଉର୍ମିଳା ସାହୁ, ବୟସ- ୪୧ବର୍ଷ, ସ୍ୱାମୀ-ସଞ୍ଜୀବ କୁମାର ସାହୁ, ସା- ଆଚାର୍ଯ୍ୟ ବିହାର, ପୋ-ଆର୍ ଆର୍ ଏଲ୍, ଥାନା- ସହିଦନଗର, ଭୁବନେଶ୍ୱର, ଜି-ଖୋର୍ଦ୍ଧା, ପିନ୍- ୭୫୧୦୧୩

..... ବାଦୀ

ବନାମ

ଶ୍ରୀଯୁକ୍ତ ଜିତେନ୍ଦ୍ର କୁମାର ସାହୁ ଓ ଅନ୍ୟମାନେ

......ପ୍ରତିବାଦୀମାନେ

ନୋଟିସ-୫ ରୁଲ୍ - ୨୦ ସି.ପି.ସି. ମୁତାବକ

ପ୍ରାପ୍ତେଷୁ,

ପ୍ରତିବାଦୀ ନଂ(୧) ଶ୍ରୀଯୁକ୍ତ ଜିତେନ୍ଦ୍ର କୁମାର ସାହୁ, ପିତା-ନିରଞ୍ଜନ ସାହୁ, ସା- ଫ୍ଲାଟ୍ ନଂ.୦୦୨, ୟୁନିଟ୍ ନଂ -୯, ଭୋଇନଗର, ଭୁବନେଶ୍ୱର, ପିନ୍ - ୭୫୧୦୨୨, ଜି - ଖୋର୍ଦ୍ଧା, ଓଡ଼ିଶା।

ଜମିର ବିବରଣୀ

ସାବକ

ଜି- ଖୋର୍ଦ୍ଧା, ତହସିଲ - ଭୁବନେଶ୍ୱର, ଥାନା - ଚନ୍ଦକା, ମୌଜା- ସୁନ୍ଦରପୁର

ସାବକ ଖାତା ନଂ -୩୯, ସାବକ ପ୍ଲଟ୍ ନଂ-୪୮୫, ରକବା- ଏ୦.୦୫୫ଡି., ସ୍ୱତ୍ୱ - ସ୍ଥିତିବାନ୍ , କିସମ - ଶାରଦ ତିନି

ହାଲ୍

ଜି - ଖୋର୍ଦ୍ଧା, ତହସିଲ - ଭୁବନେଶ୍ୱର, ଥାନା - ଚନ୍ଦକା, ମୌଜା- ସୁନ୍ଦରପୁର।

ହାଲ୍ ଖାତା ନଂ-୮୯୦/୧୭୪୨, ହାଲ୍ ପ୍ଲଟ୍ ନଂ-୧୯୪୬, ରକବା - ଏ୦.୨୨୦ଡି, ସ୍ୱତ୍ୱ - ସ୍ଥିତିବାନ୍, କିସମ - ପତିତ

ଏତଦ୍ୱାରା ଉପରୋକ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପର ଲିଖିତ ଓ.ଏସ୍.ଏସ୍. କେସ୍‌ର ଶୁଣାଣି ଉପରୋକ୍ତ କାର୍ଯ୍ୟାଳୟରେ ଆସନ୍ତା ତା. ୧୩.୧୦.୨୦୨୩ ରିଖ ଦିବା ଘ. ୧୧.୩୦ମି. ସମୟରେ ଶୁଣାଣୀ କରାଯିବା ନିମନ୍ତେ ସ୍ଥିର କରାଯାଇଛି।

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀ କିମ୍ବା ତାଙ୍କ ଉତ୍ତରାଧିକାରୀ କିମ୍ବା ତାଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶ ଗ୍ରହଣ କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମା ଫଇସଲା କରାଯିବ।

ତା:

ଭୁବନେଶ୍ୱର

ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା./- କୋର୍ଟ ଅଫିସର

ଧ-୭୧୬୯୧

## ମନେ ପଡ଼ନ୍ତି

**ଅଷ୍ଟମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ଏଅକ୍ଷୟ କୁମାର ମହାକୁଡ**

ଆବିର୍ଭାବ: ତା ୧୫।୦୫।୧୯୬୪
ତିରୋଧାନ: ତା ୧୩।୦୯।୨୦୧୫

ତୁମେ ଥିଲ ଜଣେ ବିଶିଷ୍ଟ କର୍ମଚାରୀ ନେତା, ଡି.ଏ.ଭି. ଆନ୍ଦୋଳନର କର୍ଣ୍ଣଧାର, ଦକ୍ଷ ତଥା ଉଚ୍ଚାଦର୍ଶବାଦୀ ସଚିବାଳୟ ଅଧିକାରୀ, ପରୋପକାରୀ ଓ ସମାଜସେବୀ। ଠିକ୍ ଆଜିର ଦିନରେ ଆମକୁ ଛାଡ଼ି ଚାଲିଗଲ। ତଥାପି ଆମ ପାଖେପାଖେ ଥିଲା ଭଳି ଲାଗୁଛ।

ଈଶ୍ୱରଙ୍କ କୋଳରେ ଶାନ୍ତିରେ ଥାଇ ଆମ୍ଭମାନଙ୍କୁ ଆଶୀର୍ବାଦ କରୁଥାଅ।

ଶୋକସନ୍ତପ୍ତ: ହତଭାଗ୍ୟ ପିତା, ମାତା, ଭ୍ରାତା, ଭଗ୍ନୀ, ପତ୍ନୀ, କନ୍ୟାଗଣ, ପୁତ୍ର, ପରିବାର ଓ ବନ୍ଧୁପରିଜନ।

ଧ-୧୨୯୮

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ଏହିମାଂଶୁ ମୋହନ ତ୍ରିପାଠୀ**

ପଲ୍ଲୀକେଣ୍ଡା, ଏରସମା, ଜିଲ୍ଲା: ଜଗତ୍‌ସିଂହପୁର

ଆବିର୍ଭାବ: ୨୦।୦୪।୧୯୩୮
ତିରୋଧାନ: ୨୫।୦୮।୨୦୨୨

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।।

ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣ କମଳରେ ପ୍ରାର୍ଥନା।

-ଶୋକସନ୍ତପ୍ତ-

ବନ୍ଧୁ, ଆତ୍ମୀୟସ୍ୱଜନ ଓ ପରିବାରବର୍ଗ।

ଧ-୧୨୬୦

**ଚତୁର୍ଥ ବାର୍ଷିକୀ ଶ୍ରାଦ୍ଧ**



**ସ୍ୱର୍ଗତ ବିଶ୍ୱନାଥ ତ୍ରିପାଠୀ**

ପ୍ରଥମଖଣ୍ଡି, ବୀରରାମଚନ୍ଦ୍ରପୁର, ସତ୍ୟବାଦୀ

ଏହି ପୁଣ୍ୟତିଥିରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ। ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।।

ଶୋକସନ୍ତପ୍ତ ପତ୍ନୀ ନିରୁପମା ତ୍ରିପାଠୀ, ପୁତ୍ର, ପୁତ୍ରବଧୂ, କନ୍ୟା, ଜାମାତା, ନାତି, ନାତୁଣୀ।

ବନ୍ଧୁ ଓ ପରିବାରବର୍ଗ

ଧ-୧୨୮୬

**CLASSIFIED DISPLAY**

TARIFF — MORE SPACE ' SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ମୁଦ୍ରା ଫାଇନାନ୍ସ**
**PM ମୁଦ୍ରା ଯୋଜନା ଅଧୀନରେ**
1 ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ।
**2% ସୁଧ, 40% ରିହାତି**
**ମହିଳାଙ୍କ ପାଇଁ ବିଶେଷ ରିହାତି**
ଅନ୍‌ଲାଇନ୍ ସୁବିଧା।
**ମୁଦ୍ରା ଫାଇନାନ୍ସ**
**Mob. 7382841797**

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଫୁଲଚାଷରେ ସାରପ୍ରୟୋଗ



ଫୁଲ ଚାଷ ପାଇଁ ତରଳ ଖତ ପ୍ରସ୍ତୁତ କରିବା ସମୟରେ ହାଣ୍ଡିରେ ବା ଡ୍ରମ୍‌ରେ ୧୦ ଲିଟର ପାଣିରେ ପ୍ରାୟ ୧ କି.ଗ୍ରା. କଞ୍ଚାଗୋବର, ୫୦୦ ଗ୍ରାମ୍ ନିମ୍ବ ବା ସୋରିଷ ପିଡ଼ିଆ ଏବଂ ୫୦୦ ଗ୍ରାମ୍ ସିଙ୍ଗିଲ୍ ସୁପର ଫସ୍‌ଫେଟ୍ ମିଶାଇ ମଝିରେ ମଝିରେ ଘାଟନ୍ତୁ । ଏହାର ୧୦ ଦିନ ପରେ ଏହି ତରଳ ଖତରୁ ଏକ ମଗ ନେଇ ୯ ମଗ ପାଣି ମିଶାଇ ଗଛପ୍ରତି ୫୦୦ ମି.ଲି.ରୁ ୧ ଲିଟର ମାଟି ଓଦା ଥିବାବେଳେ ପ୍ରୟୋଗ କରନ୍ତୁ । ଗେଣ୍ଡୁଫୁଲ ଓ ଅନ୍ୟାନ୍ୟ ଶୀତଦିନିଆ ଫୁଲମଞ୍ଜିର ଚାରା ଅକ୍ଟୋବର ପ୍ରଥମ ସପ୍ତାହ ମଧ୍ୟରେ ପକାନ୍ତୁ । ଉନ୍ନତ ଗେଣ୍ଡୁଫୁଲ କିସମଗୁଡ଼ିକ ହେଲା – ଜ୍ୟାଣ୍ଟ ଡବଲ୍ ଆଫ୍ରିକାନ୍ ଏଲୋ, ଜ୍ୟାଣ୍ଟବଲ୍ ଆଫ୍ରିକାନ୍ ଅରେଞ୍ଜ୍, ଅର୍ଲି ଏଲୋ, ଅର୍ଲି ଅରେଞ୍ଜ୍, ସେରାକୋଲା ଇତ୍ୟାଦି । ସେବତୀ ଫୁଲ ଗଛ ସେପ୍ଟେମ୍ବରରେ ଲଗାଇଥିଲେ ୪ ସପ୍ତାହରେ ଓ ୭ ସପ୍ତାହରେ ଅଗ୍ରମୁକୁଳ ଛିଣ୍ଡାଇ ଦିଅନ୍ତୁ (ବିଶେଷ କରି ଛୋଟ କିସମରେ) । ବଡ଼ କିସମରେ ଗୋଟିଏ ଗଛରେ ୨–୩ଟି ଡାଳ ରଖି ଅନ୍ୟ ପାର୍ଶ୍ୱଡାଳଗୁଡ଼ିକ ଛୋଟ ଅବସ୍ଥାରେ ଭାଙ୍ଗି ଦିଅନ୍ତୁ। ଗ୍ଲାଡିଓଲସ୍‌ର କନ୍ଦା ବାଭିଷ୍ଟିନ୍ ଦ୍ରବଣରେ ୨ ଗ୍ରାମ୍ ୧ ଲିଟର ପାଣି ପ୍ରତି ବିଶୋଧନ କରି ପ୍ରସ୍ତୁତ ଜମିରେ ଗଜା କରି ଲଗାନ୍ତୁ ।

# ଡାଲିଜାତୀୟ ଫସଲର ଉନ୍ନତ କିସମ



ମୁଗର ଉନ୍ନତ କିସମଗୁଡିକ ମଧ୍ୟରେ ରହିଛି ଟାର୍ମ–୧, ଟାର୍ମ–୨, ପୁଷା–୯୦୭୨, ଓବିଜିଜି–୫୨, ଓ.ୟୁ.ଏମ୍.୧୧–୫ (କାମଦେବ), ସୁଜାତା ଓ ଧଉଳି, ଆଇ.ପି.ଏମ୍.–୦୨–୧୪, ଆଇ.ପି.ଏମ୍.–୦୨–୦୩ । ବିରିର ଉନ୍ନତ କିସମ ହେଉଛି ଟି–୯, ପନ୍ତ୍ ୟୁ–୩୦, ପନ୍ତ୍ ୟୁ–୩୫, ପ୍ରସାଦ, ଉଜ୍ୱଳା, ଶେଖର–୨, ସାରଳା, ମାହୁରି, ଶଶି । ମୁଗ, ବିରି, ମଟର, ବିଲଚଣା ଆଦିକୁ ଧାନ କାଟିବାର ୭ ଦିନ ପୂର୍ବରୁ ଅନୁମୋଦିତ ବିହନର ଦେଢ଼ଗୁଣ ପାଇରା ଫସଲ ପାଇଁ ଛଟାବୁଣା କରନ୍ତୁ । ଜମି କିସମ ଦେଖି ପ୍ରାକ୍‌ରବି ଫସଲ ଭାବେ ମୁଗ କିସମ ଟାର୍ମ–୧ ଓ ୨, ପି.ଡି.ଏମ୍.୧୧ ଓ ୫୪, ବିରି କିସମ ସାରଳା, ପି.ୟୁ.–୩୦ ଓ ୩୫ ଅକ୍ଟୋବର ଦ୍ୱିତୀୟ ସପ୍ତାହ ସୁଦ୍ଧା ବୁଣାବୁଣି କରନ୍ତୁ । ବିହନ ବୁଣିବା ପୂର୍ବରୁ ରାଇଜୋବିୟମ୍ ଜୀବାଣୁ କଲ୍‌ଚର କେ.ଜି. ପ୍ରତି ୨୦ ଗ୍ରାମ୍ ଦ୍ୱାରା ବିଶୋଧନ କରନ୍ତୁ । ହେକ୍ଟର ପ୍ରତି ୨୦ କେ.ଜି. ଯବକ୍ଷାରଜାନ ୪୦ କେ.ଜି. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ଖାଦ୍ୟସାର ବ୍ୟବହାର କରନ୍ତୁ । ହରଡ଼ ଫସଲରେ ଛୁଇଁବିନ୍ଧା ଓ ପତ୍ରକଟା ପୋକ ଦେଖାଦେଲେ ଏକ ଲିଟର ପାଣିରେ ୨ ମି.ଲି. ପ୍ରୋଫେନୋଫସ୍ କିମ୍ବା ୫ ମି.ଲି. ସ୍ପିନୋସାଡ୍ ପ୍ରତି ୧୫ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

# ପ୍ରାଣୀଙ୍କ ଉପରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ



ଡା. ବୀର କିଶୋର ପରିଡ଼ା

ଜଳବାୟୁ ପରିବର୍ତ୍ତନ ସହିତ ବିଶ୍ୱର ଉତ୍ତାପ ବୃଦ୍ଧି ଆଜି ସର୍ବସମ୍ମତ ଭାବେ ବାସ୍ତବତାରେ ପରିଣତ ହୋଇଅଛି। ବିଗତ କେତେବର୍ଷ ଧରି ବିକାଶର ଧାରା ବଜାୟ ରଖିବା ନେଇ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ବୈଜ୍ଞାନିକ, ନୀତି ପ୍ରସ୍ତୁତକାରୀ, ଶିକ୍ଷାବିତ୍ ଏବଂ ଅନ୍ୟାନ୍ୟ ବ୍ୟବହାରକାରୀଙ୍କ ମଧ୍ୟରେ ଏକ ଆହ୍ୱାନ ସୃଷ୍ଟି କରିଅଛି। ସାଧାରଣତଃ ପ୍ରାଣୀଙ୍କ ଉତ୍ପାଦନ ପ୍ରଣାଳୀରେ ଦୁଇ ପ୍ରକାର ପ୍ରଭାବ ଜଳବାୟୁର ପରିବର୍ତ୍ତନ ବା ବାହ୍ୟ ଉତ୍ତାପ ବୃଦ୍ଧି ଯୋଗୁ ସୃଷ୍ଟି ହୋଇଥାଏ। ପ୍ରଥମଟି ହେଲା– ଏହା ସିଧାସଳଖ ଭାବେ ପ୍ରାଣୀଙ୍କ ସ୍ୱାସ୍ଥ୍ୟ, ବୃଦ୍ଧି ହେବା ପ୍ରକ୍ରିୟା, ପ୍ରଜନନ ଓ ପୁଷ୍ଟି ଉପରେ ପ୍ରଭାବ ଯୋଗୁ ଦୁର୍ବଳ କାର୍ଯ୍ୟଦକ୍ଷତା, ନୂଆ ନୂଆ ରୋଗର ପ୍ରାଦୁର୍ଭାବ, ପ୍ରାଣୀଙ୍କ ରୋଗ ବିସ୍ତାରରେ ପରିବର୍ତ୍ତନ ଓ କୀଟ ପତଙ୍ଗଙ୍କ ସଂଖ୍ୟା ବୃଦ୍ଧି ଆଦି ଦେଖା ଦେଇଥାଏ। ଅନ୍ୟ ପକ୍ଷରେ ଉତ୍ତାପ ବୃଦ୍ଧି ପରୋକ୍ଷ ଭାବରେ ପ୍ରାଣୀଙ୍କ ଖାଦ୍ୟ ଶସ୍ୟର ଉପଲବ୍ଧତା, ତନ୍ତୁବହୁଳ ଘାସ ଓ ସବୁଜ ଘାସର ଅଭାବ, ଚାରଣ ଭୂମି ଉପରେ ପ୍ରଭାବ, ଶସ୍ୟ ଜାତୀୟ ଖାଦ୍ୟ ଉତ୍ପାଦନ, ଏହାର ଗୁଣାତ୍ମକ ମାନ ଓ ମୂଲ୍ୟ ଇତ୍ୟାଦି ଉପରେ ପ୍ରଭାବ ପକାଇଥାଏ। ଉତ୍ପାଦିତ ଗୋଖାଦ୍ୟର ପରିମାଣ ଓ ଗୁଣାତ୍ମକ ମାନ ଉପରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ମଧ୍ୟ ପଡିଥାଏ। ଉତ୍ତାପରେ ଏକାନ୍ତର ପରିବର୍ତ୍ତନ ଏବଂ ଅଧଃକ୍ଷେପଣ ପ୍ରଚଳିତ ବ୍ୟବସ୍ଥା ପ୍ରାଣୀଙ୍କ ରୋଗ ବ୍ୟାପିବାରେ ବିଶେଷ ସହାୟକ ହୋଇଥାଏ। ଏଥିସହିତ ପରଜୀବୀମାନେ ନୂତନ ଅଞ୍ଚଳକୁ ସ୍ଥାନାନ୍ତରିତ ହେବା ସଙ୍ଗେ ସଙ୍ଗେ ଅନେକ ରୋଗ ବୃଦ୍ଧିରେ ସହାୟକ ହୋଇଥାନ୍ତି। ଯାହାଫଳରେ ପ୍ରାଣୀଙ୍କ ଉତ୍ପାଦନ ଦକ୍ଷତା ହ୍ରାସ ସହିତ ମୃତ୍ୟୁ ହାର ବୃଦ୍ଧି ଘଟେ। ଜଳବାୟୁରେ ଉତ୍ତାପ ବିକିରଣ, ଉତ୍ତାପ, ଆର୍ଦ୍ରତା ଓ ପବନର ବେଗ ଆଦି ଉଭୟ ପ୍ରାଣୀ ଓ ପରିବେଷ୍ଟିତ ଜଳବାୟୁ ମଧ୍ୟରେ ଉତ୍ତାପ ବିନିମୟର ସିଧାସଳଖ ପ୍ରଭାବ ପ୍ରାଣୀଙ୍କ ସ୍ୱାସ୍ଥ୍ୟ ଉପରେ ହିଁ ପଡିଥାଏ।

ଯେତେବେଳେ ପାରିପାର୍ଶ୍ୱିକ ଉତ୍ତାପ ବୃଦ୍ଧି ଘଟେ, ସେତେବେଳେ ଗୋରୁ ଶାରୀରିକ ଉତ୍ତାପ ନିୟନ୍ତ୍ରଣାଧୀନ ରଖିବା ପାଇଁ ଶାରୀରିକ କ୍ରିୟା ଓ ବିପାକ ପ୍ରକ୍ରିୟାରେ ଏକାନ୍ତର ପରିବର୍ତ୍ତନ ଘଟାଇଥାନ୍ତି। ଉପରୋକ୍ତ ପ୍ରକ୍ରିୟା ଦ୍ୱୟରେ ପରିବର୍ତ୍ତନ ଘଟିବା ଯୋଗୁ ପ୍ରାଣୀଙ୍କ ବ୍ୟବହାରିକତା, ସ୍ୱାସ୍ଥ୍ୟ ଓ କାର୍ଯ୍ୟ ସମ୍ପାଦନରେ ତାରତମ୍ୟ ବା ବିଚଳନ ଦେଖା ଦେଇଥାଏ। ଉତ୍ତାପ ବୃଦ୍ଧି ପ୍ରାଣୀଙ୍କ ସ୍ୱାସ୍ଥ୍ୟ, ପ୍ରଜନନ, ପୁଷ୍ଟି ଆଦି ଉପରେ ପ୍ରଭାବ ଯୋଗୁ ଉତ୍ପାଦନ ପ୍ରଣାଳୀରେ ବାଧକ ସୃଷ୍ଟି କରିଥାଏ। ଯାହାକି ଦୁର୍ବଳ କାର୍ଯ୍ୟଦକ୍ଷତା, ନିମ୍ନମାନର ପ୍ରାଣୀଜ ଦ୍ରବ୍ୟ, ନୂତନ ରୋଗର ଆବିର୍ଭାବ ଓ ପ୍ରାଦୁର୍ଭାବର ପରିସ୍ଥିତି ସୃଷ୍ଟି କରିଥାଏ। ଅଧିକ ଉତ୍ପାଦନକ୍ଷମ ଗାଈଙ୍କଠାରେ ଉଚ୍ଚ ବିପାକ ପ୍ରକ୍ରିୟା ହାର ଓ ଅଧିକ ଉତ୍ତାପ ସୃଷ୍ଟି ସହିତ ବୃକ୍କ, ପାକସ୍ଥଳୀ, ଆନ୍ତ୍ରିକ ଅଂଶରେ ଜଳଧାରଣ ରହିତ କ୍ଷମତା କମ୍ ଥିବା ହେତୁ ଅନ୍ୟାନ୍ୟ ରୋମାନ୍ଥନ ପ୍ରାଣୀଙ୍କ ଅପେକ୍ଷା ଉତ୍ତାପ ସହନଶୀଳ ଶକ୍ତି କମ୍ ଦେଖାଯାଏ। ସେହିପରି ଗର୍ଭିଣୀ ଗାଈ, ପ୍ରସବିତ ଗାଈ ଓ ଦୁଗ୍ଧ ଦେଉଥିବା ଗାଈଙ୍କ ଉପରେ ବାହ୍ୟ ଉତ୍ତାପର ପ୍ରଭାବ ବିଶେଷ ଦେଖା ଦେଇଥାଏ। ପ୍ରାଣୀଜ ବିଭିନ୍ନ ପଦାର୍ଥ ଉତ୍ପାଦନ ତଥା ବିଭିନ୍ନ ପ୍ରଜାତିର ଉତ୍ପାଦନ ଦକ୍ଷତା, ପୂର୍ବ ଅଭିଜ୍ଞତା ଅନୁଯାୟୀ ଶରୀର ଉପରେ ଉତ୍ତାପ ବୃଦ୍ଧିର ପ୍ରଭାବ ଫରକ୍ ବା କମ୍ ବେଶି ହୋଇଥାଏ। ଆମ ଦେଶ ତଥା ରାଜ୍ୟରେ ଦେଶୀ ବା ଜେବୁ ପ୍ରଜାତି (ବସ୍ ଇଣ୍ଡିକସ୍)ର ଗାଈଙ୍କ ଉତ୍ତାପ ସହନଶୀଳ ଗୁଣସୂତ୍ର ଶକ୍ତି ଅଧିକ ନିହିତ ଥିବା ଯୋଗୁ ସଙ୍କର ଗାଈ (ବସ୍ ଟରସ୍) ପ୍ରଜାତି ଅପେକ୍ଷା ଏମାନେ ଜଳବାୟୁ ପରିବର୍ତ୍ତନ ଓ ବାହ୍ୟ ଉତ୍ତାପ ବୃଦ୍ଧି ହେଲେ ମଧ ପରିବେଶ ସହିତ ଖାପଖୁଆଇ ବେଶ୍ ଚଳିପାରନ୍ତି।



ଗୋରୁଙ୍କ ସ୍ୱାସ୍ଥ୍ୟ ଉପରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ: ଉତ୍ତାପ ଚାପର ପ୍ରଭାବ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ପ୍ରାଣୀଙ୍କ ସ୍ୱାସ୍ଥ୍ୟ ଉପରେ ପଡିଥାଏ। ପ୍ରାଣୀଙ୍କ ଶରୀରରେ ପ୍ରତ୍ୟକ୍ଷ ଭାବେ ଏହି ପ୍ରଭାବ ପଡିଲେ, ସାଧାରଣ ଶରୀର କ୍ରିୟାତତ୍ତ୍ୱରେ ପରିବର୍ତ୍ତନ ଘଟିବା ଦ୍ୱାରା ପ୍ରାଣୀଙ୍କ ଅଙ୍ଗପ୍ରତ୍ୟଙ୍ଗ ସ୍ୱାଭାବିକ ଭାବରେ କାର୍ଯ୍ୟ କରିବାରେ ବିଫଳତା ଆଣି ଦେଇଥାଏ। ପ୍ରାଣୀଙ୍କ କ୍ଷୁଧାଶକ୍ତି ବା ରୁଚି କମିଯିବା ସହିତ ସାଧାରଣ ଶରୀରର କାର୍ଯ୍ୟ ସମ୍ପାଦନ ପାଇଁ ଅଧିକ ଶକ୍ତିର ଆବଶ୍ୟକ ହେବା ଯୋଗୁ ନିଷେଧାତ୍ମକ ଶକ୍ତିର ସନ୍ତୁଳନ ପରିସ୍ଥିତି ସୃଷ୍ଟି ହୋଇଥାଏ। ଯାହାଫଳରେ ଶରୀରର ସହନଶୀଳତା ସହିତ ସାଧାରଣ ସ୍ୱାସ୍ଥ୍ୟାବସ୍ଥା ଖରାପ ଆଡକୁ ଗତି କରିଥାଏ। ପ୍ରାଣୀଙ୍କ ଶରୀର ପୁଷ୍ଟିହୀନତା ଯୋଗୁ ଦୁର୍ବଳ ହେବା ସହିତ ରୋଗ ପ୍ରତିରୋଧକ ଶକ୍ତି ହ୍ରାସ ପାଇବା ଯୋଗୁ ବିଭିନ୍ନ ରୋଗଦ୍ୱାରା ସଂକ୍ରମିତ ହୋଇଥାଏ। ଗ୍ରୀଷ୍ମ ଦିନେ ଚତୁଃପାର୍ଶ୍ୱ ଜଳବାୟୁର ଉତ୍ତାପ ଅତ୍ୟଧିକ ବୃଦ୍ଧି ପାଇବା ସହିତ ଶରୀରର ରୋଗ ପ୍ରତିରୋଧକ ଶକ୍ତି ହ୍ରାସ ଯୋଗୁ ଜୀବାଣୁଙ୍କର ବଂଶବୃଦ୍ଧି ଘଟି ପହ୍ନା ପ୍ରଦାହ ବା ଥନହରା ରୋଗ ହେବାର ସମ୍ଭାବନା ଅଧିକ ଦେଖା ଦେଇଥାଏ। ଏତଦ୍‌ବ୍ୟତୀତ, ପରିବେଷ୍ଟିତ ଉତ୍ତାପ ବୃଦ୍ଧି ସହିତ ବାୟୁମଣ୍ଡଳର ଧୂଳିକଣାରେ ଜଳୀୟବାଷ୍ପ ସ୍ତର ଅଧିକ ହେବା ଯୋଗୁ ପ୍ରାଣୀଙ୍କ ଖାଦ୍ୟରେ ଫିମ୍ପି ମାରିବା ବା କବକ ରୋଗ ହେବା ପାଇଁଏକ ଅନୁକୂଳ ପରିବେଶ ସୃଷ୍ଟି କରିଥାଏ। ପ୍ରାଣୀଙ୍କ ଖାଦ୍ୟରେ ଏହି କବକ ସୃଷ୍ଟି ହେବା ସହିତ ମାଇକୋଟକ୍ସିନ୍ ନାମକ ବିଷାକ୍ତ ପଦାର୍ଥ ନିର୍ଗତ ହେବା ଯୋଗୁ ପ୍ରାଣୀଙ୍କ ଜୀବନ ପ୍ରତି ବିପଦ ଦେଖା ଦେଇଥାଏ। ତେଣୁ ପ୍ରକୃତରେ କହିବାକୁ ଗଲେ ପ୍ରାଣୀଙ୍କ ମୃତ୍ୟୁ ହାର ପ୍ରତ୍ୟକ୍ଷ ଭାବେ ଉତ୍ତାପ–ଆର୍ଦ୍ରତାର ସୂଚନାଙ୍କ ବା ଅନୁକ୍ରମଣିକା ଉପରେ ହିଁ ନିର୍ଭର କରିଥାଏ।

ପ୍ରଜନନ ଉପରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ: ବାହ୍ୟ ଉତ୍ତାପ ବୃଦ୍ଧି ପ୍ରାଣୀଙ୍କ ପ୍ରଜନନ ସମ୍ବନ୍ଧୀୟ ହରମୋନ୍ ନିଃସୃତ ବା କ୍ଷରଣରେ ତାରତମ୍ୟ ସୃଷ୍ଟିକରେ। ପ୍ରାଣୀଙ୍କ ଡିମ୍ବାଶୟରେ ସିଷ୍ଟ ଦେଖାଦିଏ। ବାହ୍ୟ ଉତ୍ତାପ ବୃଦ୍ଧି ହେତୁ, ପ୍ରାଣୀଙ୍କ ରକ୍ତରେ ପ୍ଲାଜ୍‌ମା–ପ୍ରୋଜେଷ୍ଟିରୋନ୍ ହରମୋନ ହ୍ରାସ ପାଏ। ଗବେଷଣାରୁ ମଧ ଦେଖାଯାଇଛି ଯେ– ବାହ୍ୟ ଉତ୍ତାପ ଚାପ ଯୋଗୁ ପ୍ରାଣୀଙ୍କ ଡିମ୍ବାଶୟରେ ନିକୃଷ୍ଟ ମାନର ଫଲିକୁଲ୍ ସୃଷ୍ଟି ହେବା ଯୋଗୁ ଗାଈଙ୍କର ଦୁର୍ବଳ ପ୍ରଜନନ କାର୍ଯ୍ୟଦକ୍ଷତା ଦେଖାଦେଇଥାଏ। ପ୍ରାଣୀଙ୍କର ଇଷ୍ଟ୍ରୋଜେନ୍ ହରମୋନ୍ ଓ ଲିଉଟିଲାଇଜିଙ୍ଗ୍ ହରମୋନ୍ ବା ଏଲ୍.ଏଚ୍. ହରମୋନ୍ ଏ ସମୟରେ କମ୍ କ୍ଷରଣ ହେବା ହେତୁ ଗାଈ ବା ଛଡ଼ାଙ୍କଠାରେ ଚୋରା ଗରମ ଦେଖାଯିବା ସହିତ ଗରମ ଆସିବାର ବ୍ୟବଧାନ ବୃଦ୍ଧି ପାଇବା ଯୋଗୁ ଅସ୍ଥାୟୀ ବନ୍ଧ୍ୟା ଦୋଷ ଦେଖାଦେଇଥାଏ। ପ୍ରାଣୀଙ୍କର କାମ ପ୍ରବୃତ୍ତି କମିଯିବା ସହିତ ଗରମ ଲକ୍ଷଣର ତୀବ୍ରତା ବା ପ୍ରଗାଢ଼ତା ଓ ଗରମର ସମୟ ମଧ୍ୟ ହ୍ରାସ ପାଏ। ଜରାୟୁରେ ଭ୍ରୁଣ ଗଠନର ପ୍ରାରମ୍ଭିକ ଅବସ୍ଥାରେ ମୃତ୍ୟୁହାର ଅଧିକ ଦେଖାଯାଏ। ଉତ୍ତାପ ବୃଦ୍ଧି ଚାପର ପ୍ରଭାବରେ ଗାଈ ବା ଛଡ଼ାଙ୍କ ଗର୍ଭଧାରଣ କ୍ଷମତାର ହାର ମଧ ହ୍ରାସ ପାଇଥାଏ। ଗାଈଙ୍କର କଷ୍ଟ ପ୍ରସବ ହୁଏ । ଫୁଲ ଠିକ୍ ସମୟରେ ପଡ଼େ ନାହିଁ । (କ୍ରମଶଃ...)

–ଅତିରିକ୍ତ ନିର୍ଦ୍ଦେଶକ (ପ୍ରାଣୀ ସମ୍ପଦ ବିକାଶ), ପ୍ରାଣୀ ପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶାଳୟ, କଟକ, ମୋ: ୯୪୩୭୬୦୭୩୧୨

## ଅଳ୍ପରେ...

**କପା:** ଜଉ ପୋକ, ପତ୍ରଡିଆଁ ପୋକ ଓ ଉଙ୍କୁଣିଆ ପୋକ ଦେଖାଦେଲେ ୧୫ ଲିଟର ପାଣିରେ କିମ୍ବା ୫ ଗ୍ରାମ୍ ଥାୟୋମେଥୋକ୍ସାମ୍ ମିଶାଇ ସିଞ୍ଚନ କରନ୍ତୁ। ଏହାଛଡ଼ା ୧୦ ଲିଟର ପାଣିରେ ୩ ଗ୍ରାମ୍ ଆସିଟାମିପ୍ରିଡ୍ ମିଶାଇ ପତ୍ର ସିଞ୍ଚନ କରାଯାଇପାରେ।

**ମକା:** ମକାର ଚୋପା ହଳଦିଆ ପଡ଼ି ଦାନା ପାକଳ ହେଲେ ଅମଳ କରନ୍ତୁ। ମକାର ଚୋପା ଛଡ଼ାଇ ୭–୮ ଦିନ ଖରାରେ ଶୁଖାଇ ମଞ୍ଜି ବାହାର କରନ୍ତୁ । ଏଥିପାଇଁ ହସ୍ତଚାଳିତ ବା ଶକ୍ତିଚାଳିତ ମକାଛଡ଼ା ଯନ୍ତ୍ର ବ୍ୟବହାର କରନ୍ତୁ ।

**ମାଣ୍ଡିଆ :** ମାଣ୍ଡିଆ କେଣ୍ଡାଗୁଡ଼ିକ ଧୂଷର ବର୍ଣ୍ଣ ହୋଇଗଲେ ୨ରୁ ୩ ଥରରେ କେଣ୍ଡାକାଟି ଅମଳ କରନ୍ତୁ ଓ ମୂଳରୁ ଗଛ କାଟି ଗୋଖାଦ୍ୟ ରୂପେ ବ୍ୟବହାର କରନ୍ତୁ। କେଣ୍ଡାଗୁଡ଼ିକ ୩–୪ ଦିନ ଖରାରେ ଶୁଖାଇ ଅମଳ କରନ୍ତୁ।

## ଫଳଚାଷ

ଅମୃତଭଣ୍ଡା ଗଛର ମୂଳଶଢ଼ାରୋଗ ପ୍ରତିକାର ପାଇଁ ଗଛମୂଳକୁ ମାଟି ଟେକନ୍ତୁ ଓ ପାଣି ଜମିବାକୁ ଦିଅନ୍ତୁ ନାହିଁ। ରୋଗଣା ଗଛକୁ ବାହାର କରିଦିଅନ୍ତୁ । ମେଟାଲାକ୍ସିଲ୍ ଓ ମାଙ୍କୋଜେବ୍ (ରିଡୋମିଲ୍ ଏମ୍.ଜେଡ୍) ଏକ ଲିଟର ପାଣିରେ ୨ ଗ୍ରାମ୍ ମିଶାଇ ଗଛ ମୂଳରେ ମାଟି ଭିଜା କରନ୍ତୁ। ବର୍ଷାଦିନେ ଲେମ୍ବୁରେ ଫାଇଟୋଫ୍‌ଥୋରା ଶଢ଼ା ରୋଗ ପ୍ରାଦୁର୍ଭାବ ବେଶି ହୁଏ । ଗଛ ଗଣ୍ଡିର ନିମ୍ନ ଭାଗରୁ ଅଠା ବାହାରେ। ଏହାର ଦମନ ପାଇଁ ଆକ୍ରାନ୍ତ ହୋଇଥିବା ଡାଳପତ୍ରକୁ ଗଛରୁ କାଟି ଦିଅନ୍ତୁ। ବୋର୍ଡୋ ମିକ୍ସଚର ବା ଦ୍ରବଣ ସିଞ୍ଚନ କରନ୍ତୁ ଓ କଟା ଜାଗାରେ ପ୍ରଲେପ ଦିଅନ୍ତୁ। ଏକ ମାସ ଅନ୍ତରରେ କପର୍ ଅକ୍ସିକ୍ଲୋରାଇଡ୍ ଏକ ଲିଟର ପାଣିରେ ୩ ଗ୍ରାମ୍ ମିଶାଇ ସିଞ୍ଚନ କରନ୍ତୁ। ୦.୫% ବୋର୍ଡୋକ୍ସ ମିକ୍ସଚରକୁ ୧୫ ଦିନ ଅନ୍ତରରେ ସିଞ୍ଚନ କରାଯାଇ ପାରିବ। ପିଜୁଳି ଓ ଲେମ୍ବୁର ପାଣି କୁଆଁସବୁ କାଟି ଦିଅନ୍ତୁ।




# ଧାନ ଚାଷରେ ରୋଗ ପୋକ ପରିଚାଳନା



(ଶେଷ ଭାଗ)

ପତ୍ରମୋଡ଼ା ପୋକ ଆକ୍ରମଣ କଲେ ପତ୍ରର ଉପର ତଳକୁ କିମ୍ବା ଦୁଇଟି ପତ୍ରକୁ ମୋଡି ଦେଇ ତହିଁରେ ରହି ସବୁଜ ଅଂଶ କୋରି ଖାଇଥାଏ। ପତ୍ରରେ ଲମ୍ବା ଧଳା ଧଳା ପଟି ଦେଖାଯାଏ। ନଳୀ ପୋକ ହେଲେ ପୋକ ଅଗକୁ କାଟି ଖୋଳ ବା ନଳୀ ତିଆରି କରି ତହିଁରେ ଲୁଚି ରହିଥାଏ। ଏହି ନଳୀ ପତ୍ର ଧାରରୁ ଓହଳି ଥାଏ ଅଥବା ପାଣିରେ ଭାସେ। ଏଥିରେ ମଧ ଲମ୍ବା ଲମ୍ବା ଧଳା ପଟି ଦେଖାଯାଏ। ବିରିହା ପୋକର ଶରୀର କଳା ଓ କଣ୍ଟା କଣ୍ଟା ଦିଶେ। ଏହା ଅଧିକ ପତ୍ର ଖାଇବା ଦ୍ୱାରା କ୍ଷେତ 'ହପର ପୋଡା' ପରି ଦିଶିଥାଏ। ଉପରୋକ୍ତ ତିନୋଟି ପୋକର ନିୟନ୍ତ୍ରଣ ନିମନ୍ତେ କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୫୦ ପ୍ରତିଶତ ଏସ.ପି. ୨୦ ଗ୍ରାମ/ କ୍ଲୋରୋପାଇରିଫସ୍ ୨୦ ପ୍ରତିଶତ ଇ.ସି. ଅଥବା ପୋଫେନ୍‌ଫସ୍ ୫୦ ପ୍ରତିଶତ ଇ.ସି.ର ୨୦ ମିଲି ୧୦ ଲିଟର ପ୍ରତି ମିଶାଇ ଫସଲରେ ଭଲ ଭାବରେ ସିଞ୍ଚନ କରାଯାଏ।

ଗନ୍ଧି ପୋକ ଧାନର କ୍ଷୀର ଢ଼ୋକିବା ସମୟରେ ରସ ଶୋଷି ନେବା ଫଳରେ ଧାନ ଲୋଟା କୋଟା ହୋଇ ଅଗାଡି ହୋଇଯାଏ। ପଚା ଗେଣ୍ଡାକୁ କିଆରିର ବିଭିନ୍ନ ସ୍ଥାନରେ ଟଙ୍ଗାଇ ଦେଲେ ତାହାର ରସକୁ ଶୋଷି ପୋକ ମରିଯାଆନ୍ତି। ନଚେତ୍ ମାଲାଥିୟନ ୫୦ ପ୍ରତିଶତ ଇ.ସି.ର ୨୦ ମିଲି ୧୦ ଲିଟର ପ୍ରତି ସିଞ୍ଚନ କରାଯାଏ। ଦହିଆ ପୋକ ଶୁଖିଲା ପୋକ ପାଗ ମରୁଡି ଭଳି ଅନୁଭୂତ ସମୟରେ ରସ ଶୋଷି ନିଅନ୍ତି। ଗଛ ହଳଦିଆ ପଡିଯାଏ। ପତ୍ର ମୋଡି ହୋଇ ଆଦୌ କେଣ୍ଡା ବାହାରି ନ ଥାଏ ଓ ଅଗାଡିଆ କେଣ୍ଡା ବାହାରେ। ଦହିଆ ପୋକର ନିୟନ୍ତ୍ରଣ ନିମନ୍ତେ ପ୍ରୋଫନ୍‌ଫସ୍ ୫୦ ଇ.ସି.ର ୨୦ ମିଲି/ ଥାୟୋମେକଥୋକାମ୍ ୨୫ ପ୍ରତିଶତ ଡବ୍ଲ୍ୟୁ.ଜି. ୨ ଗ୍ରାମ ୧୦ଲିଟରେ ପ୍ରତି ମିଶାଇ ସିଞ୍ଚନ କରାଯାଏ।

–ଡ. ପରେଶ କୁମାର ପଣ୍ଡା
ମୋ : ୯୪୩୭୧୧୨୭୦୪

# କୁକୁଡ଼ାଙ୍କୁ ବୁଷ୍ଟର ଟିକା



କୁକୁଡ଼ାଙ୍କ ରାଣୀକ୍ଷେତ ରୋଗର ପ୍ରତିଷେଧକ ପାଇଁ ୫ ଦିନରୁ ୭ ଦିନର ଚିଆଁଙ୍କୁ ଲାସୋଟା ଟିକା ଦିଅନ୍ତୁ। ୨୧ ଦିନର କୁକୁଡ଼ାଙ୍କୁ ଲାସୋଟା (ବୁଷ୍ଟର) ଟିକା ଦିଅନ୍ତୁ । ୫୬ ଦିନର କୁକୁଡ଼ାଙ୍କୁ ଆର୍.ଟୁ.ବି. ଟିକା ଦିଅନ୍ତୁ । ୧୧୨ଦିନର କୁକୁଡ଼ାଙ୍କୁ ଆର୍.ଟୁ.ବି. ବୁଷ୍ଟର ଟିକା ଦିଅନ୍ତୁ । ଘର ଅଗଣାରେ ପାଳନ କରୁଥିବା ସବୁ କୁକୁଡ଼ାଙ୍କୁ ୨ ମାସ ବେଳକୁ ଓ ତା' ପରେ ୬ ମାସ ଅନ୍ତରରେ ଆର୍.ଟୁ.ବି. ଟିକା ଦିଅନ୍ତୁ ଯାହା ଫଳରେ ରାଣୀକ୍ଷେତ ରୋଗ ହେବ ନାହିଁ ।

# ଆଖୁ କିଆରିର ଯତ୍ନ



ଆଖୁ କିଆରିରେ ପାଣି ଜମିବାକୁ ଦିଅନ୍ତୁ ନାହିଁ । ଅଗବିନ୍ଧା ପୋକର ଦମନ ପାଇଁ ଟ୍ରାଇକୋଗ୍ରାମା ଜାପୋନିକମ୍ ନାମକ ପରାଶ୍ରୟୀ କୀଟ ହେକ୍ଟର ପ୍ରତି ୫୦ ହଜାର ହିସାବରେ ୧୦ ଦିନ ବ୍ୟବଧାନରେ ୩–୪ ଥର ଛାଡନ୍ତୁ । ଏହା ବ୍ୟତୀତ ଆଲୋକ ଯନ୍ତା ବସାଇ ପୂର୍ଣ୍ଣାଙ୍ଗ କୀଟଗୁଡ଼ିକୁ ଧରି ମାରି ଦିଅନ୍ତୁ। ପ୍ରତି ଲିଟର ପାଣିରେ ୨ ମି.ଲି. ହିସାବରେ କୁଇନାଲ୍‌ଫସ୍ କିମ୍ବା ୨ ଗ୍ରାମ୍ କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୫୦ ଏସ୍‌ପି ସିଞ୍ଚନ କରନ୍ତୁ । ପତ୍ରକନ୍ଦାରେ ଦାନାଦାର ଔଷଧ ପକାଇ ଏହି ପୋକକୁ ନିୟନ୍ତ୍ରଣ କରାଯାଇପାରେ। ଜାହାଜ ପୋକ ଦେଖାଗଲେ ହେକ୍ଟର ପ୍ରତି ଇପିରିକାନିଆ ମେଲାନୋଲିଉକା ପରଜୀବୀର ୫୦୦୦ କୋଷା କିମ୍ବା ୪ରୁ ୫ ଲକ୍ଷ ଅଣ୍ଡା ଅନ୍ୟ ଚାଷୀଭାଇଙ୍କ କ୍ଷେତରୁ ସଂଗ୍ରହ କରି ଜମିରେ ଛାଡ଼ନ୍ତୁ । ଏହାଛଡ଼ା ସନ୍ଧ୍ୟାରେ ଜମିରେ ଧୂଆଁ ଦେବାର ବ୍ୟବସ୍ଥା କରନ୍ତୁ। ଦହିଆ ପୋକର ଦମନ ପାଇଁ ପ୍ରତି ଲିଟର ପାଣିରେ ୦.୨୫ ଗ୍ରାମ୍ ହିସାବରେ ଥାଇଓମିଥୋକ୍‌ଜାମ୍ ୨୫% ଡବ୍ଲ୍ୟୁ.ପି. କିମ୍ବା ୨ ମି.ଲି. ପ୍ରୋଫେନୋଫସ୍ ୫୦ ଇ.ସି. ମିଶାଇ ସିଞ୍ଚନ କରନ୍ତୁ । ନାଲିଶଢ଼ା ରୋଗ ଦମନ ପାଇଁ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ କାର୍ବେଣ୍ଡାଜିମ୍ କିମ୍ବା ୧.୫ ଗ୍ରାମ୍ ଥାୟୋଫେନେଟ୍ ମିଥାଇଲ୍ ମିଶାଇ ମାଟିଭିଜା କରନ୍ତୁ । ଆକ୍ରାନ୍ତ ହୋଇଥିବା ବୁଦା ଉପାଡ଼ି ଦେଇ ନଷ୍ଟ କରିଦିଅନ୍ତୁ ।

# ଏସିଆ କପ୍ ଫାଇନାଲ୍‌ରେ ଭାରତ

## ୪୧ ରନ୍‌ରେ ହାରିଲା ଶ୍ରୀଲଙ୍କା

କଲମ୍ବୋ,୧୨।୯

ଦୁନିଥ୍ ୱେଲାଲାଗେଙ୍କ ଅଲରାଉଣ୍ଡ ପ୍ରଦର୍ଶନ (୪୨*ରନ୍ ଓ ୫ ଉଇକେଟ) ସଫଳତା ସତ୍ତ୍ୱେ ଶ୍ରୀଲଙ୍କାକୁ ୪୧ ରନରେ ପରାସ୍ତ କରି ଏସିଆ କପ୍ ଫାଇନାଲରେ ପ୍ରବେଶ କରିଛି ଭାରତ। ଶ୍ରୀଲଙ୍କାର ୩ ସ୍ପିନର ମିଳିତ ଭାବରେ ୧୦ ଉଇକେଟ ଅକ୍ତିଆର କରିବାରୁ ଭାରତ ୪୯.୧ ଓଭରରେ ୨୧୩ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା। ଜବାବରେ ୪୧.୩ ଓଭରରେ ଶ୍ରୀଲଙ୍କା ୧୭୨ ରନ୍ କରି ଅଲଆଉଟ ହୋଇଥିଲା।

ମଙ୍ଗଳବାର ଭାରତୀୟ ଅଧିନାୟକ ରୋହିତ ଶର୍ମା ଟସ୍ ଜିତି ପ୍ରଥମେ ବ୍ୟାଟିଂ ନେଇଥିଲେ। ଶୁବମାନ୍ ଗିଲ୍(୧୯)ଙ୍କୁ ସାଥୀ କରି ରୋହିତ ପ୍ରଥମ ଉଇକେଟରେ ୮୦ ରନ୍ ଯୋଡି ଭାରତକୁ ଏକ ଭଲ ଆରମ୍ଭ ପ୍ରଦାନ କରିଥିଲେ। ରୋହିତ କ୍ରମାଗତ ତୃତୀୟ ମ୍ୟାଚ୍‌ରେ ଅର୍ଦ୍ଧଶତକ ହାସଲ କରିଥିଲେ। ଏହା ପୂର୍ବରୁ ସେ ନେପାଳ ଓ ପାକିସ୍ତାନ ବିପକ୍ଷରେ ଅର୍ଦ୍ଧଶତକ ହାସଲ କରିଥିଲେ। ୪୮ ବଲ୍ ଖେଳି ୫୩ ରନ୍ ସ୍କୋର କରିଥିବା ରୋହିତଙ୍କ ଇନିଂସରେ ସାମିଲ ଥିଲା ୭ ଚୌକା ଓ ୨ ଛକା। ଏହି ଇନିଂସ ସହିତ ଷଷ୍ଠ ଭାରତୀୟ ଭାବରେ ସେ ଦିନିକିଆରେ ୧୦ ହଜାର ରନ୍ ମଧ୍ୟ ସମ୍ପୂର୍ଣ୍ଣ କରିଥିଲେ। ତେବେ ସ୍ପିନରଙ୍କୁ ଆକ୍ରମଣକୁ ଆସିବା ପରେ ଭାରତ ନିୟମିତ ବ୍ୟବଧାନରେ ଉଇକେଟ ହରାଇଥିଲା। ଦୁନିଥ ୱେଲାଲାଗେ ଲଗାତାର ୩ ଓଭରରେ ଗିଲ୍, ରୋହିତ ଶର୍ମା ଓ ପୂର୍ବ ମ୍ୟାଚ୍‌ର ଶତକ ହାସଲକାରୀ ବିରାଟ କୋହଲିଙ୍କୁ ଆଉଟ କରିଥିଲେ। ୯୧ ରନ୍‌ରେ ୩ ଉଇକେଟ ହରାଇବା ପରେ ଲୋକେଶ ରାହୁଲ(୩୯) ଓ ଇଶାନ କିଶନ(୩୩) ଚତୁର୍ଥ ଉଇକେଟରେ ୬୩ ରନ୍ ଯୋଡିଥିଲେ। ରାହୁଲ ୪୪ ବଲ୍ ଖେଳି ୨ ଚୌକା ମାରିଥିଲେ। ଅନ୍ୟ ପକ୍ଷରେ କିଶନ ୬୧ ବଲ୍ ଖେଳି ୧ଚୌକା ଓ ୧ ଛକା ମାରିଥିଲେ।

ଶ୍ରୀଲଙ୍କାର ସ୍ପିନର ୧୦ ଉଇକେଟ ଅକ୍ତିଆର କରିଥିଲେ। ଦୁନିଥ ୱେଲାଲାଗେ ନିଜ କ୍ୟାରିୟରର ପ୍ରଥମ ୫ ଉଇକେଟ ହାସଲ କରିଥିଲେ। ପାର୍ଟଟାଇମର ଚରିଥ୍ ଅସଲଙ୍କା ୪ ଉଇକେଟ ନେଇଥିଲେ। ଏକଦା ୧୭୦ ରନ୍‌ରେ ୪ ଉଇକେଟ ହରାଇଥିବା ଭାରତ ଅନ୍ତିମ ୬ ଉଇକେଟ ମାତ୍ର ୪୩ ରନରେ ହରାଇଥିଲା। ଅକ୍ଷର ପଟେଲ ୨୬ ରନ୍ କରିବା ସହିତ ୧୦ମ ଉଇକେଟରେ ମହମ୍ମଦ ସିରାଜ(୫*)ଙ୍କ ସହ ୨୭ ରନ୍ ଯୋଡିଥିଲେ।

୨୧୪ ରନର ପିଛା କରୁଥିବା ଶ୍ରୀଲଙ୍କା ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଯଶପ୍ରୀତ୍ ବୁମରା ଓ ମହମ୍ମଦ ସିରାଜ ଘାତକ ବୋଲିଂ କରିବାରୁ ଶ୍ରୀଲଙ୍କା ୨୫ ରନ୍‌ରେ ୩ ଉଇକେଟ ହରାଇଥିଲା। ଚତୁର୍ଥ ଉଇକେଟରେ ୪୩ ରନ୍ ଯୋଡି ଇନିଂସ ସଜାଡିବାକୁ ପ୍ରୟାସ କରିଥିଲେ ସାଦିରା ସମରବିକ୍ରମା(୧୭) ଓ ଚରିଥ ଅସଲଙ୍କା(୨୨)। ଉଭୟ ଖେଳାଳିଙ୍କୁ ଦୁଇ ଓଭର ମଧ୍ୟରେ ଆଟ କରିଥିଲେ କୁଲଦୀପ୍ ଯାଦବ। ତେବେ ଧନଞ୍ଜୟ ଡି ସିଲ୍‌ଭା ୪୧ ଓ ଦୁନିଥ ୱେଲାଲାଗେ ୪୨* ରନ୍ କରି ଭାରତ ହାତରୁ ମ୍ୟାଚ ଛଡାଇ ନେବାକୁ ଚେଷ୍ଟା କରିଥିଲେ। ଧନଞ୍ଜୟ ୬୬ ବଲ୍ ଖେଳି ୫ ଚୌକା ସହିତ ୪୧ ରନ୍ କରିଥିଲେ। ଜାଡେଜାଙ୍କୁ ବଡ ଶଟ୍ ଖେଳିବାକୁ ଯାଇ ସେ ଆଉଟ ହେବା ପରେ ଶ୍ରୀଲଙ୍କାର ବିଜୟ ଆଶା ମଉଳି ଯାଇଥିଲା। ଶେଷ ଯାଏ ଅପରାଜିତ ଥିବା ଦୁନିଥ ୪୬ ବଲ୍ ଖେଳି ୩ ଚୌକା ଓ ୧ ଛକା ମାରିଥିଲେ। ଉଭୟ ସପ୍ତମ ଉଇକେଟରେ ୬୩ ରନ୍ ଯୋଡି ଘରୋଇ ଦଳ ପାଇଁ ବିଜୟ ସୁଯୋଗ ସୃଷ୍ଟି କରିଥିଲେ। ଭାରତ ପକ୍ଷରୁ କୁଲଦୀପ ଯାଦବ ସର୍ବାଧିକ ୪ ଉଇକେଟ ନେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଯଶପ୍ରୀତ ଓ ରବୀନ୍ଦ୍ର ଜାଡେଜା ଦୁଇଟି ଲେଖାଏ ଉଇକେଟ ନେଇଥିଲେ।



ଏକ ଶଟ୍ ଖେଳିବା ଅବସରରେ ରୋହିତ ଶର୍ମା।

### ୧୦ ହଜାର ରନ୍ କ୍ଲବ୍‌ରେ ରୋହିତ

ଭାରତୀୟ କ୍ରିକେଟ ଦଳର ଅଧିନାୟକ ରୋହିତ ଶର୍ମା ମଙ୍ଗଳବାର ଦିନିକିଆ ଅନ୍ତର୍ଜାତୀୟ କ୍ରିକେଟରେ ପୂରଣ କରିଛନ୍ତି ୧୦ ହଜାର ରନ୍। ଭାରତର ଷଷ୍ଠ ତଥା ବିଶ୍ୱର ୧୫ ତମ ଖେଳାଳି ଭାବରେ ସେ ଏହି ସଫଳତା ହାସଲ କରିଛନ୍ତି। ଶ୍ରୀଲଙ୍କା ବିପକ୍ଷ ସୁପର୍- ୪ ମ୍ୟାଚ୍‌ର ସପ୍ତମ ଓଭରରେ ପେସ୍ ବୋଲର କସୁନ୍ ରଜିଥାଙ୍କୁ ଛକା ମାରି ସେ ଏହି ମାଇଲଖୁଣ୍ଟ ହାସଲ କରିଥିଲେ। ଏହା ସହିତ ବିଶ୍ୱର ଦ୍ୱିତୀୟ ଦ୍ରୁତତମ ଖେଳାଳି ଭାବରେ ସେ ୧୦ ହଜାର ରନ୍ କ୍ଲବରେ ସାମିଲ ହୋଇଛନ୍ତି। ବିରାଟ କୋହଲି ବିଶ୍ୱର ଦ୍ରୁତତମ ଖେଳାଳି ଭାବରେ ୨୦୫ ଇନିଂସରୁ ଏହି ସଫଳତା ପାଇଥିଲେ। ଅନ୍ୟ ପକ୍ଷରେ ରୋହିତ ୨୪୧ ଇନିଂସରେ ୧୦ ହଜାର ରନ୍ ପୂରଣ କରିଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଭାରତ ୪୯.୧ ଓଭର ୨୧୩/୧୦ (ରୋହିତ ଶର୍ମା-୫୩, ଲୋକେଶ ରାହୁଲ-୩୯,ଇଶାନ କିଶନ-୩୩, ଦୁନିଥ ୱେଲାଲାଗେ-୫/୪୦, ଚରିଥ୍ ଅସଲଙ୍କା-୪/୧୮, ମହୀଷ ଥିକ୍‌ସାନା-୧/୪୧)। ଶ୍ରୀଲଙ୍କା ୪୧.୩ ଓଭରରେ ୧୭୨/୧୦ (ଦୁନିଥ ୱେଲାଲାଗେ- ୪୨*, ଧନଞ୍ଜୟ ଡି ସିଲ୍‌ଭା-୪୧, ଚରିଥ୍ ଅସଲଙ୍କା-୨୨, ଯଶପ୍ରୀତ୍ ବୁମରା-୨/୩୦, କୁଲଦୀପ ଯାଦବ-୪/୪୩, ରବୀନ୍ଦ୍ର ଜାଡେଜା- ୨/୩୩, ମହମ୍ମଦ ସିରାଜ-୧/୧୭)।

## ଆସାମରେ ଓଡ଼ିଶାର ପ୍ରସ୍ତୁତି ଶିବିର



ପ୍ରସ୍ତୁତି ଶିବିରରେ ଓଡ଼ିଶା ଲନ୍ ବୋଲ୍ ଦଳ।

ଭୁବନେଶ୍ୱର,୧୨।୯(ସରୋଜ ଜେନା)

ଜାତୀୟ ଲନ୍ ବୋଲ୍ ଚାମ୍ପିୟନଶିପ୍ ପାଇଁ ଆସାମରେ ପ୍ରସ୍ତୁତି କ୍ୟାମ୍ପ ଆରମ୍ଭ କରିଛି ୧୪ ଜଣିଆ ଓଡ଼ିଶା ଦଳ। ଗୁଆହାଟୀରେ ଆସନ୍ତା ୨୩ ତାରିଖରୁ ଅଷ୍ଟମ ସିନିୟର ଓ ୪ର୍ଥ ୨୫ ବର୍ଷରୁ କମ୍ ଜାତୀୟ ଚାମ୍ପିୟନଶିପ୍ ଆୟୋଜିତ ହେବ। ଓଡ଼ିଶା ଦଳର ଏହି ଶିବିର ସେପ୍ଟେମ୍ବର ୨୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବବ୍ୟାପାର ବିଭାଗର ସହଯୋଗରେ ଏହି ପ୍ରସ୍ତୁତି ଶିବିର ଆୟୋଜିତ ହୋଇଥିବା ନେଇ ଓଡ଼ିଶା ବୋଲିଂ ଆସୋସିଏଶନ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ ସୂଚନା ଦେଇଛନ୍ତି। ଏହା ସହିତ ଟପ୍-୭ ଦଳ ମଧ୍ୟରେ ରହି ଆସନ୍ତା ମାସରେ ଗୋଆରେ ହେବାକୁ ଥିବା ଜାତୀୟ କ୍ରୀଡା ପାଇଁ ଯୋଗ୍ୟତା ହାସଲ କରିବା ପ୍ରଥମ ଲକ୍ଷ୍ୟ ବୋଲି ସୁମିତ କହିଛନ୍ତି। ୧୪ ଜଣିଆ ଦଳରେ ୭ ଜଣ ଲେଖାଏ ପୁରୁଷ ଓ ମହିଳା ଖେଳାଳି ରହିଥିବା ବେଳେ ଜଣେ କୋଚ୍ ଓ ଦୁଇ ଜଣ ମ୍ୟାନେଜର ଦଳ ସହିତ ଯାତ୍ରା କରିଛନ୍ତି।

**ପୁରୁଷ ଦଳ:** କୈଳାସ ମାଝି, ନରସିଂହ ରଣା, ଲଳିତ ଶର୍ମା, ସୌରଭ ରଞ୍ଜନ ମହାରଣା, ଦୀନେଶ କୁମାର ମହାନନ୍ଦ, ତାରିଣୀ ପ୍ରସାଦ ନାୟକ, ଏସ୍. କେ. ଅବୁଜଲାଲ।

**ମହିଳା ଦଳ:** ଶ୍ୱେତଲାନା ବକ୍ସି, ପଦ୍ମାସିନୀ ପୁଟେଲ, ରାଜେଶ୍ୱରୀ ସେଠ୍, ରୋଶନୀ ସାହୁ, ବିଷ୍ଣୁପ୍ରିୟା ବହିଦାର, ରୋହିଣୀ ନାୟକ ଓ ପ୍ରତିମା ସେଠ୍।

# ଅଲ୍ ଇଣ୍ଡିଆ ସୁପର ସିରିଜ ର୍‌ୟାଙ୍କିଙ୍ଗ ଟେନିସ

ଭୁବନେଶ୍ୱର, ୧୨।୯ (ବିଜୟ ରଣା)

ତୃତୀୟ ଗଣେଶ୍ୱର ମେମୋରିଆଲ ଆଇଟା ଓଟା ଅଲ୍ ଇଣ୍ଡିଆ ସୁପର ସିରିଜ ୧୨ବର୍ଷରୁ କମ୍ ଓ ୧୪ ବର୍ଷରୁ କମ୍ ର୍‌ୟାଙ୍କିଙ୍ଗ ଟେନିସ ଟୁର୍ନାମେଣ୍ଟ ୨୦୨୩ ଉଦ୍‌ଯାପିତ ହୋଇଯାଇଛି। ଓଡ଼ିଶା ଟେନିସ ଆସୋସିଏଶନ(ଓଟା) ଓ ଅଲ୍ ଇଣ୍ଡିଆ ଟେନିସ ଆସୋସିଏଶନ(ଆଇଟା) ଅଧୀନରେ ଭୁବନେଶ୍ୱର ଟେନିସ ଆସୋସିଏଶନ (ଟାବ୍) ପକ୍ଷରୁ କଳିଙ୍ଗ ଷ୍ଟାଡିୟମ ଟେନିସ କମ୍ପ୍ଲେକ୍ସରେ ଅନୁଷ୍ଠିତ ଏହି ପ୍ରତିଯୋଗିତାର ୧୪ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସ ବିଭାଗରେ ମହାରାଷ୍ଟ୍ରର ଆୟୁଷ ଯଜ୍ଞେଶ ପୂଜାରୀ ଫାଇନାଲରେ ନିଜ ରାଜ୍ୟର ରାଘବ ସାରୋଡ୍‌ଙ୍କୁ ୬-୧, ୨-୬, ୬-୦ରେ ହରାଇ ଦେଇଛନ୍ତି। ଏହି ଉଚ୍ଚକୋଟୀର ମ୍ୟାଚ ଅଢେଇ ଘଣ୍ଟା ଧରି ଚାଲିଥିଲା। ୧୪ ବର୍ଷରୁ କମ୍ ବାଳକ ଡବଲ୍ସ ଫାଇନାଲରେ ଆଦିତ୍ୟ ବିକ୍ରମ ଆଚାର୍ଯ୍ୟ (ଓଡ଼ିଶା) ଓ ଆୟୁଷ ଯଜ୍ଞେସ ପୂଜାରୀ (ମହାରାଷ୍ଟ୍ର) ୬-୪, ୬-୪ ସେଟ୍‌ରେ ଆହାନ ମିଶ୍ର (ଓଡ଼ିଶା) ଓ ସଂକଳ୍ପ କୁମାର ସାହାଣୀ (ପଶ୍ଚିମବଙ୍ଗ)ଙ୍କୁ ହରାଇ ଦେଇଛନ୍ତି।

ସେହିପରି ୧୪ ବର୍ଷରୁ କମ୍ ବାଳିକା ବିଭାଗରେ ଓଡ଼ିଶାର ଆହାନ ୩ ଘଣ୍ଟା ଧରି ଅନୁଷ୍ଠିତ ଏକ ମାରାଥନ ମ୍ୟାଚରେ ନିଜ ରାଜ୍ୟର ଅଭିପ୍ସା ଦେହୁରୀଙ୍କୁ ୪-୬, ୬-୨, ୬-୩ ସେଟ୍‌ରେ ହରାଇ ଦେଇଛନ୍ତି। ୧୪ ବର୍ଷରୁ କମ୍ ବାଳିକା ଡବଲ୍ସରେ ଆହାନ ଓ ଅଭିପ୍ସା ଦେହୁରି (ଉଭୟେ ଓଡ଼ିଶା) ୬-୧, ୬-୧ରେ ଇନ୍ଦ୍ରାକ୍ଷୀ ଭଟ୍ଟାଚାର୍ଯ୍ୟ ଓ ରିୟା ରୟ(ଉଭୟେ ପଶ୍ଚିମବଙ୍ଗ)ଙ୍କୁ ହରାଇ ଚାମ୍ପିୟନ ହୋଇଛନ୍ତି। ୧୨ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସ ଫାଇନାଲରେ ରୋନି ବିଜୟ କୁମାର (ତାମିଲନାଡୁ) ୪-୨, ୪-୨ରେ ନିବାସ ହୁସେନ (ଆସାମ)ଙ୍କୁ ହରାଇ ଦେଇଛନ୍ତି। ୧୨ ବର୍ଷରୁ କମ୍ ବାଳକ ଡବଲ୍ସରେ ମୋନୋଦୀପ୍ ଦେ (ପଶ୍ଚିମବଙ୍ଗ) ଓ ନର୍ବାଣ ମର୍ଗଣା (ତେଲଙ୍ଗାନା) ୬-୧, ୬-୧ରେ ବୀର ଚତୁର (ମହାରାଷ୍ଟ୍ର) ଓ ରୋନି ବିଜୟ କୁମାର(ତାମିଲନାଡୁ)ଙ୍କୁ ପରାସ୍ତ କରି ଚାମ୍ପିୟନ ହୋଇଛନ୍ତି। ସେହିପରି ୧୨ବର୍ଷରୁ କମ୍ ବାଳିକା ସିଙ୍ଗଲ୍ସ ଫାଇନାଲରେ ତମନ୍ନା ନାୟାର (ମହାରାଷ୍ଟ୍ର) ୬-୩, ୧-୬ (୧୦-୫)ରେ ପ୍ରଦତ୍ତ ଦାସ (ପଶ୍ଚିମବଙ୍ଗ)ଙ୍କୁ ହରାଇ ଟାଇଟଲ ହାସଲ କରିଛନ୍ତି। ବାଳିକା ଡବଲ୍ସ ଫାଇନାଲରେ ତମନ୍ନା ନାୟାର (ମହାରାଷ୍ଟ୍ର) ଓ ପରିଣିତା ଭାଟାପ୍ରାମ୍ପିଲ (ଆନ୍ଧ୍ର ପ୍ରଦେଶ) ୬-୦, ୬-୦ରେ ସାନରଚନା ଦାସ ଓ ରିଦ୍ଧିମା ମଲିକ (ଉଭୟେ ପଶ୍ଚିମବଙ୍ଗ)ଙ୍କୁ ହରାଇ ଦେଇଛନ୍ତି। ଏହି ଉପଲକ୍ଷେ ଉଦ୍‌ଯାପନୀ ଉତ୍ସବରେ ଶିବ ଶଙ୍କର ପରିଡ଼ା ଓ ଆଇଟା ସୁପରଭାଇଜର ପ୍ରବୀଣ ନାୟକଙ୍କ ଉପସ୍ଥିତିରେ ଭୁବନେଶ୍ୱର ଟେବୁଲ ଟେନିସ ଆସୋସିଏଶନ ଚେୟାରମ୍ୟାନ ଚିତ୍ତରଞ୍ଜନ ମହାନ୍ତି ପୁରସ୍କାର ବିତରଣ କରିଥିଲେ। ଟୁର୍ନାମେଣ୍ଟର ବିଜେତା ଓ ରନରଅପ୍ ଯଥାକ୍ରମେ ୫୦ ଓ ୪୦ ର୍‌ୟାଙ୍କିଙ୍ଗ ପଏଣ୍ଟ ହାସଲ କରିଛନ୍ତି।




ଟ୍ରଫି ସହ କୃତୀ ପ୍ରତିଯୋଗୀ ଓ ଅନ୍ୟମାନେ।

## ରାଜ୍ୟ କ୍ୟାଡେଟ୍ ଓ ଜୁନିୟର କରାଟେ ଉଦ୍‌ଯାପିତ




ଅତିଥିଙ୍କ ସହ କୃତୀ ପ୍ରତିଯୋଗୀ।

ଭୁବନେଶ୍ୱର,୧୨।୯(ବିଜୟ ରଣା)

ଓଡ଼ିଶା ରାଜ୍ୟ କରାଟେ ଆସୋସିଏଶନ (ଓସ୍କା) ଆନୁକୂଲ୍ୟରେ ୩୪ତମ ରାଜ୍ୟ ଜୁନିୟର ଓ କ୍ୟାଡେଟ୍ କରାଟେ ଚାମ୍ପିୟନଶିପ୍ ସ୍ଥାନୀୟ ଉତ୍କଳ କାରାଟେ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର ୧୭ଟି ଜିଲା କରାଟେ ଆସୋସିଏଶନରୁ ୧୩୦ ଜଣ କରାଟେକା ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାର ବିଭିନ୍ନ ବର୍ଗରେ ଚାମ୍ପିୟନ କରାଟେକାମାନେ ଚଳିତ ମାସ ୨୧ରୁ ୨୪ ପର୍ଯ୍ୟନ୍ତ ଡେରାଡୁନ୍‌ଠାରେ ହେବାକୁଥିବା କ୍ୟାଡେଟ୍ ଓ ଜାତୀୟ ଜୁନିୟର କରାଟେ ଚାମ୍ପିୟନଶିପ୍‌ରେ ଓଡ଼ିଶାରୁ ପ୍ରତିନିଧିତ୍ୱ କରିବେ। ଏହି ପ୍ରତିଯୋଗିତାକୁ ରାଜ୍ୟ ସଂଘର ସିନିୟର ଅଫିସିଆଲ ରାଜୀବ କୁମାର ସିଂ, ଦୀପକ ସାମନ୍ତରା, ମହେଶ ଚନ୍ଦ୍ର ବରାଳ, ଦୁର୍ଗାପ୍ରସାଦ ରଥ, ସନକ ଦେଓ, କେ.ଜି.କେ. ପ୍ରତିହାରୀ, ସୁରେଶ ଜାଲ୍, ଭବାନୀ ପଣ୍ଡା, ଏନ୍.ବି. ପଟ୍ଟନାୟକ, ଗୋପାଳ ଦାସ, ଉମାକାନ୍ତ ବେହେରା, ଗୋପାଳ ଦୀପ୍, କ୍ରିଷ୍ଣା ଶିକାରୀ ପ୍ରମୁଖ ପରିଚାଳନ କରିଥିଲେ। ଓସ୍କାର ସମ୍ପାଦକ ଡ. ହରି ପ୍ରସାଦ ପଟ୍ଟନାୟକ ଓ ସମ୍ପାଦିକା ଡ. ଗୌରୀ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଚାମ୍ପିୟନଶିପ୍‌ର ଶେଷରେ ଏସ୍. ଆର୍. ସାସ୍ମଲ, ସଞ୍ଜୟ ଦାସ, ସନତ୍ ନାୟକ ଓ କାଳି ପ୍ରସାଦ ନନ୍ଦ ପ୍ରମୁଖ ପଦକ ଓ ସାର୍ଟିଫିକେଟ ପ୍ରଦାନ କରିଥିଲେ।

## ଭାରତୀୟ ରଗ୍‌ବୀ ଦଳରେ ୪ ଓଡ଼ିଆ



ମନୋନୀତ ୪ ଓଡ଼ିଆ ଖେଳାଳି।

ଭୁବନେଶ୍ୱର,୧୨।୯(ସରୋଜ ଜେନା)

ଚାଇନାର ହାଙ୍ଗଝୋରେ ହେବାକୁ ଥିବା ଏସିଆନ୍ ଗେମ୍ସ ପାଇଁ ଭାରତୀୟ ମହିଳା ରଗ୍‌ବୀ ଦଳ ମଙ୍ଗଳବାର ଘୋଷଣା କରାଯାଇଛି। ଓଡ଼ିଶାରୁ ୪ ଜଣ ଖେଳାଳି ଏହି ଦଳରେ ସ୍ଥାନ ପାଇଛନ୍ତି। ଚଳିତ ମାସ ୧୯ ତାରିଖରୁ ଏହି ଟୁର୍ନାମେଣ୍ଟ ଆରମ୍ଭ ହେବାକୁ ଯାଉଛି। ଓଡ଼ିଶାରୁ ଡୁମୁଣୀ ମାର୍ଣ୍ଡି, ତରୁଲତା ନାଏକ, ମାମା ନାଏକ ଓ ହୁପି ମାଝି ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି। ସେହିପରି ଦିଲ୍ଲୀରୁ ୩, ବେଙ୍ଗଲ ଓ ମହାରାଷ୍ଟ୍ରରୁ ୨ ଜଣ ଲେଖାଏ ଖେଳାଳି ଏହି ଦଳରେ ସ୍ଥାନ ପାଇଛନ୍ତି।

**ଭାରତୀୟ ଦଳ:** ଲଚ୍ଛମୀ ଓରାମ, ଶିଖା ଯାଦବ, ବୈଷ୍ଣବୀ ଦତ୍ତାତ୍ରେୟ ପାଟିଲ୍, ଡୁମୁଣୀ ମାର୍ଣ୍ଡି, ତରୁଲତା ନାଏକ, ମାମା ନାଏକ, ହୁପି ମାଝି, ସନ୍ଧ୍ୟା ରାୟ, ଶ୍ୱେତା ଶାହି, ଶୀତଲ ଶର୍ମା, ପ୍ରିୟା ବଂଶଲ ଓ କଲ୍ୟାଣୀ କ୍ରିଷ୍ଣାତ ପାଟିଲ।

## କିସ୍ ସ୍କୁଲ ଫାଇନାଲରେ

ଭୁବନେଶ୍ୱର,୧୨।୯(ବିଜୟ ରଣା): ସ୍ଥାନୀୟ ୟୁନିଟ୍-୬ ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ଜୟନ୍ତ ମହାପାତ୍ର ସ୍ମାରକୀ ୩୨ତମ ଭୁବନେଶ୍ୱର ଆନ୍ତଃ ସ୍କୁଲ ଫୁଟ୍‌ବଲ ପ୍ରତିଯୋଗିତାର ପ୍ରଥମ ସେମିଫାଇନାଲରେ କିସ୍ ସ୍କୁଲ ୩-୦ ଗୋଲ୍‌ରେ ୟୁନିଟ୍-୧ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟକୁ ହରାଇ ଫାଇନାଲରେ ପ୍ରବେଶ କରିଛି। ବିଜୟୀ ଦଳ ପକ୍ଷରୁ ରାଜେଶ ସୋରେନ (୨୫ତମ ମିନିଟ), ଅମର ସମନ୍ତ(୩୯ତମ) ଓ ରାଜୁ ମାରାଣ୍ଡି (୪୭ତମ) ଗୋଲ୍‌ସ୍କୋର କରିଥିଲେ।

# ‘ଜାତୀୟ ଦଳକୁ ଅଗ୍ରାଧିକାର ଦେବି’

**ଦୀର୍ଘ ୧୩ ବର୍ଷ ଧରି ପ୍ରଫେଶନାଲ ଫୁଟ୍‌ବଲର ଭାବେ ରହି ଆସିଛନ୍ତି ଭାରତୀୟ ଫୁଟବଲ ଦଳର ଗୋଲକିପର ଅମରିନ୍ଦର ସିଂ। ଚଳିତ ସିଜନରେ ପ୍ରଥମ ଥର ଓଡ଼ିଶା ଏଫ୍‌ସି (ଓଏଫ୍‌ସି)ର ଅଧିନାୟକ ଭୂମିକାରେ ତାଙ୍କୁ ଦେଖିବାକୁ ମିଳିବ। ଏସିଆନ୍ ଗେମ୍ସ ଓ ଆଇଏସ୍‌ଏଲ୍ ପ୍ରସ୍ତୁତିକୁ ନେଇ ତାଙ୍କ ସହିତ ଏକ ସାକ୍ଷାତକାର.....**

**● ପଞ୍ଜାବର ଏକ ଛୋଟିଆ ଗ୍ରାମରୁ ଖେଳିବା ଆରମ୍ଭ କରି ଜାତୀୟ ଦଳରେ ପାଦ ଥାପିବା ପର୍ଯ୍ୟନ୍ତ ଯାତ୍ରା କିପରି ରହିଛି?**

▶▶ମୋ ପାଇଁ ଏହା ଏକ ଅବିଶ୍ୱସନୀୟ ଯାତ୍ରା। ଫୁଟ୍‌ବଲ ଖେଳିବା ଓ ଭାରତରୁ ପ୍ରତିନିଧିତ୍ୱ କରିବା ସର୍ବଦା ଏକ ସ୍ୱପ୍ନ ରହିଥିଲା। ଏହା ପୂରଣ ହୋଇପାରିଥିବାରୁ ଖୁସି ଲାଗୁଛି। ବିନା ଜୋତାରେ ପୁଣି ଗାଁର ଗଳିରୁ ଆରମ୍ଭ ହୋଇଥିବା ଯାତ୍ରା ଭାରତୀୟ ଦଳରେ ପହଞ୍ଚିଥିବାରୁ ମୁଁ ଅତ୍ୟନ୍ତ ଖୁସି।

**● ଆଇଏସ୍‌ଏଲରେ କେଉଁ ଦଳ ଆପଣଙ୍କ ପସନ୍ଦ?**

▶▶୧୩ ବର୍ଷର ପ୍ରଫେସନାଲ କ୍ୟାରିୟରରେ ୪ଟି ଦଳ ପାଇଁ ମୁଁ ଖେଳିସାରିଛି। ଏଟିକେରୁ ଆରମ୍ଭ କରି ମୁମ୍ବାଇ ସିଟି ଏଫ୍‌ସି ପାଇଁ ୫ଟି ସିଜନ ଖେଳିଛି। ପରେ ଏଟିକେ ମୋହନ ବାଗାନ ଏବଂ ବର୍ତ୍ତମାନ ଓଏଫ୍‌ସି ପକ୍ଷରୁ ଖେଳୁଛି। ବିଭିନ୍ନ ଦଳରେ ଭିନ୍ନ ଭିନ୍ନ କୋଚ୍‌ଙ୍କ ଅଧୀନରେ ମୁଁ ଖେଳିଛି ଓ ଅନେକ ନୂଆ ନୂଆ କଥା ଶିଖିଛି। ଆଗକୁ ଏହା ଜାରି ରହିବ ଓ ସମସ୍ତ କ୍ଲବ୍ ମୋର ପସନ୍ଦ।

**● ଓଏଫ୍‌ସି ଓ ଅନ୍ୟ କ୍ଲବ୍ ମଧ୍ୟରେ ଫୁଟ୍‌ବଲର କଲଚରକୁ ନେଇ ଆପଣଙ୍କ ମତ କ’ଣ?**

▶▶ଅନ୍ୟ ଦଳଗୁଡିକ ଦୀର୍ଘଦିନ ଧରି ଖେଳି ଆସୁଥିବା ବେଳେ ଓଏଫ୍‌ସି ୪ ବର୍ଷ ହେବ ଟୁର୍ନାମେଣ୍ଟରେ ରହିଛି। ଦଳର ପ୍ରଦର୍ଶନ ଦିନକୁ ଦିନ ଭଲ ହେବାରେ ଲାଗିଛି। ଓଡ଼ିଶା ସରକାରଙ୍କ ପକ୍ଷରୁ ଯେଉଁଭଳି ଆବଶ୍ୟକ ସହାୟତା ପ୍ରଦାନ କରାଯାଉଛି ତାହା ଅତ୍ୟନ୍ତ ଚମତ୍କାର।

**● ଏସିଆନ୍ ଗେମ୍ସ ନା ଓଏଫ୍‌ସି? ଆପଣ କାହାକୁ ଚୟନ କରିବେ?**

▶▶ଜାତୀୟ ଦଳର ପ୍ରତିନିଧିତ୍ୱ କରିବା ସମସ୍ତ ଖେଳାଳିଙ୍କ ପାଇଁ ସ୍ୱପ୍ନ। ତେଣୁ କ୍ଲବ୍ ଫୁଟ୍‌ବଲ ଅପେକ୍ଷା ମୁଁ ଜାତୀୟ ଦଳକୁ ଅଗ୍ରାଧିକାର ଦେବା ସ୍ୱାଭାବିକ। ସମସ୍ତ ଫୁଟ୍‌ବଲର ନିଶ୍ଚିତ ଭାବରେ କ୍ଲବ ଛାଡି ଜାତୀୟ ଦଳକୁ ସମୟ ଦେବେ ବୋଲି ମୋର ଆଶା। ଏହାଛଡ଼ା ଚଳିତ ସିଜନରେ ଓଏଫ୍‌ସି ପାଇଁ ବଳିଷ୍ଠ ପ୍ରଦର୍ଶନ ମୋର ଲକ୍ଷ୍ୟ ରହିବ।

**● ବିଗତ ଦଶନ୍ଧିରେ ଭାରତୀୟ ଫୁଟ୍‌ବଲରେ କ’ଣ ପରିବର୍ତ୍ତନ ଲକ୍ଷ୍ୟ କରିଛନ୍ତି?**

▶▶ମୁଁ ୧୩ ବର୍ଷ ହେଲାଣି ଫୁଟ୍‌ବଲ ସହିତ ଜଡିତ ରହିଛି। ଭାରତୀୟ ଫୁଟବଲ ବର୍ତ୍ତମାନ ଏହାର ସ୍ୱର୍ଣ୍ଣିମ ସମୟ ଦେଇ ଗତି କରୁଛି। ଆଇଏସ୍‌ଏଲ୍ ଆସିବା ପରେ ଅନେକ ଯୁବ ଖେଳାଳିଙ୍କ ପାଇଁ ସୁଯୋଗ ସୃଷ୍ଟି ହୋଇଛି। ବିଦେଶୀ ଖେଳାଳିଙ୍କ ଅଂଶଗ୍ରହଣ ଦ୍ୱାରା ଆମ ଖେଳରେ ବହୁ ଉନ୍ନତି ଆସିଛି।

**● ମ୍ୟାଚରେ ଚାପର ସମ୍ମୁଖୀନ ବେଳେ ଆପଣ କ’ଣ କରିଥାନ୍ତି?**

▶▶କ୍ୟାରିୟରରେ କମ୍ ଥର ମୋତେ ପେନାଲ୍ଟି ଶୁଟ୍ ଆଉଟର ସାମ୍ନା କରିବାକୁ ପଡିଛି। ତେବେ ଗୋଲକିପର ଭାବରେ ଚାପର ମୁକାବିଲା କରିବା ପାଇଁ ଶୃଙ୍ଖଳା ନିତାନ୍ତ ଆବଶ୍ୟକ। ମ୍ୟାଚ୍ ସମୟରେ ସର୍ବଦା ଶାନ୍ତ ରହିବାକୁ ପ୍ରୟାସ କରିଥାଏ। ଏହାଦ୍ୱାରା ପ୍ରତିପକ୍ଷ ଖେଳାଳିଙ୍କ ମାନସିକତାକୁ ଜାଣିବା ସହଜ ହୋଇ ଯାଇଥାଏ।

**● ସ୍ଥାନୀୟ ଖେଳାଳିଙ୍କ ମଧ୍ୟରୁ ଆପଣ କାହା ଖେଳକୁ ପସନ୍ଦ କରିଥାନ୍ତି?**

▶▶ସମୟ ଅଭାବରୁ ମୁଁ ଯୁବ ଦଳର କ୍ୟାମ୍ପରେ ଯୋଗଦେଇ ପାରିନାହିଁ। ତେବେ ଓଏଫ୍‌ସିର କ୍ଲବ୍ ସେଟ୍ ଅପ୍‌କୁ ଦେଖିଲେ ଆଗାମୀ ଦିନରେ ଅନେକ ଖେଳାଳି ସାମ୍ନାକୁ ଆସିବାର ସମ୍ଭାବନା ରହିଛି।

**● ଚଳିତ ସିଜନରେ କିଏ ରହିବ ଓଏଫ୍‌ସିର ଟ୍ରମ୍ପକାର୍ଡ?**

▶▶ଚଳିତ ସିଜନରେ ଆମେ କୌଣସି ଜଣେ ଖେଳାଳିଙ୍କୁ ଟ୍ରମ୍ପକାର୍ଡ ବୋଲି କହିବା ଠିକ୍ ହେବ ନାହିଁ। ଆମ ନିକଟରେ ବହୁ ଅଭିଜ୍ଞ ଖେଳାଳି ଓ ସର୍ଗିଓ ଲୋବେରାଙ୍କ ପରି ଅନୁଭବୀ କୋଚ୍ ରହିଛନ୍ତି, ସେମାନେ ସମସ୍ତେ ଆମ ପାଇଁ ଟ୍ରମ୍ପକାର୍ଡ ସାବ୍ୟସ୍ତ ହେବେ।

**● ଅଧିନାୟକ ଭାବରେ ଅତିରିକ୍ତ ଚାପ ରହିବ କି?**

▶▶ଅଧିନାୟକ ପୂର୍ବରୁ ମୁଁ ଜଣେ ଟିମ୍ ପ୍ଲେୟର। ପୂର୍ବରୁ ଟିମ୍ ଯେମିତି ଚାଲୁଥିଲା ଏବେ ବି ସେମିତି ହିଁ ଚାଲିବ। କ୍ୟାପ୍‌ଟେନ୍ କେବଳ ଆର୍ମବ୍ୟାଣ୍ଡ ପିନ୍ଧିଥାନ୍ତି। ମାତ୍ର ଓଏଫ୍‌ସିରେ ଏକାଧିକ ଅଧିନାୟକ ରହିଛନ୍ତି। ପ୍ରତ୍ୟେକ ସିନିୟର ଖେଳାଳି ନିଜେ ଜଣେ ଜଣେ ଅଧିନାୟକ। ଏହା ମୋତେ ଚାପମୁକ୍ତ ରଖିବାରେ ସହାୟକ ହେବ।

**● ଓଡ଼ିଶାରେ କ୍ରୀଡା ଭିତ୍ତିଭୂମି ସମ୍ପର୍କରେ ଆପଣଙ୍କ ମତ?**

▶▶ଓଡ଼ିଶାରେ ସମସ୍ତ କ୍ରୀଡ଼ା ଯେଉଁଭଳି ଭାବରେ ଆଗକୁ ବଢୁଛି ତାହା ଅନ୍ୟ କୌଣସି ରାଜ୍ୟରେ ଦେଖିବା ବିରଳ। ରାଜ୍ୟ ସରକାର ଫୁଟ୍‌ବଲକୁ ପ୍ରୋତ୍ସାହନ ଦେଉଛନ୍ତି। ଏଥିସହିତ ଆମକୁ ଉତ୍ସାହିତ ମଧ୍ୟ କରୁଛନ୍ତି। ଅଭ୍ୟାସଠାରୁ ଆରମ୍ଭ କରି ପ୍ରତ୍ୟେକ କ୍ଷେତ୍ରରେ ଓଡ଼ିଶା ସରକାରଙ୍କ ପକ୍ଷରୁ ଅଯାଚିତ ସାହାଯ୍ୟ ପ୍ରଦାନ କରାଯାଉଛି।

**-ସାକ୍ଷାତକାର: ସରୋଜ ଜେନା**



ଅମରିନ୍ଦର ସିଂ

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ